SUPREME AUDIT INSTITUTION OF INDIA
लोकहितार्थसत्यनिष्ठा
Dedicated to Truth in Public Interest

# ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ

# ମାର୍ଚ୍ଚ 2024 ରେ ଶେଷ ହେଉଥିବା ଅବଧି ପାଇଁ ପ୍ରତିବେଦନ

## ଓଡ଼ିଶା ସରକାର

## ପ୍ରତିବେଦନ ସଂଖ୍ୟା 5 ବର୍ଷ 2026

(ସମ୍ପାଦନ ଓ ଅନୁପାଳନ ସମୀକ୍ଷା – ସିଭିଲ୍)

# ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ

# ମାର୍ଚ୍ଚ 2024 ରେ ଶେଷ ହେଉଥିବା ଅବଧି ପାଇଁ ପ୍ରତିବେଦନ

**ଓଡ଼ିଶା ସରକାର**

**ପ୍ରତିବେଦନ ସଂଖ୍ୟା 5 ବର୍ଷ 2026**

## ସୂଚୀପତ୍ର


| ବିଷୟ | ପ୍ରସଙ୍ଗ | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| ମୁଖବନ୍ଧ | | vi |
| **ଅଧ୍ୟାୟ 1** | | |
| **ଅବଲୋକନ** | | |
| ଉପକ୍ରମ | 1.1 | 1 |
| ପ୍ରତିବେଦନର ସଂରଚନା | 1.2 | 1 |
| ଅଡିଟ୍‌ର  ପରିସର  ଏବଂ ଅଡିଟ୍ ହୋଇଥିବା ବିଭାଗଗୁଡିକର ରୂପରେଖ | 1.3 | 1 |
| ଅଡିଟ୍ ପାଇଁ ପ୍ରାଧିକାର | 1.4 | 2 |
| ଅଡିଟ୍‌ର ଯୋଜନା ଏବଂ ପରିଚାଳନା | 1.4.1 | 3 |
| ଅଡିଟ୍ ପ୍ରତି ସରକାରଙ୍କ ପ୍ରତିକ୍ରିୟା/ଆଭିମୁଖ୍ୟ | 1.4.2 | 3 |
| ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ଗୁଡ଼ିକ ପ୍ରତି ବିଭାଗଗୁଡ଼ିକର ପ୍ରତିକ୍ରିୟା/ଆଭିମୁଖ୍ୟ | 1.4.3 | 4 |
| ସମୀକ୍ଷା ପ୍ରତିବେଦନଗୁଡ଼ିକର ଅନୁପାଳନ ବା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ | 1.4.4 | 5 |
| ଅଡିଟ୍‌ର ହସ୍ତକ୍ଷେପ ଫଳରେ ଅର୍ଥ ଆଦାୟ ହେବା | 1.4.5 | 5 |
| ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ପର୍ଯ୍ୟବେକ୍ଷଣ | 1.5 | 5-15 |
| **ଅଧ୍ୟାୟ 2: ସମ୍ପାଦନା ସମୀକ୍ଷା** | | |
| **ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ** | | |
| **ରାଜ୍ୟରେ ଜଳ ଜୀବନ ମିଶନର କାର୍ଯ୍ୟାନ୍ୱୟନ** | | |
| ଉପକ୍ରମ | 2.1.1 | 19 |
| ଜେଜେଏମ୍ ପୂର୍ବରୁ ରାଜ୍ୟରେ ପାଇପ ଜଳ ଯୋଗାଣର ସ୍ଥିତି | 2.1.2 | 19 |
| ଆନୁଷ୍ଠାନିକ ବ୍ୟବସ୍ଥା/ ଢାଞ୍ଚା | 2.1.3 | 19 |
| ଅଡିଟ୍ ଉଦ୍ଦେଶ୍ୟ | 2.1.4 | 20 |
| ଅଡିଟ ମାନଦଣ୍ଡ | 2.1.5 | 20 |
| ଅଡିଟର ପରିସର ଏବଂ ପଦ୍ଧତି | 2.1.6 | 21 |
| ସ୍ୱୀକୃତୀ | 2.1.7 | 22 |
| ସାଂଗଠନିକ ଢ଼ାଞ୍ଚା | 2.1.8 | 22 |
| ରାଜ୍ୟ ଜଳ ଏବଂ ପରିମଳ ମିଶନର (ଏସଡବ୍ଲୁଏସଏମ୍) ଅନୁପଯୁକ୍ତ କାର୍ଯ୍ୟକାରିତା | 2.1.8.1 | 23 |
| ଜିଲ୍ଲା ଜଳ ଏବଂ ପରିମଳ ମିଶନ ଗୁଡ଼ିକର କାର୍ଯ୍ୟ | 2.1.8.2 | 24 |
| ଗ୍ରାମ ଜଳ ଏବଂ ପରିମଳ କମିଟି ଗୁଡ଼ିକର ଗଠନ | 2.1.8.3 | 25 |
| ଜେଜେଏମ୍‌ର କାର୍ଯ୍ୟାନ୍ୱୟନ ପାଇଁ ଯୋଜନା | 2.1.9 | 28 |
| ଗ୍ରାମ କାର୍ଯ୍ୟ ଯୋଜନା (ଭିଏପି) ପ୍ରସ୍ତୁତି | 2.1.9.1 | 29 |
| ଜିଲ୍ଲା କାର୍ଯ୍ୟ ଯୋଜନା (ଡିଏପି) ପ୍ରସ୍ତୁତି | 2.1.9.2 | 30 |
| ରାଜ୍ୟ କାର୍ଯ୍ୟ ଯୋଜନା (ଏସ୍ଏପି) ପ୍ରସ୍ତୁତି | 2.1.9.3 | 30 |
| ଏକ ଦୃଢ଼ ପରିଚାଳନା ଓ ରକ୍ଷଣାବେକ୍ଷଣ ଯୋଜନାର ଅନୁପସ୍ଥିତି | 2.1.10 | 31 |
| ଆର୍ଥିକ ପରିଚାଳନା | 2.1.11 | 32 |
| ଯାଞ୍ଚ୍ ହୋଇଥିବା ଜିଲ୍ଲାଗୁଡିକରେ ପାଣ୍ଠିର ପ୍ରାପ୍ତି ଏବଂ ବ୍ୟୟ | 2.1.11.1 | 33 |

| ବିଷୟ | ପ୍ରସଙ୍ଗ | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| ସହାୟକ କାର୍ଯ୍ୟକଳାପ ଏବଂ ଜଳର ଗୁଣବତ୍ତା ପର୍ଯ୍ୟବେକ୍ଷଣ ଏବଂ ନିରୀକ୍ଷଣ ପାଇଁ ପାଣ୍ଠିର ସ୍ୱଳ୍ପ ବିନିଯୋଗ | 2.1.11.2 | 33 |
| 1.38 କୋଟି ଟଙ୍କାର ଅଗ୍ରହଣୀୟ ବ୍ୟୟ | 2.1.11.3 | 34 |
| ସହାୟକ କାର୍ଯ୍ୟକ୍ରମରେ ଅନିୟମିତ ଖର୍ଚ୍ଚ | 2.1.11.4 | 35 |
| ଏଫ୍‌ଏଚ୍‌ଟିସି ଦ୍ୱାରା ଘରଗୁଡ଼ିକୁ ସଂଯୋଗ କରିବା | 2.1.12.1 | 36 |
| ଯାଞ୍ଚ ହୋଇଥିବା ଜିଲ୍ଲାଗୁଡ଼ିକରେ ଏଫ୍‌ଏଚ୍‌ଟିସିର ସ୍ଥିତି | 2.1.12.2 | 37 |
| ଜେଜେଏମ୍ ୱେବ୍ ପୋର୍ଟାଲରେ ତଥ୍ୟ ଅସଙ୍ଗତି | 2.1.12.3 | 38 |
| ବୃହତ୍ ଜଳ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ନ ହେବା | 2.1.12.4 | 39 |
| ପାଣିର ଅପର୍ଯ୍ୟାପ୍ତ ଯୋଗାଣ | 2.1.12.5 | 39 |
| ସ୍ଥାନୀୟ ଟେକ୍‌ନିସିଆନ୍/ ପମ୍ପ ଅପରେଟର ମାନଙ୍କୁ ନିୟୋଜିତ ନକରିବା | 2.1.12.6 | 40 |
| ଜଳଯୋଗାଣ ପ୍ରକଳ୍ପର କାର୍ଯ୍ୟକାରିତା ସମସ୍ୟା | 2.1.12.7 | 41 |
| ଜଳ ଉତ୍ସର ସ୍ଥିରତା ଉପରେ ନିଷ୍କ୍ରିୟତା | 2.1.12.8 | 43 |
| ସହାୟତା କାର୍ଯ୍ୟକଳାପ | 2.1.13 | 46 |
| ଆଇଇସି କାର୍ଯ୍ୟକଳାପ ପରିଚାଳନା ନକରିବା | 2.1.13.1 | 46 |
| ତୃତୀୟ ପକ୍ଷ ତଦାରଖ ଏଜେନ୍ସୀର ଅନୁପଯୁକ୍ତ ଭୂମିକା | 2.1.13.2 | 47 |
| ଜଳ ଗୁଣବତ୍ତା ପରୀକ୍ଷାଗାରର ଅଭାବ ଓ ଉନ୍ନତିକରଣ ନହେବା | 2.1.14.1 | 48 |
| ଜଳ ଗୁଣବତ୍ତା ପରୀକ୍ଷାଗାରର ମାନ୍ୟତାରେ ଅଭାବ | 2.1.14.2 | 49 |
| ପରୀକ୍ଷାଗାରଗୁଡ଼ିକରେ କର୍ମଚାରୀ ଅଭାବ ଏବଂ ଅଚଳ ଉପକରଣ | 2.1.14.3 | 49 |
| ନମୁନା ପରୀକ୍ଷଣର ଅପର୍ଯ୍ୟାପ୍ତତା | 2.1.14.4 | 51 |
| ଅପର୍ଯ୍ୟାପ୍ତ ସଂଖ୍ୟକ ପାରାମିଟରର ପରୀକ୍ଷଣ | 2.1.14.5 | 52 |
| ଜଳର ଗୁଣବତ୍ତା ବଜାୟ ରଖିବାରେ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ର ମାନକ ଅନୁପାଳନ ନକରିବା | 2.1.14.6 | 52 |
| ଅପର୍ଯ୍ୟାପ୍ତ ଜଳର ଗୁଣବତ୍ତା ପର୍ଯ୍ୟବେକ୍ଷଣ ଏବଂ ନିରୀକ୍ଷଣ | 2.1.14.7 | 54 |
| ଦୂଷିତ ଭୂତଳ ଜଳ ଅଞ୍ଚଳରେ ଗୋଷ୍ଠୀ ଜଳ ବିଶୋଧନାଗାର ସ୍ଥାପନ | 2.1.14.8 | 55 |
| କଠିନ ପଥର, ପାହାଡ଼ିଆ ଓ ଉପକୂଳ ଅଞ୍ଚଳରେ ବୈଷୟିକ କାର୍ଯ୍ୟକ୍ରମ ଏବଂ ଯୋଜନା ଓ ତଦାରଖରେ ନିର୍ଦ୍ଧାରିତ ପ୍ରଯୁକ୍ତି ବିଦ୍ୟାର ଅଣ-ବ୍ୟବହାର | 2.1.15.1 | 56 |
| ଜଳ ଅଡିଟ୍ ନକରିବା | 2.1.16.1 | 57 |
| ସମ୍ପତ୍ତିର ଜିଓ ଟ୍ୟାଗିଂ କରାଯାଇନାହିଁ | 2.1.16.2 | 57 |
| ଉପସଂହାର | 2.1.17 | 58 |
| **ଅଧ୍ୟାୟ 3: ଅନୁପାଳନ ସମୀକ୍ଷା** | | |
| **ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ** | | |
| ଉଦ୍ଦିଷ୍ଟ ଉଦ୍ଦେଶ୍ୟରେ ଜମିର ଅନ୍ତିମ ବ୍ୟବହାରର ତଦାରଖ | 3.1 | 59-87 |
| **ଗ୍ରାମ୍ୟ ଉନ୍ନୟନ ବିଭାଗ** | | |
| ରାଜ୍ୟରେ ପ୍ରଧାନ ମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର କାର୍ଯ୍ୟାନ୍ୱୟନ | 3.2 | 88-113 |
| **ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ** | | |
| 5ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ | 3.3 | 114-124 |
| **କ୍ରୀଡ଼ା ଏବଂ ଯୁବ ସେବା ବିଭାଗ** | | |
| କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ, ରକ୍ଷଣାବେକ୍ଷଣ ଏବଂ ଉପଯୋଗ | 3.4 | 125-130 |

| ବିଷୟ | ପ୍ରସଙ୍ଗ | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| **ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ** | | |
| ଓଡିଶା ରାଜ୍ୟ ଔଷଧ ବିତରଣ ନିଗମ ଲିମିଟେଡ ଦ୍ୱାରା ଔଷଧ ସଂଗ୍ରହ ଏବଂ ବଣ୍ଟନ | 3.5 | 130-136 |
| **ସଂସଦୀୟ ବ୍ୟାପାର ବିଭାଗ** | | |
| ବିମାନ ଏବଂ ହେଲିକପ୍ଟରର ନିଯୁକ୍ତି ଏବଂ ଉପଯୋଗରେ ଅନିୟମିତତା | 3.6 | 136-142 |
| **ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ** | | |
| ଲିଜ୍ ଡିଡ୍ ଉପରେ ଷ୍ଟାମ୍ପ ଶୁଳ୍କ ଏବଂ ପଞ୍ଜୀକରଣ ଶୁଳ୍କର ସ୍ୱଳ୍ପ ଆଦାୟ | 3.7 | 142 |
| ପାୱାର ଅଫ୍ ଆଟର୍ଣ୍ଣି ଦଲିଲ୍ ଉପରେ ଷ୍ଟାମ୍ପ ଶୁଳ୍କ ଏବଂ ପଞ୍ଜୀକରଣ ଶୁଳ୍କର ସ୍ୱଳ୍ପ ଆଦାୟ/ ଅସୁଲି | 3.8 | 143 |
| ସରକାରୀ ରାଜସ୍ୱର ସ୍ୱଳ୍ପ ଆଦାୟର ପରିମାଣ 1.93 କୋଟି ଟଙ୍କା | 3.9 | 144 |
| ବିକ୍ରୟ ଚୁକ୍ତିନାମା ଉପରେ ଷ୍ଟାମ୍ପ ଶୁଳ୍କ ଏବଂ ପଞ୍ଜୀକରଣ ଶୁଳ୍କର କମ୍ ଆଦାୟ ଯୋଗୁଁ ରାଜସ୍ୱ କ୍ଷତି | 3.10 | 146 |
| ବର୍ଦ୍ଧିତ ଉତ୍ପାଦନ ପରିମାଣ ଉପରେ ପାର୍ଥକ୍ୟ ଷ୍ଟାମ୍ପ ଶୁଳ୍କ ଏବଂ ପଞ୍ଜୀକରଣ ଶୁଳ୍କର ଅଣ/ସ୍ୱଳ୍ପ ଆଦାୟ | 3.11 | 147 |
| ଷ୍ଟାମ୍ପ ଶୁଳ୍କ ଏବଂ ପଞ୍ଜୀକରଣ ଶୁଳ୍କ ଆଦାୟ ପାଇଁ କୋଠାଗୁଡିକର ଅନୁପଯୁକ୍ତ ମୂଲ୍ୟାଙ୍କନ | 3.12 | 149 |
| **ଅବକାରୀ ବିଭାଗ** | | |
| ଅତିରିକ୍ତ କାର୍ଯ୍ୟ ସମୟ ପାଇଁ 1.02 କୋଟି ଟଙ୍କା ଶୁଳ୍କ ଆଦାୟ ନକରିବା | 3.13 | 151 |
| ଲାଇସେନ୍ସ ଫି ଆଦାୟରେ ଜିଲ୍ଲା ଅବକାରୀ ଅଧିକାରୀଙ୍କ ନିଷ୍କ୍ରିୟତା | 3.14 | 152 |


## ପରିଶିଷ୍ଟ


| ପରିଶିଷ୍ଟ | | | |
|---|---|---|---|
| **ପରିଶିଷ୍ଟ ସଂଖ୍ୟା** | **ବିଷୟ** | **ଅନୁଚ୍ଛେଦ ପ୍ରସଙ୍ଗ** | **ପୃଷ୍ଠା** |
| 1.1 | 2023-24 ଅବଧିରେ ପ୍ରଧାନ ମହାଲେଖାକାର (ଅଡିଟ୍-I), ଓଡ଼ିଶାଙ୍କ ଅଡିଟ୍ ଅଧିକାର କ୍ଷେତ୍ରର ବିବରଣ | 1.3 | 155 |
| 1.2 | ଜୁନ୍ 2024 ସୁଦ୍ଧା ଅମୀମାଂସିତ ନିରୀକ୍ଷଣ ରିପୋର୍ଟ (ଆଇଆର) ଏବଂ ଅନୁଚ୍ଛେଦଗୁଡ଼ିକର ବିଭାଗ ଅନୁଯାୟୀ ଏବଂ ବର୍ଷ ଅନୁଯାୟୀ ସ୍ଥିତି | 1.4.2 | 156 |
| 1.3 | ଜୁନ୍ 2024 ସୁଦ୍ଧା ଗୁରୁତର ବର୍ଗର ଅମୀମାଂସିତ ଅନୁଚ୍ଛେଦଗୁଡ଼ିକର ବିଶ୍ଳେଷଣ | 1.4.2 | 158 |
| 1.4 | ସେପ୍ଟେମ୍ବର 2024 ସୁଦ୍ଧା ସ୍ୱତଃପ୍ରବୃତ୍ତ ଭାବରେ, ଅନୁଚ୍ଛେଦ/ସମ୍ପାଦନ ସମୀକ୍ଷା (ପିଏ) ର ଉତ୍ତର ଦାଖଲ କରିନଥିବା ବିଭାଗଗୁଡ଼ିକ | 1.4.4 | 159 |
| 1.5 | ସେପ୍ଟେମ୍ବର 2024 ସୁଦ୍ଧା, ସରକାରୀ ହିସାବ କମିଟି (ପିଏସି)ର ଗୁରୁତ୍ୱପୂର୍ଣ୍ଣ ସୁପାରିଶଗୁଡ଼ିକ ଉପରେ ବିଭାଗଗୁଡ଼ିକ ପାଖରେ ପଡ଼ିରହିଥିବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଟିପ୍ପଣୀ | 1.4.4 | 160 |

| ପରିଶିଷ୍ଟ | | | |
|---|---|---|---|
| ପରିଶିଷ୍ଟ ସଂଖ୍ୟା | ବିଷୟ | ଅନୁଚ୍ଛେଦ ପ୍ରସଙ୍ଗ | ପୃଷ୍ଠା |
| | (ଏଟିଏନ୍) ଗୁଡ଼ିକର ବିବରଣ | | |
| 2.1 | ଜଳ ଜୀବନ ମିଶନ ଅଧିନରେ ନମୁନା ଯାଞ୍ଚ କରାଯାଇଥିବା ଅଡ଼ିଟ୍ ୟୁନିଟ୍‌ର ବିବରଣ | 2.1.6 | 161 |
| 2.2 | ରାଜ୍ୟରେ ଅସଫଳ ଜଳ ଉତ୍ସର ବିବରଣୀ | 2.1.12.8 | 162 |
| 3.1.1 | ବିଭିନ୍ନ ଘରୋଇ କମ୍ପାନୀ ଦ୍ୱାରା ଅନଧିକୃତ ଭାବରେ ଦଖଲ କରାଯାଇଥିବା ଜମିର ବିବରଣୀ | 3.1.2.7 | 163 |
| 3.1.2 | ଭୁବନେଶ୍ୱର ଏବଂ ପୁରୀର ସିଡିପିରେ ନିର୍ଦ୍ଧାରିତ ଅନୁମୋଦିତ ଭୂମି ବ୍ୟବହାର ପଦ୍ଧତି ଉଲ୍ଲଂଘନ କରି ଜମି ବ୍ୟବହାରର ବିବରଣୀ | 3.1.3.3 | 167 |
| 3.2.1 | ଠିକାଦାରମାନଙ୍କୁ ଅଯଥା ଲାଭ ଦେଉଥିବା ଅତିରିକ୍ତ ଓଭର ହେଡ୍ ଚାର୍ଜ ସହିତ ଆକଳନ ପ୍ରସ୍ତୁତି ଦର୍ଶାଉଥିବା ବିବରଣୀ | 3.2.4.4 | 176 |
| 3.2.2 | ସରଫେସ୍ ଡ୍ରେସିଂ(ଏସ୍‌ଡି) ବଦଳରେ ଓପନ୍ ଗ୍ରେଡ୍ ପ୍ରିମିକ୍ସ କାର୍ପେଟ୍ (ଓଜିପିସି) କାର୍ଯ୍ୟକାରୀ କରିବାରେ ଏଡ଼ାଯାଇପାରୁଥିବା ଅତିରିକ୍ତ ଖର୍ଚ୍ଚକୁ ଦର୍ଶାଉଥିବା ବିବରଣୀ | 3.2.4.6(i) | 177 |
| 3.2.3 | ଗ୍ରାମୀଣ ରାସ୍ତାରେ ଡ୍ରାଏ ଲିନ୍ କଂକ୍ରିଟ୍‌ର ବ୍ୟବହାର ହେତୁ ଅତିରିକ୍ତ ଖର୍ଚ୍ଚ ଦର୍ଶାଉଥିବା ବିବରଣୀ | 3.2.4.6(ii) | 178 |
| 3.2.4 | ଲିଡ୍ ଚାର୍ଜର ଅବାଞ୍ଛିତ ବ୍ୟବସ୍ଥା କାରଣରୁ ଅତିରିକ୍ତ ଖର୍ଚ୍ଚ ହୋଇଥିବା ବିବରଣୀ | 3.2.4.7 | 179 |
| 3.2.5 | କଂକ୍ରିଟ୍ ରାସ୍ତା ତିଆରିରେ ଫ୍ଲାଏ ଆସ୍ ବ୍ୟବହୃତ ନ ହେବା କାରଣରୁ ଅତିରିକ୍ତ ଖର୍ଚ୍ଚର ବିବରଣୀ | 3.2.4.8 | 180 |
| 3.2.6 | କାର୍ଯ୍ୟ ପ୍ରଦାନରେ ବିଳମ୍ବ ଦେଖାଉଥିବା ବିବରଣୀ | 3.2.5.3 | 181 |
| 3.2.7 | କାର୍ଯ୍ୟ ସମ୍ପାଦନରେ ବିଳମ୍ବ ହେତୁ ଠିକାଦାରଙ୍କ ଠାରୁ ପରିଶୋଧିତ କ୍ଷତି (ଲିକ୍ୟୁଡେଟେଡ୍ କ୍ଷତି) ଅସୁଲି ନହେବା ଦର୍ଶାଉଥିବା ବିବରଣୀ | 3.2.6.1 | 183 |
| 3.2.8 | ବିଟୁମେନ୍ (ପିଚୁ) ଚାଲାଣ ବିନା ଅନିୟମିତ ଦେୟ ପ୍ରଦାନ | 3.2.8.1 | 184 |
| 3.3.1 | ଅଣ-ଇପିଏମ୍ ଦର ଚୁକ୍ତି ଧାରୀ / ଜିଇଏମ୍ ପ୍ଲାଟଫର୍ମ ବାହାରୁ କ୍ରୟ କରିବା ଯୋଗୁଁ ଅତିରିକ୍ତ ବ୍ୟୟ | 3.3.3.2 | 185 |
| 3.4.1 | ନଭେମ୍ବର 2024 ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନଥିବା ମିନି ଷ୍ଟାଡିୟମଗୁଡ଼ିକର ବିବରଣୀ | 3.4.1 | 188 |
| 3.4.2 | ନମୁନା ଯାଞ୍ଚ କରାଯାଇଥିବା ମିନି-ଷ୍ଟାଡିୟମଗୁଡ଼ିକରେ ମୁକ୍ତାକାଶ-ବ୍ୟାୟାମଶାଳା, ମିନି-ହଲ ଓ ଶୌଚାଳୟ ନିର୍ମାଣର ସ୍ଥିତି | 3.4.1.2 | 190 |
| 3.4.3 | ମିଳିତ ସରଜମିନ ତଦନ୍ତ ସମୟରେ ମିନି ଷ୍ଟାଡିୟମଗୁଡ଼ିରେ ଚିହ୍ନଟ ହୋଇଥିବା ତ୍ରୁଟି | 3.4.3 | 192 |
| 3.6.1 | ଚାର୍ଟାର୍ଡ ବିମାନର ନିଯୁକ୍ତି ଓ ସେଥିପାଇଁ କରାଯାଇଥିବା ଖର୍ଚ୍ଚ | 3.6.3 | 194 |
| 3.6.2 | ଏୟାରଷ୍ଟ୍ରିପ ଥିବା ସ୍ଥାନଗୁଡ଼ିକ ମଧ୍ୟରେ ଯାତ୍ରା ପାଇଁ ବିମାନ ବଦଳରେ ହେଲିକପ୍ଟରର ବ୍ୟବହାର | 3.6.4 | 195 |
| 3.7.1 | ଉପଯୁକ୍ତ ବାର୍ଷିକ ହାରାହାରି ଭଡା ବିଚାର ନ କରିବା କାରଣରୁ ଲିଜ୍ ଚୁକ୍ତିନାମା ଉପରେ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜୀକରଣ ଶୁଳ୍କର କମ୍ ଆଦାୟ | 3.7 | 197 |
| 3.7.2 | ଜରସମନ ପରିମାଣ ଗଣନା ପାଇଁ ସୁରକ୍ଷା ଜମା ବିଚାର ନ | 3.7 | 198 |

| ପରିଶିଷ୍ଟ | | | |
|---|---|---|---|
| **ପରିଶିଷ୍ଟ ସଂଖ୍ୟା** | **ବିଷୟ** | **ଅନୁଚ୍ଛେଦ ପ୍ରସଙ୍ଗ** | **ପୃଷ୍ଠା** |
| | କରିବା କାରଣରୁ ଲିଜ୍ ଚୁକ୍ତିନାମାରୁ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜୀକରଣ ଶୁଳ୍କର କମ୍ ଆଦାୟ | | |
| 3.8.1 | ଭାରତୀୟ ଷ୍ଟାମ୍ପ୍ ଆଇନର ବ୍ୟବସ୍ଥାର ବିଚ୍ୟୁତିରେ ମନଇଚ୍ଛା ହାରରେ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜୀକରଣ ଶୁଳ୍କ ଆଦାୟ ହେତୁ ରାଜସ୍ୱର କମ୍ ଆଦାୟ | 3.8 | 201 |
| 3.10.1 | ବିକ୍ରୟ ଚୁକ୍ତିନାମା ପାଇଁ ନିର୍ଦ୍ଧାରିତ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜୀକରଣ ଶୁଳ୍କ ହାର ପାଳନ ନ କରିବା ଯୋଗୁଁ ସରକାରୀ ରାଜସ୍ୱ କ୍ଷତି | 3.10 | 205 |
| 3.11.1 | ଖଣିର ବର୍ଦ୍ଧିତ ଉତ୍ପାଦନ ସ୍ତର ଉପରେ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜୀକରଣ ଶୁଳ୍କ ଆଦାୟ ନ ହେବା/ କମ୍ ଆଦାୟ ହେବା | 3.11 | 206 |
| 3.12.1 | କୋଠାଗୁଡିକର ଅବମୂଲ୍ୟାଙ୍କନ ଏବଂ ପରିମାଣସ୍ୱରୂପ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜୀକରଣ ଶୁଳ୍କର କ୍ଷତି | 3.12 | 207 |
| 3.14.1 | ମାର୍ଚ୍ଚ 2024 ସୁଦ୍ଧା ବିଚାର ଅର୍ଥ ଦେୟ, ପେଁଠ ଏବଂ ବକେୟା | 3.14 | 210 |
| -- | ଶବ୍ଦକୋଷ | | 211 |

# ମୁଖବନ୍ଧ

ମାର୍ଚ୍ଚ 2024 ରେ ଶେଷ ହୋଇଥିବା ଅବଧି ପାଇଁ ଏହି ପ୍ରତିବେଦନଟି ଭାରତୀୟ ସମ୍ବିଧାନର ଧାରା 151 ଅନୁଯାୟୀ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ନିକଟରେ ଉପସ୍ଥାପନ କରିବା ନିମିତ୍ତ ପ୍ରସ୍ତୁତ କରାଯାଇଛି । ଏହା ରାଜ୍ୟ ବିଧାନସଭାରେ ଉପସ୍ଥାପିତ ହେବ।

ଏହି ପ୍ରତିବେଦନରେ 'ରାଜ୍ୟରେ ଜଳ ଜୀବନ ମିଶନର କାର୍ଯ୍ୟାନ୍ୱୟନ' ଶୀର୍ଷକ ସମ୍ପାଦନ ସମୀକ୍ଷା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଗ୍ରାମ୍ୟ ଉନ୍ନୟନ, ବିଦ୍ୟାଳୟ ଏବଂ ଗଣଶିକ୍ଷା, କ୍ରୀଡ଼ା ଏବଂ ଯୁବ ସେବା, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଅବକାରୀ ବିଭାଗର ଅନୁପାଳନ ସମୀକ୍ଷା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ରହିଛି।

ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଥିବା ମାମଲାଗୁଡ଼ିକ ହେଉଛି, ଯାହା 2019-20 ରୁ 2023-24 ଅବଧି ପାଇଁ ନମୁନା ସମୀକ୍ଷା ସମୟରେ ନଜରକୁ ଆସିଥିଲା ଏବଂ ପୂର୍ବ ବର୍ଷରେ ନଜରକୁ ଆସିଥିଲା, କିନ୍ତୁ ପୂର୍ବ ସମୀକ୍ଷା ପ୍ରତିବେଦନରେ ରିପୋର୍ଟ କରାଯାଇପାରି ନ ଥିଲା । ଆବଶ୍ୟକ ସ୍ଥଳେ 2023-24 ପରବର୍ତ୍ତୀ ଅବଧି ସହ ଜଡ଼ିତ ମାମଲାଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି ।

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା ଜାରି କରାଯାଇଥିବା ଅଡିଟ୍ ମାନକ ଅନୁଯାୟୀ ଏହି ଅଡିଟ୍ କରାଯାଇଛି ।

ଅନୁବାଦିତ ପ୍ରତିବେଦନରେ ସନ୍ଦେହ ଜାତ ହେଲେ ଇଂରାଜୀ ପ୍ରତିବେଦନ ବିଶ୍ୱାସଯୋଗ୍ୟ ବିବେଚିତ ହେବ ।

# ଅଧ୍ୟାୟ 1

# ଅବଲୋକନ

# ଅଧ୍ୟାୟ 1

# ଅବଲୋକନ

## 1.1 ଉପକ୍ରମ

ଏହି ପ୍ରତିବେଦନ ଓଡିଶା ସରକାରଙ୍କର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମ୍ପାଦନ ସମୀକ୍ଷା ଏବଂ କେତେକ ନିର୍ଦ୍ଦିଷ୍ଟ ବିଭାଗର ଅନୁପାଳନ ସମୀକ୍ଷା ଅନ୍ତର୍ଗତ ବିଷୟ ଗୁଡିକୁ ଅନ୍ତର୍ଭୁକ୍ତ କରିଛି । ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଫଳାଫଳ ଗୁଡିକୁ ବିଧାନ ସଭାର ଦୃଷ୍ଟିଗୋଚରକୁ ଆଣିବା ଏହି ପ୍ରତିବେଦନର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ସମୀକ୍ଷାର ଏହି ଫଳାଫଳ ଗୁଡିକ କାର୍ଯ୍ୟ ନିର୍ବାହୀ ସଂସ୍ଥାଗୁଡିକୁ ସଂଶୋଧନ ମୂଳକ ପଦକ୍ଷେପ ଗ୍ରହଣ କରିବା ସହିତ ସେମାନଙ୍କର ସାଂଗଠନିକ ଆର୍ଥିକ ପରିଚାଳନାରେ ସୁଧାର ଆଣିବା ପାଇଁ ନୀତି ଓ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବା ଏବଂ ଉତ୍ତମ ଶାସନ ପାଇଁ ସହାୟକ ହେବ ବୋଲି ଆଶା କରାଯାଉଛି ।

## 1.2 ପ୍ରତିବେଦନର ସଂରଚନା

ପ୍ରତିବେଦନଟି ନିମ୍ନଲିଖିତ ଅଧ୍ୟାୟ ଗୁଡ଼ିକରେ ସଂଗଠିତ ହୋଇଅଛି :

**ଅଧ୍ୟାୟ**-1 ରେ ଅଡିଟ୍ ଅଧିନରେ ଥିବା ବିଭାଗ ଗୁଡିକର ସଂକ୍ଷିପ୍ତ ବିବରଣୀ ସହିତ ବିଗତ ପାଞ୍ଚ ବର୍ଷର ପ୍ରାପ୍ତି/ବ୍ୟୟ ବିଷୟରେ ଏକ ସଂକ୍ଷିପ୍ତ ଚିତ୍ର, ଅଡିଟ୍‌ର କ୍ଷମତା, ଅଡିଟ୍‌ର ଯୋଜନା ଏବଂ ପରିଚାଳନା ଏବଂ ବିଭିନ୍ନ ଅଡିଟ୍ ଦସ୍ତାବିଜ୍ ଯଥା ନିରୀକ୍ଷଣ ପ୍ରତିବେଦନ, ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ଏବଂ ଅଡିଟ୍ ପ୍ରତିବେଦନ ଉପରେ ଗ୍ରହଣ କରାଯାଇଥିବା ଅନୁବର୍ତ୍ତୀ ପଦକ୍ଷେପ ଇତ୍ୟାଦି ପ୍ରତି ସରକାରଙ୍କର ଆଭିମୁଖ୍ୟ/ ପ୍ରତିକ୍ରିୟା ଅନ୍ତର୍ଭୁକ୍ତ ।

**ଅଧ୍ୟାୟ**- 2 ରେ "ଓଡିଶାରେ ଜଳ ଜୀବନ ମିଶନର କାର୍ଯ୍ୟାନ୍ୱୟନ" ସମ୍ପର୍କିତ ସମ୍ପାଦନ ସମୀକ୍ଷାର ପର୍ଯ୍ୟବେକ୍ଷଣ ଗୁଡିକ ଅନ୍ତର୍ଭୁକ୍ତ ରହିଛି ।

**ଅଧ୍ୟାୟ**-3 ରେ "ଉଦ୍ଦିଷ୍ଟ ଉଦ୍ଦେଶ୍ୟରେ ଜମିର ଅନ୍ତିମ ବ୍ୟବହାରର ତଦାରଖ" ଏବଂ "ରାଜ୍ୟରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାର କାର୍ଯ୍ୟାନ୍ୱୟନ" ସଂପର୍କିତ ବିଷୟ ଭିତ୍ତିକ ଅନୁପାଳନ ସମୀକ୍ଷାର ପର୍ଯ୍ୟବେକ୍ଷଣ ଏବଂ ଅନ୍ୟାନ୍ୟ ଅନୁପାଳନ ସମୀକ୍ଷାର ଅନୁଚ୍ଛେଦ ଗୁଡିକ ଅନ୍ତର୍ଭୁକ୍ତ ରହିଛି ।

## 1.3 ଅଡିଟର ପରିସର ଏବଂ ଅଡିଟ୍ ହୋଇଥିବା ବିଭାଗଗୁଡିକର ରୂପରେଖ

ରାଜ୍ୟ ବଜେଟ ଦସ୍ତାବିଜ୍ ଅନୁସାରେ, ଓଡିଶା ସରକାର ବିଭିନ୍ନ ବିଭାଗ ସମ୍ବନ୍ଧୀୟ 44ଟି ଅନୁଦାନ ପ୍ରଦାନ କରିଥାନ୍ତି । ଓଡିଶାର ପ୍ରଧାନ ମହାଲେଖାକାର (ଅଡିଟ୍-1) କାର୍ଯ୍ୟାଳୟ ଅଧିନରେ ଥିବା ଅଡିଟ୍ ପରିଧି ମଧ୍ୟରେ 21ଟି ବିଭାଗର 24ଟି ଅନୁଦାନ ସହିତ ଜଡିତ 11,990 ଟି ୟୁନିଟ୍ ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟାଳୟର ଅଡିଟ୍ ଅଧିକାର କ୍ଷେତ୍ର ମଧ୍ୟରେ 118ଟି ସଂସ୍ଥା/କର୍ତ୍ତୃପକ୍ଷ ସାମିଲ ଅଛନ୍ତି, ଯେଉଁମାନେ କି ରାଜ୍ୟର ଏକତ୍ରୀକୃତ ପାଣ୍ଠିରୁ ଯଥେଷ୍ଟ ଆର୍ଥିକ ସହାୟତା ପାଉଛନ୍ତି ଅଥବା ଭାରତର ମହାଲେଖା ନିୟନ୍ତ୍ରକ ତଥା ଏବଂ ମହାସମୀକ୍ଷକଙ୍କ ଡିପିସି (କର୍ତ୍ତବ୍ୟ, କ୍ଷମତା ଏବଂ ସେବା ସର୍ତ୍ତାବଳୀ) ଅଧିନିୟମ 1971 ର ବିଭିନ୍ନ ଧାରା ଅନୁଯାୟୀ ସରକାରଙ୍କ ଦ୍ୱାରା ସେମାନଙ୍କର ସମୀକ୍ଷା ଦାୟିତ୍ୱ ନ୍ୟସ୍ତ କରାଯାଇଛି । ପ୍ରଧାନ ମହାଲେଖାକାର (ଅଡିଟ୍-1), ଓଡିଶା କାର୍ଯ୍ୟାଳୟର ସମୀକ୍ଷା ପରିସରଭୁକ୍ତ ବିଭାଗ ଏବଂ ସ୍ୱୟଂଶାସିତ ସଂସ୍ଥା/ କର୍ତ୍ତୃପକ୍ଷ/ ନିଗମ ଗୁଡିକର ତାଲିକା ***ପରିଶିଷ୍ଟ 1.1*** ରେ ଦର୍ଶାଯାଇଛି ।

ପ୍ରଧାନ ମହାଲେଖାକାର (ଅଡିଟ୍-1), ଓଡିଶା କାର୍ଯ୍ୟାଳୟର ସମୀକ୍ଷା ପରିସରଭୁକ୍ତ ପ୍ରମୁଖ ବିଭାଗଗୁଡିକର ଆର୍ଥିକ ବର୍ଷ 2019-20 ରୁ 2023-24 ମଧ୍ୟରେ ହୋଇଥିବା ବ୍ୟୟର ଧାରା **ସାରଣୀ 1.1** ରେ ପ୍ରଦତ୍ତ ହୋଇଅଛି ।

***ସାରଣୀ 1.1: 2019-20 ରୁ 2023-24 ମଧ୍ୟରେ ପ୍ରମୁଖ ବିଭାଗ ଗୁଡ଼ିକ ଦ୍ୱାରା ହୋଇଥିବା ବ୍ୟୟର ଧାରା***

*(ଟଙ୍କା କୋଟିରେ)*

| କ୍ର.ସଂ. | ବିଭାଗର ନାମ | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|---|
| 1 | ଅର୍ଥ | 16,438.34 | 16,260.98 | 18,994.58 | 36,270.08 | 32,215.53 |
| 2 | ବିଦ୍ୟାଳୟ ଓ ଗଣଶିକ୍ଷା | 15,292.46 | 15,123.72 | 16,460.99 | 20,495.46 | 21,737.61 |
| 3 | ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ | 16,856.22 | 15,595.04 | 16,238.48 | 13,890.11 | 22,127.95 |
| 4 | ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ | 6,378.67 | 7,923.25 | 10,420.45 | 12,539.94 | 16,021.29 |
| 5 | ଜଳ ସଂପଦ | 6,127.89 | 5,384.69 | 7,094.89 | 10,156.20 | 12,229.62 |
| 6 | ଗୃହ ନିର୍ମାଣ ଓ ନଗର ଉନ୍ନୟନ | 5,258.03 | 4,815.53 | 5,616.05 | 7,035.59 | 7,801.69 |
| 7 | ଗ୍ରାମ୍ୟ ଉନ୍ନୟନ | 3,325.78 | 3,880.11 | 3,822.55 | 6,148.65 | 7,198.55 |
| 8 | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗ | 2,764.93 | 2,779.80 | 3,078.64 | 3,555.44 | 4,851.88 |
| 9 | ଉଚ୍ଚ ଶିକ୍ଷା | 2,069.42 | 2,181.59 | 2,209.15 | 2,603.62 | 3,544.47 |
| 10 | ସମବାୟ | 1,572.39 | 1,690.49 | 1,850.98 | 1,885.35 | 2,470.55 |
| 11 | ଯୋଜନା ଏବଂ ସଂଯୋଜନ | 707.84 | 991.76 | 1,127.37 | 1,401.26 | 4,073.06 |
| 12 | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | 1,013.64 | 973.95 | 990.25 | 1,237.64 | 1,457.73 |
| 13 | ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା | 704.47 | 681.50 | 597.22 | 829.32 | 1,176.29 |

***(ଉତ୍ସ: 2019-20 ରୁ 2023-24 ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ବିନିଯୋଗ ହିସାବ)***

## 1.4 ଅଡିଟ୍ ପାଇଁ ପ୍ରାଧିକାର

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 149 ଓ 151 ଏବଂ ସିଏଜି ଡିପିସି ଅଧିନିୟମ 1971 ଅନୁଯାୟୀ, ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାଲେଖାସମୀକ୍ଷକ (ସିଏଜି)ଙ୍କୁ ସମୀକ୍ଷା କରିବା ପାଇଁ କ୍ଷମତା ପ୍ରଦାନ କରାଯାଇଛି । ସିଏଜି ଡିପିସି ଅଧିନିୟମର ଧାରା 13 ଅନୁଯାୟୀ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗର ବ୍ୟୟର ସମୀକ୍ଷା କରନ୍ତି । ଏହା ସହିତ ଡିପିସି ଅଧିନିୟମର ଧାରା 14 ଅନୁଯାୟୀ ସରକାରଙ୍କର ଦ୍ୱାରା ଯଥେଷ୍ଟ ଆର୍ଥିକ ସହାୟତା ପାଉଥିବା ଅନ୍ୟାନ୍ୟ ସଂସ୍ଥା ଗୁଡ଼ିକର ସମୀକ୍ଷା ମଧ୍ୟ ସିଏଜି କରିଥାନ୍ତି । ସିଏଜି ଡିପିସି ଅଧିନିୟମର ଧାରା 16, ଭାରତ ସରକାର ଏବଂ ପ୍ରତ୍ୟେକ ରାଜ୍ୟ ତଥା ବିଧାନ ସଭା ଥିବା କେନ୍ଦ୍ରଶାସିତ ଅଞ୍ଚଳର ସମସ୍ତ ପ୍ରାପ୍ତି (ଉଭୟ ରାଜସ୍ୱ ଏବଂ ପୁଞ୍ଜି)ର ସମୀକ୍ଷା କରିବା ପାଇଁ ସିଏଜିଙ୍କୁ ଅଧିକୃତ କରିଛି । ଏହା ବ୍ୟତୀତ, ଡିପିସି ଅଧିନିୟମର ଧାରା 19(2), 19(3) ଏବଂ 20(I) ଅନ୍ତର୍ଗତ ନ୍ୟସ୍ତ କରାଯାଇଥିବା ବିଭିନ୍ନ ସଂସ୍ଥା ଏବଂ ସରକାରୀ ଉଦ୍ୟୋଗ (ପବ୍ଲିକ୍ ସେକ୍ଟର ଅଣ୍ଡରଟେକିଂ) (ପିଏସ୍‌ୟୁ) ଗୁଡ଼ିକର ଅଡିଟ୍ ମଧ୍ୟ ସିଏଜି କରିଥାନ୍ତି । ବିଭିନ୍ନ ଅଡିଟ୍ ପାଇଁ ନୀତି ଓ ପଦ୍ଧତି ଗୁଡ଼ିକ ଭାରତୀୟ ଅଡିଟ୍ ଏବଂ ଆକାଉଣ୍ଟସ୍ ବିଭାଗ ଦ୍ୱାରା ଜାରି କରାଯାଇଥିବା ଅଡିଟ୍ ଏବଂ ଆକାଉଣ୍ଟସ୍ ନିୟମାବଳୀ, 2020 ଏବଂ ଅଡିଟ୍ ମାନକରେ ନିର୍ଦ୍ଧାରିତ କରାଯାଇଛି ।

## 1.4.1 ଅଡିଟ୍‌ର ଯୋଜନା ଏବଂ ପରିଚାଳନା

ବାର୍ଷିକ ଅଡିଟ୍ ଯୋଜନା ଅନୁଯାୟୀ ସମ୍ପାଦନ ଏବଂ ଅନୁପାଳନ ସମୀକ୍ଷା କରାଯାଇଥାଏ। ସର୍ବୋଚ୍ଚ ଅଡିଟ୍ ୟୁନିଟ୍, ଅଡିଟ୍ ୟୁନିଟ୍ ଏବଂ କାର୍ଯ୍ୟକାରୀ ସଂସ୍ଥା ଗୁଡ଼ିକରେ ଥିବା ସମ୍ଭାବ୍ୟ ତ୍ରୁଟି ଆକଳନ ଆଧାରରେ ଅଡିଟ୍ ୟୁନିଟ୍ ଗୁଡ଼ିକୁ ଚୟନ କରାଯାଇଥାଏ । ଆର୍ଥିକ ମାପଦଣ୍ଡ, ସାମାଜିକ ପ୍ରାସଙ୍ଗିକତା, ଆଭ୍ୟନ୍ତରୀଣ ନିୟନ୍ତ୍ରଣ ସମ୍ବଳିତ ସମସ୍ୟା, ପୂର୍ବରୁ ଘଟିଥିବା ଅର୍ଥ ହେରଫେର, ଅପବ୍ୟୟ ଓ ଆତ୍ମସାତ୍ ଇତ୍ୟାଦି ମାମଲା ଏବଂ ପୂର୍ବବର୍ତ୍ତୀ ଅଡିଟ୍ ପ୍ରତିବେଦନରେ ପ୍ରଦାନ କରାଯାଇ ଥିବା ଅଡିଟ୍ ତଥ୍ୟ ଆଧାରରେ ଏହି ବିପଦ ମୂଲ୍ୟାଙ୍କନ କରାଯାଇଥାଏ।

ସରକାରୀ କାରବାରରେ ନିୟମ ଓ ନିୟମାବଳୀର ଅନୁପାଳନ ଯାଞ୍ଚ କରିବା ଏବଂ ନିର୍ଦ୍ଧାରିତ ନିୟମ ଓ ପ୍ରକ୍ରିୟା ଅନୁଯାୟୀ ଗୁରୁତ୍ୱପୂର୍ଣ୍ଣ ହିସାବ ଏବଂ ଅନ୍ୟାନ୍ୟ ନଥିପତ୍ରର ରକ୍ଷଣାବେକ୍ଷଣର ନିୟମିତତାକୁ ଯାଞ୍ଚ କରିବା ପାଇଁ ସରକାରୀ ବିଭାଗଗୁଡିକର ସମୀକ୍ଷା କରାଯାଇଥାଏ। ଏହି ଅଡିଟ୍ ପରେ ସଂପୃକ୍ତ କାର୍ଯ୍ୟାଳୟର ମୁଖ୍ୟମାନଙ୍କୁ ଯାଞ୍ଚ/ ନିରୀକ୍ଷଣ ରିପୋର୍ଟ ପ୍ରଦାନ କରାଯାଇଥାଏ । ଏହାର ନକଲ ଉପରିସ୍ଥ ଅଧିକାରୀଙ୍କ ନିକଟକୁ ପଠାଯାଏ । ପ୍ରାପ୍ତ ଉତ୍ତର ଆଧାରରେ, ଅଡିଟ୍ ପର୍ଯ୍ୟବେକ୍ଷଣ ଗୁଡିକୁ ହୁଏତ ସମାଧାନ କରାଯାଏ କିମ୍ବା ଅନୁପାଳନ ପାଇଁ ପରବର୍ତ୍ତୀ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଏ । ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ଫଳାଫଳଗୁଡିକୁ ଅଡିଟ୍ ରିପୋର୍ଟରେ ଅନ୍ତର୍ଭୁକ୍ତ କରିବା ପାଇଁ ପରବର୍ତ୍ତୀ ପ୍ରକ୍ରିୟା କରାଯାଇଥାଏ।

ଭାରତୀୟ ସମ୍ବିଧାନ ଅନୁଚ୍ଛେଦ 51 ଅନୁଯାୟୀ ଅଡିଟ୍ ରିପୋର୍ଟଗୁଡିକୁ ରାଜ୍ୟ ବିଧାନସଭାରେ ଉପସ୍ଥାପନ କରାଯାଇଥାଏ।

## 1.4.2 ଅଡିଟ୍ ପ୍ରତି ସରକାରଙ୍କ ପ୍ରତିକ୍ରିୟା/ଆଭିମୁଖ୍ୟ

***ନିରୀକ୍ଷଣ ରିପୋର୍ଟ ଉପରେ ସରକାରଙ୍କ ପ୍ରତିକ୍ରିୟା***

ଅଡିଟ୍ ଦ୍ୱାରା କୌଣସି ଗୁରୁତର ଅନିୟମିତତା ବିଷୟରେ ଅବଗତ କରାଯିବା ପରେ, ସରକାର ତଥ୍ୟ ଗୁଡିକର ପ୍ରାଥମିକ ଯାଞ୍ଚ କରିବେ ଏବଂ ସୂଚନା ପ୍ରାପ୍ତିର ତିନି ସପ୍ତାହ ମଧ୍ୟରେ ଅଡିଟ୍ ତଥ୍ୟକୁ ସ୍ୱୀକାର କିମ୍ବା ଅସ୍ୱୀକାର କରି ଏକ ପ୍ରାଥମିକ ରିପୋର୍ଟ ପ୍ରଦାନ କରିବେ । ଯେଉଁ କ୍ଷେତ୍ରରେ ସରକାର କୌଣସି ବଡ ଧରଣର ଅନିୟମିତତାକୁ ଅସ୍ୱୀକାର କରନ୍ତି ନାହିଁ, ସେଠାରେ ସରକାର ପ୍ରାଥମିକ ରିପୋର୍ଟର ଦୁଇ ମାସ ମଧ୍ୟରେ ଅଡିଟକୁ ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିବା ଆବଶ୍ୟକ । ଏହି ରିପୋର୍ଟରେ ସରକାର ଅନିୟମିତତାର ପୁନରାବୃତ୍ତି ରୋକିବା ପାଇଁ ନିଆଯାଇଥିବା ସଂଶୋଧନ ମୂଳକ ପଦକ୍ଷେପ ଏବଂ ତ୍ରୁଟି ପାଇଁ ଦାୟୀ ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ବିଷୟରେ ସୂଚନା ପ୍ରଦାନ କରିବା ଆବଶ୍ୟକ ଅଟେ।

ଏହା ବ୍ୟତୀତ ମହାଲେଖାକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିରୀକ୍ଷଣ ରିପୋର୍ଟ ଗୁଡିକର ତୁରନ୍ତ ଉତ୍ତର ରଖିବା ସହିତ ଅଡିଟ୍ ସମୟରେ ପରିଲକ୍ଷିତ ହୋଇଥିବା ତ୍ରୁଟି ଏବଂ ଅବହେଳା ପାଇଁ ଉତ୍ତର ଦାୟିତ୍ୱ ନିର୍ଦ୍ଧାରଣ କରିବା ଏବଂ ସମଯୋଜିତ ସଂଶୋଧନ ମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ଓଡିଶା ସରକାରଙ୍କର ଅର୍ଥ ବିଭାଗ ପକ୍ଷରୁ ସମୟ ସମୟରେ ନିର୍ଦ୍ଦେଶନାମା ଜାରି କରାଯାଇଛି ।

ଅମୀମାଂସିତ ଅଡିଟ୍ ମନ୍ତବ୍ୟ ଗୁଡିକର ଅନୁଧ୍ୟାନ/ମନିଟରିଂ ଏବଂ ସମାଧାନକୁ ସହଜ କରିବା ପାଇଁ ନିରୀକ୍ଷଣ ରିପୋର୍ଟ ସମ୍ବନ୍ଧୀୟ ବିବରଣୀ ସଂପୃକ୍ତ ବିଭାଗର ପ୍ରମୁଖ ଶାସନ ସଚିବ/ ସଚିବଙ୍କ ନିକଟକୁ ପ୍ରତି ଛଅ ମାସରେ ଥରେ ପଠାଯାଇଥାଏ।

ମାର୍ଚ୍ଚ 2024 ପର୍ଯ୍ୟନ୍ତ ଜାରି ହୋଇଥିବା 21ଟି ବିଭାଗ ସମ୍ବନ୍ଧୀୟ ନିରୀକ୍ଷଣ ରିପୋର୍ଟର ସ୍ଥିତି ଅନୁଯାୟୀ, ଜୁନ୍ 2024 ସୁଦ୍ଧା 10,085ଟି ନିରୀକ୍ଷଣ ରିପୋର୍ଟର 44,013ଟି ଅନୁଚ୍ଛେଦ ଅମୀମାଂସିତ ରହିଛି । ଅମୀମାଂସିତ ଥିବା ନିରୀକ୍ଷଣ ରିପୋର୍ଟ ଏବଂ ଅନୁଚ୍ଛେଦଗୁଡିକର ବିଭାଗୱାରୀ ଏବଂ ବର୍ଷୱାରୀ ବିବରଣୀ ***ପରିଶିଷ୍ଟ 1.2*** ରେ ପ୍ରଦାନ କରାଯାଇଅଛି । ଅସମାଧିତ ନିରୀକ୍ଷଣ ରିପୋର୍ଟ ମଧ୍ୟରେ ଗୁରୁତର ଅନିୟମିତତା ସମ୍ବନ୍ଧୀୟ 1,210ଟି ଅନୁଚ୍ଛେଦ ରହିଛି, ଯେଉଁଥିରେ ସରକାରୀ ଅର୍ଥର ଚୋରୀ, ଆତ୍ମସାତ୍, ତୋଷାରପାତ, ରାଜସ୍ୱହାନୀ ଏବଂ ଅଭାବ ପରି ମାମଲା ଅନ୍ତର୍ଭୁକ୍ତ । ଏଥିରେ ଜଡିତ ମୋଟ ଅର୍ଥର ପରିମାଣ ହେଉଚି 2,194 କୋଟି ଟଙ୍କା । ଏହି ଗୁରୁତର ଅନିୟମିତତା ଗୁଡିକର ବିଭାଗ-ୱାରୀ ଏବଂ ପ୍ରକୃତି ଅନୁଯାୟୀ ବିଶ୍ଳେଷଣ ***ପରିଶିଷ୍ଟ 1.3*** ରେ ପ୍ରଦତ୍ତ ହୋଇଛି ।

ବିଚାରାଧିନ ନିରୀକ୍ଷଣ ରିପୋର୍ଟ/ ଅନୁଚ୍ଛେଦଗୁଡିକରେ ଶୀଘ୍ର ସମାଧାନ ପାଇଁ ଅପ୍ରେଲ 2023 ରୁ ମାର୍ଚ୍ଚ 2024 ମଧରେ, ସଂପୃକ୍ତ ପ୍ରଶାସନିକ ବିଭାଗ, ଅର୍ଥ ବିଭାଗ ଏବଂ ଅଡିଟ୍ ପ୍ରତିନିଧିମାନଙ୍କୁ ନେଇ ଗଠିତ ଅଡିଟ୍ କମିଟି ପକ୍ଷରୁ 18ଟି ବିଭାଗ[1] ସମ୍ବନ୍ଧୀୟ 152ଟି ବୈଠକ ଅନୁଷ୍ଠିତ ହୋଇଥିଲା । ବାକି ତିନୋଟି[2] ବିଭାଗ ପାଇଁ କୌଣସି ଅଡିଟ୍ କମିଟି ବୈଠକ ଅନୁଷ୍ଠିତ ହୋଇନଥିଲା । ଏହି 18ଟି ବିଭାଗର ହୋଇଥିବା ବୈଠକ ମାଧମରେ ମୋଟ 2,420 ଅନୁଚ୍ଛେଦ ଏବଂ 335ଟି ନିରୀକ୍ଷଣ ରିପୋର୍ଟର ସମାଧାନ କରାଯାଇଛି ।

ସରକାରଙ୍କ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ପ୍ରକିୟା ପ୍ରଣୟନ କରିବା ପାଇଁ ଏହା ସୁପାରିଶ କରାଯାଇଛି ଯେ (କ) ନିର୍ଦ୍ଧାରିତ ସମୟ ସୀମା ମଧରେ ନିରୀକ୍ଷଣ ରିପୋର୍ଟ/ ଅନୁଚ୍ଛେଦର ଉତ୍ତର ଦେବାରେ ବିଫଳ ହେଉଥିବା ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, (ଖ) କ୍ଷତିର ଭରଣା/ବକେୟା ଅଗ୍ରୀମ/ଆର୍ଥିକ ପ୍ରଦାନ କରାଯାଉଥିବା ଅର୍ଥରାଶିକୁ ଏକ ନିର୍ଦ୍ଧିଷ୍ଟ ସମୟ ମଧରେ ଆଦାୟ କରିବା ଏବଂ (ଗ) ପ୍ରତ୍ୟେକ ତ୍ରୟିମାସିକରେ ଅଡିଟ୍ କମିଟିର ଅତି କମ୍‌ରେ ଗୋଟିଏ ବୈଠକ ଆୟୋଜନ କରିବା ।

### 1.4.3 ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ଗୁଡ଼ିକ ପ୍ରତି ବିଭାଗଗୁଡ଼ିକର ପ୍ରତିକ୍ରିୟା/ ଆଭିମୁଖ୍ୟ

ଅଡିଟ୍ ଏବଂ ଆକାଉଣ୍ଟସ୍ ନିୟମାବଳୀ 2020 ଅନୁଯାୟୀ, ସିଏଜିଙ୍କ ପ୍ରତିବେଦନରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବିତ ଚିଠା ଅଡିଟ୍ ଅନୁଚ୍ଛେଦ ଗୁଡ଼ିକର ଉତ୍ତର ନିର୍ଦ୍ଧାରିତ ସମୟ ସୀମା ମଧରେ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି ।

ଓଡ଼ିଶା ସରକାରଙ୍କର ଅର୍ଥ ବିଭାଗ, ଅଗଷ୍ଟ 2021 ର ନିଜର ନିର୍ଦ୍ଦେଶନାମାରେ ସମସ୍ତ ବିଭାଗକୁ ପ୍ରସ୍ତାବିତ ଚିଠା ଅଡିଟ୍ ଅନୁଚ୍ଛେଦଗୁଡ଼ିକର ଉତ୍ତର ଚାରି ସପ୍ତାହ ମଧରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ପ୍ରସ୍ତାବିତ ସମ୍ପାଦନ ସମୀକ୍ଷା ପ୍ରତିବେଦନ, ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ଏବଂ ଚିଠା ଅନୁଚ୍ଛେଦ ଗୁଡ଼ିକୁ ସଂପୃକ୍ତ ବିଭାଗର ପ୍ରଧାନ ଶାସନ ସଚିବ/ ଶାସନ ସଚିବ ଏବଂ ଅର୍ଥ ବିଭାଗକୁ ପଠାଯାଇଥାଏ, ଯେଉଁଥିରେ କି ଅଡିଟ୍‌ର ନିଷ୍କର୍ଷ ଗୁଡ଼ିକ ପ୍ରତି ସେମାନଙ୍କର ଦୃଷ୍ଟି ଆକର୍ଷଣ କରାଯାଏ ଏବଂ ନିର୍ଦ୍ଧାରିତ ସମୟ ସୀମା ମଧରେ ପ୍ରତିକ୍ରିୟା ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଏ । ଏହା ମଧ ସେମାନଙ୍କର ବ୍ୟକ୍ତିଗତ ଦୃଷ୍ଟିକୁ ଅଣାଯାଇଥାଏ ଯେ, ଯେହେତୁ ଏହି ଅନୁଚ୍ଛେଦଗୁଡ଼ିକ ସିଏଜିଙ୍କର ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ ହେବାର ସମ୍ଭାବନା ରହିଛି ଏବଂ ଏହାକୁ ବିଧାନ ସଭାରେ ଉପସ୍ଥାପନ କରାଯିବ, ତେଣୁ ଏହି ଅଡିଟ୍ ନିଷ୍କର୍ଷ ଗୁଡ଼ିକ ଉପରେ ସେମାନଙ୍କର ମତାମତ ଅନ୍ତର୍ଭୁକ୍ତ କରିବା ବାଞ୍ଛନୀୟ ଅଟେ ।

ନଭେମ୍ବର 2024 ରୁ ଅଗଷ୍ଟ 2025 ମଧରେ, ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବିତ ଗୋଟିଏ ସମ୍ପାଦନ ସମୀକ୍ଷା ପ୍ରତିବେଦନ, ଦୁଇଟି ବିଷୟ ଭିତ୍ତିକ ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ଏବଂ 12ଟି ଅନୁଚ୍ଛେଦକୁ ସଂପୃକ୍ତ ବିଭାଗର ପ୍ରଧାନ ଶାସନ ସଚିବ/ ଶାସନ ସଚିବ ଏବଂ ଅର୍ଥ ବିଭାଗକୁ ସେମାନଙ୍କ ନାମରେ ସରକାରୀ/ ଅର୍ଦ୍ଧ-ସରକାରୀ ପତ୍ର ମାଧମରେ ପଠାଯାଇଥିଲା । ଏହି ସମୀକ୍ଷା ରିପୋର୍ଟରେ ସ୍ଥାନ ପାଇଥିବା ଆଠଟି ଚିଠା ଅନୁଚ୍ଛେଦର କୌଣସି ଉତ୍ତର ସଂପୃକ୍ତ ବିଭାଗଗୁଡ଼ିକ ପକ୍ଷରୁ ପ୍ରଦାନ କରାଯାଇନଥିଲା ।

ବିଭାଗ ଗୁଡ଼ିକରୁ ପ୍ରାପ୍ତ ପ୍ରତିକ୍ରିୟା ଏବଂ ପ୍ରାରମ୍ଭିକ ଅଡିଟ୍ ମେମୋ/ ଜ୍ଞାପକ ଗୁଡ଼ିକର ଉତ୍ତରଗୁଡ଼ିକୁ, ଯେଉଁଠାରେ ମିଳିଛି, ପ୍ରତିବେଦନରେ ସେହି ଉତ୍ତରଗୁଡ଼ିକୁ ଉପଯୁକ୍ତ ଭାବରେ ଅନ୍ତର୍ଭୁକ୍ତ କରାଯାଇଅଛି ।

---

1 ଅବକାରୀ ବିଭାଗ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ଗୃହ ଓ ନଗର ଉନ୍ନୟନ, ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ମହିଳା ଏବଂ ଶିଶୁ ବିକାଶ, ଅର୍ଥ, ଉଚ୍ଚ ଶିକ୍ଷା, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ; ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା, କ୍ରୀଡ଼ା ଓ ଯୁବସେବା, ସୁଚନା ଏବଂ ଲୋକ ସମ୍ପର୍କ ଏବଂ ଯୋଜନା ଏବଂ ସଂଯୋଜନ ।

2 ସାଧାରଣ ପ୍ରସାଶନ ଏବଂ ସାଧାରଣ ଅଭିଯୋଗ, ସଂସଦୀୟ ବ୍ୟାପାର ବିଭାଗ

### 1.4.4 ସମୀକ୍ଷା ପ୍ରତିବେଦନଗୁଡ଼ିକର ଅନୁପାଳନ ବା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ

ରାଜ୍ୟ ବିଧାନ ସଭାରେ ସିଏଜିଙ୍କ ପ୍ରତିବେଦନ ଉପସ୍ଥାପନ ହେବା ପରେ, ରାଜ୍ୟ ସରକାରଙ୍କର ବିଭାଗଗୁଡ଼ିକ ତିନି ମାସ ମଧ୍ୟରେ ଅଡିଟ୍ ପର୍ଯ୍ୟବେକ୍ଷଣ ଗୁଡ଼ିକର ସ୍ବତଃ ସ୍ଫୁର୍ତ୍ତ ଉତ୍ତର ଦାଖଲ କରିବା ଆବଶ୍ୟକ । ଆର୍ଥିକ ବର୍ଷ 2021-22[3] ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କର ଉପରେ ପ୍ରଦତ୍ତ ସିଏଜିଙ୍କ ପ୍ରତିବେଦନରେ ଅନ୍ତର୍ଭୁକ୍ତ ଅନୁଚ୍ଛେଦଗୁଡ଼ିକର ବକେୟା ଉତ୍ତରର ସମୀକ୍ଷାରୁ ଜଣାପଡ଼ିଲା ଯେ, ସେପ୍ଟେମ୍ବର 2024 ସୁଦ୍ଧା ଚାରୋଟି ବିଭାଗ ସମ୍ବନ୍ଧିତ 12ଟି ଅନୁଚ୍ଛେଦ ଏବଂ ତିନୋଟି ସମ୍ପାଦନ ସମୀକ୍ଷାର ଉତ୍ତର ବକେୟା ରହିଛି ***(ପରିଶିଷ୍ଟ 1.4)*** । ଆର୍ଥିକ ବର୍ଷ 2007-08 ରୁ 2021-22 ସମ୍ପର୍କିତ 609 ଟି ଅନୁଚ୍ଛେଦ ମଧ୍ୟରୁ, 214 ଟି ଅନୁଚ୍ଛେଦକୁ ସରକାରୀ ହିସାବ ସମିତି (ପିଏସି)/ ସରକାରୀ ଉଦ୍ୟୋଗ ସମିତି (କୋପୁ) ଦ୍ୱାରା ଆଲୋଚନା ପାଇଁ ଚୟନ କରାଯାଇଥିଲା ।

ସରକାରୀ ହିସାବ ସମିତି ଏବଂ ସରକାରୀ ଉଦ୍ୟୋଗ ସମିତି କାର୍ଯ୍ୟବିଧି ନିୟମାବଳୀରେ ଥିବା ବ୍ୟବସ୍ଥା ଅନୁସାରେ, ଏହି ସମିତିଗୁଡ଼ିକ ଦ୍ୱାରା ରାଜ୍ୟ ବିଧାନ ସଭାରେ ଉପସ୍ଥାପିତ ହୋଇଥିବା ରିପର୍ଟର ସୁପାରିଶ ଗୁଡ଼ିକ ଉପରେ ପ୍ରଶାସନିକ ବିଭାଗ ଗୁଡ଼ିକ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ । ସେହି ସୁପାରିଶ ଉପରେ ଗ୍ରହଣ କରାଯାଇଥିବା କିମ୍ବା ଗ୍ରହଣ କରିବାକୁ ଥିବା ପଦକ୍ଷେପ ସମ୍ପର୍କିତ ମତାମତ ଚାରିମାସ ମଧ୍ୟରେ ଦାଖଲ କରିବା ଆବଶ୍ୟକ ଅଟେ ।

ଆର୍ଥିକ ବର୍ଷ 2018-19 ରେ ବିଧାନ ସଭାରେ ଉପସ୍ଥାପିତ ସରକାରୀ ହିସାବ ସମିତିର ଏକ ରିପୋର୍ଟ[4] ରେ ଥିବା 15ଟି ଅନୁଚ୍ଛେଦ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସମ୍ବନ୍ଧୀୟ ବିବରଣୀ (ଏଟିଏନ୍), ସେପ୍ଟେମ୍ବର 2024 ସୁଦ୍ଧା ଦୁଇଟି ବିଭାଗ[5] ଦ୍ୱାରା ବିଧାନ ସଭାରେ ଦାଖଲ କରାଯାଇ ନଥିଲା । ପିଏସିର ଏହି ରିପୋର୍ଟ ଗୁଡ଼ିକରେ ଅର୍ଥ ଆଦାୟ, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଇତ୍ୟାଦି ସମ୍ପର୍କିତ ପଦକ୍ଷେପ ପାଇଁ ସୁପାରିଶ କରାଯାଇଥିଲା । କେତେକ ଗୁରୁତ୍ୱପୂର୍ଣ୍ଣ ମାମଲା ***ପରିଶିଷ୍ଟ 1.5*** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

### 1.4.5 ଅଡିଟ୍‌ର ହସ୍ତକ୍ଷେପ ଫଳରେ ଅର୍ଥ ଆଦାୟ ହେବା

2023-24 ଆର୍ଥିକ ବର୍ଷ ମଧ୍ୟରେ, ଅଡିଟ୍ 3,535.77 କୋଟି ଟଙ୍କା ଆଦାୟ କରିବା ପାଇଁ ଦର୍ଶାଇ ଥିଲେ । ସେଥିରୁ 405.82 କୋଟି ଟଙ୍କା ଅଡିଟ୍ ହୋଇଥିବା ସଂସ୍ଥା ଗୁଡ଼ିକ ଦ୍ୱାରା ଗ୍ରହଣ କରାଯାଇଥିଲା । ଗ୍ରହଣ କରାଯାଇଥିବା ଅର୍ଥ ମଧ୍ୟରୁ, ମାର୍ଚ୍ଚ 2024 ସୁଦ୍ଧା ମାତ୍ର 0.39 କୋଟି ଟଙ୍କା ଆଦାୟ କରାଯାଇଥିଲା । ଏହା ବ୍ୟତୀତ ଏହି ବର୍ଷ ମଧ୍ୟରେ ଆଉ 72.66 କୋଟି ଟଙ୍କା ଆଦାୟ କରାଯାଇଛି, ଯାହାକି ପୂର୍ବ ବର୍ଷ ଗୁଡ଼ିକର ବକେୟା ଅନାଦେୟ ରାଶି ଥିଲା ।

## 1.5 ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ପର୍ଯ୍ୟବେକ୍ଷଣ

ବର୍ତ୍ତମାନର ଏହି ପ୍ରତିବେଦନରେ ଗୋଟିଏ ସମ୍ପାଦନ ସମୀକ୍ଷା ଅନୁଚ୍ଛେଦ, ଦୁଇଟି ବିଷୟ-ଭିତ୍ତିକ ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ଏବଂ 12 ଟି ଏକକ ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ଅନ୍ତର୍ଭୁକ୍ତ ରହିଛି । ସେଥିରେ ଥିବା ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟବେକ୍ଷଣ ଗୁଡ଼ିକୁ ନିମ୍ନଲିଖିତ ଅନୁଚ୍ଛେଦ ଗୁଡ଼ିକରେ ସଂକ୍ଷେପରେ ଉପସ୍ଥାପନ କରାଯାଇଅଛି:

### 1.5.1 ରାଜ୍ୟରେ ଜଳ ଜୀବନ ମିଶନର କାର୍ଯ୍ୟାନ୍ୱୟନ ଉପରେ ସଂପାଦନ ସମୀକ୍ଷା

ଭାରତ ସରକାର 2024 ମସିହା ସୁଦ୍ଧା ଦେଶର ପ୍ରତ୍ୟେକ ଗ୍ରାମୀଣ ପରିବାରକୁ 'କାର୍ଯ୍ୟକ୍ଷମ ଘରୋଇ ନଳ ସଂଯୋଗ' (ଏଫ୍‌ଏଚ୍‌ଟିସି) ମାଧ୍ୟମରେ ପାଇପ୍ ଯୋଗେ ଜଳ ଯୋଗାଇ ଦେବା ପାଇଁ ଅଗଷ୍ଟ 2019 ରେ ଏକ

---

3 ଏଥିରେ 2019-20 ପର୍ଯ୍ୟନ୍ତ ସାଧାରଣ ଓ ସାମାଜିକ କ୍ଷେତ୍ର ଉପରେ ସମୀକ୍ଷା ପ୍ରତିବେଦନ, 2020-21 ପାଇଁ ଅନୁପାଳନ ସମୀକ୍ଷା ଏବଂ 2020-21 ପର୍ଯ୍ୟନ୍ତ ସ୍ଥାନୀୟ ନିକାୟ ଉପରେ ଅଡିଟ୍ ରିପୋର୍ଟ ଅନ୍ତର୍ଭୁକ୍ତ ।

4 17 ତମ ପିଏସି ରିପୋର୍ଟ 2018-19

5 ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ

ପ୍ରମୁଖ ଯୋଜନା 'ଜଳ ଜୀବନ ମିଶନ' (ଜେଏମ୍ଏମ୍) ର ଶୁଭାରମ୍ଭ କରିଥିଲେ । ପ୍ରତ୍ୟେକ ଗ୍ରାମୀଣ ପରିବାର ଓ ସାର୍ବଜନୀନ ଅନୁଷ୍ଠାନଗୁଡ଼ିକୁ ଦୀର୍ଘକାଳୀନ ଭିତ୍ତିରେ ନିରାପଦ ପାନୀୟ ଜଳର ସୁନିଶ୍ଚିତତା ପ୍ରଦାନ କରିବା ପାଇଁ ଅଂଶଗ୍ରହଣକାରୀ ଗ୍ରାମୀଣ ଜଳ ଯୋଗାଣ ରଣନୀତି ପ୍ରସ୍ତୁତ କରିବାରେ ରାଜ୍ୟ ଗୁଡ଼ିକୁ ସହାୟତା କରିବା, ସଶକ୍ତ କରିବା ଏବଂ ଆବଶ୍ୟକୀୟ ସୁବିଧା ଯୋଗାଇଦେବା ଏହି ମିଶନର ଲକ୍ଷ୍ୟ ଥିଲା ।

***ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ଫଳାଫଳଗୁଡ଼ିକ ହେଲା :***

- ରାଜ୍ୟ ସରକାର 2024 ସୁଦ୍ଧା ସମସ୍ତ ପରିବାରକୁ କାର୍ଯ୍ୟକ୍ଷମ ଘରୋଇ ଜଳ ସଂଯୋଗ (ଏଫ୍ଏଚ୍‌ଟିସି) ଯୋଗାଇବାରେ ଅସମର୍ଥ ହୋଇଥିଲେ ଏବଂ ରାଜ୍ୟର 31 ପ୍ରତିଶତ ପରିବାର ଏହି ସୁବିଧାରୁ ବଞ୍ଚିତ ରହିଥିଲେ । ନମୁନା ଯାଞ୍ଚ କରାଯାଇଥିବା ପାଞ୍ଚଟି ଜିଲ୍ଲା ମଧ୍ୟରୁ କନ୍ଧମାଳ ଜିଲ୍ଲାରେ ସର୍ବାଧିକ (69.65 ପ୍ରତିଶତ) ପରିବାରକୁ ସଂଯୋଗ ମିଳିଥିବା ବେଳେ ମାଲକାନଗିରି ଜିଲ୍ଲାରେ ଏହା ସବୁଠାରୁ କମ୍ (11.20 ପ୍ରତିଶତ) ରହିଥିଲା ।

- ଓଡ଼ିଶା ସରକାର 2019-24 ମଧ୍ୟରେ ରାଜ୍ୟରେ 207 ଟି ବୃହତ୍ ଜଳ ଯୋଗାଣ ପ୍ରକଳ୍ପ ହାତକୁ ନେଇଥିଲେ, ଯେଉଁଥିରୁ 133 ଟି ପ୍ରକଳ୍ପ ଜଳ ଜୀବନ ମିଶନ (ଜେଏମ୍ଏମ୍) ଅଧୀନରେ କାର୍ଯ୍ୟକାରୀ କରାଯାଉଥିଲା । ଜୁନ୍ 2024 ସୁଦ୍ଧା, ଏହି ବୃହତ୍ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକ ମଧ୍ୟରୁ ମାତ୍ର ଦୁଇଟି ସମସ୍ତ ଦିଗରୁ ସଂପୂର୍ଣ୍ଣ ହୋଇପାରିଥିଲା ।

- ଗ୍ରାମ କାର୍ଯ୍ୟ ଯୋଜନା (ଭିଏପି) ପ୍ରସ୍ତୁତିରେ ବିଳମ୍ବ ହୋଇଥିବା ଅଡିଟ୍ ଲକ୍ଷ୍ୟ କରିଥିଲେ । 39ଟି ଗ୍ରାମ ମଧ୍ୟରୁ 24ଟିରେ, ଯେଉଁଠାରେ ଭିଏପି ପ୍ରସ୍ତୁତ କରାଯାଇଥିଲା, ସେଗୁଡିକର ଅନୁମୋଦନ ପାଇଁ ଗ୍ରାମସଭା ଅନୁଷ୍ଠିତ ହୋଇନଥିଲା, ଯାହାକି ମାର୍ଗଦର୍ଶିକା ଅନୁଯାୟୀ ଆବଶ୍ୟକ ଥିଲା ।

- କନ୍ଧମାଳ ବ୍ୟତୀତ ଅନ୍ୟ କୌଣସି ଜିଲ୍ଲାରେ ଜିଲ୍ଲା କାର୍ଯ୍ୟ ଯୋଜନା (ଡିଏପି) ପ୍ରସ୍ତୁତ କରାଯାଇନଥିଲା । ଏହି କାରଣରୁ, ଜିଲ୍ଲା କାର୍ଯ୍ୟ ଯୋଜନା ଆଧାରରେ ପ୍ରସ୍ତୁତ ହେବାକୁ ଥିବା ରାଜ୍ୟ କାର୍ଯ୍ୟ ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଇପାରିନଥିଲା । ଫଳସ୍ୱରୂପ ଯୋଜନା ପ୍ରସ୍ତୁତିର ନିମ୍ନରୁ ଉର୍ଦ୍ଧ୍ୱଗାମୀ ଆଭିମୁଖ୍ୟ ବାଧାପ୍ରାପ୍ତ ହୋଇଥିଲା ।

- ରାଜ୍ୟ ଜଳ ଓ ପରିମଳ ମିଶନ (ଏସ୍‌ଡବ୍ଲ୍ୟୁଏସ୍ଏମ୍) ର ସର୍ବୋଚ୍ଚ କମିଟିର ଅନ୍ୟତମ ମୁଖ୍ୟ କାର୍ଯ୍ୟ ଥିଲା ପରିଚାଳନା ଓ ରକ୍ଷଣାବେକ୍ଷଣ (ଓଆଣ୍ଡ୍ଏମ୍) ରଣନୀତି ପ୍ରସ୍ତୁତ କରିବା ଏବଂ ଜନସମୁଦାୟ ମଧ୍ୟରେ ଜଳ ସଂରକ୍ଷଣ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ଯୋଜନାର ନେତୃତ୍ୱ ନେବା । ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ, ଏକ ସୁଦୃଢ଼ ପରିଚାଳନା ଓ ରକ୍ଷଣାବେକ୍ଷଣ ଯୋଜନାର ଅଭାବ ରହିଥିଲା ଏବଂ ଜଳ ଯୋଗାଣ ପ୍ରକଳ୍ପ ଗୁଡ଼ିକର ଦୀର୍ଘକାଳୀନ ସ୍ଥିରତା ପାଇଁ ଜଳ ସଂରକ୍ଷଣ ଓ ଗୋଷ୍ଠୀଗତ ମାଲିକାନା ଇତ୍ୟାଦି ବିଷୟରେ ଜନସମୁଦାୟକୁ ସଚେତନ ଓ ସମ୍ବେଦନଶୀଳ କରିବା ପାଇଁ ରାଜ୍ୟ ପକ୍ଷରୁ ପର୍ଯ୍ୟାପ୍ତ ଆଇଇସି କାର୍ଯ୍ୟକଳାପ କରାଯାଇନଥିଲା ।

- ଗ୍ରାମ୍ୟ ଜଳ ଯୋଗାଣ କମିଟି (ଭିଡବ୍ଲ୍ୟୁସିଏସ୍) ଗୁଡ଼ିକ ସମସ୍ତ ପରିବାରକୁ କାର୍ଯ୍ୟକ୍ଷମ ଘରୋଇ ନଳ ସଂଯୋଗ ସୁନିଶ୍ଚିତ କରିବା ପାଇଁ ଏକ ଆଇନଗତ ସଂସ୍ଥା ରୂପରେ କାର୍ଯ୍ୟ କରିବାର ଥିଲା । ରାଜ୍ୟରେ ଧାର୍ଯ୍ୟ କରାଯାଇଥିବା 46,422 ଟି ଲକ୍ଷ୍ୟ ମଧ୍ୟରୁ 45,044 ଟି ଗ୍ରାମ୍ୟ ଜଳ ଯୋଗାଣ କମିଟି ଗଠନ କରାଯାଇଥିଲା ଯାହାକି ଏହି ଯୋଜନାର ସଫଳ ରୂପାୟନକୁ ପ୍ରତିକୂଳ ଭାବରେ ପ୍ରଭାବିତ କରିଥିଲା ।

- ସହାୟକ କାର୍ଯ୍ୟକଳାପ ଏବଂ ଜଳର ଗୁଣବତ୍ତା ପରିଚାଳନା ଓ ତଦାରଖ କ୍ଷେତ୍ରରେ ଖର୍ଚ୍ଚ ହୋଇଥିବା ଅର୍ଥ ଅତି ନଗଣ୍ୟ ଥିଲା । ଅନୁମୋଦିତ ପାଣ୍ଠିର 5 ପ୍ରତିଶତ ଏବଂ 2 ପ୍ରତିଶତ ସୀମା ତୁଳନାରେ ଏହା ଯଥାକ୍ରମେ ମାତ୍ର 2.20 ପ୍ରତିଶତ ଓ 0.38 ପ୍ରତିଶତ ରହିଥିଲା । ସହାୟକ କାର୍ଯ୍ୟକଳାପ ଏବଂ ଜଳର ଗୁଣବତ୍ତା ପରିଚାଳନା ଓ ତଦାରଖ କ୍ଷେତ୍ରରେ ଏଭଳି ସ୍ୱଳ୍ପ ବ୍ୟୟ ଦର୍ଶାଏ ଯେ, ଏହି ଉପାଦାନଗୁଡ଼ିକ ଅଧୀନରେ ଥିବା ଯୋଜନାବଦ୍ଧ କାର୍ଯ୍ୟ ଗୁଡ଼ିକର କାର୍ଯ୍ୟକାରିତା ଦୃଷ୍ଟିରୁ ଯୋଜନାର ପ୍ରଦର୍ଶନ ନିମ୍ନମାନର ରହିଛି ।

- ରାଜ୍ୟର 77ଟି ପରୀକ୍ଷାଗାର ମଧ୍ୟରୁ କେବଳ 26ଟି ଏନ୍‌ଏବିଏଲ୍ ମାନ୍ୟତାପ୍ରାପ୍ତ ଏବଂ 17 ଟି ପରୀକ୍ଷାଗାର ଏନ୍‌ଏବିଏଲ୍ ସ୍ୱୀକୃତିପ୍ରାପ୍ତ ଥିଲା । ବାକି 34ଟି ପରୀକ୍ଷାଗାର ନା ଏନ୍‌ଏବିଏଲ୍ ମାନ୍ୟତା ପାଇଥିଲେ ନା ସ୍ୱୀକୃତି ମିଳିଥିଲା । ଜିଲ୍ଲା ଏବଂ ସବ୍‌ଡିଭିଜନରେ ଥିବା ପରୀକ୍ଷାଗାର ଗୁଡିକ ଜଳର ଗୁଣବତ୍ତା ଯାଞ୍ଚ ପାଇଁ ଆବଶ୍ୟକୀୟ ପାରାମିଟର ପରୀକ୍ଷା କରିବାରେ ବିଫଳ ହୋଇଥିଲେ । ଏହା ବ୍ୟତୀତ, କର୍ମଚାରୀଙ୍କ ଅଭାବ, ପ୍ରଶିକ୍ଷଣର ଅଭାବ ଏବଂ ଅଚଳ ଯନ୍ତ୍ରପାତି ଯୋଗୁଁ ପରୀକ୍ଷାଗାର ଗୁଡିକରେ ଜଳ ପରୀକ୍ଷଣର ମାନ ବାଧାପ୍ରାପ୍ତ ହୋଇଥିଲା ।

- ଯୋଜନା ପ୍ରସ୍ତୁତି ସମୟରେ ନିର୍ଦ୍ଧାରିତ ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ନ ହେବା ଏବଂ ପର୍ଯ୍ୟାପ୍ତ ପରିମାଣର ଜଳ ଯୋଗାଣ ସୁନିଶ୍ଚିତ କରିବା ସହ ଜଳର ଅପଚୟ ରୋକିବା ପାଇଁ କାର୍ଯ୍ୟକ୍ଷମ ଘରୋଇ ଜଳ ସଂଯୋଗ ଗୁଡିକରେ ସେନସର ବା ଜଳ ମିଟର ସ୍ଥାପନ ନ କରିବା ଦ୍ୱାରା ରାଜ୍ୟର ନିରୀକ୍ଷଣ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି ।

**ଏଥିପାଇଁ ନିମ୍ନଲିଖିତ ସୁପାରିଶ କରାଯାଉଅଛି :**

1. ସରକାର ସମସ୍ତ ଗ୍ରାମରେ ଗ୍ରାମ୍ୟ ଜଳ ଯୋଗାଣ କମିଟି ଗଠନ କରିବା ଏବଂ ନିରୀକ୍ଷଣ, ଦକ୍ଷତା ବିକାଶ, ଆଇଇସି (ସୂଚନା, ଶିକ୍ଷା ଏବଂ ଯୋଗାଯୋଗ) କାର୍ଯ୍ୟକଳାପ ଇତ୍ୟାଦି ମାଧ୍ୟମରେ ସେମାନଙ୍କର କାର୍ଯ୍ୟକୁ ମଜବୁତ୍ କରିବା ପାଇଁ ପଦକ୍ଷେପ ନେଇପାରିବେ, ଯାହା ଦ୍ୱାରା ସେମାନେ ସ୍ଥାୟୀ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ସେମାନଙ୍କର ଭୂମିକାକୁ ପ୍ରଭାବଶାଳୀ ଭାବରେ ନିର୍ବାହ କରିପାରିବେ ।

2. ଗ୍ରାମାଞ୍ଚଳର ଲୋକମାନଙ୍କୁ ପର୍ଯ୍ୟାପ୍ତ ଏବଂ ନିରାପଦ ପାନୀୟ ଜଳ ଯୋଗାଣ ପାଇଁ ସରକାର ବାକି ରହିଯାଇଥିବା ବସତି ଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ଅନ୍ତର୍ଭୁକ୍ତ କରିବା ପାଇଁ ଏକ ରଣନୀତିକ ଯୋଜନା ପ୍ରସ୍ତୁତ କରିପାରିବେ । ମିଶନର ଉଦ୍ଦେଶ୍ୟ ହାସଲ କରିବା ଲାଗି ରାଜ୍ୟ ଜଳ ଓ ପରିମଳ ମିଶନ୍ ମଧ୍ୟ ଗ୍ରାମାଞ୍ଚଳର ଲୋକମାନଙ୍କ ମଧ୍ୟରେ ଦକ୍ଷତାବୃଦ୍ଧି, ତାଲିମ୍, ପରିଚାଳନା ଓ ରକ୍ଷଣାବେକ୍ଷଣ ଏବଂ ଆଇଇସି କାର୍ଯ୍ୟକଳାପ ପାଇଁ ଯୋଜନା ପ୍ରସ୍ତୁତ କରିପାରନ୍ତି, ଯାହାକୁ ଆରଡବ୍ଲ୍ୟୁଏସ୍‌ଏସ୍ ଡିଭିଜନଗୁଡ଼ିକ ଦ୍ୱାରା ସେମାନଙ୍କର କ୍ଷେତ୍ରାଧିକାର ମଧ୍ୟରେ ତୀକ୍ଷ୍ଣ ଭାବେ ତଦାରଖ କରାଯାଇପାରିବ ।

3. ଜଳ ଯୋଗାଣ ବ୍ୟବସ୍ଥାର ଦୀର୍ଘକାଳୀନ ସ୍ଥାୟିତ୍ୱ ଏବଂ ଗୁଣାତ୍ମକ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ସରକାର ସହାୟକ କାର୍ଯ୍ୟକଳାପ ଏବଂ ଜଳର ଗୁଣବତ୍ତା ନିରୀକ୍ଷଣ ଏବଂ ତଦାରଖ କ୍ଷେତ୍ରରେ ନିଜର ବ୍ୟୟକୁ ମାର୍ଗଦର୍ଶିକା ଅନୁଯାୟୀ ଅନୁମୋଦିତ ସୀମା ପର୍ଯ୍ୟନ୍ତ ବୃଦ୍ଧି କରିପାରନ୍ତି ।

4. ମିଶନ ଅବଧି ମଧ୍ୟରେ ସମସ୍ତ ଗ୍ରାମୀଣ ପରିବାରକୁ ଘରୋଇ ଜଳ ସଂଯୋଗ ପ୍ରଦାନ କରିବା ପାଇଁ ସରକାର ମେଗା/ ବୃହତ୍ ପ୍ରକଳ୍ପ ସମେତ ପାଇପ ଜଳ ଯୋଗାଣ ପ୍ରକଳ୍ପ ଗୁଡିକର ଶୀଘ୍ର ସଂପୂର୍ଣ୍ଣ କରିବା ପାଇଁ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିପାରନ୍ତି ।

5. ଯୋଜନା ପ୍ରସ୍ତୁତ କରିବା ସମୟରେ ସରକାର ଜଳ ଉତ୍ସର ସ୍ଥାୟିତ୍ୱ ବୃଦ୍ଧି କରିବା ଉପରେ ଧ୍ୟାନ ଦେବା ଉଚିତ୍ ଏବଂ ପ୍ରକଳ୍ପ ଗୁଡିକ ଯେପରି ସେମାନଙ୍କର ସଂପୂର୍ଣ୍ଣ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବେ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଉଚିତ୍ ।

***(ଅନୁଚ୍ଛେଦ 2.1)***

### 1.5.2 ଉଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଜମିର ଅନ୍ତିମ ବ୍ୟବହାରର ତଦାରଖ

ସାଧାରଣ ଉଦ୍ଦେଶ୍ୟ ଏବଂ ଶିଳ୍ପ ଓ ଭିତ୍ତିଭୂମି ପ୍ରକଳ୍ପ ପାଇଁ, ଉଭୟ ସରକାରୀ ଏବଂ ବେସରକାରୀ ଜମିର ରୂପାନ୍ତରଣ ପ୍ରକ୍ରିୟାର ପରିଚାଳନା ପାଇଁ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଦାୟୀ ଅଟେ ।

ନିର୍ଦ୍ଧାରିତ ଉଦ୍ଦେଶ୍ୟରେ ଜମିର ଅନ୍ତିମ ବ୍ୟବହାରର ଅନୁଧ୍ୟାନ ଉପରେ ଏକ ବିଷୟ ଭିତ୍ତିକ ଅନୁପାଳନ ଅଡିଟ୍ ଆଠଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ 24ଟି ତହସିଲରେ କରାଯାଇଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ନିମ୍ନଲିଖିତ ବିଷୟ ଗୁଡିକର ଯାଞ୍ଚ କରିବା ଥିଲା (କ) ଶିଳ୍ପ ଭିତ୍ତିକ ଉଦ୍ଦେଶ୍ୟ ପାଇଁ ଆବଣ୍ଟିତ ଜମି ମଞ୍ଜୁରୀ ଆଦେଶ ଅନୁଯାୟୀ

ଅଛି କି ନାହିଁ ଏବଂ ଏହା ନିର୍ଦ୍ଧାରିତ କାର୍ଯ୍ୟରେ ବ୍ୟବହୃତ ହେଉଛି ନା ନାହିଁ (ଖ) କୃଷି ଭିତ୍ତିକ ଜମିର ରୂପାନ୍ତରଣ ଆଇନ ଅନୁଯାୟୀ ହୋଇଛି କି ନାହିଁ ଏବଂ ଯେଉଁ ଉଦ୍ଦେଶ୍ୟ ପାଇଁ ଏହାର ରୂପାନ୍ତରଣ କରାଯାଇଥିଲା, ସେହି କାର୍ଯ୍ୟରେ ଏହା ବିନିଯୋଗ ହେଉଛି କି ନାହିଁ ।

***ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ନିଷ୍କର୍ଷ ଗୁଡିକ ହେଲା :***

- 1981 ରୁ 2021 ମଧ୍ୟରେ ଶିଳ୍ପ ପ୍ରତିଷ୍ଠା ଏବଂ ଏହାର ଆନୁଷଙ୍ଗିକ କାର୍ଯ୍ୟକଳାପ ପାଇଁ ବଣ୍ଟନ କରାଯାଇଥିବା 12,393.651 ଏକର ଜମି ନିର୍ଦ୍ଧାରିତ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇନାହିଁ । ଏଥି ସହିତ ଆବଣ୍ଟିତ ଜମି ମଧ୍ୟରୁ 252.692 ଏକର ଜମିକୁ ଯେଉଁ ଉଦ୍ଦେଶ୍ୟରେ ମଞ୍ଜୁର କରାଯାଇଥିଲା, ତାହା ବ୍ୟତୀତ ଅନ୍ୟ କାର୍ଯ୍ୟରେ ବ୍ୟବହାର କରାଯାଇଛି ।
- ଓଡିଶା ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ସ୍ଥାନାନ୍ତରଣ ନିୟମାବଳୀରେ ଉଲ୍ଲେଖ ଥିବା ଗ୍ରାମଭିତ୍ତିକ ଜମି ବ୍ୟାଙ୍କ ଅଭାବରୁ 597.87 କୋଟି ଟଙ୍କାର ମୂଲ୍ୟର ପ୍ରାୟ 668.893 ଏକର ସରକାରୀ ଜମି ଅନଧିକୃତ ଦଖଲରେ ରହିଛି ।
- ନମୁନା ଭାବରେ ନିଆ ହୋଇଥିବା 24ଟି ତହସିଲରେ, 504.768 ଏକର କୃଷି ଜମିକୁ ଅଣ-କୃଷି କାର୍ଯ୍ୟ ଯଥା- ଶିକ୍ଷାନୁଷ୍ଠାନ, ଶିଳ୍ପ ଏବଂ ଆର୍ଥିକ ସଂଗଠନ ପ୍ରତିଷ୍ଠା ପାଇଁ ବ୍ୟବହାର କରାଯାଇଛି ।
- ଦୁଇଟି ତହସିଲରେ, ପ୍ଲଟ ଗୁଡିକୁ ଯିବା ପାଇଁ କୌଣସି ପ୍ରକୃତ ରାସ୍ତା ନ ଥାଇ ମଧ୍ୟ 10.085 ଏକର କୃଷି ଜମିକୁ ଘରବାରି ଶ୍ରେଣୀକୁ ପରିବର୍ତ୍ତନ କରାଯାଇଛି ।
- ନମୁନା ଭାବରେ ନିଆଯାଇଥିବା, 6ଟି ତହସିଲରେ, କେନ୍ଦ୍ର ସରକାରଙ୍କର ପୂର୍ବ ଅନୁମତି ବିନା 568.876 ଏକର ଜଙ୍ଗଲ ଜମିକୁ ଅଣ-ଜଙ୍ଗଲ କାର୍ଯ୍ୟରେ ବ୍ୟବହାର କରାଯାଇଛି । ଏହା ବ୍ୟତୀତ, ବନ୍ୟ ପ୍ରାଣୀ ସଂରକ୍ଷଣ ଆଇନର ନିୟମାବଳୀକୁ ଅବଜ୍ଞା କରି ବନ୍ୟ ପ୍ରାଣୀ ଅଭୟାରଣ୍ୟ ଅଞ୍ଚଳ ମଧ୍ୟରେ ଆସୁଥିବା 13.65 ଏକର ଜମିକୁ 156ଟି ସବ୍-ପ୍ଲଟ କରି ବିକ୍ରି କରାଯାଇଛି । ପୁରୀ ଏବଂ ଖୋର୍ଦ୍ଧା ଜିଲ୍ଲାରେ, ଇକୋ ସେନ୍‌ସିଟିଭ୍‌ର ଜୋନ୍ ମଧ୍ୟରେ ଥିବା 41.65 ଏକର ଜମିକୁ ଏପରି କାର୍ଯ୍ୟରେ ବ୍ୟବହାର କରାଯାଇତଛି, ଯାହା ଇଏସ୍‌ଜେଡ୍ ବିଜ୍ଞପ୍ତି ଅନୁଯାୟୀ ଅନୁମତି ପ୍ରାପ୍ତ ନୁହେଁ ।
- ବର୍ଣ୍ଣିତ ଜମିର ସଠିକ୍ ବ୍ୟବହାର ସଂପର୍କିତ ମାସିକ/ ତ୍ରୈମାସିକ ଅନୁମତି ରିପୋର୍ଟ ପ୍ରଦାନ, ଅବ୍ୟବହୃତ ଜମିକୁ ପୁଣି ସରକାରୀ ଦଖଲକୁ ଦେବା ଏବଂ କୃଷି ଜମିର ଅଣ-କୃଷି ଜାର୍ଯ୍ୟରେ ଅନଧିକୃତ ବ୍ୟବହାରକୁ ଚିହ୍ନଟ କରିବା ଭଳି କୌଣସି ଅନୁଧ୍ୟାନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇନାହିଁ ।

*ଏଥିପାଇଁ ନିମ୍ନଲିଖିତ ସୁପାରିଶ କରାଯାଇଛି:*

- ***ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଆବଣ୍ଟିତ ଜମିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଉଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ବ୍ୟବହାର ସୁନିଶ୍ଚିତ କରିବାକୁ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିପାରେ । ଯେଉଁ ମାମଲାରେ ଆବଣ୍ଟିତ ଜମି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଉଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ବ୍ୟବହୃତ ହୋଇନଥାଏ, ସେହି ଜମିକୁ ପୁନଃ ସରକାରଙ୍କ ନିକଟକୁ ପୁନଃସ୍ଥାପନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇପାରେ ।***
- *ଓଡିଶା ଆର୍‌ଏଫ୍‌ସିଟିଏଲ୍‌ଏଆରଆର, **2016** ଅନୁଯାୟୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଲ୍ୟାଣ୍ଡ ବ୍ୟାଙ୍କ ଗଠନ କରିପାରନ୍ତି ଏବଂ ସରକାରୀ ଜମିର ଜବରଦଖଲ ରୋକିବା ସହ ଜବରଦଖଲକାରୀଙ୍କୁ ହଟାଇବା ଦିଗରେ କଠୋର ପଦକ୍ଷେପ ନେଇପାରନ୍ତି ।*
- *ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏହା ନିଶ୍ଚିତ କରିବା ଉଚିତ ଯେ କୃଷି ଜମିର ରୂପାନ୍ତରଣ ଯେପରି ସମସ୍ତ ବିଧିବଦ୍ଧ ପ୍ରକ୍ରିୟା ଅନୁସରଣ କରି କରାଯାଏ । ଏହାସହ, କୃଷି ଜମିକୁ କୃଷି ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ଅନଧିକୃତ ବ୍ୟବହାର ରୋକିବା ପାଇଁ ଏକ ସୁଦୃଢ ବ୍ୟବସ୍ଥା ଗ୍ରହଣ କରାଯିବା ସହ ଏପରି ଅନଧିକୃତ ବ୍ୟବହାର ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବା ଉଚିତ୍ ।*

***(ଅନୁଚ୍ଛେଦ 3.1)***

### 1.5.3 ରାଜ୍ୟରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର କାର୍ଯ୍ୟାନ୍ୱୟନ

ଗ୍ରାମାଞ୍ଚଳର ସଂଯୋଗ ବିହୀନ ବସତିଗୁଡ଼ିକୁ ସବୁଦିନିଆ ପକ୍କା ରାସ୍ତା ମାଧ୍ୟମରେ ସଂଯୋଗ କରିବା ପାଇଁ ଭାରତ ସରକାର 25 ଡିସେମ୍ବର 2000 ରେ 'ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା' (ପିଏମ୍‌ଜିଏସ୍‌ୱାଇ)ର ଶୁଭାରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ଅଗଷ୍ଟ 2013 ରେ, ଗ୍ରାମୀଣ ବଜାର କେନ୍ଦ୍ର ଏବଂ ଗ୍ରାମୀଣ କେନ୍ଦ୍ର ଗୁଡ଼ିକର ବିକାଶରେ ସହାୟତା ପାଇଁ ଏହି ଯୋଜନା ଅଧୀନରେ ନିର୍ମିତ ରାସ୍ତା ଗୁଡ଼ିକର ଉନ୍ନତିକରଣର ଲକ୍ଷ୍ୟ ନେଇ ପିଏମ୍‌ଜିଏସ୍‌ୱାଇ-II ଆରମ୍ଭ କରାଯାଇଥିଲା । ଏହାପରେ 2019 ରେ ପିଏମ୍‌ଜିଏସ୍‌ୱାଇ-III ଆରମ୍ଭ ହୋଇଥିଲା, ଯାହାର ଲକ୍ଷ୍ୟ, ଗ୍ରାମୀଣ ବଜାର, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ଭଳି ଗୁରୁତ୍ୱପୂର୍ଣ୍ଣ ସୁବିଧାଗୁଡ଼ିକୁ ପ୍ରାଥମିକତା ଦେଇ ବିଦ୍ୟମାନ ମୁଖ୍ୟ ରାସ୍ତା ଏବଂ ସଂଯୋଗକାରୀ ରାସ୍ତା ଗୁଡ଼ିକର ଉନ୍ନତିକରଣ କରିବା ଥିଲା । ଯୋଜନାର ଲକ୍ଷ୍ୟ ହାସଲ ଦିଗରେ (କ) ଯୋଜନା ପ୍ରସ୍ତୁତି ପ୍ରକ୍ରିୟାର ପର୍ଯ୍ୟାପ୍ତତା (ଖ) ପାଣ୍ଠିର ଆବଣ୍ଟନ ଓ ପ୍ରଦାନ ଏବଂ (ଗ) ନିରୀକ୍ଷଣ ଏବଂ ଗୁଣବତ୍ତା ନିୟନ୍ତ୍ରଣ ବ୍ୟବସ୍ଥାର ପ୍ରଭାବଶୀଳତାକୁ ଆକଳନ କରିବା ପାଇଁ ସାତଟି ନମୁନା ଭାବରେ ନିଆଯାଇଥିବା ଜିଲ୍ଲାର 15 ଟି ଗ୍ରାମ୍ୟ ନିର୍ମାଣ (ଆର୍‌ଡବ୍ଲ୍ୟୁ) ଡ଼ିଭିଜନ୍‌ରେ ଏକ ବିଷୟ-ଭିତ୍ତିକ ଅନୁପାଳନ ଅଡିଟ୍ କରାଯାଇଥିଲା । ପିଏମ୍‌ଜିଏସ୍‌ୱାଇ ଅଧୀନରେ, ଜାତୀୟ ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାସ ସଂସ୍ଥା (ଏନ୍‌ଆର୍‌ଆଇଡିଏ) ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଧାରିତ ମାନୁଆଲ ଏବଂ ନିର୍ଦ୍ଦେଶାବଳୀ ଅନୁଯାୟୀ ବିସ୍ତୃତ ପ୍ରକଳ୍ପ ରିପୋର୍ଟ(ଡିପିଆର୍) ପ୍ରସ୍ତୁତ କରାଯାଇଥାଏ ।

***ପ୍ରମୁଖ ଅଡିଟ୍ ଫଳାଫଳ ଗୁଡ଼ିକ ହେଲା:***

- ପିଏମ୍‌ଜିଏସ୍‌ୱାଇ-III ଅଧୀନରେ ଅନୁମୋଦନ ମିଳିଥିଲେ ସୁଦ୍ଧା, ବିଭାଗ ମାର୍ଚ୍ଚ 2025 ସୁଦ୍ଧା ଧାର୍ଯ୍ୟ ସମୟସୀମା ମଧ୍ୟରେ 20.71 ଲକ୍ଷ ଜନସଂଖ୍ୟା ବିଶିଷ୍ଟ 2,428 ଟି ଜନବସତିକୁ ସଂଯୋଗୀକରଣ ଯୋଗାଇବାରେ ବିଫଳ ହୋଇଛନ୍ତି ।
- 32ଟି ପ୍ରକଳ୍ପରେ, କାର୍ଯ୍ୟାଦେଶ ପ୍ରଦାନ ପୂର୍ବରୁ ଜମି ଏବଂ ଜଙ୍ଗଲ ମଞ୍ଜୁରୀ ନିଶ୍ଚିତ ନକରିବା ଫଳରେ 48.52 କୋଟି ଟଙ୍କାର ବ୍ୟୟ ବୃଥା ହୋଇଛି ।
- 16 ଟି ଗ୍ରାମ୍ୟ ନିର୍ମାଣ (ଆର୍‌ଡବ୍ଲ୍ୟୁ) ଡ଼ିଭିଜନ୍ ଦ୍ୱାରା ହାତକୁ ନିଆ ଯାଇଥିବା 488 ଟି ପ୍ରକଳ୍ପର ମୂଲ୍ୟ ଆକଳନରେ, ଠିକାଦାରଙ୍କର ଲାଭ, ଏବଂ ଓଭରହେଡ୍ ଖର୍ଚ୍ଚ (ଅତିରିକ୍ତ ଦେୟ ବ୍ୟୟ)କୁ ବଢ଼ାଇ ଦର୍ଶାଯିବା ଫଳରେ ଠିକାଦାର ମାନଙ୍କୁ 32.39 କୋଟି ଟଙ୍କା ଅଧିକ ପୈଠ କରାଯାଇଛି ।
- 11 ଟି ଡ଼ିଭିଜନ୍‌ର 107 ଟି କାର୍ଯ୍ୟରେ, ଅନାବଶ୍ୟକ ଭାବେ ଲିଡ୍ ଚାର୍ଜ ଅନ୍ତର୍ଭୁକ୍ତ କରାଯିବା ଯୋଗୁଁ 15.90 କୋଟି ଟଙ୍କାର ଅଧିକ ଖର୍ଚ୍ଚ ହୋଇଛି, ଯାହାକୁ କି ଏଡ଼ାଇ ଦିଆଯାଇପାରିଥାନ୍ତା ।
- ଦୁର୍ବଳ ଚୁକ୍ତିନାମା ପରିଚାଳନା ଯୋଗୁଁ କାର୍ଯ୍ୟର ମନ୍ଥର ଗତି କାରଣରୁ ଅନେକ ପ୍ରକଳ୍ପ ଅଧାବାଟରେ ବନ୍ଦ ହୋଇଯାଉଛି, ଯାହାଫଳରେ 32.27 କୋଟି ଟଙ୍କାର ବ୍ୟୟ ନିରର୍ଥକ ହୋଇଛି ।
- ଅନ୍ୟାନ୍ୟ ତ୍ରୁଟି ମଧ୍ୟରେ ଅଯୋଗ୍ୟ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ, 127 ଟି କାର୍ଯ୍ୟର 40.55 କୋଟି ଟଙ୍କାର କ୍ଷତିପୂରଣ ଆଦାୟ ନହେବା ଏବଂ 30 ଟି ପ୍ରକଳ୍ପରେ ନିୟମିତ ରକ୍ଷଣାବେକ୍ଷଣ କରାଯାଇନଥିବାରୁ 23.02 କୋଟି ଟଙ୍କାର ଅନାବଶ୍ୟକ ଖର୍ଚ୍ଚ ଅନ୍ତର୍ଭୁକ୍ତ ।
- ତିନୋଟି ତ୍ରୁଟିପୂର୍ଣ୍ଣ ରାସ୍ତାର ମରାମତି କରାଯାଇନଥିବାରୁ 15.19 କୋଟି ଟଙ୍କାର ବ୍ୟୟ ନିଷ୍ଫଳ ହୋଇଛି ।
- କାର୍ଯ୍ୟର ଗୁଣବତ୍ତା ନିଶ୍ଚିତ କରିବା ପାଇଁ ରାଜ୍ୟ ଗୁଣବତ୍ତା ଅନୁଧାନକାରୀମାନଙ୍କ (ଏସ୍‌କ୍ୟୁଏମ୍) ଦ୍ୱାରା କରାଯାଇଥିବା ପରିଦର୍ଶନରେ 67 ପ୍ରତିଶତ ଅଭାବ ପରିଲକ୍ଷିତ ହୋଇଛି । ଏଥି ସହିତ, ଯେଉଁ ଏସ୍‌କ୍ୟୁଏମ୍‌ମାନେ ନିର୍ଦ୍ଧାରିତ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ ମାନଦଣ୍ଡ ପୂରଣ କରିବାରେ ବିଫଳ ହୋଇଥଲେ, ସେମାନଙ୍କୁ ପ୍ୟାନେଲରୁ ବାଦ ନଦେବା ଫଳରେ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଇଛି ।

*ଏଥିପାଇଁ ନିମ୍ନଲିଖିତ ସୁପାରିଶ କରାଯାଇଛି :*

- *ବିଭାଗ ନିଶ୍ଚିତ ଭାବରେ କାର୍ଯ୍ୟସ୍ଥଳର ପର୍ଯ୍ୟାପ୍ତ ସର୍ବେକ୍ଷଣ ଓ ଅନୁସନ୍ଧାନ କରନ୍ତୁ, ଯାହା ଆଧାରରେ ଜମି ଅଧିଗ୍ରହଣ କିମ୍ବା ଜଙ୍ଗଲ ଜମି ମଞ୍ଜୁରୀର ଆବଶ୍ୟକତାକୁ ନିର୍ଦ୍ଧାରଣ କରାଯାଇ ଡିପିଆର୍‌ରେ ଅନ୍ତର୍ଭୁକ୍ତ କରାଯାଇପାରିବ ।*
- *କାର୍ଯ୍ୟରେ ସମାନତା, ଗୁଣବତ୍ତା, ବ୍ୟୟ ପ୍ରଭାବଶୀଳତା ଏବଂ ଆର୍ଥିକ ନିୟନ୍ତ୍ରଣ ସୁନିଶ୍ଚିତ କରିବା ପାଇଁ ସମସ୍ତ କ୍ଷେତ୍ରରେ ନିର୍ଦ୍ଧାରିତ ଆଇଆର୍‌ସି ମାନକ ଏବଂ ଏନ୍‌ଆର୍‌ଆଇଡିଏ ନିୟମ ଅନୁଯାୟୀ ମୂଲ୍ୟ ଆକଳନ ପ୍ରସ୍ତୁତ କରାଯିବା ଉଚିତ୍ ।*
- *ପିଏମ୍‌ଜିଏସ୍‌ୱାଇ ଅଧୀନରେ ଥିବା ସଡ଼କ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟକାରିତାକୁ ନିୟମିତ ଅନୁଧାନ କରାଯିବା ଉଚିତ୍, ଯେପରି କାର୍ଯ୍ୟଗୁଡ଼ିକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାପ୍ତ ହୋଇପାରିବ । କାର୍ଯ୍ୟ ସମାପ୍ତିରେ ବିଳମ୍ବ ଏବଂ ନିର୍ମିତ ସମ୍ପତ୍ତିର ରକ୍ଷଣାବେକ୍ଷଣ ନ କରିବା ପାଇଁ ବିଭାଗ ଠିକାଦାର ମାନଙ୍କର ଉତ୍ତର ଦାୟୀତ୍ୱ ନିଶ୍ଚିତ କରିପାରନ୍ତି ।*
- *ବିଭାଗ ପାଣ୍ଠିର ସଠିକ୍ ପରିଚାଳନା ସହିତ ସମୟାନୁସାରେ ପାଣ୍ଠି ସ୍ଥାନାନ୍ତର ଏବଂ ଜମା ରଖାଯାଇଥିବା ପାଣ୍ଠିରୁ ମିଳୁଥିବା ସୁଧକୁ ସରକାରୀ ଖାତାରେ ଜମା କରିବା ନିଶ୍ଚିତ କରିପାରନ୍ତି ।*
- *ରାଜ୍ୟ ଏବଂ ଜାତୀୟ ଗୁଣବତ୍ତା ଅନୁଧାନକାରୀ ମାନଙ୍କ ପର୍ଯ୍ୟବେକ୍ଷଣଗୁଡ଼ିକ ଉପରେ ନଜର ରଖିବା ଏବଂ 30 ଦିନିଆ ସମୟ ସୀମା ମଧ୍ୟରେ ଏହାର ଅନୁପାଳନ ନିଶ୍ଚିତ କରିବା ପାଇଁ ଅନଲାଇନ୍ ମ୍ୟାନେଜମେଣ୍ଟ୍ ମନିଟରିଂ ଏବଂ ଆକାଉଣ୍ଟିଂ ସିଷ୍ଟମ (ଓଏମ୍‌ଏମ୍‌ଏଏସ୍) ମାଧ୍ୟମରେ ଏକ ଡିଜିଟାଲ୍ ଆକ୍ସନ୍ ଟେକେନ୍ ରିପୋର୍ଟ (ଏଟିଆର୍) ମ୍ୟାନେଜମେଣ୍ଟ୍ ମଡ୍ୟୁଲ୍ ବିକଶିତ କରିପାରନ୍ତି ।*
- *ବିଭାଗ ପ୍ରତ୍ୟେକ ପ୍ରକଳ୍ପ ପାଇଁ ରାଜ୍ୟ ଗୁଣବତ୍ତା ଅନୁଧାନକାରୀ ମାନଙ୍କ ଦ୍ୱାରା ଏକ ତିନି ସ୍ତରୀୟ ପରିଦର୍ଶନ ପ୍ରକ୍ରିୟା (ନିର୍ମାଣ-ପୂର୍ବ, ନିର୍ମାଣ-ମଧ୍ୟବର୍ତ୍ତୀ ଏବଂ ସମାପ୍ତି-ପରବର୍ତ୍ତୀ) ବାଧ୍ୟତାମୂଳକ କରିପାରନ୍ତି । ତୃତୀୟ ତଥା ଅନ୍ତିମ ପରିଦର୍ଶନ ସମାପ୍ତ ନହେବା ଏବଂ ଏହାକୁ 'ସନ୍ତୋଷଜନକ' ଭାବେ ଚିହ୍ନିତ କରାନଯିବା ପର୍ଯ୍ୟନ୍ତ ଠିକାଦାରଙ୍କ ଅନ୍ତିମ ପୈଠକୁ ଅଟକାଇ ରଖିବା ପାଇଁ ଓଏମ୍‌ଏମ୍‌ଏସ୍‌ରେ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇପାରେ ।*

***(ଅନୁଚ୍ଛେଦ 3.2)***

## 1.5.4 ରାଜ୍ୟରେ '5ଟି' ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିରେ ପରିବର୍ତ୍ତନ ଆଣିବା ଏବଂ ସେଗୁଡ଼ିକୁ ଶିକ୍ଷାଦାନର ଏକ ଉନ୍ନତ ସ୍ଥାନ ରୂପେ ଗଢି ତୋଳିବା ପାଇଁ 2021 ମସିହାରେ '**5**ଟି' ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ (ଏଚ୍‌ଏସ୍‌ଟିପି) ପ୍ରବର୍ତ୍ତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଅଧୀନରେ ଅନ୍ତର୍ଭୁକ୍ତ ବିଦ୍ୟାଳୟ ଗୁଡ଼ିକରେ ନୂତନ ସ୍ମାର୍ଟ ଶ୍ରେଣୀ ଗୃହ, ବିକଶିତ ଇ-ଲାଇବ୍ରାରୀ, ଅତ୍ୟାଧୁନିକ ଗବେଷଣାଗାର ସହ ପାରସ୍ପରିକ କ୍ରିୟାଶୀଳ ବିଜ୍ଞାନ କେନ୍ଦ୍ର, ନୂତନ କ୍ରୀଡ଼ା ସରଞ୍ଜାମ ଏବଂ ଅନ୍ୟାନ୍ୟ ଉନ୍ନତ ସୁବିଧା ସୁଯୋଗ ମାଧ୍ୟମରେ ବ୍ୟାପକ ରୂପାନ୍ତରଣ କରାଯିବାର ବ୍ୟବସ୍ଥା ରହିଥିଲା ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ 'ମୋ ସ୍କୁଲ୍ ଅଭିଯାନ' ପରିଚାଳନା ସଂଗଠନ (ଏମ୍‌ଏସ୍‌ଏପିଏସ୍), ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଏବଂ ଛଅଟି ନମୁନା ଜିଲ୍ଲାର ଶିକ୍ଷା ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ବିଦ୍ୟାଳୟ ଗୁଡ଼ିକର ନଥିପତ୍ରକୁ ଅଡିଟ୍ ଦ୍ୱାରା ନମୁନା ମୂଳକ ଯାଞ୍ଚ କରାଯାଇଥିଲା ।

### *ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ନିଷ୍କର୍ଷଗୁଡ଼ିକ ନିମ୍ନରେ ପ୍ରଦତ୍ତ:*

- ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମର(ଏଚ୍‌ଏସ୍‌ଟିପି) ମାର୍ଗଦର୍ଶିକା ଅନୁଯାୟୀ, କେବଳ ସମସ୍ତ ସରକାରୀ କିମ୍ବା ସରକାରୀ ଅନୁଦାନପ୍ରାପ୍ତ ମାଧ୍ୟମିକ ବିଦ୍ୟାଳୟ (ନବମ ଏବଂ ଦଶମ ଶ୍ରେଣୀ), ଏହି କାର୍ଯ୍ୟକ୍ରମ ଅଧୀନରେ ଆର୍ଥିକ ସହାୟତା ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ । କିନ୍ତୁ ଏହି ପାଣ୍ଠିରୁ 57.95 ଲକ୍ଷ ଟଙ୍କା 'ବଡ଼ଚଣା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ' ପାଇଁ ଖର୍ଚ୍ଚ କରାଯାଇଛି, ଯାହାକି ଏକ ବେସରକାରୀ ଶିକ୍ଷାନୁଷ୍ଠାନ ଏବଂ ଏଠାରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଶିକ୍ଷାଦାନ କରାଯାଇଥାଏ । ତେଣୁ, ଏହା ଏଚ୍‌ଏସ୍‌ଟିପି ଅଧୀନରେ ଆର୍ଥିକ ସହାୟତା ପାଇବା ପାଇଁ ଯୋଗ୍ୟ ନଥିଲା ।
- 'ମୋ ସ୍କୁଲ୍ ପରିଚାଳନା ସଂଗଠନ' ପକ୍ଷରୁ ଗଞ୍ଜାମ ଜିଲ୍ଲାର 42 ଟି ବିଦ୍ୟାଳୟକୁ ଏପ୍ରିଲ୍ 2022 ରେ 18.93 କୋଟି ଟଙ୍କାର ସମାନୁପାତିକ ଅନୁଦାନ (ମ୍ୟାଚିଙ୍ଗ୍ ଗ୍ରାଣ୍ଟ) ଭାବରେ ପ୍ରଦାନ କରାଯାଇଥିଲା । ପ୍ରତ୍ୟେକ ବିଦ୍ୟାଳୟ ପାଇଁ 45 ଲକ୍ଷ ଟଙ୍କାର ସୀମା ଧାର୍ଯ୍ୟ କରାଯାଇଥିବା ବେଳେ ବିଦ୍ୟାଳୟ ପିଛା 30.67 ଲକ୍ଷରୁ 1.07 କୋଟି ଟଙ୍କା ପର୍ଯ୍ୟନ୍ତ ଅନୁଦାନ ଦିଆଯାଇଥିଲା । ଏହି ପାଣ୍ଠି ଆବଣ୍ଟନ ଅନିୟମିତ ଥିଲା ଏବଂ ଏଥିରେ ପାରଦର୍ଶିତାର ଅଭାବ ପରିଲକ୍ଷିତ ହୋଇଥିଲା ।
- କଟକର ରାଣୀହାଟ ଉଚ୍ଚ ବିଦ୍ୟାଳୟରେ ଏଚ୍‌ଏସ୍‌ଟିପି ଏବଂ ମୋ ସ୍କୁଲ୍ ଅଭିଯାନ ପାଣ୍ଠିରୁ 12.48 ଲକ୍ଷ ଟଙ୍କାର ଅର୍ଥ ଆତ୍ମସାତ୍ ବା ହେରଫେର ହୋଇଥିବା ସନ୍ଦେହ କରାଯାଉଛି ।
- ଯାଜପୁର ଜିଲ୍ଲା ଦଶରଥପୁର ଅନ୍ତର୍ଗତ ନନ୍ଦୀପୁର ଉଚ୍ଚ ବିଦ୍ୟାଳୟରେ 30 ଲକ୍ଷ ଟଙ୍କାର ଜାଲିଆତି ଅର୍ଥ ପ୍ରଦାନ ହୋଇଥିବା ସନ୍ଦେହ କରାଯାଉଛି । କାରଣ ଏହି ଅର୍ଥ ନନ୍ଦୀପୁର ଉଚ୍ଚ ବିଦ୍ୟାଳୟର ବ୍ୟାଙ୍କ ଆକାଉଣ୍ଟରୁ ଚେକ୍ ମାଧ୍ୟମରେ ଦଶରଥପୁର ବିଡିଓଙ୍କ ଆକାଉଣ୍ଟକୁ ଯିବା ପରିବର୍ତ୍ତେ ଜଣେ ତୃତୀୟ ପକ୍ଷଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଥିଲା ।
- ଜଳେଶ୍ୱରର ବିଡିଓଙ୍କ ଦ୍ୱାରା ଡୁଆଲ ଡେସ୍କ ମରାମତିର ମିଥ୍ୟା ପ୍ରମାଣ ଦେଇ ମଇ 2022 ରେ 4.95 ଲକ୍ଷ ଟଙ୍କାର ଜାଲିଆତି ଅର୍ଥ ପ୍ରଦାନ କରାଯାଇଥିବା ସନ୍ଦେହ କରାଯାଉଛି ।
- କ୍ରୟ ମାର୍ଗଦର୍ଶିକା ଏବଂ ଅର୍ଥ ବିଭାଗର ନିୟମାବଳୀକୁ ଉଲ୍ଲଂଘନ କରି, 15ଟି ନମୁନାଭୁକ୍ତ କାର୍ଯ୍ୟନିର୍ବାହୀ ସଂସ୍ଥା କୋଟେସନ୍ ଆହ୍ୱାନ ନୋଟିସ୍ ବା ମନୋନୟନ ଭିତ୍ତିରେ ବିଭିନ୍ନ ସଂସ୍ଥା ମାନଙ୍କ ଠାରୁ 42.73 କୋଟି ଟଙ୍କା ମୂଲ୍ୟର ଡୁଆଲ ଡେସ୍କ କ୍ରୟ କରିଥିଲେ । ଏହାଦ୍ୱାରା 24.30 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ହୋଇଅଛି ।
- ଓସେପା ଓ ଯାଜପୁର ଜିଲ୍ଲା ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ ହେତୁ ଜିଲ୍ଲାର 430ଟି ବିଦ୍ୟାଳୟ ପାଇଁ ଓସେପା ଏବଂ ଏମେସର୍ସ ଏଡିସିଆଇଏଲ୍ ଉଭୟଙ୍କ ଦ୍ୱାରା 'ଇ-ବିଷୟବସ୍ତୁ' ଦୁଇଥର କ୍ରୟ କରାଯାଇଥିଲା, ଯାହାଫଳରେ 7.39 କୋଟି ଟଙ୍କାର ଅନାବଶ୍ୟକ ବ୍ୟୟ ହୋଇଥିଲା ।
- 54 ଟି ବିଦ୍ୟାଳୟର ମିଳିତ ସରଜମିନ ତଦନ୍ତ ସମୟରେ ଅଡିଟ୍ ପକ୍ଷରୁ ଲକ୍ଷ୍ୟ କରାଗଲା ଯେ (କ) ଛଅଟି ବିଦ୍ୟାଳୟରେ ସ୍ମାର୍ଟ ପ୍ୟାନେଲ୍ ସ୍ଥାପନ ହୋଇନଥିବା, ତ୍ରୁଟିପୂର୍ଣ୍ଣ ଥିବା କିମ୍ବା ବିଦ୍ୟୁତିକରଣ ଅଭାବରୁ ସ୍ମାର୍ଟ ଶ୍ରେଣୀଗୃହ ଗୁଡ଼ିକ ଅକାମୀ ହୋଇପଡ଼ିରହିଛି, (ଖ) ଜଳ/ ଗ୍ୟାସ ସଂଯୋଗ, ଆବଶ୍ୟକୀୟ ଯନ୍ତ୍ରପାତି ଏବଂ ରାସାୟନିକ ଦ୍ରବ୍ୟର ଅଭାବ ଯୋଗୁଁ 32 ଟି ବିଦ୍ୟାଳୟରେ ବିଜ୍ଞାନଗାରଗୁଡ଼ିକ କାର୍ଯ୍ୟକ୍ଷମ ନ ଥିଲା, (ଗ) 13 ଟି ବିଦ୍ୟାଳୟରେ ଇଣ୍ଟରନେଟ୍ ସୁବିଧା ନଥିବାରୁ ଇ-ବୁକ୍ (ପୁସ୍ତକ) ପଢ଼ିବା ବା ଅନ୍‌ଲାଇନ୍ ଶିକ୍ଷା ଗ୍ରହଣ କରିବା ସମ୍ଭବ ହେଉନାହିଁ ଏବଂ 21 ଟି ବିଦ୍ୟାଳୟର ଇ-ଲାଇବ୍ରେରୀରେ 'ଇ-ବୁକ୍ ବିଷୟ'ର ଅଭାବ ରହିଛି, ଯାହା ଶିକ୍ଷା ଦାନର ପ୍ରଭାବକୁ ହ୍ରାସ କରୁଛି ।

***(ଅନୁଚ୍ଛେଦ 3.3)***

### 1.5.5 ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ, ରକ୍ଷଣାବେକ୍ଷଣ ଓ ବିନିଯୋଗ

ଓଡ଼ିଶା ସରକାରଙ୍କର କ୍ରୀଡ଼ା ଏବଂ ଯୁବସେବା ବିଭାଗ ରାଜ୍ୟରେ କ୍ରୀଡ଼ାର ବିକାଶ, ପ୍ରସାର ଏବଂ ଯୁବ ବ୍ୟାପାରର ପରିଚାଳନା ପାଇଁ ଦାୟୀ ଅଟେ । 2021-22 ରୁ 2023-24 ପର୍ଯ୍ୟନ୍ତ ଗତ ତିନି ବର୍ଷ ମଧ୍ୟରେ, ବିଭାଗ ପକ୍ଷରୁ ରାଜ୍ୟରେ ବହୁମୁଖୀ ଇନ୍‌ଡୋର ହଲ୍, ହକି ଷ୍ଟାଡିୟମ୍, ମିନି ହଲ୍ ଇତ୍ୟାଦି କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ 2,760.38 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ସେହି ରାଶିରୁ 2021-24 ସମୟ ମଧ୍ୟରେ କ୍ରୀଡ଼ା ଭିତ୍ତିଭୂମି ବାବଦରେ 2,444.54 କୋଟି ଟଙ୍କା ବ୍ୟୟ କରାଯାଇଛି ।

ସେପ୍ଟେମ୍ବର ରୁ ନଭେମ୍ବର 2024 ମଧ୍ୟରେ ଏକ ଅନୁପାଳନ ସମୀକ୍ଷା କରାଯାଇଥିଲା, ଯେଉଁଥିରେ 2021-22 ରୁ 2023-24 ଅବଧିକୁ ଅନ୍ତର୍ଭୁକ୍ତ କରାଯାଇଥିଲା । କ୍ରୀଡ଼ା ଭିତ୍ତିଭୂମି ଗୁଡ଼ିକର ନିର୍ମାଣ/ ରକ୍ଷଣାବେକ୍ଷଣ କରାଯାଇଛି କି ନାହିଁ ଏବଂ ସେଗୁଡ଼ିକୁ ନିର୍ଦ୍ଧାରିତ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଛି କି ନାହିଁ, ତାହା ଯାଞ୍ଚ କରିବା ଏହି ସମୀକ୍ଷାର ମୁଖ୍ୟ ଲକ୍ଷ୍ୟ ଥିଲା ।

***ଅଡିଟ୍‌ର ଗୁରୁତ୍ୱପୂର୍ଣ୍ଣ ନିଷ୍କର୍ଷଗୁଡ଼ିକ ହେଲା:***

- କ୍ରୀଡ଼ା ଏବଂ ଯୁବସେବା ବିଭାଗ 2013-18 ମଧ୍ୟରେ 463 ଟି ମିନି ଷ୍ଟାଡିୟମ୍ (ଗ୍ରାମାଞ୍ଚଳ: 314 ଏବଂ ସହରାଞ୍ଚଳ:149) ନିର୍ମାଣ ପାଇଁ ମଞ୍ଜୁରୀ ଦେଇଥିଲେ ଏବଂ ଏହାର ନିର୍ମାଣ ପାଇଁ ଜିଲ୍ଲାପାଳ ମାନଙ୍କୁ 92.60 କୋଟି ଟଙ୍କା ପ୍ରଦାନ କରିଥିଲେ । ନଭେମ୍ବର 2024 ସୁଦ୍ଧା, ସେଥି ମଧ୍ୟରୁ 389 ଟି ଷ୍ଟାଡିୟମ୍, 77.80 କୋଟି ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇଛି ।
- ନିର୍ମାଣ ପାଇଁ ପାଣ୍ଠି ଉପଲବ୍ଧ ଥିବା ସତ୍ତ୍ୱେ, ନଭେମ୍ବର 2024 ସୁଦ୍ଧା 24 ଟି ମିନି ଷ୍ଟାଡିୟମ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ । ସ୍ଥାନ ଚିହ୍ନଟ ନ ହେବା, ଜମି ବିବାଦ, ଟେଣ୍ଡର ପ୍ରକ୍ରିୟା ଶେଷ ନ ହେବା କାରଣରୁ ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇ ପାରିନାହିଁ ।
- ନଭେମ୍ବର 2024 ସୁଦ୍ଧା 43ଟି ମିନି ଷ୍ଟାଡିୟମ୍‌ର ନିର୍ମାଣ କାର୍ଯ୍ୟ ଜାରି ରହିଥିଲା । ଷ୍ଟାଡିୟମ୍ ସମ୍ପୂର୍ଣ୍ଣ କରିବା ପାଇଁ ଜିଲ୍ଲାପାଳ ମାନଙ୍କ ଦ୍ୱାରା କୌଣସି ସମୟ ସୀମା ଧାର୍ଯ୍ୟ କରାଯାଇ ନଥିବାରୁ, ପାଣ୍ଠି ପ୍ରଦାନର 6 ରୁ 10 ବର୍ଷ ପରେ ମଧ୍ୟ ଏହି ଷ୍ଟାଡିୟମ୍ ଗୁଡ଼ିକ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି, ଯାହା ବିଭାଗ ପକ୍ଷରୁ ତଦାରଖର ଅଭାବକୁ ମଧ୍ୟ ସୂଚାଉଛି ।
- ପରୀକ୍ଷାମୂଳକ ଭାବରେ ଯାଞ୍ଚ କରାଯାଇଥିବା ଆଠଟି ଜିଲ୍ଲାରେ ନିର୍ମିତ 107ଟି ମିନି ଷ୍ଟାଡିୟମ୍ ମଧ୍ୟରୁ 45ଟିର ମିଳିତ ସରଜମିନ ତଦନ୍ତ ସମୟରେ ଅଡିଟ୍ ଲକ୍ଷ୍ୟ କରିଥିଲା ଯେ, ଏହି ଷ୍ଟାଡିୟମ୍ ଗୁଡିକରେ ଆବଶ୍ୟକୀୟ କ୍ରୀଡା ଭିତ୍ତିଭୂମିର ଅଭାବ ରହିଛି, ଯେପରିକି ସୁରକ୍ଷା ପାଇଁ ପାଚେରୀ (24ଟି ଷ୍ଟାଡିୟମ୍), ଜଳ ନିଷ୍କାସନ ସୁବିଧା (41ଟି ଷ୍ଟାଡିୟମ୍), ଗ୍ରାଉଣ୍ଡ୍ ସରଫେସିଂ ( 29ଟି ଷ୍ଟାଡିୟମ୍) ଏବଂ ଘାସ ଗାଲିଚ୍ଚ (43ଟି ଷ୍ଟାଡିୟମ୍) ଉପଲବ୍ଧ ରହି ନାହିଁ ।
- ସଂପୂର୍ଣ୍ଣ ହୋଇଥିବା 389ଟି ମିନି ଷ୍ଟାଡିୟମ୍ ମଧ୍ୟରୁ 126ଟିରେ ମୁକ୍ତାଶୟ ଜିମ୍, ମିନି ହଲ୍ ଏବଂ ଶୌଚାଳୟ ନିର୍ମାଣ ପାଇଁ ବିଭାଗ 2017-18 ରେ ଜିଲ୍ଲାପାଳମାନଙ୍କୁ 18.90 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । 79ଟି ମିନି ଷ୍ଟାଡିୟମରେ ଏହି ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିବା ବେଳେ, 29ଟି ମିନି ଷ୍ଟାଡିୟମ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇନାହିଁ ଏବଂ 18ଟି କ୍ଷେତ୍ରରେ କାର୍ଯ୍ୟ ସଂପୂର୍ଣ୍ଣ ହୋଇନାହିଁ (ନଭେମ୍ବର 2024 ସୁଦ୍ଧା) ।
- ରାଜ୍ୟର 89ଟି ସହରାଞ୍ଚଳ ସ୍ଥାନୀୟ ନିକାୟ ସଂସ୍ଥାରେ ଥିବା 88ଟି ବହୁମୁଖୀ ଇନ୍‌ଡୋର ହଲ୍‌ରେ ଟେବୁଲ ଟେନିସ୍ (18 ପ୍ରତିଶତ), ଭାରୋତ୍ତଳନ (94 ପ୍ରତିଶତ) ଏବଂ ଯୋଗ (100 ପ୍ରତିଶତ) ଭଳି କ୍ରୀଡା ଗୁଡିକ ପାଇଁ ପ୍ରଶିକ୍ଷକଙ୍କ ଅନୁପସ୍ଥିତି ଯୋଗୁଁ ଯୁବପିଢିଙ୍କ କ୍ରୀଡା, ସ୍ୱାସ୍ଥ୍ୟ ଏବଂ ସୁସ୍ଥତାର ପ୍ରସାର କରିବାର ଲକ୍ଷ୍ୟ

ଅପୂରଣୀୟ ରହିଥିଲା ଏବଂ ଏହି କ୍ରୀଡାଗୁଡିକ ପାଇଁ ବହୁମୁଖୀ ଇନ୍‌ଡୋର ହଲ ଗୁଡିକରେ ସୃଷ୍ଟି କରାଯାଇଥିବା ସୁବିଧା ଅବ୍ୟବ୍ୟହୃତ ହୋଇ ପଡି ରହିଛି ।

***(ଅନୁଚ୍ଛେଦ 3.4)***

### 1.5.6 ଓଡିଶା ରାଜ୍ୟ ଔଷଧ ବିତରଣ ନିଗମ ଲିମିଟେଡ (ଓଏସ୍‌ଏମ୍‌ସିଏଲ୍) ଦ୍ୱାରା ଔଷଧ କ୍ରୟ ଏବଂ ବିତରଣ

ଓଡିଶା ରାଜ୍ୟ ଔଷଧ ବିତରଣ ନିଗମ ଲିମିଟେଡ (ଓଏସ୍‌ଏମ୍‌ସିଏଲ), ସରକାରୀ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନଗୁଡିକୁ ବିତରଣ କରିବା ପାଇଁ ଔଷଧ, ଅସ୍ତ୍ରୋପଚାର ସରଞ୍ଜାମ, ଯନ୍ତ୍ରପାତି, ଆସବାବ ପତ୍ର ଇତ୍ୟାଦି କ୍ରୟ କରିଥାନ୍ତି । ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ଔଷଧର ନିରନ୍ତର ଯୋଗାଣ ସୁନିଶ୍ଚିତ କରିବା ପାଇଁ କମ୍ପାନୀ, ଇ-ନିରାମୟ ଆପ୍ଲିକେସନ ସିଷ୍ଟମ୍ ମାଧ୍ୟମରେ କେନ୍ଦ୍ରୀୟ ଭାବରେ ଔଷଧର ବିତରଣ ଏବଂ ଔଷଧ ଭଣ୍ଡାରର ସ୍ଥିତି ଉପରେ ନଜର ରଖିଥାନ୍ତି ।

ଔଷଧ କ୍ରୟ ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ବା ମାର୍ଗଦର୍ଶିକାର କେତେ ଦୂର ଅନୁପାଳନ ହୋଇଛି, ତାହାର ଆକଳନ କରିବା ପାଇଁ ଅପ୍ରେଲ 2019 ରୁ ଜାନୁୟାରୀ 2025 ପର୍ଯ୍ୟନ୍ତ ସମୟସୀମାକୁ ନେଇ ଏକ ଅନୁପାଳନ ଅଡିଟ୍ କରାଯାଇଅଛି ।

***ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ନିଷ୍କର୍ଷଗୁଡିକ ହେଲା :***

- ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଏହାର ବୈଷୟିକ କମିଟିର ସୁପାରିଶ କ୍ରମେ, କୋଭିଡ-19 ମହାମାରୀର ମୁକାବିଲା ପାଇଁ ଓଏସ୍‌ଏମ୍‌ସିଏଲ ମାଧ୍ୟମରେ ତିନୋଟି ପର୍ଯ୍ୟାୟରେ କ୍ୟାସିରିଭିମାବ୍ ଏବଂ ଇମ୍‌ଡେଭିମାବ୍ -120 ମିଗ୍ରା/ ମି.ଲି ର 4,550 ଟି କକ୍‌ଟେଲ ଭାଏଲ୍ କ୍ରୟ କରିଥିଲେ । ତେବେ ସେଥିରୁ କେବଳ 711ଟି ଭାଏଲ୍ ବ୍ୟବହୃତ ହୋଇଥିଲା ଏବଂ କ୍ରୟ କରାଯାଇଥିବା ଭାଏଲ୍ ମଧ୍ୟରୁ 84 ପ୍ରତିଶତ, ଯାହାର ମୂଲ୍ୟ 42.21 ଟଙ୍କା, ବ୍ୟବହାର ନ ହୋଇ ଶେଷରେ ସେମାନଙ୍କର ବୈଧତା ଅତିକ୍ରାନ୍ତ ହୋଇଯାଇଥିଲା ।
- କୋଭିଡ-19 ସହିତ ଜଡିତ ଏକ ଚର୍ମରୋଗ ମ୍ୟୁକର୍‌ମାଇକୋସିସ୍ର ଚିକିତ୍ସା ପାଇଁ ଓଏସ୍‌ଏମ୍‌ସିଏଲ ଜୁଲାଇ 2021ରେ 5.51 କୋଟି ଟଙ୍କା ବ୍ୟୟରେ ଆମ୍‌ଫୋଟେରିସିନ୍-ବି-ଲିପୋସୋମାଲ 50 ମିଗ୍ରା ର 10,000 ଟି ଭାଏଲ୍ କ୍ରୟ କରିଥିଲେ । ତେବେ କ୍ରୟ କରାଯାଇଥିବା ଉକ୍ତ 10,000 ଭାଏଲ୍ ମଧ୍ୟରୁ, କେବଳ 550ଟି ଭାଏଲ୍ ବ୍ୟବହୃତ ହୋଇଥିଲା ଏବଂ 31 ଜୁଲାଇ 2024 ସୁଦ୍ଧା 5.21 କୋଟି ଟଙ୍କା ମୂଲ୍ୟର 9,450ଟି ଭାଏଲ ଅବ୍ୟବହୃତ ହୋଇ ରହିଥିଲା । ଯାହା ଫଳରେ ଅନାବଶ୍ୟକ ଖର୍ଚ୍ଚ ହୋଇଥିଲା ।
- ଅନୁପଯୁକ୍ତ ଇନଭେଣ୍ଟୋରି ପରିଚାଳନା ଏବଂ ଶୀର୍ଘ ବୈଧତା ସରୁଥିବା (ସ୍ୱଳ୍ପ- ସେଲ୍ଫ-ଲାଇଫ) ଔଷଧ କ୍ରୟ ଯୋଗୁ, ଅପ୍ରେଲ 2019 ରୁ ଜାନୁଆରୀ 2025 ମଧ୍ୟରେ 167.91 କୋଟି ଟଙ୍କା ମୂଲ୍ୟର 700 ପ୍ରକାରର 15.43 କୋଟି ୟୁନିଟ୍ ଔଷଧ ଏବଂ 94.05 ଲକ୍ଷ ଟଙ୍କାର ସାନିଟାରୀ ନାପକିନ୍‌ର ବୈଧତା ଶେଷ ହୋଇ ଯାଇଥିଲା । ଏହି ବୈଧତା ଶେଷ ହୋଇଯାଇଥିବା ଔଷଧ ଗୁଡିକ ମଧ୍ୟରୁ ବିଭିନ୍ନ ସଂସ୍ଥାରୁ ଦାନ ସୂତ୍ରରେ ମିଳିଥିବା 68.90 କୋଟି ଟଙ୍କାର ଔଷଧ ଏବଂ କମ୍ପାନୀ ଦ୍ୱାରା କ୍ରୟ କରାଯାଇଥିବା ବାକି 99.01 କୋଟି ଟଙ୍କାର ଔଷଧ ଅନ୍ତର୍ଭୁକ୍ତ ଥିଲା ।

***(ଅନୁଚ୍ଛେଦ 3.5)***

### 1.5.7 ବିମାନ ଓ ହେଲିକପ୍ଟରର ଭଡା ଏବଂ ବ୍ୟବହାରରେ ଅନିୟମିତତା

ସରକାରୀ କାର୍ଯ୍ୟରେ ସରକାରଙ୍କର ନିଜସ୍ୱ ବିମାନ/ ହେଲିକପ୍ଟରର ବ୍ୟବହାର ପାଇଁ ସରକାର ନିୟମାବଳୀ ପ୍ରଣୟନ କରିଛନ୍ତି । ସରକାରୀ କାର୍ଯ୍ୟରେ ଆକାଶ ମାର୍ଗରେ ଯାତ୍ରା କରିବା ପାଇଁ ଓଡିଶା ସରକାର ଜଣେ ବେସରକାରୀ ସେବାପ୍ରଦାନକାରୀଙ୍କ ସେବା ଗ୍ରହଣ କରୁଥିଲେ । ବେସରକାରୀ ଅପରେଟର/ ସେବାପ୍ରଦାନକାରୀଙ୍କ ଚୟନ ଏବଂ ରାଜ୍ୟ ଦ୍ୱାରା ଭଡାରେ ନିଆଯାଉଥିବା ବିମାନ ଓ ହେଲିକପ୍ଟର ବାବଦରେ ଅପ୍ରେଲ 2019 ରୁ ମାର୍ଚ୍ଚ

2024 ସମୟ ମଧ୍ୟରେ ହୋଇଥିବା ଖର୍ଚ୍ଚ ସମ୍ପର୍କିତ ନଥିପତ୍ରକୁ ଅଡିଟ୍ ଦ୍ୱାରା ଯାଞ୍ଚ କରାଯାଇଥିଲା ।

**ଅଡିଟର ଗୁରୁତ୍ୱପୂର୍ଣ୍ଣ ନିଷ୍କର୍ଷ ଗୁଡିକ ହେଲା :**

- ରାଜ୍ୟ ସରକାରଙ୍କୁ ବିମାନ ସେବା ଯୋଗାଇଦେବା ପାଇଁ ଏଜେନ୍ସି (ମେସର୍ସ ଓଏସ୍ଏସ୍ ଏୟାର ମ୍ୟାନେଜମେଣ୍ଟ୍ ପ୍ରା.ଲି) ଚୟନ ପ୍ରକ୍ରିୟା ସ୍ୱଚ୍ଛ ନଥିଲା ଏବଂ କେବଳ ଜଣେ ମାତ୍ର ବିଡରକୁ ଚୟନ କରିବା ଦ୍ୱାରା ସରକାର ବଜାରରେ ସବୁଠାରୁ ପ୍ରତିଯୋଗୀତାମୂଳକ ଦର ପାଇବାରେ ବିଫଳ ହୋଇଥିଲେ । ଏହା ସତ୍ତ୍ୱେ ମେସର୍ସ ଓଏସ୍ଏସ୍ ସହିତ ଚୁକ୍ତିନାମାର ଅବଧିକୁ ସମୟ ସମୟରେ ବୃଦ୍ଧି କରି ଅଗଷ୍ଟ 2024 ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ ।
- ଜାନୁଆରୀ 2019 ରୁ ନଭେମ୍ବର 2023 ମଧ୍ୟରେ ରାଜ୍ୟ ସରକାର ଦୂର ଦୂରାନ୍ତର ଆନ୍ତଃ ରାଜ୍ୟ ଯାତ୍ରା ପାଇଁ 22 ଥର ଚାର୍ଟାର୍ଡ ବିମାନ ଭଡାରେ ନେଇଥିଲେ, ଯେଉଁଥିପାଇଁ 6.91 କୋଟି ଟଙ୍କା ଭଡ଼ା ବାବଦରେ ଖର୍ଚ୍ଚ ହୋଇଥିଲା । ଅଥଚ, ସେହି ସମାନ ଅବଧି ମଧ୍ୟରେ ପୂର୍ବରୁ ଭଡ଼ାରେ ନିଆଯାଇଥିବା ବିମାନର (ମେସର୍ସ ଓଏସ୍ଏସ୍) 751.34 ଉଡାଣ ଘଣ୍ଟା ବ୍ୟବହାର କରାଯାଇନଥିଲା ।
- ବିମାନ ସେବା ବ୍ୟତୀତ, ଓଡିଶା ସରକାର ସେହି ସମାନ ବେସରକାରୀ ସଂସ୍ଥା ମେସର୍ସ ଓଏସ୍ଏସ୍ ଠାରୁ 5 ସେପ୍ଟେମ୍ବର 2019 ରୁ 21 ମାର୍ଚ୍ଚ 2023 ମଧ୍ୟରେ, ରାଜ୍ୟ ମଧ୍ୟରେ 3000 ଫୁଟ୍ ବା ତା ଠାରୁ ଅଧିକ ଲମ୍ବର ବିମାନ ଘାଟି ପଥ ଥିବା ସ୍ଥାନଗୁଡିକୁ 29 ଥର ଯାତ୍ରା କରିବା ପାଇଁ 100.09 ଉଡାଣ ଘଣ୍ଟା ନିମନ୍ତେ ହେଲିକପ୍ଟର ସେବା ଗ୍ରହଣ କରିଥିଲେ । ହେଲିକପ୍ଟର ଉଡାଣ ଘଣ୍ଟା ବାବଦରେ ମୋଟ 1.30 କୋଟି ଟଙ୍କା ପୈଠ କରାଯାଇଥିଲା, ଯଦିଓ ସେହି ସମାନ ସମୟ ମଧ୍ୟରେ ଭଡାରେ ନିଆଯାଇଥିବା ବିମାନର 566.44 ଘଣ୍ଟାର ପ୍ରତିଶ୍ରୁତିବଦ୍ଧ ଉଡାଣ ସମୟ ଅବ୍ୟବହୃତ ହୋଇ ଉପଲବ୍ଧ ଥିଲା । ଏହାକୁ ବ୍ୟବହାର କରାଯାଇପାରିଥାନ୍ତା ଏବଂ ଏହା ଦ୍ୱାରା 1.30 କୋଟି ଟଙ୍କାର ବ୍ୟୟକୁ ଏଡାଇ ଦିଆଯାଇପାରିଥାନ୍ତା ।

***(ଅନୁଚ୍ଛେଦ 3.6)***

## 1.5.8 ଅନ୍ୟାନ୍ୟ ଅନୁପାଳନ ଅଡିଟ୍ ପର୍ଯ୍ୟବେକ୍ଷଣ

- ଲିଜ୍ ଚୁକ୍ତି ଦଲିଲ୍‌ରେ ଅମାନତ ଜମାକୁ ବିଚାରକୁ ନନେବା ଏବଂ ବାର୍ଷିକ ହାରାହାରି ଖଜଣାର ତ୍ରୁଟିପୂର୍ଣ୍ଣ ଗଣନା ଯୋଗୁଁ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜୀକରଣ ଫି ବାବଦକୁ 19.02 ଲକ୍ଷ ଟଙ୍କା କମ୍ ଆଦାୟ ହୋଇଛି ।

***(ଅନୁଚ୍ଛେଦ 3.7)***

- ଭାରତୀୟ ଷ୍ଟାମ୍ପ୍ ଅଧିନିୟମ ବ୍ୟବସ୍ଥା ଅନୁଯାୟୀ ପାୱାର ଅଫ୍ ଆଟର୍ଣ୍ଣି ଦଲିଲ୍ ଗୁଡ଼ିକ ଉପରେ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜୀକରଣ ଶୁଳ୍କ ଧାର୍ଯ୍ୟ ଓ ଆଦାୟ ନ କରିବା ଫଳରେ ସରକାରୀ ରାଜସ୍ୱ ବାବଦକୁ 2.37 କୋଟି ଟଙ୍କା କମ୍ ଆଦାୟ ହୋଇଛି ।

***(ଅନୁଚ୍ଛେଦ 3.8)***

- ବ୍ୟବସାୟିକ ବ୍ୟବହାର ପାଇଁ ସ୍ଥାବର ସମ୍ପତ୍ତିକୁ ଭଡ଼ାରେ ଦେବା କିମ୍ବା ସବ୍-ଲେଟ୍ କରିବା ପାଇଁ ନିଷ୍ପାଦିତ ହୋଇଥିବା ଲିଜ୍ ଚୁକ୍ତିଗୁଡ଼ିକ ଉପରେ କମ୍ ଷ୍ଟାମ୍ପ ଶୁଳ୍କ ଏବଂ ପଞ୍ଜୀକରଣ ଶୁଳ୍କ ଧାର୍ଯ୍ୟ କରାଯିବା ଯୋଗୁଁ 1.93 କୋଟି ଟଙ୍କାର ରାଜସ୍ୱ ହାନି ଘଟିଛି ।

***(ଅନୁଚ୍ଛେଦ 3.9)***

- 'ବିକ୍ରୟ ପାଇଁ ଚୁକ୍ତିନାମା' ଦଲିଲ୍ ଗୁଡ଼ିକ ଉପରେ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜୀକରଣ ଫି ନିର୍ଦ୍ଧାରଣ କରିବା ସମୟରେ ପଞ୍ଜୀକରଣ କର୍ତ୍ତୃପକ୍ଷ ଭାରତୀୟ ଷ୍ଟାମ୍ପ୍ ଅଧିନିୟମର ବ୍ୟବସ୍ଥାକୁ ଲାଗୁ କରିବାରେ ତ୍ରୁଟି କରିଥିଲେ । ଫଳସ୍ୱରୂପ, ସରକାରୀ ରାଜସ୍ୱ ବାବଦକୁ 1.03 କୋଟି ଟଙ୍କା କମ୍ ଆଦାୟ ହୋଇଥିଲା ।

***(ଅନୁଚ୍ଛେଦ 3.10)***

- କେନ୍ଦୁଝର ଏବଂ ଯାଜପୁରର ତିନୋଟି ଖଣିର ଉତ୍ପାଦନ ସ୍ତର ବୃଦ୍ଧି ପାଇଥିଲେ ହେଁ, ବର୍ଦ୍ଧିତ ଉତ୍ପାଦନ ସ୍ତର ଅନୁଯାୟୀ ପାର୍ଥକ୍ୟ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜୀକରଣ ଫି ଧାର୍ଯ୍ୟ ଓ ଆଦାୟ କରାଯାଇ ନାହିଁ, ଯାହାଫଳରେ 148.46 କୋଟି ଟଙ୍କାର ସରକାରୀ ରାଜସ୍ୱ ଅନାଦେୟ ହୋଇ ରହିଛି ।

***(ଅନୁଚ୍ଛେଦ 3.11)***

- ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜୀକରଣ ଫି ନିର୍ଦ୍ଧାରଣ କରିବା ଉଦ୍ଦେଶ୍ୟରେ କୋଠାବାଡ଼ିର ମୂଲ୍ୟାୟନ ପାଇଁ ଥିବା ମାର୍ଗଦର୍ଶିକା ପାଳନ କରିବାରେ ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କର ଅବହେଳା ହେତୁ 27.42 ଲକ୍ଷ ଟଙ୍କାର ସରକାରୀ ରାଜସ୍ୱ ହାନି ଘଟିଛି ।

***(ଅନୁଚ୍ଛେଦ 3.12)***

- ଓଡ଼ିଶା ଅବକାରୀ ନିୟମାବଳୀରେ ବ୍ୟବସ୍ଥା ଥିଲେ ସୁଦ୍ଧା, ଗଞ୍ଜାମ ଜିଲ୍ଲା ଅବକାରୀ ଅଧିକାରୀ ମେସର୍ସ ଏଏସ୍‌ସିଆଇଏଲ୍ ଠାରୁ ଅତିରିକ୍ତ ସମୟ କାର୍ଯ୍ୟକ୍ଷମ ଚାର୍ଜ ବାବଦକୁ 1.02 କୋଟି ଟଙ୍କା ଦାବି କରିନଥିଲେ ଯିଏକି ଡିଷ୍ଟିଲାରୀକୁ 3,404 ଅତିରିକ୍ତ ଘଣ୍ଟା ପାଇଁ ଚଳାଇଥିଲେ ।

***(ଅନୁଚ୍ଛେଦ 3.13)***

- ଖୁଚୁରା ଦୋକାନର ଲାଇସେନ୍ସଧାରୀଙ୍କ ଠାରୁ ଲାଇସେନ୍ସ ଫି ଟଙ୍କା ଆଦାୟ ପାଇଁ ଜିଲ୍ଲା ଅବକାରୀ ଅଧିକାରୀମାନେ ସଠିକ୍ ସମୟରେ ପଦକ୍ଷେପ ନେବାରେ ବିଫଳ ହେବା ଯୋଗୁଁ 53.27 ଲକ୍ଷ ଟଙ୍କାର ସରକାରୀ ରାଜସ୍ୱ ଆଦାୟ ହୋଇପାରିନାହିଁ ।

***(ଅନୁଚ୍ଛେଦ 3.14)***

# ଅଧ୍ୟାୟ 2

# ସମ୍ପାଦନ ସମୀକ୍ଷା

## ରାଜ୍ୟରେ ଜଳ ଜୀବନ ମିଶନର କାର୍ଯ୍ୟାନ୍ୱୟନ

# ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ

## 2.1 ରାଜ୍ୟରେ ଜଳ ଜୀବନ ମିଶନର କାର୍ଯ୍ୟାନ୍ୱୟନ

### କାର୍ଯ୍ୟନିର୍ବାହୀ ସାରାଂଶ

ଭାରତ ସରକାର ଅଗଷ୍ଟ 2019 ରେ ଜଳ ଜୀବନ ମିଶନ (ଜେଜେଏମ) ନାମକ ଏକ ପ୍ରମୁଖ ଯୋଜନା ଆରମ୍ଭ କରିଥିଲେ, ଯାହାର ଲକ୍ଷ୍ୟ 2024 ସୁଦ୍ଧା କାର୍ଯ୍ୟକ୍ଷମ ଘରୋଇ ନଳ ସଂଯୋଗ (ଏଫ୍ଏଚ୍‌ଟିସି) ମାଧ୍ୟମରେ ଦେଶରେ ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ପାଇପ ଯୋଗେ ଜଳ ଯୋଗାଣ ସୁନିଶ୍ଚିତ କରିବା ଥିଲା । ପ୍ରତ୍ୟେକ ଗ୍ରାମୀଣ ପରିବାର ଏବଂ ସାର୍ବଜନୀନ ଅନୁଷ୍ଠାନକୁ ଦୀର୍ଘକାଳୀନ ଭିତ୍ତିରେ ନିରାପଦ ପାନୀୟ ଜଳର ସୁନିଶ୍ଚିତତା ପ୍ରଦାନ କରିବା ପାଇଁ ଅଂଶଗ୍ରହଣକାରୀ ଗ୍ରାମୀଣ ଜଳ ଯୋଗାଣ ରଣନୀତି ପ୍ରସ୍ତୁତ କରିବାରେ ରାଜ୍ୟ ଗୁଡ଼ିକୁ ସହାୟତା କରିବା, ସଶକ୍ତ କରିବା ଏବଂ ସୁବିଧା ଯୋଗାଇଦେବାର, ଏହି ମିଶନର ଲକ୍ଷ୍ୟ ଥିଲା ।

**ଏହି ଯୋଜନାର ସମ୍ପାଦନ ସମୀକ୍ଷା ଦର୍ଶାଇଥିଲା ଯେ :**

- ❖ ରାଜ୍ୟ 2024 ସୁଦ୍ଧା ସମସ୍ତ ପରିବାରକୁ କାର୍ଯ୍ୟକ୍ଷମ ଘରୋଇ ନଳ ସଂଯୋଗ ପ୍ରଦାନ କରିବାରେ ବିଫଳ ହୋଇଛି ଏବଂ ରାଜ୍ୟର 31 ପ୍ରତିଶତ ପରିବାର ଏହି ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି । ପରୀକ୍ଷାମୂଳକ ଭାବରେ ଯାଞ୍ଚ କରାଯାଇଥିବା ପାଞ୍ଚଟି ଜିଲ୍ଲା ମଧ୍ୟରୁ କନ୍ଧମାଳ ଜିଲ୍ଲାରେ ସର୍ବାଧିକ (69.65 ପ୍ରତିଶତ) ପରିବାରକୁ ସଂଯୋଗ ମିଳିଥିବା ବେଳେ ମାଲକାନଗିରି ଜିଲ୍ଲାରେ ଏହା ସବୁଠାରୁ କମ୍ (11.20 ପ୍ରତିଶତ) ରହିଥିଲା ।
- ❖ ଓଡିଶା ସରକାର 2019-24 ମଧ୍ୟରେ ରାଜ୍ୟରେ 207ଟି ବୃହତ୍ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ କରିଥିଲେ, ଯେଉଁଥିରେ 133ଟି ପ୍ରକଳ୍ପ ଜେଜେଏମ୍ ଅଧୀନରେ କାର୍ଯ୍ୟକାରୀ କରାଯାଇଥିଲା । ଜୁନ୍ 2024 ସୁଦ୍ଧା କେବଳ ଦୁଇଟି ବୃହତ୍ ଜଳ ଯୋଗାଣ ପ୍ରକଳ୍ପ ସମସ୍ତ ଦୃଷ୍ଟିରୁ ସଂପୂର୍ଣ୍ଣ ହୋଇଥିଲା ।
- ❖ ଗ୍ରାମ କାର୍ଯ୍ୟ ଯୋଜନା (ଭିଏପି) ପ୍ରସ୍ତୁତିରେ ବିଳମ୍ବ ହୋଇଥିବା ଅଡିଟ୍ ଲକ୍ଷ୍ୟ କରିଥିଲା । 39ଟି ଗ୍ରାମ ମଧ୍ୟରୁ 24ଟିରେ, ଯେଉଁଠାରେ ଭିଏପି ପ୍ରସ୍ତୁତ କରାଯାଇଥିଲା, ସେଗୁଡିକର ଅନୁମୋଦନ ପାଇଁ ଗ୍ରାମସଭା ଅନୁଷ୍ଠିତ ହୋଇନଥିଲା, ଯାହାକି ମାର୍ଗଦର୍ଶିକା ଅନୁଯାୟୀ ଆବଶ୍ୟକ ଥିଲା ।
- ❖ କନ୍ଧମାଳ ବ୍ୟତୀତ ଅନ୍ୟ କୌଣସି ଜିଲ୍ଲାରେ ଜିଲ୍ଲା କାର୍ଯ୍ୟ ଯୋଜନା (ଡିଏପି) ପ୍ରସ୍ତୁତ କରାଯାଇ ନଥିଲା । ଯେହେତୁ ରାଜ୍ୟ କାର୍ଯ୍ୟ ଯୋଜନା ଡିଏପି ରୁ ପ୍ରସ୍ତୁତ ହେବାର ଥିଲା, ତାହା ମଧ୍ୟ ପ୍ରସ୍ତୁତ ହୋଇନଥିଲା, ଫଳରେ ନିମ୍ନରୁ ଉର୍ଦ୍ଧ୍ୱଗାମୀ ଯୋଜନା ପ୍ରସ୍ତୁତି ଆଭିମୁଖ୍ୟରେ ସାଲିସ୍ କରାଯାଇଥିଲା ।
- ❖ ଗ୍ରାମ ଜଳ ଯୋଗାଣ କମିଟି ଗୁଡ଼ିକ ଜେଜେଏମ୍ ଅଧୀନରେ ଜଳ ଯୋଗାଣ ଯୋଜନାର କାର୍ଯ୍ୟାନ୍ୱୟନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣରେ ଜଡ଼ିତ ନଥିଲେ, ଯାହା ନିର୍ଦ୍ଦେଶାବଳୀର ଉଲ୍ଲଂଘନ ଥିଲା । ଫଳସ୍ୱରୂପ ଯୋଜନା, କାର୍ଯ୍ୟକାରିତା ଏବଂ ପରିଚାଳନା ସ୍ତରରେ ନିଷ୍ପତ୍ତି ଗ୍ରହଣରେ ଗୋଷ୍ଠୀର ଭାଗିଦାରୀ ହାସଲ ହୋଇନଥିଲା । ଏହା ପ୍ରକଳ୍ପଗୁଡିକର ସମାପନ ଏବଂ ପରବର୍ତ୍ତୀ ପରିଚାଳନାଗତ ସ୍ଥିରତା ଉପରେ ପ୍ରତିକୂଳ ପ୍ରଭାବ ପକାଇଥିଲା ।
- ❖ ସହାୟକ କାର୍ଯ୍ୟକଳାପ ଏବଂ ଜଳ ଗୁଣବତ୍ତା ପରିଚାଳନା ଏବଂ ସର୍ବେକ୍ଷଣ (ଡବ୍ଲୁକ୍ୟୁଏମ୍ଆନ୍ଡଏସ୍) ଉପରେ ଖର୍ଚ୍ଚ ଯଥାକ୍ରମେ ଅନୁମତିପ୍ରାପ୍ତ ସୀମା 5 ଏବଂ 2 ପ୍ରତିଶତ ତୁଳନାରେ ଆବଣ୍ଟିତ ପାଣ୍ଠିର ଯଥାକ୍ରମେ 2.20 ପ୍ରତିଶତ ଏବଂ 0.38 ପ୍ରତିଶତ ଥିଲା, ଯାହା ନଗଣ୍ୟ ଅଟେ । ସହାୟକ କାର୍ଯ୍ୟକଳାପ ଏବଂ ଡବ୍ଲୁକ୍ୟୁଏମଆଣ୍ଡଏସ୍ ଉପରେ ଏପରି ସ୍ୱଳ୍ପ ଖର୍ଚ୍ଚ ସୂଚାଇ ଦେଉଛି ଯେ ଏହି

ଉପାଦାନଗୁଡିକ ଅଧୀନରେ ଥିବା ଯୋଜନାବଦ୍ଧ କାର୍ଯ୍ୟକଳାପଗୁଡିକର କାର୍ଯ୍ୟକାରିତା ଦୃଷ୍ଟିରୁ ଯୋଜନାର ପ୍ରଦର୍ଶନ ନିମ୍ନମାନର ରହିଥିଲା ।

- ❖ ନିର୍ଦ୍ଦେଶାବଳୀର ବିପରୀତରେ, ପ୍ରକଳ୍ପର ଉପଭୋକ୍ତା ଶୁଳ୍କ ଏବଂ ରକ୍ଷଣାବେକ୍ଷଣ ପାଇଁ ଗୋଷ୍ଠୀର ଅଂଶଦାନ ହିତାଧିକାରୀମାନଙ୍କ ଠାରୁ ଆଦାୟ କରାଯାଇନଥିଲା । ଫଳରେ ରାଜ୍ୟ ହିତାଧିକାରୀମାନଙ୍କ ମଧ୍ୟରେ ମାଲିକାନା ଭାବ ସୃଷ୍ଟି କରିବାରେ ଏବଂ ଯୋଜନାଗୁଡିକୁ ଆତ୍ମନିର୍ଭରଶୀଳ କରିବାରେ ବିଫଳ ହୋଇଥିଲା ।
- ❖ ରାଜ୍ୟର 77ଟି ପରୀକ୍ଷାଗାର ମଧ୍ୟରୁ କେବଳ 26ଟି ଏନ୍ଏବିଏଲ ମାନ୍ୟତାପ୍ରାପ୍ତ ଥିଲା ଏବଂ 17ଟି ପରୀକ୍ଷାଗାର ଏନଏବିଏଲ ଦ୍ୱାରା ସ୍ୱୀକୃତୀପ୍ରାପ୍ତ ଥିଲା । ଅବଶିଷ୍ଟ 34ଟି ପରୀକ୍ଷାଗାର ଏନଏବିଏଲ ମାନ୍ୟତା ବା ସ୍ୱୀକୃତୀ ପାଇନଥିଲା । ଜିଲ୍ଲା ଏବଂ ଉପଖଣ୍ଡଗୁଡିକରେ, ପରୀକ୍ଷାଗାରଗୁଡିକ ଜଳ ଗୁଣବତ୍ତା ପାଇଁ ଆବଶ୍ୟକ ସଂଖ୍ୟକ ପାରାମିଟର ପରୀକ୍ଷା କରିବାରେ ବିଫଳ ହୋଇଥିଲେ । ଏହା ବ୍ୟତୀତ , କର୍ମଚାରୀ ଅଭାବ, ପ୍ରଶିକ୍ଷଣର ଅଭାବ ଏବଂ ଅକାମୀ ଉପକରଣ ପରୀକ୍ଷାଗାର ଗୁଡିକରେ ଜଳ ପରୀକ୍ଷଣର ଗୁଣବତ୍ତାକୁ ପ୍ରଭାବିତ କରିଥିଲା ।
- ❖ ଯୋଜନା ପ୍ରସ୍ତୁତି ସମୟରେ ନିର୍ଦ୍ଧାରିତ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ନ କରିବା ଏବଂ ପର୍ଯ୍ୟାପ୍ତ ପରିମାଣର ଜଳ ଯୋଗାଣ ସୁନିଶ୍ଚିତ କରିବା ସହ ଜଳର ଅପଚୟ ରୋକିବା ପାଇଁ ଏଫ୍ଏଚ୍ଟିସି ରେ ସେନ୍ସର ବା ଜଳ ମିଟର ସ୍ଥାପନ ନ କରିବା ହେତୁ ରାଜ୍ୟରେ ନିରୀକ୍ଷଣ ବ୍ୟବସ୍ଥା ପ୍ରଭାବିତ ହୋଇଥିଲା ।

***ଉପରୋକ୍ତ ସମସ୍ୟାଗୁଡିକ ଦୂର କରିବା ପାଇଁ, ଏହା ସୁପାରିଶ କରାଯାଇଛି ଯେ :***

1. ***ସରକାର ସମସ୍ତ ଗ୍ରାମରେ ଗ୍ରାମ୍ୟ ଜଳ ଯୋଗାଣ କମିଟି ଗଠନ କରିବା ଏବଂ ନିରୀକ୍ଷଣ, ଦକ୍ଷତା ବିକାଶ, ଆଇଇସି (ସୂଚନା, ଶିକ୍ଷା ଏବଂ ଯୋଗାଯୋଗ) କାର୍ଯ୍ୟକଳାପ ଇତ୍ୟାଦି ମାଧ୍ୟମରେ ସେମାନଙ୍କର କାର୍ଯ୍ୟକୁ ମଜବୁତ୍ କରିବା ପାଇଁ ପଦକ୍ଷେପ ନେଇପାରିବେ, ଯାହା ଦ୍ୱାରା ସେମାନେ ସ୍ଥାୟୀ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ସେମାନଙ୍କର ଭୂମିକାକୁ ପ୍ରଭାବଶାଳୀ ଭାବରେ ନିର୍ବାହ କରିପାରିବେ ।***
2. ***ଗ୍ରାମାଞ୍ଚଳର ଲୋକମାନଙ୍କୁ ପର୍ଯ୍ୟାପ୍ତ ଏବଂ ନିରାପଦ ପାନୀୟ ଜଳ ଯୋଗାଣ ପାଇଁ ସରକାର ବାକି ରହିଯାଇଥିବା ବସତି ଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ଅନ୍ତର୍ଭୁକ୍ତ କରିବା ପାଇଁ ଏକ ରଣନୀତିକ ଯୋଜନା ପ୍ରସ୍ତୁତ କରିପାରିବେ । ମିଶନର ଉଦ୍ଦେଶ୍ୟ ହାସଲ କରିବା ଲାଗି ରାଜ୍ୟ ଜଳ ଓ ପରିମଳ ମିଶନ୍ ମଧ୍ୟ ଗ୍ରାମାଞ୍ଚଳର ଲୋକମାନଙ୍କ ମଧ୍ୟରେ ଦକ୍ଷତାବୃଦ୍ଧି, ତାଲିମ୍, ପରିଚାଳନା ଓ ରକ୍ଷଣାବେକ୍ଷଣ ଏବଂ ଆଇଇସି କାର୍ଯ୍ୟକଳାପ ପାଇଁ ଯୋଜନା ପ୍ରସ୍ତୁତ କରିପାରନ୍ତି, ଯାହାକୁ ଆରଡବ୍ଲ୍ୟୁଏସ୍ଏସ୍ ଡିଭିଜନଗୁଡ଼ିକ ଦ୍ୱାରା ସେମାନଙ୍କର କ୍ଷେତ୍ରାଧିକାର ମଧ୍ୟରେ ତୀକ୍ଷ୍ଣ ଭାବେ ତଦାରଖ କରାଯାଇପାରିବ ।***
3. ***ଜଳ ଯୋଗାଣ ବ୍ୟବସ୍ଥାର ସ୍ଥାୟିତ୍ୱ ଏବଂ ଗୁଣାତ୍ମକ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ସରକାର ସହାୟକ କାର୍ଯ୍ୟକଳାପ ଏବଂ ଜଳ ଗୁଣବତ୍ତା ପର୍ଯ୍ୟବେକ୍ଷଣ ଏବଂ ନିରୀକ୍ଷଣ ଉପରେ ମାର୍ଗଦର୍ଶିକା ଅନୁଯାୟୀ ଅନୁମତିପ୍ରାପ୍ତ ସୀମା ପର୍ଯ୍ୟନ୍ତ ଖର୍ଚ୍ଚ ବୃଦ୍ଧି କରିପାରନ୍ତି ।***
4. ***ମିଶନ ଅବଧି ମଧ୍ୟରେ ସମସ୍ତ ଗ୍ରାମୀଣ ପରିବାରକୁ ଘରୋଇ ଜଳ ସଂଯୋଗ ପ୍ରଦାନ କରିବା ପାଇଁ ସରକାର ମେଗା/ ବୃହତ୍ ପ୍ରକଳ୍ପ ସମେତ ପାଇପ ଜଳ ଯୋଗାଣ ପ୍ରକଳ୍ପ ଗୁଡିକର ଶୀଘ୍ର ସଂପୂର୍ଣ୍ଣ କରିବା ପାଇଁ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିପାରନ୍ତି ।***
5. ***ଯୋଜନା ପ୍ରସ୍ତୁତ କରିବା ସମୟରେ ଉତ୍ସର ସ୍ଥାୟିତ୍ୱ ବୃଦ୍ଧି ପାଇଁ ପଦକ୍ଷେପ ଉପରେ ସରକାର ଧ୍ୟାନ ଦେବା ଉଚିତ୍ ଏବଂ ପ୍ରକଳ୍ପ ଗୁଡ଼ିକ ଯେପରି ସେମାନଙ୍କର ସମ୍ପୂର୍ଣ୍ଣ ନିର୍ଦ୍ଧାରିତ ଅବଧି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ, ସେଥିପାଇଁ ବୈଷୟିକ ଜ୍ଞାନର ବ୍ୟବହାର କରିବା ଉଚିତ୍ ।***

### 2.1.1 ଉପକ୍ରମ

ଭାରତ ସରକାର ଜଳ ଜୀବନ ମିଶନ ନାମକ ଏକ ପ୍ରମୁଖ ଯୋଜନା ଆରମ୍ଭ (ଅଗଷ୍ଟ 2019) କରିଥିଲେ, ଯାହାର ଲକ୍ଷ୍ୟ ଥିଲା 2024[1] ସୁଦ୍ଧା ଦେଶର ସମସ୍ତ ଗ୍ରାମୀଣ ପରିବାରକୁ କାର୍ଯ୍ୟକ୍ଷମ ଘରୋଇ ନଳ ସଂଯୋଗ (ଏଫ୍‌ଏଚ୍‌ଟିସି)[2] ମାଧ୍ୟମରେ ସୁରକ୍ଷିତ ଏବଂ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଇଦେବା । ପ୍ରତ୍ୟେକ ଗ୍ରାମୀଣ ପରିବାର ଏବଂ ସାର୍ବଜନୀନ ଅନୁଷ୍ଠାନକୁ ଦୀର୍ଘକାଳୀନ ଭିତ୍ତିରେ ପାନୀୟ ଜଳର ସୁନିଶ୍ଚିତତା ପ୍ରଦାନ କରିବା ପାଇଁ ଅଂଶଗ୍ରହଣକାରୀ ଗ୍ରାମୀଣ ଜଳ ଯୋଗାଣ କାର୍ଯ୍ୟଶୈଳୀ ପ୍ରସ୍ତୁତି କରିବାରେ ରାଜ୍ୟମାନଙ୍କୁ ସହାୟତା କରିବା, ସଶକ୍ତ କରିବା ଏବଂ ସୁବିଧା ଯୋଗାଇଦେବା, ଏହି ମିଶନର ଲକ୍ଷ୍ୟ ରଖିଥିଲା । ଜେଜେଏମ ପରିଚାଳନା ନିର୍ଦ୍ଦେଶାବଳୀ ଅନୁଯାୟୀ, ରାଜ୍ୟମାନଙ୍କୁ ଜଳ ଯୋଗାଣ ଭିତ୍ତିଭୂମି ସୃଷ୍ଟି କରିବାକୁ ପଡିବ, ଯାହା ଫଳରେ ପ୍ରତ୍ୟେକ ଗ୍ରାମୀଣ ପରିବାରରେ ପର୍ଯ୍ୟାପ୍ତ ପରିମାଣର (ସର୍ବନିମ୍ନ 55 ଏଲ୍‌ପିସିଡି[3]) ଏବଂ ନିର୍ଦ୍ଧାରିତ ଗୁଣବତ୍ତାଯୁକ୍ତ (ବିଆଇଏସ 10500 ମାନକ)ର ଜଳ ଯୋଗାଣ ଏଫ୍‌ଏଚ୍‌ଟିସି ମାଧ୍ୟମରେ ଦୀର୍ଘକାଳୀନ ଭିତ୍ତିରେ ନିୟମିତ ଭାବରେ ହେବ ।

ଉତ୍ସ ସ୍ଥାୟିତ୍ୱ ପଦକ୍ଷେପଗୁଡିକୁ ଅନିବାର୍ଯ୍ୟ ଉପାଦାନ ଭାବରେ, ଯେପରିକି ଘରୋଇ ଅପଚୟ ଜଳ ପରିଚାଳନା ମାଧ୍ୟମରେ ରିଚାର୍ଜ ଓ ପୁନଃବ୍ୟବହାର, ଜଳ ସଂରକ୍ଷଣ, ବୃଷ୍ଟିଜଳ ଅମଳ ଇତ୍ୟାଦିକୁ କାର୍ଯ୍ୟକାରୀ କରିବା ଏହି ମିଶନର ଉଦ୍ଦେଶ୍ୟ ଥିଲା । ଏହି ମିଶନ ସାମୁଦାୟିକ ଅଂଶଗ୍ରହଣ ଆଭିମୁଖ୍ୟ ଉପରେ ଆଧାରିତ ଥିଲା ଏବଂ ଏଥିରେ ଏକ ପ୍ରମୁଖ ଉପାଦାନ ଭାବରେ ବ୍ୟାପକ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ପଦକ୍ଷେପଗୁଡିକ ଅନ୍ତର୍ଭୁକ୍ତ ଥିଲା ।

### 2.1.2 ଜେଜେଏମ୍ ପୂର୍ବରୁ ରାଜ୍ୟରେ ପାଇପ ଜଳ ଯୋଗାଣର ସ୍ଥିତି

ଜେଜେଏମ ପୂର୍ବରୁ, ଗ୍ରାମୀଣ ପରିବାରକୁ ପାଇପ ଜଳ ଯୋଗାଣ ପାଇଁ ରାଜ୍ୟରେ ବିଭିନ୍ନ କେନ୍ଦ୍ରୀୟ ଏବଂ ରାଜ୍ୟ ଯୋଜାନା କାର୍ଯ୍ୟକାରୀ ହେଉଥିଲା । କେନ୍ଦ୍ରୀୟ ଯୋଜନାଗୁଡିକ ମଧ୍ୟରେ ତ୍ୱରିତ ଗ୍ରାମୀଣ ଜଳ ଯୋଗାଣ କାର୍ଯ୍ୟକ୍ରମ (ଏଆର୍‌ଡବ୍ଲୁଏସ୍‌ପି) ଏବଂ ଜାତୀୟ ଗ୍ରାମୀଣ ପାନୀୟ ଜଳ କାର୍ଯ୍ୟକ୍ରମ (ଏନ୍‌ଆର୍‌ଡିଡବ୍ଲୁପି) ଅନ୍ତର୍ଭୁକ୍ତ ଥିଲା, ଯେତେବେଳେ କି ଓଡିଶା ସରକାରଙ୍କ ଯୋଜନାଗୁଡିକ ମଧ୍ୟରେ ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି (ଆର୍‌ଆଇଡିଏଫ୍), ସମସ୍ତ ଜନବସତିକୁ ବକ୍ସି ଜଗବନ୍ଧୁ ଆଶ୍ୱସ୍ତ ପାନୀୟ ଜଳ (ବସୁଧା), ଓଡିଶା ଖଣିଜ ଅଞ୍ଚଳ ବିକାଶ ନିଗମ (ଓଏମ୍‌ବିଏଡିସି) ଏବଂ ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ଅଧୀନରେ ଜଳ ଯୋଗାଣ ଯୋଜନାଗୁଡିକ ଅନ୍ତର୍ଭୁକ୍ତ ଥିଲା ।

ଜେଜେଏମ୍ ପ୍ରବର୍ତ୍ତନ ପରେ, ପୂର୍ବତନ ଏନ୍‌ଆର୍‌ଡିଡବ୍ଲୁପି ଅଧୀନରେ କାର୍ଯ୍ୟକାରୀ ହେଉଥିବା ଛଅଟି କାର୍ଯ୍ୟକ୍ରମ[4] ଜେଜେଏମ୍ ଅଧୀନରେ ମିଶି ଯାଇଥିଲା ଏବଂ ଆର୍‌ଆଇଡିଏଫ୍, ବସୁଧା ଇତ୍ୟାଦି ଭଳି ଅବଶିଷ୍ଟ ରାଜ୍ୟ ଯୋଜନାଗୁଡିକ ଜେଜେଏମ୍ ସହିତ ଜାରି ରହିଥିଲା ।

ଅଗଷ୍ଟ 2019 ପୂର୍ବରୁ ରାଜ୍ୟରେ କେବଳ 3.11 ଲକ୍ଷ ଗ୍ରାମୀଣ ପରିବାରକୁ ପାଇପ ଯୋଗେ ଜଳ ଯୋଗାଣ ପାଇଁ ବିଭିନ୍ନ ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଜେଜେଏମ୍ କାର୍ଯ୍ୟକାରୀ ହେବା ପରେ, ମାର୍ଚ୍ଚ 2024 ସୁଦ୍ଧା ରାଜ୍ୟର 88.68 ଲକ୍ଷ ପରିବାରକୁ ଏଫ୍‌ଏଚ୍‌ଟିସି ଯୋଗାଇ ଦିଆଯାଇଥିଲା ।

### 2.1.3 ଆନୁଷ୍ଠାନିକ ବ୍ୟବସ୍ଥା/ ଢାଞ୍ଚା

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ରାଜ୍ୟରେ ଜେଜେଏମ୍ କାର୍ଯ୍ୟକାରୀ କରିବା ପାଇଁ ନୋଡାଲ ବିଭାଗ ଅଟେ । ରାଜ୍ୟରେ ଜେଜେଏମ୍ କାର୍ଯ୍ୟକାରୀ କରିବା ପାଇଁ ନୋଡାଲ ବିଭାଗ ଅଧୀନରେ ଥିବା ମୁଖ୍ୟଯନ୍ତ୍ରୀ, ଗ୍ରାମ୍ୟ

---

1 ମିଶନ ଅବଧି 2028 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା

2 ଏଫ୍‌ଏଚ୍‌ଟିସି ଗ୍ରାମୀଣ ପରିବାରକୁ ନିର୍ଦ୍ଧାରିତ ଗୁଣବତ୍ତାଯୁକ୍ତ ପର୍ଯ୍ୟାପ୍ତ ପରିମାଣର ପାନୀୟ ଜଳ ଯୋଗାଇବା ପାଇଁ ଏକ ନଳ ସଂଯୋଗକୁ ବୁଝାଏ ।

3 ପ୍ରତି ଦିନ ପ୍ରତି ବ୍ୟକ୍ତି ପିଛା ଲିଟର

4 (i) ନିମ୍ନ ଆୟକାରୀ ରାଜ୍ୟମାନଙ୍କ ପାଇଁ ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ, (ii) ଜାତୀୟ ଜଳ ଗୁଣବତ୍ତା ଉପମିଶନ, (iii) ଜାପାନୀ ଏନସେଫାଲାଇଟିସ୍-ଆକ୍ୟୁଟ୍ ଏନସେଫାଲାଇଟିସ୍ ସିଣ୍ଡ୍ରୋମ୍ ପ୍ରଭାବିତ ଅଞ୍ଚଳ ପାଇଁ ଜଳ ଯୋଗାଣ ଯୋଜନା , (iv) ସ୍ୱଜଳ , (v) ଗୁଣବତ୍ତା ଅନୁଧ୍ୟାନ ଏବଂ ନିରୀକ୍ଷଣ ଏବଂ (vi) ସହାୟତା କାର୍ଯ୍ୟକଳାପ

ଜଳ ଯୋଗାଣ ଏବଂ ପରିମଳ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ହେଉଛନ୍ତି କାର୍ଯ୍ୟକାରୀ ସଂସ୍ଥା । ଜେଜେଏମ୍ କାର୍ଯ୍ୟକାରୀ କରିବା ପାଇଁ ଦାୟିତ୍ୱରେ ଥିବା ସାଂଗଠନିକ ବ୍ୟବସ୍ଥା ଏବଂ କର୍ମଚାରୀମାନଙ୍କୁ **ଚାର୍ଟ 2.1.2** ରେ ଦର୍ଶାଯାଇଛି ।

**ଚାର୍ଟ 2.1.1: ଓଡ଼ିଶାରେ ଜେଜେଏମ୍‌ର ସାଂଗଠନିକ ବ୍ୟବସ୍ଥା**




## 2.1.4 ଅଡିଟ୍ ଉଦ୍ଦେଶ୍ୟ

ସମ୍ପାଦନ ସମୀକ୍ଷାର ଉଦ୍ଦେଶ୍ୟ ଏହା ବିଶ୍ଳେଷଣ କରିବାର ଥିଲା ଯେ :

- ଯୋଜନାର କାର୍ଯ୍ୟକାରିତା ଏବଂ ପରବର୍ତ୍ତୀ ପରିଚାଳନା ପାଇଁ ଏକ ଦକ୍ଷ ସାଂଗଠନିକ ଢ଼ାଞ୍ଚା ସ୍ଥାପିତ ହୋଇଥିଲା କି ;
- ଆର୍ଥିକ ସମ୍ବଳଗୁଡିକ ଏକ ମିତବ୍ୟୟ ଏବଂ ଦକ୍ଷ ଉପାୟରେ ବ୍ୟବହାର କରାଯାଇଥିଲା କି ;
- ଯୋଜନାର ଉଦ୍ଦେଶ୍ୟଗୁଡିକ ସଫଳତାର ସହ ହାସଲ କରାଯାଇଥିଲା ଏବଂ ସୃଷ୍ଟି ହୋଇଥିବା ସଂପତ୍ତିଗୁଡିକ ଭବିଷ୍ୟତ ପିଢ଼ି ପାଇଁ ଜଳ ସୁରକ୍ଷାକୁ ବାଧା ନ ଦେଇ ସ୍ଥାୟୀ ପ୍ରକୃତିର ଥିଲା କି ।

## 2.1.5 ଅଡିଟ ମାନଦଣ୍ଡ

ସମ୍ପାଦନ ସମୀକ୍ଷା ପାଇଁ ନିମ୍ନଲିଖିତ ଅଡିଟ ମାନଦଣ୍ଡ ଗୁଡିକୁ ଗ୍ରହଣ କରାଯାଇଥିଲା :

- ଭାରତ ସରକାରଙ୍କର ଜଳ ଶକ୍ତି ମନ୍ତ୍ରଣାଳୟ, , ପାନୀୟ ଜଳ ଏବଂ ପରିମଳ ବିଭାଗ, ଜାତୀୟ ଜଳ ଜୀବନ ମିଶନ ଦ୍ୱାରା ଜେଜେଏମ କାର୍ଯ୍ୟକାରିତା ପାଇଁ ଜାରି କରାଯାଇଥିବା ପରିଚାଳନା ନିର୍ଦ୍ଦେଶାବଳୀ ;

- ଭାରତ ସରକାରଙ୍କର ଜଳ ଶକ୍ତି ମନ୍ତ୍ରଣାଳୟ, ପାନୀୟ ଜଳ ଏବଂ ପରିମଳ ବିଭାଗ, ଜାତୀୟ ଜଳ ଜୀବନ ମିଶନ ଦ୍ୱାରା ଜାରି କରାଯାଇଥିବା ଜଳ ଗୁଣବତ୍ତା ନିରୀକ୍ଷଣ ଏବଂ ପର୍ଯ୍ୟବେକ୍ଷଣ ଢାଞ୍ଚା
- ଅର୍ଥନୈତିକ ଏବଂ ସାମାଜିକ ବ୍ୟାପାର ବିଭାଗ, ଜାତିସଂଘ ଦ୍ୱାରା ଜାରି କରଯାଇଥିବା 'ସ୍ଥାୟୀ ବିକାଶ ଲକ୍ଷ୍ୟର' ଦାୟିତ୍ୱ ଏବଂ ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ଜାରି କରଯାଇଥିବା ବିଦ୍ୟାଳୟରେ ଜଳ, ପରିମଳ ଏବଂ ସ୍ୱଚ୍ଛତା ବଜାୟ ରଖିବା ପାଇଁ ମାନକ ପରିଚାଳନା ପ୍ରକ୍ରିୟା ମାନଦଣ୍ଡ ;
- ଜେଜେଏମ୍ କାର୍ଯ୍ୟକାରିତାକୁ ସହଜ କରିବା ପାଇଁ ରାଜ୍ୟ ସରକାର/ ବିଭାଗ ଦ୍ୱାରା ଜାରି କରାଯାଇଥିବା ଆଦେଶ ;
- ଭାରତୀୟ ସମ୍ବିଧାନର 73ତମ ସଂଶୋଧନ ଅଧିନିୟମରେ ପରିକଳ୍ପିତ କ୍ଷମତାର ବିକେନ୍ଦ୍ରୀକରଣ ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଆଦେଶ;
- ଭାରତର ଅଗଭିର ଭୂତଳ ଜଳଭଣ୍ଡାରର ଜଳର ଗୁଣବତ୍ତା ଉପରେ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ରିପୋର୍ଟ (2023)।

### 2.1.6 ଅଡିଟର ପରିସର ଏବଂ ପଦ୍ଧତି

ଅଗଷ୍ଟ 2019 ଠାରୁ ମାର୍ଚ୍ଚ 2024 ପର୍ଯ୍ୟନ୍ତ ଅବଧିକୁ ଅନ୍ତର୍ଭୁକ୍ତ କରି ଜେଜେଏମ୍‌ର ସମ୍ପାଦନ ସମୀକ୍ଷା ଜୁନ୍ ଏବଂ ସେପ୍ଟେମ୍ବର 2024 ମଧ୍ୟରେ କରାଯାଇଥିଲା । ଅଡିଟ୍ ପାଞ୍ଚଟି ଚୟନିତ ଜିଲ୍ଲାରେ[5] ଏବଂ ବ୍ଲକ ସ୍ତରୀୟ ୟୁନିଟ୍ ଗୁଡିକରେ ରେକର୍ଡ ଯାଞ୍ଚ କରିଥିଲା ।

ପ୍ରତ୍ୟେକ ଜିଲ୍ଲା ଅଧୀନରେ ଦୁଇଟି ବ୍ଲକ ଚୟନ କରାଯାଇଥିଲା ଏବଂ ପ୍ରତ୍ୟେକ ବ୍ଲକ ଅଧୀନରେ, ରାଜ୍ୟରେ ଜେଜେଏମ୍ କାର୍ଯ୍ୟକାରିତା ସ୍ଥିତିର ଯାଞ୍ଚ ପାଇଁ ଚାରୋଟି ଗ୍ରାମ ଚୟନ କରାଯାଇଥିଲା । ଏହି ସମ୍ପାଦନ ସମୀକ୍ଷା ଅଧିନରେ ମୋଟ 10ଟି ବ୍ଲକ ଏବଂ 40ଟି ଗ୍ରାମ ଅନ୍ତର୍ଭୁକ୍ତ କରାଯାଇଥିଲା । ନମୁନା ହୋଇଥିବା ୟୁନିଟଗୁଡିକର ତାଲିକା ***ପରିଶିଷ୍ଟ 2.1*** ରେ ଦିଆଯାଇଛି ।

ସ୍ତରୀକୃତ ଅନିୟମିତ ନମୁନାକରଣ ପଦ୍ଧତି ଗ୍ରହଣ କରି ସମସ୍ତ ୟୁନିଟ୍ ଚୟନ କରାଯାଇଥିଲା । ଅଡିଟ୍ ପ୍ରକ୍ରିୟାରେ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ, କେନ୍ଦ୍ରିତ ଗୋଷ୍ଠୀ ଆଲୋଚନା (ଏଫ୍‌ଜିଡି)[6] ପରିଚାଳନା, ପାଇପ୍ ଜଳ ଯୋଗାଣ ଯୋଜନାର ମିଳିତ ସରଜମିନ ତଦନ୍ତ, କାର୍ଯ୍ୟକ୍ଷମ ଘରୋଇ ନଳ ସଂଯୋଗ ପ୍ରଦାନ କରାଯାଇଥିବା ପ୍ରତ୍ୟେକ ନମୁନାଭୁକ୍ତ ଗ୍ରାମରେ ଅତି କମ୍‌ରେ 20 ଜଣ ହିତାଧରକାରୀଙ୍କ[7] ସହିତ ସାକ୍ଷାତକାର, ଆବଶ୍ୟକତା ଅନୁଯାୟୀ ଫଟୋଗ୍ରାଫିକ୍ ପ୍ରମାଣ ନେବା, ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶକ ଇତ୍ୟାଦି ଅନ୍ୟ ଅଂଶୀଦାରମାନଙ୍କ ଠାରୁ ସୂଚନା ସଂଗ୍ରହ ଅନ୍ତର୍ଭୁକ୍ତ ଥିଲା ।

ସମ୍ପାଦନ ସମୀକ୍ଷାର ଉଦ୍ଦେଶ୍ୟ, ମାନଦଣ୍ଡ, ପରିସର ଏବଂ ପଦ୍ଧତି ବିଷୟରେ, 25 ଜୁନ 2024 ରେ ଅନୁଷ୍ଠିତ ଏକ ପ୍ରାରମ୍ଭ ସମ୍ମିଳନୀରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ପ୍ରମୁଖ ସଚିବଙ୍କ ସହିତ ଚର୍ଚ୍ଚା କରାଯାଇଥିଲା । 5 ମଇ 2025 ରେ ଅନୁଷ୍ଠିତ ଏକ ସମାପ୍ତି ବୈଠକରେ ବିଭାଗର ପ୍ରମୁଖ ସଚିବଙ୍କ ସହିତ ଅଡିଟ୍ ଫଳାଫଳ ଆଲୋଚନା କରାଯାଇଥିଲା । ବିଭାଗ ଅଡିଟର ସମସ୍ତ ସୁପାରିଶ ଗ୍ରହଣ କରିଥିଲା ଏବଂ ତ୍ରୁଟିଗୁଡିକୁ ହ୍ରାସ କରିବା ପାଇଁ ପ୍ରତିକାରମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଶ୍ୱାସନା ଦେଇଥିଲା । ବିଭାଗରୁ ପ୍ରାପ୍ତ ଉତ୍ତର ରିପୋର୍ଟରେ ଉପଯୁକ୍ତ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି ।

---

5 ବାଲେଶ୍ୱର, ବରଗଡ଼, କନ୍ଧମାଳ, ମାଲକାନଗିରି ଏବଂ ପୁରୀ

6 ଫୋକସ୍ ଗ୍ରୁପ୍ ଡିସକସନ୍ (ଏଫ୍‌ଜିଡି) ହେଉଛି ଏକ ଗୁଣାତ୍ମକ ଗବେଷଣା ପଦ୍ଧତି ଯେଉଁଥିରେ ଏକ ନିର୍ଦ୍ଦିଷ୍ଟ ବିଷୟ କିମ୍ବା ସମସ୍ୟା ଉପରେ ଗୋଷ୍ଠିଗତ ଭାବରେ ଗଭୀର ଆଲୋଚନା କରାଯାଏ । ଜେଜେଏମ୍ ପାଇଁ ଏଫ୍‌ଜିଡି ପରିଚାଳନା କରିବାକୁ, ଅଡିଟ୍ ଦଳ ଗ୍ରାମୀଣ ଗୋଷ୍ଠୀ, ଗ୍ରାମ୍ୟ ଜଳ ଓ ପରିମଳ କମିଟି, ଗ୍ରାମ ପଞ୍ଚାୟତ ପ୍ରତିନିଧି, ଏନ୍‌ଜିଓ/କାର୍ଯ୍ୟକାରୀ ସହାୟତା ଏଜେନ୍ସି ଏବଂ କାର୍ଯ୍ୟକାରୀ ଏଜେନ୍ସୀ ଇତ୍ୟାଦିଙ୍କ ସହିତ ଆଲୋଚନା କରିଥିଲେ ।

7 ଅଡିଟ୍ ଜୁଲାଇ ରୁ ସେପ୍ଟେମ୍ବର 2024 ମଧ୍ୟରେ ପାଞ୍ଚଟି ପରୀକ୍ଷିତ ଜିଲ୍ଲାର 10 ଟି ବ୍ଲକର 40 ଟି ଗ୍ରାମରେ 816 ଜଣ ହିତାଧିକାରୀଙ୍କୁ ସାକ୍ଷାତକାର କରିଥିଲା ।

## 2.1.7 ସ୍ୱୀକୃତୀ

ଏହି ସମ୍ପାଦନ ସମୀକ୍ଷା ସମୟରେ ସୂଚନା ପ୍ରଦାନ ପାଇଁ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଦ୍ୱାରା କରାଯାଇଥିବା ସହଯୋଗ ଏବଂ ସହାୟତାକୁ ଆମ୍ଭେ ସ୍ୱୀକାର କରୁଛୁ ।

## ଅଡିଟ୍ ଫଳାଫଳ

## 2.1.8 ସାଂଗଠନିକ ଢ଼ାଞ୍ଚା

ଜଳ ଜୀବନ ମିଶନ ପରିଚାଳନା ନିର୍ଦ୍ଦେଶାବଳୀ ଅନୁଯାୟୀ, ଯୋଜନାର ସଫଳ କାର୍ଯ୍ୟାନୁଷ୍ଠାନ ଏବଂ ଉଲ୍ଲେଖିତ ଲକ୍ଷ୍ୟ ହାସଲ ପାଇଁ ଏକ ଦୃଢ଼ ସାଂଗଠନିକ ଢ଼ାଞ୍ଚା ଆବଶ୍ୟକ ଥିଲା । ତେଣୁ, ଜାତୀୟ, ରାଜ୍ୟ, ଜିଲ୍ଲା ଏବଂ ଗ୍ରାମସ୍ତରରେ ଏକ ଚର୍ତୁସ୍ତରୀୟ ସଂଗଠନିକ ପଦ୍ଧତି ସ୍ଥାପନ କରାଯିବାର ଥିଲା ।

ଜାତୀୟ ସ୍ତରରେ, ଜାତୀୟ ଜଳ ଜୀବନ ମିଶନ ରହିବ । ରାଜ୍ୟ କ୍ଷେତ୍ରରେ, ଏକ ରାଜ୍ୟ ଜଳ ଏବଂ ପରିମଳ ମିଶନ ରହିବ ଏବଂ ପ୍ରତ୍ୟେକ ଜିଲ୍ଲାରେ, ଏକ ଜିଲ୍ଲା ଜଳ ଏବଂ ପରିମଳ ମିଶନ ରହିବ । ଗ୍ରାମ ସ୍ତରରେ, ଗ୍ରାମ ପଞ୍ଚାୟତ ଏବଂ ଏହାର ଉପ ସମିତି, ଯଥା ଗ୍ରାମ ଜଳ ଏବଂ ପରିମଳ କମିଟି / ପାଣି ସମିତି/ଉପଭୋକ୍ତା ଗୋଷ୍ଠୀ, ଇତ୍ୟାଦି , ରହିବ, ଯାହା ଗ୍ରାମୀଣ ପରିବାରକୁ କାର୍ଯ୍ୟକ୍ଷମ ଘରୋଇ ନଳ ସଂଯୋଗ ପ୍ରଦାନ କରିବା ପାଇଁ ଆଇନଗତ ସଂସ୍ଥା ଭାବରେ କାର୍ଯ୍ୟ କରିବେ । ରାଜ୍ୟରେ ଜଳ ଜୀବନ ମିଶନର ସଫଳ କାର୍ଯ୍ୟାନୁଷ୍ଠାନ ପାଇଁ ଅନ୍ୟାନ୍ୟ କାର୍ଯ୍ୟକ୍ରମଗୁଡିକରେ ସଂଯୋଗ ଏବଂ ସମନ୍ୱୟ ସହିତ ସବୁ ସ୍ତରରେ ସଂସ୍ଥାଗତ ବ୍ୟବସ୍ଥା ପ୍ରତିଷ୍ଠା କରାଯିବାକୁ ଥିଲା, ଯାହା ନିମ୍ନରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି:

**ସାଂଗଠନିକ ଢାଞ୍ଚା**

| ରାଜ୍ୟ ଜଳ ଏବଂ ପରିମଳ ମିଶନ୍ | ଜିଲ୍ଲା ଜଳ ଏବଂ ପରିମଳ ମିଶନ୍ | ଗ୍ରାମ ଜଳ ଏବଂ ପରିମଳ କମିଟି |
|---|---|---|
| **ରାଜ୍ୟରେ ଜଳ ଜୀବନ ମିଶନର ସାମଗ୍ରିକ କାର୍ଯ୍ୟାନ୍ୱୟନ ପାଇଁ ଦାୟୀ** | **ଜିଲ୍ଲା ସ୍ତରରେ ଜଳ ଜୀବନ ମିଶନ କାର୍ଯ୍ୟକାରୀ କରିବା ପାଇଁ ଦାୟୀ** | **ଗ୍ରାମ ଭିତରେ ଜଳ ଯୋଗାଣ ବ୍ୟବସ୍ଥାର ଯୋଜନା, କାର୍ଯ୍ୟାନ୍ୱୟନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣରେ ପ୍ରମୁଖ ଭୂମିକା ଗ୍ରହଣ କରିବା ପାଇଁ ଦାୟୀ** |
| **କାର୍ଯ୍ୟ:**<br>• ରାଜ୍ୟରେ ଜଳ ଜୀବନ ମିଶନର ସାମଗ୍ରିକ ଯୋଜନା, ରଣନୀତି ଏବଂ କାର୍ଯ୍ୟାନ୍ୱୟନ ପାଇଁ ନୀତି ମାର୍ଗଦର୍ଶନ ପ୍ରଦାନ କରିବା<br>• ପଦ୍ଧତି/ ଯୋଜନାର ଆର୍ଥିକ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ରଣନୀତି ଏବଂ ମାସିକ ଶୁଳ୍କ ସ୍ଥିର କରିବା<br>• ଭୌତିକ ଏବଂ ଆର୍ଥିକ କାର୍ଯ୍ୟଦକ୍ଷତାର ନିରୀକ୍ଷଣ<br>• ଏକ ଜିଆଇଏସ୍ ପ୍ଲାଟଫର୍ମରେ ଜଳଜୀବନ ମିଶନର ସମ୍ପତ୍ତିର ଡିଜିଟାଲ୍ ଇନଭେଣ୍ଟୋରୀ ସୃଷ୍ଟି ଏବଂ ରକ୍ଷଣାବେକ୍ଷଣ<br>• ଦେୟ ପୂର୍ବରୁ କାର୍ଯ୍ୟର ଯାଞ୍ଚ ପାଇଁ ତୃତୀୟ ପକ୍ଷ ଯାଞ୍ଚ ଏଜେନ୍ସିଗୁଡ଼ିକୁ ନିୟୋଜିତ କରିବା | **କାର୍ଯ୍ୟ:**<br>• ଗ୍ରାମ କାର୍ଯ୍ୟଯୋଜନାକୁ ଅନୁମୋଦନ କରିବା, ଯେଉଁଥିରେ ଗ୍ରାମ ଭିତରର ଭିତ୍ତିଭୂମି ଯଥା, ପୁନଃନିର୍ମାଣ କିମ୍ବା ନୂତନଯୋଜନା ଏବଂ ଏହାର କାର୍ଯ୍ୟାନ୍ୱୟନ ସମୟସୀମାର ଆକଳନ ରହିବ ।<br>• 2024 ସୁଦ୍ଧା ପ୍ରତ୍ୟେକ ଗ୍ରାମୀଣ ପରିବାରକୁ କାର୍ଯ୍ୟକ୍ଷମ ଘରୋଇ ନଳ ସଂଯୋଗ ପ୍ରଦାନ କରିବା ପାଇଁ ଏକ ଜିଲ୍ଲା କାର୍ଯ୍ୟଯୋଜନା ଚୂଡ଼ାନ୍ତ କରିବା<br>• ଗ୍ରାମ ପଞ୍ଚାୟତ ଏବଂ ଏହାର ଉପକମିଟି ଅର୍ଥାତ୍ ଗ୍ରାମ ଜଳ ଓ ପରିମଳ କମିଟି ସହିତ ସମନ୍ୱୟ ସ୍ଥାପନା କରିବା<br>• ଜିଲ୍ଲା ସ୍ତରରେ ଆର୍ଥିକ ଏବଂ ଭୌତିକ କାର୍ଯ୍ୟଦକ୍ଷତା, ତଦାରଖ ଏବଂ ମୂଲ୍ୟାଙ୍କନ କରିବା<br>• ମାଷ୍ଟର ଟ୍ରେନର ଭାବରେ ତାଲିମ ପାଇବାକୁ ଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା<br>• ଜଳ ଜୀବନ ମିଶନ ସମ୍ପର୍କରେ ସଚେତନତା ଅଭିଯାନ ପରିଚାଳନା କରିବା | **କାର୍ଯ୍ୟ:**<br>• ପ୍ରତ୍ୟେକ ଗ୍ରାମାଞ୍ଚଳର ପରିବାରକୁ କାର୍ଯ୍ୟକ୍ଷମ ଘରୋଇ ନଳ ସଂଯୋଗ ପ୍ରଦାନ କରିବା<br>• ଜଳ ଯୋଗାଣ ଯୋଜନା ପାଇଁ ଗ୍ରାମ କାର୍ଯ୍ୟ ଯୋଜନାର ପ୍ରସ୍ତୁତି<br>• ଗ୍ରାମାଞ୍ଚଳର ଜଳ ଯୋଗାଣ ଯୋଜନା, ଡିଜାଇନ୍, କାର୍ଯ୍ୟକାରୀତା, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଏବଂ ଋତୁକାଳୀନ ଯୋଗାଣ ସମୟ ନିର୍ଣ୍ଣୟ କରିବା<br>• ଗୋଷ୍ଠୀକୁ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଦେୟ ପ୍ରତି ଯୋଗଦାନ କରିବା ପାଇଁ ସକ୍ରିୟ ଏବଂ ପ୍ରେରିତ କରିବା<br>• ଉତ୍ସ ସ୍ଥାୟୀତ୍ୱ, ଘରୋଇ ଅପଚୟ ଜଳର ପୁନଃବ୍ୟବହାର, ଜଳ ସଂରକ୍ଷଣ ପଦକ୍ଷେପ ଇତ୍ୟାଦି ସମେତ ଗ୍ରାମାଞ୍ଚଳର ଭିତ୍ତିଭୂମି ନିର୍ମାଣ ଓ ତଦାରଖ କରିବା |

*ଉତ୍ସ: ଜେଜେଏମ୍ ପରିଚାଳନା ମାର୍ଗଦର୍ଶିକା*

ଏହି ପରିପ୍ରେକ୍ଷୀରେ ଅଡିଟ୍ ନିମ୍ନଲିଖିତ ବିଷୟ ଗୁଡ଼ିକ ଦେଖିଥିଲା:

### 2.1.8.1 ରାଜ୍ୟ ଜଳ ଏବଂ ପରିମଳ ମିଶନର (ଏସଡବ୍ଲ୍ୟୁଏସଏମ୍) ଅନୁପଯୁକ୍ତ କାର୍ଯ୍ୟକାରିତା

ଜଳ ଜୀବନ ମିଶନ ପରିଚାଳନା ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 5.2 ରେ ଉଲ୍ଲେଖ କରାଯାଇଛି ଯେ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବା ପାଇଁ ରାଜ୍ୟ ଜଳ ଏବଂ ପରିମଳ ମିଶନ (ଏସଡବ୍ଲ୍ୟୁଏସଏମ୍) ପରାମର୍ଶଦାତାଙ୍କୁ ନିଯୁକ୍ତି କରିବ ଯାହା ପାଇଁ ସହାୟତା କାର୍ଯ୍ୟକଳାପ ନାମକ ଏକ ଉପାଦାନ[8] ଅଧୀନରେ ପାଣ୍ଠି ଯୋଗାଇ ଦିଆଯିବ । ଅଡିଟ୍ ଦେଖିଲା ଯେ ଜଳ ଜୀବନ ମିଶନ କାର୍ଯ୍ୟକାରୀ ହେବା ପୂର୍ବରୁ, ରାଜ୍ୟ ସରକାରଙ୍କ ସମସ୍ତ ଜଳ ଯୋଗାଣ ଯୋଜନାର ତଦାରଖ କରିବା ପାଇଁ ବସୁଧା ଯୋଜନା ଅଧୀନରେ ପ୍ରକଳ୍ପ ପର୍ଯ୍ୟାଲୋଚନା ୟୁନିଟ୍ ଭାବରେ ଜଣେ ପରାମର୍ଶଦାତାଙ୍କୁ (ଏପ୍ରିଲ 2019) ନିଯୁକ୍ତ କରିଥିଲା । ଜଳ ଜୀବନ ମିଶନର ଉଦ୍ଦେଶ୍ୟ ହାସଲ କରିବା ପାଇଁ, ରାଜ୍ୟ ଏହାର ରାଜ୍ୟସ୍ତରୀୟ ଯୋଜନା ମଞ୍ଜୁରୀ କମିଟିରେ (ଜୁନ 2021) ରାଜ୍ୟ ଜଳ ଏବଂ ପରିମଳ ମିଶନ ଅଧୀନରେ ବିଦ୍ୟମାନ ପ୍ରକଳ୍ପ ପର୍ଯ୍ୟାଲୋଚନା ୟୁନିଟ୍ର ନିରନ୍ତରତାକୁ ଅନୁମୋଦନ କରିଥିଲା ଏବଂ ଏହାକୁ ଫେବୃଆରୀ 2022 ରୁ କାର୍ଯ୍ୟକାରୀ କରାଯାଇଥିଲା ।

ପ୍ରାରମ୍ଭରେ, ପ୍ରକଳ୍ପ ପର୍ଯ୍ୟାଲୋଚନା ୟୁନିଟ୍କୁ (i) କ୍ରୟ ସହାୟତା, (ii) ବୈଷୟିକ ସହାୟତା, (iii) ପ୍ରକଳ୍ପର ପ୍ରଗତି ଟ୍ରାକିଂ, (iv) କାର୍ଯ୍ୟକ୍ରମ ପରିଚାଳନା, ସଂସ୍ଥାଗତ ସୁଦୃଢ଼ୀକରଣ, ସୂଚନା, ଶିକ୍ଷା ଓ ଯୋଗାଯୋଗ **(ଆଇସି)** ଏବଂ କ୍ଷମତା ବିକାଶ, ଏବଂ (v) ଡକ୍ୟୁମେଣ୍ଟେସନ୍, ଜ୍ଞାନ ପରିଚାଳନା ଏବଂ ସୂଚନା ପ୍ରସାରଣ ଭଳି କାର୍ଯ୍ୟ ନ୍ୟସ୍ତ କରାଯାଇଥିଲା । ଫେବୃଆରୀ 2022 ରେ, ଜଳ ଜୀବନ ମିଶନ୍ର ଉଦ୍ଦେଶ୍ୟ ପାଇଁ ପ୍ରକଳ୍ପ ପର୍ଯ୍ୟାଲୋଚନା ୟୁନିଟ୍ର କାର୍ଯ୍ୟକଳାପକୁ ଆଉ ଦୁଇ ବର୍ଷ (ମାର୍ଚ୍ଚ 2024 ପର୍ଯ୍ୟନ୍ତ) ବୃଦ୍ଧି କରିବା ସମୟରେ, ମୁଖ୍ୟ ଯନ୍ତ୍ରୀ, ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ଏଜେନ୍ସିକୁ କାର୍ଯ୍ୟକ୍ଷମ ଘରୋଇ ଟ୍ୟାପ୍ ସଂଯୋଗର ପ୍ରଗତି ନିରୀକ୍ଷଣ, ଗୁଣବତ୍ତା ନିୟନ୍ତ୍ରଣ ପଦକ୍ଷେପ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ସ୍ଥାୟୀତ୍ୱ, ପ୍ରକଳ୍ପ ପ୍ରସ୍ତୁତି କାର୍ଯ୍ୟକଳାପ ଏବଂ ଗୋଷ୍ଠୀର ଅଂଶଗ୍ରହଣମୂଳକ ପଦକ୍ଷେପ ଭଳି କିଛି ଅତିରିକ୍ତ କାର୍ଯ୍ୟ ନ୍ୟସ୍ତ କରିଥିଲେ ।

ମୁଖ୍ୟ ଯନ୍ତ୍ରୀଙ୍କର ରେକର୍ଡ ଯାଞ୍ଚ କରିବା ଏବଂ ନମୁନା ଜିଲ୍ଲାଗୁଡ଼ିକର ବିସ୍ତୃତ ଯାଞ୍ଚ ସମୟରେ, ଅଡିଟ୍ ଦେଖିଲା ଯେ ନିର୍ଦ୍ଦେଶାବଳୀରେ ପରିକଳ୍ପନା ଅନୁଯାୟୀ ପ୍ରକଳ୍ପ ପର୍ଯ୍ୟାଲୋଚନା ୟୁନିଟ୍ ଠିକ୍ ଭାବରେ କାର୍ଯ୍ୟ କରିନାହିଁ, ଯାହା ନିମ୍ନରେ ଆଲୋଚନା କରାଯାଇଛି:

- ଜଳ ଜୀବନ ମିଶନ୍ ୱେବ୍ ପୋର୍ଟାଲ୍ ଏବଂ ମୁଖ୍ୟ ଯନ୍ତ୍ରୀଙ୍କ ଦ୍ୱାରା ରିପୋର୍ଟ କରାଯାଇଥିବା ସଂଖ୍ୟା ମଧ୍ୟରେ ତଥ୍ୟ ବିସଙ୍ଗତି ଥିଲା, ଯାହା ***ଅନୁଚ୍ଛେଦ 2.1.12.3*** ରେ ବିସ୍ତୃତ ଭାବରେ ବର୍ଣ୍ଣିତ । ଏହା ଗ୍ରାମ ଏବଂ ପରିବାରର କାର୍ଯ୍ୟକ୍ଷମ ଘରୋଇ ନଳ ସଂଯୋଗ ସହିତ ପ୍ରକୃତ କଭରେଜ୍ ବିଷୟରେ ସନ୍ଦେହ ସୃଷ୍ଟି କରିଥିଲା । ଏହା ସୂଚାଇଥିଲା ଯେ ପ୍ରକଳ୍ପ ପର୍ଯ୍ୟାଲୋଚନା ୟୁନିଟ୍ ଦ୍ୱାରା କାର୍ଯ୍ୟକ୍ଷମ ଘରୋଇ ନଳ ସଂଯୋଗର ପ୍ରଗତି ସଠିକ୍ ଭାବରେ ଟ୍ରାକିଂ କରାଯାଇ ନଥିଲା ।

- ନମୁନାଭୁକ୍ତ ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ଡ଼ିଭିଜନ୍ଗୁଡ଼ିକରେ ଅଡିଟ୍ ଦେଖିଥିଲା ଯେ ଗତ ପାଞ୍ଚ ବର୍ଷ ମଧ୍ୟରେ, ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର କିମ୍ବା ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ଗ୍ରାମ ପଞ୍ଚାୟତରେ ଜଳ ସୁରକ୍ଷା ଏବଂ ପରିଚାଳନା ଉପରେ କୌଣସି ଆଇସିଙ୍କ କାର୍ଯ୍ୟକଳାପ କିମ୍ବା ସଚେତନତା ଅଭିଯାନ କରାଯାଇ ନଥିଲା, ଯାହା ***ଅନୁଚ୍ଛେଦ 2.1.13.1*** ରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି । ଅଡିଟ୍ ଆହୁରି ଲକ୍ଷ୍ୟ କରିଛି ଯେ ଜଳ ଗୁଣବତ୍ତା ପରୀକ୍ଷା ଏବଂ ଜଳ ଗୁଣବତ୍ତା ପରୀକ୍ଷାଗାର ବିଷୟରେ ସୂଚନା ଗୋଷ୍ଠୀ ମଧ୍ୟରେ ଅଂଶୀଦାର କରାଯାଇ ନଥିଲା ***(ଅନୁଚ୍ଛେଦ 2.1.14.7)*** । ତେଣୁ, ପ୍ରକଳ୍ପ ପର୍ଯ୍ୟାଲୋଚନା ୟୁନିଟ୍ ସଂସ୍ଥାଗତ ସୁଦୃଢ଼ୀକରଣ, ଜ୍ଞାନ ପରିଚାଳନା ଏବଂ ସୂଚନା ପ୍ରସାରଣର ନ୍ୟସ୍ତ ଦାୟିତ୍ୱ ନିର୍ବାହ କରି ନଥିଲା ।

- ପ୍ରକଳ୍ପ ପ୍ରସ୍ତୁତି କାର୍ଯ୍ୟକଳାପର ଅଂଶ ସ୍ୱରୂପ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମଗୁଡ଼ିକୁ 2019-24 ଅବଧି ମଧ୍ୟରେ ଗ୍ରାମ ଗୁଡ଼ିକରେ କାର୍ଯ୍ୟକାରୀ କରାଯାଇ ନଥିଲା ।

---

[8] ମେସର୍ସ ଅର୍ନଷ୍ଟ ଏବଂ ୟଙ୍ଗ ଏଲ୍ଏଲ୍ପି, ନୂଆଦିଲ୍ଲୀ

- ରାଜ୍ୟର ଜଳ ଯୋଗାଣ ପ୍ରକଳ୍ପ ପାଇଁ ଏକ ସ୍ଥାୟୀ ପରିଚାଳନା ଓ ରକ୍ଷଣାବେକ୍ଷଣ ଯୋଜନା ନଥିଲା (***ଅନୁଚ୍ଛେଦ 2.1.10***), ଯାହା ପ୍ରକଳ୍ପ ପର୍ଯ୍ୟାଲୋଚନା ୟୁନିଟ୍ ଦ୍ୱାରା ବିକଶିତ କରାଯିବାକୁ ଥିଲା ।
- ପ୍ରକଳ୍ପ ପର୍ଯ୍ୟାଲୋଚନା ୟୁନିଟ୍ ଜଳ ଗୁଣବତ୍ତା ତଦାରଖ ଅଧିନରେ ନ୍ୟସ୍ତ କାର୍ଯ୍ୟଗୁଡ଼ିକୁ ମଧ ସଠିକ୍ ଭାବରେ ସମ୍ପାଦନ କରିନଥିଲା, କାରଣ ଅଡିଟ୍ ପରୀକ୍ଷାଗାରଗୁଡ଼ିକର ଅଭାବ ଏବଂ ଅପଗ୍ରେଡେସନ୍ ନହେବା, ଜଳ ପରୀକ୍ଷାଗାରଗୁଡ଼ିକର ମାନ୍ୟତାରେ ଅଭାବ, ପରୀକ୍ଷାଗାରଗୁଡ଼ିକର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ, ଅପର୍ଯ୍ୟାପ୍ତ ପାରାମିଟର ସଂଖ୍ୟା ଉପରେ ପରୀକ୍ଷା ଇତ୍ୟାଦି ତ୍ରୁଟି ଦେଖିଥିଲା ***(ଅନୁଚ୍ଛେଦ 2.1.14)***।

ତେଣୁ, ଜଳ ଜୀବନ ମିଶନ୍ ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରକଳ୍ପ ପର୍ଯ୍ୟାଲୋଚନା ୟୁନିଟ୍ ଠିକ୍ ଭାବରେ କାର୍ଯ୍ୟ କରୁନଥିଲା, ଯାହା ମିଶନ୍ ଲକ୍ଷ୍ୟ ହାସଲ କରିବା ପାଇଁ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନକୁ ପ୍ରଭାବିତ କରିଥିଲା ।

ଉତ୍ତରରେ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ପାନୀୟ ଜଳ ଏବଂ ପରିମଳ ନିର୍ଦ୍ଦେଶକ କହିଥିଲେ (ଜାନୁୟାରୀ 2025) ଯେ ଜଳ ଜୀବନ ମିଶନ୍ କାର୍ଯ୍ୟାନ୍ୱୟନ ପାଇଁ ପୂର୍ବରୁ ଥିବା ପ୍ରକଳ୍ପ ପର୍ଯ୍ୟବେକ୍ଷଣ ବିଭାଗର ନିୟୋଜିତ ହେବା ଦ୍ୱାରା ସମସ୍ତ ଯୋଜନାରେ ସମ୍ବଳର ଦକ୍ଷ ବ୍ୟବହାର ଏବଂ କାର୍ଯ୍ୟକ୍ରମ ପରିଚାଳନାରେ ନିରନ୍ତରତା ସୁନିଶ୍ଚିତ କରାଯାଇଥିଲା । ଏହି ଉତ୍ତର ବିଶ୍ୱାସଯୋଗ୍ୟ ନୁହେଁ, କାରଣ ବିଭାଗ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ପ୍ରକଳ୍ପ ପର୍ଯ୍ୟାଲୋଚନା ୟୁନିଟ୍‌ର କାର୍ଯ୍ୟକାରିତା ତଦାରଖ କରିନଥିଲା ।

### *2.1.8.2 ଜିଲ୍ଲା ଜଳ ଏବଂ ପରିମଳ ମିଶନ ଗୁଡ଼ିକର କାର୍ଯ୍ୟ*

ଜଳ ଜୀବନ ମିଶନ୍ ପରିଚାଳନା ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 5.3 ଅନୁଯାୟୀ, ଜିଲ୍ଲା ସ୍ତରରେ ଜିଲ୍ଲା ଜଳ ଏବଂ ପରିମଳ ମିଶନ୍ ଯୋଜନାର ସାମଗ୍ରିକ କାର୍ଯ୍ୟାନ୍ୱୟନ ପାଇଁ ଦାୟୀ ଥିଲେ । ଜିଲ୍ଲା ଜଳ ଏବଂ ପରିମଳ ମିଶନକୁ, ଗ୍ରାମାଞ୍ଚଳ ଜଳ ଯୋଗାଣ, ଗ୍ରାମ ଜଳ ଉତ୍ସର ସୁରକ୍ଷା ଏବଂ ସଂରକ୍ଷଣ ଯୋଜନା କରିବା, ଘରୋଇ ଅପଚୟ ଜଳ ପରିଚାଳନା କରିବା, ଜଳାଶୟ/ ଉତ୍ସଗୁଡ଼ିକୁ ପ୍ରଦୂଷିତ ହେବାରୁ ରୋକିବା ପାଇଁ ହୋଇଥିବା ଯୋଜନାର ବିଚାର ତଥା ପ୍ରଶାସନିକ ଅନୁମୋଦନ କରିବା ଉଦ୍ଦେଶ୍ୟରେ, ଜିଲ୍ଲା ବାର୍ଷିକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ, ଭୌତିକ ଏବଂ ଆର୍ଥିକ କାର୍ଯ୍ୟଦକ୍ଷତା ତଥ୍ୟ ମୂଲ୍ୟାଙ୍କନ କରିବା ଉଦ୍ଦେଶ୍ୟରେ, ସ୍ୱାସ୍ଥ୍ୟ ତଥ୍ୟ ସୂଚକ, ଜଳବାହୀ ରୋଗ ଇତ୍ୟାଦିର ତଦାରଖ ଏବଂ ମୂଲ୍ୟାଙ୍କନ କରିବା ଉଦ୍ଦେଶ୍ୟରେ, ସଂଶୋଧନମୂଳକ କାର୍ଯ୍ୟ ଏବଂ ଅଭିଯୋଗ ସମାଧାନ ଉଦ୍ଦେଶ୍ୟରେ ମାସିକ ବୈଠକ ଡାକିବା, ଭଳି କାର୍ଯ୍ୟ କରିବାକୁ ପଡୁଥିଲା ।

ନମୁନା ଯାଞ୍ଚ କରାଯାଇଥିବା ଜିଲ୍ଲାଗୁଡ଼ିକରେ ରେକର୍ଡ ଯାଞ୍ଚ କରିବା ସମୟରେ, ଅଡିଟ୍ ଦେଖିଲା ଯେ ଜିଲ୍ଲା ଜଳ ଏବଂ ପରିମଳ ମିଶନ ଗୁଡ଼ିକ ନିମ୍ନରେ ଆଲୋଚନା କରାଯାଇଥିବା ଏବଂ ନିର୍ଦ୍ଦେଶାବଳୀରେ ପରିକଳ୍ପନା କରାଯାଇଥିବା ପରି ସେମାନଙ୍କର ନିର୍ଦ୍ଦେଶିତ କାର୍ଯ୍ୟଗୁଡ଼ିକୁ ସଠିକ୍ ଭାବରେ କିମ୍ବା ସମ୍ପୂର୍ଣ୍ଣ ଭାବରେ ସମ୍ପାଦନ କରିନାହାଁନ୍ତି :

- **ଗ୍ରାମ କାର୍ଯ୍ୟ ଯୋଜନାର ଏକତ୍ରୀକରଣ (ଭିଏପି[9])**: ପାଞ୍ଚଟି ନମୁନା ଯାଞ୍ଚ କରାଯାଇଥିବା ଜିଲ୍ଲାର 8,800 ଟି ଗ୍ରାମ ମଧ୍ୟରୁ 1,237 ଟି ଗ୍ରାମ (14 ପ୍ରତିଶତ) ଗ୍ରାମ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିନଥିଲେ । ତେଣୁ, ଜିଲ୍ଲା କାର୍ଯ୍ୟ ଯୋଜନା (ଡିଏପି) ପ୍ରସ୍ତୁତ କରିବା ପାଇଁ ଜିଲ୍ଲା ଜଳ ଏବଂ ପରିମଳ ମିଶନ ଦ୍ୱାରା ଗ୍ରାମ କାର୍ଯ୍ୟ ଯୋଜନାର ଗୁଡ଼ିକୁ ଏକତ୍ରିତ କରାଯାଇପାରିଲା ନାହିଁ ***(ଅନୁଚ୍ଛେଦ 2.1.9.1)***।
- **ଜିଲ୍ଲା କାର୍ଯ୍ୟ ଯୋଜନାର ଚୂଡ଼ାନ୍ତକରଣ**: ଜିଲ୍ଲା କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ପାଇଁ ଜିଲ୍ଲାର ସମସ୍ତ ଗ୍ରାମର ଗ୍ରାମ କାର୍ଯ୍ୟ ଯୋଜନାଗୁଡ଼ିକୁ ଏକତ୍ରିତ କରାଯିବାକୁ ଥିଲା । କନ୍ଧମାଳ ବ୍ୟତୀତ, ନମୁନାଭୁକ୍ତ ଜିଲ୍ଲାଗୁଡ଼ିକ ମଧ୍ୟରୁ ଅନ୍ୟ କୌଣସି ଜିଲ୍ଲା କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିନଥିଲେ । ଅନ୍ୟ ଜିଲ୍ଲାଗୁଡ଼ିକରେ, କେବଳ ଜିଲ୍ଲା ସାଚୁରେସନ୍ ଯୋଜନା ନାମକ ଏକ ଡାଟାବେସ୍ ପ୍ରସ୍ତୁତ କରାଯାଇଥିଲା, ଯେଉଁଥିରେ ନିର୍ଦ୍ଧାରିତ ବିବରଣୀର ଅଭାବ ଥିଲା ***(ଅନୁଚ୍ଛେଦ 2.1.9.2 )*** ।

---

9 ଗ୍ରାମୀଣ ସମ୍ପ୍ରଦାୟର ସର୍ଭେ, ସମ୍ବଳ ମ୍ୟାପିଂ ଏବଂ ଆବଶ୍ୟକତା ଉପରେ ଆଧାର କରି ପ୍ରତ୍ୟେକ ଗ୍ରାମୀଣ ପରିବାରକୁ କାର୍ଯ୍ୟକ୍ଷମ ଘରୋଇ ନଳ ସଂଯୋଗ ପ୍ରଦାନ କରିବା ପାଇଁ ଗ୍ରାମ ପଞ୍ଚାୟତ/ ଗ୍ରାମ ଜଳ ଏବଂ ପରିମଳ କମିଟି ଦ୍ୱାରା ପ୍ରସ୍ତୁତ ଯୋଜନା

- **ଗ୍ରାମ ଜଳ ଏବଂ ପରିମଳ କମିଟି ଗଠନ ଏବଂ ଗ୍ରାମ ପଞ୍ଚାୟତ(ଜିପି)/ ଗ୍ରାମ ଜଳ ଏବଂ ପରିମଳ କମିଟି ସହିତ ସମନ୍ୱୟରେ ସାହାଯ୍ୟ:** ନମୁନା ଯାଞ୍ଚ କରାଯାଇଥିବା ଜିଲ୍ଲାର 1,230 ଟି ଗ୍ରାମରେ ଗ୍ରାମ ଜଳ ଏବଂ ପରିମଳ କମିଟି ଗଠନ କରାଯାଇନଥିଲା । ବାକି ଗ୍ରାମ ଗୁଡ଼ିକରେ, ଯେଉଁଠାରେ ଏହି ଗ୍ରାମ ଜଳ ଏବଂ ପରିମଳ କମିଟିଗୁଡ଼ିକ ଗଠନ କରାଯାଇଥିଲା, ଏହି କମିଟିଗୁଡ଼ିକ ନିଷ୍କ୍ରିୟ ଥିଲେ କିମ୍ବା ଗ୍ରାମ କାର୍ଯ୍ୟ ଯୋଜନାର ପ୍ରସ୍ତୁତିକୁ ଏଡ଼ାଇ ଦିଆଯାଇଥିଲା । ଗ୍ରାମ କାର୍ଯ୍ୟ ଯୋଜନାଗୁଡ଼ିକ ଗ୍ରାମ ପଞ୍ଚାୟତମାନଙ୍କର ସମ୍ପୃକ୍ତି ବିନା କାର୍ଯ୍ୟାନ୍ୱୟନ ସହାୟତା ଏଜେନ୍ସି **(ଆଇଏସ୍ଏ)** ଗୁଡ଼ିକ ଦ୍ୱାରା ସିଧାସଳଖ ପ୍ରସ୍ତୁତ କରାଯାଇଥିଲା ***(ଅନୁଚ୍ଛେଦ 2.1.8.3)*** । ତେଣୁ, ଗ୍ରାମ ଜଳ ଏବଂ ପରିମଳ କମିଟି ଗଠନରେ ଜିଲ୍ଲା ଜଳ ଏବଂ ପରିମଳ କମିଟିର କୌଣସି ଭୂମିକା ନଥିଲା ଏବଂ ଏହା ନିଶ୍ଚିତ କରିନଥିଲା ଯେ ଆଇଏସ୍ଏ ଗ୍ରାମ ଜଳ ଏବଂ ପରିମଳ କମିଟି ଗଠନ ଏବଂ ଗ୍ରାମ କାର୍ଯ୍ୟ ଯୋଜନାର ପ୍ରସ୍ତୁତି ପାଇଁ ଗ୍ରାମ ପଞ୍ଚାୟତ ଗୁଡ଼ିକ ସହିତ ସମନ୍ୱୟ ରଖିଛି ।
- **ତଦାରଖ ଏବଂ ମୂଲ୍ୟାଙ୍କନ:** 2019-24 ମଧ୍ୟରେ 255 ଟି ବୈଠକ ଅନୁଷ୍ଠିତ ହେବାକୁ ଥିବା ବେଳେ, ନମୁନା ଯାଞ୍ଚ କରାଯାଇଥିବା ଜିଲ୍ଲାଗୁଡ଼ିକରେ କେବଳ 33 ଟି ବୈଠକ (13 ପ୍ରତିଶତ) ଅନୁଷ୍ଠିତ ହୋଇଥିଲା, ମାତ୍ର 12 ଟି ବୈଠକର ବିବରଣୀ ଉପଲବ୍ଧ ଥିଲା । ବୈଠକର ଅଭାବ ଉଭୟ ଭୌତିକ ଏବଂ ଆର୍ଥିକ କାର୍ଯ୍ୟଦକ୍ଷତାର ତଦାରଖକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ କରିଥିଲା, ଯାହାଫଳରେ ପ୍ରକଳ୍ପ ସମାପ୍ତ ନହେବା ***(ଅନୁଚ୍ଛେଦ 2.1.12.4)*** ଯୋଗୁଁ ଭୌତିକ ପ୍ରଗତିରେ ଅଭାବ ଦେଖାଦେଇଥିଲା ଏବଂ ଏହା ସହିତ ଖର୍ଚ୍ଚ ନ ହୋଇ ବଡ଼ ପରିମାଣର ବଳକା ପାଣ୍ଠି ***(ଅନୁଚ୍ଛେଦ 2.1.11.1*** ଏବଂ ***2.1.11.2)*** ରଖାଯାଇଥିଲା ।
- **ଆଇସି ରଣନୀତିର କାର୍ଯ୍ୟାନ୍ୱୟନ:** ଜିଲ୍ଲା ଜଳ ଏବଂ ପରିମଳ ମିଶନର ଏକ କାର୍ଯ୍ୟ ଥିଲା ଆଇସି ରଣନୀତି କାର୍ଯ୍ୟକାରୀ କରିବା ଏବଂ ଏଥିପାଇଁ ନିର୍ଦ୍ଧାରିତ ସହାୟତା ପାଣ୍ଠିର ପ୍ରଭାବଶାଳୀ ବ୍ୟବହାର ସୁନିଶ୍ଚିତ କରିବା । ତଥାପି, ନମୁନା ଯାଞ୍ଚ କରାଯାଇଥିବା ଜିଲ୍ଲାଗୁଡ଼ିକରେ ଜଳ ସୁରକ୍ଷା, ଉପଭୋକ୍ତା ଫି/ କାର୍ଯ୍ୟାନ୍ୱୟନ ଏବଂ ରକ୍ଷଣାବେକ୍ଷଣ ପ୍ରତି ସାମୁଦାୟିକ ଅବଦାନ କିମ୍ବା ପାନୀୟ ଜଳର ନ୍ୟାୟସଙ୍ଗତ ବ୍ୟବହାର ଉପରେ କୌଣସି ସଚେତନତା ଅଭିଯାନ କିମ୍ବା ଆଇସିଙ୍କ କାର୍ଯ୍ୟକଳାପ ପରିଚାଳିତ ହୋଇନଥିଲା ***(ଅନୁଚ୍ଛେଦ 2.1.13.1)*** ।

ତେଣୁ, ଜଳ ଜୀବନ ମିଶନ୍ ନିର୍ଦ୍ଦେଶାବଳୀ ଅନୁଯାୟୀ ନିର୍ଦ୍ଧାରିତ ଜିଲ୍ଲା ଜଳ ଏବଂ ପରିମଳ ମିଶନ ଗୁଡ଼ିକ ଠିକ୍ ଭାବରେ କାର୍ଯ୍ୟ କରୁନଥିଲେ, ଯାହାଫଳରେ ଯୋଜନା ଏବଂ ତଦାରଖ ପର୍ଯ୍ୟାପ୍ତ ନଥିଲା, ଯାହା ଦ୍ୱାରା ମିଶନର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ବାଧାପ୍ରାପ୍ତ ହୋଇଥିଲା ।

ପାନୀୟ ଜଳ ଏବଂ ପରିମଳ, ପିଆର୍‌ଆଣ୍ଡଡିଡବ୍ଲୁ ବିଭାଗର ନିର୍ଦ୍ଦେଶକ  କହିଥିଲେ (ଜାନୁଆରୀ 2025) ଯେ ଜିଲ୍ଲା ଜଳ ଏବଂ ପରିମଳ ମିଶନଗୁଡ଼ିକ ଜଳ ଜୀବନ ମିଶନ ସଫଳ କାର୍ଯ୍ୟାନ୍ୱୟନରେ ସକ୍ରିୟ ଭାବରେ ଯୋଗଦାନ ଦେଇ ଆସୁଛନ୍ତି । ଉତ୍ତରଟି ଯୁକ୍ତିଯୁକ୍ତ ନୁହେଁ କାରଣ ନମୁନା ଯାଞ୍ଚ  କରାଯାଇଥିବା କୌଣସି ଜିଲ୍ଲାରେ, ଅଡିଟ୍ ଜଳ ଜୀବନ ମିଶନ୍ ଯୋଜନାର କାର୍ଯ୍ୟନ୍ୱୟନରେ ଜିଲ୍ଲା ଜଳ ଏବଂ ପରିମଳ ମିଶନ ଗୁଡିକର ସମ୍ପୃକ୍ତ ସମ୍ପର୍କରେ କୌଣସି ରେକର୍ଡ/ ଡକ୍ୟୁମେଣ୍ଟ ପାଇପାରି  ନଥିଲେ ।

### *2.1.8.3 ଗ୍ରାମ ଜଳ ଏବଂ ପରିମଳ କମିଟି ଗୁଡ଼ିକର ଗଠନ*

ଜଳ ଜୀବନ ମିଶନର ପରିଚାଳନା ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 5.4 ଅନୁଯାୟୀ , ଗ୍ରାମ ପଞ୍ଚାୟତ କିମ୍ବା  ଏହାର ଉପ ସମିତି, ଅର୍ଥାତ୍ ଗ୍ରାମ ଜଳ ଏବଂ ପରିମଳ କମିଟି, ସମସ୍ତ ପରିବାରକୁ କାର୍ଯ୍ୟକ୍ଷମ ଘରୋଇ ନଳ ସଂଯୋଗ ସୁନିଶ୍ଚିତ କରିବା ପାଇଁ ଦାୟୀ ଥିବା ଏକ ଆଇନଗତ ସଂସ୍ଥା ଭାବରେ କାର୍ଯ୍ୟ କରିବା କଥା ।  ଗ୍ରାମ ଜଳ ଏବଂ ପରିମଳ କମିଟିର କାର୍ଯ୍ୟଗୁଡିକ ମଧ୍ୟରେ, ଅନ୍ୟାନ୍ୟ ବିଷୟ ସହିତ,  ଗ୍ରାମ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା, ଗ୍ରାମ ଭିତର ଜଳ ଯୋଗାଣ ଯୋଜନାର ପରିଚାଳନା ଓ ରକ୍ଷଣାବେକ୍ଷଣ, , ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ସଂପ୍ରଦାୟକୁ  ସଚେତନ କରିବା(ଉପଭୋକ୍ତା ଫି), ଆକାଉଣ୍ଟ ଏବଂ ସଂପତ୍ତି ରେକର୍ଡ ରକ୍ଷଣାବେକ୍ଷଣା ପାଇଁ ସଂପ୍ରଦାୟକୁ ଯୋଗଦାନ ଦେବା, ଗ୍ରାମ ଭିତର ଭିତ୍ତିଭୂମି ନିର୍ମାଣ ଏବଂ ସ୍ଥାୟିତ୍ୱ ପାଇଁ ପଦକ୍ଷେପର ତଦାରଖ

କରିବା, ସାମାଜିକ ଅଡିଟ୍ ଏବଂ ନିୟମିତ ବୈଠକ ମାଧ୍ୟମରେ ଅଂଶ ଗ୍ରହଣ ସୁନିଶ୍ଚିତ କରିବା, ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା ।

ମୁଖ୍ୟ ଯନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ (ଜୁଲାଇ 2024) , ରାଜ୍ୟରେ 46,422 ଲକ୍ଷ୍ୟ ବଦଳରେ 45,044 ଟି ଗ୍ରାମ ଜଳ ଏବଂ ପରିମଳ କମିଟି (97 ପ୍ରତିଶତ) ଗଠନ କରାଯାଇଥିଲା । ତେଣୁ, ସଂପୃକ୍ତ ଗ୍ରାମରେ ଗଠନ କରିବାକୁ ଥିବା ପ୍ରାୟ 1,378 ଗ୍ରାମ ଜଳ ଏବଂ ପରିମଳ କମିଟିର ଅଭାବ ଥିଲା । ପାଞ୍ଚଟି ନମୁନା ଜିଲ୍ଲାରେ, ଅଡିଟ୍ ଲକ୍ଷ୍ୟ କରିଛି ଯେ ମାର୍ଚ୍ଚ 2024 ସୁଦ୍ଧା, 8,800 ଗ୍ରାମ ମଧ୍ୟରୁ 7,570 ରେ ଗ୍ରାମ ଜଳ ଏବଂ ପରିମଳ କମିଟି ଗଠନ କରାଯାଇଥିଲା ଏବଂ ଜଳ ଜୀବନ ମିଶନ ଆରମ୍ଭ ହେବାର ଚାରି ବର୍ଷ ପରେ ମଧ୍ୟ ବାକି 1,230 ଗ୍ରାମରେ କୌଣସି ଗ୍ରାମ ଜଳ ଏବଂ ପରିମଳ କମିଟି ନ ଥିଲା । ଗ୍ରାମ ଜଳ ଏବଂ ପରିମଳ କମିଟି ଗଠନ ନ ହେବା କାର୍ଯ୍ୟକ୍ରମର ସଫଳତାକୁ ପ୍ରଭାବିତ କରିଥିଲା । କାରଣ ଏଗୁଡିକ ବାସ୍ତବ ସ୍ତରରେ ସଂପ୍ରଦାୟର ଅଂଶ ଗ୍ରହଣ ସହିତ ସ୍ଥାୟୀ ଉପାୟରେ କାର୍ଯ୍ୟକ୍ଷମ ଘରୋଇ ନଳ ସଂଯୋଗ ଯୋଜନା, କାର୍ଯ୍ୟକାରୀ ଏବଂ ପରିଚାଳନା ପାଇଁ ପ୍ରମୁଖ ପ୍ରତିଷ୍ଠାନ ଥିଲା ।

ଅଡିଟ୍ ଆହୁରି ମଧ୍ୟ ଦେଖିଲା ଯେ ଗ୍ରାମ ଜଳ ଏବଂ ପରିମଳ କମିଟିଗୁଡିକ ବିଭିନ୍ନ ସମସ୍ୟାରେ ପୀଡିତ ଥିଲା, ଯାହା ଅଡିଟ୍ ଦ୍ୱାରା କରାଯାଇଥିବା କେନ୍ଦ୍ରିତ ଗୋଷ୍ଠୀ ଆଲୋଚନା ଏବଂ ହିତାଧିକାରୀ ସାକ୍ଷାତକାର ସମୟରେ ଲକ୍ଷ୍ୟ କରାଯାଇଥିଲା । ପରବର୍ତ୍ତୀ ଅନୁଚ୍ଛେଦ ଗୁଡିକରେ ସବିଶେଷ ଆଲୋଚନା କରାଯାଇଅଛି ।

### (i) କାର୍ଯ୍ୟାନ୍ୱୟନ ସହାୟତା ସଂସ୍ଥାର ନିଯୁକ୍ତିକରଣ

ପରିଚାଳନା ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 5.5 ଅନୁଯାୟୀ, ଅଣ ସରକାରୀ ସଂଗଠନ(ଏନ୍‌ଜିଓ) /ଗ୍ରାମ ସଂଗଠନ(ଭିଓ) /ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)/ ଗୋଷ୍ଠୀଭିତ୍ତିକ ସଂଗଠନ(ସିବିଓ)/ ଟ୍ରଷ୍ଟ/ ଫାଉଣ୍ଡେସନଗୁଡିକ କାର୍ଯ୍ୟାନ୍ୱୟନ ସହାୟତା ସଂସ୍ଥା (ଆଇଏସ୍‌ଏ) ଭାବରେ ପରିଚିତ, ଯେଉଁମାନେ ଜଳ ଜୀବନ ମିଶନ ଅଧୀନରେ ଗ୍ରାମାଞ୍ଚଳରେ ଜଳ ଯୋଗାଣ ଭିତ୍ତିଭୂମିର ଯୋଜନା, ଡିଜାଇନ, କାର୍ଯ୍ୟକାରୀତା, ପରିଚାଳନା, ପରିଚାଳନା ଏବଂ ରକ୍ଷଣାବେକ୍ଷଣ କରିବାରେ ଗୋଷ୍ଠୀଗୁଡିକୁ ସଚେତନ ଏବଂ ଗତିଶୀଳ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ଜିଲ୍ଲା ଜଳ ଏବଂ ପରିମଳ ମିଶନ ଗୁଡିକୁ ରାଜ୍ୟ ଜଳ ଏବଂ ପରିମଳ ମିଶନ ଦ୍ୱାରା ପ୍ରସ୍ତୁତ ତାଲିକାରୁ[10] କାର୍ଯ୍ୟାନ୍ୱୟନ ସହାୟତା ସଂସ୍ଥା ମାନଙ୍କୁ ନିୟୋଜିତ କରିବାକୁ ଥିଲା ।

ଅଡିଟ୍‌ରେ ଦେଖାଯାଇଛି ଯେ ମୁଖ୍ୟ ଯନ୍ତ୍ରୀ, ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ, ସମସ୍ତ 30 ଜିଲ୍ଲା ପାଇଁ ଗ୍ରାମ କାର୍ଯ୍ୟ ଯୋଜନା ପ୍ରସ୍ତୁତି ଏବଂ ଗ୍ରାମ ଜଳ ଏବଂ ପରିମଳ କମିଟି ଗଠନ ପାଇଁ ଛଅଟି କାର୍ଯ୍ୟାନ୍ୱୟନ ସହାୟତା ସଂସ୍ଥାକୁ ଏକ ବର୍ଷ ସମୟସୀମା ପାଇଁ ନିୟୋଜିତ (ଜୁନ-ଜୁଲାଇ 2021) କରିଥିଲା । କାର୍ଯ୍ୟାନ୍ୱୟନ ସହାୟତା ସଂସ୍ଥା ଏବଂ ସଂପୃକ୍ତ ଗ୍ରାମୀଣ ଜଳ ଯୋଜନା ଏବଂ ପରିମଳ ସର୍କଲ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅନୁଯାୟୀ, ଗ୍ରାମ କାର୍ଯ୍ୟ ଯୋଜନା ପ୍ରସ୍ତୁତି ଏବଂ ଗ୍ରାମ ଜଳ ଏବଂ ପରିମଳ କମିଟି ଗଠନ ପାଇଁ କାର୍ଯ୍ୟାନ୍ୱୟନ ସହାୟତା ସଂସ୍ଥାକୁ ପ୍ରତି ଗ୍ରାମ ପାଇଁ 5,500 ଟଙ୍କା ପ୍ରଦାନ କରାଯିବ । ତଥାପି ଅଡିଟ୍‌ରେ ଦେଖାଯାଇଛି ଯେ ନମୁନା ଜିଲ୍ଲାଗୁଡିକରେ, ଯଦିଓ କାର୍ଯ୍ୟାନ୍ୱୟନ ସହାୟତା ସଂସ୍ଥାଗୁଡିକୁ 4.57 କୋଟି ଟଙ୍କା ପ୍ରଦାନ କରାଯାଇଥିଲା (ସେପ୍ଟେମ୍ବର 2024 ସୁଦ୍ଧା), ସେମାନେ ଗ୍ରାମ କାର୍ଯ୍ୟ ଯୋଜନା ପ୍ରସ୍ତୁତି, ଗୋଷ୍ଠୀ ମାଲିକାନା ପାଇଁ ଲୋକଙ୍କୁ ସଂଗଠିତ କରିବା ଇତ୍ୟାଦି ପ୍ରତି ସେମାନଙ୍କର ଦାୟିତ୍ୱ ନିର୍ବାହ କରି ନଥିଲେ, ଯେପରି ***ଅନୁଚ୍ଛେଦ 2.1.8.3*** ଏବଂ ***2.1.9.1*** ରେ ଆଲୋଚନା କରାଯାଇଛି ।

[10] ପ୍ୟାନେଲରେ ସାମିଲ ହେବାକୁ ଇଚ୍ଛୁକ ସଂଗଠନଗୁଡ଼ିକୁ ଜଳ ଜୀବନ ମିଶନ ପୋର୍ଟାଲରେ ପଞ୍ଜୀକୃତ କରିବାକୁ ପଡ଼ିବ ଏବଂ ଏସ୍‌ଡବ୍ଲ୍ୟୁଏସ୍‌ଏମ୍ ପୋର୍ଟାଲରୁ ଆଇଏସଏ ପାଇଁ ଏକ ସ୍ୱଚ୍ଛ ଚୟନ ପ୍ରକ୍ରିୟା ଗ୍ରହଣ କରି ରାଜ୍ୟ ପାଇଁ ସେମାନଙ୍କୁ ତାଲିକାଭୁକ୍ତ କରିବାକୁ ପଡ଼ିବ, କେବଳ ସମ୍ପୃକ୍ତ କ୍ଷେତ୍ରରେ ଭଲ ଟ୍ରାକ୍ ରେକର୍ଡ ଥିବା ଏପରି ସଂଗଠନଗୁଡ଼ିକୁ ବିଚାର କରାଯିବ ଏବଂ ସମ୍ପ୍ରଦାୟ ଆଧାରିତ ଗ୍ରାମୀଣ ଜଳ ଯୋଗାଣକୁ ସୁବିଧାଜନକ କରିବାରେ ବୈଷୟିକ ବିଶେଷଜ୍ଞତା ଥିବା ଆଇଏସ୍ ମାନଙ୍କୁ ଅଗ୍ରାଧିକାର ଦିଆଯିବ ।

### (ii) ଗ୍ରାମ ଜଳ ଏବଂ ପରିମଳ କମିଟି ଗୁଡିକର ତ୍ରୁଟିପୂର୍ଣ୍ଣ କାର୍ଯ୍ୟକାରିତା

39ଟି ଗ୍ରାମରେ ଅଡିଟ[11] ଦ୍ୱାରା କରାଯାଇଥିବା ରେକର୍ଡ ଯାଞ୍ଚ, ହିତାଧିକାରୀ ସାକ୍ଷାତକାର, ଗ୍ରାମ ଜଳ ଏବଂ ପରିମଳ କମିଟି ସଦସ୍ୟଙ୍କ ସହିତ ଆଲୋଚନା ଏବଂ କେନ୍ଦ୍ରିତ ଦଳଗତ ଆଲୋଚନା ଗୁଡିକର ପରୀକ୍ଷା ଆଧାରରେ, ଗ୍ରାମ ଜଳ ଏବଂ ପରିମଳ କମିଟି ଗୁଡିକର କାର୍ଯ୍ୟକାରିତାରେ ନିମ୍ନଲିଖିତ ତ୍ରୁଟି ପରିଲକ୍ଷିତ ହୋଇଥିଲା:

- ନିର୍ଦ୍ଦେଶାବଳୀ ଅନୁଯାୟୀ କାର୍ଯ୍ୟାନ୍ୱୟନ ସହାୟତା ସଂସ୍ଥାର ପ୍ରମୁଖ କାର୍ଯ୍ୟଗୁଡିକ ମଧ୍ୟରୁ ଗୋଟିଏ ଥିଲା ଗ୍ରାମ ଜଳ ଏବଂ ପରିମଳ କମିଟି ପାଇଁ ନିର୍ଦ୍ଦେଶିତ ସମସ୍ତ କାର୍ଯ୍ୟରେ ଗ୍ରାମ ପଞ୍ଚାୟତ ଏବଂ ଗ୍ରାମ ଜଳ ଏବଂ ପରିମଳ କମିଟି ଗୁଡିକୁ ସହାୟତା ପ୍ରଦାନ କରିବା । 39 ଟି ଗ୍ରାମ ଜଳ ଏବଂ ପରିମଳ କମିଟି ଗୁଡିକ ମଧ୍ୟରୁ 24 ଜଣ ସଦସ୍ୟ ପ୍ରାସଙ୍ଗିକ ଗୋଷ୍ଠୀ ଆଲୋଚନା ସମୟରେ ପ୍ରକାଶ କରିଥିଲେ ଯେ ସେମାନେ ଜଳ ଜୀବନ ମିଶନ ଅଧୀନରେ କାର୍ଯ୍ୟକ୍ଷମ ଘରୋଇ ନଳ ସଂଯୋଗ ଗୁଡିକ ପାଇଁ ଗ୍ରାମାଞ୍ଚଳ ଭିତ୍ତିଭୂମି ସୃଷ୍ଟି କିମ୍ବା କୌଣସି ପରବର୍ତ୍ତୀ କାର୍ଯ୍ୟପନ୍ଥା ଇତ୍ୟାଦିର ତଦାରଖ ସଂପର୍କରେ ସେମାନଙ୍କର ଭୂମିକା ଏବଂ ଦାୟିତ୍ୱ ବିଷୟରେ ସଚେତନ ନଥିଲେ । ଏହି କାରଣରୁ ଯୋଜନାର ଏକ ପ୍ରମୁଖ ଉଦ୍ଦେଶ୍ୟ ଅର୍ଥାତ୍ ଉପଭୋକ୍ତାଙ୍କ ମଧ୍ୟରେ ସାମୁଦାୟିକ ଭାଗିଦାରୀ ଏବଂ ସଂପତ୍ତିର ମାଲିକାନା ଭାବନା ସୃଷ୍ଟି କରିବା, ହାସଲ ହୋଇପାରିଲା ନାହିଁ ।

- ଗ୍ରାମ ସଭାର ସଂକଳ୍ପ ମାଧ୍ୟମରେ ପ୍ରତିଫଳିତ ଗ୍ରାମ୍ୟ ସମ୍ପ୍ରଦାୟର ସମ୍ମତି ଏବଂ ଗୋଷ୍ଠୀଭିତ୍ତିକ ଯୋଗଦାନ ଗ୍ରାମଗୁଡିକରେ ଜଳ ଯୋଗାଣ ବ୍ୟବସ୍ଥା ଯୋଜନା ପାଇଁ ପ୍ରମୁଖ ମାନଦଣ୍ଡ ଥିଲା । ଜଳ ଜୀବନ ମିଶନ ନିର୍ଦ୍ଦେଶାବଳୀ ଅନୁଯାୟୀ, ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଗ୍ରାମ ପଞ୍ଚାୟତ ଏବଂ ଏହାର ଉପ ସମିତି ଅର୍ଥାତ୍ ଗ୍ରାମ ଜଳ ଏବଂ ପରିମଳ କମିଟି ଦ୍ୱାରା ଏକ ଗ୍ରାମ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାର ଥିଲା ଏବଂ ଗ୍ରାମ ସଭା ଦ୍ୱାରା ଅନୁମୋଦନ କରିବାର ଥିଲା । ନମୁନା ନିଆଯାଇଥିବା 39ଟି ଗ୍ରାମ ମଧ୍ୟରୁ 24ଟିରେ, ଗ୍ରାମ ଜଳ ଏବଂ ପରିମଳ କମିଟି ଗଠନ, ଗ୍ରାମସଭା ଦ୍ୱାରା ଅନୁମୋଦିତ ହୋଇନଥିଲା । 23ଟି ଗ୍ରାମରେ, କାର୍ଯ୍ୟାନ୍ୱୟନ ସହାୟତା ସଂସ୍ଥା ଗ୍ରାମ କାର୍ଯ୍ୟ ଯୋଜନା ପ୍ରସ୍ତୁତି ପାଇଁ ଗ୍ରାମ ଜଳ ଏବଂ ପରିମଳ କମଟି/ ସରପଞ୍ଚଙ୍କ ସହିତ ଯୋଗାଯୋଗ କରିନଥିଲା ଏବଂ ଗ୍ରାମ ସଭାର ଅନୁମୋଦନ ବିନା ଗ୍ରାମ କାର୍ଯ୍ୟ ଯୋଜନା ପ୍ରସ୍ତୁତି କରିଥିଲା । ତେଣୁ, ଗ୍ରାମ ପଞ୍ଚାୟତମାନେ କାର୍ଯ୍ୟାନ୍ୱୟନ ସହାୟତା ସଂସ୍ଥା ଦ୍ୱାରା ପ୍ରସ୍ତୁତ ଗ୍ରାମ କାର୍ଯ୍ୟ ଯୋଜନା ବିଷୟରେ ଅବଗତ ନଥିଲେ ଏବଂ ଗ୍ରାମ ଜଳ ଏବଂ ପରିମଳ କମିଟିର କାର୍ଯ୍ୟକଳାପରେ ସାମିଲ ନ ଥିଲେ ।

- ଗ୍ରାମ ସ୍ତରରେ ଜେଜେଏମ୍ ଯୋଜନାର ପ୍ରଣୟନ, କାର୍ଯ୍ୟକାରିତା ଏବଂ ତଦାରଖ ଇତ୍ୟାଦିରେ ଗ୍ରାମ୍ୟ ଜଳ ଓ ପରିମଳ କମିଟି (ଭିଡ୍ଲ୍ୟୁଏସସି) ଗୁଡ଼ିକ ମୁଖ୍ୟ ଭୂମିକା ଗ୍ରହଣ କରିବାର ଆବଶ୍ୟକତା ଥିଲା । କିନ୍ତୁ, 2019-24 ମଧ୍ୟରେ, ବର୍ଷକୁ ଅତିକମ୍‌ରେ ଚାରିଟି ବୈଠକ ହେବାର ଆବଶ୍ୟକତା ଥିବା ବେଳେ ପ୍ରତ୍ୟେକ ଭିଡବ୍ଲ୍ୟୁଏସ୍‌ସି ଦ୍ୱାରା ସର୍ବାଧିକ ମାତ୍ର ଦୁଇଟି ବୈଠକ ଅନୁଷ୍ଠିତ ହୋଇଥିଲା, ଯାହା ଭିଡବ୍ଲ୍ୟୁଏସ୍‌ସି ଗୁଡ଼ିକର ଭୂମିକାକୁ ସୁଦୃଢ଼ କରିବାର ଆବଶ୍ୟକତାକୁ ଦର୍ଶାଉଛି ।

- ଜେଜେଏମ୍ ନିର୍ଦ୍ଦେଶାବଳୀ ଅନୁଯାୟୀ ପରିଚାଳନା ଓ ରକ୍ଷଣାବେକ୍ଷଣ (ଓଆଣ୍ଡଏମ୍) ଏବଂ ଉପଭୋକ୍ତା ଦେୟ ଇତ୍ୟାଦି ପାଇଁ ଗୋଷ୍ଠୀ ଅନୁଦାନ ଜମା କରିବା ପାଇଁ ବ୍ୟାଙ୍କ ଆକାଉଣ୍ଟ ଖୋଲିବା କିମ୍ବା ଜିପିର ବିଦ୍ୟମାନ ଆକାଉଣ୍ଟ ବ୍ୟବହାର କରିବା ଆବଶ୍ୟକ ଥିଲା । 39 ଟି ଗ୍ରାମ ମଧ୍ୟରୁ 16 ଟିରେ ଭିଡବ୍ଲ୍ୟୁଏସ୍‌ସି ଗୁଡ଼ିକ ବ୍ୟାଙ୍କ ଆକାଉଣ୍ଟ ଖୋଲିଥିଲେ, କିନ୍ତୁ କାର୍ଯ୍ୟନିର୍ବାହୀ ତଥା ସଦସ୍ୟମାନେ ଏହି ଆକାଉଣ୍ଟଗୁଡ଼ିକରେ ସଂଗ୍ରହ ଏବଂ ଜମା ହେବାକୁ ଥିବା ପରିମାଣ ବିଷୟରେ ଅବଗତ ନଥିଲେ । ଅବଶିଷ୍ଟ 23 ଟି ଗ୍ରାମରେ କୌଣସି ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇ ନଥିଲା ।

- ଅଡିଟ୍ ପାଞ୍ଚଟି ମନୋନୀତ ଜିଲ୍ଲାର ଯାଞ୍ଚ କରାଯାଇଥିବା ଗ୍ରାମଗୁଡ଼ିକରେ 27 ଟି ଗ୍ରାମ କାର୍ଯ୍ୟ ଯୋଜନା (ଭିଏପି)ର ନିରୀକ୍ଷଣ କରିଥିଲା । ମାଛପଡ଼ା (ଗୁଆଳିପଡ଼ା ଜିପି, ଡେଲାଙ୍ଗ) ଏବଂ ସରାଗାଇଲୋ

[11] ସମସ୍ତ 40 ଟି ନମୁନାଭୁକ୍ତ ଗ୍ରାମାଞ୍ଚଳରେ ହିତାଧିକାରୀଙ୍କ ସାକ୍ଷାତକାର ଏବଂ ଭିଡବ୍ଲ୍ୟୁଏସ୍‌ସି ସଦସ୍ୟଙ୍କ ସହିତ ଭାବ ବିନିମୟ କରାଯାଇଥିଲା । କେବଳ କିଛି ସ୍ଥାନୀୟ ସମସ୍ୟା ଯୋଗୁଁ 39 ଟି ଗ୍ରାମରେ ଏଫ୍‌ଜିଡି କରାଯାଇଥିଲା ।

(ତେଇଶିପୁର ଜିପି, ପିପିଲି) ଭଳି ଗ୍ରାମ ଗୁଡ଼ିକରେ ଭିଡବ୍ଲ୍ୟୁଏସ୍‌ସି କାର୍ଯ୍ୟନିର୍ବାହୀମାନେ କହିଥିଲେ ଯେ ସେମାନେ ଭିଏପିରେ ସାକ୍ଷର କରିନାହାଁନ୍ତି, ଯଦଓ ସେହି ଦଲିଲଗୁଡ଼ିକରେ ସେମାନଙ୍କର ସାକ୍ଷର ଥିଲା । ଅଧିକାଂଶ କ୍ଷେତ୍ରରେ ଭିଡବ୍ଲ୍ୟୁଏସସି କାର୍ଯ୍ୟନିର୍ବାହୀଙ୍କ ସହ ଆଲୋଚନା ସମୟରେ ଦେଖାଯାଇଥିଲା ଯେ ଜଣେ କିମ୍ବା ଦୁଇଜଣ କାର୍ଯ୍ୟନିର୍ବାହୀଙ୍କୁ ବାଦ ଦେଲେ, କମିଟିର ଅନ୍ୟ ସମସ୍ତ ସଦସ୍ୟ ଭିଏପି କିମ୍ବା ଭିଡବ୍ଲ୍ୟୁଏସସିର ପ୍ରସ୍ତାବରେ ସାକ୍ଷର କରିନାହାଁନ୍ତି, ଯାହା ଭିଏପିରେ ସାକ୍ଷରର ସତ୍ୟତା ଉପରେ ସନ୍ଦେହ ସୃଷ୍ଟି କରୁଛି ।

- 31 ଟି ଗ୍ରାମରେ ସମ୍ପୃକ୍ତ ପଞ୍ଚାୟତ ଦ୍ୱାରା ଜଳ ଯୋଗାଣର ସମୟ ଏବଂ ଅବଧି ସ୍ଥିର କରାଯାଇନଥିଲା ଯାହା ଜେଜେଏମ୍ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 5.4 ଅନୁଯାୟୀ ଆବଶ୍ୟକ ଥିଲା । ହିତାଧିକାରୀ ସର୍ଭେ ସମୟରେ, 30 ଟି ଗ୍ରାମରେ 547 ଜଣ ହିତାଧିକାରୀ (67 ପ୍ରତିଶତ) କହିଥିଲେ ଯେ ଜଳ ଏକ ନିର୍ଦ୍ଦିଷ୍ଟ ଅବଧି ଅର୍ଥାତ୍ ଦିନକୁ ଅତିକମ୍‌ରେ ଚାରି ଘଣ୍ଟା ପର୍ଯ୍ୟନ୍ତ ଯୋଗାଯାଉ ନାହିଁ । ସେହିପରି 18 ଟି ଗ୍ରାମର 285 ଜଣ ଗ୍ରାମବାସୀ (35 ପ୍ରତିଶତ) ଅଭିଯୋଗ କରିଛନ୍ତି ଯେ ଦୁଇ ଘଣ୍ଟାରୁ କମ୍ ସମୟ ପର୍ଯ୍ୟନ୍ତ ଜଳ ଯୋଗାଣ କରାଯାଉଛି ଏବଂ ସେଥିପାଇଁ ସେମାନେ ନିଜର ଦୈନନ୍ଦିନ ଆବଶ୍ୟକତା ପାଇଁ ପର୍ଯ୍ୟାପ୍ତ ଜଳ ପାଇବାରେ ଅସମର୍ଥ ।

ଏହିପରି ଭାବରେ, ମିଶନ ଅବଧିର ପାଞ୍ଚ ବର୍ଷ ପରେ ମଧ ଭିଡବ୍ଲ୍ୟୁଏସସି ଗଠନର ପ୍ରକୃତ ଉଦ୍ଦେଶ୍ୟ ଅପୂରଣୀୟ ହୋଇ ରହିଛି । ଆଇଏସ୍‌ଏ ଗୁଡ଼ିକର କାର୍ଯ୍ୟକଳାପ ଉପରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଡିଭିଜନଗୁଡ଼ିକର ନିୟନ୍ତ୍ରଣର ଅଭାବ ଭିଡବ୍ଲ୍ୟୁଏସସି ଗୁଡ଼ିକର ବିଫଳତା ପଛର ମୁଖ୍ୟ କାରଣ ଥିଲା ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପାନୀୟ ଜଳ ଏବଂ ପରିମଳ ନିର୍ଦ୍ଦେଶକ, ଅଡିଟ୍ ଦ୍ୱାରା ଉଠାଯାଇଥିବା ଭିଡବ୍ଲ୍ୟୁଏସସିର ଭୂମିକା ସମ୍ବନ୍ଧୀୟ ସମସ୍ୟାଗୁଡ଼ିକୁ ସ୍ୱୀକାର କରିଛନ୍ତି (ଜାନୁଆରୀ 2025) ଏବଂ କହିଛନ୍ତି ଯେ ଭିଡବ୍ଲ୍ୟୁଏସସି ଗୁଡ଼ିକୁ ସଶକ୍ତ କରିବା ଏବଂ ଜେଜେଏମ୍ ନିର୍ଦ୍ଦେଶାବଳି ଅନୁଯାୟୀ ସେମାନଙ୍କର ଦାୟିତ୍ୱ ପୂରଣ କରିବା ପାଇଁ ଅନେକ ସଂଶୋଧନମୂଳକ ପଦକ୍ଷେପ ଆରମ୍ଭ କରାଯାଇଛି ।

## 2.1.9 ଜେଜେଏମ୍‌ର କାର୍ଯ୍ୟାନ୍ୱୟନ ପାଇଁ ଯୋଜନା

ଜେଜେଏମ୍ ଅଧୀନରେ ରାଜ୍ୟଗୁଡ଼ିକ ପାନୀୟ ଜଳ ସୁରକ୍ଷା ହାସଲ କରିବା ଏବଂ ପ୍ରତ୍ୟେକ ଗ୍ରାମୀଣ ପରିବାରକୁ କାର୍ଯ୍ୟକ୍ଷମ ଘରୋଇ ନଳ ସଂଯୋଗ (ଏଫ୍‌ଏଚ୍‌ଟିସି) ପ୍ରଦାନକରିବାକୁ ଯୋଜନା କରିବାର ଥିଲା । 100 ପ୍ରତିଶତ ଏଫ୍‌ଏଚ୍‌ଟିସି ହାସଲ କରିବାକୁ, ଗ୍ରାମ, ଜିଲ୍ଲା ଏବଂ ରାଜ୍ୟ ସ୍ତରରେ କାର୍ଯ୍ୟ ଯୋଜନା ପ୍ରସ୍ତୁତ ଏବଂ କାର୍ଯ୍ୟକାରୀ କରାଯିବାକୁ ଥିଲା ।




ଗ୍ରାମ କାର୍ଯ୍ୟ ଯୋଜନା (ଭିଏପି) ବେସଲାଇନ୍ ସର୍ଭେ, ସମ୍ବଳ ମାନଚିତ୍ରଣ ଏବଂ ଗ୍ରାମ୍ୟ ସମ୍ପ୍ରଦାୟର ଆବଶ୍ୟକତା ଉପରେ ଆଧାର କରି ପ୍ରସ୍ତୁତ କରାଯିବାର ଥିଲା । ଜିଲ୍ଲା କାର୍ଯ୍ୟ ଯୋଜନା (ଡିଏପି) ପ୍ରସ୍ତୁତ କରିବା ପାଇଁ ଏକ ଜିଲ୍ଲାର ସମସ୍ତ ଗ୍ରାମର ଭିଏପି ଗୁଡ଼ିକୁ ଏକତ୍ରିତ କରାଯିବାର ଥିଲା । ସେହିପରି, ରାଜ୍ୟ କାର୍ଯ୍ୟ ଯୋଜନା (ଏସ୍‌ଏପି) ପ୍ରସ୍ତୁତ କରିବା ପାଇଁ ରାଜ୍ୟର ସମସ୍ତ ଜିଲ୍ଲାର ଡିଏପି ଗୁଡ଼ିକୁ ଏକତ୍ରିତ କରାଯିବ । ଏହା ବ୍ୟତିତ, ରାଜ୍ୟକୁ ଭାରତ ସରକାରଙ୍କ ଦ୍ୱାରା ଜେଜେଏମ୍ ଅଧିନରେ ଜାରି କରାଯାଇଥିବା ପାଣ୍ଠି ସହ ସମନ୍ୱୟ ରକ୍ଷା କରି ବାର୍ଷିକ ଲକ୍ଷ୍ୟର ବିସ୍ତୃତ ବିବରଣୀ ସହିତ ଏକ ବାର୍ଷିକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାର ଥିଲା ।

ଅଡିଟ୍ କିନ୍ତୁ ବିଭିନ୍ନ ସ୍ତରରେ କାର୍ଯ୍ୟ ଯୋଜନା ପ୍ରସ୍ତୁତିରେ ତ୍ରୁଟି ପରିଲକ୍ଷିତ କରିଛି, ଯାହା ନିମ୍ନରେ ଆଲୋଚନା କରାଯାଇଛି ।

### *2.1.9.1 ଗ୍ରାମ କାର୍ଯ୍ୟ ଯୋଜନା (ଭିଏପି) ପ୍ରସ୍ତୁତି*

ଜେଜେଏମ୍ ପରିଚାଳନା ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 3.6.1 ଅନୁଯାୟୀ, ଗ୍ରାମ ପଞ୍ଚାୟତ କିମ୍ବା ଏହାର ଉପ-କମିଟି (ଭିଡବ୍ଲ୍ୟୁଏସ୍‌ସି) ଦ୍ୱାରା ବେସଲାଇନ୍ ସର୍ଭେ, ସମ୍ବଳ ମାନଚିତ୍ରଣ ଏବଂ ଗ୍ରାମ୍ୟ ସମ୍ପ୍ରଦାୟର ଆବଶ୍ୟକତା ଉପରେ ଆଧାର କରି ଆଇଏସ୍‌ଏର ସହାୟତା ଓ ଗ୍ରାମ ସଭାର ଅନୁମୋଦନ କ୍ରମେ ଗ୍ରାମ କାର୍ଯ୍ୟ ଯୋଜନା **(ଭିଏପି)** ପ୍ରସ୍ତୁତ କରାଯିବା ଉଚିତ୍ । ଭିଏପି ଗୁଡ଼ିକରେ **ସାରଣୀ 2.1.1** ରେ ବିସ୍ତୃତ ଉପାଦାନଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ଉଚିତ୍ ।

***ସାରଣୀ 2.1.1: ଭିଏପି ର ମୁଖ୍ୟ ଉପାଦାନଗୁଡ଼ିକ***

| | | | |
|---|---|---|---|
| **1** | ଗ୍ରାମରେ ଜଳ ଯୋଗାଣ/ ଉପଲବ୍ଧତାର ଇତିହାସ | **5** | ସାର୍ବଜନୀନ ଅନୁଷ୍ଠାନଗୁଡ଼ିକୁ ଜଳ ଯୋଗାଇବା ପାଇଁ ଯୋଜନା |
| **2** | ଜଳ ଉତ୍ସରେ ଜଳର ବର୍ତ୍ତମାନର ଉପଲବ୍ଧତା ଏବଂ ଏହାର ଦୀର୍ଘକାଳୀନ ସ୍ଥାୟିତ୍ୱ | **6** | ସାମାନ୍ୟ ମରାମତି, ପରିଚାଳନା ତଥା ରକ୍ଷଣାବେକ୍ଷଣ ପାଇଁ ଟେକ୍‌ନିସିଆନ୍ ଚିହ୍ନଟ କରିବା |
| **3** | ଆଂଶିକ ପୁଞ୍ଜି ମୂଲ୍ୟରେ ଅବଦାନ ଦେବାକୁ ଲୋକଙ୍କ ଆଗ୍ରହ ଏବଂ ସାମର୍ଥ୍ୟ | **7** | ଜଳର ଗୁଣବତ୍ତା ପରୀକ୍ଷା ପାଇଁ ଗ୍ରାମରେ ସ୍ୱତନ୍ତ୍ର ବ୍ୟକ୍ତିଙ୍କୁ ଚିହ୍ନଟ ଏବଂ ପ୍ରଶିକ୍ଷଣ ଦେବା |
| **4** | ଜଳ ସୁରକ୍ଷା ଏବଂ ନିରପତ୍ତା ଯୋଜନା | **8** | ଘରୋଇ ବ୍ୟବହୃତ ଜଳ ପରିଚାଳନା ପଦକ୍ଷେପ |

***(ଉତ୍ସ: ଜେଜେଏମ୍ ଅପରେସନ୍ ମାର୍ଗଦର୍ଶିକା)***

ଭିଏପି ଗୁଡ଼ିକ ପ୍ରସ୍ତୁତି ପାଇଁ ଆଇଏସ୍‌ଏ ଗୁଡ଼ିକୁ ପ୍ରଥମେ ଏପ୍ରିଲ୍ 2023 ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା । ଅଡିଟ୍ ଦେଖିଲା ଯେ ରାଜ୍ୟରେ ଜେଜେଏମ୍ ଅଧୀନରେ ଯୋଜନା କରାଯାଇଥିବା ମୋଟ 46,422 ରାଜସ୍ୱ ଗ୍ରାମ ମଧ୍ୟରୁ, 44,241 ଗ୍ରାମରେ (95 ପ୍ରତିଶତ) ଆଇଏସ୍‌ଏ ଦ୍ୱାରା ଭିଏପି ଗୁଡ଼ିକ ପ୍ରସ୍ତୁତ କରାଯାଇଥିଲା । ଜୁଲାଇ 2024 ସୁଦ୍ଧା ବାକି 2,181 ଗ୍ରାମ ପାଇଁ ଭିଏପି ପ୍ରସ୍ତୁତ କରାଯାଇ ନଥିଲା । ପାଞ୍ଚଟି ନମୁନା ଯାଞ୍ଚ କରାଯାଇଥିବା ଜିଲ୍ଲାରେ 8,800 ରାଜସ୍ୱ ଗ୍ରାମ ମଧ୍ୟରୁ 7,563 ପାଇଁ ଭିଏପିଗୁଡ଼ିକ ପ୍ରସ୍ତୁତ ଏବଂ ଅନୁମୋଦନ କରାଯାଇଥିଲା ଏବଂ ବାକି 1,237 ଗ୍ରାମ (14.06 ପ୍ରତିଶତ) ପାଇଁ ଭିଏପିଗୁଡ଼ିକ ଏପର୍ଯ୍ୟନ୍ତ ଆଇଏସ୍‌ଏ ଦ୍ୱାରା ପ୍ରସ୍ତୁତ କରାଯାଇନଥିଲା (ଜୁଲାଇ 2024) । ସମୟ ବୃଦ୍ଧି ପରେ ମଧ୍ୟ ଅର୍ଥାତ୍ ଏପ୍ରିଲ୍ 2024 ପର୍ଯ୍ୟନ୍ତ ଆଇଏସ୍‌ଏ ଦ୍ୱାରା କାର୍ଯ୍ୟ ସମାପ୍ତ ହୋଇପାରିଲା ନାହିଁ, ଯାହା ନମୁନା ଜିଲ୍ଲାଗୁଡ଼ିକରେ ଦେଖାଯାଇଥିଲା । ଆଇଏସ୍‌ଏ ବିଫଳତାର କାରଣ ହେଲା କ୍ଷେତ୍ର ସର୍ଭେର ଅଭାବ, ଗ୍ରାମ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ଗ୍ରହଣ ନକରିବା ଏବଂ ସମ୍ପୃକ୍ତ ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗ ଏବଂ ଗ୍ରାମ ପଞ୍ଚାୟତ ସହିତ ସମନ୍ୱୟର ଅଭାବ ।

ଅଧିକନ୍ତୁ, ଗ୍ରାମ ସଭା ଦ୍ୱାରା ଭିଏପି ଅନୁମୋଦନର ସପକ୍ଷରେ ଡକ୍ୟୁମେଣ୍ଟାରୀ ପ୍ରମାଣ କେବଳ ବାଲେଶ୍ୱର ଜିଲ୍ଲାର 316 ଟି ଗ୍ରାମ ପଞ୍ଚାୟତ ପାଇଁ ଉପଲବ୍ଧ ଥିଲା ଏବଂ ବାକି ନମୁନା ଜିଲ୍ଲା ପାଇଁ ଏହା ଉପଲବ୍ଧ ନଥିଲା । ଏହା ବ୍ୟତୀତ, ଏଫ୍‌ଜିଡି ପ୍ରକାଶ କରିଛି ଯେ 39 ଟି ନମୁନା ଗ୍ରାମ ମଧ୍ୟରୁ 24 ଟିରେ, ଭିଏପି ଅନୁମୋଦନ ପାଇଁ ଗ୍ରାମ ସଭା ଅନୁଷ୍ଠିତ ହୋଇନଥିଲା ।

ଅଡିଟ୍ ଆହୁରି ମଧ୍ୟ ଲକ୍ଷ୍ୟ କରିଛି ଯେ, ଆଇଏସ୍‌ଏ ଦ୍ୱାରା ପ୍ରସ୍ତୁତ ଭିଏପି ଗୁଡ଼ିକ ମୁଖ୍ୟତଃ ସମାନ ଥିଲା, ଯାହା ଜନସଂଖ୍ୟା ଆକଳନ, ମୂଳ ଭିତ୍ତିଭୂମି ସର୍ଭେ, ବିଦ୍ୟମାନ ଭିତ୍ତିଭୂମି, ଜଳ ଗୁଣବତ୍ତା, ଉତ୍ସ ସ୍ଥିରତା ଇତ୍ୟାଦି ଦିଗଗୁଡ଼ିକୁ କଭର କରୁଥିବା ଏକ ସାଧାରଣ ଟେମ୍ପଲେଟ୍ ଅନୁସରଣ କରୁଥିଲା । ସମସ୍ତ ଭିଏପିଗୁଡ଼ିକରେ ସମାନତା ଏକ ଯାନ୍ତ୍ରିକ, ଫର୍ମାଟ୍ ଚାଳିତ ପଦ୍ଧତିକୁ ପ୍ରତିଫଳିତ କରିଥିଲା । ଏହି ମାନକୀକରଣ, ସାମଞ୍ଜସ୍ୟ ପାଇଁ ଉପଯୋଗୀ ହୋଇଥିଲେ ମଧ୍ୟ, ଗୋଷ୍ଠୀର ପ୍ରକୃତ ଆବଶ୍ୟକତା, ପ୍ରତି ଗ୍ରାମର ସମସ୍ୟା ଏବଂ ପ୍ରାଥମିକତାକୁ କଏଦ କରିବାରେ ବିଫଳ ହୋଇଥିଲା, ଯାହାଫଳରେ ଜେଜେଏମ୍ ଅଧୀନରେ ପରିକଳ୍ପିତ ଅଂଶଗ୍ରହଣକାରୀ ଏବଂ ଆବଶ୍ୟକତା ଆଧାରିତ ଯୋଜନାର ସାରକୁ ଦୁର୍ବଳ କରିଦେଇଥିଲା । ଭିଏପିଗୁଡ଼ିକ ବାସ୍ତବବାଦୀ ପଦ୍ଧତିରେ ଅଭାବ ରଖିଥିଲା ଏବଂ ଗ୍ରାମ ପଞ୍ଚାୟତ କିମ୍ବା ଏହାର ଉପ-କମିଟି ସହିତ କୌଣସି କ୍ଷେତ୍ର ମୂଲ୍ୟାଙ୍କନ କିମ୍ବା ସମନ୍ୱିତ ପ୍ରୟାସ ଉପରେ ଆଧାରିତ ନଥିଲା, ଯାହା 40 ଟି ଗ୍ରାମର ମିଳିତ ସରଜମିନ ତଦନ୍ତ ସମୟରେ ପ୍ରକାଶିତ ହୋଇଥିଲା (ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଅଛି) ।

ତେଣୁ, ଭିଏପି ପ୍ରସ୍ତୁତି ଏବଂ ଅନୁମୋଦନରେ ବିଳମ୍ବ, ଭିଏପିର ଅତ୍ୟଧିକ ମାନକୀକରଣ ଏବଂ ଗ୍ରାମ ସଭାର ଅନୁମୋଦନର ଅଭାବ, ଯୋଜନା ନିର୍ଦ୍ଦେଶାବଳୀ ଅନୁଯାୟୀ ପରିକଳ୍ପନା କରାଯାଇଥିବା ନିମ୍ନରୁ ଉର୍ଦ୍ଧ୍ୱମୁଖୀ ଯୋଜନା

ପଦ୍ଧତିକୁ ବିପଦରେ ପକାଇଥିଲା ଏବଂ ଯେଉଁ ଗ୍ରାମ ଗୁଡ଼ିକରେ ଭିଏପି ପ୍ରସ୍ତୁତ ହୋଇନଥିଲା, ସେଠାରେ ଯୋଜନାର କାର୍ଯ୍ୟାନ୍ୱୟନରେ ବିଳମ୍ବ ହୋଇଥିଲା ।

ପାନୀୟ ଜଳ ଏବଂ ପରିମଳ ନିର୍ଦ୍ଦେଶକ (ଜାନୁଆରୀ 2025) ଭିଏପି ପ୍ରସ୍ତୁତିରେ ବିଳମ୍ବ ପାଇଁ ସ୍ଥାନୀୟ ସମସ୍ୟା ଯେପରିକି ବୈଷୟିକ ସମସ୍ୟା, ଗାଁର ନାମର ଭିନ୍ନତା ଇତ୍ୟାଦିକୁ ଦାୟୀ କରିଛନ୍ତି ।

### *2.1.9.2 ଜିଲ୍ଲା କାର୍ଯ୍ୟ ଯୋଜନା (ଡିଏପି) ପ୍ରସ୍ତୁତି*

ଜେଜେଏମ୍ ପରିଚାଳନା ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 3.6.1 ଅନୁଯାୟୀ, ସମ୍ପୃକ୍ତ ଡିଡବ୍ଲ୍ୟୁଏସ୍ଏମ୍ ଦ୍ୱାରା ପ୍ରସ୍ତୁତ ହେବାକୁ ଥିବା ଜିଲ୍ଲା କାର୍ଯ୍ୟ ଯୋଜନା ***(ଡିଏପି)*** ଗୁଡ଼ିକରେ **ସାରଣୀ 2.1.2** ରେ ବିସ୍ତୃତ ଉପାଦାନଗୁଡ଼ିକ ଅନ୍ତର୍ଭୁକ୍ତ ହେବା ଉଚିତ୍ ।

***ସାରଣୀ 2.1.2: ଡିଏପିର ମୁଖ୍ୟ ଉପାଦାନଗୁଡ଼ିକ***

| | | | |
|---|---|---|---|
| 1 | 2024 ସୁଦ୍ଧା ସମସ୍ତ ଗ୍ରାମୀଣ ପରିବାରକୁ ଏଫ୍ଏଚ୍ଟିସି ପାଇଁ ରଣନୈତିକ ଯୋଜନା | 6 | ସ୍ଥାନୀୟ ଜଳ ଉତ୍ସ ଉପରେ ଆଧାରିତ ଜଳ ଯୋଗାଣ ବ୍ୟବସ୍ଥା ଥିବା ଗ୍ରାମ ଗୁଡ଼ିକର ଚିହ୍ନଟ ଏବଂ ଜଳ ଉତ୍ସର ପ୍ରକାର ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଆବଶ୍ୟକତାର ଆକଳନ । |
| 2 | ସମସ୍ତ ଭିଏପିର ଏକତ୍ରୀକରଣ | 7 | ଦକ୍ଷତା ବିକାଶ, ତାଲିମ୍, ତୃତୀୟ ପକ୍ଷ ଯାଞ୍ଚ, ପରିଚାଳନା ଓ ରକ୍ଷଣାବେକ୍ଷଣ ଏବଂ ଆଇଇସି କାର୍ଯ୍ୟକଳାପ ପାଇଁ ଯୋଜନା |
| 3 | ଭିଏପିରୁ ବାହାରି ଆସୁଥିବା ବିଭିନ୍ନ ଉପାଦାନର ଏକ ଡାଟାବେସର ପ୍ରସ୍ତୁତି ଏବଂ ବିଶ୍ଳେଷଣ | 8 | ବ୍ଲକ୍/ ଗ୍ରାମ ସ୍ତରୀୟ ଜଳ ଗୁଣବତ୍ତା ପରୀକ୍ଷା ପାଇଁ ମଡେଲ୍ ଯୋଜନା ଏବଂ ଚିହ୍ନଟ କରନ୍ତୁ । |
| 4 | ଏଫ୍ଏଚ୍ଟିସି କଭରେଜ୍ ଏବଂ ଆର୍ଥିକ ଆବଶ୍ୟକତା ପାଇଁ ଚିହ୍ନଟ ହୋଇଥିବା ସମସ୍ତ କାର୍ଯ୍ୟକଳାପର ସମୟସୀମା | 9 | ଭିଏପି ରୁ ଉତ୍ପନ୍ନ ଆବଶ୍ୟକତାକୁ ପୂରଣ କରିବା ପାଇଁ ସମନ୍ୱୟ ଉତ୍ସର ଚିହ୍ନଟ । |
| 5 | ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଏବଂ ପରିଚାଳନାର ବିଭିନ୍ନ ସ୍ତରରେ ସାମଗ୍ରିକ ମାନବ ସମ୍ବଳ ଆବଶ୍ୟକତା | 10 | ଏସ୍ଡବ୍ଲ୍ୟୁଏସ୍ଏମ୍ ଇତ୍ୟାଦିକୁ ଚୂଡ଼ାନ୍ତ ଡିଏପି ଦାଖଲ କରିବା । |

***(ଉତ୍ସ: ଜେଜେଏମ୍ ପରିଚାଳନା ମାର୍ଗଦର୍ଶିକା)***

2,181 ଟି ଗ୍ରାମ ପାଇଁ ଭିଏପି ପ୍ରସ୍ତୁତ ହୋଇନଥିବାରୁ, ସମ୍ପୃକ୍ତ ଜିଲ୍ଲାର ଡିଏପି ପ୍ରସ୍ତୁତ ହୋଇପାରିଲା ନାହିଁ । ପାଞ୍ଚଟି ନମୁନାଯାଞ୍ଚ କରାଯାଇଥିବା ଜିଲ୍ଲା କ୍ଷେତ୍ରରେ, କେବଳ କନ୍ଧମାଳ ଜିଲ୍ଲା ପାଇଁ ଡିଏପି ପ୍ରସ୍ତୁତ କରାଯାଇଥିଲା, ଯାହା ପ୍ରସ୍ତୁତିର ନିର୍ଦ୍ଧାରିତ ତାରିଖ (ମେଇ 2022) ଠାରୁ ପ୍ରାୟ 663 ଦିନ ବିଳମ୍ବ ହୋଇଥିଲା । ଅଡିଟରେ ଆହୁରି ମଧ ଦେଖାଯାଇଛି ଯେ କନ୍ଧମାଳ ଜିଲ୍ଲାର 2,293 ଟି ଗ୍ରାମ ପାଇଁ ଭିଏପି ପ୍ରସ୍ତୁତ ଏବଂ ଅନୁମୋଦିତ ହୋଇଥିଲା, ଯେତେବେଳେ ଡିଏପି 2,367 ଟି ଗ୍ରାମକୁ ପ୍ରତିଫଳିତ କରିଥିଲା, ଯାହା ଫଳରେ 74 ଟି ଭିଏପିର ବିସଙ୍ଗତି ଦେଖାଯାଇଥିଲା । ତେଣୁ, ଡିଏପିର ସଠିକତା ସନ୍ଦେହଜନକ ଥିଲା ।

ଅନ୍ୟ ଚାରୋଟି ନମୁନାଭୁକ୍ତ ଜିଲ୍ଲା (ବରଗଡ଼, ପୁରୀ, ବାଲେଶ୍ୱର ଏବଂ ମାଲକାନଗିରି) ରେ, 6,239 ଗ୍ରାମ ପାଇଁ ଡିଏପି ନାମରେ ଜିଲ୍ଲା ସାଚୁରେସନ୍ ଯୋଜନା (ଡିଏସ୍ପି) ପ୍ରସ୍ତୁତ କରାଯାଇଥିଲା । ଡିଏସ୍ପି କେବଳ ଏକ ଏକ୍ସେଲ୍ ସିଟ୍ ଥିଲା ଯେଉଁଥିରେ ଜିଲ୍ଲା, ଡିଭିଜନ୍, ବ୍ଲକ୍, ଜିପି, ଏଫ୍ଏଚ୍ଟିସି ସଂଖ୍ୟା ଇତ୍ୟାଦି ସମ୍ପର୍କିତ ତଥ୍ୟ ଥିଲା ଏବଂ ଜେଜେଏମ୍ ନିର୍ଦ୍ଦେଶାବଳୀରେ ପରିକଳ୍ପନା କରାଯାଇଥିବା ପ୍ରାସଙ୍ଗିକ ବିବରଣୀ ଅନ୍ତର୍ଭୁକ୍ତ ନଥିଲା । ଯେହେତୁ, ଡାଟାବେସ୍/ ଡିଏସ୍ପି ଏକ ଉପଯୁକ୍ତ ଯୋଜନା ଉପସ୍ଥାପନ କରିନଥିଲା ଏବଂ ଡିଏପି ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଧାରିତ ସର୍ତ୍ତାବଳୀ ପୂରଣ କରିନଥିଲା, ତେଣୁ ଏହାକୁ ଏକ ବୈଧ ଡିଏପି ଭାବରେ ବିବେଚନା କରାଯାଇପାରିବ ନାହିଁ । ଜିଲ୍ଲା ପାଇଁ ଡିଏପି ନଥିବା ହେତୁ, ବିଭାଗ ଦ୍ୱାରା ପ୍ରସ୍ତୁତ ଏସ୍ଏପି ଡିଭିଜନ ସ୍ତରୀୟ ଯୋଜନାର ପ୍ରକୃତ ସ୍ଥିତିକୁ ପ୍ରତିଫଳିତ କରିବାରେ ବିଫଳ ହୋଇଥିଲା ।

### *2.1.9.3 ରାଜ୍ୟ କାର୍ଯ୍ୟ ଯୋଜନା (ଏସ୍ଏପି) ପ୍ରସ୍ତୁତି*

ଏସ୍ଡବ୍ଲ୍ୟୁଏସ୍ଏମ୍, ଏସ୍ଏପି ପ୍ରସ୍ତୁତି ଏବଂ ଚୂଡ଼ାନ୍ତ କରିବା ପାଇଁ ଦାୟୀ ଥିଲା । ରାଜ୍ୟ ସ୍ତରୀୟ ଯୋଜନା ରାଜ୍ୟରେ ପ୍ରସ୍ତୁତ ସମସ୍ତ ଡିଏପିଗୁଡ଼ିକର ଏକତ୍ରୀକରଣ ଉପରେ ଆଧାରିତ ହେବା ଉଚିତ୍ ଥିଲା । ଏଫ୍ଏଚ୍ଟିସି ପ୍ରଦାନ କରିବାର ଲକ୍ଷ୍ୟ ହାସଲ କରିବା ପାଇଁ ରୋଡମ୍ୟାପ୍ ଦେବା ବ୍ୟତୀତ, ଏହି ଯୋଜନାରେ ରାଜ୍ୟର ଦୀର୍ଘକାଳୀନ

ପାନୀୟ ଜଳ ସୁରକ୍ଷା ମଧ୍ୟ ଅନ୍ତର୍ଭୁକ୍ତ ହେବ । ଏସ୍‌ଏପି ରେ **ସାରଣୀ 2.1.3** ରେ ଦିଆଯାଇଥିବା ଉପାଦାନଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯିବାର ଥିଲା ।

***ସାରଣୀ 2.1.3: ଏସ୍‌ଏପିର ପ୍ରମୁଖ ଉପାଦାନଗୁଡ଼ିକ***

| | | | |
|---|---|---|---|
| 1 | ସମ୍ପୂର୍ଣ୍ଣ ଏବଂ ଚାଲୁଥିବା ପିଡବ୍ଲ୍ୟୁଏସ୍ ଯୋଜନାଗୁଡ଼ିକୁ ଚିହ୍ନଟ କରି ବିଦ୍ୟମାନ ଭିତ୍ତିଭୂମିର ପୁନଃନିର୍ମାଣକୁ ପ୍ରାଥମିକତା ଦେବା ଏବଂ ପ୍ରଥମ ଦୁଇ ଆର୍ଥିକ ବର୍ଷ ମଧ୍ୟରେ ସେଗୁଡ଼ିକୁ ସମାପ୍ତ କରିବା ସୁନିଶ୍ଚିତ କରିବା । | 6 | ଘରୋଇ ନଳ ସଂଯୋଗ (ଏଚ୍‌ଟିସି) ଏବଂ ଜଳ ଗୁଣବତ୍ତା ମନିଟରିଂ ଏବଂ ପର୍ଯ୍ୟବେକ୍ଷଣ (ଡବ୍ଲ୍ୟୁକ୍ୟୁଏମ୍‌ଆଣ୍ଡଏସ୍)ର କାର୍ଯ୍ୟକ୍ଷମତା ସୁନିଶ୍ଚିତ କରିବା ପାଇଁ ବିସ୍ତୃତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା । |
| 2 | ସମ୍ବଳ ଏବଂ ପ୍ରୟାସର ସମନ୍ୱୟ ମାଧ୍ୟମରେ ଜଳ ଉପଲବ୍ଧତାକୁ ଉନ୍ନତ କରିବା ପାଇଁ ପ୍ରୟାସ କରିବା | 7 | ନବୀକରଣୀୟ ଶକ୍ତି ବ୍ୟବହାର କରି ନିଶ୍ଚିତ ଜଳ ଯୋଗାଣ ପାଇଁ ଅଭିନବ ପ୍ରଯୁକ୍ତିବିଦ୍ୟା କାର୍ଯ୍ୟକ୍ରମ ଆବଶ୍ୟକ କରୁଥିବା ଅଞ୍ଚଳଗୁଡ଼ିକୁ (ପାହାଡ଼ିଆ/ଆଦିବାସୀ/ ଜଙ୍ଗଲ /ଅପହଞ୍ଚ) ନିର୍ଦ୍ଦିଷ୍ଟ ଭାବରେ ଚିହ୍ନଟ କରିବା । |
| 3 | ଅତିରିକ୍ତ ଅଞ୍ଚଳରୁ ଦୁର୍ଲଭ ଅଞ୍ଚଳକୁ ଜଳ ସ୍ଥାନାନ୍ତର ଏବଂ ଏମ୍‌ଭିଏସ୍ ପାଇଁ ବଣ୍ଟନ ନେଟ୍‌ୱାର୍କ ବିକାଶ ପାଇଁ ନିଷ୍ପତ୍ତି ନେବା । | 8 | ଉତ୍ସ ସ୍ଥିରତା ଏବଂ ଘରୋଇ ବ୍ୟବହୃତ ଜଳ ପରିଚାଳନା ପାଇଁ ପ୍ରବନ୍ଧନ ଯୋଜନା |
| 4 | ଜଳ ଯୋଗାଣର ନିର୍ଦ୍ଦିଷ୍ଟ ଦିଗଗୁଡ଼ିକ ଉପରେ ଧ୍ୟାନ ଦେଇ ବିଦ୍ୟମାନ ଜଳ ଯୋଗାଣ ବିଭାଗଗୁଡ଼ିକୁ ବିଭିନ୍ନ ଏଜେନ୍ସିରେ ବିଭାଜିତ କରିବା ସମେତ ଆବଶ୍ୟକୀୟ ସାଂଗଠନିକ ସଂସ୍କାର ଉଲ୍ଲେଖ କରିବା । | 9 | ଜିଲ୍ଲାୱାରୀ ଏଫ୍‌ଏଚ୍‌ଟିସି କଭରେଜ୍ ଏବଂ ଆର୍ଥିକ ଆବଶ୍ୟକତା ଅନୁଯାୟୀ ଚିହ୍ନଟ ହୋଇଥିବା ସମସ୍ତ କାର୍ଯ୍ୟକଳାପ ପାଇଁ ସମୟସୀମା ସୂଚିତ କରିବା । |
| 5 | ଉତ୍ସରୁ ଜଳ ସଂଗ୍ରହ ଏବଂ ଗ୍ରୀଡରୁ ଯୋଗାଣ ଉଭୟ ପାଇଁ ସାମୂହିକ ଜଳ ଶୁଳ୍କ ନିର୍ଦ୍ଦିଷ୍ଟ କରିବା | 10 | ଦକ୍ଷତା ବିକାଶ ଏବଂ ତାଲିମ ସମେତ ମାନବ ସମ୍ବଳ ପରିଚାଳନାର ମୂଲ୍ୟାଙ୍କନ |

***(ଉତ୍ସ: ଜେଜେଏମ୍ ପରିଚାଳନା ମାର୍ଗଦର୍ଶିକା)***

ଅଡିଟ୍ ଦେଖିଲା ଯେ ଏସ୍‌ଏପି 2020-21 ରେ ପିଆର୍‌ଆଣ୍ଡଡିଡବ୍ଲ୍ୟୁ ବିଭାଗ ଦ୍ୱାରା ଡିଏସ୍‌ପି ଏବଂ ଡିଏପି (ଯେଉଁଠାରେ ପ୍ରସ୍ତୁତ) କୁ ଏକତ୍ରିତ କରି ପ୍ରସ୍ତୁତ କରାଯାଇଥିଲା । ତଥାପି, ଏସ୍‌ଏପି କାର୍ଯ୍ୟକ୍ଷମ ନିର୍ଦ୍ଦେଶାବଳୀ ଅନୁଯାୟୀ ନିର୍ଦ୍ଧାରିତ ଉପରୋକ୍ତ ଟେବୁଲର ଅବଶିଷ୍ଟ ଉପାଦାନଗୁଡ଼ିକୁ ଅନ୍ତର୍ଭୁକ୍ତ କରିନଥିଲା । ଯେହେତୁ ଏସ୍‌ଏପି ସମସ୍ତ ଡିଏପିଗୁଡ଼ିକୁ ଅନ୍ତର୍ଭୁକ୍ତ କରିନଥିଲା, ତେଣୁ ଏହା 2024 ସୁଦ୍ଧା ସମସ୍ତଙ୍କୁ ଏଫ୍‌ଏଚ୍‌ଟିସି ପ୍ରଦାନ କରିବାର ଲକ୍ଷ୍ୟ ହାସଲ କରିବା ପାଇଁ ଏକ ରୋଡ ମ୍ୟାପ୍ ପ୍ରସ୍ତୁତିରେ ଏକ ନିମ୍ନରୁ ଉର୍ଦ୍ଧ୍ୱମୁଖୀ ପଦ୍ଧତି ଅନୁସରଣ କରିନଥିଲା ।

ପାନୀୟ ଜଳ ଏବଂ ପରିମଳ ନିର୍ଦ୍ଦେଶକ କହିଥିଲେ (ଜାନୁଆରୀ 2025) ଯେ ତୁରନ୍ତ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ।

## 2.1.10 ଏକ ଦୃଢ଼ ପରିଚାଳନା ଓ ରକ୍ଷଣାବେକ୍ଷଣ ଯୋଜନାର ଅନୁପସ୍ଥିତି

ଜେଜେଏମ୍ ପରିଚାଳନା ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 3.6.1 ଅନୁଯାୟୀ, ଭିଏପିରେ ଅନ୍ୟାନ୍ୟ ବିଷୟ ସହିତ ଦୀର୍ଘକାଳୀନ ପରିଚାଳନା ଓ ରକ୍ଷଣାବେକ୍ଷଣ **(ଓଆଣ୍ଡ୍‌ଏମ୍)** ଯୋଜନା/ ବ୍ୟବସ୍ଥା ରହିବା ଉଚିତ୍ । ସେହିପରି ଡିଏପିରେ ଉଭୟ ଗ୍ରାମାଞ୍ଚଳ ତଥା ଆଞ୍ଚଳିକ ଜଳ ଯୋଗାଣ, ଆର୍ଥିକ ଓ ସଂସ୍ଥାଗତ ଆବଶ୍ୟକତା ପାଇଁ ଓଆଣ୍ଡଏମ୍ ଯୋଜନା ରହିବା ଆବଶ୍ୟକ । ଏସଡବ୍ଲ୍ୟୁଏସ୍‌ଏମ୍ ସର୍ବୋଚ୍ଚ କମିଟିର ଏକ ମୁଖ୍ୟ କାର୍ଯ୍ୟ ଥିଲା ଯେ ଓଆଣ୍ଡଏମ୍ ରଣନୀତି ବିକଶିତ କରିବା ଏବଂ ପରିଚାଳନା ପାଇଁ ଉର୍ଦ୍ଦିଷ୍ଟ ଆକାଉଣ୍ଟ (ଗୋଷ୍ଠୀ ଯୋଗଦାନ ଏବଂ ଉପଭୋକ୍ତା ଶୁଳ୍କ ଅନ୍ତର୍ଭୁକ୍ତ) ପାଇଁ ଏକ ଦୃଢ଼ ନୀତି ପ୍ରସ୍ତୁତ କରିବା ଓ ଜିପି ଏବଂ/କିମ୍ବା ଏହାର ଏକ-କମିଟି ଦ୍ୱାରା ଏହାର ପରିଚାଳନା ପ୍ରକ୍ରିୟା ।

ଅଡିଟ୍ 27 ଟି ଭିଏପିକୁ ଯାଞ୍ଚ କରିଥିଲା ଏବଂ ଜାଣିବାକୁ ପାଇଲା ଯେ ବାଲେଶ୍ୱର ଜିଲ୍ଲାର ଗୋଟିଏ ଗାଁର ଭିଏପିରେ କୌଣସି ଓଆଣ୍ଡଏମ୍ ଯୋଜନା/ ବ୍ୟବସ୍ଥା ଅନ୍ତର୍ଭୁକ୍ତ ନଥିଲା । ଅବଶିଷ୍ଟ 26 ଟି ଭିଏପି କ୍ଷେତ୍ରରେ, ଯଦିଓ ଏକ ଯୋଜନା ଥିଲା, ତଥାପି ତୃଣମୂଳ ସ୍ତରରେ ସେପରି କୌଣସି କାର୍ଯ୍ୟକଳାପ କରାଯାଇ ନଥିଲା । ଏପରିକି ଗ୍ରାମାଞ୍ଚଳ ଏବଂ ଆଞ୍ଚଳିକ ଜଳ ଯୋଗାଣ ବ୍ୟବସ୍ଥା ଉପରେ ଧ୍ୟାନ କେନ୍ଦ୍ରିତ କରି ଓଆଣ୍ଡ୍‌ଏମ୍ ପାଇଁ ଡିଏପିଗୁଡ଼ିକର କୌଣସି ଠୋସ୍ ଯୋଜନା ନଥିଲା । ଏକ ଦୃଢ଼ ପରିଚ୍ଳନା ଓ ରକ୍ଷଣାବେକ୍ଷଣ ଯୋଜନା/ ବ୍ୟବସ୍ଥାର ଅଭାବ ଜଳ ଯୋଗାଣ ପ୍ରକଳ୍ପର ଅସ୍ଥାୟୀତ୍ୱ କ୍ଷେତ୍ରରେ ସହାୟକ ହୋଇଥିଲା, ଯାହାଫଳରେ ଲକ୍ଷ୍ୟ ରଖାଯାଇଥିବା

ପରିବାରଗୁଡ଼ିକୁ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା, ଯାହାକି ***ଅନୁଚ୍ଛେଦ 2.1.12.7*** ରେ ଆଲୋଚନା କରାଯାଇଛି ।

ପିଆର୍‌ଆଣ୍ଡଡିଡବ୍ଲ୍ୟୁ ବିଭାଗର ପାନୀୟ ଜଳ ଏବଂ ପରିମଳ ନିର୍ଦ୍ଦେଶକ (ଜାନୁଆରୀ 2025) କହିଛନ୍ତି ଯେ ରାଜ୍ୟ ସରକାର ଏକ ନୂତନ ଓଆଣ୍ଡ୍‌ଏମ୍ ନୀତି ବିକଶିତ କରିବେ ଯାହା ଭାରତ ସରକାରଙ୍କ ପରାମର୍ଶକୁ ଅନ୍ତର୍ଭୁକ୍ତ କରିବ । ଏହି ନୀତିରେ ଆର୍ଥିକ ସ୍ଥିରତା, ସଂସ୍ଥାଗତ ଭୂମିକା, ଉପଭୋକ୍ତା ଶୁଳ୍କ ଢାଞ୍ଚା ଏବଂ ଉଭୟ ଗ୍ରାମାଞ୍ଚଳ ଓ ଆଞ୍ଚଳିକ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ଦୀର୍ଘକାଳୀନ ଯୋଜନା ସମେତ ପରିଚାଳନା ଓ ରକ୍ଷଣାବେକ୍ଷଣର ସମସ୍ତ ଦିଗ ଏପରେ ଧ୍ୟାନ ଦିଆଯିବ ।

**ସୁପାରିଶ 1:**

**ସରକାର ସମସ୍ତ ଗ୍ରାମରେ ଗ୍ରାମ୍ୟ ଜଳ ଯୋଗାଣ କମିଟି ଗଠନ କରିବା ଏବଂ ନିରୀକ୍ଷଣ, ଦକ୍ଷତା ବିକାଶ, ଆଇଇସି (ସୂଚନା, ଶିକ୍ଷା ଏବଂ ଯୋଗାଯୋଗ) କାର୍ଯ୍ୟକଳାପ ଇତ୍ୟାଦି ମାଧ୍ୟମରେ ସେମାନଙ୍କର କାର୍ଯ୍ୟକୁ ମଜବୁତ୍ କରିବା ପାଇଁ ପଦକ୍ଷେପ ନେଇପାରିବେ, ଯାହା ଦ୍ୱାରା ସେମାନେ ସ୍ଥାୟୀ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ସେମାନଙ୍କର ଭୂମିକାକୁ ପ୍ରଭାବଶାଳୀ ଭାବରେ ନିର୍ବାହ କରିପାରିବେ ।**

**ସୁପାରିଶ 2:**

**ଗ୍ରାମାଞ୍ଚଳର ଲୋକମାନଙ୍କୁ ପର୍ଯ୍ୟାପ୍ତ ଏବଂ ନିରାପଦ ପାନୀୟ ଜଳ ଯୋଗାଣ ପାଇଁ ସରକାର ବାକି ରହିଯାଇଥିବା ବସତି ଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ଅନ୍ତର୍ଭୁକ୍ତ କରିବା ପାଇଁ ଏକ ରଣନୀତିକ ଯୋଜନା ପ୍ରସ୍ତୁତ କରିପାରିବେ । ମିଶନର ଉଦ୍ଦେଶ୍ୟ ହାସଲ କରିବା ଲାଗି ରାଜ୍ୟ ଜଳ ଓ ପରିମଳ ମିଶନ୍ ମଧ୍ୟ ଗ୍ରାମାଞ୍ଚଳର ଲୋକମାନଙ୍କ ମଧ୍ୟରେ ଦକ୍ଷତାବୃଦ୍ଧି, ତାଲିମ୍, ପରିଚାଳନା ଓ ରକ୍ଷଣାବେକ୍ଷଣ ଏବଂ ଆଇଇସି କାର୍ଯ୍ୟକଳାପ ପାଇଁ ଯୋଜନା ପ୍ରସ୍ତୁତ କରିପାରନ୍ତି, ଯାହାକୁ ଆରଡବ୍ଲ୍ୟୁଏସ୍‌ଏସ୍ ଡିଭିଜନଗୁଡ଼ିକ ଦ୍ୱାରା ସେମାନଙ୍କର କ୍ଷେତ୍ରାଧିକାର ମଧ୍ୟରେ ତୀକ୍ଷ୍ଣ ଭାବେ ତଦାରଖ କରାଯାଇପାରିବ ।**

## 2.1.11 ଆର୍ଥିକ ପରିଚାଳନା

ଜଳ ଜୀବନ ମିଶନ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପାଣ୍ଠି ଯୋଗାଇ ଦେବାର ଥିଲା । ଜଳ ଜୀବନ ମିଶନର ଉପାଦାନଗୁଡିକୁ ମୋଟାମୋଟି ଭାବରେ ତିନୋଟି ପ୍ରମୁଖ ଶ୍ରେଣୀରେ ବିଭକ୍ତ କରାଯାଇଥିଲା ଯଥା କଭରେଜ୍ କିମ୍ବା କାର୍ଯ୍ୟକ୍ରମ ବ୍ୟୟ, ସହାୟକ କାର୍ଯ୍ୟକଳାପ (ଆଇଇସି, ମାନବ ସମ୍ବଳ ବିକାଶ ଏବଂ ପ୍ରଶିକ୍ଷଣ, ଗୋଷ୍ଠୀ ଏକତ୍ରୀକରଣ ଇତ୍ୟାଦି) ଏବଂ ଜଳ ଗୁଣବତ୍ତା ପରିଚାଳନା ଓ ନିରୀକ୍ଷଣ (ଡବ୍ଲ୍ୟୁକ୍ୟୁଏମ୍ ଆଣ୍ଡ ଏସ୍) । ଜଳ ଜୀବନ ମିଶନ ଅଧୀନରେ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ପାଣ୍ଠି ବିଭାଜନ ଢ଼ାଞ୍ଚା କଭରେଜ କିମ୍ବା କାର୍ଯ୍ୟକ୍ରମ ବ୍ୟୟ (ସମ୍ପତ୍ତି ସୃଷ୍ଟି) ପାଇଁ 50 : 50 ଏବଂ ସହାୟକ ଗତିବିଧି ଓ ଡବ୍ଲ୍ୟୁକ୍ୟୁଏମ୍ ଆଣ୍ଡ ଏସ୍ ପାଇଁ 60:40 ଥିଲା । ସହାୟତା କାର୍ଯ୍ୟକଳପ ଏବଂ ଡବ୍ଲ୍ୟୁକ୍ୟୁଏମ୍ ଆଣ୍ଡ ଏସ୍ ପାଇଁ ନିର୍ଦ୍ଧାରିତ ବ୍ୟୟ ମୋଟ ଆବଣ୍ଟନର ଯଥାକ୍ରମେ ପାଞ୍ଚ ଏବଂ ଦୁଇ ପ୍ରତିଶତ ପର୍ଯ୍ୟନ୍ତ ଥିଲା ।

2019-24, ଆର୍ଥିକ ବର୍ଷରେ ରାଜ୍ୟ ଜଳ ଜୀବନ ମିଶନ ଅଧୀନରେ 14,534.59 କୋଟି ଟଙ୍କା ସଂଗ୍ରହ କରିଥିଲା । ଏଥିରେ କେନ୍ଦ୍ରୀୟ ଅଂଶ 7,343.68 କୋଟି ଟଙ୍କା ଏବଂ ରାଜ୍ୟର ଅଂଶ 7,190.91 କୋଟି ଟଙ୍କା ଅନ୍ତର୍ଭୁକ୍ତ । ଏଥିରୁ 13,568 କୋଟି ଟଙ୍କା ବିନିଯୋଗ ହୋଇଛି । ବର୍ଷୱାରୀ ପାଣ୍ଠି ପ୍ରାପ୍ତି ଏବଂ ଖର୍ଚ୍ଚ **ସାରଣୀ 2.1.4** ରେ ଦିଆଯାଇଛି ।

***ସାରଣୀ 2.1.4: 2019 to 2024 ପର୍ଯ୍ୟନ୍ତ ଜେଜେଏମ୍ ପାଣ୍ଠିର ପ୍ରାପ୍ତି ଏବଂ ବ୍ୟୟ*** *(ଟଙ୍କା କୋଟିରେ)*

| ବର୍ଷ | ପ୍ରାରମ୍ଭିକ ଜମା | ପ୍ରାପ୍ତି | ସୁଧ | ସମୁଦାୟ | ବ୍ୟୟ | ଫେରସ୍ତ | ଅବଶେଷ | ଖର୍ଚ୍ଚ ହୋଇନଥିବା ପାଣ୍ଠିର ପ୍ରତିଶତ |
|---|---|---|---|---|---|---|---|---|
| 2019-20 | 96.66* | 720.97 | 4.57 | 822.20 | 549.16 | 0.00 | 273.04 | 33 |
| 2020-21 | 273.04 | 1,204.01 | 10.64 | 1,487.69 | 1,314.74 | 0.00 | 172.95 | 12 |
| 2021-22 | 172.95 | 4,946.37 | 35.91 | 5,155.23 | 2,589.46 | 8.63 | 2,557.14 | 50 |
| 2022-23 | 2,557.14 | 3,495.36 | 50.64 | 6,103.14 | 4,175.92 | 22.53 | 1,904.69 | 31 |
| 2023-24 | 1,904.69 | 4,167.88 | 45.82 | 6,118.39 | 4,939.50 | 45.82 | 1,133.07 | 19 |
| **ସମୁଦାୟ** | | **14,534.59** | **147.58** | | **13,568.78** | **76.98** | | |

*(ଉତ୍ସ: ଇଆଇସି, ଆରଡବ୍ଲ୍ୟୁଏସ୍‌ଏସ୍, ଓଡ଼ିଶାର ଅଡିଟ୍ ହୋଇଥିବା ଆକାଉଣ୍ଟ ଏବଂ ପିଏଫ୍‌ଏମଏସ ଆକାଉଣ୍ଟ)*

** ତତ୍କାଳୀନ ଏନଆରଡିଡବ୍ଲ୍ୟୁପିର ଅବ୍ୟବହୃତ ପାଣ୍ଠି, ଯାହାକୁ ଜେଜେଏମରେ ବିଲୀନ କରାଯାଇଥିଲା*

**ସାରଣୀ 2.1.4** ରୁ ଜଣାପଡିଲା ଯେ 2019-24 ଆର୍ଥିକ ବର୍ଷରେ ରାଜ୍ୟ 14,682 କୋଟି ଟଙ୍କା ର ଉପଲବ୍ଧ ପାଣ୍ଠି (14,534.59 କୋଟି ଟଙ୍କା ପ୍ରାପ୍ତି + 147.58 କୋଟି ଟଙ୍କାର ସୁଧ ) ମଧ୍ୟରୁ ମାତ୍ର 13,568.78 କୋଟି ଟଙ୍କା ବ୍ୟବହାର କରିପାରିଛି । 2019-24 ମଧ୍ୟରେ ଉପଲବ୍ଧ ପାଣ୍ଠିର 12 ପ୍ରତିଶତରୁ 50 ପ୍ରତିଶତ ମଧ୍ୟରେ ଖର୍ଚ୍ଚ ହୋଇନଥିବା ବଳକା ପରିମାଣ ଥିଲା ।

### *2.1.11.1 ଯାଞ୍ଚ ହୋଇଥିବା ଜିଲ୍ଲାଗୁଡିକରେ ପାଣ୍ଠିର ପ୍ରାପ୍ତି ଏବଂ ବ୍ୟୟ*

ପାଞ୍ଚଟି ନମୁନା ଜିଲ୍ଲାରେ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଡିଭିଜନଗୁଡିକ 8,800 ଗ୍ରାମକୁ ଏଫ୍‌ଏଚ୍‌ଟିସି ଯୋଗାଇବା ପାଇଁ ଜେଜେଏମ୍ ଅଧୀନରେ 2,706.77 କୋଟି ଟଙ୍କା ପାଇଥିଲେ, ଯାହା ମଧ୍ୟରୁ 2019-24 ମଧ୍ୟରେ 2,565.99 କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା, ଯାହା **ସାରଣୀ 2.1.5** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

***ସାରଣୀ 2.1.5: 2019-24 ବର୍ଷରେ ପାଞ୍ଚଟି ନମୁନାଭୁକ୍ତ ଜିଲ୍ଲାରେ ଜଳ ଜୀବନ ମିଶନର ଉପାଦାନ ଅନୁଯାୟୀ ଆର୍ଥିକ ସ୍ଥିତି***

*(ଟଙ୍କା କୋଟିରେ)*

| କ୍ର.ସଂ. | ଜିଲ୍ଲାର ନାମ | ଆବଣ୍ଟନ ପ୍ରାପ୍ତି | କାର୍ଯ୍ୟକ୍ରମ ବ୍ୟୟ | ସହାୟକ ଗତିବିଧି ପାଇଁ ବ୍ୟୟ | ଡବ୍ଲ୍ୟୁକ୍ୟୁଏମଆଣ୍ଡଏସ୍ ପାଇଁ ବ୍ୟୟ | ବ୍ୟୟ ହୋଇନଥିବା ପାଣ୍ଠି |
|---|---|---|---|---|---|---|
| 1 | ବାଲେଶ୍ୱର | 1,053.32 | 939.61 | 14.39 | 0.55 | 98.77 |
| 2 | ବରଗଡ଼ | 401.09 | 396.68 | 3.99 | 0.42 | 0.00 |
| 3 | କନ୍ଧମାଳ | 642.45 | 600.60 | 0.44 | 1.37 | 40.04 |
| 4 | ମାଲକାନଗିରି | 339.99 | 335.73 | 3.29 | 0.97 | 0.00 |
| 5 | ପୁରୀ | 269.92 | 260.24 | 6.85 | 0.86 | 1.97 |
| ମୋଟ | | **2,706.77** | **2,532.86** | **28.96** | **4.17** | **140.78** |

***(ଉତ୍ସ: ସମ୍ପୃକ୍ତ ଆରଡବ୍ଲ୍ୟୁଏସ୍ଏସ୍ ଡିଭିଜନ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

ଅଡିଟ୍ ଦେଖିଲା ଯେ:

- ଅଗଷ୍ଟ 2024 ସୁଦ୍ଧା ରାଜ୍ୟ ସରକାରଙ୍କ ନିକଟରେ ବଳକା ପାଣ୍ଠି ସମର୍ପଣ ନ ହୋଇ ତିନୋଟି ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଡିଭିଜନ (ବାଲେଶ୍ୱର, କନ୍ଧମାଳ ଏବଂ ପୁରୀ) ରେ 140.78 କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ି ରହିଛି ।
- ପାଞ୍ଚଟି ନମୁନା ଜିଲ୍ଲାରେ ସହାୟତା କାର୍ଯ୍ୟ ପାଇଁ ମୋଟ ବ୍ୟୟ ଉପଲବ୍ଧ ପାଣ୍ଠିର 1.07 ପ୍ରତିଶତ ଥିଲା, ଯେତେବେଳେ କି ଅନୁମତିପ୍ରାପ୍ତ ସୀମା 5 ପ୍ରତିଶତ ଥିଲା । କନ୍ଧମାଳ ଆରଡବ୍ଲ୍ୟୁଏସଏସ ଡିଭିଜନ ମାତ୍ର 0.07 ପ୍ରତିଶତ ଖର୍ଚ୍ଚ କରିଛି । ଏହି ସର୍ବନିମ୍ନ ବ୍ୟୟ ସୂଚାଇ ଦେଉଛି ଯେ ସହାୟକ କାର୍ଯ୍ୟକଳାପ ଅଧୀନରେ ଥିବା କାର୍ଯ୍ୟକ୍ରମର କାର୍ଯ୍ୟକାରୀ ହୋଇନାହିଁ କିମ୍ବା ଆଂଶିକ ଭାବରେ କାର୍ଯ୍ୟକାରୀ ହୋଇଛି ।
- ସେହିଭଳି, ଡବ୍ଲ୍ୟୁକ୍ୟୁଏମ୍‌ଆଣ୍ଡଏସ୍ ଉପାଦାନ ଅଧୀନରେ ପ୍ରାପ୍ତ ପାଣ୍ଠିର ଦୁଇ ପ୍ରତିଶତର ଅନୁମତିପ୍ରାପ୍ତ ସୀମା ବିପକ୍ଷରେ ଏହି ଯାଞ୍ଚ ହୋଇଥିବା ଜିଲ୍ଲାଗୁଡିକରେ ମାତ୍ର 0.15 ପ୍ରତିଶତ ଖର୍ଚ୍ଚ କରାଯାଇଥିଲା ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ପାନୀୟ ଜଳ ଏବଂ ପରିମଳ ନିର୍ଦ୍ଦେଶକ କହିଛନ୍ତି (ଜାନୁଆରୀ 2025) ଯେ ବାଲେଶ୍ୱର ଡିଭିଜନ୍‌ରେ ଅବ୍ୟବହୃତ 98.77 କୋଟି ଟଙ୍କା ସରକାରଙ୍କୁ ଫେରସ୍ତ କରାଯାଇଛି ଏବଂ କନ୍ଧମାଳ ଡିଭିଜନ୍‌ରେ ଥିବା ପାଣ୍ଠି 2024-25 ଆର୍ଥିକ ବର୍ଷରେ ଖର୍ଚ୍ଚ ହୋଇଛି । ତଥାପି, ଫେରସ୍ତ ଏବଂ ଖର୍ଚ୍ଚ ହୋଇନଥିବା ଅର୍ଥର ସପକ୍ଷରେ କୌଣସି ଦସ୍ତାବିଜ ପ୍ରମାଣ ଅଡିଟ୍ ପାଇଁ ଉପଲବ୍ଧ କରାଯାଇନଥିଲା । ପୁରୀ ଡିଭିଜନରେ 1.97 କୋଟି ଟଙ୍କାର ଅବ୍ୟବହୃତ ପାଣ୍ଠି ବିଷୟରେ ମଧ୍ୟ ଉତ୍ତର ନୀରବ ଥିଲା ।

### *2.1.11.2 ସହାୟକ କାର୍ଯ୍ୟକଳାପ ଏବଂ ଜଳର ଗୁଣବତ୍ତା ପର୍ଯ୍ୟବେକ୍ଷଣ ଏବଂ ନିରୀକ୍ଷଣ ପାଇଁ ପାଣ୍ଠିର ସ୍ୱଳ୍ପ ବିନିଯୋଗ*

ଜଳ ଜୀବନ ମିଶନର ମାର୍ଗଦର୍ଶିକା ଅନୁଯାୟୀ, ସହାୟକ ଗତିବିଧି ଲାଗି ରାଜ୍ୟଗୁଡ଼ିକୁ ବାର୍ଷିକ ଆବଣ୍ଟନର ପାଞ୍ଚ ପ୍ରତିଶତ ପର୍ଯ୍ୟନ୍ତ ଅର୍ଥ ବ୍ୟବସ୍ଥା କରାଯାଇଥିଲା । ଜଳର ନ୍ୟାୟ ସଙ୍ଗତ ବ୍ୟବହାର, ଗୋଷ୍ଠୀର ଅବଦାନ ଏବଂ ମାଲିକାନା ବିଷୟରେ ଗୋଷ୍ଠୀ ଭିତରେ ସଚେତନତା ସୃଷ୍ଟି କରିବା ପାଇଁ ; ଗ୍ରାମ ଭିତ୍ତିଭୂମି ଯୋଜନାର ପରିକଳ୍ପନା,

କାର୍ଯ୍ୟାନ୍ୱୟନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ଗ୍ରାମ ପଞ୍ଚାୟତ କିମ୍ବା ସେମାନଙ୍କର ଉପ-କମିଟିର ଦକ୍ଷତା ବୃଦ୍ଧି ପାଇଁ ; ଦୀର୍ଘକାଳିନ ସ୍ଥାୟୀ ସଂସ୍ଥାଗତ ବ୍ୟବସ୍ଥା ସ୍ଥାପନ ପାଇଁ ; ଇଲେକ୍ଟ୍ରିସିଆନ୍, ମୋଟର ମେକାନିକ୍, ପମ୍ପ୍ ଅପରେଟର ଭଳି ବିଭିନ୍ନ ମାନବ ସମ୍ବଳର କୌଶଳ ବୃଦ୍ଧି ପାଇଁ ଏହି ପାଣ୍ଠି ବ୍ୟବହୃତ ହେବା ଉଚିତ୍ । ଅଧିକନ୍ତୁ, ଗୋଷ୍ଠୀକୁ ନିରାପଦ ଏବଂ ବିଶୁଦ୍ଧ ଜଳ ଯୋଗଣ ସୁନିଶ୍ଚିତ କରିବା ପାଇଁ ଡବ୍ଲ୍ୟୁକ୍ୟୁଏମ୍ଆଣ୍ଡଏସ୍ ଜରୁରୀ ଥିଲା । ଏହି ଲକ୍ଷ୍ୟ ହାସଲ କରିବା ପାଇଁ, ଡବ୍ଲ୍ୟୁକ୍ୟୁଏମ୍ଆଣ୍ଡଏସ୍ ଗତିବିଧି ପାଇଁ ରାଜ୍ୟମାନଙ୍କୁ ଆବଣ୍ଟିତ ରାଶିର ଦୁଇ ପ୍ରତିଶତ ପର୍ଯ୍ୟନ୍ତ ବ୍ୟବସ୍ଥା କରାଯାଇଥିଲା, ଯେଉଁଥିରେ ରାଜ୍ୟ/ ଜିଲ୍ଲା / ସବଡିଭିଜନାଲ ସ୍ତରରେ ଲାବୋରେଟୋରୀ ପ୍ରତିଷ୍ଠା, ପିପିପି ମୋଡରେ ପରୀକ୍ଷାଗାର, ବିଦ୍ୟମାନ ଜଳ ଗୁଣବତ୍ତା ପରୀକ୍ଷଣ ଲାବୋରେଟୋରୀଗୁଡ଼ିକର ଉନ୍ନତିକରଣ ଯେଉଁଥିରେ ସାଜସରଞ୍ଜାମ, ଯନ୍ତ୍ରପାତି, ରାସାୟନିକ ପଦାର୍ଥ/ ପ୍ରତିକାରକ, ଇତ୍ୟାଦି କ୍ରୟ ଅନ୍ତର୍ଭୁକ୍ତ ଥିଲା ।

ଅଡିଟରୁ ଜଣାପଡ଼ିଛି ଯେ ବୃହତ୍ ଜଳ ଯୋଗାଣ ପ୍ରକଳ୍ପ[12], ଏକକ ଗ୍ରାମ ଯୋଜନା (ଏସ୍‌ଭିଏସ୍)[13]/ ବହୁଗ୍ରାମ ଯୋଜନା (ଏମଭିଏସ୍)[14] ଇତ୍ୟାଦି ଦ୍ୱାରା ସମ୍ପତ୍ତି ସୃଷ୍ଟି ପାଇଁ ବ୍ୟୟ (13,186.70 କୋଟି ଟଙ୍କା) ଆବଣ୍ଟନର 96.43 ପ୍ରତିଶତ (13,673.68 କୋଟି ଟଙ୍କା) ଥିଲା, କିନ୍ତୁ ସହାୟକ ଗତିବିଧି (325.74 କୋଟି ଟଙ୍କା) ଏବଂ ଡବ୍ଲ୍ୟୁକ୍ୟୁଏମ୍ଆଣ୍ଡଏସ୍ (56.30 କୋଟି ଟଙ୍କା) ବ୍ୟୟ ନଗଣ୍ୟ ଥିଲା ଯାହା ଆବଣ୍ଟିତ ପାଣ୍ଠିର[15] ଯଥାକ୍ରମେ 2.20 ଏବଂ 0.38 ପ୍ରତିଶତ ଥିଲା ।

| ପ୍ରାପ୍ତି (14,534.59 କୋଟି ଟଙ୍କା) | ଖର୍ଚ୍ଚ (13,568.78 କୋଟି ଟଙ୍କା) |
|---|---|
| • ₹13,673.68 କୋଟି ଟଙ୍କା କଭରେଜ୍ ଅଧିନରେ<br>• ₹614.94 କୋଟି ଟଙ୍କ ସହାୟକ କାର୍ଯ୍ୟକ୍ରମ ଅଧିନରେ<br>• ₹245.98 କୋଟି ଟଙ୍କା ଡବ୍ଲ୍ୟୁକ୍ୟୁଏମ୍ଆଣ୍ଡଏସ୍ ଅଧିନରେ | • **₹13,186.70 କୋଟି ଟଙ୍କା (97.19 ପ୍ରତିଶତ) କଭରେଜ୍ ଉପରେ**<br>• **₹325.74 କୋଟି ଟଙ୍କା (2.40 ପ୍ରତିଶତ) ସହାୟତା କାର୍ଯ୍ୟକ୍ରମ ପାଇଁ**<br>• **₹56.30 କୋଟି ଟଙ୍କା (0.41 ପ୍ରତିଶତ) ଡବ୍ଲ୍ୟୁକ୍ୟୁଏମ୍ଆଣ୍ଡ ଏସ୍ ଉପରେ** |

ଡବ୍ଲ୍ୟୁକ୍ୟୁଏମ୍ଆଣ୍ଡଏସ୍ ଏବଂ ସହାୟତା କାର୍ଯ୍ୟକଳାପ ଉପରେ ଏହିପରି ସର୍ବନିମ୍ନ ଖର୍ଚ୍ଚ ସୂଚାଇ ଦେଇଛି ଯେ, ***ଅନୁଚ୍ଛେଦ 2.1.13*** ଏବଂ ***2.1.14*** ରେ ଆଲୋଚନା କରାଯାଇଥିବା ଅନୁଯାୟୀ, ଏହି ଉପାଦାନ ଅଧିନରେ ଯୋଜନା କରାଯାଇଥିବା କାର୍ଯ୍ୟକଳାପର କାର୍ଯ୍ୟକାରିତା ସମ୍ବନ୍ଧରେ ଇଆଇସି, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଡିଭିଜନର ପ୍ରଦର୍ଶନ ସନ୍ତୋଷଜନକ ନୁହେଁ ।

### *2.1.11.3 1.38 କୋଟି ଟଙ୍କାର ଅଗ୍ରହଣୀୟ ବ୍ୟୟ*

ଜଳ ଜୀବନ ମିଶନ ପରିଚାଳନା ମାର୍ଗଦର୍ଶିକା ଅନୁଯାୟୀ, ଖର୍ଚ୍ଚ ବୃଦ୍ଧି, ଟେଣ୍ଡର ପ୍ରିମିୟମ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଖର୍ଚ୍ଚ ପାଇଁ ଜଳ ଜୀବନ ମିଶନର କେନ୍ଦ୍ରୀୟ ଅଂଶ ଅଧିନରେ ଅର୍ଥ ପ୍ରଦାନ କରାଯିବ ନାହିଁ । ରାଜ୍ୟ ସରକାର/ ଏସଡବ୍ଲ୍ୟୁଏସ୍ଏମ୍ ଏହିପରି ଖର୍ଚ୍ଚ ବହନ କରିବା ପାଇଁ ପାଣ୍ଠିର ଉତ୍ସ ବିଷୟରେ ନିଷ୍ପତ୍ତି ନେବେ ।

ଅଡିଟ୍ ମନୋନୀତ ପାଞ୍ଚଟି ଜିଲ୍ଲାରେ ଜଳ ଜୀବନ ମିଶନ ଅଧିନରେ ହୋଇଥିବା 80 ଟି ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ନଥିପତ୍ର ଯାଞ୍ଚ କରିଥିଲା ଏବଂ ଜାଣିବାକୁ ପାଇଥିଲା ଯେ ଜୁଲାଇ 2019 ଓ ଜୁନ୍ 2022 ମଧ୍ୟରେ ନିଆଯାଇଥିବା 22 ଟି ପ୍ରକଳ୍ପରେ 1.38 କୋଟି ଟଙ୍କାର ଅଗ୍ରହଣୀୟ ଖର୍ଚ୍ଚ କେନ୍ଦ୍ରୀୟ ଅଂଶରୁ କରାଯାଇଥିଲା ।

ଚାରିଟି ଜିଲ୍ଲାରେ ନିଆଯାଇଥିବା 20 ଟି ପିଡବ୍ଲ୍ୟୁଏସ୍ ପ୍ରକଳ୍ପ କ୍ଷେତ୍ରରେ, ଡିଭିଜନଗୁଡ଼ିକ[16] ଟେଣ୍ଡର ପ୍ରିମିୟମ ମୂଲ୍ୟ ଭାବରେ 1.11 କୋଟି ଟଙ୍କା ପ୍ରଦାନ କରିଛନ୍ତି ଏବଂ ପୁରୀ ଡିଭିଜନ ଜେଜେଏମ୍ ଅଧିନରେ କରାଯାଉଥିବା

---

12 ବୃହତ୍ ଜଳ ଯୋଗାଣ ପ୍ରକଳ୍ପ ହେଉଛି ଏକ ବୃହତ୍ ଯୋଜନା ଯାହାର ଉଦ୍ଦେଶ୍ୟ ଭୂପୃଷ୍ଠ ଜଳ ବ୍ୟବହାର କରି ବିଭିନ୍ନ ଗ୍ରାମ ପଞ୍ଚାୟତ ଏବଂ ବ୍ଲକରେ ଏକାଧିକ ଗ୍ରାମକୁ ପାନୀୟ ଜଳ ଯୋଗାଇବା

13 ଏସ୍‌ଭିଏସ୍ ହେଉଛି ଏକ ଭୂତଳ ଜଳ/ ଝରଣା ଆଧାରିତ / ସ୍ଥାନୀୟ ଭୂପୃଷ୍ଠ ଜଳ ଯୋଜନା, ଯାହା ଗ୍ରାମ ପଞ୍ଚାୟତ ଏବଂ କିମ୍ବା ଏହାର ସବ୍-କମିଟି, ଅର୍ଥାତ୍ ଭିଡବ୍ଲ୍ୟୁଏସ୍‌ସି/ ପାଣି ସମିତି/ ଉପଭୋକ୍ତା ଗୋଷ୍ଠୀ ଇତ୍ୟାଦି ଦ୍ୱାରା ଯୋଜିତ ଏବଂ ପରିଚାଳିତ ହୋଇଥାଏ ।

14 ଏମ୍‌ଭିଏସ୍ ଯୋଜନା ହେଉଛି ଏକ ଭୂତଳ ଜଳ/ ଭୂପୃଷ୍ଠ ଜଳ ଆଧାରିତ ଯୋଜନା ଯାହା ଏକାଧିକ ଗ୍ରାମକୁ ସେବା ଯୋଗାଇଥାଏ ଏବଂ ସାଧାରଣତଃ ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ ବିଭାଗ/ ଆରଡବ୍ଲ୍ୟୁଏସ୍ ବିଭାଗ/ ବୋର୍ଡ/ ଏଜେନ୍ସି ଦ୍ୱାରା ଯୋଜନା କରାଯାଇଥାଏ, ଯେଉଁଠାରେ ଗ୍ରାମ ପଞ୍ଚାୟତ ଏବଂ କିମ୍ବା ଏହାର ଉପ-କମିଟି ଗ୍ରାମରେ ଜଳ ଯୋଗଣ ବ୍ୟବସ୍ଥାର ପରିଚାଳନା ଏବଂ ରକ୍ଷଣାବେକ୍ଷଣ କରିବେ ।

15 ଏହା ବ୍ୟତୀତ, ପ୍ରାକୃତିକ ବିପର୍ଯ୍ୟୟ ପାଇଁ 0.04 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା

16 ପୁରୀ: 05 (5.79 ଲକ୍ଷ ଟଙ୍କା), ବାଲେଶ୍ୱର: 07 (15.63 ଲକ୍ଷ ଟଙ୍କା), ବରଗଡ଼: 01 (11.83 ଲକ୍ଷ ଟଙ୍କା) ଏବଂ ମାଲକାନଗିରି: 07 (77.28 ଲକ୍ଷ ଟଙ୍କା) ଯୋଜନା

ଦୁଇଟି ପ୍ରକଳ୍ପରେ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଁ 0.11 କୋଟି ଟଙ୍କା ପ୍ରଦାନ କରିଛନ୍ତି । ଏଥିସହ ଆରଡବ୍ଲ୍ୟୁଏସ୍ଏସ୍ ଡିଭିଜନ, ପୁରୀ ଅନୁମୋଦିତ ଆକଳନ ତୁଳନାରେ କରାଯାଇଥିବା ବିଚ୍ୟୁତି ପାଇଁ 0.16 କୋଟି ଟଙ୍କା ପ୍ରଦାନ କରିଥିଲା ।

ପିଆର୍ଆଣ୍ଡଡିଡବ୍ଲ୍ୟୁ ବିଭାଗର ପାନୀୟ ଜଳ ଏବଂ ପରିମଳ ନିର୍ଦ୍ଦେଶକ କହିଲେ (ଜାନୁଆରୀ 2025) ଯେ ବିଭାଗ ନିଷ୍ପତ୍ତି (ଜାନୁଆରୀ 2023) ଅନୁଯାୟୀ ଯଦି 21 ଜୁନ୍ 2022 ରେ କିମ୍ବା ତା'ପରେ କାର୍ଯ୍ୟ ସମ୍ବନ୍ଧରେ କାର୍ଯ୍ୟ ନିର୍ଦ୍ଦେଶ ଜାରି କରାଯାଇଛି, ତେବେ ଜେଜେଏମ୍ ପାଣ୍ଠିରୁ ଟେଣ୍ଡର ପ୍ରିମିୟମ୍ ପୂରଣ କରାଯିବ ।

ଅଡିଟ୍ ଦ୍ୱାରା ସୂଚିତ ହୋଇଥିବା ସମସ୍ତ 20 ଟି ପ୍ରକଳ୍ପ ପାଇଁ ଚୁକ୍ତିନାମା 21 ଜୁନ୍ 2022 ପୂର୍ବରୁ ହୋଇଥିବାରୁ ଏହାର ଉତ୍ତର ଯୁକ୍ତିଯୁକ୍ତ ନୁହେଁ । ତେଣୁ, କେନ୍ଦ୍ରୀୟ ଅଂଶଧନରୁ ଅର୍ଥ ପୈଠ ଗ୍ରହଣୀୟ ନୁହେଁ ।

### *2.1.11.4 ସହାୟକ କାର୍ଯ୍ୟକ୍ରମରେ ଅନିୟମିତ ଖର୍ଚ୍ଚ*

ଜେଜେଏମ୍ ମାର୍ଗଦର୍ଶିକା ଅନୁଯାୟୀ, ବାର୍ଷିକ ଆବଣ୍ଟନର ପାଞ୍ଚ ପ୍ରତିଶତ ପର୍ଯ୍ୟନ୍ତ ବ୍ୟବସ୍ଥା ଆଇଇସି କାର୍ଯ୍ୟକଳାପ, ମାନବ ସମ୍ବଳ ବିକାଶ (ଏଚ୍ଆର୍ଡି), ସାର୍ବଜନୀନ ଉପଯୋଗିତା ଏବଂ ନେତୃତ୍ୱ ବିକାଶ, ଇଣ୍ଟିଗ୍ରେଟେଡ୍ ମ୍ୟାନେଜମେଣ୍ଟ ଇନଫର୍ମେସନ୍ ସିଷ୍ଟମ[17] (ଆଇଏମ୍ଆଇଏସ୍) ସହାୟତା ଏବଂ ଆନୁସଙ୍ଗିକ ଆଇଟି ଭିତ୍ତିଭୂମି ଏବଂ ଆଇଏସ୍ଏ କୁ ଦେୟ ଇତ୍ୟାଦି ପରିଚାଳନା ପାଇଁ ପୃଥକ କରାଯିବାର ଥିଲା । ଖବରକାଗଜ/ ପତ୍ରିକାରେ ବିଜ୍ଞାପନ, ଉପହାର ପ୍ରଦାନ, ପ୍ରଚାର ଉଦ୍ଦେଶ୍ୟରେ କରାଯାଉଥିବା କାର୍ଯ୍ୟକ୍ରମର ଆୟୋଜନ, ଇତ୍ୟାଦି କାର୍ଯ୍ୟକଳାପ ପାଇଁ ସହାୟକ କାର୍ଯ୍ୟକଳାପ ଅଧିନରେ କୌଣସି ପାଣ୍ଠି ବ୍ୟବହାର କରାଯିବ ନାହିଁ ।

ଅଡିଟରୁ ଜଣାପଡ଼ିଛି ଯେ ଇଆଇସି, ଆରଡବ୍ଲ୍ୟୁଏସ୍ଏସ୍ 2019-24 ବର୍ଷରେ ସହାୟକ କାର୍ଯ୍ୟକଳାପ ପାଇଁ 614.94 କୋଟି ଟଙ୍କା ପାଇଥିଲେ, ଯେଉଁଥିରୁ 325.74 କୋଟି ଟଙ୍କା ବ୍ୟବହୃତ ହୋଇଥିବା ରିପୋର୍ଟ କରାଯାଇଛି, ଯାହା ଇଆଇସିର ଅଡିଟ୍ ହୋଇଥିବା ଆକାଉଣ୍ଟରେ ପ୍ରତିଫଳିତ ହୋଇଥିଲା । ତେବେ, ଏହା ଲକ୍ଷ୍ୟ କରାଯାଇଥିଲା ଯେ ପିଏଫ୍ଏମ୍ଏସ୍ରେ ପ୍ରତିଫଳିତ ହୋଇଥିବା ସମ୍ବନ୍ଧୀୟ ଖର୍ଚ୍ଚ ମାତ୍ର 239.22 କୋଟି ଟଙ୍କା ଥିଲା (ମାର୍ଚ୍ଚ 2024), ଯାହା 86.52 କୋଟି ଟଙ୍କାର ପାର୍ଥକ୍ୟକୁ ଦର୍ଶାଉଛି । ଜଳ ଜୀବନ ମିଶନ ଅନ୍ତର୍ଗତ ସହାୟକ ଗତିବିଧିରେ ହୋଇଥିବା ବାସ୍ତବ ବ୍ୟୟ ଆକଳନ କରିବା ଲାଗି ଇଆଇସି ମଇ 2025 ସୁଦ୍ଧା ଏହି ବ୍ୟବଧାନ ପରିମାଣର ବିବରଣୀ ଦାଖଲ କରିପାରି ନଥିଲେ । ରିପୋର୍ଟ ଅନୁଯାୟୀ ରାଜ୍ୟରେ 239.22 କୋଟି ଟଙ୍କାର ବିନିଯୋଗ ମଧ୍ୟରୁ 30.08 କୋଟି ଟଙ୍କାର ଖର୍ଚ୍ଚ ସହାୟତା କାର୍ଯ୍ୟକଳାପ ଅଧିନରେ ଗ୍ରହଣୀୟ ନଥିଲା କିମ୍ବା ସହାୟକ କାଗଜପତ୍ର ଉପଲବ୍ଧ ନଥିବା କାର୍ଯ୍ୟ ଉପରେ ଖର୍ଚ୍ଚ ହୋଇଥିଲା ଯାହା **ସାରଣୀ 2.1.6** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

***ସାରଣୀ 2.1.6: ରାଜ୍ୟରେ ସହାୟତା ପାଣ୍ଠିରୁ ଅଗ୍ରହଣୀୟ/ ସନ୍ଦେହଜନକ ଖର୍ଚ୍ଚ***

| ଖର୍ଚ୍ଚର ଉଦ୍ଦେଶ୍ୟ | ପରିମାଣ (ଟଙ୍କା ଲକ୍ଷରେ) | ମନ୍ତବ୍ୟ |
|---|---|---|
| ସାମଗ୍ରୀ ପରୀକ୍ଷଣ ଲାବେରଟାରୀ | 11.85 | ସହାୟକ କାର୍ଯ୍ୟକଳାପ ଅଧିନରେ ଅନ୍ତର୍ଭୁକ୍ତ ନୁହେଁ |
| ବସୁଧା ଯୋଜନା ଅଧିନରେ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି | 974.05 | ରାଜ୍ୟ ଯୋଜନା ଅଧୀନରେ କାର୍ଯ୍ୟ ପାଇଁ ଜେଜେଏମ୍ ପାଣ୍ଠିର ବ୍ୟବହାର ପାଇଁ କୌଣସି ଯଥାର୍ଥତା ପ୍ରଦାନ କରାଯାଇ ନାହିଁ |
| ଏମଆଇଏସ୍ ଅଧୀନରେ ଦସ୍ତାବିଜ୍ ପ୍ରସ୍ତୁତି | 676.95 | ଇଆଇସି/ ଯାଞ୍ଚ ହୋଇଥିବା ଜିଲ୍ଲା ଦ୍ୱାରା କୌଣସି ସହାୟକ ଦସ୍ତାବିଜ ପ୍ରଦାନ କରାଯାଇନାହିଁ |
| ପ୍ରଶାସନିକ ଖର୍ଚ୍ଚ, କର୍ମଶାଳା, ସେମିନାର୍ ଇତ୍ୟାଦି | 1,346.00 | ଅଡିଟ୍କୁ କୌଣସି ରେକର୍ଡ ଉପଲବ୍ଧ ହୋଇନାହିଁ ଏବଂ ଯାଞ୍ଚ ହୋଇଥିବା ଜିଲ୍ଲାଗୁଡ଼ିକରେ ଏପରି କୌଣସି କାର୍ଯ୍ୟକ୍ରମ ହୋଇଥିବା ଦେଖାଯାଇନଥିଲା |
| ମୋଟ | **3,008.85** | |

*(ଉତ୍ସ: ଇଆଇସି, ଆରଡବ୍ଲ୍ୟୁଏସ୍ଏସ୍, ଓଡ଼ିଶାର ପିଏଫ୍ଏମ୍ଏସ୍ ରେକର୍ଡ)*

[17] ବିଭାଗ/ ଜାତୀୟ ମିଶନ ଜଳ ଜୀବନ ମିଶନର ଆଇଏମ୍ଆଇଏସ୍ ପରିଚାଳନା କରି ବାସ୍ତବିକ ସମୟରେ ଭୌତିକ ଏବଂ ଆର୍ଥିକ ପ୍ରଗତି ହାସଲ କରିବ । ସାମାଜିକ ତଦାରଖ ପାଇଁ ଏହା ସର୍ବସାଧାରଣ ଡୋମେନରେ ଉପଲବ୍ଧ ହେବ ।

ତେଣୁ, ସହାୟତା ପାଣ୍ଠିରୁ 30.08 କୋଟି ଟଙ୍କାର ବ୍ୟୟ ଗ୍ରହଣୀୟ ନଥିଲା କିମ୍ବା ସନ୍ଦେହଜନକ ଥିବାର ଆଶଙ୍କା ଥିଲା ।

ଏହା ବ୍ୟତୀତ, ଅଡିଟରୁ ଜଣାପଡ଼ିଛି ଯେ ପାଞ୍ଚଟି ନମୁନା ଯାଞ୍ଚ ହୋଇଥିବା ଜିଲ୍ଲାରେ ସହାୟତା ପାଣ୍ଠିରୁ 28.96 କୋଟି ଟଙ୍କା ଖର୍ଚ୍ଚ ହୋଇଛି, ଯେଉଁଥିରୁ:

- ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ କରିବା ପାଇଁ 9.03 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା, ଯାହା ଜେଜେଏମ୍ ସହାୟତା ପାଣ୍ଠି ଅଧିନରେ ଗ୍ରହଣୀୟ ନଥିଲା ।
- ରାଜ୍ୟ ଯୋଜନା ପ୍ରକଳ୍ପର ତୃତୀୟ ପକ୍ଷ ପର୍ଯ୍ୟାଲୋଚନା ଏବଂ ନିରୀକ୍ଷଣ ପାଇଁ 6.15 କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା ।
- ଡବ୍ଲୁକ୍ୟୁଏମ୍ ଆଣ୍ଡଏସ୍ (ଲ୍ୟାବ୍ ସମ୍ବନ୍ଧୀୟ କାର୍ଯ୍ୟକଳାପ) ପାଇଁ 0.71 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ।

ଏହିପରି, ସହାୟକ କାର୍ଯ୍ୟକଳାପ ଅଧିନରେ ଅନୁମୋଦିତ ହୋଇନଥିବା କିମ୍ବା ଅନ୍ୟ ରାଜ୍ୟ ଯୋଜନା ସହ ଜଡ଼ିତ କାର୍ଯ୍ୟକଳାପ ପାଇଁ 15.89 କୋଟି ଟଙ୍କା (55 ପ୍ରତିଶତ) ଖର୍ଚ୍ଚ କରାଯାଇଥିଲା ଯାହା ଗ୍ରହଣୀୟ ନୁହେଁ । ଏହି ଖର୍ଚ୍ଚ ଗୁଡ଼ିକ କାର୍ଯ୍ୟକ୍ରମ ଖର୍ଚ୍ଚରୁ ଭରଣା କରାଯିବାର ଥିଲା ।

ପିଆର୍ଆଣ୍ଡଡିଡବ୍ଲ୍ୟୁ ବିଭାଗର ପାନୀୟ ଜଳ ଏବଂ ପରିମଳ ନିର୍ଦ୍ଦେଶକ ଆଶ୍ୱାସନା ଦେଇଥିଲେ (ଜାନୁଆରୀ 2025) ଯେ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ ପାଇଁ ଡ଼ିଭିଜନ ଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରାଯିବ ।

**ସୁପାରିଶ 3:**

**ଜଳ ଯୋଗାଣ ବ୍ୟବସ୍ଥାର ଦୀର୍ଘକାଳୀନ ସ୍ଥାୟିତ୍ୱ ଏବଂ ଗୁଣାତ୍ମକ ଜଳ ଯୋଗାଣ ସୁନିଶ୍ଚିତ କରିବା ଲାଗି ସରକାର ସହାୟକ କାର୍ଯ୍ୟକଳାପ ଓ ଜଳର ଗୁଣବତ୍ତା ଅନୁଧ୍ୟାନ ଏବଂ ତଦାରଖ କ୍ଷେତ୍ରରେ ନିଜର ବ୍ୟୟକୁ ମାର୍ଗଦର୍ଶିକା ଅନୁଯାୟୀ ଅନୁମୋଦିତ ସୀମା ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ ।**

## 2.1.12 ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟକାରିତା ଏବଂ ସ୍ଥିରତା

### *2.1.12.1 ଏଫ୍ଏଚ୍ଟିସି ଦ୍ୱାରା ଘରଗୁଡ଼ିକୁ ସଂଯୋଗ କରିବା*

ଜେଜେଏମ୍ ମାର୍ଗଦର୍ଶିକା ଅନୁଯାୟୀ, ଏସ୍ଡବ୍ଲ୍ୟୁଏସ୍ଏମ୍ ଏଫ୍ଏଚ୍ଟିସି ବ୍ୟବସ୍ଥା କରିବା ଏବଂ ପ୍ରତିବର୍ଷ ଆବଶ୍ୟକ ପାଣ୍ଠିର ଆକଳନ କରିବା ପାଇଁ ତ୍ରୈମାସିକ ଏବଂ ଜିଲ୍ଲା-ୱାରୀ ଲକ୍ଷ୍ୟ ସ୍ଥିର କରିବା ପାଇଁ ଦାୟୀ ଥିଲା । ଏହା ବ୍ୟତୀତ, ଏସ୍ଡବ୍ଲ୍ୟୁଏସ୍ଏମ୍କୁ ମିଶନର ବାର୍ଷିକ ପାଣ୍ଠି ଆବଣ୍ଟନ ସହିତ ବାର୍ଷିକ ଲକ୍ଷ୍ୟ ସହିତ ଏକ ବାର୍ଷିକ କାର୍ଯ୍ୟ ଯୋଜନା (ଏଏପି) ପ୍ରସ୍ତୁତ କରିବାର ଥିଲା ।

ରାଜ୍ୟ 2020-21 ପର ଠାରୁ ବାର୍ଷିକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ଆରମ୍ଭ କରିଥିଲା । ଯଦିଓ ତ୍ରୈମାସିକ ଲକ୍ଷ୍ୟ ପ୍ରସ୍ତୁତ କରାଯାଇ ନାହିଁ, ତଥାପି 2020-21 ଠାରୁ ପିଡବ୍ଲ୍ୟୁଏସ୍ଏମ୍ ଦ୍ୱାରା ଏଫ୍ଏଚଟିସି ପାଇଁ ଜିଲ୍ଲାୱାରୀ କାର୍ଯ୍ୟକାରିତା ଯୋଜନା ପ୍ରସ୍ତୁତ କରାଯାଇଥିଲା । 2019-20 ସୁଦ୍ଧା ଜଳ ଜୀବନ ମିଶନ ସମେତ ସମସ୍ତ ଜଳଯୋଗାଣ ଯୋଜନା ଅଧିନରେ ରାଜ୍ୟକୁ 7.47 ଲକ୍ଷ ଏଫ୍ଏଚ୍ଟିସି ଯୋଗାଇ ଦିଆଯାଇଛି । 2020-21 ରୁ 2023-24 ମଧ୍ୟରେ ଜଳ ଜୀବନ ମିଶନ ସମେତ ସମସ୍ତ ଯୋଜନା ଅଧିନରେ ଏଫ୍ଏଚ୍ଟିସି ପାଇଁ ରାଜ୍ୟରେ ବର୍ଷୱାରୀ ଲକ୍ଷ୍ୟ ଏବଂ ଅନୁରୂପ ସଫଳତା **ଚାର୍ଟ 2.1.2** ରେ ଦର୍ଶାଯାଇଛି ।

**ଚାର୍ଟ 2.1.2: 2020-21 ରୁ 2023-24 ମଧ୍ୟରେ ସମସ୍ତ ଯୋଜନା/ କାର୍ଯ୍ୟକ୍ରମ ଅଧିନରେ ରାଜ୍ୟରେ ଏଫ୍‌ଏଚ୍‌ଟିସିର ଭୌତିକ ଲକ୍ଷ୍ୟ ଏବଂ ଉପଲବ୍ଧି**




*( ଉତ୍ସ: ଇଆଇସି, ଆରଡବ୍ଲ୍ୟୁଏସ୍ଏସ୍, ଓଡ଼ିଶା ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା )*

ଅଡିଟ୍ ଦେଖିଲା ଯେ 2020-24 ଚାରି ବର୍ଷର ଅବଧି (81.08 ଲକ୍ଷ ଏଫ୍‌ଏଚ୍‌ଟିସି) ପାଇଁ ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ, ସମସ୍ତ ଜଳ ଯୋଗାଣ ଯୋଜନା ଅଧିନରେ ଏଫ୍‌ଏଚ୍‌ଟିସି କଭରେଜରେ ସାମଗ୍ରିକ 31 ପ୍ରତିଶତ ନିଅଣ୍ଟ (25.25 ଲକ୍ଷ ଏଫ୍‌ଏଚ୍‌ଟିସିର ଅଭାବ) ଥିଲା । 2022-23 ବର୍ଷରେ ସର୍ବାଧିକ ନିଅଣ୍ଟ (57.25 ପ୍ରତିଶତ) ପଞ୍ଜୀକୃତ ହୋଇଥିଲା, କାରଣ 25.31 ଲକ୍ଷ ତୁଳନାରେ ମାତ୍ର 10.82 ଲକ୍ଷ ପରିବାର ଏଫ୍‌ଏଚ୍‌ଟିସି ଦ୍ୱାରା ପରିସରଭୁକ୍ତ ହୋଇଥିଲେ ।

ବିଭାଗ ଏହି ଅଭାବ ପାଇଁ ମାନବ ସମ୍ବଳ ଅଭାବ, ଭୌଗୋଳିକ ଏବଂ ପାଣିପାଗ ସମସ୍ୟା, ସାମୁଦାୟିକ ପ୍ରତିରୋଧ, ଅସ୍ଥାୟୀ ଜଳ ଉତ୍ସ ଇତ୍ୟାଦିକୁ ଦାୟୀ କରିଛି ।

ଜେଜେଏମ୍ ଅଧିନରେ, 2019-24 ରେ (ସେପ୍ଟେମ୍ବର 2019 ଠାରୁ) 15,377 ଏମ୍‌ଭିଏସ୍ ଏବଂ ଏସ୍‌ଭିଏସ୍ ମାଧ୍ୟମରେ 55.78 ଲକ୍ଷ ପରିବାରକୁ ଏଫ୍‌ଏଚ୍‌ଟିସିରେ ପରିସର ଭୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଥିଲା, ଯାହା ତୁଳନାରେ ମାର୍ଚ୍ଚ 2024 ସୁଦ୍ଧା କେବଳ 26.28 ଲକ୍ଷ ପରିବାରକୁ (47 ପ୍ରତିଶତ) ଏଫ୍‌ଏଚ୍‌ଟିସି ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯାଇଛି ।

ଅଡିଟରେ ଦେଖାଗଲା ଯେ ଉପଲବ୍ଧିରେ ଅଭାବ ମୁଖ୍ୟତଃ ଜଳ ଯୋଗାଣ ପ୍ରକଳ୍ପର ଅସମାପ୍ତି ହେତୁ ହୋଇଥିଲା, ଯାହା ***ଅନୁଚ୍ଛେଦ 2.1.12.4*** ରେ ଆଲୋଚନା କରାଯାଇଛି ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ପାନୀୟ ଜଳ ଏବଂ ପରିମଳ ନିର୍ଦ୍ଦେଶକ କହିଥିଲେ (ଜାନୁଆରୀ 2025) ଯେ ସମସ୍ତ ପ୍ରକଳ୍ପ ଚାଲିଛି ଏବଂ ଜୁନ୍ 2026 ସୁଦ୍ଧା ରାଜ୍ୟ 100 ପ୍ରତିଶତ ଗୃହକୁ ଅନ୍ତର୍ଭୁକ୍ତ କରିବ ।

### *2.1.12.2 ଯାଞ୍ଚ ହୋଇଥିବା ଜିଲ୍ଲାଗୁଡ଼ିକରେ ଏଫ୍‌ଏଚ୍‌ଟିସିର ସ୍ଥିତି*

ଯାଞ୍ଚ ହୋଇଥିବା ଜିଲ୍ଲାଗୁଡ଼ିକରେ, ଅନ୍ୟ କେନ୍ଦ୍ର ଏବଂ ରାଜ୍ୟ ଯୋଜନା ଅଧିନରେ ଆଂଶିକ ଭାବରେ ଅନ୍ତର୍ଭୁକ୍ତ ଗ୍ରାମଗୁଡ଼ିକ ମଧ୍ୟ ଜଳ ଜୀବନ ମିଶନରେ ନିଆଯାଇଥିଲା । **ସାରଣୀ 2.1.7** ଯାଞ୍ଚ ହୋଇଥିବା ଜିଲ୍ଲାଗୁଡ଼ିକରେ ଜେଜେଏମ୍ ଅଧିନରେ ଏଫ୍‌ଏଚ୍‌ଟିସି ପ୍ରଦାନ ପାଇଁ ଯୋଜନା କରାଯାଇଥିବା ଏବଂ ଅନ୍ତର୍ଭୁକ୍ତ ହୋଇଥିବା ପରିବାରର ବିବରଣୀ ଦର୍ଶାଏ ।

***ସାରଣୀ 2.1.7: ଯାଞ୍ଚ ହୋଇଥିବା ଜିଲ୍ଲାଗୁଡିକରେ ମାର୍ଚ୍ଚ 2024 ସୁଦ୍ଧା ଜେଜେଏମ୍ ଅଧିନରେ ଯୋଜନା କରାଯାଇଥିବା ଏବଂ ଏଫ୍‌ଏଚ୍‌ଟିସି ରେ ଅନ୍ତର୍ଭୁକ୍ତ ପରିବାର ସଂଖ୍ୟା***

| କ୍ର.ସଂ. | ଜିଲ୍ଲାର ନାମ | ଅନୁମୋଦିତ ପ୍ରକଳ୍ପଗୁଡ଼ିକ | ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ | ଯୋଜନାବଦ୍ଧ ପରିବାର ସଂଖ୍ୟା | ଅନ୍ତର୍ଭୁକ୍ତ ହୋଇଥିବା ପରିବାର | ଉପଲବ୍ଧିର ପ୍ରତିଶତ |
|---|---|---|---|---|---|---|
| 1 | ବାଲେଶ୍ୱର | 1,162 | 1,012 | 3,77,311 | 2,57,745 | 68.31 |
| 2 | ବରଗଡ଼ | 660 | 08 | 1,35,803 | 60,031 | 44.20 |
| 3 | କନ୍ଧମାଳ | 1,522 | 82 | 1,34,879 | 93,938 | 69.65 |
| 4 | ମାଲକାନଗିରି | 687 | 167 | 1,06,710 | 11,950 | 11.20 |
| 5 | ପୁରୀ | 376 | 262 | 2,42,077 | 82,446 | 34.05 |
| | **ମୋଟ** | **4,407** | **1,531** | **9,96,780** | **5,06,110** | **50.77** |

***(ଉତ୍ସ: ସମ୍ପୃକ୍ତ ଆରଡବ୍ଲ୍ୟୁଏସଏସ୍ ଡିଭିଜନ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

ସାରଣୀ 2.1.7 ରୁ ଦେଖାଯାଇପାରେ, ଯେ ମଞ୍ଜୁର ହୋଇଥିବା 4,407 ଟି ପ୍ରକଳ୍ପ ମଧ୍ୟରୁ (ମେଗା ଜଳ ଯୋଗାଣ ପ୍ରକଳ୍ପ, ଏସଭିଏସ୍ ଏବଂ ଏମ୍‌ଭିଏସ୍ ସମେତ) ମଧ୍ୟରୁ କେବଳ 1,531 ପ୍ରକଳ୍ପ (35 ପ୍ରତିଶତ) ଯାଞ୍ଚ ହୋଇଥିବା ଜିଲ୍ଲାଗୁଡ଼ିକରେ ସମ୍ପୂର୍ଣ୍ଣ ହୋଇଛି । ଗ୍ରାମୀଣ ପରିବାରଗୁଡିକୁ ଏଫ୍‌ଏଚ୍‌ଟିସି ବ୍ୟବସ୍ଥିତ କରିବା କ୍ଷେତ୍ରରେ କନ୍ଧମାଳ ଜିଲ୍ଲାର ଉପଲବ୍ଧି 69.65 ପ୍ରତିଶତ ଥିଲାବେଳେ ବାଲେଶ୍ୱର ଜିଲ୍ଲାରେ 68.31 ପ୍ରତିଶତ ଥିଲା ଏବଂ ମାଲକାନଗିରି ଜିଲ୍ଲା 11.20 ପ୍ରତିଶତ ଉପଲବ୍ଧ ସହିତ ସର୍ବନିମ୍ନ ପ୍ରଦାନକାରୀ ଥିଲା । ।

ତଥ୍ୟକୁ ଗ୍ରହଣ କରି ପିଆର୍‌ଆଣ୍ଡଡିଡବ୍ଲ୍ୟୁ ବିଭାଗର ପାନୀୟ ଜଳ ଏବଂ ପରିମଳ ନିର୍ଦ୍ଦେଶକ କହିଛନ୍ତି ଯେ (ଜାନୁଆରୀ 2025) ଭୌଗୋଳିକ, ସଂଯୋଗୀକରଣ, ଜଳ ଉତ୍ସ, ଗ୍ରାମ୍ୟ ସମ୍ପ୍ରଦାୟର ପ୍ରତିବାଦ, ପ୍ରଶାସନିକ ଏବଂ ସୁରକ୍ଷା ଭଳି ସମସ୍ୟାର ସମ୍ମୁଖୀନ ହେଉଥିବା ମାଲକାନଗିରିକୁ ଛାଡ଼ି କାର୍ଯ୍ୟକାରିତାର ଗତି ଭଲ ଥିଲା । ବରଗଡ଼ ଓ ପୁରୀ ଭଳି ଅନ୍ୟ ଜିଲ୍ଲାଗୁଡ଼ିକରେ ମଧ 50 ପ୍ରତିଶତରୁ କମ୍ ସଫଳତା ହାସଲ କରାଯାଇଥିବାରୁ ଏହାର ଉତ୍ତର ଯୁକ୍ତିଯୁକ୍ତ ଥିଲା ।

### *2.1.12.3 ଜେଜେଏମ୍ ୱେବ୍ ପୋର୍ଟାଲରେ ତଥ୍ୟ ଅସଙ୍ଗତି*

ମାର୍ଚ୍ଚ 2024 ସୁଦ୍ଧା ଜଳ ଜୀବନ ମିଶନର ୱେବ୍ ପୋର୍ଟାଲ ଅନୁଯାୟୀ, 26.28 ଲକ୍ଷ ପରିବାରକୁ ଜଳ ଜୀବନ ମିଶନ ଯୋଜନା ଅଧିନରେ ନଳ ସଂଯୋଗ ମିଳିଥିବା ବେଳେ, ମୁଖ୍ୟ ଯନ୍ତ୍ରୀ, ଆରଡବ୍ଲ୍ୟୁଏସ୍‌ଏସ୍‌ର ରେକର୍ଡରୁ ଜଣାପଡ଼ିଛି ଯେ କେବଳ 25.64 ଲକ୍ଷ ପରିବାରକୁ ଏଫ୍‌ଏଚ୍‌ଟିସି ଯୋଗାଇ ଦିଆଯାଇଛି । ତେଣୁ, 0.64 ଲକ୍ଷ ପରିବାରର ଅସଙ୍ଗତି ଥିଲା, ଯାହା ଜେଜେଏମ୍ ୱେବ୍ ପୋର୍ଟାଲରେ 2.49 ପ୍ରତିଶତ ପରିବାର ଗୁଡ଼ିକର ଅଧିକ ରିପୋର୍ଟିଂ ସୂଚିତ କରିଥିଲା ।

ସେହିଭଳି, ନମୁନା ଯାଞ୍ଚ ହୋଇଥିବା ଜିଲ୍ଲାଗୁଡ଼ିକରେ, 100 ପ୍ରତିଶତ ଏଫ୍‌ଏଚ୍‌ଟିସି ଥିବା ଗ୍ରାମ ସଂଖ୍ୟା ସମ୍ବନ୍ଧରେ ମୁଖ୍ୟ ଯନ୍ତ୍ରୀ ଦ୍ୱାରା ରିପୋର୍ଟ କରାଯାଇଥିବା ପରିସଂଖ୍ୟାନ ଏବଂ ଜେଜେଏମ୍ ୱେବ୍ ପୋର୍ଟାଲରେ ଦର୍ଶାଯାଇଥିବା ତଥ୍ୟ ମଧ୍ୟରେ ପାର୍ଥକ୍ୟ ରହିଛି । ୱେବ୍ ପୋର୍ଟାଲ୍ ଅନୁଯାୟୀ, 3,111 ଟି ଗ୍ରାମରେ ଶତ ପ୍ରତିଶତ ଏଫ୍‌ଏଚ୍‌ଟିସି ଥିବା ଦର୍ଶାଯାଇଥିବାବେଳେ, ମୁଖ୍ୟ ଯନ୍ତ୍ରୀ ଦ୍ୱାରା 3,311 ଗ୍ରାମରେ ଶତ ପ୍ରତିଶତ ଏଫ୍‌ଏଚ୍‌ଟିସି ଥିବା ରିପୋର୍ଟ କରାଯାଇଥିଲା । ।

ଏହିପରି, ମୁଖ୍ୟ ଯନ୍ତ୍ରୀ ଦ୍ୱାରା ରିପୋର୍ଟ କରାଯାଇଥିବା ସୂଚନା ଏବଂ ଜେଜେଏମ୍ ୱେବ୍ ପୋର୍ଟାଲରେ ଉପଲବ୍ଧ ସୂଚନା ମଧ୍ୟରେ ତଥ୍ୟ ଅସଙ୍ଗତି ଥିଲା । ଜଳ ଜୀବନ ମିଶନ ଅଧିନରେ ଏଫ୍‌ଏଚ୍‌ଟିସି ଦ୍ୱାରା ଗ୍ରାମ ଏବଂ ପରିବାରଗୁଡ଼ିକର ବାସ୍ତବ କଭରେଜକୁ ନେଇ ଏହା ଏକ ସନ୍ଦେହ ସୃଷ୍ଟି କରିଥିଲା । ମୁଖ୍ୟ ଯନ୍ତ୍ରୀ ଏବଂ ଜେଜେଏମ୍ ୱେବ୍ ପୋର୍ଟାଲ ଦ୍ୱାରା ଏଫ୍‌ଏଚ୍‌ଟିସିର ଭିନ୍ନ ଡାଟା ସେଟ୍ ରକ୍ଷଣାବେକ୍ଷଣ, ପରବର୍ତ୍ତୀ ଯୋଜନା ଏବଂ ଆର୍ଥିକ ପରିଚାଳନାକୁ ବାଧାପ୍ରାପ୍ତ କରିବ ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ପାନୀୟ ଜଳ ଏବଂ ପରିମଳ ନିର୍ଦ୍ଦେଶକ ତଥ୍ୟ ଅସଙ୍ଗତିକୁ ସ୍ୱୀକାର କରିଛନ୍ତି(ଜାନୁଆରୀ 2025) ଏବଂ ଡ଼ିଭିଜନ୍ ସ୍ତରରେ ରେକର୍ଡ ଅପଡେଟ୍ କରିବାରେ ବିଳମ୍ବ, ତଥ୍ୟର ଗତିଶୀଳ

ପ୍ରକୃତି, ପୁନଃ ସମନ୍ୱୟ ପାଇଁ ସୀମିତ ସମୟ ଇତ୍ୟାଦିକୁ ପାଇଁ ଦାୟୀ କରିଛନ୍ତି ଏବଂ ତଥ୍ୟର ସଠିକତା ନିଶ୍ଚିତ କରିବାକୁ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ଦେଇଛନ୍ତି ।

### *2.1.12.4 ବୃହତ୍ ଜଳ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ନ ହେବା*

2019-24 ବର୍ଷରେ ଓଡ଼ିଶା ସରକାର 207 ଟି ବୃହତ୍ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ କରିଥିଲେ, ଯେଉଁଥିରୁ 133 ଟି ପ୍ରକଳ୍ପ ଜଳ ଜୀବନ ମିଶନ ଅଧୀନରେ ଥିଲା । ଜୁନ୍ 2024 ସୁଦ୍ଧା, ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରୁ କେବଳ ଦୁଇଟି ସମ୍ପୂର୍ଣ୍ଣ ଭାବରେ ସମାପ୍ତ ହୋଇଥିଲା । 2019-24 ବର୍ଷର ଜଳ ଜୀବନ ମିଶନ ଅଧୀନରେ ଯାଞ୍ଚ ହୋଇଥିବା ପାଞ୍ଚଟି ନମୁନା ଜିଲ୍ଲାରେ ନିର୍ମାଣ ପାଇଁ ନିଆଯାଇଥିବା ବୃହତ୍ ଜଳ ଯୋଗାଣ ପ୍ରକଳ୍ପର ସ୍ଥିତି **ସାରଣୀ 2.1.8** ରେ ଦର୍ଶାଯାଇଛି ।

***ସାରଣୀ 2.1.8: ସେପ୍ଟେମ୍ବର 2024 ସୁଦ୍ଧା ନମୁନା ଯାଞ୍ଚ କରାଯାଇଥିବା ଜିଲ୍ଲାଗୁଡ଼ିକରେ ବୃହତ୍ ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ସ୍ଥିତି***

| ଜିଲ୍ଲା | ବୃହତ୍ ଜଳ ଯୋଗାଣ ପ୍ରକଳ୍ପର ମଞ୍ଜୁରୀ | ପ୍ରକଳ୍ପ ମୂଲ୍ୟ (କୋଟି ଟଙ୍କାରେ) | ପ୍ରକଳ୍ପଗୁଡ଼ିକ ସମାପ୍ତ ହୋଇଛି | ସମ୍ପୂର୍ଣ୍ଣ ପ୍ରକଳ୍ପ | କଭରେଜ୍ ପାଇଁ ଯୋଜନା କରାଯାଇଥିବା ଗୃହ |
|---|---|---|---|---|---|
| ବାଲେଶ୍ୱର | 4 | 533.09 | 4 | 0 | 1,17,572 |
| ବରଗଡ଼ | 1 | 453.10 | 1 | 0 | 65,748 |
| କନ୍ଧମାଳ | 4 | 630.86 | 4 | 0 | 78,789 |
| ମାଲକାନଗିରି | 8 | 1,054.63 | 8 | 0 | 96,769 |
| ପୁରୀ | 4 | 695.78 | 0 | 0 | 96,649 |
| ମୋଟ | **21** | **3,367.46** | **17** | **0** | **4,55,527** |

***(ଉତ୍ସ: ଇଆଇସି, ଆରଡବ୍ଲ୍ୟୁଏସ୍ଆଣ୍ଡଏସ୍, ଓଡ଼ିଶା ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

ଅଡିଟରୁ ଜଣାପଡ଼ିଛି ଯେ ଯାଞ୍ଚ କରାଯାଇଥିବା ଚାରୋଟି ଜିଲ୍ଲାର କୌଣସି ବୃହତ୍ ଜଳ ଯୋଗାଣ ପ୍ରକଳ୍ପ ଶେଷ ହୋଇନାହିଁ, ଯେତେବେଳେ କି ପୁରୀ ଜିଲ୍ଲାରେ ବୃହତ୍ ପ୍ରକଳ୍ପର କାର୍ଯ୍ୟ ସେପ୍ଟେମ୍ବର 2024 ସୁଦ୍ଧା ଆରମ୍ଭ ହୋଇନାହିଁ । ଏହି ଜିଲ୍ଲାଗୁଡ଼ିକରେ ସମୁଦାୟ 15.27 ଲକ୍ଷ ପରିବାର ମଧ୍ୟରୁ ମାତ୍ର 4.56 ଲକ୍ଷ (30 ପ୍ରତିଶତ)ପରିବାରକୁ ଏହି ବୃହତ୍ ପ୍ରକଳ୍ପ ଅଧୀନରେ ସାମିଲ କରାଯିବାର ଯୋଜନା ଥିଲା, ଯେତେବେଳେ କି ଅବଶିଷ୍ଟକୁ ଏସ୍‌ଭିଏସ୍ ଏବଂ ଏମ୍‌ଭିଏସ୍ ମାଧ୍ୟମରେ ଅନ୍ତର୍ଭୁକ୍ତ କରାଯିବ । ପ୍ରକଳ୍ପ ଆରମ୍ଭ/ ସମାପ୍ତିରେ ବିଳମ୍ବ ମୁଖ୍ୟତଃ ଜମି ଅଧିଗ୍ରହଣ, ଜଳ ବିଶୋଧନାଗାର ସ୍ଥାପନ ନକରିବା ଏବଂ ଠିକାଦାର ମାନଙ୍କ ଦ୍ୱାରା ମନ୍ଥର କାର୍ଯ୍ୟକାରିତା ସମ୍ବନ୍ଧୀୟ ସମସ୍ୟା ହେତୁ ହୋଇଥିଲା ।

ଏହା ବ୍ୟତୀତ, ଜେଜେଏମ୍ ୱେବ୍ ପୋର୍ଟାଲ୍ ଦର୍ଶାଇଛି ଯେ ଏପ୍ରିଲ୍ 2019 ରୁ ନଭେମ୍ବର 2023 ମଧ୍ୟରେ କାର୍ଯ୍ୟାଦେଶ ଜାରି ହେବା ସତ୍ତ୍ୱେ ସାତଟି ଜିଲ୍ଲାରେ 31 ଟି ପ୍ରକଳ୍ପ[18] ଆରମ୍ଭ ହୋଇନାହିଁ । ଏଥିରେ 19 ଟି ପ୍ରକଳ୍ପ ଅନ୍ତର୍ଭୁକ୍ତ ଥିଲା ଯାହା କାର୍ଯ୍ୟ ନିର୍ଦ୍ଦେଶ ଜାରି ହେବାର ଏକ ବର୍ଷରୁ ଅଧିକ ସମୟ ପରେ ମଧ୍ୟ ଆରମ୍ଭ ହୋଇନଥିଲା । ପରିଣାମସ୍ୱରୂପ, ଏହି ପ୍ରକଳ୍ପ ଅଧୀନରେ ଯୋଜନା କରାଯାଇଥିବା 6,616 ପରିବାରକୁ ନିରାପଦ ପାନୀୟ ଜଳ ପାଇବା ପାଇଁ ଏଫ୍‌ଏଚ୍‌ଟିସିର ଯୋଗାଇ ଦିଆଯାଇନଥିଲା । ପ୍ରକଳ୍ପ ଆରମ୍ଭରେ ଏପରି ଅସ୍ୱାଭାବିକ ବିଳମ୍ବର କାରଣ ରେକର୍ଡରେ ନଥିଲା ।

### *2.1.12.5 ପାଣିର ଅପର୍ଯ୍ୟାପ୍ତ ଯୋଗାଣ*

ଜଳ ଜୀବନ ମିଶନର ପରିଚାଳନା ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 6.1 ଅନୁଯାୟୀ, ପାନୀୟ ଜଳ ଯୋଗାଣର ପରିମାଣ ସର୍ବନିମ୍ନ 55 ଏଲପିସିଡି ହେବା ଉଚିତ୍ । ପାନୀୟ ଜଳ ଉତ୍ସର ଉପଲବ୍ଧତା ଉପରେ ନିର୍ଭର କରି ରାଜ୍ୟଗୁଡ଼ିକ ଜଳ ଯୋଗାଣକୁ ଉଚ୍ଚ ସ୍ତରକୁ ବୃଦ୍ଧି କରିପାରିବେ । ତଦନୁଯାୟୀ, ସମସ୍ତ ପ୍ରକଳ୍ପ ଅଧୀନରେ 70 ଏଲପିସିଡି ଜଳ ଯୋଗାଇବାକୁ ଭାରତ ସରକାର ଯୋଜନା କରିଥିଲେ, ଯାହା ଯୋଜନା ଦସ୍ତାବିଜରୁ ଜଣାପଡ଼ିଛି ।

[18] କଳାହାଣ୍ଡି: 02, ଖୋର୍ଦ୍ଧା:01, କୋରାପୁଟ:09, ମାଲକାନଗିରି:08, ମୟୁରଭଞ୍ଜ:07, ନବରଙ୍ଗପୁର:01 ଏବଂ ପୁରୀ:03.

ପରିଚାଳନା ନିର୍ଦ୍ଦେଶାଳୀର ଅନୁଚ୍ଛେଦ 11.1 ଅନୁଯାୟୀ, ବିଭିନ୍ନ ଉତ୍ସରୁ ନିଆଯାଇଥିବା ଦୈନିକ ଜଳକୁ ମାପିବା ଏବଂ ଭୂତଳ ଜଳ ଆଧାରିତ ଯୋଜନାରେ ବୋରୱେଲ୍ ଜଳ ସ୍ତରକୁ ଟ୍ରାକ୍ କରିବା ପାଇଁ ଷ୍ଟାଣ୍ଡ ପୋଷ୍ଟ ସହିତ ଏସଭିଏସ୍ ଏବଂ ପିଡବ୍ଲ୍ୟୁଏସ୍ ସିଷ୍ଟମରେ ସେନ୍ସର ସ୍ଥାପନ କରିବାର ଆବଶ୍ୟକତା ଥିଲା ।

ଅଡିଟରୁ ଜଣାପଡ଼ିଛି ଯେ ଯାଞ୍ଚ ହୋଇଥିବା ଜିଲ୍ଲାର କୌଣସି ଗ୍ରାମରେ ପିଡବ୍ଲ୍ୟୁଏସ୍ ସିଷ୍ଟମ୍ ମାଧ୍ୟମରେ ଘରକୁ ଜଳ ପ୍ରବାହକୁ ରେକର୍ଡ କରିବା ପାଇଁ ଫ୍ଲୋ ମିଟର/ ଘରୋଇ ମିଟର କିମ୍ବା ଆଧୁନିକ ସେନ୍ସର ଲଗାଯାଇ ନାହିଁ । ଏଭଳି ବ୍ୟବସ୍ଥାର ଅଭାବରେ, ପ୍ରତ୍ୟେକ ପରିବାରକୁ ସର୍ବନିମ୍ନ ନିର୍ଦ୍ଧାରିତ ପରିମାଣର 55 ଏଲପିସିଡି ଜଳ ପ୍ରକୃତରେ ଯୋଗାଇ ଦିଆଯାଉଛି କି ନାହିଁ ତାହାର ଅନୁପାଳନ ସୁନିଶ୍ଚିତ କରାଯାଇପାରିଲା ନାହିଁ ।

ହିତାଧିକାରୀଙ୍କ ସାକ୍ଷାତକାର ସମୟରେ, 25 ଟି ଗ୍ରାମର 298 ହିତାଧିକାରୀ ରିପୋର୍ଟ କରିଥିଲେ ଯେ ଦୈନନ୍ଦିନ ଘରୋଇ ଆବଶ୍ୟକତା (ପିଇବା, ରୋଷେଇ ଏବଂ ଘରୋଇ କାମ) ପାଇଁ ଜଳ ଯୋଗାଣ ପର୍ଯ୍ୟାପ୍ତ ନୁହେଁ । ଜଳର ଅନିୟମିତ ଯୋଗାଣ, ଭୋଲଟେଜ୍ ହ୍ରାସ, ବିଦ୍ୟୁତ୍ ଯୋଗାଣ ବିଫଳତା, ଓଭରହେଡ୍ ଟାଙ୍କି ନିର୍ମାଣ ନହେବା ଇତ୍ୟାଦି ଏହି ଅଭାବର କାରଣ ଥିଲା । 39 ଟି ନମୁନା ଯାଞ୍ଚ ହୋଇଥିବା ଗ୍ରାମ ମଧ୍ୟରୁ 16 ଟି ଗ୍ରାମ କ୍ରମାଗତ ଜଳ ଅଭାବର ସମ୍ମୁଖୀନ ହେଉଥିଲା ଯାହା ଏକ ସାଧାରଣ ଚିନ୍ତାର ବିଷୟ ଥିଲା ଏବଂ ଏଫଜିଡିରେ ମଧ୍ୟ ନିଶ୍ଚିତ ହୋଇଥିଲା ।

***ଅନୁଚ୍ଛେଦ 2.1.12.7*** ରେ ଆଲୋଚନା ଅନୁଯାୟୀ ପର୍ଯ୍ୟାପ୍ତ ଜଳ ଉତ୍ସ, ବିଦ୍ୟୁତ୍ ଯୋଗାଣ ବିଫଳତା, ଗ୍ରାମ ଭିତରେ ପ୍ରକଳ୍ପର ଅନିୟମିତ କାର୍ଯ୍ୟ ଇତ୍ୟାଦି ହେତୁ ପାଇପ୍ ଜଳ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ପାନୀୟ ଜଳ ଏବଂ ପରିମଳ ନିର୍ଦ୍ଦେଶକ କହିଛନ୍ତି (ଜାନୁଆରୀ 2025) ଯେ ଜଳ ବିତରଣ ମାପିବା ପାଇଁ ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ (ଆଇଓଟି) ଆଧାରିତ ସମାଧାନର ଯୋଜନା ପର୍ଯ୍ୟାୟ କାର୍ଯ୍ୟକାରୀ ହେଉଛି । ଏହା ନିର୍ଦ୍ଧାରିତ 70 ଏଲପିସିଡି ମାନଦଣ୍ଡ ଏବଂ ରିଅଲ୍ ଟାଇମ୍ ମନିଟରିଂର ଅନୁପାଳନକୁ ନିଶ୍ଚିତ କରିବ ।

### *2.1.12.6 ସ୍ଥାନୀୟ ଟେକ୍ନିସିଆନ୍/ ପମ୍ପ ଅପରେଟର ମାନଙ୍କୁ ନିୟୋଜିତ ନକରିବା*

ଜେଜେଏମ୍ ପରିଚାଳନା ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 3.6.1 ଏବଂ 10.4 ଅନୁଯାୟୀ, ଗ୍ରାମ ପଞ୍ଚାୟତଗୁଡ଼ିକ ନିୟମିତ ମରାମତି, ଜଳ ଯୋଗାଣ ପ୍ରଣାଳୀର ପରିଚାଳନା ଏବଂ ଜଳ ଗୁଣବତ୍ତା ପରିଚାଳନା ପାଇଁ ସ୍ଥାନୀୟ ମେକାନିକ୍ ବା ମିସ୍ତ୍ରୀ (ବିଟି)[19] ଚିହ୍ନଟ ଏବଂ ନିୟୋଜିତ କରିବା ଉଚିତ୍ ଏବଂ ସ୍ଥାୟୀ ଓ ରକ୍ଷଣାବେକ୍ଷଣ ପାଇଁ ଆଇଇସି କାର୍ଯ୍ୟକଳାପ ଅଧିନରେ ସେମାନଙ୍କର ତାଲିମ୍ ନିଶ୍ଚିତ କରିବା ଉଚିତ୍ । ଅଧିକନ୍ତୁ, ଉପୋରୋକ୍ତ ନିର୍ଦ୍ଦେଶାବଳୀର ଅଧ୍ୟାୟ 9 ଅନୁଯାୟୀ, ଜଳ ଯୋଗାଣ ପ୍ରଣାଳୀର ଦୀର୍ଘକାଳୀନ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ରାଜମିସ୍ତ୍ରୀ, ପ୍ଲମ୍ବର, ଇଲେକ୍ଟ୍ରିସିଆନ୍, ମୋଟର ମେକାନିକ୍, ପମ୍ପ ଅପରେଟର ଇତ୍ୟାଦି ପରି କୁଶଳୀ ମାନବ ସମ୍ବଳର ଦକ୍ଷତା ବୃଦ୍ଧି ଆବଶ୍ୟକ ଥିଲା ।

ଅଡିଟ୍ ଚାରୋଟି ନମୁନା ଜିଲ୍ଲାରେ[20] 27 ଟି ଭିଏପି ଯାଞ୍ଚ କରିଥିଲେ ଏବଂ ଦେଖିଲେ ଯେ 18 ଟି ଗ୍ରାମରେ ସ୍ଥାନୀୟ ମେକାନିକ୍ ବା ମିସ୍ତ୍ରୀ ନିୟୋଜିତ ହୋଇନଥିଲେ । ସେମାନଙ୍କ ଅନୁପସ୍ଥିତିରେ ମାଷ୍ଟର ବୁକ୍ କିପର (ଏମ୍ବିକେ) ବା କମ୍ୟୁନିଟି ରିସୋର୍ସ ପର୍ସନ (ସିଆରପି)[21] ଦ୍ୱାରା ଜଳର ଗୁଣବତ୍ତା ପରୀକ୍ଷା କରାଯାଉଥିଲା । ଚୁକ୍ତିନାମା ଅନୁଯାୟୀ ଠିକାଦାରମାନେ ଏହି 18 ଟି ଗାଁରେ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ପରିଚାଳନା କରୁଥିଲେ ।

---

19 ସ୍ଥାନୀୟ ମେକାନିକ୍ ବା ମିସ୍ତ୍ରୀ : ଜଣେ ସ୍ଥାନୀୟ ଯୁବକ, ବିଶେଷତଃ ସେହି ଗ୍ରାମ ପଞ୍ଚାୟତ କିମ୍ବା ଗ୍ରାମରୁ ପାଇପ୍ ଫିଟିଂ, ପମ୍ପ ଅପରେସନ୍ ଏବଂ ଗ୍ରମୀଣ ଜଳ ଯୋଗାଣ ବ୍ୟବସ୍ଥାର ସରଳ ମରାମତି ଏବଂ ରକ୍ଷଣାବେକ୍ଷଣ ଉପରେ ମୌଳିକ ତାଲିମ୍ ଦେବା ପରେ ମନୋନୀତ ହୋଇଥିଲେ ।

20 ମାଲକାନଗିରିର ଆଇଏସ୍ଏ ଦ୍ୱାରା ଭିଏପି ଡିଭିଜନ୍ କାର୍ଯ୍ୟାଳୟରେ ଦାଖଲ କରାଯାଇ ନଥିଲା

21 ଏମ୍ବିକେ ଏବଂ ସିଆର୍‌ପିମାନେ ଗ୍ରାମ ପଞ୍ଚାୟତ ଏବଂ ବ୍ଲକ୍ ସ୍ତରରେ ତାଲିମପ୍ରାପ୍ତ ବ୍ୟକ୍ତି, ଯେଉଁଠାରେ ଜଳର ଗୁଣବତ୍ତା ପରୀକ୍ଷା କରିପାରିବେ ।

40 ଟି ଯାଞ୍ଚ ହୋଇଥିବା ଗ୍ରାମରେ 27 ଟି ପମ୍ପ ଅପରେଟର୍ ଥିବା ବେଳେ ଅବଶିଷ୍ଟ 12 ଟି ଗ୍ରାମରେ ପିଡବ୍ଲ୍ୟୁଏସ୍ ସୌର ଶକ୍ତି ଆଧାରିତ (ସେନ୍ସର ମାଧ୍ୟମରେ ସ୍ୱୟଂଚାଳିତ ଭାବେ ପରିଚାଳିତ) ଥିଲା ଏବଂ ଗୋଟିଏ ଗ୍ରାମ (ସାଇଟିଙ୍ଗିଆ, କନ୍ଧମାଳ)ରେ କୌଣସି ପମ୍ପ ଅପରେଟର ମୁତୟନ କରାଯାଇନଥିଲା । ପ୍ରକଳ୍ପ ଅବଧିରେ ଠିକାଦାରମାନଙ୍କ ଦ୍ୱାରା ପମ୍ପ ଅପରେଟରମାନେ ନିୟୋଜିତ ହୋଇଥିଲେ । ପରବର୍ତ୍ତୀ ସମୟରେ ପ୍ରଶାସନକୁ ରକ୍ଷଣାବେକ୍ଷଣ କାର୍ଯ୍ୟ ଦାୟିତ୍ୱ ନେବାର ଥିଲା । ଏଫ୍‌ଜିଡି ସମୟରେ, ଏହା ଜଣାପଡ଼ିଲା ଯେ 19 ଟି ଗାଁରେ, ଯେଉଁଠାରେ ଠିକାଦାରଙ୍କ ଦ୍ୱାରା ନିଯୁକ୍ତ ପମ୍ପ ଅପରେଟରମାନେ କାର୍ଯ୍ୟ ପରିଚାଳନା କରୁଥିଲେ, ପରିବାରକୁ ନିର୍ଦ୍ଦିଷ୍ଟ ପରିମାଣର ଜଳ ଯୋଗାଣ ଉପରେ ନଜର ରଖିବା ପାଇଁ ପମ୍ପ ହାଉସରେ ଲଗ୍ ବୁକ୍ ପରି କୌଣସି ରେକର୍ଡ ରଖାଯାଇନଥିଲା ।

ତେଣୁ, ସ୍ଥାନୀୟ ମେକାନିକ୍ ଏବଂ ପମ୍ପ ଅପରେଟରଙ୍କ ନିୟୋଜନ ସମ୍ବନ୍ଧରେ ନିର୍ଦ୍ଦେଶାବଳୀକୁ ପ୍ରକୃତ ଆନ୍ତରିକତାର ସହିତ ପାଳନ କରାଯାଇନଥିଲା, ଯେଉଁଥିପାଇଁ ପ୍ରକଳ୍ପ ଅବଧି ଶେଷ ହେବା ପରେ ପାଇପ୍ ଜଳ ଯୋଗାଣର ପରିଚାଳନା ଓ ରକ୍ଷଣାବକ୍ଷଣ ପ୍ରଭାବିତ ହେବାର ସମ୍ଭାବନା ଥିଲା ।

### *2.1.12.7 ଜଳଯୋଗାଣ ପ୍ରକଳ୍ପର କାର୍ଯ୍ୟକାରିତା ସମସ୍ୟା*

ଜଳ ଜୀବନ ମିଶନର ଏକ ଅଂଶ ଥିଲା ନିର୍ଭରଯୋଗ୍ୟ ପାନୀୟ ଜଳ ଉତ୍ସ ବିକଶିତ କରିବା ଏବଂ ଜଳ ଯୋଗାଣ ବ୍ୟବସ୍ଥାର ଦୀର୍ଘକାଳୀନ ସ୍ଥାୟୀତ୍ୱ ଯଥା ଜଳ ଉତ୍ସ, ଜଳ ଯୋଗାଣ ଭିତ୍ତିଭୂମି ଏବଂ ନିୟମିତ ପରିଚାଳନା ଓ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବା ।

ପାଇପ୍ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ନଥିପତ୍ର ଏବଂ ବିଭାଗୀୟ ଅଧିକାରୀମାନଙ୍କ ସହିତ ମିଳିତ ସରଜମିନ ତଦନ୍ତରୁ ଅଡ଼ିଟ୍ ଅବଲୋକନ କଲା ଯେ, **ସାରଣୀ 2.1.9** ଅନୁଯାୟୀ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଗୁଡ଼ିକ ଅଚଳ ଥିଲା କିମ୍ବା ଠିକ୍ ଭାବରେ କାମ କରୁନଥିଲା, ଯାହା ଗ୍ରାମୀଣ ପରିବାରଗୁଡ଼ିକୁ ଆବଶ୍ୟକ ଜଳଯୋଗାଣକୁ ପ୍ରଭାବିତ କରିଥିଲା । ଭିଡବ୍ଲ୍ୟୁଏସ୍‌ସି କିମ୍ବା ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଡିଭିଜନଗୁଡ଼ିକ ଅଚଳ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା କିମ୍ବା ବିଦ୍ୟମାନ ପାଇପ୍ ଜଳ ଯୋଗାଣ ପ୍ରଣାଳୀକୁ ସମୃଦ୍ଧିକରଣ ପାଇଁ କୌଣସି ସଂଶୋଧନମୂଳକ ପଦକ୍ଷେପ ନେଇ ନଥିଲେ ।

*ସାରଣୀ 2.1.9: କାର୍ଯ୍ୟକାରିତା ସମସ୍ୟା ସହିତ ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ବିବରଣୀ*

| ପିଡବ୍ଲ୍ୟୁଏସ୍ ପ୍ରକଳ୍ପ | ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ସ୍ଥିତି | ଅଚଳ ହେବାର କାରଣ | ପ୍ରଭାବ/ ଫଳାଫଳ |
|---|---|---|---|
| ନେଦିପଦର ଗ୍ରାମ (କନ୍ଧମାଳ ଜିଲ୍ଲା) ଏବଂ (ଝକରପାଲି ଗ୍ରାମ (ବରଗଡ଼ ଜିଲ୍ଲା) | 1.48 କୋଟି ଟଙ୍କାରେ ନିର୍ମିତ ପ୍ରକଳ୍ପଗୁଡ଼ିକ ଆବଶ୍ୟକ ପରିମାଣର ଜଳ ଯୋଗାଇବାରେ ବିଫଳ ହୋଇଥିଲା । ନିର୍ମାଣ ପୂର୍ବରୁ ଉତ୍ସରୁ ଜଳ ଉତ୍ପନ୍ନକୁ ଆକଳନ କରାଯାଇ ନଥିଲା କିମ୍ବା ଉତ୍ସଗୁଡ଼ିକର ସମୃଦ୍ଧିକରଣକୁ ଧ୍ୟାନପୂର୍ବକ ବିଚାର କରାଯାଇ ନଥିଲା । | ଜଳ ଉତ୍ସରୁ କମ୍ ଉତ୍ପନ୍ନ ଏବଂ ଜଳ ଉତ୍ସଗୁଡ଼ିକର ସମୃଦ୍ଧି ନହେବା | 189 ଟି ପରିବାର ସର୍ବନିମ୍ନ ଆବଶ୍ୟକୀୟ ପରିମାଣର ଜଳ ପାଇପାରିଲେ ନାହିଁ । ତେଣୁ, 1.48 କୋଟି ଟଙ୍କାର ବ୍ୟୟ ମୁଖ୍ୟତଃ ଅନୁପଯୋଗୀ ପ୍ରମାଣିତ ହୋଇଥିଲା |
| ପୁରୀ ଓ କନ୍ଧମାଳ ଜିଲ୍ଲାର 11 ଟି ଗ୍ରାମ[22] | ଘଣ୍ଟା ଘଣ୍ଟା / ଦିନ ଦିନ ପାଇଁ ଜଳ ଯୋଗାଣ ବାରମ୍ବାର ବାଧାପ୍ରାପ୍ତ ହେଉଥିଲା । ହିତାଧିକାରୀ ସର୍ବେକ୍ଷଣ ସମୟରେ, 298 ଜଣ ଲୋକ | ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ/ ବାରମ୍ବାର ଲୋଡ୍‌ସେଡ଼ିଙ୍ଗ/ ସୌର ପ୍ୟାନେଲ୍ ସଂସ୍ଥାପନ ନହେବା | 2,251 ପରିବାରକୁ ନିୟମିତ ଏବଂ ଦୀର୍ଘକାଳୀନ ଜଳ ଯୋଗାଣ ମିଳି ନଥିଲା |

[22] **ପୁରୀ ଜିଲ୍ଲା:** ଶ୍ରୀପୁରୁଷୋତ୍ତମପୁର, ମାଚାପାରା, ଶ୍ରୀପତିପୁର, ବୁଆଲି, ସାରଗାଇଲୋ(ନିର୍ମଳା) ଏବଂ ଚନ୍ଦ୍ରକୋଟ; **କନ୍ଧମାଳ ଜିଲ୍ଲା:** କାନ୍ଦିବାଲି, ନେଦିପଦର, ସାଇଟିଙ୍ଗିଆ, ଲଦାରି, କୁଉମଗଡ଼,

| ପିଡବ୍ଲ୍ୟୁଏସ୍ ପ୍ରକଳ୍ପ | ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ସ୍ଥିତି | ଅଚଳ ହେବାର କାରଣ | ପ୍ରଭାବ/ ଫଳାଫଳ |
|---|---|---|---|
| | ମତ ଦେଇଛନ୍ତି ଯେ ବିଦ୍ୟୁତ୍ ଭୋଲଟେଜ ହ୍ରାସ-ବୃଦ୍ଧି/ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ଜଳଯୋଗାଣ ଅଭାବର ଅନ୍ୟତମ କାରଣ | | |
| ସାଇଟିଙ୍ଗିଆ ଗ୍ରାମ (କନ୍ଧମାଳ ଜିଲ୍ଲା) | ପିଡବ୍ଲ୍ୟୁଏସ୍ କାର୍ଯ୍ୟକ୍ଷମ ନଥିଲା । ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଅଧିକାରୀ କିମ୍ବା ଭିଡବ୍ଲ୍ୟୁଏସ୍‌ସି ପମ୍ପ ଅପରେସନ୍ ଉପରେ ନଜର ରଖି ନଥିଲେ କିମ୍ବା ଅନ୍ୟାନ୍ୟ ପରିଚାଳନା ପ୍ରତିବନ୍ଧକ ଯାଞ୍ଚ କରିନଥିଲେ | ପମ୍ପ ଅପରେଟରଙ୍କ ନିଯୁକ୍ତି ଏବଂ ମେକାନିକ୍ (ଏସ୍‌ଇଏମ୍)ର ବ୍ୟବସ୍ଥା ନକରିବା | ଏହି ପ୍ରକଳ୍ପ ପାଇଁ ହୋଇଥିବା 43.44 ଲକ୍ଷ ଟଙ୍କା ବ୍ୟୟ ଫଳପ୍ରଦ ପ୍ରମାଣିତ ହୋଇନଥିଲା । ଗାଁର 111 ଟି ପରିବାରକୁ ଜଳ ଯୋଗାଣ ମିଳିଲା ନାହିଁ । |
| ପୁରୀ ଜିଲ୍ଲାର ଶ୍ରୀପୁରୁଷୋତ୍ତମପୁର ଓ ସରଗାଇଲୋ ଗ୍ରାମ, ମାଲକାନଗିରି ଜିଲ୍ଲାର ଟିକରପଡ଼ା, ବାଲେଶ୍ୱର ଜିଲ୍ଲାର ଭାଗୀରଥିପୁର | ନଷ୍ଟ ହୋଇଯାଇଥିବା ପାଇପ୍‌ଲାଇନ୍ ମରାମତି ନ ହେବା ଓ ବଦଳାଯାଉନଥିବା କାରଣରୁ ଅନ୍ୟ ଗ୍ରାମରେ ପାଣି ଜମି ରହୁଥିଲା, ଯାହାଫଳରେ ଏଫ୍‌ଏଚ୍‌ଟିସିଗୁଡ଼ିକ ଅବରୋଧ ହୋଇଯାଇଥିଲା | କ୍ଷତିଗ୍ରସ୍ତ ପାଇପ୍‌ଲାଇନ୍ | ଗ୍ରାମବାସୀଙ୍କୁ ପାଇପ୍ ପାଣି ମିଳିନଥିଲା ଏବଂ ଚାରୋଟି ଗାଁରେ ପ୍ରକଳ୍ପ ନିର୍ମାଣ ପାଇଁ ହୋଇଥିବା 2.46 କୋଟି ଟଙ୍କାର ଖର୍ଚ୍ଚ ଫଳପ୍ରଦ ପ୍ରମାଣିତ ହୋଇନଥିଲା |
| ସୋହେଲା ବ୍ଲକ୍ ଅନ୍ତର୍ଗତ ଡାଙ୍ଗାରକେର୍ମାଲି ଗ୍ରାମ | ଫେବୃଆରୀ 2024 ଠାରୁ ନିଖୋଜ/ କ୍ଷତିଗ୍ରସ୍ତ ସୌର ପ୍ୟାନେଲ୍ କାରଣରୁ ଚାରୋଟି ସୌର ପ୍ରକଳ୍ପ ଅଚଳ ପଡ଼ି ରହିଥିଲା | ଠିକାଦାରଙ୍କ ଦ୍ୱାରା କ୍ଷତିଗ୍ରସ୍ତ/ ହଜିଯାଇଥିବା ସୌର ପ୍ୟାନେଲଗୁଡ଼ିକର ମରାମତି/ ବଦଳାଯିବା ଯଦିଓ ଏହା ଚୁକ୍ତିନାମାରେ ଅନ୍ତର୍ଭୁକ୍ତ ଥିଲା | ଏହି ଗ୍ରାମଗୁଡ଼ିକୁ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା ଏବଂ ପରିବାରଗୁଡ଼ିକରେ ଏଫ୍‌ଏଚ୍‌ଟିସି କାର୍ଯ୍ୟକ୍ଷମ ନଥିଲା । ଏହି ପ୍ରକଳ୍ପ ଗୁଡ଼ିକରେ ହୋଇଥିବା 19.26 ଲକ୍ଷ ଟଙ୍କା ବ୍ୟୟ ଫଳପ୍ରଦ ପ୍ରମାଣିତ ହୋଇନଥିଲା |
| ପୁରୀ ଜିଲ୍ଲାର ଜେନାପୁର ଗାଁ | 1.16 କୋଟି ଟଙ୍କାରେ ନିର୍ମିତ (ଏପ୍ରିଲ୍ 2022) ପିଡବ୍ଲ୍ୟୁଏସ୍ ଜଳର ଗୁଣବତ୍ତା ଉପଯୁକ୍ତ ନଥିଲା କାରଣ ଲବଣତା, ଗୋଳିଆପଣ ଏବଂ ଲୌହ ପରିମାଣ ବିଆଇଏସ୍ ମାନକଠାରୁ ଅଧିକ ଥିଲା, ଯାହା ଲାବୋରେଟୋରୀ ରିପୋର୍ଟରେ ଦର୍ଶାଯାଇଅଛି । ହିତାଧିକାରୀମାନେ ପିଇବା ଉଦ୍ଦେଶ୍ୟରେ ପାଣି ବ୍ୟବହାର କରୁନଥିଲେ । | ଜଳର ଗୁଣବତ୍ତାରେ ଉନ୍ନତି ଆଣିବା ପାଇଁ ପଦକ୍ଷେପ ଗ୍ରହଣ ନକରିବା | 371 ଟି ପରିବାର ଏଫ୍‌ଏଚଟିସି ମାଧ୍ୟମରେ ନିରାପଦ ପାନୀୟ ଜଳ ପାଇପାରିନଥିଲେ ଏବଂ 1.16 କୋଟି ଟଙ୍କା ବ୍ୟୟ କରାଯାଇଥିଲା, ଯାହା ମୁଖ୍ୟତଃ ଫଳପ୍ରଦ ପ୍ରମାଣିତ ହୋଇନଥିଲା । |
| ପୁରୀ ଜିଲ୍ଲାର ଥନ୍‌ଥାନା ଓ ଜମାଲପୁର (ପିପିଲି) ଗାଁ | ଥନ୍‌ଥାନା ଗ୍ରାମରେ ପିଡବ୍ଲ୍ୟୁଏସ୍‌ର ପୁନଃନିର୍ମାଣ | ଦୁଇ ବର୍ଷରୁ ଅଧିକ ସମୟ ଧରି ପିଡବ୍ଲ୍ୟୁଏସ୍ ପ୍ରକଳ୍ପ | ଗତ ଦୁଇ ବର୍ଷ ଧରି ଗାଁର ପରିବାର ନିରାପଦ ପାନୀୟ |

| ପିଡବ୍ଲ୍ୟୁଏସ୍ ପ୍ରକଳ୍ପ | ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ସ୍ଥିତି | ଅଚଳ ହେବାର କାରଣ | ପ୍ରଭାବ/ ଫଳାଫଳ |
|---|---|---|---|
| | କାର୍ଯ୍ୟ ଠିକାଦାରଙ୍କ ଦ୍ୱାରା 42.85 ଲକ୍ଷ ଟଙ୍କା ଖର୍ଚ୍ଚ ହେବା ପରେ ପରିତ୍ୟାଗ କରାଯାଇଥିଲା (ସେପ୍ଟେମ୍ବର 2022)<br>ଅଗଷ୍ଟ 2024 ସୁଦ୍ଧା ପିଡବ୍ଲ୍ୟୁଏସ୍ ଅସମ୍ପୂର୍ଣ୍ଣ ରହିଥିଲା । ଓଭରହେଡ୍ ଟ୍ୟାଙ୍କରୁ ପାଇପଲାଇନ ନ ପକାଇବା କାରଣରୁ ଜମାଲପୁରରେ ଅନ୍ୟ ଏକ ପିଡବ୍ଲ୍ୟୁଏସ୍ (ମୂଲ୍ୟ 23.12 ଲକ୍ଷ ଟଙ୍କା) କାର୍ଯ୍ୟକ୍ଷମ ହୋଇନଥିଲା । | କାର୍ଯ୍ୟ ସମାପ୍ତ କରିବା ପାଇଁ ଡିଭିଜନଗୁଡ଼ିକ ଦ୍ୱାରା ପଦକ୍ଷେପ ନିଆଯାଉନାହିଁ | ଜଳରୁ ବଞ୍ଚିତ ଥିଲେ । ପ୍ରକଳ୍ପ ସମ୍ପୂର୍ଣ୍ଣ ନହେବା କାରଣରୁ ଖର୍ଚ୍ଚ (65.97 ଲକ୍ଷ ଟଙ୍କା) ଫଳପ୍ରଦ ପ୍ରମାଣିତ ହୋଇନଥିଲା । |

*(ଉତ୍ସ: ପିଡବ୍ଲ୍ୟୁଏସ୍ ପ୍ରକଳ୍ପ ଏବଂ ଜେପିଆଇ ସମ୍ବନ୍ଧୀୟ ରେକର୍ଡ)*

ଏହା ମଧ୍ୟ ଦେଖାଯାଇଛି ଯେ ନମୁନା କରାଯାଇଥିବା ପାଞ୍ଚଟି ଜିଲ୍ଲାର ଭିଡବ୍ଲ୍ୟୁଏସ୍‌ସି ଗ୍ରାମାଞ୍ଚଳରେ ଜଳ ଯୋଗାଣ ଯୋଜନାର ପରିଚାଳନା ଏବଂ ରକ୍ଷଣାବେକ୍ଷଣ, ଜଳ ଯୋଗାଣ ସମୟ ସ୍ଥିର କରିବା ଇତ୍ୟାଦି, ଜଳ ଯୋଗାଣ କାର୍ଯ୍ୟକଳାପରେ ସକ୍ରିୟ ଭାବରେ ଜଡ଼ିତ ନଥିଲେ । ଏହା ମଧ୍ୟ ଗ୍ରାମାଞ୍ଚଳ ପରିବାରକୁ ଆବଶ୍ୟକ ପରିମାଣର ଜଳ ଯୋଗାଣ କ୍ଷେତ୍ରରେ ସହାୟକ ହୋଇନଥିଲା ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ପାନୀୟ ଜଳ ଏବଂ ପରିମଳ ନିର୍ଦ୍ଦେଶକ ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରିଛନ୍ତି (ଜାନୁଆରୀ 2025) ଏବଂ ସମସ୍ତ ପରିବାରକୁ ପର୍ଯ୍ୟାପ୍ତ ଜଳ ଯୋଗାଣ ନିଶ୍ଚିତ କରିବାକୁ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ଦେଇଛନ୍ତି ।

### *2.1.12.8 ଜଳ ଉତ୍ସର ସ୍ଥିରତା ଉପରେ ନିଷ୍କ୍ରିୟତା*

ଜଳ ଜୀବନ ମିଶନର ପରିଚାଳନା ମାର୍ଗଦର୍ଶିକାର ଅନୁଚ୍ଛେଦ 3.5 ରେ କୁହାଯାଇଛି ଯେ, ବୋରୱେଲ ରିଚାର୍ଜ, ବର୍ଷା ଜଳ ସଂରକ୍ଷଣ, ଜଳ ସଂରକ୍ଷଣ ବୃଦ୍ଧି ଏବଂ ପଟୁ ନିଷ୍କାସନ ଭଳି ପଦକ୍ଷେପ ଗ୍ରହଣ କରାଯିବା ଉଚିତ୍ ଯଦ୍ୱାରା ପ୍ରଣାଳୀର ଡିଜାଇନ୍ ଜୀବନ କାଳ ମଧ୍ୟରେ ଜଳ ଉତ୍ସର ସ୍ଥିରତା ସୁନିଶ୍ଚିତ ହୋଇପାରିବ । ଭିଏପିଗୁଡ଼ିକ ବର୍ତ୍ତମାନର ଜଳ ଉପଲବ୍ଧତା ଏବଂ ସ୍ଥିରତାକୁ ଆକଳନ କରିବା ଉଚିତ୍ । ଉଭୟ ଡିଏପି ଏବଂ ଏସ୍ଏପି ଦୀର୍ଘକାଳୀନ ଜଳ ସେବା ପାଇଁ ସ୍ଥିରତା ପଦକ୍ଷେପକୁ ପ୍ରାଥମିକତା ଦେବା ଉଚିତ୍ ।

27 ଟି ଗ୍ରାମରେ ଭିଏପି, ଡିଏପି/ ଡିଏସପି ଏବଂ ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଏବଂ ଭିଡବ୍ଲ୍ୟୁଏସସି ସଦସ୍ୟଙ୍କ ସହିତ ମିଳିତ ସରଜମିନ ତଦନ୍ତ ଓ ଏଫ୍‌ଜିଡି ସମ୍ବନ୍ଧିତ ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାପଡ଼ିଛି ଯେ:

1. କନ୍ଧମାଳର ଡିଏପି ଏବଂ ଅନ୍ୟ ଜିଲ୍ଲାର[23] ଡିଏସ୍‌ପିଗୁଡ଼ିକ ସ୍ଥିରତା ପଦକ୍ଷେପ ବିଷୟରେ କୌଣସି ଉଲ୍ଲେଖ କରିନାହାଁନ୍ତି ।
2. 10 ଟି ଗାଁରେ, ବୋରୱେଲ୍ ରିଚାର୍ଜ ସଂରଚନା ଭିଏପିରେ ଉପଲବ୍ଧ ବୋଲି କୁହାଯାଇଥିଲା, କିନ୍ତୁ ଏହା କୌଣସି ସ୍ଥାନରେ ବିଦ୍ୟମାନ ନଥିଲା, ଯାହା ମିଳିତ ସରଜମିନ ତଦନ୍ତ (ଜୁଲାଇ-ଅଗଷ୍ଟ 2024) ସମୟରେ ନିଶ୍ଚିତ ହୋଇଥିଲା । ଏହିପରି ସଂରଚନା ଉପରେ ଇଆଇସିର ମଧ୍ୟ କୌଣସି ତଥ୍ୟ ନଥିଲା ।

---

[23] ବାଲେଶ୍ୱର, ବରଗଡ଼, ପୁରୀ ଏବଂ ମାଲକାନଗିରି

3. ଯାଞ୍ଚ କରାଯାଇଥିବା ଜିଲ୍ଲାର କୌଣସି ଗ୍ରାମରେ ବର୍ଷା ଜଳ ସଂରକ୍ଷଣ ଢାଞ୍ଚା ଉପଲବ୍ଧ ନଥିଲା । ମିଳିତ ସରଜମିନ ତଦନ୍ତ ଏବଂ ଏଫ୍‌ଜିଡି ସମୟରେ, ଗ୍ରାମବାସୀ ଏବଂ ପଞ୍ଚାୟତ ସଦସ୍ୟମାନେ କହିଥିଲେ ଯେ ସେମାନଙ୍କ ପାଖରେ କୌଣସି ବର୍ଷା ଜଳ ସଂରକ୍ଷଣ ଯୋଜନା ନାହିଁ ।

4. ଗ୍ରାମର ବିଦ୍ୟମାନ ଜଳାଶୟଗୁଡ଼ିକର ନବୀକରଣ ଆବଶ୍ୟକ ବୋଲି ଭିଏପିମାନେ ଉଲ୍ଲେଖ କରିଛନ୍ତି, କିନ୍ତୁ ଆରଡବ୍ଲୁଏସ୍‌ଏସ୍ ଦ୍ୱାରା ଏପରି ନବୀକରଣ ଉପରେ କୌଣସି ପଦକ୍ଷେପ ନିଆଯାଇନଥିଲା ।

5. କନ୍ଧମାଳ ଜିଲ୍ଲାର ନେଦିପଦର ଗ୍ରାମରେ ଜଳ ଉତ୍ପାଦନ ପାଇଁ ଜଳ ଉତ୍ସ ପର୍ଯ୍ୟାପ୍ତ ନଥିଲା କାରଣ ନିର୍ଦ୍ଦେଶାବଳୀରେ ଧାର୍ଯ୍ୟ କରାଯାଇଥିବା କୌଣସି ସ୍ଥାୟୀ ପଦକ୍ଷେପ ଆର୍‌ଡବ୍ଲ୍ୟଏସ୍‌ଏସ୍ ଦ୍ୱାରା ନିଆଯାଇ ନଥିଲା ।

ଏହା ବ୍ୟତୀତ, ଅଡିଟ୍ ଇଆଇସିକୁ ଅନୁରୋଧ କରାଯାଇଥିବା ଉତ୍ସ ସ୍ଥିରତା ଉପରେ ସୂଚନାକୁ ବିଶ୍ଳେଷଣ କରି ନିମ୍ନଲିଖିତକୁ ଲକ୍ଷ୍ୟ କରିଛି:

6. ରାଜ୍ୟର 7,284 ଟି ଜଳ ଉତ୍ସ ମଧ୍ୟରୁ ମାତ୍ର 125 ଟି ଉତ୍ସ ସମୃଦ୍ଧ ହୋଇଥିବା ବେଳେ 525 (7.2 ପ୍ରତିଶତ) ଉତ୍ସରେ ପର୍ଯ୍ୟାପ୍ତ ଜଳ ଅଭାବ ଏବଂ ନଳକୂପ ଭୁଶୁଡ଼ିବା[24] ଭଳି କାରଣରୁ ବିଫଳ ହୋଇଥିବା ଜଣାଯାଇଛି । ଜଳ ଉତ୍ସ ବିଫଳ ହେବାରୁ 229 ଟି ପ୍ରକଳ୍ପ ଅଚଳ ରହିଛି । ଉତ୍ସ ବିଫଳତାରେ 20 ଟି ଡିଭିଜନ୍ ମଧ୍ୟରୁ କଳାହାଣ୍ଡି (221), ନବରଙ୍ଗପୁର (112) ଏବଂ ମୟୂରଭଞ୍ଜ (45) ପ୍ରମୁଖ ତିନୋଟି ଡିଭିଜନ୍‌ରେ ସର୍ବାଧିକ ମାମଲା ରହିଛି (***ପରିଶିଷ୍ଟ 2.2***) । ଏହିପରି, ସମ୍ପୃକ୍ତ ଗ୍ରାମର ଲୋକମାନେ 2021 ରୁ 2025 ମଧ୍ୟରେ ଜଳ ଜୀବନ ମିଶନ ଅଧୀନରେ ପାଇପ୍ ଜଳ ପାଇପାରି ନଥିଲେ ।

7. ଇଆଇସି ରିପୋର୍ଟ କରିଛନ୍ତି ଯେ ମିଶନ ଅବଧିରେ 123 ଉତ୍ସରେ ପର୍ଯ୍ୟାପ୍ତ ଜଳ ନଥିବା ଜଣାପଡ଼ିଛି ଏବଂ ଏକ ବିକଳ୍ପ ଉତ୍ସ ଖୋଜିବା ପାଇଁ ପଦକ୍ଷେପ ନିଆଯାଇଛି ।

8. ଅଡିଟରୁ ଜଣାପଡ଼ିଛି ଯେ ସମସ୍ତ 35 ଟି ଆରଡବ୍ଲୁଏସ୍‌ଏସ୍ ଡିଭିଜନ୍ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ(ସିଜିଡବ୍ଲୁବି)ଗୁଣବତ୍ତା ଏବଂ ପରିମାଣ ବ୍ଲକ୍ ମାନଚିତ୍ର ବ୍ୟବହାର କରି ନିରାପଦ ଭୂତଳ ଜଳ ବ୍ଲକ୍ ଏବଂ ଯୋଜନା ଉତ୍ସ ପାଇଁ ହାଇଡ୍ରୋ-ଜିଓମୋରଫୋଲୋଜିକାଲ୍ ମାନଚିତ୍ର ବ୍ୟବହାର କରୁଛନ୍ତି । ଏହା ସତ୍ତ୍ୱେ 648 (525+123) ଜଳ ଉତ୍ସ (8.9 ପ୍ରତିଶତ) ବିଫଳ ହୋଇଥିଲା ।

9. ଭିଏପିର ସାଧାରଣ ଫର୍ମାଟରେ ପରିମିତ ଜଳ ଉତ୍ପନ୍ନ ଏବଂ ସେମାନଙ୍କର ଦୀର୍ଘକାଳୀନ ସ୍ଥିରତା ସହିତ ଜଳ ଉତ୍ସର ବର୍ତ୍ତମାନର ଉପଲବ୍ଧତା ନଥିଲା । ଇଆଇସି କହିଛି ଯେ ଡିପିଆର୍ ପ୍ରସ୍ତୁତ କରିବା ସମୟରେ ଉକ୍ତ ସୂଚନା ସଂଗ୍ରହ କରାଯାଇଥିଲା, କିନ୍ତୁ, ବାସ୍ତବତା ଏହା ଥିଲା ଯେ ଡିପିଆର୍ ବିତରଣ ନେଟୱାର୍କ ଏବଂ ପିଡବ୍ଲୁଏସ୍ ପାଇଁ ପ୍ରସ୍ତୁତ କରାଯାଇଥିଲା ଏବଂ ଉତ୍ସ ପାଇଁ କରାଯାଇ ନଥିଲା । ଇଆଇସି କହିଛନ୍ତି ଯେ ସମସ୍ତ ପ୍ରକଳ୍ପ, ପ୍ରକଳ୍ପର ମୂଲ୍ୟ ପ୍ରଭାବଶୀଳତା ଏବଂ ସ୍ଥିରତାକୁ ଦୃଷ୍ଟିରେ ରଖି ଡିଜାଇନ୍ କରାଯାଇଛି କିନ୍ତୁ ଏହିପରି ଦାବିକୁ ସମର୍ଥନ କରୁଥିବା କୌଣସି ପ୍ରମାଣ ଅଡିଟ୍ ପାଇଁ ଉପସ୍ଥାପନା କରାଯାଇ ପାରିନଥିଲା । ସେ ଆହୁରି ମଧ କହିଥିଲେ ଯେ ଭୂତତ୍ତ୍ୱବିତ୍ ମାନଙ୍କ ଦ୍ୱାରା ଦିଆଯାଇଥିବା ଇନପୁଟ୍ ଆଧାରରେ ଆରଡବ୍ଲୁଏସ୍‌ଏସ୍ ଦ୍ୱାରା ଉତ୍ସ ଚିହ୍ନଟ କରାଯାଇଥିଲା, ତେଣୁ କୌଣସି ପୃଥକ ପ୍ରମାଣପତ୍ର ଦିଆଯାଇ ନଥିଲା ।

---

[24] ଅନୁପଯୁକ୍ତ ଖନନ କୌଶଳ, ଅପର୍ଯ୍ୟାପ୍ତ କେସିଂ କିମ୍ବା ଭୌଗୋଳିକ ସମସ୍ୟା ଭଳି କାରଣ ଯୋଗୁଁ ବୋରୱେଲ ଖୋଦନ ସମୟରେ ବୋରୱେଲ୍ ଭୁଶୁଡ଼ିବା ଘଟଣା ଘଟିଥାଏ ।

ଉତ୍ସ ସ୍ଥିରତା ଉପରେ ଇଆଇସିର ପ୍ରତିକ୍ରିୟାରୁ ଜଣାପଡ଼ିଛି ଯେ ଉତ୍ସର ସ୍ଥିରତା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସ୍ତରରେ କିମ୍ବା ଜିଲ୍ଲା / ଜିପି ସ୍ତରରେ ପଦକ୍ଷେପ ପର୍ଯ୍ୟାପ୍ତ ନୁହେଁ ।

ପାନୀୟ ଜଳ ଏବଂ ପରିମଳ, ପିଆର୍‌ଆଣ୍ଡଡିଡବ୍ଲ୍ୟୁ ବିଭାଗର ନିର୍ଦ୍ଦେଶକ (ଜାନୁଆରୀ 2025) ଜଳ ଉତ୍ସର ଦୀର୍ଘକାଳୀନ ସ୍ଥିରତା ହାସଲ କରିବା ଏବଂ ନିରବଚ୍ଛିନ୍ନ ନିରାପଦ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି ।

**ଭଲ ଅଭ୍ୟାସ**

**ମାଲକାନଗିରିର ଦୁଇଟି ବ୍ଲକର ପାହାଡ଼ ଶିଖରରେ ପାଇପ୍ ଜଳ ଯୋଗାଣ**

ମାଲକାନଗିରି ଜିଲ୍ଲାର ଜଳ ଯୋଗାଣ ସମ୍ପତ୍ତିର ମିଳିତ ସରଜମିନ ତଦନ୍ତ ସମୟରେ ଦେଖାଗଲା ଯେ କୋରୁକୋଣ୍ଡା ବ୍ଲକର ସୁରୀପଡ଼ା ଗ୍ରାମ ଏବଂ ମାଥିଲି ବ୍ଲକର ତୁଳସୀ ଗ୍ରାମରେ ଗୋଟିଏ ଏଜେନ୍ସୀ ମେସର୍ସ ଗ୍ରୀନକୋ ସିଷ୍ଟମ ପ୍ରାଇଭେଟ୍ ଲିମିଟେଡ୍ ସମୁଦ୍ର ପତ୍ତନଠାରୁ ଯଥାକ୍ରମେ 842 ମିଟର ଉଚ୍ଚତାରେ ଏବଂ 750 ମିଟର ଉଚ୍ଚତାରେ ଥିବା ବିଚ୍ଛିନ୍ନ ପାହାଡ଼ ଶିଖରରେ ସୌର ଶକ୍ତି ଭିତ୍ତିକ ଜଳ ଯୋଗାଣ ବ୍ୟବସ୍ଥା ସ୍ଥାପନା କରିଛି ।




ଚିତ୍ର **1:** କୋରୁକୋଣ୍ଡା ବ୍ଲକ୍ ସୁରୀପଡ଼ା ଗ୍ରାମରେ ସୌର ଶକ୍ତି ଭିତ୍ତିକ ଜଳ ଯୋଗାଣ ବ୍ୟବସ୍ଥା (24 ଘଣ୍ଟା)**(26/09/2024)**




ଚିତ୍ର **2:** ମାଥିଲି ବ୍ଲକର ତୁଳସୀ ଗ୍ରାମରେ ସୌର ଶକ୍ତି ଭିତ୍ତିକ ଜଳ ଯୋଗାଣ ବ୍ୟବସ୍ଥା (118 ଘଣ୍ଟା) **(29/09/2024)**

ସୁରୀପଡ଼ା (କୋରୁକୋଣ୍ଡା ବ୍ଲକ)ର ସମସ୍ତ 24 ଟି ପରିବାରକୁ ଏଫ୍‌ଏଚ୍‌ଟିସି ଯୋଗାଇ ଦିଆଯାଇଥିବା ବେଳେ ତୁଳସୀ (ମାଥିଲି ବ୍ଲକ)ରେ 121 ଟି ପରିବାର ମଧ୍ୟରୁ 118 ଟି ପରିବାରକୁ ଆଠଟି ଅନୁମୋଦିତ ପ୍ରକଳ୍ପ ମଧ୍ୟରୁ ଛଅଟି ମାଧ୍ୟମରେ ଏଫ୍‌ଏଚ୍‌ଟିସି ଯୋଗାଇ ଦିଆଯାଇଅଛି । ମିଳିତ ସରଜମିନ ତଦନ୍ତ ଏବଂ ହିତାଧିକାରୀ ସାକ୍ଷାତକାରରୁ ନିଶ୍ଚିତ ହୋଇଛି ଯେ ଏଜେନ୍ସୀ, ଆରଡବ୍ଲ୍ୟୁଏସ୍‌ଏସ୍‌ର ସହାୟତାରେ 750 ମିଟରରୁ ଅଧିକ ଉଚ୍ଚତାରେ ପ୍ରତିକୂଳ ରାସ୍ତା ଏବଂ ଜଳବାୟୁ ଅବସ୍ଥାରେ ଏହି କାର୍ଯ୍ୟଗୁଡ଼ିକ କାର୍ଯ୍ୟକାରୀ କରିଥିଲା । ପାହାଡ଼ ଶିଖରରେ ଗ୍ରାମବାସୀଙ୍କ ଦ୍ୱାରରେ ବିଶୁଦ୍ଧ ଜଳ ଯୋଗାଣ ସୁନିଶ୍ଚିତ କରାଯାଇଥିବାରୁ ଏହି ପ୍ରୟାସ ପ୍ରଶଂସନୀୟ ଥିଲା ।

**ସୁପାରିଶ 4:**

**ମିଶନ ଅବଧି ମଧ୍ୟରେ ସମସ୍ତ ଗ୍ରାମୀଣ ପରିବାରକୁ ଘରୋଇ ଜଳ ସଂଯୋଗ ପ୍ରଦାନ କରିବା ପାଇଁ ସରକାର ମେଗା/ ବୃହତ୍ ପ୍ରକଳ୍ପ ସମେତ ପାଇପ ଜଳ ଯୋଗାଣ ପ୍ରକଳ୍ପ ଗୁଡିକର ଶୀଘ୍ର ସଂପୂର୍ଣ୍ଣ କରିବା ପାଇଁ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିପାରନ୍ତି ।**

**ସୁପାରିଶ 5:**

**ଯୋଜନା ପ୍ରସ୍ତୁତ କରିବା ସମୟରେ ଉତ୍ସର ସ୍ଥାୟିତ୍ୱ ବୃଦ୍ଧି ପାଇଁ ପଦକ୍ଷେପ ଉପରେ ସରକାର ଧ୍ୟାନ ଦେବା ଉଚିତ୍ ଏବଂ ପ୍ରକଳ୍ପ ଗୁଡ଼ିକ ଯେପରି ସେମାନଙ୍କର ସମ୍ପୂର୍ଣ୍ଣ ନିର୍ଦ୍ଧାରିତ ଅବଧି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ, ସେଥିପାଇଁ ବୈଷୟିକ ଜ୍ଞାନର ବ୍ୟବହାର କରିବା ଉଚିତ୍ ।**

## 2.1.13 ସହାୟତା କାର୍ଯ୍ୟକଳାପ

2024 ସୁଦ୍ଧା ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରକୁ ଜଳଯୋଗାଣ ଭିତ୍ତିଭୂମିର ବିକାଶ ସହିତ ଏଫଏଚଟିସି ଯୋଗାଇ ଦେବା ଲକ୍ଷ୍ୟକୁ ହାସଲ କରିବା ଲାଗି ଜଳର ବିବେକପୂର୍ଣ୍ଣ ବ୍ୟବହାର, ଗୋଷ୍ଠୀଗତ ଯୋଗଦାନ ଏବଂ ମାଲିକାନା ସମ୍ପର୍କରେ ଜନସାଧାରଣଙ୍କ ମଧ୍ଯରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି । ଦୀର୍ଘକାଳୀନ ସ୍ଥାୟିତ୍ୱ ପାଇଁ ଗ୍ରାମ ଭିତରେ ଭିତ୍ତିଭୂମି ଯୋଜନା, କାର୍ଯ୍ୟାନ୍ୱୟନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ଗ୍ରାମ ପଞ୍ଚାୟତ/ ଭିଡବ୍ଲୁଏସସିର କ୍ଷମତା ନିର୍ମାଣ କରିବାର ଆବଶ୍ୟକତା ରହିଛି । ଏହି ଉଦ୍ଦେଶ୍ୟ ପାଇଁ ମିଶନ ସହାୟକ କାର୍ଯ୍ୟକଳାପ ପାଣ୍ଠି ଭାବରେ ରାଜ୍ୟମାନଙ୍କୁ ବାର୍ଷିକ ଆବଣ୍ଟନର ପାଞ୍ଚ ପ୍ରତିଶତ ପର୍ଯ୍ୟନ୍ତ ବ୍ୟବସ୍ଥା ରହିଛି । ଏହି ଉପାଦାନ ଅଧିନରେ କରାଯାଉଥିବା କାର୍ଯ୍ୟଗୁଡ଼ିକ ମଧ୍ୟରେ ଆଇଇସି ଗତିବିଧି, ମାନବସମ୍ବଳ ବିକାଶ, ପ୍ରଶିକ୍ଷଣ ଏବଂ ଦକ୍ଷତା ବିକାଶ, ତୃତୀୟ ପକ୍ଷ ନିରୀକ୍ଷଣ ଆଦି ସାମିଲ୍ ରହିଛି ।

ଅଡିଟ୍‌ରୁ ଜଣାଗଲା ଯେ ରାଜ୍ୟ ଦ୍ୱାରା କରାଯାଇଥିବା ସହାୟତା କାର୍ଯ୍ୟକଳାପ ଗୁରୁତ୍ୱପୂର୍ଣ୍ଣ ନଥିଲା । ***ଅନୁଚ୍ଛେଦ 2.1.11*** ଅନୁଯାୟୀ ସହାୟତା କାର୍ଯ୍ୟକଳାପ ପାଇଁ ରାଜ୍ୟ ମୋଟ ଆବଣ୍ଟନର ମାତ୍ର 2.20 ପ୍ରତିଶତ ଖର୍ଚ୍ଚ କରିଥିଲା । ଆଇଇସି ଗତିବିଧି, ତୃତୀୟ ପକ୍ଷ ନିରୀକ୍ଷଣ, ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ ଇତ୍ୟାଦିର କାର୍ଯ୍ୟାନ୍ୱୟନରେ ଅଭାବ ପରିଲକ୍ଷିତ ହୋଇଥିଲା, ଯାହା ନିମ୍ନରେ ଆଲୋଚନା କରାଯାଇଛି ।

### *2.1.13.1 ଆଇଇସି କାର୍ଯ୍ୟକଳାପ ପରିଚାଳନା ନକରିବା*

ବ୍ୟବହାରିକ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବା, ଜଳ ଉତ୍ସର ସୁରକ୍ଷା ଏବଂ ସଂରକ୍ଷଣ ବିଷୟରେ ସଚେତନତା ସୃଷ୍ଟି କରିବା, ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଅଭ୍ୟାସରେ ଉନ୍ନତି ଆଣିବା, ଜଳ ଯୋଗାଣ ବ୍ୟବସ୍ଥା ପରିଚାଳନା ଏବଂ ରକ୍ଷଣାବେକ୍ଷଣରେ ଗୋଷ୍ଠୀର ଅଂଶଗ୍ରହଣକୁ ଉତ୍ସାହିତ କରିବା ଏବଂ ବ୍ୟବହାରକାରୀଙ୍କ ମଧ୍ୟରେ ମାଲିକାନାର ଭାବନା ସୃଷ୍ଟି କରିବା ପାଇଁ ଆଇଇସି କାର୍ଯ୍ୟକଳାପ ସହାୟକ ପାଣ୍ଠିର ଅନ୍ୟତମ ପ୍ରମୁଖ ଉପାଦାନ । ଏସଡବ୍ଲୁଏସଏମ୍ ଆଇଇସି ଯୋଜନାର ନେତୃତ୍ୱ ନେବ ଏବଂ ସମଗ୍ର ରାଜ୍ୟରେ ଏହିପରି କାର୍ଯ୍ୟକ୍ରମକୁ ଅନ୍ତର୍ଭୁକ୍ତ କରିବା ପାଇଁ ଦାୟୀ ରହିବ ।

2019-20 ରୁ 2023-24 ବର୍ଷ ପାଇଁ ନମୁନା ହୋଇଥିବା ଆରଡବ୍ଲୁଏସଏସ୍ ଡିଭିଜନର ରେକର୍ଡ ଯାଞ୍ଚରୁ ଜଣାପଡ଼ିଛି ଯେ ବିଭାଗ ଆଇଇସି କାର୍ଯ୍ୟକଳାପ ପାଇଁ ମାତ୍ର 22.47 ଲକ୍ଷ ଟଙ୍କା ଖର୍ଚ୍ଚ କରିଛି । ଆଇଇସି କାର୍ଯ୍ୟକଳାପ କିମ୍ବା ଅଂଶଗ୍ରହଣକାରୀ ଗ୍ରାମୀଣ ମୂଲ୍ୟାଙ୍କନ କାର୍ଯ୍ୟକଳାପ ଉପରେ ସଚେତନତା ଅଭିଯାନ, ଆନ୍ତଃବ୍ୟକ୍ତିଗତ ଯୋଗଯୋଗ, ବ୍ୟବହାର ପରିବର୍ତ୍ତନର ସୁଚନା ସମ୍ବନ୍ଧିତ କାର୍ଯ୍ୟକ୍ରମ ହେବାର କୌଣସି ରେକର୍ଡ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗରେ ଉପଲବ୍ଧ ନଥିଲା । 40 ଟି ଗ୍ରାମର 816 ହିତାଧିକାରୀଙ୍କ ସାକ୍ଷାତକାର ସମୟରେ ହିତାଧିକାରୀମାନେ ନିମ୍ନଲିଖିତ ବିଷୟରେ କହିଥିଲେ:

- 814 ହିତାଧିକାରୀ କହିଛନ୍ତି ଯେ ସଚେତନତା ସୃଷ୍ଟି କରିବା ପାଇଁ କୌଣସି ଆଇଇସି କାର୍ଯ୍ୟକଳାପ କରାଯାଇ ନାହିଁ ।
- 796 ଜଣ ହିତାଧିକାରୀ (98 ପ୍ରତିଶତ) କହିଛନ୍ତି ଯେ ସେମାନଙ୍କୁ ବିଶୁଦ୍ଧ ପାନୀୟ ଜଳର ଉପକାରିତା, ଜଳ ସଂରକ୍ଷଣର ପଦ୍ଧତି ଏବଂ ଉପକାରିତା, ସ୍ୱଚ୍ଛତା ଅଭ୍ୟାସ ବିଷୟରେ ଆଇଏସ୍‌ଏ, କୌଣସି ଭିଡବ୍ଲୁଏସସି ସଦସ୍ୟ କିମ୍ବା କୌଣସି ସରକାରୀ ଅଧିକାରୀଙ୍କ ଦ୍ୱାରା ଅବଗତ କରାଯାଇ ନାହିଁ ।
- 731 ଜଣ ହିତାଧିକାରୀ (98 ପ୍ରତିଶତ) କହିଛନ୍ତି ଯେ ସେମାନେ ଭିଡବ୍ଲୁଏସସି/ ଆଇଏସଏ କିମ୍ବା ଆରଡବ୍ଲୁଏସଏସ ଅଧିକାରୀଙ୍କ ଦ୍ୱାରା କୌଣସି ଗୋଷ୍ଠୀ ଅବଦାନ ବିଷୟରେ ଅବଗତ ହୋଇନାହାଁନ୍ତି । କେବଳ 24 ଜଣ ହିତାଧିକାରୀ ଗୋଷ୍ଠୀର ଅବଦାନ ବିଷୟରେ ଅବଗତ ଥଲେ । ଗ୍ରାମାଞ୍ଚଳରେ ଜଳ ଯୋଗାଣ ଭିତ୍ତିଭୂମି ଏବଂ ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣ ଦିଗରେ ଭିଡବ୍ଲୁଏସସି ଏବଂ ଆଇଏସଏ ଗୁଡ଼ିକ ଲୋକମାନଙ୍କ ମଧ୍ୟରେ ଗୋଷ୍ଠୀଗତ ମାଲିକାନା ଭାବନା ସୃଷ୍ଟି କରିବାରେ ବିଫଳ ହୋଇଛନ୍ତି ।

ସହାୟକ କାର୍ଯ୍ୟକଳାପ ପାଇଁ ସର୍ବନିମ୍ନ ଖର୍ଚ୍ଚ ନମୁନା ହୋଇଥିବା ଜିଲ୍ଲାଗୁଡ଼ିକରେ ନଥିପତ୍ରର ଯାଞ୍ଚ ଏବଂ ହିତାଧିକାରୀଙ୍କ ସାକ୍ଷାତକାରରୁ ଜଣାପଡ଼ିଛି ଯେ ଜଳ ଯୋଗାଣ ପ୍ରକଳ୍ପର ଦୀର୍ଘକାଳୀନ ସ୍ଥାୟୀତ୍ୱ ପାଇଁ ଜଳ

ସଂରକ୍ଷଣ, ଗୋଷ୍ଠୀ ମାଲିକାନା ଇତ୍ୟାଦି ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଗୋଷ୍ଠୀକୁ ସମ୍ବେଦନଶୀଳ କରିବା ପାଇଁ ରାଜ୍ୟ ପର୍ଯ୍ୟାପ୍ତ ଆଇଇସି କାର୍ଯ୍ୟକଳାପ ପରିଚାଳନା କରିନାହିଁ ।

ପିଆରଆଣ୍ଡଡିଡବ୍ଲ୍ୟୁ ବିଭାଗର ପାନୀୟ ଜଳ ଏବଂ ପରିମଳ ନିର୍ଦ୍ଦେଶକ (ଜାନୁଆରୀ 2025) କହିଛନ୍ତି ଯେ ସରକାର ଭିତ୍ତିଭୂମି ବିକାଶକୁ ସାମୁଦାୟିକ ଯୋଗଦାନ ସହିତ ସନ୍ତୁଳିତ କରିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ଭବିଷ୍ୟତର ଆଇଇସି କାର୍ଯ୍ୟକଳାପ ଜଳ ସୁରକ୍ଷା ଏବଂ ସ୍ଥିରତାର ବ୍ୟାପକ ଉଦ୍ଦେଶ୍ୟ ସହିତ ସମାନ ହେବା ନିଶ୍ଚିତ କରିବେ ।

### *2.1.13.2 ତୃତୀୟ ପକ୍ଷ ତଦାରଖ ଏଜେନ୍ସୀର ଅନୁପଯୁକ୍ତ ଭୂମିକା*

ଜଳ ଜୀବନ ମିଶନ ପରିଚାଳନା ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 9.6 ଅନୁଯାୟୀ, ରାଜ୍ୟ ଜଳ ଓ ପରିମଳ ମିଶନ (ଏସ୍‌ଡବ୍ଲ୍ୟୁଏସ୍‌ଏମ୍) ଦ୍ୱାରା ବିଭାଗ/ ଜାତୀୟ ମିଶନ ଜାରି କରିଥିବା ନିର୍ଦ୍ଦିଷ୍ଟ ସୂଚନାନୁଯାୟୀ (ଟିଓଆର୍) ତୃତୀୟ ପକ୍ଷ ତଦାରଖ ଏଜେନ୍ସୀମାନଙ୍କୁ ପ୍ୟାନେଲଭୁକ୍ତ କରାଯିବାର ଥିଲା, ଯାହା ଦ୍ୱାରା କାର୍ଯ୍ୟନିଷ୍ପାଦନକାରୀ ଏଜେନ୍ସୀମାନଙ୍କ ଦ୍ୱାରା କରାଯାଇଥିବା କାମର ଗୁଣବତ୍ତା, ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀର ଗୁଣବତ୍ତା ଯାଞ୍ଚ କରାଯିବ ।

ଇଆଇସି, ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ରେକର୍ଡ ଯାଞ୍ଚ ସମୟରେ ଅଡିଟ୍ ଦେଖିଲା ଯେ, ହରିୟାଣାର ମେସର୍ସ ଟିୟୁଭି ଏସ୍‌ୟୁଡି ଦକ୍ଷିଣ ଏସିଆ ଲିମିଟେଡ୍ (ଟିଏସ୍‌ଏସ୍‌ଏଏଲ୍) ନାମକ ଏକ ତୃତୀୟ ପକ୍ଷ ସଂସ୍ଥାକୁ ଡିସେମ୍ବର 2018 ରେ ବିଦ୍ୟମାନ ପିଡବ୍ଲ୍ୟୁଏସ୍ କାମଗୁଡ଼ିକର ସ୍ୱାଧୀନ ଭାବେ ମନିଟରିଂ ପାଇଁ ଇଆଇସି ଦ୍ୱାରା ନିଯୁକ୍ତ କରାଯାଇଥିଲା । ଭାରୀ କାର୍ଯ୍ୟଭାର ଥିବା କାରଣ ଦର୍ଶାଇ, ନୂତନ ଏଜେନ୍ସୀ ନିଯୁକ୍ତି ପର୍ଯ୍ୟନ୍ତ ଏହି ଏଜେନ୍ସୀର କାର୍ଯ୍ୟ ଅବଧିକୁ ବୃଦ୍ଧି କରାଯାଇଥିଲା (ଡିସେମ୍ବର 2020) ।

ପରେ, ଡିସେମ୍ବର 2021 ରେ ଇଆଇସି ଦୁଇଟି ଫାର୍ମକୁ[25] (ଯାହା ମଧ୍ୟରେ ପୂର୍ବରୁ ନିଯୁକ୍ତ ଟିଏସ୍‌ଏସ୍‌ଏଏଲ୍ ମଧ୍ୟ ଥିଲା) ନିଯୁକ୍ତ କରିଥିଲେ ଏବଂ ତୃତୀୟ ପକ୍ଷ ଗୁଣବତ୍ତା ଓ ପରିମାଣ ତଦାରଖ ପାଇଁ ଖର୍ଚ୍ଚ ଜେଜେଏମ୍ ସହାୟକ ପାଣ୍ଠିରୁ ମେଣ୍ଟାଇଥିଲେ । ତେବେ, ଏହି ଦୁଇଟି ଏଜେନ୍ସୀ ବସୁଧା, ଓଏମ୍‌ବିଏଡିସି, ଡିଏମ୍‌ଏଫ୍, ଆର୍‌ଆଇଡିଏଫ୍ ପରି ଅନ୍ୟାନ୍ୟ ରାଜ୍ୟ ଯୋଜନାରେ ପରାମର୍ଶ ସେବା ପ୍ରଦାନ କରୁଥିବା ସତ୍ତ୍ୱେ, ସେମାନଙ୍କୁ ଦେୟ ମାତ୍ର ଜେଜେଏମ୍ ତହବିଲରୁ ଦିଆଯାଇଥିଲା ।

ଅଡିଟ୍ ଦେଖିଥିଲା ଯେ, ଜେଜେଏମ୍ ନିର୍ଦ୍ଦେଶାବଳୀରେ ସ୍ପଷ୍ଟ ଭାବେ କାମଗୁଡ଼ିକର ସ୍ୱାଧୀନ ଯାଞ୍ଚ ପାଇଁ ତୃତୀୟ ପକ୍ଷ ନିରୀକ୍ଷଣ ସଂସ୍ଥା ନିଯୁକ୍ତିକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ, ଇଆଇସି ତାହା ପରିବର୍ତ୍ତେ ଦୈନିକ ସୁପରଭିଜନ୍ କରିବା ଓ ପ୍ରକଳ୍ପ କାର୍ଯ୍ୟନିଷ୍ପାଦନ ସମୟରେ ଗୁଣବତ୍ତା ମାନକ ରକ୍ଷା ପାଇଁ କାର୍ଯ୍ୟ ନିଷ୍ପାଦକମାନଙ୍କୁ ସହଯୋଗ କରିବା ଉଦ୍ଦେଶ୍ୟରେ ତୃତିୟ ପକ୍ଷ ପରାମର୍ଶଦାତା ଫାର୍ମମାନଙ୍କୁ ନିଯୁକ୍ତ କରିଥିଲେ । ଏହା ସହିତ, ଏସ୍‌ଇ, ଆର୍‌ଡବ୍ଲ୍ୟୁଏସ୍‌ଏସ୍, ପୁରୀଙ୍କ ରେକର୍ଡରୁ ଦେଖାଯାଇଥିଲା ଯେ ସେମାନେ ସ୍ୱାଧୀନ ଯାଞ୍ଚ କରିବା ପରିବର୍ତ୍ତେ ଦୈନିକ ଆଧାରରେ ତତ୍ତ୍ୱାବଧାନୀ କାମ କରୁଥିଲେ ।

ଅଡିଟ୍ ଆହୁରି ଦେଖିଲା ଯେ, ଏହି ଏଜେନ୍ସୀମାନଙ୍କୁ ଜେଜେଏମ୍ ସହାୟକ କାର୍ଯ୍ୟକଳାପ ପାଣ୍ଠିରୁ 27.48 କୋଟି ଟଙ୍କା ଦିଆଯାଇଥିଲା, ଯାହା ଅନୁମୋଦନଯୋଗ୍ୟ ନଥିଲା, କାରଣ ଏହା ଏକ ପ୍ରକାର ସେଣ୍ଟେଜ୍ ଚାର୍ଜ[26] ଥିଲା ଏବଂ ଏହା ରାଜ୍ୟ ତହବିଲରୁ ଖର୍ଚ୍ଚ ହେବାର ଥିଲା ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ପାନୀୟ ଜଳ ଏବଂ ପରିମଳ ନିର୍ଦ୍ଦେଶକ ଜାନୁଆରୀ 2025 ରେ କହିଥିଲେ ଯେ, ବୃଦ୍ଧି ପାଇଥିବା କାର୍ଯ୍ୟଭାର ପରିଚାଳନା ପାଇଁ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଦ୍ୱାରା ତୃତୀୟ ପକ୍ଷ ଦକ୍ଷତା ଏବଂ ପରିମାଣ ପରିଚାଳନା ପଦ୍ଧତି ନାମରେ ଗୁଣବତ୍ତା ମନିଟରିଂ ପ୍ରଣାଳୀକୁ ଆଉଟ୍‌ସୋର୍ସ କରାଯାଇଛି । ତୃତୀୟ ପକ୍ଷକୁ ନୂତନ ସ୍ୱୀକୃତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ, ପରିଚାଳନା ଓ ରକ୍ଷଣାବେକ୍ଷଣର ଗୁଣବତ୍ତାକୁ ସ୍ୱାଧୀନ

[25] ମେସର୍ସ ଅର୍କିଟେକ୍‌ନୋ କନସଲ୍ଟାଣ୍ଟ ପ୍ରାଇଭେଟ୍ ଲିମିଟେଡ୍ (ଏସିପିଏଲ୍)ପାଞ୍ଚଟି ମଣ୍ଡଳ ପାଇଁ ଏବଂ ଟିଏସ୍‌ଏସ୍‌ଏଏଲ୍, ଦୁଇଟି ମଣ୍ଡଳ ପାଇଁ

[26] ସେଣ୍ଟେଜ୍ ଚାର୍ଜ ହେଉଛି ଏପରି ଏକ ଚାର୍ଜ ଯାହାକୁ ସରକାର ଅନ୍ୟ ଏକ ସରକାର, ସ୍ଥାନୀୟ ସଂସ୍ଥା କିମ୍ବା ଏକ ଘରୋଇ ପକ୍ଷଙ୍କ ପକ୍ଷରୁ କାର୍ଯ୍ୟକାରୀ କରୁଥିବା କାର୍ଯ୍ୟ ପାଇଁ ଗଣନା କରାଯାଏ । ସେଣ୍ଟେଜ୍ ଚାର୍ଜରେ ଏଜେନ୍ସି ଚାର୍ଜ, ଗୁଣବତ୍ତା ନିୟନ୍ତ୍ରଣ, ରାସ୍ତା ସୁରକ୍ଷା ଏବଂ ତଦାରଖ ଚାର୍ଜ ଅନ୍ତର୍ଭୁକ୍ତ ହୋଇପାରେ ।

ଭାବେ ମନିଟର କରିବାକୁ ଥିଲା । ଏହି ଉତ୍ତର ଗ୍ରହଣଯୋଗ୍ୟ ନୁହେଁ, କାରଣ ଏଜେନ୍ସିମାନେ ପ୍ରକଳ୍ପଗୁଡ଼ିକର ସ୍ୱାଧୀନ ଯାଞ୍ଚ ଓ ମନିଟରିଂ ପ୍ରଦାନ କରିନଥିଲେ ବରଂ ଜେଜେଏମ୍ କାର୍ଯ୍ୟକ୍ଷମ ନିର୍ଦ୍ଦେଶାବଳୀକୁ ବିରୋଧ କରି ଆର୍‌ଡବ୍ଲୁଏସ୍‌ଏସ୍ ଇଞ୍ଜିନିୟରମାନଙ୍କ କାର୍ଯ୍ୟ ସମ୍ପାଦନରେ ସହଯୋଗ କରୁଥିଲେ ।

## 2.1.14 ଜଳ ଗୁଣବତ୍ତା ତଦାରଖ ଏବଂ ନିରୀକ୍ଷଣ (ଡବ୍ଲ୍ୟୁକ୍ୟୁଏମ୍‌ଆଣ୍ଡଏସ୍)

ଜେଜେଏମ୍ ପରିଚାଳନା ନିର୍ଦ୍ଦେଶାବଳୀର ଅଧ୍ୟାୟ-10 ଅନୁଯାୟୀ, ପାନୀୟ ଜଳର ଗୁଣବତ୍ତା ନିରୀକ୍ଷଣ କାର୍ଯ୍ୟ ଆର୍‌ଡବ୍ଲୁଏସ୍‌ଏସ୍ (ଅର୍ଥାତ୍ ଯେଉଁ ଏଜେନ୍ସୀ ଜଳ ଯୋଗାଣ ଓ ଗୁଣବତ୍ତା ନିରୀକ୍ଷଣ ପାଇଁ ଦାୟିତ୍ୱପ୍ରାପ୍ତ) ଦ୍ୱାରା କରାଯିବାର ଥିଲା, । ତଳସ୍ତରରେ (ଗ୍ରାସରୁଟ୍ ଲେଭେଲ୍) ଜଳ ଗୁଣବତ୍ତାର ନିରୀକ୍ଷଣ ଦାୟିତ୍ୱ ଗ୍ରାମ ପଞ୍ଚାୟତ (ଜିପି) / ଗ୍ରାମୀଣ ଗୋଷ୍ଠୀଙ୍କ ଉପରେ ଥିଲା । ଜଳ ଗୁଣବତ୍ତା ତଦାରଖରେ ଜଳ ଉତ୍ସ ଓ ଏଫ୍‌ଏଚ୍‌ଟିସି ଗୁଡ଼ିକରୁ ସଂଗୃହୀତ ଜଳ ନମୁନାର ପରୀକ୍ଷାଗାରରେ ପରୀକ୍ଷା ଓ କ୍ଷେତ୍ର ପରୀକ୍ଷା (ଏଫ୍‌ଟିକେ ବ୍ୟବହାର କରି) ସମ୍ମିଳିତ ଥିଲା । ମନିଟରିଂ ଉଦ୍ଦେଶ୍ୟରେ ବିଭାଗ ଦ୍ୱାରା ଜଳ ଗୁଣବତ୍ତା ସେନ୍ସର ଓ ଆଇଓଟି ଆଧାରିତ ମନିଟରିଂ ପ୍ରଣାଳୀ ବ୍ୟବହାର କରିବା ଥିଲା । ଆର୍‌ଡବ୍ଲୁଏସ୍‌ଏସ୍ ଦ୍ୱାରା ଅନଲାଇନ୍ ପୋର୍ଟାଲ୍ ଓ କ୍ଷେତ୍ର ଭ୍ରମଣ ମାଧ୍ୟମରେ ପ୍ରକ୍ରିୟାକୁ ତଦାରଖ କରାଯିବାର ଥିଲା ।

### *2.1.14.1 ଜଳ ଗୁଣବତ୍ତା ପରୀକ୍ଷାଗାରର ଅଭାବ ଓ ଉନ୍ନତିକରଣ ନହେବା*

ଜେଜେଏମ୍ ନିର୍ଦ୍ଦେଶାବଳୀ ଅନୁଯାୟୀ, ଗ୍ରାମୀଣ ଜଳ ଗୁଣବତ୍ତା ତଦାରଖ ପାଇଁ ରାଜ୍ୟ / ଜିଲ୍ଲା/ ବ୍ଲକ୍ ସ୍ତରର ଏବଂ ମୋବାଇଲ୍ ପରୀକ୍ଷାଗାର ଗୁଡ଼ିକର ବ୍ୟବହାର କରିବାକୁ ନିର୍ଦ୍ଦେଶ ଥିଲା । ପରୀକ୍ଷାଗାର ଗୁଡ଼ିକୁ ମାନବଶକ୍ତି, ଭିତ୍ତିଭୂମି, ଉପକରଣ, ଏଏମ୍‌ସି ଏବଂ ପରୀକ୍ଷା କାର୍ଯ୍ୟଦକ୍ଷତାର ମୂଲ୍ୟାୟନ ମାଧ୍ୟମରେ ସମୟ ସମୟରେ ଅପଗ୍ରେଡ[27] କରିବା ଓ ଚିହ୍ନଟ ସମସ୍ୟା ଦୂର କରିବା ପାଇଁ ସୁଧାର ଯୋଜନା ପ୍ରସ୍ତୁତ କରିବାର ଥିଲା ।

ଅଡିଟ୍ ଦେଖିଲା ଯେ, ରାଜ୍ୟରେ ମୋଟ 77 ଟି ଜଳ ଗୁଣବତ୍ତା ପରୀକ୍ଷାଗାର ଥିଲା । ଏଥିରେ ଗୋଟିଏ ରାଜ୍ୟ ସ୍ତରୀୟ, 30 ଟି ଜିଲ୍ଲା ସ୍ତରୀୟ ଏବଂ 46 ଟି ଉପ-ଡ଼ିଭିଜନ ସ୍ତରର ପରୀକ୍ଷାଗାର (ଏସ୍‌ଡିଏଲ୍‌ଏଲ୍) ଥିଲା । କିନ୍ତୁ ଅଗଷ୍ଟ 2024 ପର୍ଯ୍ୟନ୍ତ ରାଜ୍ୟରେ ଗୋଟିଏ ମଧ ମୋବାଇଲ୍ ପରୀକ୍ଷାଗାର ନଥିଲା ।

ଯାଞ୍ଚ ହୋଇଥିବା ପାଞ୍ଚଟି ଜିଲ୍ଲାରେ ପରୀକ୍ଷାଗାରର ସ୍ଥିତି **ସାରଣୀ 2.1.10** ରେ ଦିଆଯାଇଛି ।

***ସାରଣୀ 2.1.10: ପରୀକ୍ଷା ହୋଇଥିବା ଜିଲ୍ଲାଗୁଡ଼ିକରେ ପରୀକ୍ଷାଗାରର ସ୍ଥିତି***

| କ୍ର.ସଂ. | ଜିଲ୍ଲା | ବ୍ଲକ୍/ ଉପ-ବିଭାଗ ସଂଖ୍ୟା | ସ୍ଥାପିତ ଏସ୍‌ଡିଏଲ୍‌ଏଲ୍ ସଂଖ୍ୟା | ଅପଗ୍ରେଡ୍ ହୋଇଥିବା ପରୀକ୍ଷାଗାର | କାର୍ଯ୍ୟରତ ପରୀକ୍ଷାଗାର ସଂଖ୍ୟା |
|---|---|---|---|---|---|
| 1 | ବାଲେଶ୍ୱର | 03 | 02 | 00 | 02 |
| 2 | ବରଗଡ଼ | 02 | 02 | 00 | 02 |
| 3 | କନ୍ଧମାଳ | 02 | 02 | 02 | 02 |
| 4 | ମାଲକାନଗିରି | 02 | 01 | 00 | 01 |
| 5 | ପୁରୀ | 03 | 02 | 00 | 02 |
| ମୋଟ | | **12** | **09** | **02** | **09** |

***(ଉତ୍ସ: ସମ୍ବନ୍ଧିତ ଆର୍‌ଡବ୍ଲ୍ୟୁଏସ୍‌ଆଣ୍ଡଏସ୍ ବିଭାଗ ଓ ଇଆଇସି, ଆର୍‌ଡବ୍ଲ୍ୟୁଏସ୍‌ଏସ୍, ଓଡ଼ିଶା ଦ୍ୱାରା ଦିଆଯାଇଥିବା ସୂଚନା)***

ଅଡିଟ୍ ଦେଖିଲା ଯେ:

- ସମସ୍ତ ନମୁନା ଯାଞ୍ଚ ହୋଇଥିବା ଜିଲ୍ଲାରେ ଜିଲ୍ଲା ସ୍ତରୀୟ ପରୀକ୍ଷାଗାର ଗୁଡ଼ିକ ଏସ୍‌ଡିଏଲ୍‌ଏଲ୍ ଭାବରେ କାର୍ଯ୍ୟ କରୁଥିଲେ । କେବଳ କନ୍ଧମାଳ ଜିଲ୍ଲାର ଦୁଇଟି ପରୀକ୍ଷାଗାର ଉନ୍ନତିକରଣ ହୋଇଥିଲା ଏବଂ ତିନୋଟି ଜିଲ୍ଲାରେ ଏସ୍‌ଡିଏଲ୍‌ଏଲ୍‌ର ଅଭାବ ଥିଲା ।

[27] ଜେଜେଏମ୍ ନିର୍ଦ୍ଦେଶାବଳୀ ଅନୁଯାୟୀ, ଜଳ ଗୁଣବତ୍ତା ପର୍ଯ୍ୟବେକ୍ଷଣ ଓ ତଦାରଖ କାର୍ଯ୍ୟକଳାପ ମଧ୍ୟରେ, ଅନ୍ୟ କଥା ସହିତ, ସବ୍-ଡିଭିଜନ୍ ପରୀକ୍ଷାଗାର ସ୍ଥାପନ/ ଉନ୍ନତି କରି ଜଳ ଗୁଣବତ୍ତା ପରୀକ୍ଷଣ ପରୀକ୍ଷାଗାରଗୁଡ଼ିକୁ ସୁଦୃଢ଼ କରିବା ଏବଂ ପରୀକ୍ଷାଗାର ମୂଲ୍ୟାଙ୍କନ ଓ ଉନ୍ନତି ଯୋଜନା ହାତକୁ ନେଇ ତଦାରଖ କରିବା, ଅନ୍ତର୍ଭୁକ୍ତ ।

- ଜିଲ୍ଲା ପରୀକ୍ଷାଗାର କିମ୍ବା ଏସ୍‌ଡିଏଲ୍‌ଏଲ୍ କୌଣସିଟିରେ ମଧ ଜଳ ଗୁଣବତ୍ତା ପରୀକ୍ଷା ପାଇଁ ନିର୍ଦ୍ଦିଷ୍ଟ ପରୀକ୍ଷଣ ସୁବିଧା ଉପଲବ୍ଧ ନଥିଲା ।

ଏହିପରି, ଜେଜେଏମ୍‌ର ଡବ୍ଲ୍ୟୁକ୍ୟୁଏମ୍‌ଆଣ୍ଡଏସ୍ ଉପାଦାନ ଅଧୀନରେ ପାଣ୍ଠି ଉପଲବ୍ଧ ଥିବା ସତ୍ତ୍ୱେ, ଇଆଇସି, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଦ୍ୱାରା ପରୀକ୍ଷାଗାରଗୁଡ଼ିକର ଉନ୍ନତିକରଣ ଓ ସୁଧାର କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଇନଥିଲା ।

### 2.1.14.2 ଜଳ ଗୁଣବତ୍ତା ପରୀକ୍ଷାଗାରର ମାନ୍ୟତାରେ ଅଭାବ

ଜେଜେଏମ୍ ପରିଚାଳନା ନିର୍ଦ୍ଦେଶାବଳୀର ଅଧ୍ୟାୟ-10 ଅନୁଯାୟୀ, ଡବ୍ଲ୍ୟୁକ୍ୟୁଏମ୍‌ଆଣ୍ଡଏସ୍ ଅଧିନର କାର୍ଯ୍ୟକଳାପ ପାଇଁ ପରୀକ୍ଷାଗାର ଗୁଡ଼ିକୁ ଆଇଏସ୍/ଆଇଏସ୍‌ଓ/ ଆଇଇସି: 17025 ଅନୁସାରେ ପାନୀୟ ଜଳ ଗୁଣବତ୍ତା ପରୀକ୍ଷା ପାଇଁ ମାନ୍ୟତା[28] ହାସଲ କରିବା ଆବଶ୍ୟକତା ଥିଲା । ଏନ୍‌ଏବିଏଲ୍[29] ମାନ୍ୟତା ହେଉଛି ଏକ ପ୍ରକ୍ରିୟା, ଯାହା ପରୀକ୍ଷାଗାରର ପ୍ରଯୁକ୍ତି କ୍ଷମତାକୁ ଆନ୍ତର୍ଜାତୀୟ ମାନକ ସହ ତୁଳନା କରି ମୂଲ୍ୟାୟନ କରାଯାଏ, ଯେତେବେଳେ ସ୍ୱୀକୃତି, ଏନ୍‌ଏବିଏଲ୍ ଏକ୍ରେଡିଟେଡ୍ ରିପୋର୍ଟଗୁଡ଼ିକୁ ବିଭିନ୍ନ ସଂସ୍ଥା ଓ ସାଧାରଣ ଲୋକଙ୍କ ଦ୍ୱାରା ଗ୍ରହଣ କରାଯିବାକୁ ବୁଝାଯାଏ । ଏହି ଗ୍ରହଣଯୋଗ୍ୟ ପରୀକ୍ଷାଗାର ରିପୋର୍ଟର ସଠିକତା, ବୈଧତା ଓ ବିଶ୍ୱସନୀୟତାକୁ ସୁନିଶ୍ଚିତ କରେ ।

ଏହା ଦେଖାଯାଇଥିଲା ଯେ, 77 ଟି ଲାବୋରେଟୋରୀ ମଧ୍ୟରୁ 34 ଟି (44 ପ୍ରତିଶତ) ପରୀକ୍ଷାଗାର ଏନଏବିଏଲ୍ ଦ୍ୱାରା ମାନ୍ୟତାପ୍ରାପ୍ତ ହୋଇ ନ ଥିଲେ କିମ୍ବା ସ୍ୱୀକୃତ ହୋଇନଥିଲେ ଯାହା **ସାରଣୀ 2.1.11** ରେ ଦର୍ଶାଯାଇଛି ।

***ସାରଣୀ 2.1.11: ପରୀକ୍ଷାଗାର ଗୁଡ଼ିକର ସ୍ୱୀକୃତି ଓ ମାନ୍ୟତା ସ୍ଥିତି (ମାର୍ଚ୍ଚ 2024)***

| ପରୀକ୍ଷାଗାରର ପ୍ରକାର | ମୋଟ ସଂଖ୍ୟା | ଏନ୍‌ଏବିଏଲ୍ ସ୍ୱୀକୃତିପ୍ରାପ୍ତ | ସ୍ୱୀକୃତିପ୍ରାପ୍ତ | ସ୍ୱୀକୃତିପ୍ରାପ୍ତ ନଥିବା/ ସ୍ୱୀକୃତିପ୍ରାପ୍ତ |
|---|---|---|---|---|
| ରାଜ୍ୟ ସ୍ତର | 1 | 1 | – | 0 |
| ଜିଲ୍ଲା ସ୍ତର | 30 | 21 | 0 | 9 |
| ସବଡିଭିଜନାଲ ସ୍ତର | 46 | 4 | 17 | 25 |
| **ମୋଟ** | **77** | **26** | **17** | **34** |

***(ଉତ୍ସ: ରାଜ୍ୟ ପରୀକ୍ଷାଗାର ଦ୍ୱାରା ପ୍ରଦତ୍ତ ସୂଚନା)***

ଏନ୍‌ଏବିଏଲ୍ ମାନ୍ୟତା ପରୀକ୍ଷାଗାର ଗୁଡ଼ିକର ନିର୍ଦ୍ଦିଷ୍ଟ ପ୍ରକାରର ପରୀକ୍ଷଣ କିମ୍ବା କାଲିବ୍ରେସନ୍ କାର୍ଯ୍ୟ ସଠିକ୍ ଭାବେ କରିବାର କ୍ଷମତାକୁ ସୂଚିତ କରେ । ସେହି ହେତୁ ରାଜ୍ୟର ପରୀକ୍ଷାଗାର ଗୁଡ଼ିକ ଏନ୍‌ଏବିଏଲ୍ ମାନ୍ୟତା ପାଇନଥିବାରୁ ଜଳର ଗୁଣମାନ ପରୀକ୍ଷଣ ପାଇଁ ସେମାନଙ୍କର ବିଶ୍ୱସନୀୟତା ଏବଂ ଭରସାଯୋଗ୍ୟତା ଉପରେ ସନ୍ଦେହ ସୃଷ୍ଟି ହେଉଛି ।

### 2.1.14.3 ପରୀକ୍ଷାଗାରଗୁଡ଼ିକରେ କର୍ମଚାରୀ ଅଭାବ ଏବଂ ଅଚଳ ଉପକରଣ

ରାଜ୍ୟର ଜଳ ପରୀକ୍ଷାଗାର ଗୁଡ଼ିକରେ ଗୁରୁତର ଭାବେ କର୍ମଚାରୀ ଏବଂ ଉପକରଣର ଅଭାବ ଥିଲା । ଅନୁମୋଦିତ 422 ଟି ପଦବୀ ମଧ୍ୟରୁ କେବଳ 248 ଟି (53 ପ୍ରତିଶତ) ପଦବୀରେ କର୍ମଚାରୀ ନିଯୁକ୍ତ ଥିଲେ । ମାଇକ୍ରୋ-ବାୟୋଲୋଜିଷ୍ଟ (99 ପ୍ରତିଶତ), ଲାବୋରେଟୋରୀ ଆସିଷ୍ଟାଣ୍ଟ (42 ପ୍ରତିଶତ) ଏବଂ ଡାଟା ଏଣ୍ଟ୍ରି ଅପରେଟର (96 ପ୍ରତିଶତ) ଭଳି ମୁଖ୍ୟ ପଦବୀରେ ଗୁରୁତର ଅଭାବ ଦେଖାଗଲା ।

---

28 'ମାନ୍ୟତା' ହେଉଛି ଏକ କାର୍ଯ୍ୟକ୍ରମ ପ୍ରତିଷ୍ଠାନର ମାନକ ଗୁଣବତ୍ତା ପୂରଣ କରୁଛି କି ନାହିଁ ଯାଞ୍ଚ କରିବାର ଏକ ପ୍ରକ୍ରିୟା ଯେତେବେଳେ ବି 'ସ୍ୱୀକୃତି' ହେଉଛି ଏକ ଜାତୀୟ ସଂସ୍ଥା ଦ୍ୱାରା ଆନୁଷ୍ଠାନିକ ସ୍ୱୀକୃତି ତାହା ଏକ ପ୍ରତିଷ୍ଠାନ, କାର୍ଯ୍ୟକ୍ରମ କିମ୍ବା ଯୋଗ୍ୟତା ବୈଧ ଏବଂ କାର୍ଯ୍ୟର ଆଇନଗତ ଆବଶ୍ୟକତା ପୂରଣ କରେ ।

29 ପରୀକ୍ଷଣ ଏବଂ କାଲିବ୍ରେସନ ପାଇଁ ଜାତୀୟ ମାନ୍ୟତା ବୋର୍ଡ

ରାଜ୍ୟର ପରୀକ୍ଷାଗାରଗୁଡ଼ିକରେ ବୈଷୟିକ କର୍ମଚାରୀଙ୍କ ସ୍ଥିତି **ଚାର୍ଟ 2.1.3** ରେ ଦର୍ଶାଯାଇଛି ।

**ଚାର୍ଟ 2.1.3:** ***ରାଜ୍ୟର ପରୀକ୍ଷାଗାରଗୁଡ଼ିକରେ ବୈଷୟିକ କର୍ମଚାରୀଙ୍କ ଉପଲବ୍ଧତା***




***(ଉତ୍ସ: ଇଆଇସି, ଆର୍‌ଡବ୍ଲ୍ୟୁଏସ୍‌ଏସ୍, ଓଡ଼ିଶା ଦ୍ୱାରା ଯୋଗାଇଦିଆଯାଇଥିବା ସୂଚନା)***

ଅଡିଟରେ ପାଞ୍ଚଟି ନମୁନା ଜିଲ୍ଲାରେ ଥିବା ନଅଟି ଲାବୋରେଟୋରୀ (ଏସ୍‌ଡିଏଲ୍‌ଏଲ୍) ଯାଞ୍ଚ କରି ଦେଖିଲା ଯେ ସେପ୍ଟେମ୍ବର 2024 ସୁଦ୍ଧା:

- ବୈଷୟିକ କର୍ମଚାରୀଙ୍କ ଖାଲି ପଦବୀର ପ୍ରତିଶତ 35 ରୁ 50 ମଧ୍ୟରେ ଥିଲା । ଚୟନିତ ଚାରୋଟି ଜିଲ୍ଲାର ଲାବୋରେଟୋରୀଗୁଡ଼ିକରେ (କନ୍ଧମାଳକୁ ଛାଡ଼ି), 31 ଜଣ ଲାବୋରେଟୋରୀ କର୍ମଚାରୀଙ୍କ ମଧ୍ୟରୁ 15 ଜଣଙ୍କୁ ପୂର୍ବ ପାଞ୍ଚ ବର୍ଷ ମଧ୍ୟରେ କୌଣସି ଦକ୍ଷତା ଉନ୍ନତି ପ୍ରଶିକ୍ଷଣ ଦିଆଯାଇନଥିଲା ।

- ଡବ୍ଲ୍ୟୁକ୍ୟୁଏମ୍‌ଆଣ୍ଡଏସ୍‌ର ମୁଖ୍ୟ କାର୍ଯ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ରାଜ୍ୟ/ଜିଲ୍ଲା/ ଉପ-ବିଭାଗ/ ବ୍ଲକ୍/ ମୋବାଇଲ୍ ଲାବୋରେଟରୀ ସ୍ଥାପନା କିମ୍ବା ଉନ୍ନତି କରି ଜଳ ଗୁଣବତ୍ତା ପରୀକ୍ଷାଗାରଗୁଡ଼ିକୁ ସୁଦୃଢ଼ କରିବା ଏବଂ ଲାବୋରେଟରୀ ମୂଲ୍ୟାୟନ ଓ ସୁଧାର ଯୋଜନା ମାଧ୍ୟମରେ ନିରୀକ୍ଷଣ କରିବା । ଏହି ମୂଲ୍ୟାୟନରେ ଉପକରଣଗୁଡ଼ିକର ରକ୍ଷା ତଦାରଖ ପାଇଁ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି (ଏଏମ୍‌ସି) ବ୍ୟବସ୍ଥା ଅନ୍ତର୍ଭୁକ୍ତ ଥିଲା । ଆଠଟି ଲାବୋରେଟରୀରେ ଡିଷ୍ଟିଲେସନ୍ ପ୍ଲାଣ୍ଟ, ଜଳ ପ୍ୟୁରିଫାୟର, ଟର୍ବିଡିଟି ମିଟର, ଫ୍ଲୋରାଇଡ୍ ମିଟର ଇତ୍ୟାଦି ସହିତ 14 ଟି ଆବଶ୍ୟକ ଉପକରଣ ଅଚଳ ଅବସ୍ଥାରେ ପଡ଼ିଥିଲା । ବିଗତ ପାଞ୍ଚ ବର୍ଷରେ ରାଜ୍ୟର କୌଣସି ଲାବୋରେଟରୀରେ ଏଏମ୍‌ସି କରାଯାଇନଥିଲା ।

କର୍ମଚାରୀ ଅଭାବ, ପ୍ରଶିକ୍ଷଣର ଅଭାବ ଏବଂ ଅଚଳ ଉପକରଣ ପରୀକ୍ଷାଗାର ଗୁଡ଼ିକରେ ଜଳ ପରୀକ୍ଷଣର ଗୁଣମାନକୁ ହ୍ରାସ କରିଥିଲା । ଫଳସ୍ୱରୂପ, ଛଅଟି ପରୀକ୍ଷାଗାରରେ[30] ନମୁନା ପରୀକ୍ଷଣ ପାଇଁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ପୂରଣରେ 101 ରୁ 4,749 ପର୍ଯ୍ୟନ୍ତ ପରୀକ୍ଷାର ଅଭାବ ଦେଖାଗଲା ।

ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ପାନୀୟ ଜଳ ଏବଂ ପରିମଳ ନିର୍ଦ୍ଦେଶକ  କର୍ମଚାରୀ ଅଭାବକୁ ସ୍ୱୀକାର କରି କହିଥିଲେ (ଜାନୁଆରୀ 2025) ଯେ କର୍ମଚାରୀ ନିଯୁକ୍ତି ପାଇଁ ପ୍ରସ୍ତାବ ଆରମ୍ଭ କରାଯାଇଛି । ତଥାପି, ଜେଜେଏମ୍ କାର୍ଯ୍ୟାନ୍ୱୟନର ପାଞ୍ଚ ବର୍ଷ ପରେ ମଧ ରାଜ୍ୟ ପରୀକ୍ଷାଗାରଗୁଡ଼ିକୁ ଅବଶ୍ୟକ ମାନବ ସମ୍ବଳ ଯୋଗାଇବାରେ ବିଫଳ ଥିଲା ।

30 ବରଗଡ଼ ଜିଲ୍ଲା ପରୀକ୍ଷାଗାର, ମାଲକାନଗିରି ଜିଲ୍ଲା ପରୀକ୍ଷାଗାର, ମାଥିଲି ଏସ୍‌ଡିଏଲ୍‌ଏଲ୍, ଜି.ଉଦାୟଗିରି ଏସ୍‌ଡିଏଲ୍‌ଏଲ୍, ବାଲିଗୁଡ଼ା ଏସ୍‌ଡିଏଲ୍‌ଏଲ୍ ଏବଂ ପୁରୀ ଡିଏଲ୍‌ଏଲ୍

### 2.1.14.4 ନମୁନା ପରୀକ୍ଷଣର ଅପର୍ଯ୍ୟାପ୍ତତା

ଜେଜେଏମ୍ ପରିଚାଳନା ନିର୍ଦ୍ଦେଶାବଳୀର ଅନୁସାରେ, ଏସ୍‌ଡିଏଲ୍‌ଏଲ୍ ଗୁଡିକ ତାଙ୍କ ଅଧୀନରେ ଥିବା 100 ପ୍ରତିଶତ ଜଳ ଉତ୍ସକୁ ପ୍ରତିବର୍ଷ ରାସାୟନିକ ପାରାମିଟର ପାଇଁ ଗୋଟିଏ ଥର ଏବଂ ବ୍ୟାକ୍ଟେରିଓଲୋଜିକାଲ୍ ପାରାମିଟର ପାଇଁ (ବର୍ଷା ଦିନ ପୂର୍ବରୁ ଓ ପରେ) ଦୁଇଥର ପରୀକ୍ଷା କରିବା ଆବଶ୍ୟକ । ସେହିପରି, ଜିଲ୍ଲା ପରୀକ୍ଷାଗାର ଗୁଡିକ ପ୍ରତିମାସ 250ଟି ଜଳ ଉତ୍ସ ନମୁନା (ଅର୍ଥାତ୍ ପ୍ରତିବର୍ଷ 3,000) ପରୀକ୍ଷା କରିବାକୁ ଥିଲା, ଯାହା ଏସ୍‌ଡିଏଲଏଲ ଦ୍ୱାରା ସକାରାତ୍ମକ ଭାବେ ପରୀକ୍ଷିତ ନମୁନା ସମେତ ସମସ୍ତ ଉତ୍ସରୁ ଅନିୟମିତ ଭାବରେ ନମୁନା ଗ୍ରହଣ କରାଯିବା ଥିଲା ।

ଅଡିଟରେ ଦେଖାଗଲା ଯେ ପାଞ୍ଚଟି ନମୁନା ଯାଞ୍ଚ ଜିଲ୍ଲାରେ ଜିଲ୍ଲା ପରୀକ୍ଷାଗାର ଗୁଡିକ ପ୍ରତିମାସ 250ଟି ନମୁନା ପରୀକ୍ଷା କରିଥିଲେ । କିନ୍ତୁ ଏସ୍‌ଡିଏଲଏଲ ନଥିବା କାରଣରୁ, ଜିଲ୍ଲା ପରୀକ୍ଷାଗାର ଗୁଡିକୁ ଏସ୍‌ଡିଏଲଏଲ ଭାବେ କାମ କରି 100 ପ୍ରତିଶତ ଜଳ ଉତ୍ସ ପରୀକ୍ଷା କରିବା ଆବଶ୍ୟକ ଥିଲା, ଯାହା କରାଯାଇନଥିଲା ।

ପାଞ୍ଚଟି ଚୟନିତ ନମୁନା ଜିଲ୍ଲାର ପିଡବ୍ଲୁଏସ୍ ପ୍ରଣାଳୀରେ ଜଳ ଉତ୍ସ ପରୀକ୍ଷଣ ଫଳାଫଳ **ଚାର୍ଟ 2.1.4** ରେ ଦର୍ଶାଯାଇଛି (21 ଅକ୍ଟୋବର 2024 ସୁଦ୍ଧା) ।

**ଚାର୍ଟ 2.1.4: ଚୟନିତ ଜିଲ୍ଲାଗୁଡ଼ିକରେ ଉତ୍ସ ଭିତ୍ତିକ ଜଳ ଗୁଣବତ୍ତା ପରୀକ୍ଷାଗାର ପରୀକ୍ଷଣ ରିପୋର୍ଟ**




*(ଉତ୍ସ: ଜେଜେଏମ୍ ୱେବ୍ ପୋର୍ଟାଲ)*

ଉପରୋକ୍ତ ଚାର୍ଟରୁ ପ୍ରମାଣିତ ହୁଏ ଯେ ଚୟନିତ ଜିଲ୍ଲାଗୁଡିକରେ କେବଳ 40 ରୁ 64 ପ୍ରତିଶତ ପିଡବ୍ଲୁଏସ୍ ଜଳ ଉତ୍ସ ପରୀକ୍ଷା କରାଯାଇଥିଲା । ପିଡବ୍ଲୁଏସ ଜଳ ଉତ୍ସ ପରୀକ୍ଷଣ ଫଳାଫଳରୁ ଜଣାପଡିଲା ଯେ ତିନିଟି ଜିଲ୍ଲାରେ 30ଟି ପିଡବ୍ଲୁଏସ ଜଳ ଉତ୍ସ ଦୂଷିତ ଥିଲା । (ବାଲେଶ୍ୱର 3, ମାଲକାନାଗିରି 12, ପୁରୀ 15 ) କିନ୍ତୁ ଏହି ଦୂଷିତ ଜଳ ଉତ୍ସଗୁଡିକ ପାଇଁ କୌଣସି ସୁଧାରମୂଳକ ପଦକ୍ଷେପ ଗ୍ରହଣ କରାଯାଇନଥିଲା ।

ଏଥିରୁ ସ୍ପଷ୍ଟ ହୁଏ ଯେ ଜେଜେଏମ ଗାଇଡଲାଇନ୍ ଅନୁସାରେ ପରୀକ୍ଷାଗାର ଗୁଡିକ ଆବଶ୍ୟକ ସଂଖ୍ୟକ ନମୁନା ପରୀକ୍ଷା କରୁନଥିଲେ । ପରୀକ୍ଷଣର ସୀମିତ ଆବର୍ତ୍ତନ ଜଳ ଗୁଣବତ୍ତା ନିରୀକ୍ଷଣରେ ଗୁରୁତର ଅଭାବକୁ ଉଜାଗର କରେ, ଯାହା ଗ୍ରାମୀଣ ଘରୋଇ ପରିବାରଗୁଡିକୁ ସୁରକ୍ଷିତ ପାନୀୟ ଜଳ ଯୋଗାଇବା ଉଦ୍ଦେଶ୍ୟରେ ଜେଜେଏମ୍ ଲକ୍ଷ୍ୟକୁ କ୍ଷୁର୍ଣ୍ଣ କରୁଛି ।

ପାନୀୟ ଜଳ ଏବଂ ପରିମଳ ନିର୍ଦ୍ଦେଶକ କହିଥିଲେ (ଜାନୁଆରୀ 2025) ଯେ, ତୁରନ୍ତ ସମୟରେ ସୁଧାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି, କ୍ଷେତ୍ର ସ୍ତରରେ ନିରୀକ୍ଷଣ କରାଯାଇଛି ଏବଂ ପ୍ରତିମାସ 250 ଟି ନମୁନା ପରୀକ୍ଷାର ଲକ୍ଷ୍ୟ ପୂରଣ ହୋଇଛି । ତଥାପି, ଏହି ଉତ୍ତର ସନ୍ତୋଷଜନକ ନୁହେଁ, କାରଣ ଏସ୍‌ଡିଏଲ୍‌ଏଲ୍ ନଥିବା ସ୍ଥିତିରେ ଜିଲ୍ଲା ପରୀକ୍ଷାଗାରଗୁଡ଼ିକୁ ତାଙ୍କ ଅଧିନରେ ଥିବା ସମସ୍ତ ଜଳ ଉତ୍ସ ପରୀକ୍ଷା କରିବା ଆବଶ୍ୟକ ଥିଲା ।

### *2.1.14.5 ଅପର୍ଯ୍ୟାପ୍ତ ସଂଖ୍ୟକ ପାରାମିଟରର ପରୀକ୍ଷଣ*

ଜଳ ଜୀବନ ମିଶନର ମାର୍ଗଦର୍ଶିକା ଅନୁଯାୟୀ, ନିରାପତ୍ତା ସୁନିଶ୍ଚିତ କରିବା, ଯୋଗାଣ ଉପରେ ନଜର ରଖିବା ଏବଂ ପ୍ରଦୂଷଣ ଓ ସଂକ୍ରମଣକୁ ଚିହ୍ନଟ କରିବା ଏବଂ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ଲାଗି ଜଳ ପରୀକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏସ୍‌ଡିଏଲ୍‌ଏଲ୍‌ମାନେ ଅତି କମରେ 13 ଟି ମୌଳିକ ପାରାମିଟର (ପିଏଚ୍, ଟିଡିଏସ, ଗୋଳିଆପଣ, କ୍ଲୋରାଇଡ୍, କ୍ଷାରତା ଇତ୍ୟାଦି) ପାଇଁ ଏକ ବ୍ଲକରେ ଥିବା ସମସ୍ତ ଉତ୍ସକୁ ପରିକ୍ଷା କରିବା ଆବଶ୍ୟକ କରୁଥିବା ବେଳେ ଜିଲ୍ଲା ଏବଂ ରାଜ୍ୟ ପରୀକ୍ଷାଗାରଗୁଡ଼ିକ ଏହି 13 ଟି ପାରାମିଟର ପାଇଁ ନିମ୍ନ ସ୍ତରର ଲ୍ୟାବରୁ ପ୍ରାପ୍ତ ନମୁନାକୁ ପୁନଃ ପରୀକ୍ଷା କରିବାକୁ ହେବ ।

ଅଡିଟ୍ ଦେଖିଲା ଯେ ନମୁନା ହୋଇଥିବା ଜିଲ୍ଲା ସ୍ତରୀୟ ପରୀକ୍ଷାଗାର ଏବଂ ଏସଡିଏଲ୍‌ଏଲ୍ ଗୁଡ଼ିକ ସମସ୍ତ ନିର୍ଦ୍ଦିଷ୍ଟ ପାରାମିଟର ପାଇଁ ନମୁନା ପରୀକ୍ଷା କରୁନଥିଲେ । ଜିଲ୍ଲା ଲାବୋରେଟୋରୀରେ ପାରାମିଟରର ପରୀକ୍ଷଣ 9 ରୁ 14 ମଧ୍ୟରେ ଥିବାବେଳେ ଏସଡିଏଲ୍‌ଏଲ୍‌ରେ ସେପ୍ଟେମ୍ବର 2024 ସୁଦ୍ଧା ଏହା 8 ରୁ 13 ମଧ୍ୟରେ ଥିଲା, ଯାହା **ସାରଣୀ 2.1.12** ରେ ବର୍ଣ୍ଣନା କରାଯାଇଛି ।

***ସାରଣୀ 2.1.12: ପରୀକ୍ଷଣ ଲାବୋରେଟୋରୀ ଦ୍ୱାରା ଯାଞ୍ଚ କରାଯାଇଥିବା ଜଳ ଗୁଣବତ୍ତା ପାରାମିଟର ସଂଖ୍ୟା***

| ଜିଲ୍ଲା ନାମ | ପରୀକ୍ଷା କରାଯାଇଥିବା ପାରାମିଟର | ଏସ୍‌ଡିଏଲ୍‌ଏଲ୍‌ର ନାମ | ପରୀକ୍ଷା କରାଯାଇଥିବା ପାରାମିଟର |
|---|---|---|---|
| ବାଲେଶ୍ୱର | 13 | ସୋରୋ | 10 |
| | | ଜଳେଶ୍ୱର | 8 |
| ବରଗଡ଼ | 10 | ପଦ୍ମପୁର | 10 |
| | | ଭଟଲି | 10 |
| କନ୍ଧମାଳ | 9 | ଜି.ଉଦୟଗିରି | 10 |
| | | ବାଲିଗୁଡ଼ା | 8 |
| ମାଲକାନଗିରି | 12 | ମାଥିଲି | 11 |
| ପୁରୀ | 14 | ଡେଲାଙ୍ଗ | 12 |
| | | ନିମାପଡ଼ା | 13 |

***(ଉତ୍ସ: ସମ୍ପୃକ୍ତ ଆରଡବ୍ଲ୍ୟୁଏସ୍ ଆଣ୍ଡ ଏସ୍ ଡିଭିଜନ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

ଉପରୋକ୍ତ ସାରଣୀରୁ ଦେଖାଯାଇପାରେ ଯେ ପାଞ୍ଚଟି ନମୁନା ଜିଲ୍ଲାରେ, ତିନୋଟି ଜିଲ୍ଲାସ୍ତରୀୟ ପରୀକ୍ଷାଗାର ଏବଂ ଆଠଟି ଏସଡିଏଲ୍‌ଏଲ୍ ମୌଳିକ ମାନଦଣ୍ଡ ପରୀକ୍ଷଣ ପାଇଁ ଜେଜେଏମ୍ ନିର୍ଦ୍ଦେଶାବଳୀକୁ ପାଳନ କରିନଥିଲେ । ଏହା ପର୍ଯ୍ୟାପ୍ତ ଜଳର ଗୁଣବତ୍ତା ଉପରେ ନଜର ରଖିବାର ଆଶଙ୍କା ସୃଷ୍ଟି କରିଥିଲା ଏବଂ ଜେଜେଏମ୍ ଅଧିନରେ ନିରାପଦ ପାନୀୟ ଜଳ ଯୋଗାଇବାର ଉଦ୍ଦେଶ୍ୟକୁ ଦୁର୍ବଳ କରିଥିଲା ।

### *2.1.14.6 ଜଳର ଗୁଣବତ୍ତା ବଜାୟ ରଖିବାରେ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ର ମାନକ ଅନୁପାଳନ ନକରିବା*

ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଉତ୍ସରେ ବିତରଣ ପ୍ରଣାଳୀ ମଧ୍ୟରେ ଏବଂ ଉପଭୋକ୍ତା ସ୍ତରରେ ଜଳର ଗୁଣବତ୍ତା ପରୀକ୍ଷା କରାଯିବା ଆବଶ୍ୟକ । ଆଇଏସ୍ 10,500: 2012 ମାନକ ଅନୁସାରେ, ପାନୀୟ ଜଳ ନିର୍ଦ୍ଧାରିତ ଗ୍ରହଣୀୟ ସୀମା ପୂରଣ କରିବା ଉଚିତ୍ । ଗ୍ରହଣୀୟ ସୀମା ବାହାରେ ଥିବା ମୂଲ୍ୟ ଜଳକୁ ଅନୁପଯୁକ୍ତ କରିଥାଏ କିନ୍ତୁ, କେବଳ ଏକ ବିକଳ୍ପ ଉତ୍ସର ଅନୁପସ୍ଥିତିରେ ଅନୁମତି ପ୍ରାପ୍ତ ସୀମା ପର୍ଯ୍ୟନ୍ତ ସହ୍ୟ କରାଯାଇପାରେ । ଯଦି ଅନୁମତିପ୍ରାପ୍ତ ସୀମା ମଧ୍ୟ ଅତିକ୍ରମ କରେ ତେବେ ଉତ୍ସକୁ ପ୍ରତ୍ୟାଖ୍ୟାନ କରାଯିବା ଉଚିତ୍ । ତଥାପି ଗ୍ରହଣୀୟ ସୀମା କାର୍ଯ୍ୟକାରୀ କରିବାକୁ ସୁପାରିଶ କରାଯାଇଥିଲା ।

***i) ମାମଲା ଅଧ୍ୟୟନ:*** ଏକ ମାମଲା ଅଧ୍ୟୟନ ଭାବରେ ଅଡିଟ୍ ପୁରୀ ଜିଲ୍ଲା ପରୀକ୍ଷାଗାରରେ କୃଷ୍ଣପ୍ରସାଦ ଏବଂ ବ୍ରହ୍ମଗିରି ବ୍ଲକର ଜଳ ଓ ଗୁଣବତ୍ତା ପରୀକ୍ଷା ରେଜିଷ୍ଟରକୁ ସମୀକ୍ଷା କରିଥିଲା, ଯାହା **ସାରଣୀ 2.1.13** ରେ ଦର୍ଶାଯାଇଥିବା ନିର୍ଦ୍ଦିଷ୍ଟ ମାନକରୁ ଗୁରୁତର ବିଚ୍ୟୁତି ପ୍ରକାଶ କରିଥିଲା ।

***ସାରଣୀ 2.1.13: ପୁରୀ ଜିଲ୍ଲାର ଦୁଇଟି ବ୍ଲକର ଜଳ ଗୁଣବତ୍ତା ପାରାମିଟର ମୂଲ୍ୟ ବନାମ ଗ୍ରହଣଯୋଗ୍ୟ/ ଅନୁମତିପ୍ରାପ୍ତ ସୀମା***

| ପାରାମିଟର | ଅବସ୍ଥାନ ଓ ତାରିଖ | ଗ୍ରହଣୀୟ ସୀମା / ଅନୁମତିପ୍ରାପ୍ତ ସୀମା | ପର୍ଯ୍ୟବେକ୍ଷଣ ମୂଲ୍ୟ |
|---|---|---|---|
| ସମ୍ପୂର୍ଣ୍ଣ ଦ୍ରବୀଭୂତ କଠିନ ପଦାର୍ଥ | ଜେନାପୁର-1, ଜେନାପୁର ଗ୍ରାମ ପଞ୍ଚାୟତ, ଡେଲାଙ୍ଗ, ପୁରୀ (29/08/2024)* | ଏଏଲ୍: 500 ମିଲିଗ୍ରାମ/ ଲିଟର ପିଏଲ୍: 2000 ମିଲିଗ୍ରାମ/ ଲିଟର | 1960.4 ମିଲିଗ୍ରାମ/ ଲିଟର |
| କ୍ଲୋରାଇଡ୍ | ଜେନାପୁର-1, ଜେନାପୁର ଗ୍ରାମ ପଞ୍ଚାୟତ, ଡେଲାଙ୍ଗ, ପୁରୀ (29/08/2024) | ଏଏଲ୍: 250 ମିଲିଗ୍ରାମ/ ଲିଟର ପିଏଲ୍: 1000 ମିଲିଗ୍ରାମ/ ଲିଟର | 984 ମିଲିଗ୍ରାମ/ ଲିଟର |
| | ଗୌଡ଼ିଆ ବନ୍ଧ, ମନପଡ଼ା ଗ୍ରାମ ପଞ୍ଚାୟତ, ବ୍ରହ୍ମଗିରି ବ୍ଲକ (04/11/2023) | | 1420 ମିଲିଗ୍ରାମ/ ଲିଟର |
| ସମ୍ପୂର୍ଣ୍ଣ କଠିନତା | ସାନାଗାଁ ସରସ୍ୱତୀପୁର ଗ୍ରାମ ପଞ୍ଚାୟତ (14/09/2023) | ଏଏଲ୍: 200 ମିଲିଗ୍ରାମ/ ଲିଟର ପିଏଲ୍: 600 ମିଲିଗ୍ରାମ/ ଲିଟର | 360 ମିଲିଗ୍ରାମ/ ଲିଟର |
| | ହାଣ୍ଡଆଳି, ଗଦାରୋ-ଧାଙ୍ଗା ଗ୍ରାମ ପଞ୍ଚାୟତ(14/09/2023) | | 692 ମିଲିଗ୍ରାମ/ ଲିଟର |
| ଫ୍ଲୋରାଇଡ୍ | ପାଟପୁର, ସାତପଡ଼ା ଗ୍ରାମ ପଞ୍ଚାୟତ, କୃଷ୍ଣ ପ୍ରସାଦ ବ୍ଲକ (05/01/2023) | ଏଏଲ୍: 1 ମିଲିଗ୍ରାମ/ ଲିଟର ପିଏଲ୍: 1.5 ମିଲିଗ୍ରାମ/ ଲିଟର | 2.26 ମିଲିଗ୍ରାମ/ ଲିଟର |
| | ଅନିଆ, ସାତପଡ଼ା ଗ୍ରାମ ପଞ୍ଚାୟତ, କୃଷ୍ଣ ପ୍ରସାଦ ବ୍ଲକ (05/01/2023) | | 1.75 ମିଲିଗ୍ରାମ/ ଲିଟର |
| | ବାଦଝାଡ଼ା, ସାତପଡ଼ା ଗ୍ରାମ ପଞ୍ଚାୟତ, କୃଷ୍ଣ ପ୍ରସାଦ ବ୍ଲକ (05/01/2023) | | 2.2 ମିଲିଗ୍ରାମ/ ଲିଟର |

***(ଉତ୍ସ: ସମ୍ପୃକ୍ତ ଡିଭିଜନ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

*** ଦର୍ଶାଯାଇଥିବା ତାରିଖଗୁଡ଼ିକ ହେଉଛି ସେହି ତାରିଖଗୁଡ଼ିକ ଯାହା ସହିତ ରିପୋର୍ଟ ଗୁଡ଼ିକ ସମ୍ବନ୍ଧିତ***

ଉପରୋକ୍ତ ସାରଣୀରୁ ଏହା ଦେଖାଯାଇପାରେ ଯେ ଯଦିଓ ଦୁଇଟି ବ୍ଲକର ପାଣିରେ ସମୁଦାୟ କଠିନତା ଏବଂ ଫ୍ଲୋରାଇଡ ପରିମାଣ ଅନୁମତିପ୍ରାପ୍ତ ସୀମା ଏବଂ ଗ୍ରହଣୀୟ ସୀମାଠାରୁ ଅଧିକ ଥିଲା, ତଥାପି ସମାନ ଜଳ କୌଣସି ବିଶୋଧନ ବିନା ପରିବାରକୁ ଯୋଗାଇ ଦିଆଯାଇଥିଲା ।

10ଟି ଗ୍ରାମରେ ଏଫ୍ ଜିଡି ସମୟରେ, ସରପଞ୍ଚ ଏବଂ ଗ୍ରାମବାସୀ, ଜଳର ଗୁଣବତ୍ତା ସମସ୍ୟା ବିଷୟରେ ଅଭିଯୋଗ କରିଥିଲେ ଯେପରିକି ଯୋଗାଣ ପାଣିରେ ଲୌହ ମାତ୍ରାର ଉପସ୍ଥିତି, ସମ୍ପୂର୍ଣ୍ଣ କଠିନତା, ଗୋଳିଆପଣ, ଲବଣତା ଇତ୍ୟାଦି । ତଥାପି ଜଳର ଗୁଣବତ୍ତାରେ ଉନ୍ନତି ଆଣିବା ପାଇଁ ଆରଡବ୍ଲ୍ୟୁଏସଏସ ଡିଭିଜନ ଦ୍ୱାରା କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନଥିଲା ।

ପୁରୀ ପିପିଲି ବ୍ଲକ ସରସ୍ୱତୀପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସାନାଗାଁ ଗ୍ରାମରେ 23 ଜଣଙ୍କ ମଧ୍ୟରୁ 19 ଜଣ ହିତାଧିକାରୀ କହିଥିଲେ ଯେ ଅତ୍ୟଧିକ କଠିନତା ହେତୁ ସେମାନେ ପିଇବା କିମ୍ବା ରୋଷେଇ ପାଇଁ ପାଇପ ପାଣି ବ୍ୟବହାର କରୁନଥିଲେ, ଯାହା ଚାଉଳ ଏବଂ ଡାଲି ରାନ୍ଧିବା କଷ୍ଟକର ହୋଇପଡୁଥିଲା । ପିଇବା ଉଦ୍ଦେଶ୍ୟରେ ହିତାଧିକାରୀମାନେ ଗାଁର ଅନ୍ୟ ପ୍ରାନ୍ତରେ ଥିବା ସ୍କୁଲ ନଳକୂପରୁ ପାଣି ସଂଗ୍ରହ କରୁଥିଲେ । ଜିପି ପ୍ରଶାସନ ଏବଂ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଏହି ବିଷୟରେ ଅବଗତ ଥିଲେ, କିନ୍ତୁ ଏପର୍ଯ୍ୟନ୍ତ କୌଣସି ଗୁଣବତ୍ତା ନିୟନ୍ତ୍ରଣ ପଦକ୍ଷେପ ନିଆଯାଇନଥିଲା ।

ସ୍ୱାସ୍ଥ୍ୟ ଏବଂ ଉପଯୋଗିତା ଉପରେ ପ୍ରତିକୂଳ ପ୍ରଭାବ ସତ୍ତ୍ୱେ ପୁରୀ ଜିଲ୍ଲାରେ କୌଣସି ଗୋଷ୍ଠୀ ଜଳ ବିଶୋଧନାଗାର (ସିଡବ୍ଲ୍ୟୁପିପି) ପ୍ରତିଷ୍ଠା କରାଯାଇନଥିଲା କିମ୍ବା କୌଣସି ବିକଳ୍ପ ସୁରକ୍ଷିତ ଜଳ ଉତ୍ସ ଅନୁସନ୍ଧାନ କରାଯାଇନଥିଲା, ଯାହା ବ୍ୟବହାରକାରୀଙ୍କୁ ଅସୁରକ୍ଷିତ ଜଳ ବ୍ୟବହାର କରିବାକୁ ବାଧ କରିଥିଲା ।

***ii) ମିଳିତ ସରଜମିନ ତଦନ୍ତର ଫଳାଫଳ :*** ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ମିଳିତ ସରଜମିନ ତଦନ୍ତ ସମୟରେ, ଅଡିଟ୍ ଟିମ୍ 40ଟି ଗ୍ରାମର ଜଳ ଯୋଗାଣ ଭିତ୍ତିଭୂମିରେ ଥିବା ଉତ୍ସ ସ୍ଥାନରୁ ଜଳ ନମୁନା ସଂଗ୍ରହ କରିଥିଲେ ଏବଂ ଏହି ନମୁନାଗୁଡିକୁ ସଂପୃକ୍ତ ଏସ୍‌ଡିଏଲ୍‌ଏଲ୍‌ରେ ପରୀକ୍ଷା କରିଥିଲେ । ଚାରୋଟି ନମୁନା ଜିଲ୍ଲାରେ,

ସମୁଦାୟ କଠିନତା,କ୍ଷାରତା, ଗୋଳିଆପଣ, କ୍ଲୋରାଇଡ ପରିମାଣ ଇତ୍ୟାଦି ପାରାମିଟରରେ ମୂଲ୍ୟ ନିର୍ଦ୍ଧାରିତ ମାନକଠାରୁ ଅଧିକ ଥିଲା।

ଜୁଲାଇରୁ ସେପ୍ଟେମ୍ବର 2024 ମଧ୍ୟରେ ଯାଞ୍ଚ ହୋଇଥିବା ଜିଲ୍ଲାର 40ଟି ଗ୍ରାମର 816 ହିତାଧିକାରୀଙ୍କର ଅଡିଟ୍ ସାକ୍ଷାତକାର ନେଇଥିଲେ। ଏମାନଙ୍କ ମଧ୍ୟରୁ 162 ଜଣ (20 ପ୍ରତିଶତ) କହିଛନ୍ତି ଯେ ସେମାନଙ୍କ ଅଞ୍ଚଳରେ ଜଳବାହିତ ରୋଗ ବାରମ୍ବାର ଦେଖାଯାଉଥିଲା।

***iii) ଯାଞ୍ଚ ହୋଇଥିବା ବିଦ୍ୟାଳୟ ଏବଂ ଅଙ୍ଗନବାଡ଼ିରେ ଜଳର ଗୁଣବତ୍ତା :*** ଅଡିଟ ମଧ୍ୟ ପାଞ୍ଚଟି ନମୁନା ଜିଲ୍ଲାର 19ଟି ବିଦ୍ୟାଳୟ ଏବଂ ଏଡବ୍ଲ୍ୟୁସି ପରିଦର୍ଶନ କରିଥିଲେ ଯେଉଁଠାରେ ଛାତ୍ର ଏବଂ ଶିକ୍ଷକ କର୍ମଚାରୀମାନେ ପାଣିର ଖରାପ ସ୍ୱାଦ ବିଷୟରେ ଅଭିଯୋଗ କରିଥିଲେ। ଏହି ଅନୁଷ୍ଠାନର କର୍ମଚାରୀମାନେ ରିପୋର୍ଟ କରିଥିଲେ ଯେ ଜଳର ଗୁଣବତ୍ତା ଖରାପ ଥିବାରୁ ପିଲାମାନେ ଯୋଗାଇ ଦିଆଯାଉଥିବା ପାଣି ପିଇବାକୁ ଅନିଚ୍ଛା ପ୍ରକାଶ କରିଥିଲେ।

ସ୍ଥାନୀୟ ହିତାଧିକାରୀଙ୍କ ସହ ସାକ୍ଷାତକାର ଏବଂ ଏଫଡିଜି ମାଧ୍ୟମରେ ଅଡିଟ୍ ଫଳାଫଳରୁ ଜଣାପଡିଥିଲା ଯେ ଜିଲ୍ଲାରେ ପାନୀୟ ଜଳର ଗୁଣବତ୍ତା ବ୍ୟବହାର ପାଇଁ ସଂପୂର୍ଣ୍ଣ ସୁରକ୍ଷିତ ନଥିଲା। ଉଚ୍ଚ ଫ୍ଲୋରାଇଡ ସ୍ତରର ଉପସ୍ଥିତି କଙ୍କାଳ ଫ୍ଲୋରୋସିସିର ଆଶଙ୍କା ସୃଷ୍ଟି କରିଥିଲା ଏବଂ ଉଚ୍ଚ ଲୌହ ସ୍ତର ସ୍ୱାଦ, ହଜମ ଏବଂ ସ୍ୱାଦକୁ ପ୍ରଭାବିତ କରିଥିଲା ଏବଂ ରୋଗର କାରଣ ହୋଇଥିଲା। ଅଧିକନ୍ତୁ ପାନୀୟ ଜଳର ଗୁଣବତ୍ତା ପାଇଁ ବିଆଇଏସ୍ ମାନକ ଜିଲ୍ଲା କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁସରଣ କରାଯାଇନଥିଲା।

### *2.1.14.7 ଅପର୍ଯ୍ୟାପ୍ତ ଜଳର ଗୁଣବତ୍ତା ପର୍ଯ୍ୟବେକ୍ଷଣ ଏବଂ ନିରୀକ୍ଷଣ*

ଜେଜେଏମ୍ ନିର୍ଦ୍ଦେଶାବଳୀ ଅନୁଯାୟୀ, ଜଳ ଗୁଣବତ୍ତା ପର୍ଯ୍ୟବେକ୍ଷଣ ଏବଂ ନିରୀକ୍ଷଣ କାର୍ଯ୍ୟକଳାପଗୁଡ଼ିକରେ ଏହି ସବୁ କାର୍ଯ୍ୟକଳାପ ଅର୍ନ୍ତଭୁକ୍ତ ଯଥା, ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ଜିପି/ ପିଆର୍ଆଇ ଇତ୍ୟାଦିରେ ଜଳର ଗୁଣବତ୍ତା ଉପରେ ସଚେତନତା ଏବଂ ଶିକ୍ଷା କାର୍ଯ୍ୟକ୍ରମ ; ନିରୀକ୍ଷଣ କାର୍ଯ୍ୟକଳାପରେ ସମ୍ପ୍ରଦାୟର ସଂପୃକ୍ତି ଯେପରିକି ବାଧ୍ୟତାମୂଳକ ପରିମଳ ଯାଞ୍ଚ ଏବଂ ଜଳର ଗୁଣବତ୍ତା ପରୀକ୍ଷଣର ଏଫ୍‌ଟିକେ ବ୍ୟବହାର କରି ଜଳର ଗୁଣବତ୍ତାର ଆନୁମାନିକ ପରୀକ୍ଷଣ କରିବାକୁ ସମ୍ପ୍ରଦାୟଗୁଡ଼ିକୁ ସକ୍ଷମ କରିବା; ସମସ୍ତ ପ୍ରମୁଖ ହିତାଧିକାରୀଙ୍କୁ ଫଳାଫଳ ଏସ୍ଏମ୍ଏସ୍ ମାଧ୍ୟମରେ ଅବଗତ କରାଇବା। ସମ୍ପ୍ରଦାୟର ସମସ୍ତ ପ୍ରମୁଖ ଅଂଶଦାର ଯଥା ସରପଞ୍ଚ, ଉପ-ସରପଞ୍ଚ, ଜିପି ସଦସ୍ୟ/ ଭିଡବ୍ଲ୍ୟୁଏସସି ଇତ୍ୟାଦିଙ୍କୁ ଏସ୍ଏମ୍ଏସ୍ ମାଧ୍ୟମରେ ସମ୍ପ୍ରଦାୟ ମଧ୍ୟରେ ଜଳ ଗୁଣବତ୍ତା ପରୀକ୍ଷାର ଫଳାଫଳ ବାଣ୍ଟିବା । ପାନୀୟ ଜଳର ଗୁଣବତ୍ତା ଆରଡବ୍ଲ୍ୟୁଏସ୍ଏସ୍ ଦ୍ୱାରା ତଦାରଖ କରାଯିବା ଉଚିତ, ଯେହେତୁ ଏହା ଜଳର ଗୁଣବତ୍ତା ପାଇଁ ଦାୟୀ ଏଜେନ୍ସି ଅଟେ, ସେହିପରି ତୃଣମୂଳ ସ୍ତରରେ ଜଳର ଗୁଣବତ୍ତା ଉପରେ ନଜର ରଖିବା ଜିପି / ଗ୍ରାମୀଣ ଗୋଷ୍ଠୀ ର ଦାୟିତ୍ୱ ହେବ।

ଏହି ପରିପ୍ରେକ୍ଷୀରେ ଅଡିଟ୍ ଦେଖିଲା ଯେ:

1. ଅଗଷ୍ଟ 2019 ରୁ ମାର୍ଚ୍ଚ 2024 ମଧ୍ୟରେ ବିଦ୍ୟାଳୟ, ଅଙ୍ଗନବାଡ଼ି, ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ଜିପିରେ ଆରଡବ୍ଲ୍ୟୁଏସ୍ଏସ୍ ଅଧିକାରୀ, ଜିପି ଏବଂ / କିମ୍ବା ସେମାନଙ୍କର ସବ୍-କମିଟିଙ୍କ ଦ୍ୱାରା ଜଳର ଗୁଣବତ୍ତା ପରିଚାଳନା ଏବଂ ନିରୀକ୍ଷଣ ଉପରେ କୌଣସି ସଚେତନତା ଅଭିଯାନ କିମ୍ବା ଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇନଥିଲା।

2. ନିରୀକ୍ଷଣ କାର୍ଯ୍ୟକଳାପ ଯଥା ବାଧ୍ୟତାମୂଳକ ପରିମଳ ଯାଞ୍ଚ ଆରଡବ୍ଲ୍ୟୁଏସ୍ଏସ୍ ଅଧିକାରୀ, ଜିପି ଏବଂ ସେମାନଙ୍କର ସବ୍ -କମିଟି ଦ୍ୱାରା କରାଯାଇନଥିଲା।

3. ଜଳର ଗୁଣବତ୍ତା ପରୀକ୍ଷଣର ଫଳାଫଳ ସଂପ୍ରଦାୟ ମଧ୍ୟରେ ଅଂଶୀଦାର ହୋଇନଥିଲା । ରାସାୟନିକ ଏବଂ ଜୀବାଣୁ ବିଜ୍ଞାନ ପରୀକ୍ଷାଗାର ପଜିଟିଭି ଚିହ୍ନଟ ହେବାର ଫଳାଫଳ ଜେଜେଏମ୍ ପୋର୍ଟାଲର ଆଇଏମ୍ଆଇଏସ୍‌ରେ ଅପଲୋଡ କରାଯାଇନଥିଲା।

4. ଜେଜେଏମ୍ ନିର୍ଦ୍ଦେଶାବଳୀ ଅନୁଯାୟୀ, ଜିପି ଏବଂ ଭିଡବ୍ଲ୍ୟୁଏସସି ଇତ୍ୟାଦି, ଏଫଟିକେ/ ଜୀବାଣୁ ବିଜ୍ଞାନ ଶିସି ବ୍ୟବହାର କରି ଜଳର ଗୁଣବତ୍ତା ପରୀକ୍ଷା କରିବା ଏବଂ ଫଳାଫଳ ରିପୋର୍ଟ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ପାଞ୍ଚ ଜଣ ମହିଳାଙ୍କୁ ଚିହ୍ନଟ କରିବା, ତାଲିମ ଦେବା ଏବଂ ନିଯୁକ୍ତ କରିବାର

ଥିଲା । ଅଡିଟ୍ ଲକ୍ଷ୍ୟ କଲା ଯେ ସ୍ଥାନୀୟ ଅଞ୍ଚଳର ମହିଳାମାନଙ୍କୁ ଏହିପରି ଜଳ ଗୁଣବତ୍ତା ପରୀକ୍ଷା କରିବା ପାଇଁ ଅନ୍ତର୍ଭୁକ୍ତ କରାଯାଇନଥିଲା ।

5. ଓଡ଼ିଶା ସରକାର 2024-25 ପାଇଁ ଡବ୍ଲ୍ୟୁକ୍ୟୁଏମ୍ଆଣ୍ଡଏସ୍ ପ୍ରୋଗ୍ରାମ ଜର୍ଣ୍ଣାଲ୍ ଅନୁଯାୟୀ, 2021-22 ରୁ 2023-24 ମଧ୍ୟରେ 93,613 ଜଣ ମହିଳାଙ୍କୁ ଏଫ୍‌ଟିକେ ବ୍ୟବହାର କରି ଜଳର ଗୁଣବତ୍ତା ପରୀକ୍ଷା କରିବା ପାଇଁ ତାଲିମ୍ ପ୍ରଦାନ କରାଯାଇଥିଲା । ପାଞ୍ଚଟି ନମୁନା ଜିଲ୍ଲାରେ ମହିଳା ଗ୍ରାମବାସୀଙ୍କୁ ଏଫଟିକେ ତାଲିମ ଦେବା ପାଇଁ 70.04 ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ତେବେ, ପରୀକ୍ଷଣ ହୋଇଥିବା ଗ୍ରାମଗୁଡିକରେ ଅଡିଟ୍ ଏଫଟିକେ ବ୍ୟବହାର ପାଇଁ ତାଲିମପ୍ରାପ୍ତ କୌଣସି ମହିଳାଙ୍କୁ ପାଇପାରିନଥିଲା । ରାଜ୍ୟ ସ୍ତରରେ ତାଲିମପ୍ରାପ୍ତ ମହିଳାଙ୍କ ଡାଟାବେସର ଅଭାବରେ, ସମସ୍ତ ଗ୍ରାମରେ ଆବଶ୍ୟକ ସଂଖ୍ୟକ ମହିଳାଙ୍କୁ ଏଫଟିକେ ତାଲିମ ଦିଆଯାଇଛି କି ନାହିଁ ତାହା ମଧ୍ୟ ଅଡିଟ୍ ନିଶ୍ଚିତ କରିପାରିନଥିଲା ।

ତେଣୁ, ଜଳ ଜୀବନ ମିଶନର ନିର୍ଦ୍ଦେଶାବଳୀ ଅନୁଯାୟୀ ପାଞ୍ଚଟି ନମୁନା ଜିଲ୍ଲାରେ ଜଳର ଗୁଣବତ୍ତା ପରୀକ୍ଷା ଏବଂ ତଦାରଖ ପର୍ଯ୍ୟାପ୍ତ ନଥିଲା ।

ପିଆର ଆଣ୍ଡ ଡିଡବ୍ଲ୍ୟୁ ବିଭାଗର ପାନୀୟ ଜଳ ଏବଂ ପରିମଳ ନିର୍ଦ୍ଦେଶକ (ଜାନୁଆରୀ 2025) କହିଚନ୍ତି ଯେ ଅଡିଟ୍ ନିର୍ଦ୍ଦେଶରେ ପରୀକ୍ଷଣ ହୋଇଥିବା ଗ୍ରାମଗୁଡିକରେ ପ୍ରତିକାର ପଦକ୍ଷେପ ନିଆଯାଇଛି ।

### *2.1.14.8 ଦୂଷିତ ଭୂତଳ ଜଳ ଅଞ୍ଚଳରେ ଗୋଷ୍ଠୀ ଜଳ ବିଶୋଧନାଗାର ସ୍ଥାପନ*

କମ୍ୟୁନିଟି ୱାଟର ପ୍ୟୁରିଫିକେସନ୍ ପ୍ଲାଣ୍ଟ (ସିଡବ୍ଲ୍ୟୁପିପି) ହେଉଛି ଏକ ପ୍ରଣାଳୀ ଯାହା ଜଳର ଭୌତିକ, ରାସାୟନିକ କିମ୍ବା ଜୀବାଣୁ ଗୁଣବତ୍ତାକୁ ରାଜ୍ୟ ସ୍ୱାସ୍ଥ୍ୟ ମାନକ ବୋର୍ଡ ସହିତ ଅନୁପାଳନ କରିବା ପାଇଁ ବ୍ୟବହାର କିମ୍ବା ଉନ୍ନତ କରିବାକୁ ଲକ୍ଷ୍ୟ ରଖେ । ଆର୍ସେନିକ, ଫ୍ଲୋରାଇଡ, ଆଇରନ ଏବଂ ଅନ୍ୟାନ୍ୟ ଭାରୀ ଧାତୁ ପ୍ରଭାବିତ ଅଞ୍ଚଳରେ ତୁରନ୍ତ ଆସକ୍ତି ପ୍ରଦାନ କରିବା ପାଇଁ ଜେଜେଏମ୍ ମାର୍ଗଦର୍ଶୀକାରେ ପାନୀୟ ଏବଂ ରୋଷେଇ ଉଦ୍ଦେଶ୍ୟରେ ସ୍ୱଳ୍ପକାଳୀନ ଉପାୟ ଭାବରେ 8-10 ଏଲପିସିଡି ଯୋଗାଇବା ପାଇଁ ସିଡବ୍ଲ୍ୟୁପିପି ସ୍ଥାପନ କରାଯାଇପାରେ । ତେବେ, ଏକ ସ୍ଥାୟୀ ପଦକ୍ଷେପ ସ୍ୱରୂପ, 55 ଏଲପିସିଡି ଜଳ ଦେବା ସହିତ ଏଫଏଚ୍‌ଟିସି ଯୋଗାଇବା ପାଇଁ ନିରାପଦ ଭୂତଳ ଜଳ (ନିକଟସ୍ଥ ଗ୍ରାମରୁ) କିମ୍ବା ଭୂପୃଷ୍ଠ ଜଳ ଯୋଗାଣ ଭିତ୍ତିକ ବ୍ୟବସ୍ଥା ପ୍ରତିଷ୍ଠା କରାଯିବାର ଥିଲା । ବିଶେଷ କରି ଆର୍ସେନିକ୍. ଫ୍ଲୋରାଇଡ, ୟୁରାନିୟମ ଭଳି, ପ୍ରଦୂଷକ ପଦାର୍ଥ ଥିବା ଏହି ବସ୍ତିଗୁଡିକରେ ପାନୀୟ ଜଳ ଯୋଗାଣ ଉପରେ ପ୍ରାଥମିକତା ଦିଆଯିବର ଥିଲା ।

ଓଡ଼ିଶାର 19 ଟି ଜିଲ୍ଲାରେ ଭୂତଳ ଜଳରେ ଫ୍ଲୋରାଇଡ୍, ଆର୍ସେନିକ୍ ଓ ୟୁରାନିୟମ ପ୍ରଦୂଷଣ ହୋଇଥିଲେ ମଧ ଆଠଟି ଜିଲ୍ଲାରେ ମାତ୍ର 46ଟି ସିଡବ୍ଲ୍ୟୁପିପି ପ୍ରତିଷ୍ଠା କରାଯାଇଥିଲା । ସେଥିମଧ୍ୟରୁ ଚାରୋଟି ଜିଲ୍ଲା (ଅନୁଗୁଳ, ବରଗଡ଼, ଖୋର୍ଦ୍ଧା ଓ ନବରଙ୍ଗପୁର)ରେ 24 ଟି (ଆୟନ୍ ଏକ୍ସଚେନ୍ଜ ପ୍ଲାଣ୍ଟ) ସିଡବ୍ଲ୍ୟୁପିପି ଏବଂ ଚାରୋଟି ଜିଲ୍ଲାରେ (ବଲାଙ୍ଗୀର, କଟକ, ମୟୁରଭଞ୍ଜ ଓ ନୟାଗଡ଼) 22 ଟି ଇଲେକ୍ଟ୍ରିକ୍ ଡିଫ୍ଲୋରାଇଡେସନ୍ ପ୍ଲାଣ୍ଟ ରହିଥିଲା । ଏହି ପ୍ଲାଣ୍ଟଗୁଡ଼ିକ 23,222 ଜନସଂଖ୍ୟା ବିଶିଷ୍ଟ 41 ଟି ପଡ଼ାରେ ପରିସରଭୁକ୍ତ ହୋଇଥିଲା । ଜଳ ବିଶୋଧନ ପାଇଁ ସରକାର ଅବଶିଷ୍ଟ ସ୍ଥାନରେ କୌଣସି ସିଡବ୍ଲ୍ୟୁପିପି ସ୍ଥାପନ କରିନଥିଲେ ।

ନମୁନା ଯାଞ୍ଚ ହୋଇଥିବା ଜିଲ୍ଲାଗୁଡ଼ିକରେ ଅଡିଟ୍ ଦେଖିଲା ଯେ କୌଣସି ସିଡବ୍ଲ୍ୟୁପିପି ପ୍ରତିଷ୍ଠା କରାଯାଇନଥିଲା । ତେବେ, ଏହି ଜିଲ୍ଲାଗୁଡ଼ିକରେ 176 ଟି ଲୌହ ଅପସାରଣ କାରଖାନା, ଫ୍ଲୋରାଇଡ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (88) ଏବଂ 32 ଟି ଜଳ ବିଶୋଧନ କେନ୍ଦ୍ର (ଡବ୍ଲ୍ୟୁଟିପି) ବିଦ୍ୟମାନ ଥିଲା ।

ତେଣୁ, ପର୍ଯ୍ୟାପ୍ତ ସଂଖ୍ୟକ ବିଶୋଧନାଗାର ସ୍ଥାପନ ହୋଇନଥିବାରୁ ଯାଞ୍ଚ କରାଯାଇଥିବା ଜିଲ୍ଲାଗୁଡ଼ିକର ଗୁଣବତ୍ତା ପ୍ରଭାବିତ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ଆବଶ୍ୟକ ପ୍ରାଥମିକତା ଦିଆଯାଇ ନଥିଲା ।

ବିଭାଗ କହିଥିଲା (ଜାନୁଆରୀ 2025) ଯେ, ରାଜ୍ୟରେ 808 ଟି ଗୁଣବତ୍ତା ପ୍ରଭାବିତ ଜନବସତି ରହିଛି । ଏହାର ସମାଧାନ ପାଇଁ ରାଜ୍ୟ ଏହି ବସ୍ତିଗୁଡ଼ିକରେ 1,200 ଲୌହ ଅପସାରଣ କାରଖାନା ଏବଂ 1,415 ଫ୍ଲୋରାଇଡ୍ ଅପସାରଣ କାରଖାନା ସ୍ଥାପନ କରିଥିଲା । ତେବେ, ରାଜ୍ୟ ସିଡବ୍ଲ୍ୟୁପିପି ଆଭିମୁଖ୍ୟକୁ ବାଛିଲା ନାହିଁ କାରଣ ଏହା

ଦୀର୍ଘକଳୀନ ଭିତ୍ତିରେ ଅସମ୍ଭବ ବୋଲି ବିବେଚନା କରାଯାଇଥିଲା । ନିରାପଦ ପାନୀୟ ଜଳ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ଭୂପୃଷ୍ଠ ଜଳ ଭିତ୍ତିକ ବୃହତ୍ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରୁଛି ।

ଏହି ଉତ୍ତର ଗ୍ରହଣୀୟ ନୁହେଁ କାରଣ ବୃହତ୍ ଜଳ ପ୍ରକଳ୍ପ 96 ଲକ୍ଷ ପରିବାର ମଧ୍ୟରୁ 55 ଲକ୍ଷ ପରିବାରକୁ ଅନ୍ତର୍ଭୁକ୍ତ କରିବ (2011 ଜନଗଣନା ଅନୁଯାୟୀ) ଏବଂ ଅବଶିଷ୍ଟ ଜନସଂଖ୍ୟାକୁ ସୁରକ୍ଷିତ ପାନୀୟ ଜଳ ପାଇଁ ଏସଭିଏସ୍ ଏବଂ ଏମଭିଏସ୍ ଏବଂ ଅନ୍ୟାନ୍ୟ ଜଳ ଉତ୍ସ ଉପରେ ନିର୍ଭର କରିବାକୁ ପଡ଼ିବ, ଯେଉଁଥିପାଇଁ ସିଡବ୍ଲ୍ୟୁପିପି ଆବଶ୍ୟକ ଥିଲା, ଯାହା ଜେଜେଏମ୍ ନିର୍ଦ୍ଦେଶାବଳୀରେ ଧାର୍ଯ୍ୟ କରାଯାଇଥିଲା ।

## 2.1.15 ଜଳ ଯୋଗାଣ ପାଇଁ ବୈଷୟିକ କାର୍ଯ୍ୟକଳାପ ଏବଂ ନୂତନତ୍ୱ

ଜଳ ଜୀବନ ମିଶନ ପରିଚାଳନା ମାର୍ଗଦର୍ଶିକାର ଅଧ୍ୟାୟ 8 ରେ ଗ୍ରାମାଞ୍ଚଳ ଜଳ ଯୋଗାଣରେ ଥିବା ସମସ୍ୟା ଯଥା ଜଳ ପ୍ରଦୂଷଣ, ଦୂରଗାମୀ ଜଳ ପରିବହନ, ବିଦ୍ୟୁତ୍ ଆବଶ୍ୟକତା, ବର୍ଜ୍ୟଜଳ ନିଷ୍କାସନ, ଲିକେଜ୍ ଏବଂ ଜଳର ଅପବ୍ୟବହାର ଭଳି ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ବୈଷୟିକ କାର୍ଯ୍ୟକଳାପର ଆବଶ୍ୟକତା ଉପରେ ଆଲୋକପାତ କରାଯାଇଥିଲା ।

### *2.1.15.1* କଠିନ ପଥର, ପାହାଡ଼ିଆ ଓ ଉପକୂଳ ଅଞ୍ଚଳରେ ବୈଷୟିକ କାର୍ଯ୍ୟକ୍ରମ ଏବଂ ଯୋଜନା ଓ ତଦାରଖରେ ନିର୍ଦ୍ଧାରିତ ପ୍ରଯୁକ୍ତି ବିଦ୍ୟାର ଅଣ-ବ୍ୟବହାର

ଜଳ ଜୀବନ ମିଶନର ପରିଚାଳନା ନିର୍ଦ୍ଦେଶାବଳୀରେ କଠିନ ପଥରଥିବା ଅଞ୍ଚଳରେ ଭୂତଳ ଜଳ ପ୍ରବେଶ ପାଇଁ କୁଶଳୀକାରୀଗର ତଦାରଖରେ ବୋର-ବ୍ଲାଷ୍ଟ, ଫ୍ରାକ୍ଚର ସିଲ୍ ସିମେଣ୍ଟେସନ, ଷ୍ଟିମ୍ ବ୍ଲାଷ୍ଟିଂ ଇତ୍ୟାଦି କୌଶଳ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି । ପାହାଡ଼ିଆ ଅଞ୍ଚଳରେ, ବିଶେଷ କରି ଅଧିକ ଉଚ୍ଚତାରେ, ଝରଣା ଭିତ୍ତିକ ଉତ୍ସ, ବର୍ଷା ଜଳ ସଂରକ୍ଷଣ ଏବଂ ଏକକ ବୋରୱେଲକୁ ଅର୍ଥନୈତିକ ବିକଳ୍ପ ଭାବରେ ବିବେଚନା କରାଯାଉଥିଲା ।

ଅଡିଟରୁ ଜଣାପଡ଼ିଥିଲା ଯେ ଓଡ଼ିଶା କଠିନ ପଥୁରିଆ ଅଞ୍ଚଳ ହୋଇଥିବାରୁ ପାହାଡ଼ିଆ ଓ କଠିନ ପଥରଥିବା ଅଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ କୌଣସି ବୈଷୟିକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇ ନଥିଲା । ବର୍ଷା ଜଳ ଅମଳ ପ୍ରକଳ୍ପ ମଧ୍ୟ ସରକାରଙ୍କ ଦ୍ୱାରା ଯୋଜନା କରାଯାଇ ନଥିଲା ।

ଜେଜେଏମ୍ ମାର୍ଗଦର୍ଶିକାର ଅନୁଚ୍ଛେଦ 8.4 ଭୂତଳ ଜଳ ସମ୍ଭାବନାକୁ ଆକଳନ କରିବା ପାଇଁ ଆଇଓଟି, ଭୌଗୋଳିକ ସୂଚନା ପ୍ରଣାଳୀ (ଜିଆଇଏସ୍), ହାଇଡ୍ରୋ-ଜିଓ-ମର୍ଫୋଲୋଜିକାଲ ମ୍ୟାପ୍ (ଏଚ୍‌ଜିଏମ୍)[31] ଭଳି ଆଧୁନିକ ଜ୍ଞାନ କୌଶଳର ବ୍ୟବହାର ପାଇଁ ପରାମର୍ଶ ଦିଏ ।

ଅଡିଟରୁ ଜଣାପଡ଼ିଥିଲା ଯେ ନମୁନା ଯାଞ୍ଚ ହୋଇଥିବା ଜିଲ୍ଲା ଗୁଡ଼ିକରେ ଆରଡବ୍ଲ୍ୟୁଏସ୍‌ଏସ୍ ଡିଭିଜନ୍ ଗୁଡ଼ିକ 2019-24 ମଧ୍ୟରେ ଜେଜେଏମ୍ ଅଧିନରେ ଗ୍ରାମ ଗୁଡ଼ିକୁ ପ୍ରାଥମିକତା ଦେବା ପାଇଁ ଟେକ୍‌ନୋଲୋଜି/ ସଫ୍‌ଟୱେୟାରର ପ୍ରୟୋଗ କରିନଥିଲେ । ଯଦିଓ ଇଆଇସି କହିଥିଲେ ଯେ ହାଇଦ୍ରାବାଦର ନ୍ୟାସନାଲ୍ ରିମୋଟ୍ ସେନ୍ସିଂ ସେଣ୍ଟର ଦ୍ୱାରା ଯୋଗାଇ ଦିଆଯାଉଥିବା ଏଚ୍‌ଜିଏମ୍ ମାନଚିତ୍ର ଭୂତଳ ଜଳ ଉତ୍ସ ଚିହ୍ନଟ ପାଇଁ ବ୍ୟବହୃତ ହୋଇଥିଲା, ତଥାପି ଯାଞ୍ଚ ହୋଇଥିବା ଜିଲ୍ଲାଗୁଡ଼ିକର ଆରଡବ୍ଲ୍ୟୁଏସ୍‌ଏସ୍ ଡିଭିଜନ୍ କହିଛନ୍ତି ଯେ ଏପରି କୌଣସି ଏଚଜିଏମ୍ ମାନଚିତ୍ର ବ୍ୟବହାର କାରାଯାଉନଥିଲା । ଉପରୋକ୍ତ ଉପକରଣ ବ୍ୟତୀତ ସୁପରଭାଇଜରୀ କଣ୍ଟ୍ରୋଲ୍ ଆଣ୍ଡ ଡାଟା ଆକ୍ୟୁଜିସନ୍ (ଏସସିଏଡିଏ), ସେନ୍ସର, ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍, ଇତ୍ୟାଦି ଭଳି ନିର୍ଦ୍ଧାରିତ ଜ୍ଞାନକୌଶଳର ବ୍ୟବହାର ଦ୍ୱାରା ଉତ୍ତମ ଯୋଜନା ଏବଂ ନିରୀକ୍ଷଣ ବ୍ୟବସ୍ଥା ମିଳିପାରିଥାନ୍ତା ।

ତେଣୁ, ଜଳ ଜୀବନ ମିଶନ ଅଧିନରେ ନିର୍ଦ୍ଦିଷ୍ଟ ଜ୍ଞାନକୌଶଳ ଗ୍ରହଣ କରିବାରେ ଆରଡବ୍ଲ୍ୟୁଏସ୍‌ଏସ୍ ଡିଭିଜନର ବିଫଳତା ଦୁର୍ବଳ ଯୋଜନା, ଦୁର୍ବଳ ମନିଟରିଂ ଏବଂ ରାଜ୍ୟରେ ଜଳ ଯୋଗାଣର ସ୍ଥିରତା ଏବଂ ଗୁଣବତ୍ତା ସହିତ ସାଲିସ୍ କରିଥିଲା । ***ଅନୁଚ୍ଛେଦ 2.1.12.7*** ରେ ଆଲୋଚନା କରାଯାଇଥିବା ଅନୁଯାୟୀ ଶ୍ରୀପୁରୁଷୋତ୍ତମପୁର ଏବଂ

31 ହାଇଡ୍ରୋ-ଜିଓ-ମର୍ଫୋଲୋଜିକାଲ୍ (ଏଚ୍‌ଜିଏମ୍) ମାନଚିତ୍ର ହେଉଛି ଉପକରଣ ଯାହା ଭୂତଳ ଜଳ ସମ୍ଭାବନାକୁ ଆକଳନ କରିବା ଏବଂ ସ୍ଥାୟୀ ଜଳ ସମ୍ପଦ ପରିଚାଳନାକୁ ସୂଚନା ଦେବା ପାଇଁ ଭୂତାତ୍ତ୍ୱିକ, ଜଳ ବିଜ୍ଞାନ ଏବଂ ଜିଓମୋର୍ଫୋଲୋଜିକାଲ୍ ତଥ୍ୟକୁ ଏକୀକୃତ କରିଥାଏ, ବିଶେଷ କରି ନଳକୂପ ଏବଂ ଅନ୍ୟାନ୍ୟ ଜଳ ଭିତ୍ତିଭୂମି ପାଇଁ ଉପଯୁକ୍ତ ସ୍ଥାନ ଚିହ୍ନଟ କରିବା ପାଇଁ ।

ସାରଗାଇଲୋ (ପୁରୀ), ଟିକରପଡ଼ା (ମାଲକାନଗିରି) ଏବଂ ଭାଗିରଥିପୁର (ବାଲେଶ୍ୱର) ରେ ଜଳ ଲିକେଜ୍ ଏବଂ କ୍ଷତି ମାମଲା ନିର୍ଦ୍ଧାରିତ ଜ୍ଞାନକୌଶଳର ବ୍ୟବହାର ଦ୍ୱାରା ଏଡ଼ାଇ ଦିଆଯାଇପାରିଥାନ୍ତା ।

ପିଆର୍‌ଆଣ୍ଡ୍‌ଡିଡବ୍ଲ୍ୟୁ ବିଭାଗର ପାନୀୟ ଜଳ ଏବଂ ପରିମଳ ନିର୍ଦ୍ଦେଶକ (ଜାନୁଆରୀ 2025) ଆଶ୍ୱାସନା ଦେଇଥିଲେ ଯେ ଏହି ପରିପ୍ରେକ୍ଷୀରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗକୁ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରାଯିବ ।

## 2.1.16 ପର୍ଯ୍ୟାଲୋଚନା

### *2.1.16.1 ଜଳ ଅଡିଟ୍ ନକରିବା*

ଜଳ ଜୀବନ ମିଶନ ପରିଚାଳନା ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 8.7 ବିତରଣ ପ୍ରଣାଳୀରେ କ୍ଷତିକୁ କମ୍ କରିବା ଏବଂ ଜଳ ଯୋଗାଣର ଦକ୍ଷତା ବୃଦ୍ଧି ପାଇଁ ନିୟମିତ ଜଳ ଅଡିଟ୍ କରିବାକୁ ନିର୍ଦ୍ଦେଶ ଦିଏ । ଉଭୟ ଭୂତଳ ଜଳ ଏବଂ ଭୂପୃଷ୍ଠ ଜଳରୁ ସମୁଦାୟ ଜଳ ଉପଲବ୍ଧତାକୁ ଆକଳନ କରି ଏବଂ ଘରୋଇ, କୃଷି ଏବଂ ଶୀଳ୍ପ କ୍ଷେତ୍ରରେ ଜଳ ବ୍ୟବହାରର ମୂଲ୍ୟାଙ୍କନ କରି ରାଜ୍ୟଗୁଡ଼ିକ ପ୍ରତ୍ୟେକ ଗ୍ରାମ ପାଇଁ ଏକ ବିସ୍ତୃତ ଜଳ ବଜେଟ୍ ପ୍ରସ୍ତୁତ କରିବାରେ ଆବଶ୍ୟକତା ଥିଲା । ଏହା ବ୍ୟତୀତ, ଗୋଷ୍ଠୀ ମଧ୍ୟରେ ଜଳ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟାପକ ସଚେତନତା ଅଭିଯାନ କରାଯିବା ଉଚିତ୍ ଥିଲା ।

ଅଡିଟରୁ ଜଣାପଡ଼ିଥିଲା ଯେ ଜଳ ଜୀବନ ମିଶନ ଆରମ୍ଭ ହେବା ପରଠାରୁ ରାଜ୍ୟ ପକ୍ଷରୁ କୌଣସି ଜଳ ଅଡିଟ୍ କରାଯାଇ ନଥିଲା । ଫଳସ୍ୱରୁପ, ଜଳ କ୍ଷୟକୁ ରୋକିବା ଏବଂ ଜଳ ପରିଚାଳନା ଦକ୍ଷତାରେ ଉନ୍ନତି ଆଣିବା ପାଇଁ ସୁଯୋଗ ଅବ୍ୟବହୃତ ରହିଲା । ଭିଏପିଗୁଡ଼ିକରେ ଜଳ ବଜେଟ୍ ଧାରଣାର ଅଭାବ ଥିଲା ଏବଂ ଜିପି ଏବଂ ସେମାନଙ୍କର ସବ୍-କମିଟି ସହାୟତାରେ ଆରଡବ୍ଲ୍ୟୁଏସ୍ଏସ୍ ଅଧିକାରୀଙ୍କ ଦ୍ୱାରା ନମୁନା ଯାଞ୍ଚ ହୋଇଥିବା ବିଭାଗରେ ଜଳ ସଂରକ୍ଷଣ ଉପରେ କୌଣସି ସଚେତନତା ଅଭିଯାନ ଆୟୋଜନ କରାଯାଇ ନଥିଲା ।

ଜଳ ଅଡିଟ୍ ଏବଂ ଜଳ ବଜେଟ୍‌ର ଅନୁପସ୍ଥିତି ପ୍ରଭାବଶାଳୀରେ ଜଳ ସମ୍ପଦ ପରିଚାଳନାକୁ ଗୁରୁତର ଭାବରେ ଦୁର୍ବଳ କରିଥିଲା ଯାହା ଅନିୟନ୍ତ୍ରିତ କ୍ଷତି ଏବଂ ଦୁରୁପଯୋଗର କାରଣ ହୋଇଥିଲା ।

ପିଆର୍‌ଆଣ୍ଡ୍‌ଡିଡବ୍ଲ୍ୟୁ ବିଭାଗର, ପାନୀୟ ଜଳ ଏବଂ ପରିମଳ ନିର୍ଦ୍ଦେଶକ ସ୍ୱୀକାର କରିଥିଲେ (ଜାନୁଆରୀ 2025) ଯେ ଜଳ ଜୀବନ ମିଶନ ଆରମ୍ଭ ହେବା ପରଠାରୁ ଏକ ଆନୁଷ୍ଠାନିକ ଜଳ ଅଡିଟ୍ କରାଯାଇ ନାହିଁ ।

### *2.1.16.2 ସମ୍ପତ୍ତିର ଜିଓ ଟ୍ୟାଗିଂ କରାଯାଇନାହିଁ*

ପରିଚାଳନା ମାର୍ଗଦର୍ଶିକାର ଅନୁଚ୍ଛେଦ 11.1.1 ଅନୁଯାୟୀ , ବିଭିନ୍ନ ପ୍ରକଳ୍ପର ଭୌତିକ ପ୍ରଗତି, ସଂପତ୍ତିର ଜିଓ ଟ୍ୟାଗିଂ, ପ୍ରକଳ୍ପ ଉପରେ କରାଯାଇଥିବା ବ୍ୟୟ, ପ୍ରକଳ୍ପ କାର୍ଯ୍ୟକାରିତା ସ୍ଥିତି ସମ୍ବନ୍ଧୀୟ ତଥ୍ୟ ଜେଜେଏମ୍ ଆଇଏମ୍ଆଇଏସ୍ ରେ ପୂରଣ କରାଯିବ ଏବଂ ସର୍ବସାଧାରଣ ଡୋମେନରେ ରଖିବାର ଥିଲା । ରାଜ୍ୟରେ ଜଳ ଜୀବନ ମିଶନ ଅଧୀନରେ ଜଳ ଯୋଗାଣ ଯୋଜନାର ସଂପତ୍ତିର ଜିଓ ଟ୍ୟାଗିଂ ପାଇଁ ଆରଡବ୍ଲ୍ୟୁଏସ୍ଏସ୍ ଦାୟୀ ଥିଲା ।

ଅଡିଟ୍ ଦେଖିଲା ଯେ :

- ସେପ୍ଟେମ୍ବର 2024 ସୁଦ୍ଧା, ରାଜ୍ୟରେ ଜେଜେଏମ୍ ଅଧୀନରେ ସୃଷ୍ଟି ହୋଇଥିବା 12,634 ଉତ୍ସ ମଧ୍ୟରୁ କେବଳ 9,173 ଉତ୍ସର (72.6 ପ୍ରତିଶତ) ଜିଓ ଟ୍ୟାଗ୍ କରାଯାଇଥିଲା ।
- ସେହିଭଳି, ପରୀକ୍ଷା କରାଯାଇଥିବା ପାଞ୍ଚଟି ଜିଲ୍ଲାରେ, ଅଗଷ୍ଟ 2019 ପରଠାରୁ ଏହି ଯୋଜନା ଅଧୀନରେ ସୃଷ୍ଟି ହୋଇଥିବା 3,381 ଉତ୍ସ ମଧ୍ୟରୁ କେବଳ 2,173 ଟି ଉତ୍ସ (64 ପ୍ରତିଶତ) ଜିଓ-ଟ୍ୟାଗ୍ କରାଯାଇଥିଲା ।

ତେଣୁ, 27 ପ୍ରତିଶତ ସଂପତ୍ତିର ଜିଓ ଟ୍ୟାଗିଂ ନ ହେବା କାରଣରୁ, ଡିଭିଜନ୍ ଦ୍ୱାରା ପ୍ରକଳ୍ପର କାର୍ଯ୍ୟକାରିତାରେ ସ୍ୱଚ୍ଛତା ସୁନିଶ୍ଚିତ କରାଯାଇପାରିନଥିଲା ।

ଏହାର ଉତ୍ତରରେ ପିଆର୍‌ଆଣ୍ଡଡିଡବ୍ଲ୍ୟୁ ବିଭାଗର ପାନୀୟ ଜଳ ଏବଂ ପରିମଳ ନିର୍ଦ୍ଦେଶକ (ଜାନୁଆରୀ 2025) କହିଲେ ଯେ ରାଜ୍ୟ, ଜଳ ଉତ୍ସଗୁଡ଼ିକର ଜିଓ ଟ୍ୟାଗିଂ ପାଇଁ ସକ୍ରିୟ ଭାବରେ କାର୍ଯ୍ୟକାରୀ କରୁଛି । ରାଜ୍ୟରେ ସମସ୍ତ ଜଳ ସ୍ରୋତର ଜିଓ ଟ୍ୟାଗିଂ ହୋଇ ନଥିବାରୁ ଏହି ଉତ୍ତର ଗ୍ରହଣୀୟ ନଥିଲା ।

## 2.1.17 ଉପସଂହାର

ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦେବା ଲାଗି ସରକାରଙ୍କ ପ୍ରୟାସ ସତ୍ତ୍ୱେ 31 ପ୍ରତିଶତ ପରିବାରକୁ ଏପର୍ଯ୍ୟନ୍ତ ପାନୀୟ ଜଳ ଯୋଗାଇ ଦିଆଯାଇ ପାରିନଥିଲା । ରାଜ୍ୟର 207ଟି ବୃହତ୍ ପ୍ରକଳ୍ପ ମଧ୍ୟରୁ ମାତ୍ର ଦୁଇଟି ସଂପୂର୍ଣ୍ଣ ହୋଇଥିଲା ।

ଜୁଲାଇ 2024 ସୁଦ୍ଧା, 1,378 ଟି ଗ୍ରାମରେ ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ଯୋଜନା, କାର୍ଯ୍ୟକାରିତା ଏବଂ ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଦାୟୀ ଗ୍ରାମ ଜଳ ଏବଂ ପରିମଳ କମିଟି ଗଠନ ନହେବା ହେତୁ ବିଦ୍ୟମାନ ଭିଡବ୍ଲ୍ୟୁଏସ୍‌ସି ଗୁଡ଼ିକ ସେମାନଙ୍କର ନ୍ୟସ୍ତ ଭୂମିକା ଏବଂ ଦାୟିତ୍ୱ ତୁଲାଇବାରେ ବିଫଳ ହୋଇଥିଲେ । ଡିଏପି ଏବଂ ଏସଏପିଗୁଡ଼ିକ ତ୍ରୁଟିପୂର୍ଣ୍ଣ ଥିଲା, କାରଣ ଜେଜେଏମ୍ ନିର୍ଦ୍ଦେଶାବଳୀରେ ବର୍ଣ୍ଣିତ ଅନେକ ମାନଦଣ୍ଡ ଯୋଜନାରେ ଅନ୍ତର୍ଭୁକ୍ତ ହୋଇନଥିଲା । ଭିଏପି/ ଡିଏପିରେ ଏକ ଦୃଢ଼ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଯୋଜନାର ଅଭାବ ଜଳ ଯୋଗାଣ ପ୍ରକଳ୍ପର ସ୍ଥାୟୀତ୍ୱ ଉପରେ ପ୍ରତିକୂଳ ପ୍ରଭାବ ପକାଇଥିଲା, ଯାହା ଗ୍ରାମୀଣ ପରିବାରକୁ ନିରାପଦ ପାନୀୟ ଜଳ ଯୋଗାଣରେ ବାଧା ସୃଷ୍ଟି କରିଥିଲା ।

ସହାୟତା ଏବଂ ଡବ୍ଲ୍ୟୁକ୍ୟୁଏମ୍‌ଆଣ୍ଡ୍‌ଏସ୍ ଗତିବିଧି ଉପରେ ସର୍ବନିମ୍ନ ବ୍ୟୟ ହୋଇଥିଲା ଯାହା ସୂଚାଇ ଦେଇଥିଲା ଯେ ଯୋଜନାର ପ୍ରଦର୍ଶନ ଯଥେଷ୍ଟ ନଥିଲା । ଜଳ ଗୁଣବତ୍ତା ପରିଚାଳନା ବ୍ୟବସ୍ଥା ମଧ୍ୟ ପର୍ଯ୍ୟାପ୍ତ ନଥିଲା କାରଣ ସମସ୍ତ ଆବଶ୍ୟକୀୟ ମାନଦଣ୍ଡ ପରୀକ୍ଷା କରାଯାଇ ନଥିଲା ଏବଂ ଆରଡବ୍ଲ୍ୟୁଏସ୍‌ଏସ୍ ଲାବୋରେଟୋରୀଗୁଡ଼ିକରେ ଆବଶ୍ୟକ ସ୍ଥାନରୁ ନମୁନା ପରୀକ୍ଷା କରିବା ଏବଂ ଗ୍ରାମାଞ୍ଚଳର ଲୋକଙ୍କୁ ଗୁଣାତ୍ମକ ଜଳ ଯୋଗାଇବା ପାଇଁ ସମ୍ବଳର ଅଭାବ ଥିଲା ।

# ଅଧ୍ୟାୟ 3

# ଅନୁପାଳନ ସମୀକ୍ଷା ପର୍ଯ୍ୟବେକ୍ଷଣ

## ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ

## 3.1 ଉଦ୍ଦିଷ୍ଟ ଉଦ୍ଦେଶ୍ୟରେ ଜମିର ଅନ୍ତିମ ବ୍ୟବହାରର ତଦାରଖ

### କାର୍ଯ୍ୟନିର୍ବାହୀ ସାରାଂଶ

ନିର୍ଦ୍ଧାରିତ ଉଦ୍ଦେଶ୍ୟରେ ଜମିର ଶେଷ ବ୍ୟବହାର ସୁନିଶ୍ଚିତ କରିବା ପାଇଁ ଦାୟୀ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା (ଆର୍‌ଡିଏମ୍) ବିଭାଗ,ଅଧିଗ୍ରହଣ/ଆବଣ୍ଟିତ-ଜମିର ଡାଟାବେସ ପ୍ରସ୍ତୁତ କରିନଥିଲା । ଓଡିଶା ସରକାରୀ ଭୂମି ବନ୍ଦୋବସ୍ତ (ଓଜିଏଲ୍‌ଏସ୍) ଆଇନ/ନିୟମ,1983 ଏବଂ ଭୂମି ଅଧିଗ୍ରହଣ, ପୁନର୍ବାସ ଏବଂ ପୁନଃ ସ୍ଥାପନରେ ନ୍ୟାୟ ସଙ୍ଗତ କ୍ଷତିପୂରଣ ଏବଂ ପାରଦର୍ଶିତା ଅଧିକାର ଆଇନ, 2013 ରେ ଯଥାକ୍ରମେ ତିନି ଏବଂ ପାଞ୍ଚ ବର୍ଷ ମଧ୍ୟରେ ଲିଜ୍ ଦିଆଯାଇଥିବା ଅଧିଗୃହିତ ଜମିର ବ୍ୟବହାର ପାଇଁ ବ୍ୟବସ୍ଥା କରାଯାଇଅଛି । ତଥାପି, ଜିଲ୍ଲାପାଳ ଏବଂ ଆବଣ୍ଟିତଙ୍କ ମଧ୍ୟରେ ସମ୍ପାଦିତ ଲିଜ୍ ଡିଡ୍ ରେ ଜମି ବ୍ୟବହାର ପାଇଁ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରାଯାଇନାହିଁ । ଶିଳ୍ପ/ ଆନୁଷଙ୍ଗିକ କାର୍ଯ୍ୟକଳାପ ପ୍ରତିଷ୍ଠା ପାଇଁ, 1981-2021 ମଧ୍ୟରେ ଆବଣ୍ଟିତ 12,393.651 ଏକର ଜମି ନିର୍ଦ୍ଧାରିତ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇନାହିଁ । ଏହା ବ୍ୟତୀତ, 252.602 ଏକର ଆବଣ୍ଟିତ ଜମିକୁ ମଞ୍ଜୁର ହୋଇଥିବା ଉଦ୍ଦେଶ୍ୟ ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥିଲା ।

ସରକାରୀ ଜମିର ଉତ୍ପାଦନଶୀଳ ବ୍ୟବହାର ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ଆର୍‌ଏଫ୍‌ସିଟିଏଲଏଆର୍‌ଆର୍ ନିୟମ, 2016 ର ନିୟମ 42 ଅନୁଯାୟୀ ପ୍ରତି ଗ୍ରାମରେ ଲ୍ୟାଣ୍ଡ ବ୍ୟାଙ୍କ ଗଠନ କରାଯାଇନଥିଲା । ଅନ୍ୟପକ୍ଷରେ, 668.893 ଏକର ସରକାରୀ ଜମି, ଯାହା ଲ୍ୟାଣ୍ଡ ବ୍ୟାଙ୍କର ଏକ ଅଂଶ ହୋଇଥାନ୍ତା, ତାହା ଅନଧିକୃତ ଦଖଲରେ ରହିଅଛି ।

24 ଟି ନମୁନା ତହସିଲରେ, 504.768 ଏକର କୃଷି ଜମି, ଅଣ-କୃଷି ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଅଛି । ଆଠଟି ନମୁନା ତହସିଲରେ, ବିକାଶ ପ୍ରାଧିକରଣ (ଡିଏ) ଅଞ୍ଚଳରେ ଆସୁଥିବା 21.882 ଏକର କୃଷି ଜମିକୁ ଓଡ଼ିଶା ବିକାଶ ପ୍ରାଧିକରଣ ଆଇନ୍, 1982 ଅନୁଯାୟୀ, ସେମାନଙ୍କ ଅନୁମତି ନ ନେଇ 321 ସବ୍‌ପ୍ଲଟ୍‌ରେ ବିଭକ୍ତ କରି ବିକ୍ରି କରାଯାଇଥିଲା । ଯଦିଓ, ପରିବର୍ତ୍ତିତ ପ୍ଲଟ୍‌କୁ ପ୍ରକୃତ ଯୋଗାଯୋଗ ରାସ୍ତା ଉପଲବ୍ଧ ନଥାଇ ଦୁଇଟି ତହସିଲରେ, 10.085 ଏକର କୃଷି ଜମିକୁ ଗୃହସ୍ଥାପନ ବର୍ଗରେ ପରିବର୍ତ୍ତନ କରାଯାଇଥିଲା ।

ଛଅଟି ନମୁନା ତହସିଲରେ, କେନ୍ଦ୍ର ସରକାରଙ୍କ ପୂର୍ବ ଅନୁମୋଦନ ବିନା 568.879 ଏକର ଜଙ୍ଗଲ ଜମି ଅଣ-ଜଙ୍ଗଲ କାର୍ଯ୍ୟକଳାପ ପାଇଁ ବ୍ୟବହାର କରାଯାଇଥିଲା । ଏହା ବ୍ୟତୀତ, ବନ୍ୟ ପ୍ରାଣୀ ସୁରକ୍ଷା ଆଇନରେ ହୋଇଥିବା ସର୍ତ୍ତାବଳୀକୁ ଅଣଦେଖା କରି ବନ୍ୟ ପ୍ରାଣୀ ଅଭୟାରଣ୍ୟ ଅଞ୍ଚଳ ମଧ୍ୟରେ ଆସୁଥିବା 13.65 ଏକର ଜମିକୁ 156 ଟି ସବପ୍ଲଟ୍ କରି ବିକ୍ରି କରାଯାଇଥିଲା । ପୁରୀ ଏବଂ ଖୋର୍ଦ୍ଧା ଜିଲ୍ଲାରେ, ଇକୋ ସେନ୍‌ସିଟିଭ୍ ଜୋନ୍ (ଇଏସ୍‌ଜେଡ) ମଧ୍ୟରେ ଆସୁଥିବା 41.65 ଏକର ଜମି ଇଏସ୍‌ଜେଡ୍ ବିଜ୍ଞପ୍ତିରେ ଅନୁମୋଦିତ କାର୍ଯ୍ୟକଳାପର ବିଚ୍ୟୁତି କରି ବ୍ୟବହାର କରାଯାଇଥିଲା ।

ଉଦ୍ଦିଷ୍ଟ ଉଦ୍ଦେଶ୍ୟରେ ଆବଣ୍ଟିତ ଜମିର ବ୍ୟବହାର, ଅବ୍ୟବହୃତ ଜମିର ପୁନରୁଦ୍ଧାର ଏବଂ ଅଣ-କୃଷି ଉଦ୍ଦେଶ୍ୟରେ କୃଷି ଜମିର ଅନଧିକୃତ ବ୍ୟବହାର ଚିହ୍ନଟ ସମ୍ପର୍କରେ ମାସିକ/ ତ୍ରୈମାସିକ ପ୍ରଗତି ରିପୋର୍ଟ ଦାଖଲ କରିବା ଭଳି ତଦାରଖ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇନଥିଲା ।

### 3.1.1 ଉପକ୍ରମ

ଭୂମିର ବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ, ବିଶେଷକରି ସାର୍ବଜନୀନ ଉଦ୍ଦେଶ୍ୟରେ କିମ୍ବା ଶିଳ୍ପ ପ୍ରତିଷ୍ଠା ପାଇଁ, ରାଜ୍ୟ ସରକାର, ସରକାରୀ ଜମି ଲିଜ୍ ଦିଅନ୍ତି ଏବଂ ବ୍ୟକ୍ତିଗତ ଜମି ମଧ୍ଯ ଅଧିଗ୍ରହଣ କରନ୍ତି । ସରକାରୀ ଜମିର ଲିଜ୍ ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ (ଓଜିଏଲଏସ୍) ଆଇନ୍/ ନିୟମ, 1983 ଦ୍ୱାରା ପରିଚାଳିତ ହୁଏ ଏବଂ ଘରୋଇ ଜମି ଅଧିଗ୍ରହଣ, ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ପୁନର୍ବାସରେ ନ୍ୟାୟପୂର୍ଣ୍ଣ କ୍ଷତିପୂରଣ ଏବଂ

ପାରଦର୍ଶିତା ଅଧିକାର (ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍) ଆଇନ୍, 2013 ଦ୍ୱାରା ପରିଚାଳିତ ହୁଏ । କୃଷି ଜମିକୁ ଅଣ-କୃଷି ବର୍ଗରେ ପରିବର୍ତ୍ତନ ଓଡ଼ିଶା ଭୂମି ସଂସ୍କାର (ଓଏଲ୍‌ଆର୍) ଆଇନ୍, 1960 ଅନୁଯାୟୀ ନିୟନ୍ତ୍ରିତ ହୁଏ ।

ରାଜ୍ୟ ସରକାରୀ କ୍ଷେତ୍ରର ଏକ ଉଦ୍ୟୋଗ, ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ (ଆଇଡିସିଓ/ ଇଡ୍‌କୋ), 1981 ମସିହାରେ ରାଜ୍ୟରେ ଶିଳ୍ପ ଏବଂ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଜମି ପ୍ରଦାନ କରିବା ପାଇଁ ନୋଡାଲ ଏଜେନ୍ସି ଭାବରେ ପ୍ରତିଷ୍ଠିତ ହୋଇଥିଲା । ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା (ଆର୍‌ଡିଏମ୍) ବିଭାଗ ଇଡ୍‌କୋକୁ ବ୍ୟକ୍ତିଗତ ଜମି (ଅଧିଗ୍ରହଣ ପରେ) ଏବଂ ସରକାରୀ ଜମି ପ୍ରଦାନ କରେ, ଯାହା ପରବର୍ତ୍ତୀ ସମୟରେ ଶିଳ୍ପ/ ଭିତ୍ତିଭୂମି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଉକ୍ତ ଜମିକୁ ଆବଣ୍ଟନ କରେ । ରାଜ୍ୟରେ ଜମିର ଅନ୍ତିମ ବ୍ୟବହାର ତଦାରଖ କରିବା ପାଇଁ ମଧ୍ୟ ଆର୍‌ଡିଏମ୍ ବିଭାଗ ଦାୟୀ ।

ଜୁଲାଇ 2024 ରୁ ଫେବୃଆରୀ 2025 ମଧ୍ୟରେ 'ଉଦ୍ଦିଷ୍ଟ ଉଦ୍ଦେଶ୍ୟରେ ଜମିର ଅନ୍ତିମ ବ୍ୟବହାର ତଦାରଖ' ଉପରେ ଏକ ଅନୁପାଳନ ସମୀକ୍ଷା କରାଯାଇଥିଲା, ଯେଉଁଥିରେ 2021-22 ରୁ 2023-24 ଅବଧିକୁ ଅନ୍ତର୍ଭୁକ୍ତ ହୋଇଥିଲା, ଯାହାର ମୂଲ୍ୟାଙ୍କନ କରିବା ଉଦ୍ଦେଶ୍ୟ ଥିଲା:

- ଶିଳ୍ପ ଉଦ୍ଦେଶ୍ୟରେ ଆବଣ୍ଟିତ ଅଧିଗ୍ରହଣୀତ ବ୍ୟକ୍ତିଗତ ଜମି ଏବଂ ସରକାରୀ ଜମିର ଅନ୍ତିମ ବ୍ୟବହାର ମଞ୍ଜୁରୀ ଆଦେଶ ଏବଂ ଲିଜ୍ ଡିଡ୍ ଅନୁଯାୟୀ ଥିଲା କି ନାହିଁ;.
- ଅଣ-କୃଷି ଉଦ୍ଦେଶ୍ୟରେ କୃଷି ଜମିର ପରିବର୍ତ୍ତନ ଓଏଲ୍‌ଆର୍ ଆଇନର ବ୍ୟବସ୍ଥା ପାଳନ କରି କରାଯାଇଥିଲା ଏବଂ ପରିବର୍ତ୍ତିତ ଜମିକୁ ଯେଉଁ ଉଦ୍ଦେଶ୍ୟରେ ପରିବର୍ତ୍ତନ କରାଯାଇଥିଲା ତାହା ପାଇଁ ବ୍ୟବହାର କରାଯାଇଥିଲା କି ନାହିଁ ।

ଅଡିଟ୍ ଦ୍ୱାରା ଆର୍‌ଡିଏମ୍ ବିଭାଗ, ଆଠଟି କଲେକ୍ଟରେଟ୍[1] ଏବଂ 24 ଟି ତହସିଲ[2]ର ରେକର୍ଡ ଯାଞ୍ଚ କରାଯାଇଥିଲା (ଅର୍ଥାତ୍ ପ୍ରତ୍ୟେକ ନମୁନା ସଂଗୃହିତ କଲେକ୍ଟରେଟ୍ ପାଇଁ ତିନୋଟି) । ଏହା ବ୍ୟତୀତ, ଗୃହ ଏବଂ ନଗର ଉନ୍ନୟନ (ଏଚ୍‌ଆଣ୍ଡୟୁଡି) ବିଭାଗ, ଇଡ୍‌କୋ ଏବଂ ସମ୍ପୃକ୍ତ ଉନ୍ନୟନ କର୍ତ୍ତୃପକ୍ଷ/ ଆଞ୍ଚଳିକ ଉନ୍ନତି ଟ୍ରଷ୍ଟର ରେକର୍ଡ ମଧ୍ୟ ଯାଞ୍ଚ କରାଯାଇଥିଲା । ତହସିଲ/ ଇଡ୍‌କୋର ପ୍ରତିନିଧିମାନଙ୍କ ସହିତ ଜମି/ ସ୍ଥାନଗୁଡ଼ିକର ମିଳିତ ଭୌତିକ ଯାଞ୍ଚ (ଜେପିଆଇ) କରାଯାଇଥିଲା । ଓଡ଼ିଶା 4କେ ଜିଇଓ ସେବା[3] ମାଧ୍ୟମରେ ପୃଷ୍ଠଭୂମିରେ ସାଟେଲାଇଟ୍ ଚିତ୍ର ଏବଂ କାଡାଷ୍ଟ୍ରାଲ୍ (ରାଜସ୍ୱ) ମାନଚିତ୍ର ବ୍ୟବହାର କରି ଭୂମି ବ୍ୟବହାର ଯାଞ୍ଚ କରାଯାଇଥିଲା ।

ଆର୍‌ଡିଏମ୍ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କ ସହିତ ଏକ ପ୍ରାରମ୍ଭ ସମ୍ମିଳନୀ (1 ଜୁଲାଇ 2024) ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଅଡିଟର ଉଦ୍ଦେଶ୍ୟ, ପରିସର, ମାନଦଣ୍ଡ ଏବଂ ପଦ୍ଧତି ଉପରେ ଆଲୋଚନା କରାଯାଇଥିଲା । 10 ଅକ୍ଟୋବର 2025 ରେ ଅନୁଷ୍ଠିତ ଏକ ସମାପ୍ତି ବୈଠକରେ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଡିଟ୍ ନିଷ୍କର୍ଷ ବିଷୟରେ ଆଲୋଚନା କରାଯାଇଥିଲା । ବିଭାଗର ଉତ୍ତରଗୁଡ଼ିକୁ ରିପୋର୍ଟରେ ଉପଯୁକ୍ତ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି । ଅଡିଟର ନିଷ୍କର୍ଷ ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

### ଅଡିଟ୍ ନିଷ୍କର୍ଷ

### 3.1.2 ଉଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ/ ଲିଜ୍ କରାଯାଇଥିବା ଜମିର ବ୍ୟବହାର

ଇଡ୍‌କୋ ଦ୍ୱାରା ଆବେଦନ ପରେ, ଜିଲ୍ଲାପାଳ ସରକାରୀ ଜମି ମଞ୍ଜୁର କରନ୍ତି ଏବଂ ଶିଳ୍ପ ଓ ଆନୁଷଙ୍ଗିକ କାର୍ଯ୍ୟକଳାପ ପ୍ରତିଷ୍ଠା ପାଇଁ ଇଡ୍‌କୋ ସପକ୍ଷରେ ବ୍ୟକ୍ତିଗତ ଜମି (ଆବଶ୍ୟକତା ଅନୁଯାୟୀ) ଅଧିଗ୍ରହଣ କରନ୍ତି । ଉଭୟ କ୍ଷେତ୍ରରେ, ଜିଲ୍ଲାପାଳ ଇଡକୋ ସହିତ ଏକ ଲିଜ୍ ଡିଡ୍ କାର୍ଯ୍ୟକାରୀ କରି ଜମିର ଅଧିକାର ହସ୍ତାନ୍ତର

[1] ଅନୁଗୁଳ, ବଲାଙ୍ଗୀର, ଢେଙ୍କାନାଳ, ଜଗତସିଂହପୁର, ଯାଜପୁର, ଝାରସୁଗୁଡ଼ା, ଖୋର୍ଦ୍ଧା ଏବଂ ପୁରୀ

[2] ଅନୁଗୁଳ, ବାଲିଆନ୍ତା, ବଅଁରପାଳ, ଭୁବନେଶ୍ୱର, ବଲାଙ୍ଗୀର, ବ୍ରହ୍ମଗିରି, ଛେଣ୍ଡିପଦା, ଦାନଗଦି, ଦର୍ପଣ, ଢେଙ୍କାନାଳ, ଏରସମା, ଗୋପ, ଜଗତସିଂହପୁର, ଜଟଣୀ, ଝାରସୁଗୁଡ଼ା, କାମାକ୍ଷାନଗର, କୋଲାବିରା, କୁଜଙ୍ଗ, ଲଖନପୁର, ଓଡ଼ପଡ଼ା, ପୁରୀ, ସଇଁତଳା, ସୁକିନ୍ଦା ଏବଂ ଟିଟିଲାଗଡ଼

[3] ଓଡ଼ିଶା ସରକାରଙ୍କ ମହାକାଶ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ପାଇଁ ସର୍ବୋଚ୍ଚ ସଂସ୍ଥା, ଓଡ଼ିଶା ମହାକାଶ ପ୍ରୟୋଗ କେନ୍ଦ୍ର ଦ୍ୱାରା ପ୍ରସ୍ତୁତ ଏକ ଆପ୍ଲିକେସନ୍ । ଏଥିରେ ସ୍ଥାନ ଆଧାରିତ ଭୌଗୋଳିକ ସନ୍ଦର୍ଭିତ ରାଜସ୍ୱ କାଡାଷ୍ଟ୍ରାଲ୍ ମାନଚିତ୍ର ରହିଛି । ଏହାକୁ ଏକ ନିର୍ଦ୍ଦିଷ୍ଟ ପ୍ଲଟର ଭୂମି ବ୍ୟବହାର ସ୍ଥିତି ଜାଣିବା ପାଇଁ ବ୍ୟବହାର କରାଯାଇପାରିବ ।

କରନ୍ତି । ପରବର୍ତ୍ତୀ ସମୟରେ, ଇଡକୋ ସଂପୃକ୍ତ ଶିଳ୍ପ ସହିତ ଲିଜ୍ ଡିଡ୍ କାର୍ଯ୍ୟକାରୀ କରି ଶିଳ୍ପଗୁଡିକୁ ଆବଣ୍ଟିତ ଜମିର ସବ୍-ଲିଜ୍ ପ୍ରଦାନ କରେ । ବନ୍ଦୋବସ୍ତ କରାଯାଇଥିବା ଜମିକୁ, ଉଦ୍ଦିଷ୍ଟ ଉଦ୍ଦେଶ୍ୟ ବ୍ୟତୀତ, ଯଦି ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ, କିମ୍ବା ବନ୍ଦୋବସ୍ତ ତାରିଖରୁ ତିନି ବର୍ଷରୁ ଅଧିକ ସମୟ ପାଇଁ ବ୍ୟବହାର କରାଯାଇନାହିଁ, ତେବେ ଓଜିଏସଏଲ୍ (ସଂଶୋଧନ) ଆଇନ,2013 ର ଧାରା 38 ରେ ବନ୍ଦୋବସ୍ତ ହୋଇଥିବା ଜମିକୁ ପୁନଃସ୍ଥାପନ କରିବାର ବ୍ୟବସ୍ଥା ଅଛି । ସେହିପରି ଆରଏଫସିଟିଏଲଏଆରଆର୍ ଆଇନର ଧାରା 101 ରେ ବ୍ୟବସ୍ଥା ଅଛି ଯେ ଯେତେବେଳେ ଏହି ଆଇନ ଅନୁଯାୟୀ ଅଧିଗ୍ରହଣ କରାଯାଇଥିବା କୌଣସି ଜମି, ଦଖଲ ଗ୍ରହଣ ତାରିଖରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଅବ୍ୟବହୃତ ରହିଥାଏ, ସେତେବେଳେ ଏହାକୁ ମୂଳ ମାଲିକ କିମ୍ବା ସେମାନଙ୍କର ଆଇନଗତ ଉତ୍ତରାଧିକାରୀଙ୍କୁ, ଯଥାସ୍ଥିତିରେ କିମ୍ବା ଉପଯୁକ୍ତ ସରକାରଙ୍କ ଲ୍ୟାଣ୍ଡ ବ୍ୟାଙ୍କକୁ ପ୍ରତ୍ୟାବର୍ତ୍ତନ ଦ୍ୱାରା ଫେରସ୍ତ କରାଯିବ ।

### *3.1.2.1 ଅଧିଗ୍ରହିତ / ଆବଣ୍ଟିତ ଜମିର ଡାଟାବେସ ପ୍ରସ୍ତୁତ ନ କରିବା*

ନୋଡାଲ ଏଜେନ୍ସି, ଅର୍ଥାତ୍, ଇଡକୋ ଅଡିଟକୁ ଜଣାଇଛି ଯେ ମାର୍ଚ୍ଚ 2024 ସୁଦ୍ଧା ଆଠଟି ନମୁନା ଜିଲ୍ଲାଗୁଡିକରେ ଶିଳ୍ପ ପ୍ରତିଷ୍ଠା ପାଇଁ 50,231.849 ଏକର ଜମି[4] ଯୋଗାଇ ଦିଆଯାଇଛି ।

ଅଡିଟ୍ ଦେଖିଛି ଯେ ଆରଡିଏମ୍ ବିଭାଗ (ଅପ୍ରେଲ 2017) ସମସ୍ତ ଜିଲ୍ଲା ଜିଲ୍ଲାପାଳଙ୍କୁ ମାର୍ଚ୍ଚ 2014 ପର୍ଯ୍ୟନ୍ତ ଲିଜ୍ ଦିଆଯାଇଥିବା ସରକାରୀ ଜମିର ବିସ୍ତୃତ ସର୍ଭେ କରିବା ଏବଂ ତିନି ବର୍ଷରୁ ଅଧିକ ସମୟ ପାଇଁ ଅବ୍ୟବହୃତ ହୋଇଥିବା ଯେକୌଣସି ଜମିକୁ ପୁନଃସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତଥାପି ଅଧିଗ୍ରହିତ ବ୍ୟକ୍ତିଗତ ଜମି ସଂପର୍କରେ ସମାନ ନିର୍ଦ୍ଦେଶ ଜାରି କରାଯାଇନଥିଲା, ଯାହା ନିର୍ଦ୍ଧାରିତ ପାଞ୍ଚ ବର୍ଷ ପରେ ଅବ୍ୟବହୃତ ହୋଇ ରହିପାରେ ।

ଅଡିଟ୍ ଏହା ମଧ ଦେଖିଲା ଯେ ବିଭାଗର ନିର୍ଦ୍ଦେଶ ସତ୍ତ୍ୱେ, ଆଠଟି ନମୁନା ଜିଲ୍ଲାଗୁଡିକରେ ଲିଜ୍ ଦିଆଯାଇଥିବା ଜମିର ଏପରି କୌଣସି ସର୍ଭେ କରାଯାଇନଥିଲା । ଏହା ବ୍ୟତୀତ ବିଭିନ୍ନ ଉଦ୍ଦେଶ୍ୟରେ ଆବଣ୍ଟିତ ଲିଜ୍ ଦିଆଯାଇଥିବା ସରକାରୀ ଜମି/ ଅଧିଗ୍ରହିତ ବ୍ୟକ୍ତିଗତ ଜମିର ଏକ ଡାଟାବେସ ମଧ ପ୍ରସ୍ତୁତ କରାଯାଇନଥିଲା । ଫଳସ୍ୱରୂପ ନମୁନା ନିଆଯାଇଥିବା ଆଠଟି ଜିଲ୍ଲା ପାଖରେ ଲିଜ୍ ଜମି କିମ୍ବା ନିର୍ଦ୍ଦିଷ୍ଟ ସମୟ ମଧରେ ଉକ୍ତ ଜମିର ଉଦ୍ଦିଷ୍ଟ ବ୍ୟବହାର କରାଯାଇନଥିବା ବିଷୟରେ ଏକୀକୃତ ସୂଚନା / ତଥ୍ୟ ଉପଲବ୍ଧ ନଥିଲା । ଜିଲ୍ଲା କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ (ଜମି ପୁନରୁଦ୍ଧାର ପାଇଁ) ସଂପର୍କରେ କୌଣସି ସୂଚନା ଅଡିଟକୁ ଦିଆଯାଇନଥିଲା । କେବଳ ଗୋଟିଏ ନମୁନା ଜିଲ୍ଲା, ଯାଜପୁର ଅଡିଟକୁ ଜଣାଇଥିଲା ଯେ ଗୋଟିଏ ମାମଲାରେ ଓଜିଏଲଏସ୍ ଆଇନ ଅନୁଯାୟୀ ଜମି ପୁନରୁଦ୍ଧାର ଆରମ୍ଭ କରାଯାଇଛି ।

ବିଭାଗ ପକ୍ଷରୁ କୁହାଯାଇଛି (ଅକ୍ଟୋବର 2025) ଯେ ଯାଜପୁର, ଅନୁଗୁଳ, ଖୋର୍ଦ୍ଧା ଏବଂ ଢ଼େଙ୍କାନାଳ ଜିଲ୍ଲା ସଂପର୍କରେ ଅଧିଗ୍ରହିତ/ ଆବଣ୍ଟିତ ଜମିର ଏକ ଡାଟାବେସ୍ ପ୍ରସ୍ତୁତ ପାଇଁ ପଦକ୍ଷେପ ନିଆଯାଇଛି । ଏଥିରେ ଆହୁରି ମଧ କୁହାଯାଇଛି ଯେ ଜଗତସିଂପୁର ଜିଲ୍ଲାର ତହସିଲଦାରମାନଙ୍କୁ ଏକ ଡାଟାବେସ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବଲାଙ୍ଗୀର ଜିଲ୍ଲା ପାଇଁ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦିଆଯାଇନାହିଁ । ତଥାପି ତଥ୍ୟ ରହିଛି ଯେ ଆରଡିଏମ୍ ବିଭାଗ ଦ୍ୱାରା ଜାରି ନିର୍ଦ୍ଦେଶ ସତ୍ତ୍ୱେ, କୌଣସି ଡାଟାବେସ୍ ପ୍ରସ୍ତୁତ କରାଯାଇନାହିଁ କିମ୍ବା ଉଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଆବଣ୍ଟିତ ଜମିର ପ୍ରକୃତ ବ୍ୟବହାର ସୁନିଶ୍ଚିତ କରାଯାଇନାହିଁ ।

ସାର୍ବଜନୀନ ଉଦ୍ଦେଶ୍ୟରେ ଲିଜ୍ / ଅଧିକୃତ ଜମିର କ୍ଷେତ୍ରଫଳ ସଂପର୍କରେ ତଥ୍ୟର ଅନୁପସ୍ଥିତିରେ, ନମୁନା କରାଯାଇଥିବା ଜିଲ୍ଲାପାଳ, ତହସିଲ ଏବଂ ଇଡକୋରେ 16,214.522 ଏକର ଜମି[5] ସଂପର୍କରେ ବ୍ୟକ୍ତିଗତ ଜମି ଅଧିଗ୍ରହଣ/ଲିଜ୍ ଫାଇଲଗୁଡିକର ଅଡିଟ୍ ପରୀକ୍ଷା ଯାଞ୍ଚ କରିଥିଲା ଏବଂ ନିମ୍ନଲିଖିତ ଅବଲୋକନ କରିଥିଲା:

---

[4] ଅନୁଗୁଳ: 11,580.670 ଏକର, ବଲାଙ୍ଗୀର: 1,371.510 ଏକର, ଢେଙ୍କାନାଳ: 6,290.621 ଏକର, ଜଗତସିଂହପୁର: 10,941.510 ଏକର, ଯାଜପୁର: 10,523.120 ଏକର, ଝାରସୁଗୁଡ଼ା: 5,476.180 ଏକର, ଖୋର୍ଦ୍ଧା: 3,894.550 ଏକର, ଏବଂ ପୁରୀ: 153.688 ଏକର

[5] ଅଧିଗ୍ରହଣ ହୋଇଥିବା ବ୍ୟକ୍ତିଗତ ଜମି: 7,102.062 ଏକର; ସରକାରୀ ଜମି ଲିଜ୍ ଦିଆଯାଇଛି: 3,321.248 ଏକର; ଏବଂ 5,791.212 ଏକର (ଏଥିରେ ଅଧିଗ୍ରହଣୀତ ବ୍ୟକ୍ତିଗତ ଜମି ଏବଂ ଲିଜ୍ ଦିଆଯାଇଥିବା ସରକାରୀ ଜମି ଉଭୟ ଅନ୍ତର୍ଭୁକ୍ତ, ଯାହାର ବିବରଣି ଇଡ୍କୋ ଦ୍ୱାରା ପ୍ରଦାନ କରାଯାଇପାରିଲା ନାହିଁ )

### *3.1.2.2 ନିର୍ଦ୍ଧାରିତ ସମୟ ମଧ୍ୟରେ ଆବଣ୍ଟିତ ଜମିର ବ୍ୟବହାର ସୁନିଶ୍ଚିତ କରିବା ପାଇଁ ମଞ୍ଜୁରୀ ଆଦେଶ ଏବଂ ଚୁକ୍ତିନାମାର ଅଭାବ*

ଆରଡିଏମ୍ ବିଭାଗ (ଜୁଲାଇ 2013) ସରକାରୀ ଜମି ହସ୍ତାନ୍ତର ଏବଂ ଇଡକୋ ସପକ୍ଷରେ ବ୍ୟକ୍ତିଗତ ଜମି ଅଧିଗ୍ରହଣ ପାଇଁ ଦୁଇଟି ମାନକ ଚୁକ୍ତିନାମା ସ୍ଥିର କରିଥିଲା । ତଥାପି ଉକ୍ତ ଫର୍ମାଟରେ ସେହି ସମୟସୀମା ଅନ୍ତର୍ଭୁକ୍ତ ନଥିଲା ଯାହା ମଧ୍ୟରେ ଆବଣ୍ଟିତ ଜମି ବ୍ୟବହାର କରାଯିବ । ଓଜିଏଲଏସ୍ ସଂଶୋଧନ ଆଇନ,2013 ଏବଂ ଆରଏଫସିଟିଏଲଏଆରଆର ଆଇନ, 2013 ରେ ସରକାରୀ ଏବଂ ଘରୋଇ ଜମି ପାଇଁ ଯଥାକ୍ରମେ ତିନି ଏବଂ ପାଞ୍ଚ ବର୍ଷ ମଧ୍ୟରେ ଆବଣ୍ଟିତ ଜମିର ବ୍ୟବହାର ପାଇଁ ବ୍ୟବସ୍ଥା ରହିଛି । ତଥାପି, ବ୍ୟବହାର ଅବଧିକୁ ଅନ୍ତର୍ଭୁକ୍ତ କରିବା ପାଇଁ ବିଭାଗର ମାନକ ଚୁକ୍ତିନାମା ଫର୍ମାଟଗୁଡିକୁ ପରିବର୍ତ୍ତନ କରାଯାଇ ନଥିଲା । ଶିଳ୍ପ ୟୁନିଟଗୁଡିକୁ ପରବର୍ତ୍ତୀ ଆବଣ୍ଟନ ପାଇଁ ଇଡ୍କୋକୁ ଦିଆଯାଇଥିବା ଜମି କ୍ଷେତ୍ରରେ ଅଡିଟ୍ ନିମ୍ନଲିଖିତ ବିଷୟଗୁଡିକ ଦେଖିଥିଲା:

- ଜୁଲାଇ 2013 ପରେ ଚାରୋଟି ନମୁନା ଜିଲ୍ଲା (ଢେଙ୍କାନାଳ,ପୁରୀ, ଜଗତସିଂହପୁର ଏବଂ ଯାଜପୁର) ର ଜିଲ୍ଲାପାଳମାନଙ୍କ ଦ୍ୱାରା ଜାରି କରାଯାଇଥିବା ଲିଜ୍ ମଞ୍ଜୁର ଆଦେଶରେ ଛଅ ମାସରୁ ତିନି ବର୍ଷ ମଧ୍ୟରେ ଜମିକୁ ଉଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରାଯାଇ ନଥିବା କ୍ଷେତ୍ରରେ ଜମି ପୁନଃପ୍ରାପ୍ତି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ବାକି ଚାରୋଟି ଜିଲ୍ଲା (ଅନଗୁଳ, ବଲାଙ୍ଗୀର, ଝାରସୁଗୁଡା ଏବଂ ଖୋର୍ଦ୍ଧା)ରେ, ଲିଜ୍ ମଞ୍ଜୁରୀ ଆଦେଶରେ ଜମି ବ୍ୟବହାର ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟ ଉଲ୍ଲେଖ କରାଯାଇନଥିଲା ।

- ସମସ୍ତ ଆଠଟି ଯାଞ୍ଚ କରାଯାଇଥିବା ଜିଲ୍ଲାରେ, ଜିଲ୍ଲାପାଳ ଏବଂ ଇଡ୍କୋ ମଧ୍ୟରେ ହୋଇଥିବା ରାଜିନାମାରେ ଆବଣ୍ଟିତ ଜମିର ବ୍ୟବହାର ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଉଲ୍ଲେଖ ନଥିଲା ।

- ଯଦିଓ ଜିଲ୍ଲାପାଳ ଏବଂ ଇଡ୍କୋ ମଧ୍ୟରେ ଲିଜ୍ ଡିଡ୍‌ରେ ଉଦ୍ଦିଷ୍ଟ ଭାବରେ ଜମି ବ୍ୟବହାର କରାଯିବା ବିଷୟରେ କୌଣସି ସର୍ତ୍ତାବଳୀ ରଖାଯାଇନଥିଲା, ଇଡ୍କୋ ଆବଣ୍ଟିତ ବ୍ୟକ୍ତିମାନଙ୍କ ଦ୍ୱାରା ଆବଣ୍ଟିତ ସରକାରୀ ଜମିକୁ ପାଞ୍ଚ ବର୍ଷ ମଧ୍ୟରେ ବ୍ୟବହାର ପାଇଁ ଅନୁମତି ଦେଇଥିଲା । ଇଡକୋ ଦ୍ୱାରା କରାଯାଇଥିବା ଏହି ସର୍ତ୍ତାବଳୀ ଓଜିଏଲଏସ୍ ଆଇନର ବ୍ୟବସ୍ଥା ସହିତ ଅସଙ୍ଗତ ଥିଲା, ଯାହା ତିନି ବର୍ଷ ମଧ୍ୟରେ ସରକାରୀ ଜମି ବ୍ୟବହାର ପାଇଁ ବ୍ୟବସ୍ଥା କରିଥିଲା ।

ଅଡିଟ୍ ଲକ୍ଷ୍ୟ କରିଛି ଯେ ଆବଣ୍ଟିତ ଜମିର ବ୍ୟବହାରର ସ୍ଥିତି ନିର୍ଣ୍ଣୟ କରିବା ପାଇଁ ସର୍ଭେ ନ କରିବା ଏବଂ ଇଡକୋ ସହିତ ଚୂଡାନ୍ତ ହୋଇଥିବା ଲିଜ୍ ଭିତରେ କାର୍ଯ୍ୟକ୍ଷମ ବ୍ୟବସ୍ଥାର ଅନୁପସ୍ଥିତି ଯୋଗୁଁ, ଉଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଜମିର ବ୍ୟବହାର ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟକାରୀ ହୋଇପାରିଲା ନାହିଁ କିମ୍ବା ଜମି ପୁନରୁଦ୍ଧାର ପାଇଁ ଇଡକୋ କିମ୍ବା ଜିଲ୍ଲାପାଳଙ୍କ ଦ୍ୱାରା କୌଣସି ପଦକ୍ଷେପ ନିଆଯାଇନାହିଁ ।

ଉତ୍ତରରେ, ପୁରୀର ଜିଲ୍ଲାପାଳ ଏବଂ ବ୍ରହ୍ମଗିରି, ଢେଙ୍କାନାଳ, କାମାକ୍ଷାନଗର, ଓଡପଡା ଏବଂ ପୁରୀର ତହସିଲଦାରମାନେ କହିଥିଲେ (ଅଗଷ୍ଟ ରୁ ଡିସେମ୍ବର 2024) ଯେ ଇଡକୋ ସହିତ ଲିଜ୍ ଡିଡ୍ କାର୍ଯ୍ୟକାରୀ କରିବା ପାଇଁ ଆରଡିଏମ୍ ବିଭାଗ ଦ୍ୱାରା ନିର୍ଦ୍ଧାରିତ ଫର୍ମାଟ୍ (ଜୁଲାଇ 2013) ଗ୍ରହଣ କରାଯାଇଥିଲା । ଭୁବନେଶ୍ୱର, ଜଟଣୀ, କୋଲାବିରା ଏବଂ ଝାରସୁଗୁଡାର ତହସିଲଦାରମାନେ ଆଶ୍ୱାସନା ଦେଇଥିଲେ ଯେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗକୁ ଅବଗତ କରାଯିବ ।

### *3.1.2.3 ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅବ୍ୟବହୃତ ଥିବା ଅଧିଗ୍ରହିତ ବ୍ୟକ୍ତିଗତ ଜମିର ପ୍ରତ୍ୟାବର୍ତ୍ତନ ନହେବା*

ଶିଳ୍ପ ପ୍ରତିଷ୍ଠା ପାଇଁ 1983 ରୁ 2018 ମଧ୍ୟରେ ଆରଡିଏମ୍ ବିଭାଗ ଦ୍ୱାରା 7,102.062 ଏକର ପରିମିତ ଘରୋଇ ଜମି ଅଧିଗ୍ରହଣ କରାଯାଇଥିଲା । ଏଥି ମଧ୍ୟରୁ, ଶିଳ୍ପ ସ୍ଥାପନ ପାଇଁ ଇଡକୋ ସପକ୍ଷରେ 6,163.727 ଏକର ଏବଂ ଅନ୍ୟ ଦୁଇଟି[6] ସପକ୍ଷରେ 938.335 ଏକର ଜମି ଆବଣ୍ଟିତ ହୋଇଥିଲା । ଅଡିଟ୍ ଲକ୍ଷ୍ୟ କରିଛି ଯେ ନିର୍ଦ୍ଧାରିତ ସମୟସୀମା ଶେଷ ହେବା ସତ୍ତ୍ୱେ ଅକ୍ଟୋବର 2024 ସୁଦ୍ଧା 7,035.471 ଏକର ଜମି (99 ପ୍ରତିଶତ) ଉଦ୍ଦିଷ୍ଟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇ ନାହିଁ । ଅବ୍ୟବହୃତ ଜମି ମଧ୍ୟରେ 1,958.145 ଏକର ଅନ୍ତର୍ଭୁକ୍ତ,

[6] ଓଡ଼ିଶା ଥର୍ମାଲ ପାୱାର କର୍ପୋରେସନ (ଓଟିପିସିଏଲ୍) ଏବଂ ଓଡ଼ିଶା ସିନ୍ଥେଟିକ୍ ଲିମିଟେଡ୍/ଢେଙ୍କାନାଳ ଜିଲ୍ଲାର ରିଲିଆନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍

ଯାହାକୁ ଅକ୍ଟୋବର 2024 ସୁଦ୍ଧା ଇଡ୍‌କୋ ଦ୍ୱାରା ଆବଣ୍ଟିତ କରାଯାଇ ନଥିଲା । ପରୀକ୍ଷା ଯାଞ୍ଚ ଆଧାରରେ, ଅଡିଟ୍ ଦ୍ୱାରା ପରିଲକ୍ଷିତ ଅଣ-ଅନୁପାଳନର ଉଦାହରଣଗୁଡିକ ନିମ୍ନରେ ଆଲୋଚନା କରାଯାଇଛି :

- ***ଶାମୁକା ବେଳାଭୂମି ପ୍ରକଳ୍ପ, ପୁରୀ ପାଇଁ ଅଧିଗ୍ରହଣିତ ଜମିର ବ୍ୟବହାର ନ ହେବା*** : ଓଡିଶା ସରକାର (ଜିଓଓ) ବଙ୍ଗୋପସାଗର କୂଳରେ ଆଧୁନିକ ହୋଟେଲ, ମନୋରଞ୍ଜନ ପାର୍କ ଇତ୍ୟାଦି ଭିତ୍ତିଭୂମି ସୁବିଧା ପ୍ରଦାନ କରିବା ପାଇଁ ପୁରୀରେ ଶାମୁକା ବେଳାଭୂମି ପ୍ରକଳ୍ପ (ଏସବିପି) ବିକଶିତ କରିବାକୁ ନିଷ୍ପତ୍ତି ନେଇଥିଲେ । ପୁରୀର ଜିଲ୍ଲାପାଳ 2005-07 ମସିହାରେ ବ୍ରହ୍ମଗିରି ତହସିଲ ଅନ୍ତର୍ଗତ ସିପସରୁବାଲି ଗ୍ରାମରେ ଏସବିପି ପାଇଁ 1,615.36 ଏକର ଜମି (1,397.04 ଏକର ବେସରକାରୀ ଜମି ଏବଂ 218.32 ଏକର ସରକାରୀ ଜମି) ମଞ୍ଜୁର କରିଥିଲେ । ଏଥିପାଇଁ ସଂଗୃହୀତ 1,615.36 ଏକର ଜମି ମଧ୍ୟରୁ, ଜିଲ୍ଲାପାଳ ସେପ୍ଟେମ୍ବର 2005 ରୁ ନଭେମ୍ବର 2006 ମଧ୍ୟରେ ଏସ୍‌ବିପି ପ୍ରତିଷ୍ଠା ପାଇଁ 972.64 ଏକର ଜମି (ଅଧିଗ୍ରହଣିତ ବେସରକାରୀ ଜମି 775.35 ଏକର ଏବଂ ସରକାରୀ ଜମି 197.29 ଏକର ) ଇଡ୍‌କୋ ସପକ୍ଷରେ ହସ୍ତାନ୍ତର କରିଥିଲେ । ତଥାପି ଜମି, ଅକ୍ଟୋବର 2017 ପର୍ଯ୍ୟନ୍ତ ଇଡ୍‌କୋ ପାଖରେ ଅବ୍ୟବହୃତ ହୋଇ ରହିଥିଲା, ଯାହାର କାରଣ ରେକର୍ଡରେ ନଥିଲା । ଅବଶିଷ୍ଟ 642.72 ଏକର ଜମି ଜିଲ୍ଲାପାଳଙ୍କ ପାଖରେ ଆବଣ୍ଟିତ ନ ହୋଇ ପଡି ରହିଥିଲା ।

  ପ୍ରାୟ 11 ବର୍ଷ ପରେ, ଓଡିଶା ସରକାର ଏସବିପି ର ବିକାଶ ପାଇଁ ଓଡିଶା ପର୍ଯ୍ୟଟନ ବିକାଶ ନିଗମ ଲିମିଟେଡ (ଏସ୍‌ଟିଡିସି) ଏବଂ ଇଡ୍‌କୋର ଏକ ମିଳିତ ଉଦ୍ୟମ କମ୍ପାନୀ, ଶାମୁକା ପର୍ଯ୍ୟଟନ ବିକାଶ ନିଗମ ଲିମିଟେଡ ପ୍ରତିଷ୍ଠା କଲେ (31 ଅକ୍ଟୋବର 2017) । ଇଡ୍‌କୋ ଦ୍ୱାରା ଏସ୍‌ଟିଡିସି ସପକ୍ଷରେ ଜମି ହସ୍ତାନ୍ତରକୁ ସହଜ କରିବା ପାଇଁ, ଇଡକୋ 972.64 ଏକରର ସଂପୂର୍ଣ୍ଣ ଜମି ଆରଡିଏମ୍ ବିଭାଗ ସପକ୍ଷରେ (30 ଡିସେମ୍ବର 2020) ସମର୍ପଣ କଲା ଯାହା ଫଳରେ ଏହା ଏସ୍‌ଟିଡିସି ସପକ୍ଷରେ ଆବଣ୍ଟନ କରିପାରିବ । ତଥାପି, ଇଡ୍‌କୋ ଦ୍ୱାରା ଜମି ସମର୍ପଣ କରିବାର ଚାରି ବର୍ଷ ପରେ ମଧ୍ୟ, ଏସ୍‌ଟିଡିସି ସପକ୍ଷରେ (ଅକ୍ଟୋବର 2024) ଏହାକୁ ହସ୍ତାନ୍ତର କରାଯାଇ ନାହିଁ ।

  ଜେପିଆଇ (19 ଅକ୍ଟୋବର 2024) ସମୟରେ, ଏହା ଦେଖାଯାଇଥିଲା ଯେ ଆବଣ୍ଟିତ ଜମିର କିଛି ଅଂଶରେ ଏକ ସୀମା ପ୍ରାଚୀର ଏବଂ ଏକ ପିଚୁ ରାସ୍ତା ମୁଖ୍ୟ ରାସ୍ତାକୁ ଆବଣ୍ଟିତ ଅଞ୍ଚଳକୁ ସଂଯୋଗ କରିବା ପାଇଁ ନିର୍ମାଣ[7] କରାଯାଇଥିଲା । ସଂପୂର୍ଣ୍ଣ ଅଧିଗ୍ରହଣିତ ଜମି ଖାଲି ପଡିଥିଲା ଏବଂ ଉଦ୍ଦିଷ୍ଟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇନଥିଲା ।

  ଅଡିଟ୍ ଦେଖିଲା ଯେ 18 ବର୍ଷ ବିତିଯିବା ପରେ ମଧ୍ୟ 1,615.36 ଏକରର ସମ୍ପୂର୍ଣ୍ଣ ଜମି ବ୍ୟବହାର ନ ହେବା ସତ୍ତ୍ୱେ, ଆର୍‌ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଆଇନର ବ୍ୟବସ୍ଥା ଅନୁଯାୟୀ ଜମି ମୂଳ ମାଲିକଙ୍କୁ କିମ୍ବା ଲ୍ୟାଣ୍ଡ ବ୍ୟାଙ୍କକୁ ଫେରସ୍ତ କରାଯାଇ ନଥିଲା ।

  ଆର୍‌ଆଣ୍ଡଡିଏମ୍ ବିଭାଗ କହିଥିଲେ (ଅକ୍ଟୋବର 2025) ଯେ ଇଡ୍‌କୋ ମାଧ୍ୟମରେ ଶିଳ୍ପ ୟୁନିଟ୍‌ଗୁଡ଼ିକୁ ଆବଣ୍ଟିତ ଜମି ପାଇଁ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି ଏବଂ ଯାଞ୍ଚ ପରେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ । ତଥାପି, ଏହା ସତ୍ୟ ଯେ ବିଭାଗ ଏସ୍‌ଟିଡିସିକୁ ଆବଣ୍ଟନ ପାଇଁ ଇଡ୍‌କୋ ଦ୍ୱାରା ସମର୍ପଣ କରାଯାଇଥିବା ଜମିର ବ୍ୟବହାର ସୁନିଶ୍ଚିତ କରିନାହିଁ ।

- ***ତାପଜ ବିଦ୍ୟୁତ୍ କେନ୍ଦ୍ର ପାଇଁ ଅଧିଗ୍ରହଣିତ ଜମିର ବ୍ୟବହାର ନକରିବା*** : କାମାକ୍ଷାନଗର ତହସିଲଦାର-କମ୍-ଏଲ୍‌ଏଓ, ଓଡ଼ିଶା ତାପଜ ବିଦ୍ୟୁତ୍ ନିଗମ ଲିମିଟେଡ୍[8] (ଓଟିପିସିଏଲ୍) ଦ୍ୱାରା ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ତହସିଲ ଅଧୀନରେ ସାତଟି ଗ୍ରାମରେ[9] 820.235 ଏକର

---

7 ଏସ୍‌ବିପିକୁ ରାସ୍ତା ତିଆରି ପାଇଁ 22.84 ଏକର ଜମି ପୁରୀ ତହସିଲ୍ ଅଧୀନସ୍ଥ କାଶି ଜଗନ୍ନାଥପୁର (11.19 ଏକର) ଓ ଶଙ୍କରପୁର (11.65 ଏକର) ଗ୍ରାମରେ ଅଧିଗ୍ରହଣ କରାଯାଇଥିଲା ।

8 ଓଡ଼ିଶା ସରକାରଙ୍କର ପବ୍ଲିକ୍ ସେକ୍ଟର ଅଣ୍ଡରଟେକିଂ

9 ଅନ୍ନପୂର୍ଣ୍ଣା ଖମାର (ଖ), ଅଁଳାବେରେଣୀ, କୁସୁମଯୋଡି, କଣ୍ଟାପଳ, ଅଲୁଆଝରଣ, ଧୋବାବାହାଲି ଏବଂ କାଟେଣୀ

ବ୍ୟକ୍ତିଗତ ଜମି ଏକ ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା ପାଇଁ ଅଧିଗ୍ରହଣ କରିଥିଲେ । ଜୁଲାଇ 2015 ରୁ ମାର୍ଚ୍ଚ 2018 ମଧ୍ୟରେ ଜମିର ଅଧିକାର ଓଟିପିସିଏଲ୍‌କୁ ହସ୍ତାନ୍ତର କରାଯାଇଥିଲା । ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ, ଜମିକୁ ମାର୍ଚ୍ଚ 2023 ସୁଦ୍ଧା ବ୍ୟବହାର କରାଯିବାର ଥିଲା ।

ମିଳିତ ଭୌତିକ ଯାଞ୍ଚ (8 ଅଗଷ୍ଟ 2024) ରେ, ଏହା ଲକ୍ଷ୍ୟ କରାଯାଇଥିଲା ଯେ ଅନ୍ନପୂର୍ଣ୍ଣାପୁର ଖମାର (ଖ) ଗ୍ରାମର ବିସ୍ଥାପିତ ପରିବାର ପାଇଁ 27 ଏକର ଜମିରେ ଏକ ପୁନଃ ଥଇଥାନ ଏବଂ ପୁନର୍ବାସ (ଆର୍‌ଆଣ୍ଡଆର୍) କଲୋନୀ ନିର୍ମାଣ କରାଯାଇଥିଲା ଏବଂ ପ୍ରାୟ 2,000 ବର୍ଗଫୁଟର ଏକ ସାଇଟ୍ ଅଫିସ୍ ନିର୍ମାଣ କରାଯାଇଥିଲା । କିନ୍ତୁ, ଅବଶିଷ୍ଟ ଜମି ଅବ୍ୟବହୃତ ହୋଇ ପଡ଼ିରହିଥିଲା । ତେଣୁ, ଜମି ଦଖଲ ହସ୍ତାନ୍ତର କରିବାର ଛଅରୁ ଦଶ ବର୍ଷ ବିତିଯାଇଥିଲେ ମଧ୍ୟ, 820.235 ଏକର ଅଧିଗ୍ରହଣୀତ ବ୍ୟକ୍ତିଗତ ଜମି ଉଦ୍ଦିଷ୍ଟ କାରଣରେ ବ୍ୟବହାର କରାଯାଇ ନାହିଁ ।

ବିଭାଗ କହିଥିଲେ (ଅକ୍ଟୋବର 2025) ଯେ ତହସିଲଦାରଙ୍କ ଦ୍ୱାରା ଏହି ବିଷୟ (ଅଗଷ୍ଟ 2025) ଓଟିପିସିଏଲ୍‌ର ସିଇଓଙ୍କୁ ଅବଗତ କରାଯାଇଥିଲା ଏବଂ ଓଟିପିସିଏଲ ଅନୁପାଳନ ରିପୋର୍ଟ ଅପେକ୍ଷା କରାଯାଇଛି । ଉତ୍ତର ଯୁକ୍ତିଯୁକ୍ତ ନୁହେଁ କାରଣ ସମ୍ପୃକ୍ତ ବିଭାଗ/ ତହସିଲଦାର ନିର୍ଦ୍ଧାରିତ ସମୟସୀମା (ମାର୍ଚ୍ଚ 2023) ମଧ୍ୟରେ ଓଟିପିସିଏଲ୍ ଆବଣ୍ଟିତ ଜମି ବ୍ୟବହାର କରିବାରେ ବିଫଳ ହୋଇଥିଲେ ମଧ୍ୟ ଅବ୍ୟବହୃତ ଜମି ଫେରାଇବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହାଁନ୍ତି ।

### 3.1.2.4 *ଅବ୍ୟବହୃତ ଲିଜ୍ ହୋଇଥିବା ସରକାରୀ ଜମିର ପୁନଃଉଦ୍ଧାର ନକରିବା*

1983 ରୁ ମାର୍ଚ୍ଚ 2021 ମଧ୍ୟରେ ରାଜ୍ୟ ସରକାର ଶିଳ୍ପ/ ଭିତ୍ତିଭୂମି ପ୍ରକଳ୍ପ ପ୍ରତିଷ୍ଠା ପାଇଁ 3,321.248 ଏକର ସରକାରୀ ଜମି ଲିଜ୍ ଦେଇଥିଲେ । ଜାନୁଆରୀ 2025 ସୁଦ୍ଧା ଲିଜ୍‌ଧାରୀମାନଙ୍କ ଦ୍ୱାରା ଏପରି ଲିଜ୍ ହୋଇଥିବା ଜମିର ବ୍ୟବହାରର ପରିମାଣ **ସାରଣୀ 3.1.1** ରେ ଦର୍ଶାଯାଇଛି ।

***ସାରଣୀ 3.1.1: 1983 ରୁ ମାର୍ଚ୍ଚ 2021 ମଧ୍ୟରେ ଶିଳ୍ପ/ ଭିତ୍ତିଭୂମି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଜମିର ଆବଣ୍ଟନ ଏବଂ ବ୍ୟବହାର***

| ଆବଣ୍ଟିତ ସଂସ୍ଥା | ଆବଣ୍ଟନ ଅବଧି | ଆବଣ୍ଟିତ ଅଞ୍ଚଳ | ଅବ୍ୟବହୃତ ଅଞ୍ଚଳ |
|---|---|---|---|
| | | (ଏକରରେ) | |
| ଇଡ୍‌କୋ | ମଇ 1985 ରୁ ମାର୍ଚ୍ଚ 2021 | 2,876.06 | 2,799.686 (97 ପ୍ରତିଶତ) |
| ବିଡିଏ | ଅଗଷ୍ଟ 1991 ରୁ ନଭେମ୍ବର 2012 | 153.447 | 153.447 (100 ପ୍ରତିଶତ) |
| ଏମ୍‌ସିଏଲ୍ | ଏପ୍ରିଲ୍1996 ରୁ ଅଗଷ୍ଟ 2018 | 128.350 | 128.350 (100 ପ୍ରତିଶତ) |
| ଅନ୍ୟାନ୍ୟ[10] | 1983 ରୁ ଡିସେମ୍ବର 2018 | 163.391 | 139.266 (85 ପ୍ରତିଶତ) |
| | **ମୋଟ** | **3,321.248** | **3,220.749 (97 ପ୍ରତିଶତ)** |

***(ଉତ୍ସ: ଆର୍‌ଡିଏମ୍ ବିଭାଗ, ଇଡ୍‌କୋ ଏବଂ ବିଡିଏର ରେକର୍ଡ)***

ଅଡିଟ୍ ଦେଖିଲା ଯେ ଆବଣ୍ଟନଗ୍ରାହୀମାନେ କେବଳ 100.499 ଏକର ଜମି ବ୍ୟବହାର କରିଛନ୍ତି ଏବଂ ବାକି 3,220.749 ଏକର (97 ପ୍ରତିଶତ) ଲିଜ୍ ଜମି ଜାନୁୟାରୀ 2025 ସୁଦ୍ଧା ଅବ୍ୟବହୃତ ହୋଇ ରହିଛି । ଏପରି ଅବ୍ୟବହୃତ ଜମିର ବିବରଣୀ ନିମ୍ନରେ ଆଲୋଚନା କରାଯାଇଛି:

- ଢେଙ୍କାନାଳ ଜିଲ୍ଲାପାଳ, କାମାକ୍ଷାନଗର ତହସିଲ ଅଧୀନରେ ଆର୍‌ଏସ୍‌ବି ମେଟାଲ୍‌ଟେକ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଶିଳ୍ପ ପ୍ରତିଷ୍ଠା ପାଇଁ ଇଡ୍‌କୋ ସପକ୍ଷରେ 193.12 ଏକର ସରକାରୀ ଜମି[11] ମଞ୍ଜୁର କରିଥିଲେ (ନଭେମ୍ବର 2010) । ମିଳିତ ସରଜମିନ୍ ତଦନ୍ତରେ (ଜେପିଆଇ) (12 ଅଗଷ୍ଟ 2024)

---

10 ସରକାରୀ ଓ ବେସରକାରୀ ସଂଗଠନ ସହିତ

11 ଭାଗିରଥିପୁରଶାସନ: ଲିଜ୍ ମାମଲା ସଂଖ୍ୟା 17/10, ଖାତା ସଂଖ୍ୟା 204/438, ଅଞ୍ଚଳ 105.42 ଏକର; ମର୍କତ: ଲିଜ୍ ମାମଲା ସଂଖ୍ୟା 12/10, ଖାତା ସଂଖ୍ୟା 110/108, area 68.04 ଏକର; ବିଜଡିହ: ଲିଜ୍ ମାମଲା ସଂଖ୍ୟା 13/10, ଖାତା ସଂଖ୍ୟା 260, ଅଞ୍ଚଳ 4.47 ଏକର; ସାମତଙ୍ଗି: ଲିଜ୍ ମାମଲା ସଂଖ୍ୟା 01/10, ଖାତା ସଂଖ୍ୟା 202/177, ଅଞ୍ଚଳ 13.60 ଏକର; ଓ ମହୁଲପାଳ: ଲିଜ୍ ମାମଲା ସଂଖ୍ୟା 04/10, ଖାତା ସଂଖ୍ୟା 406/256, ଅଞ୍ଚଳ 1.59 ଏକର

ଏହା ଦେଖାଗଲା ଯେ ମଞ୍ଜୁରୀର 14 ବର୍ଷ ବିତିବା ପରେ ମଧ୍ୟ ସମ୍ପୂର୍ଣ୍ଣ ଜମି ଖାଲି ପଡ଼ିଛି । ଏହା ବ୍ୟତୀତ, ଯଦିଓ ସରକାରୀ ଜମି ଆବଣ୍ଟିତ କରାଯାଇଥିଲା, ଶିଳ୍ପ ବ୍ୟବହାର ପାଇଁ ସ୍ଥାନକୁ ଏକ କମ୍ପାକ୍ଟ ପ୍ୟାଚ୍ କରିବା ପାଇଁ ଆଖପାଖର ଘରୋଇ ଜମି/ ପ୍ଲଟ୍ ଅଧିଗ୍ରହଣ/ କ୍ରୟ କରାଯାଇ ନଥିଲା । ଉତ୍ତରରେ, କାମାକ୍ଷାନଗର ତହସିଲଦାର ଆଶ୍ୱାସନା ଦେଇଛନ୍ତି ଯେ ଆବଣ୍ଟିତ ଜମିର ଶୀଘ୍ର ବ୍ୟବହାର ପାଇଁ ଇଡ୍‌କୋକୁ ଅନୁରୋଧ କରାଯିବ ଏବଂ କହିଛନ୍ତି ଯେ ଯଦି ଇଡ୍‌କୋ ଜମି ବ୍ୟବହାର କରିବାରେ ବିଫଳ ହୁଏ, ତେବେ ପୁନରୁଦ୍ଧାର ପ୍ରକ୍ରିୟା କରାଯିବ ।

- ଝାରସୁଗୁଡ଼ା ଜିଲ୍ଲାପାଳ ଖଣି କାର୍ଯ୍ୟ ଯୋଗୁଁ ବିସ୍ଥାପିତ ପରିବାରଙ୍କ ପାଇଁ ପୁନର୍ବାସ ସ୍ଥାନ ନିର୍ମାଣ ପାଇଁ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) କୁ 100.850 ଏକର ସରକାରୀ ଜମି[12] ମଞ୍ଜୁର କରିଛନ୍ତି (ଅଗଷ୍ଟ 2018) । ଅଞ୍ଚଳର ମିଳିତ ସରଜମିନ୍ ତଦନ୍ତରେ (ଅଗଷ୍ଟ 2024) ରେ, ଏହା ଲକ୍ଷ୍ୟ କରାଯାଇଛି ଯେ ଏହାକୁ ଉଦ୍ଦିଷ୍ଟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇ ନାହିଁ କାରଣ କୌଣସି ପରିବାରକୁ ଜମିରେ ପୁନର୍ବାସ କରାଯାଇ ନାହିଁ ଏବଂ ସୀମା ପ୍ରାଚୀର, ସିମେଣ୍ଟ କଂକ୍ରିଟ୍ ରାସ୍ତା, ଆବଣ୍ଟିତ ଜମିର ଏକ ଛୋଟ ଅଂଶରେ ନିର୍ମିତ ଘର ଏବଂ ଡ୍ରେନ୍ କ୍ଷତିଗ୍ରସ୍ତ ହୋଇଛି । ଏହିପରି, ମଞ୍ଜୁରୀ ତାରିଖରୁ ଛଅ ବର୍ଷ ବିତିବା ପରେ ମଧ୍ୟ ଉଦ୍ଦିଷ୍ଟ ଉଦ୍ଦେଶ୍ୟ ଅନୁଯାୟୀ ଜମି ବ୍ୟବହାର ସୁନିଶ୍ଚିତ କରାଯାଇ ନାହିଁ । ଉତ୍ତରରେ, ଲଖନପୁରର ତହସିଲଦାର ଆଶ୍ୱାସନା ଦେଇଛନ୍ତି (ସେପ୍ଟେମ୍ବର 2024) ଯେ ପୁନରୁଦ୍ଧାର ପ୍ରକ୍ରିୟା ଆରମ୍ଭ କରାଯିବ ।

- ଆର୍‌ଆଣ୍ଡଡିଏମ୍ ବିଭାଗ ଏବଂ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ (ଜିଏପିଜି) ବିଭାଗ (ଅଗଷ୍ଟ 1991 ରୁ ନଭେମ୍ବର 2012) ଜଟଣୀ, ଖୋର୍ଦ୍ଧା ଏବଂ ଭୁବନେଶ୍ୱର ତହସିଲରେ 153.447 ଏକର ସରକାରୀ ଜମି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ସପକ୍ଷରେ ଗୃହ ପ୍ରକଳ୍ପ, କର୍ମଚାରୀ କ୍ୱାର୍ଟର ଇତ୍ୟାଦି ବିକାଶ ପାଇଁ ଆବଣ୍ଟିତ କରିଥଲେ । ଅଡିଟ୍ ଉଲ୍ଲେଖ କରିଛି ଯେ ଅଧିକାର ହସ୍ତାନ୍ତର ତାରିଖରୁ 15 ରୁ 25 ବର୍ଷ ବିତିଯାଇଥିଲେ ମଧ୍ୟ (ଡିସେମ୍ବର 2024 ସୁଦ୍ଧା) ବିଡିଏ ସମ୍ପୂର୍ଣ୍ଣ ଆବଣ୍ଟିତ ଜମି ବ୍ୟବହାର କରିନାହିଁ । ଉପଯୁକ୍ତ ରାସ୍ତାର ଅଭାବ, ଅତିରିକ୍ତ ଜମିର ଆବଶ୍ୟକତା, ଲିଜ୍ ସର୍ତ୍ତାବଳୀ ଚୂଡ଼ାନ୍ତ କରିବାରେ ବିଳମ୍ବ, ଭୂମି ବ୍ୟବହାରରେ ପରିବର୍ତ୍ତନର ଅନୁରୋଧ, ଫାଇଲ୍ ପ୍ରକ୍ରିୟାକରଣରେ ବିଳମ୍ବ ଇତ୍ୟାଦିକୁ ଜମି ବ୍ୟବହାର ନ କରିବା ପାଇଁ ଦାୟୀ କରାଯାଇଥିଲା ।

- ଆରଡିଏମ୍ ବିଭାଗ, ବ୍ରହ୍ମଗିରି ତହସିଲ ଅଧୀନରେ ପାଞ୍ଚ ଏକର ଜମିର[13] ଲିଜ୍ (ଅଗଷ୍ଟ 2010) ମେସର୍ସ ସ୍ୱସ୍ତି ଭ୍ୟାକେସନ୍ କ୍ଲବ୍ ପ୍ରାଇଭେଟ୍ ଲିମିଟେଡ୍ ପରିଚାଳନା ନିର୍ଦ୍ଦେଶକଙ୍କ ସପକ୍ଷରେ ଏକ ପର୍ଯ୍ୟଟନ ରିସର୍ଟ ପ୍ରତିଷ୍ଠା ପାଇଁ ମଞ୍ଜୁର କରିଥିଲା । ଅଞ୍ଚଳର ଜେପିଆଇ (22 ଅକ୍ଟୋବର 2024) ରେ, ଏହା ଲକ୍ଷ୍ୟ କରାଯାଇଥିଲା ଯେ ମଞ୍ଜୁରୀ ତାରିଖରୁ 14 ବର୍ଷ ବିତିଯିବା ପରେ ମଧ୍ୟ, କୌଣସି କାରଣ ବିନା, ଜମି ଖାଲି ପଡ଼ିଛି । ଉତ୍ତରରେ, ତହସିଲଦାର ବ୍ରହ୍ମଗିରି (ନଭେମ୍ବର 2024) ଆଶ୍ୱାସନା ଦେଇଥିଲେ ଯେ ଜମିର ବ୍ୟବହାର ପାଇଁ ପଦକ୍ଷେପ ନିଆଯିବ, ନଚେତ୍ ପୁନଃସ୍ଥାପନ ପ୍ରକ୍ରିୟା ଆରମ୍ଭ କରାଯିବ ।

ଏହିପରି ଭାବରେ, ସମ୍ପୃକ୍ତ ଜିଲ୍ଲାପାଳମାନେ ଆବଣ୍ଟିତ ଜମିର ଶେଷ ବ୍ୟବହାର ତଦାରଖ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେଇନଥିଲେ ଏବଂ ଲିଜ୍ ହୋଲ୍ଡ ଜମିର ସମୟୋଚିତ ବ୍ୟବହାର ସୁନିଶ୍ଚିତ କରିନଥିଲେ । ନିର୍ଦ୍ଧାରିତ ଅବଧି ପରେ ଅବ୍ୟବହୃତ ଜମିର ପୁନଃସ୍ଥାପନ ପାଇଁ ମଧ୍ୟ ଓଜିଏଲଏସ୍ ଆଇନ୍ ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ନିଆଯାଇନଥିଲା, ଯାହାଫଳରେ ବୈଧାନିକ ବ୍ୟବସ୍ଥା ପାଳନ କରାଯାଇନଥିଲା ।

ବିଭାଗ ପକ୍ଷରୁ କୁହାଯାଇଛି (ଅକ୍ଟୋବର 2025) ଯେ ଭୁବନେଶ୍ୱର ଏବଂ ଜଟଣୀ ତହସିଲର ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକମାନଙ୍କୁ ଲିଜ୍ ଦିଆଯାଇଥିବା ସରକାରୀ ଜମିର ବ୍ୟବହାର ସ୍ଥିତି ଯାଞ୍ଚ ଏବଂ ନିର୍ଣ୍ଣୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହ ସୂଚାଇ ଦେଉଛି ଯେ ସମ୍ପୃକ୍ତ ବିଭାଗ/ ଜିଲ୍ଲାପାଳମାନେ ଉଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଆବଣ୍ଟିତ ଜମିର

---

12 ଚୌରଣୀମହୁଲ ଗ୍ରାମ ଲଖନପୁର ତହସିଲ ଅଧୀନସ୍ଥ

13 ଗ୍ରାମ: ବାଙ୍କିଜଳ, ଖାତା ସଂଖ୍ୟା 364/154, ପ୍ଲଟ ସଂଖ୍ୟା 368/1951, କିସମ: ପତିତ

ବ୍ୟବହାର ତଦାରଖ କରି ନଥିଲେ ଏବଂ ଓଜିଏଲ୍ଏସ୍ ଆଇନ୍ ଅନୁଯାୟୀ ଅବ୍ୟବହୃତ ଜମିକୁ ପୁନର୍ଗୁଦ୍ଧାର ପାଇଁ ପଦକ୍ଷେପ ନେଇନଥିଲେ।

### *3.1.2.5 ଇଡ୍କୋର ଶିଳ୍ପ ଇଷ୍ଟେଟ୍/ କ୍ଷେତ୍ରରେ ଅବ୍ୟବହୃତ ଜମି ପୁନର୍ଗୁଦ୍ଧାର ନକରିବା*

ଇଡ୍କୋ ରାଜ୍ୟର ବିଭିନ୍ନ ସ୍ଥାନରେ ଶିଳ୍ପ ନିବେଶକୁ ସହଜ କରିବା ଏବଂ ବ୍ୟବହାର ପାଇଁ ପ୍ରସ୍ତୁତ ଭିତ୍ତିଭୂମି ଯଥା ରାସ୍ତା, ଡ୍ରେନ୍, ବିଦ୍ୟୁତ୍ ଯୋଗାଣ, ଜଳ ଯୋଗାଣ ଏବଂ ଅନ୍ୟାନ୍ୟ ସାଧାରଣ ସୁବିଧା ସହିତ ବିକଶିତ ପ୍ଲଟ୍/ ସେଡ୍ ପ୍ରଦାନ କରିବା ପାଇଁ ଶିଳ୍ପ ଇଷ୍ଟେଟ୍ (ଆଇଇ), ଶିଳ୍ପ କ୍ଷେତ୍ର (ଆଇଏ), ଆଇଟି ପାର୍କ, ଅଭିବୃଦ୍ଧି କେନ୍ଦ୍ର ଇତ୍ୟାଦି ପ୍ରତିଷ୍ଠା କରିଥିଲା।

ଆଠଟି ନମୁନା ଜିଲ୍ଲାଗୁଡ଼ିକରେ, ରାଜ୍ୟ ସରକାର (1981 ରୁ 2018) 5,791.212 ଏକର ଜମି (ଉଭୟ ଘରୋଇ ଜମି ଅଧିଗ୍ରହଣ ଏବଂ ସରକାରୀ ଜମି ଲିଜ୍‌ରେ ଦିଆଯାଇଛି ) ଇଡ୍କୋ ସପକ୍ଷରେ ଆଇଇ/ ଆଇଏ/ ଆଇଟି ପାର୍କ/ ବିକାଶ କେନ୍ଦ୍ର ଇତ୍ୟାଦି ପ୍ରତିଷ୍ଠା ପାଇଁ ଆବଣ୍ଟନ କରିଥିଲେ। ବ୍ୟବହାରର ସ୍ଥିତି **ସାରଣୀ** 3.1.2 ରେ ଦର୍ଶାଯାଇଛି।

***ସାରଣୀ 3.1.2: ମାର୍ଚ୍ଚ 2024 ସୁଦ୍ଧା ନମୁନ ାଜିଲ୍ଲା ଗୁଡ଼ିକରେ ଇଡ୍କୋ ଦ୍ୱାରା ଆବଣ୍ଟିତ ଜମିର ବ୍ୟବହାରର ସ୍ଥିତି***

| ଜିଲ୍ଲାର ନାମ | ଶିଳ୍ପ ଇଷ୍ଟେଟ୍ ସଂଖ୍ୟା | ସରକାରଙ୍କ ଦ୍ୱାରା ଆବଣ୍ଟିତ ଜମି | ସାଧାରଣ ସୁବିଧା ପାଇଁ ଜମି | ଇଡକୋ ଦ୍ୱାରା ଆବଣ୍ଟନ ପାଇଁ ଉପଲବ୍ଧ ଜମି | ଇଡ୍କୋ ଦ୍ୱାରା ଆବଣ୍ଟିତ ଜମି | ଅବ୍ୟବହୃତ ଜମି |
|---|---|---|---|---|---|---|
| | | *(ଏକରରେ)* | | | | |
| ଅନୁଗୁଳ | 3 | 90.950 | 29.791 | 61.159 | 50.651 | 6.346 |
| ବଲାଙ୍ଗୀର | 9 | 719.850 | 205.290 | 514.560 | 372.087 | 88.245 |
| ଢେଙ୍କାନାଳ | 6 | 588.770 | 59.286 | 529.484 | 424.406 | 192.529 |
| ଜଗତସିଂହପୁର | 5 | 184.030 | 72.131 | 111.899 | 77.397 | 35.018 |
| ଯାଜପୁର | 2 | 120.230 | 23.890 | 96.340 | 89.660 | 40.870 |
| ଝାରସୁଗୁଡ଼ା | 3 | 523.730 | 104.626 | 419.104 | 284.819 | 61.249 |
| ଖୋର୍ଦ୍ଧା | 25 | 3,453.652 | 561.515 | 2,892.137 | 2,318.279 | 546.589 |
| ପୁରୀ | 2 | 110.000 | 22.000 | 88.000 | 89.410 | 23.959 |
| **ମୋଟ** | **55** | **5,791.212** | **1,078.529** | **4,712.683** | **3,706.709** | **994.805** |

***(ଉତ୍ସ: ଇଡ୍କୋର ରେକର୍ଡ ଏବଂ ନମୁନା ଜିଲ୍ଲାପାଳ କାର୍ଯ୍ୟାଳୟ)***

ଇଡ୍କୋ ମାର୍ଚ୍ଚ 2024 ସୁଦ୍ଧା 2,884 ଶିଳ୍ପ ୟୁନିଟ୍/ ସଂସ୍ଥା ପାଇଁ 3,706.709 ଏକର[14] ଜମି ଆବଣ୍ଟିତ କରିଥିଲା। ଅଡିଟ୍ ଦ୍ୱାରା 2,884 ୟୁନିଟ୍ ମଧ୍ୟରୁ 1,000 ୟୁନିଟ୍ ର ଜେପିଆଇ କରାଯାଇଥିଲା, ଯାହାକୁ 1,333.114 ଏକର ଜମି ଆବଣ୍ଟନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ, ଅଡିଟ୍ ଦେଖିଲା ଯେ:

- ଇଡ୍କୋ 55ଟି ଆଇ/ଆଇଏ ମଧ୍ୟରୁ 39 ୟୁନିଟ୍ ପାଇଁ ଆବଶ୍ୟକ 1,142.626[15] ଏକର ଜମି ଇଡ୍କୋ ଦ୍ୱାରା ଆବଣ୍ଟନ କରାଯାଇନଥିଲା। ଏଥିରେ ତିନୋଟି ଆଇଇ (ପାଳଶ୍ରୀ, କାମାକ୍ଷାନଗର ଏବଂ ବଳରାମପୁର) ଅନ୍ତର୍ଭୁକ୍ତ, ଯେଉଁଠାରେ 72.790 ଏକର ଜମି ଉପଲବ୍ଧ ସତ୍ତ୍ୱେ କୌଣସି ଜମି ଆବଣ୍ଟନ କରାଯାଇ ନଥିଲା। ଅନ୍ୟ ତିନୋଟି ଆଇଇ (ଚନ୍ଦକା, ରସୁଲଗଡ ଏବଂ ମଞ୍ଚେଶ୍ୱର)ରେ, 848.309 ଏକର ଆବଣ୍ଟିତ ଜମି ମଧ୍ୟରୁ 67.642 ଏକର ଜବରଦଖଲ ହୋଇଥିବା ଜଣାପଡିଥିଲା। ଯଦିଓ ଇଡ୍କୋ ଜବରଦଖଲ ଚିହ୍ନଟ କରିଥିଲା, ତଥାପି ଏହାର ଉଚ୍ଛେଦ କରାଯାଇ ନଥିଲା। ଇଡ୍କୋ ମଧ ଜବରଦଖଲ ହଟାଇବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିନଥିଲା।

---

14 ଏଥିରେ ସାଧାରଣ ଉପଯୋଗୀ କ୍ଷେତ୍ରରୁ/ ଆବଣ୍ଟନ ପାଇଁ ଉପଲବ୍ଧ କ୍ଷେତ୍ରଠାରୁ ଅଧିକ 136.652 ଏକର ଜମି ଅନ୍ତର୍ଭୁକ୍ତ।

15 ଆବଣ୍ଟନ ପାଇଁ ଉପଲବ୍ଧ କ୍ଷେତ୍ର (4,712.683 ଏକର – ଦିଆଯାଇଥିବା ଅଞ୍ଚଳ 3706.709 ଏକର) + ସାଧାରଣ ବ୍ୟବହାର ବାହାରେ 136.652 ଏକର ଦିଆଯାଇଛି = 1,142.626

- ଇଡ୍‌କୋ ଦ୍ୱାରା 994.805 ଏକର ଜମି ସହିତ ଆବଣ୍ଟିତ 971 ଶିଳ୍ପ ୟୁନିଟ୍[16], ୟୁନିଟ୍ ବନ୍ଦ ହେବା ଯୋଗୁଁ ଏହାକୁ ବ୍ୟବହାର କରିନଥିଲା । ଯଦିଓ ଇଡ୍‌କୋ ଏହି ବନ୍ଦ ୟୁନିଟ୍ ମଧ୍ୟରୁ 612 (ମାର୍ଚ୍ଚ 2024 ସୁଦ୍ଧା) ଚିହ୍ନଟ କରିଥିଲା, କିନ୍ତୁ ସେମାନଙ୍କୁ ଆବଣ୍ଟିତ ଜମି ପୁନର୍ଗ୍ରହଣ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇନଥିଲା ।

ବିଭାଗ କହିଛି (ଅକ୍ଟୋବର 2025) ଯେ ଜଗତସିଂହପୁର, ଖୋର୍ଦ୍ଧା ଏବଂ ଢେଙ୍କାନାଳ ଜିଲ୍ଲାରେ ଇଡ୍‌କୋ ସପକ୍ଷରେ ଆବଣ୍ଟିତ ଜମିର ସ୍ଥିତି ଯାଞ୍ଚ କରିବା ପାଇଁ ତହସିଲଦାର/ ରାଜସ୍ୱ ନିରୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହା ଆହୁରି ମଧ୍ୟ କହିଛି ଯେ କଳିଙ୍ଗନଗରରେ (ଯାଜପୁର ଜିଲ୍ଲା) ଇଡ୍‌କୋ ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଅଞ୍ଚଳ ଶେଷରେ ସେହି ଶିଳ୍ପଗୁଡ଼ିକ ଦ୍ୱାରା ବ୍ୟବହାର କରାଯିବ ଯେଉଁମାନଙ୍କ ପାଇଁ ଏହା ଆବଣ୍ଟିତ ହୋଇଥିଲା । ଉତ୍ତର ବିଶ୍ୱାସଯୋଗ୍ୟ ନୁହେଁ, କାରଣ ବିଭାଗ ଏବଂ ସମ୍ପୃକ୍ତ ତହସିଲଦାରମାନେ ଉଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଆବଣ୍ଟିତ ଜମିର ବ୍ୟବହାର ଯାଞ୍ଚ କରିନଥିଲେ ।

### *3.1.2.6 ଅଣ-ଉଦ୍ଦିଷ୍ଟ ଉଦ୍ଦେଶ୍ୟରେ ଜମି ବ୍ୟବହାର ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାନଯିବା*

ଅଡିଟ୍ ଦେଖିଛି ଯେ 252.692 ଏକର ଆବଣ୍ଟିତ ଜମିକୁ ଅନୁମୋଦନ କରାଯାଇଥିବା ଉଦ୍ଦେଶ୍ୟ ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥିଲା, ଯାହା ନିମ୍ନରେ ଆଲୋଚନା କରାଯାଇଛି:

ଇଡ୍‌କୋର ଆଇଇଗୁଡ଼ିକ/ ଆଇଏଗୁଡ଼ିକ ସମ୍ପର୍କରେ, ଏହା ଦେଖାଯାଇଥିଲା ଯେ ଶିଳ୍ପ/ ସଂଯୁକ୍ତ କାର୍ଯ୍ୟକଳାପ ପ୍ରତିଷ୍ଠା ପାଇଁ 237.257 ଏକର ଜମି ଆବଣ୍ଟିତ ହୋଇଥିବା 454 ୟୁନିଟ୍, ଏହାକୁ ଆବଣ୍ଟିତ କରାଯାଇଥିବା ଉଦ୍ଦେଶ୍ୟ ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରିଥିଲେ । ଏଥିରେ ଶିଳ୍ପ ଉଦ୍ଦେଶ୍ୟରେ ନୁହେଁ ବରଂ ଆବାସିକ ଏବଂ ଛାତ୍ରାବାସ ଉଦ୍ଦେଶ୍ୟରେ ବ୍ୟବହୃତ 29.735 ଏକର (13 ପ୍ରତିଶତ) ଅନ୍ତର୍ଭୁକ୍ତ । ନମୁନା-ଯାଞ୍ଚ ସମୟରେ ଅଡିଟ୍ ଦ୍ୱାରା ଲକ୍ଷ୍ୟ କରାଯାଇଥିବା ଜମିର ଅପବ୍ୟବହାର ମାମଲାଗୁଡ଼ିକ ନିମ୍ନରେ ଆଲୋଚନା କରାଯାଇଛି:




*ଚିତ୍ର 3.1.1: ଶିଳ୍ପାଞ୍ଚଳ ୟୁନିଟ୍ ପରିବର୍ତ୍ତେ ଶିକ୍ଷାନୁଷ୍ଠାନ*
*(ତାରିଖ:01.02.2025)*

- ଇଡ୍‌କୋ ଚନ୍ଦକା ଆଇଏରେ କୋଣାର୍କ ସିମେଣ୍ଟ ଏବଂ ଆଜବେଷ୍ଟସ୍ (କେସିଏଏଲ୍) ସପକ୍ଷରେ ଏକ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ପାଇଁ (ଜୁନ୍ 1981) 17.860 ଏକର ଜମି ଆବଣ୍ଟିତ କରିଥିଲା । ଇଡ୍‌କୋର ପ୍ରତିନିଧିମାନଙ୍କ ସହିତ ମିଳିତ ସରଜମିନ ତଦନ୍ତ (ଫେବୃଆରୀ 2025) ସମୟରେ, ଏହା ଲକ୍ଷ୍ୟ କରାଯାଇଥିଲା ଯେ ସମଗ୍ର ଜମିକୁ ନବ ଦିଗନ୍ତ ଶିକ୍ଷାନୁଷ୍ଠାନ ଟ୍ରଷ୍ଟ (ଏନ୍‌ଡିଇଟି) ଦ୍ୱାରା ଏକ ଶିକ୍ଷାନୁଷ୍ଠାନ ଭାବରେ କେସିଏଏଲର ଅନୁରୋଧରେ ବ୍ୟବହାର କରାଯାଉଛି, ଯାହା **ଚିତ୍ର 3.1.1** ରୁ ଦେଖାଯାଇପାରିବ । କେସିଏଏଲ୍ ଦ୍ୱାରା ଏନ୍‌ଡିଇଟିକୁ ଜମି ହସ୍ତାନ୍ତର ଓ ଜମିର ବ୍ୟବହାର ପରିବର୍ତ୍ତନ ପାଇଁ କରାଯାଇଥିବା ଅନୁରୋଧକୁ ଇଡ୍‌କୋ ଅନୁମୋଦନ କରିନଥିଲା । ତଥାପି ଇଡ୍‌କୋ ଜମି ଆବଣ୍ଟନକୁ ଖାରଜ କରିନଥିଲା ଏବଂ ଜମିକୁ ବ୍ୟବହାର ପରିବର୍ତ୍ତନ ଯୋଗୁଁ ଅଧିଗ୍ରହଣ କରିବା ପାଇଁ ପଦକ୍ଷେପ ନେଇନଥିଲା ।

- ଇଡ୍‌କୋ ଜୁଲାଇ 2006 ମାସରେ ଚନ୍ଦକା ଶିଳ୍ପ ଅଞ୍ଚଳ (ଆଇଏ) ମଧ୍ୟରେ 54 ଏକର ଜମି ସୂଚନା ପ୍ରଯୁକ୍ତି ପାର୍କ ଉନ୍ନୟନ ପାଇଁ ଡିଏଲ୍‌ଏଫ୍ ଲିମିଟେଡ୍‌ଙ୍କ ସପକ୍ଷରେ ଆବଣ୍ଟନ କରିଥିଲା । ଇଡ୍‌କୋ ଓ ଡିଏଲ୍‌ଏଫ୍ ମଧ୍ୟରେ ନଭେମ୍ବର 2006 ରେ ସମ୍ପାଦିତ ଚୁକ୍ତି ଅନୁଯାୟୀ, ସୂଚନା ପ୍ରଯୁକ୍ତି ପାର୍କ ପ୍ରକଳ୍ପର ଡିଜାଇନ୍, ପରିକଳ୍ପନା, ଅର୍ଥ ଯୋଗାଣ, ବିପଣନ, ଆବଶ୍ୟକ ଢାଞ୍ଚାଗତ ସୁବିଧାର ଉନ୍ନୟନ, ସଞ୍ଚାଳନ ଏବଂ ପରିଚାଳନା କରିବାର ଦାୟିତ୍ୱ ଡିଏଲ୍‌ଏଫ୍ ଉପରେ ଥିଲା । ଅଡିଟ୍ ଦେଖିଲା ଯେ ଡିଏଲ୍‌ଏଫ୍ ଆଇଟି ପାର୍କ ଉନ୍ନୟନ ପାଇଁ କେବଳ 6.856 ଏକର ଜମି ବ୍ୟବହାର କରିଥିଲା ଏବଂ ଅବଶିଷ୍ଟ ଜମି

16 ଇଡ୍‌କୋ ଦ୍ୱାରା ପ୍ରଦାନ କରାଯାଇଥିବା ଷ୍ଟାଟସ୍ ରିପୋର୍ଟ 612 ଏବଂ ଜେପିଆଇ ଠାରୁ 359

ଅବ୍ୟବହୃତ ରହିଥିଲା । ଉଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ 47.144 ଏକର ଜମି ବ୍ୟବହାର କରିବାରେ ଡିଏଲ୍ଏଫ୍ ବିଫଳ ହେବାରୁ, ଇଡ୍କୋ ଜୁଲାଇ 2019 ରେ ଉକ୍ତ 47.144 ଏକର ଜମିର ଆବଣ୍ଟନ ବାତିଲ କରି, ବାତିଲ ହୋଇଥିବା ଜମିର ଦଖଲ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲା ।

ପରବର୍ତ୍ତୀ ସମୟରେ, ଡିଏଲ୍ଏଫ୍ ପୂର୍ବରୁ ବ୍ୟବହୃତ ଜମିକୁ ଧ୍ୟାନରେ ରଖି (ଡିସେମ୍ବର 2023 ପର୍ଯ୍ୟନ୍ତ 7.190 ଏକର ଜମି ବ୍ୟବହୃତ ହୋଇଥିଲା) ଏବଂ ଅଧିକ 10.00 ଏକର ଜମି ବ୍ୟବହାର କରିବା ପ୍ରସ୍ତାବ ଥିବାରୁ, ମୋଟ 17.190 ଏକର ଜମି ରଖିବା ପାଇଁ ଡିଏଲ୍ଏଫ୍ ଅନୁରୋଧ କରିଥିଲା । ଏହି ଅନୁରୋଧକୁ ଇଡ୍କୋ ଡିସେମ୍ବର 2023 ମାସରେ ଅନୁମତି ପ୍ରଦାନ କରିଥରଲା । କିନ୍ତୁ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମାର୍ଚ୍ଚ 2023 ମାସରେ ନିଷ୍ପତ୍ତି ନେଇଥିଲା ଯେ ଡିଏଲ୍ଏଫ୍ ସମଗ୍ର 54 ଏକର ଜମି ଇଡ୍କୋ ନିକଟକୁ ହସ୍ତାନ୍ତର କରିବ । ତଥାପି, ଜାନୁଆରୀ 2025 ପର୍ଯ୍ୟନ୍ତ ଉକ୍ତ ଜମି ହସ୍ତାନ୍ତର କରାଯାଇନଥିଲା । ଇଡ୍କୋ ପ୍ରତିନିଧିମାନଙ୍କ ସହ ଫେବୃଆରୀ 2025 ମାସରେ କରାଯାଇଥିବା ମିଳିତ ସରଜମିନ ତଦନ୍ତ (ଜେପିଆଇ) ସମୟରେ ଦେଖାଯାଇଥିଲା ଯେ 17.19 ଏକର ଜମି ମଧ୍ୟରୁ ଡିଏଲ୍ଏଫ୍ କେବଳ 7.19 ଏକର ଜମିରେ ପାଞ୍ଚତଳ ଭବନ ଓ ପାର୍କିଂ ସ୍ଥଳ ନିର୍ମାଣ କରି ବ୍ୟବହାର କରିଥିଲା ଏବଂ ନିର୍ମିତ କ୍ଷେତ୍ରକୁ ବିଭିନ୍ନ କର୍ପୋରେଟ୍ କାର୍ଯ୍ୟାଳୟ, ବ୍ୟାଙ୍କ, ଆଇଟି/ଅଣ-ଆଇଟି କମ୍ପାନୀ, ପରାମର୍ଶଦାତା ସଂସ୍ଥା ଓ ଗାଡ଼ି (ଅଟୋମୋବାଇଲ୍) କମ୍ପାନୀମାନଙ୍କୁ ସବ୍-ଲିଜ୍ ଦିଆଯାଇଥିଲା । ଅବଶିଷ୍ଟ 46.81 ଏକର ଜମି ଖାଲି ଅବସ୍ଥାରେ ରହିଥିଲା ଏବଂ ଏପର୍ଯ୍ୟନ୍ତ ପୁନଃଦଖଲ କରାଯାଇନଥିଲା ।

- ଖୋର୍ଦ୍ଧା ଜିଲ୍ଲାପାଳ ଡିସେମ୍ବର 2006 ମାସରେ ଜଟଣୀ ତହସିଲ୍ ଅନ୍ତର୍ଗତ ହରପୁର ଗ୍ରାମର 19.961 ଏକର ଜମି ଆଇଟି ସଂସ୍ଥା ସ୍ଥାପନ ପାଇଁ ଓଡ଼ିଶା ମିଲେନିୟମ ଏଜୁକେସନ୍ ଟ୍ରଷ୍ଟ, ଭୁବନେଶ୍ୱରଙ୍କ ପକ୍ଷରେ ଆବଣ୍ଟନ କରିବାକୁ ଅନୁମୋଦନ କରିଥିଲେ । ଉକ୍ତ ଜମିର 20 ଜାନୁୟାରୀ 2025 ରେ କରାଯାଇଥିବା ମିଳିତ ସରଜମିନ ତଦନ୍ତ ସମୟରେ ଦେଖାଯାଇଥିଲା ଯେ ଆବଣ୍ଟିତ ଜମିରେ ଜି.ଡି.ଗୋୟେଙ୍କା ପବ୍ଲିକ୍ ସ୍କୁଲ୍ (8.984 ଏକର) ଏବଂ ଭୁବନେଶ୍ୱର ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (6.279 ଏକର) ନାମକ ଦୁଇଟି ଶିକ୍ଷାନୁଷ୍ଠାନ ସ୍ଥାପିତ ହୋଇଥିବା ବେଳେ, 4.698 ଏକର ଜମି ଖାଲି ଅବସ୍ଥାରେ ରହିଥିଲା । ଏହାଦ୍ୱାରା ଆଇଟି ସଂସ୍ଥା ସ୍ଥାପନ ପାଇଁ ଆବଣ୍ଟିତ 8.984 ଏକର ଜମିକୁ ଗୋଟିଏ ବେସରକାରୀ ସ୍କୁଲ୍ ଚଳାଇବା ପାଇଁ ବ୍ୟବହାର କରାଯାଉଥିଲା । ଏପରି ଜମି ବ୍ୟବହାର ପରିବର୍ତ୍ତନ ପାଇଁ ପଟ୍ଟାଦାତା ପକ୍ଷରୁ କୌଣସି ଅନୁମତି ଦିଆଯାଇନଥିଲା । ଯେଉଁ ଉଦ୍ଦେଶ୍ୟ ପାଇଁ ଜମି ଆବଣ୍ଟନ କରାଯାଇଥିଲା, ସେହି ଉଦ୍ଦେଶ୍ୟ ବହିର୍ଭୁତ ଭାବେ ବ୍ୟବହୃତ ଜମିକୁ ଜିଲ୍ଲାପାଳ ପୁନର୍ଦଖଲ କରିନଥିଲେ ।

- ଓଡ଼ିଶା ସରକାରଙ୍କର ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା (ଇଏସ୍ଆଇ) ବିଭାଗ ଏପ୍ରିଲ୍ 2020 ମାସରେ ସହର ଅଞ୍ଚଳରେ ପ୍ରବାସୀ ନିର୍ମାଣ କର୍ମୀମାନଙ୍କ ପାଇଁ ଅସ୍ଥାୟୀ ଏବଂ ସହଜଲଭ୍ୟ ଆବାସ ସୁବିଧା ପ୍ରଦାନ କରିବା ଉଦ୍ଦେଶ୍ୟରେ 'ପ୍ରବାସୀ ନିର୍ମାଣ କର୍ମୀମାନଙ୍କ ପାଇଁ ଭଡ଼ା ଆବାସ ଗୃହ କମ୍ପ୍ଲେକ୍ସ' ନାମକ ଏକ ଯୋଜନା ଆରମ୍ଭ କରିଥିଲା । ଏହି ଯୋଜନା ଅନୁସାରେ, ଢେଙ୍କାନାଳ ଜିଲ୍ଲାପାଳ ଫେବୃୟାରୀ 2020 ରେ ଦୁଇଟି 50 ଶଯ୍ୟା ବିଶିଷ୍ଟ ଆବାସ ଗୃହ କମ୍ପ୍ଲେକ୍ସ ନିର୍ମାଣ ପାଇଁ 0.525 ଏକର[17] ସରକାରୀ ଜମି ଆବଣ୍ଟନ କରିଥିଲେ । ତଥାପି, ଆଲିଏନେଟ୍ କରାଯାଇଥିବା ପ୍ଲଟ୍/ ସ୍ଥଳର ସେପ୍ଟେମ୍ବର 2024 ରେ କରାଯାଇଥିବା ମିଳିତ ସରଜମିନ ତଦନ୍ତ ସମୟରେ ଦେଖାଯାଇଥିଲା ଯେ ଉକ୍ତ ଆବଣ୍ଟିତ ଜମିରେ ଢେଙ୍କାନାଳ ମ୍ୟୁନିସିପାଲିଟି ଦ୍ୱାରା ଗୋଟିଏ କଲ୍ୟାଣ ମଣ୍ଡପ (ସାମୁଦାୟିକ ଭବନ) ନିର୍ମାଣାଧୀନ ଥିଲା ଏବଂ ଭେଣ୍ଡିଂ ଜୋନ୍ଗୁଡ଼ିକ ପୂର୍ବରୁ ନିର୍ମାଣ କରାଯାଇଥିଲା । ଏପରି ଜମି ବ୍ୟବହାର ପରିବର୍ତ୍ତନ ପାଇଁ ଜିଲ୍ଲାପାଳଙ୍କ ପକ୍ଷରୁ କୌଣସି ଅନୁମତି ପ୍ରଦାନ କରାଯାଇନଥିଲା ଓ ଉଦ୍ଦିଷ୍ଟ ଉଦ୍ଦେଶ୍ୟ ବହିର୍ଭୁତ ଭାବେ ଜମି ବ୍ୟବହାର କରାଯାଇଥିବା ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇନଥିଲା ।

---

[17] ଖାତା ସଂଖ୍ୟା 3714, ପ୍ଲଟ୍ ନମ୍ବର 313: 0.495 ଏକର ଏବଂ 314: ଢେଙ୍କାନାଳ ସହରର 0.030 ଏକର

- ଢେଙ୍କାନାଳ ଜିଲ୍ଲାପାଳ 26 ଅଗଷ୍ଟ 2015 ତାରିଖରେ କାମାକ୍ଷାନଗର ତହସିଲ୍ ଅନ୍ତର୍ଗତ ସୋଗାର ଗ୍ରାମରେ ମହାତ୍ମା ଗାନ୍ଧୀ ଔଷଧୀୟ ଅରଣ୍ୟ ପ୍ରକଳ୍ପ ଅନ୍ତର୍ଗତ ରୋପଣ କାର୍ଯ୍ୟ ପାଇଁ ଢେଙ୍କାନାଳ ବନ ମଣ୍ଡଳ ଅଧିକାରୀଙ୍କ ପକ୍ଷରେ 380.10 ଏକର ଜମିର ଆନୁମତିକ ଦାବି[18] ଅନୁମୋଦନ କରିଥିଲେ । ଅନୁମୋଦନର ସର୍ତ୍ତାବଳୀ ମଧ୍ୟରେ, ଅନ୍ୟାନ୍ୟ ଦିଗସମୂହ ସହିତ, ଆବଣ୍ଟିତ ଜମିକୁ ଉର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରିବା, ଜମିକୁ କୌଣସି ବ୍ୟକ୍ତି/ ସଂସ୍ଥା/ ସଂଗଠନକୁ ହସ୍ତାନ୍ତର କରିବା କିମ୍ବା ଅନ୍ୟ କୌଣସି ଉପାୟରେ ବିକ୍ରୟ/ ବିସର୍ଜନ ନକରିବା, ଅନୁମୋଦନ ତାରିଖରୁ ତିନି ବର୍ଷ ମଧ୍ୟରେ ଜମି ବ୍ୟବହାର ନହେଲେ କିମ୍ବା ଅନୁମୋଦନର କୌଣସି ସର୍ତ୍ତ ଓ ନିୟମ ଉଲ୍ଲଂଘନ ହେଲେ ଜମି ସରକାରଙ୍କ ନିକଟକୁ ପୁନଃସ୍ଥାନାନ୍ତରଣ ହେବାର ବ୍ୟବସ୍ଥା ସମ୍ମିଳିତ ଥିଲା ।




*ଚିତ୍ର 3.1.2: 'ମହାତ୍ମାଗାନ୍ଧୀ ଔଷଧୀୟ ଅରଣ୍ୟ ପ୍ରକଳ୍ପ ଅଧୀନରେ ଚାରାରୋପଣ ପରିବର୍ତ୍ତେ ୱାଟର ପାର୍କ ପାଇଁ ନିର୍ମାଣ ଚାଲିଛି (ତାରିଖ: 12 ଅଗଷ୍ଟ 2024)*

12 ଅଗଷ୍ଟ 2024 ରେ ଉକ୍ତ ସ୍ଥଳର ମିଳିତ ସରଜମିନ ତଦନ୍ତ କରାଯାଇଥିବା ସମୟରେ ଦେଖାଯାଇଥିଲା ଯେ ଆବଣ୍ଟିତ 380.10 ଏକର ଜମି ମଧ୍ୟରୁ 5.550 ଏକର ଜମି ଉପରେ ଢେଙ୍କାନାଳ ରାସ୍ତା ଓ କୋଠାଘର (ଆରଆଣ୍ଡବି) ବିଭାଗ ଦ୍ୱାରା ଗୋଟିଏ ଜଳକ୍ରୀଡ଼ା ଉଦ୍ୟାନ ପାଇଁ ସୀମା ପାର୍ଶ୍ୱଦ୍ୱାର, ଦୁଇତଳ ଭବନ ଏବଂ ସଶକ୍ତିକୃତ ସିମେଣ୍ଟ କଂକ୍ରିଟ୍ ଗଠନାଗୁଡ଼ିକ (**ଚିତ୍ର 3.1.2** ରେ ଦୃଶ୍ୟମାନ) ନିର୍ମାଣ କରାଯାଇଥିଲା । ତଥାପି, ଏହି ଜଳକ୍ରୀଡ଼ା ଉଦ୍ୟାନ ନିର୍ମାଣ ପାଇଁ ପଟ୍ଟାଦାତା ପକ୍ଷରୁ କୌଣସି ଅନୁମତି ଦିଆଯାଇନଥିଲା । ଏହା ସତ୍ତ୍ୱେ ମଧ୍ୟ, 5.55 ଏକର[19] ଜମି ସରକାରଙ୍କ ନିକଟକୁ ପୁନଃସ୍ଥାନାନ୍ତରଣ ପାଇଁ ତହସିଲଦାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇନଥିଲା ।

ଉତ୍ତରରେ, କାମାକ୍ଷାନଗର ତହସିଲଦାର ଅଗଷ୍ଟ 2024 ମାସରେ ଉକ୍ତ ତଥ୍ୟକୁ ସ୍ୱୀକାର କରିଥିଲେ ଏବଂ ଢେଙ୍କାନାଳ ବନ ମଣ୍ଡଳ ଅଧିକାରୀ, ଢେଙ୍କାନାଳଙ୍କୁ ନିୟମାନୁସାରେ ଦାଖଲ କରିବା ପାଇଁ ଅନୁରୋଧ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ ।

ତେଣୁ, ଲିଜ୍/ ହସ୍ତାନ୍ତର କିମ୍ବା ଆବଣ୍ଟନ ଅନୁମୋଦନ ପରେ ଲିଜ୍ ଦିଆଯାଇଥିବା ସରକାରୀ ଜମି/ ଅଧିଗ୍ରହଣ କରାଯାଇଥିବା ବେସରକାରୀ ଜମିର ଅନ୍ତିମ ବ୍ୟବହାର ଉପରେ ଯଥାଯଥ ନିରୀକ୍ଷଣ କରାଯାଇନଥିଲା । ଜିଲ୍ଲାପାଳ ଓ ଇଡ୍କୋ ମଧ୍ୟରେ ସମ୍ପାଦିତ ଚୁକ୍ତିପତ୍ର ଗୁଡ଼ିକ ତ୍ରୁଟିପୂର୍ଣ୍ଣ ଥିଲା, କାରଣ ସେଗୁଡ଼ିକରେ ଆବଣ୍ଟିତ ଜମି କେତେ ସମୟ ମଧ୍ୟରେ ବ୍ୟବହାର କରାଯିବ, ସେଥିରେ ସ୍ପଷ୍ଟ ଉଲ୍ଲେଖ ନଥିଲା । ନିର୍ଦ୍ଦିଷ୍ଟ ସମୟସୀମା ଅତିକ୍ରମ କରି ଅବ୍ୟବହୃତ ରହିଥିଲା କିମ୍ବା ଯେଉଁ ଉଦ୍ଦେଶ୍ୟ ପାଇଁ ଜମି ଆବଣ୍ଟନ କରାଯାଇଥିଲା, ସେହି ଉଦ୍ଦେଶ୍ୟ ବହିର୍ଭୁତ ଭାବେ ବ୍ୟବହୃତ ଜମି ପୁନଃ ସରକାରଙ୍କ ନିକଟକୁ ପୁନଃସ୍ଥାନାନ୍ତରଣ ନେବା ପାଇଁ ତହସିଲଦାର/ ଜିଲ୍ଲା ପ୍ରାଧିକାରୀମାନେ ଯଥୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ, ଯାହା ଏହି ବିଭାଗର ଦୁର୍ବଳ ନିରୀକ୍ଷଣକୁ ପ୍ରମାଣିତ କରେ । ଏହାର ପରିଣାମସ୍ୱରୂପ, ଜମି ଅଧିଗ୍ରହଣ/ ଆବଣ୍ଟନ ଦ୍ୱାରା ରାଜ୍ୟ/ ସାଧାରଣ ଜନତା/ ଜମି ମାଲିକମାନଙ୍କୁ ଯେଉଁ ସାମାଜିକ ଓ ଆର୍ଥିକ ଲାଭ ମିଳିବାକୁ ଥିଲା, ସେଗୁଡ଼ିକ ସାଧିତ ହୋଇପାରିନଥିଲା ।

ବିଭାଗ ଅକ୍ଟୋବର 2025 ମାସରେ ଜଣାଇଥିଲା ଯେ ଯୋର୍ଦ୍ଧା ଜିଲ୍ଲା ଓ କାମାକ୍ଷାନଗର ତହସିଲର ସମ୍ବନ୍ଧିତ ସଂସ୍ଥାମାନଙ୍କୁ ଏବଂ ଓଡ଼ପଡ଼ା ଓ ଢେଙ୍କାନାଳ ତହସିଲର ସମସ୍ତ ରାଜସ୍ୱ ନିରୀକ୍ଷକମାନଙ୍କୁ ଜମି ବ୍ୟବହାରର ସ୍ଥିତି ସୂଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

---

18 କିଛି ସର୍ତ୍ତପୂରଣ କରିବା ପରେ ଜମିର ଦଖଲ ହସ୍ତାନ୍ତର

19 ପ୍ଲଟ ନମ୍ବର: 67: 0.38 ଏକର, 70: 0.39 ଏକର, 74: 0.38 ଏକର, 79: 1.80 ଏକର, 80: 1.96 ଏକର ଏବଂ 81: ରାବଡ଼ା ଗ୍ରାମର 0.64 ଏକର

**ସୁପାରିଶ 1:**
**ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଆବଣ୍ଟିତ ଜମିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଉଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ବ୍ୟବହାର ସୁନିଶ୍ଚିତ କରିବାକୁ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିପାରେ । ଯେଉଁ ମାମଲାରେ ଆବଣ୍ଟିତ ଜମି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଉଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ବ୍ୟବହୃତ ହୋଇନଥାଏ ସେହି ଜମିକୁ ପୁନଃ ସରକାରଙ୍କ ନିକଟକୁ ପୁନଃସ୍ଥାପନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇପାରେ ।**

### *3.1.2.7 ଅନଧିକୃତ ଦଖଲ କାରଣରୁ ସରକାରୀ ଜମିର ଅନ୍ତିମ ବ୍ୟବହାର ସୁନିଶ୍ଚିତ ନହେବା*

ଓଡ଼ିଶା ସର୍ଭେ ଏବଂ ସେଟଲମେଣ୍ଟ ଆଇନ୍, 1958 ଅନୁଯାୟୀ, ରେକର୍ଡ ଏଫ୍ ରାଇଟସ୍ (ଆର୍ଓଆର୍) ରେ ଲିପିବଦ୍ଧ କିସମ- ଯଥା କୃଷି, ଆବାସିକ, ବାଣିଜ୍ୟିକ, ଶିଳ୍ପ, ସାମୁଦାୟିକ, ଗୋଚର ଭୂମି ଇତ୍ୟାଦି ଅନୁସାରେ ଜମି ବ୍ୟବହାରର ପ୍ରକ୍ରିୟାକୁ ନିୟନ୍ତ୍ରଣ କରେ । ଓଡ଼ିଶା ଭୂମି ଅନଧିକୃତ ଦଖଲ ପ୍ରତିରୋଧ (ଓପିଏଲ୍ଇ) ଆଇନ୍, 1958ର ଧାରା 7 ଅନୁଯାୟୀ ସରକାରୀ ଜମିର ଅନଧିକୃତ ଦଖଲକୁ ସଂକ୍ଷିପ୍ତ ପ୍ରକ୍ରିୟାରେ ଉଚ୍ଛେଦ କରିବା ପାଇଁ ତହସିଲଦାରମାନଙ୍କୁ ଅଧିକାର ପ୍ରଦାନ କରାଯାଇଛି । ଏହା ସହିତ, ଓଡ଼ିଶା ଭୂମି ଅଧିଗ୍ରହଣ, ପୁନର୍ବସତି ଏବଂ ପୁନଃସ୍ଥାପନରେ ନ୍ୟାୟସଙ୍ଗତ ପ୍ରତିପୂରଣ ଏବଂ ପାରଦର୍ଶିତା ଅଧିକାର ଆଇନ୍ 2016 ର ନିୟମ 42 ଅନୁଯାୟୀ, ରାଜ୍ୟ ସରକାର ଅଧିସୂଚନା ମାଧ୍ୟମରେ ଗ୍ରାମ ଭିତ୍ତିକ ଭୂମି ବ୍ୟାଙ୍କ[20] ଗଠନ କରିପାରିବେ, ଯାହା ସମ୍ବନ୍ଧିତ ତହସିଲଦାରଙ୍କ ଅଧୀନରେ ରହିବ । ଏହି ଭୂମି ବ୍ୟାଙ୍କର ଉଦ୍ଦେଶ୍ୟ ହେଲା ସରକାରୀ ମାଲିକାନା ଅନ୍ତର୍ଗତ ପଡ଼ିଆ/ଅବ୍ୟବହୃତ ଜମି, ଖାଲି/ ଉପେକ୍ଷିତ/ ଅବ୍ୟବହୃତ ଅଧିଗ୍ରହୀତ ଜମି, ଅନାଦେୟ କର ଥିବା ସମ୍ପତ୍ତିମାନଙ୍କର ଉତ୍ପାଦନଶୀଳ ବ୍ୟବହାର ସୁନିଶ୍ଚିତ କରିବା ଏବଂ ବେସରକାରୀ ଜମି ଅଧିଗ୍ରହଣକୁ କମାଇବା ।

ସମୀକ୍ଷା ଲକ୍ଷ୍ୟ କଲା ଯେ ଆର୍ଡିଏମ୍ ବିଭାଗ ମାର୍ଚ୍ଚ 2025 ପର୍ଯ୍ୟନ୍ତ ଏହିପରି ଗ୍ରାମ ଭିତ୍ତିକ ଭୂମି ବ୍ୟାଙ୍କ ଗଠନ ପାଇଁ ଅଧିସୂଚନା ଜାରି କରିନଥିଲେ । ଫଳସ୍ୱରୂପ, ସରକାରୀ ମାଲିକାନାର ପଡ଼ିଆ/ ଖାଲି/ ଉପେକ୍ଷିତ/ ଅବ୍ୟବହୃତ ଅଧିଗ୍ରହିତ ଜମି ଏବଂ ଅନାଦେୟ କର ସମ୍ପତ୍ତିର ଉତ୍ପାଦନକ୍ଷମ ବ୍ୟବହାର ସୁନିଶ୍ଚିତ କରାଯାଇନଥିଲା ।

ଏହାସହିତ, ସରକାରୀ ଜମିରୁ ଅନଧିକୃତ ଦଖଲକୁ ପ୍ରତିରୋଧ କରିବା ଏବଂ ଉଚ୍ଛେଦ କାର୍ଯ୍ୟ ପ୍ରଭାବଶାଳୀ ଭାବେ ଗ୍ରହଣ କରାଯାଇନଥିଲା । ନମୁନା ତହସିଲଗୁଡ଼ିକର ରେକର୍ଡ ଯାଞ୍ଚ, ଅନିୟମିତ ଭାବରେ ଚୟନିତ ପ୍ଲଟଗୁଡ଼ିକର ମିଳିତ ସରଜମିନ ତଦନ୍ତ ଏବଂ ଓଡ଼ିଶା 4କେ ଭୂ-ସେବା ମାଧ୍ୟମରେ ଜମି ବ୍ୟବହାରର ନିରୀକ୍ଷା କରାଯିବା ସମୟରେ ଦେଖାଯାଇଥିଲା ଯେ 668.893 ଏକର ସରକାରୀ ଜମି, ଯାହାର ମୂଲ୍ୟ 597.87 କୋଟି ଟଙ୍କା, ଅନଧିକୃତ ଦଖଲ ଅବସ୍ଥାରେ ରହିଛି, ଯାହା **ସାରଣୀ** 3.1.3 ରେ ବିସ୍ତୃତ ଭାବେ ଦର୍ଶାଯାଇଛି ।

***ସାରଣୀ 3.1.3: ସରକାରୀ ଜମିର ଦଖଲ ଏବଂ ବ୍ୟବହାରର ପ୍ରକୃତି***

| ଜମିର ପ୍ରକୃତି | ଏକର ରେ ଅଞ୍ଚଳ | ଅନୁମୋଦିତ ବ୍ୟବହାର ପ୍ରକୃତି | ବାସ୍ତବିକ ବ୍ୟବହାର |
|---|---|---|---|
| ଗୋଚର | 144.347 | ପଶୁଚାରଣ ପାଇଁ | ବାଣିଜ୍ୟିକ, ଶିଳ୍ପ, ଆବାସିକ, ଶିକ୍ଷାନୁଷ୍ଠାନ, ଧାର୍ମିକ ସଂସ୍ଥା, ଭାରତୀୟ ଜାତୀୟ ରାସ୍ତା କାର୍ଯ୍ୟାଳୟ ଦ୍ୱାରା ରାସ୍ତା ଇତ୍ୟାଦି |
| ଜଙ୍ଗଲ | 179.802 | ବନ ଉତ୍ପାଦନ/ ରକ୍ଷା ପାଇଁ | |
| ଜଳାଶୟ ଗୁଡ଼ିକ (ନଦୀ/ନାଳ/ଜଳାଶୟ/ ନଳ କେନାଲ) | 22.209 | ଜଳ ଭୂମି ଉଦ୍ଧାରଣ ପାଇଁ | |
| ସାମୁଦାୟିକ (ରାସ୍ତା ଇତ୍ୟାଦି) | 10.243 | ସାମୁଦାୟିକ ବ୍ୟବହାର ପାଇଁ | |
| ଅନ୍ୟାନ୍ୟ (ଚକ, ସାରଦ, ପତିତ, ଘରବାଡ଼ି ଇତ୍ୟାଦି) | 312.292 | କୃଷି, ଆବାସ ଇତ୍ୟାଦି | |
| ମୋଟ | **668.893** | | |

***(ଉତ୍ସ: ନମୁନା ତହସିଲଗୁଡ଼ିକର ରେକର୍ଡ ଏବଂ ମିଳିତ ସରଜମିନ ତଦନ୍ତ (ଜେପିଆଇ)***

[20] 'ଭୂମି ବ୍ୟାଙ୍କ' ସ୍ଥାନୀୟ ତହସିଲଦାରଙ୍କ ଦାୟିତ୍ୱରେ ଅଛି, ଯିଏ ସମସ୍ତ ସରକାରୀ ଶୂନ୍ୟଭୂମି, ଅବ୍ୟବହୃତ ଅଧିଗ୍ରହଣିତ ଜମି ଏବଂ ଅଧିଗ୍ରହଣିତ ଜଳସେଚିତ ଦୋ-ଫସଲି ଜମି କ୍ଷେତ୍ରରେ ଆବଶ୍ୟକ ସଂସ୍ଥା ଦ୍ୱାରା ଜମା କରାଯିବା ଜମିର ଏକ ଗ୍ରାମଓ୍ୱାରୀ ଭୂମି ବ୍ୟାଙ୍କ ରକ୍ଷଣାବେକ୍ଷଣ କରିବେ, ଯାହା ଏସ୍ଆଇଏ ଦଳ ଏବଂ ବିଶେଷଜ୍ଞ ଗୋଷ୍ଠୀଙ୍କୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଉପଲବ୍ଧ କରାଯିବ ।

ଅଡିଟ୍‌ରେ ଏହା ମଧ୍ୟ ଦେଖାଯାଇଥିଲା ଯେ:

- ବାଣିଜ୍ୟିକ ବ୍ୟବହାର ଅଧିନରେ ଭୁବନେଶ୍ୱର (ଗୋଟିଏ), ଗୋପ (28) ଏବଂ ପୁରୀ(ଗୋଟିଏ) ତହସିଲରେ ସରକାରୀ ଜମି 5.43 ଏକର ଉପରେ 30 ଟି ହୋଟେଲ/ ରେଷ୍ଟୁରାଣ୍ଟ/ ଲଜ୍ ବେସରକାରୀ ଭାବେ ନିର୍ମିତ ହୋଇଛି । ଗୋପ ଏବଂ ପୁରୀ ତହସିଲରେ ଦୁଇଟି ମାଛ ଚାଷପାଇଁ[21] 97.83 ଏକର ସରକାରୀ/ ଦେବତା/ଶ୍ରୀ ଜଗନ୍ନାଥ ମନ୍ଦିର ଜମି ଦଖଲ କରିଛି ।
- 12 ତହସିଲରେ 20 ଟି ବେସରକାରୀ[22] ଶିକ୍ଷା ସଂସ୍ଥା 210.76 ଏକର ସରକାରୀ ଜମି ଦଖଲ କରିଛି ।
- ଶିଳ୍ପ କ୍ଷେତ୍ରରେ ବ୍ୟବହାର ପାଇଁ ଓଡ଼ପଡ଼ା, କୋଲାବିରା ଏବଂ ଝାରସୁଗୁଡ଼ା ତହସିଲରେ ବେସରକାରୀ କମ୍ପାନୀଗୁଡ଼ିକ ସରକାରୀ ଜମି ଦଖଲ କରିଛନ୍ତି, ଯାହା ***ପରିଶିଷ୍ଟ 3.1.1*** ରେ ବିସ୍ତୃତ ତଥ୍ୟ ଦିଆଯାଇଛି ।

ଏହାଦ୍ୱାରା, ସରକାରୀ ଜମିର ଅନ୍ତିମ ବ୍ୟବହାର ଓଡିଶା ସର୍ଭେ ଏବଂ ସେଟଲମେଣ୍ଟ ଆଇନ,1958 ଅନୁଯାୟୀ ଅନୁମୋଦିତ ପ୍ରକାରରେ ହୋଇନଥିଲା । ତହସିଲଦାରମାନେ ଓପିଏଲ୍‌ଇ ଆଇନ ଅନ୍ତର୍ଗତ ଦଖଲ ଉଚ୍ଛେଦ କରି ଜମିର ଉଦ୍ଦିଷ୍ଟ ବ୍ୟବହାର ସୁନିଶ୍ଚିତ କରିବା ପାଇଁ ଯଥୋଚିତ ପଦକ୍ଷେପ ଗ୍ରହଣ କରିନଥିଲେ ।

ବିଭାଗ ଅକ୍ଟୋବର 2025 ରେ ଜଣାଇଥିଲେ ଯେ ସରକାରୀ ଜମିରୁ ଅନଧିକୃତ ଦଖଲରୁ ଉଚ୍ଛେଦ କାର୍ଯ୍ୟ ଚାଲିଛି । ଏହି ଉତ୍ତର ଯଥାଯଥ ନୁହେଁ କାରଣ ସମ୍ବନ୍ଧିତ ପ୍ରାଧିକାରୀମାନେ ଅନଧିକୃତ ବେସରକାରୀ ଭାବେ ଦଖଲ ହୋଇଥିବା ଜମିକୁ ଉଚ୍ଛେଦ କରିବା ପାଇଁ କୌଣସି ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ ।

**ସୁପାରିଶ 2:**

**ଓଡିଶା ଆରଏଫସିଟିଏଲଏଆରଆର, 2016 ଅନୁଯାୟୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଲ୍ୟାଣ୍ଡ ବ୍ୟାଙ୍କ ଗଠନ କରିପାରନ୍ତି ଏବଂ ସରକାରୀ ଜମିର ଜବରଦଖଲ ରୋକିବା ସହ ଜବରଦଖଲକାରୀଙ୍କୁ ହଟାଇବା ଦିଗରେ କଠୋର ପଦକ୍ଷେପ ନେଇପାରନ୍ତି ।**

### 3.1.3 କୃଷି ଜମିରୁ ଅଣକୃଷିଜମିକୁ ପରିବର୍ତ୍ତନ

ଓଡିଶା ଭୂମି ସଂସ୍କାର (ଓଏଲ୍ଆର୍) ଆଇନର ଧାରା -8ଏ ସହିତ ଓଏଲ୍ଆର୍ (ସାଧାରଣ) ସଂଶୋଧନ ନିୟମ, 1997 ର ନିୟମ-12ଏ ଅନୁସାରେ, କୃଷି ଜମିକୁ ଅଣକୃଷି ଉଦ୍ଦେଶ୍ୟ ପାଇଁ ପରିବର୍ତ୍ତନ କରିବାକୁ ଅନୁମତି ମିଳେ । ଓଡିଶା ଭୂମି ସଂସ୍କାର (ଓଏଲଆର) ଆଇନର ଧାରା-8(1) ଅନୁସାରେ, ଯଦି କୌଣସି ରାୟତ୍[23] ତାଙ୍କର ସ୍ଥିତିବାନ୍ ଜମିକୁ କୃଷି କାର୍ଯ୍ୟ ପାଇଁ ଅଯୋଗ୍ୟ କରିବା ଭାବରେ ବ୍ୟବହାର କରନ୍ତି କିମ୍ବା କୃଷି କାର୍ଯ୍ୟର ବର୍ହିଭୁତ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରନ୍ତି, ତେବେ ସେ ଉଚ୍ଛେଦ ହେବାକୁ ଯୋଗ୍ୟ ହୋଇଥାନ୍ତି । ଓଡିଶା ଭୂମି ସଂସ୍କାର (ସାଧାରଣ) ନିୟମ, 1997ର ନିୟମ-12ଏ ଅନୁସାରେ, ଯଦି ପରିବର୍ତ୍ତନ ପାଇଁ ପ୍ରସ୍ତାବିତ ଅଞ୍ଚଳ

[21] ଆର୍ଯ୍ୟ ଏଗ୍ରି ଆଣ୍ଡ ଆକ୍ୟୁ ପ୍ରାଇଭେଟ୍ ଲିମିଟେଡ୍, ପ୍ରତିନିଧିତ୍ୱ ଏହାର ଏମ୍‌ଡି ଅଂଶୁମାନ ମହାନ୍ତି ଏବଂ ସପ୍ତସୁଧା ଆକ୍ୱାଫାର୍ମ ପ୍ରାଇଭେଟ୍ ଲିମିଟେଡ୍ ମାର୍ଫତ୍ ନିର୍ଦ୍ଦେଶକ ରାମଚନ୍ଦ୍ର ରାଜୁ

[22] ବାଲିଅନ୍ତା ଅକ୍ସଫୋର୍ଡ଼ ପବ୍ଲିକ୍ ସ୍କୁଲ, ସଚିବ, ପିଜିଏନ୍ ପବ୍ଲିକ୍ ସ୍କୁଲ, ଭୁବନେଶ୍ୱର: ଭୁବନେଶ୍ୱର ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ କମ୍ପ୍ୟୁଟର ଆଣ୍ଡ ଟେକ୍‌ନୋଲୋଜି, ଡିଏଭି ସ୍କୁଲ, ଶିଶୁପାଳ; ଦ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସ, କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସ; ଛେଣ୍ଡିପଦା: ଅରୋବିନ୍ଦ ସେବାଶ୍ରମ ସ୍କୁଲ, ଛେଣ୍ଡିପଦା ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର; ଢେଙ୍କାନାଳ: ଗଣେଶ ଏଜୁକେସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ; ଗୋପ: ଘନଶ୍ୟାମ ହେମଲତା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ/ ଘନଶ୍ୟାମ ହେମଲତା ବିଦ୍ୟା ମନ୍ଦିର ଏବଂ ସଚିବ, ବିବେକାନନ୍ଦ ଶିକ୍ଷା କେନ୍ଦ୍ର କୋଣାର୍କ; ଜଗତସିଂହପୁର: ପବ୍ଲିକ୍ ସ୍କୁଲ୍ ଜଗତସିଂହପୁର; ଜଟଣୀ: ପ୍ରିମିୟର ନର୍ସିଙ୍ଗ କଲେଜ ଆଣ୍ଡ ପ୍ରିମିୟର ଫାର୍ମାସୀ କଲେଜ, ଭୁବନେଶ୍ୱର ଇଞ୍ଜିନିୟରିଂ କଲେଜ, ଜିଆଇଏଫ୍‌ଟି ଅଟୋନୋମସ୍ କଲେଜ, ସେଞ୍ଚୁଆରିଆନ୍ ୟୁନିଭର୍ସିଟି, ଆର୍ଯ୍ୟନ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି; କାମାକ୍ଷାନଗର ସଚିବ, ବିବେକାନନ୍ଦ ବିଦ୍ୟା ମନ୍ଦିର, ରଗଡ଼ାଗୁଡ଼ା; ଲଖନପୁର ସରସ୍ୱତୀ ବିଦ୍ୟା ମନ୍ଦିର; ପୁରୀ: ସାଇ ସ୍ମାର୍ଟ ସ୍କୁଲ୍; ସଇଁତଳା: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

[23] କୃଷି ଉଦ୍ଦେଶ୍ୟରେ ଜମି ଧାରଣ କରୁଥିବା ବ୍ୟକ୍ତି

କୌଣସି ଉନ୍ନୟନ କର୍ତ୍ତୃପକ୍ଷ/ଉନ୍ନୟନ[24] ଟ୍ରଷ୍ଟର ମାଷ୍ଟର ପ୍ଲାନ୍/ ଉନ୍ନୟନ ପରିକଳ୍ପନା ଅଞ୍ଚଳରେ ପଡ଼େ, ତେବେ ତହସିଲଦାର ପରିବର୍ତ୍ତନ ପୂର୍ବରୁ ସମ୍ବନ୍ଧିତ ଉନ୍ନୟନ କର୍ତ୍ତୃପକ୍ଷ/ ଟ୍ରଷ୍ଟର ମତ ନେବେ । ତଦନ୍ତ ପରେ ଯଦି ଅଧିକୃତ ଅଧିକାରୀ ପ୍ରସ୍ତାବିତ ପରିବର୍ତ୍ତନକୁ ଉଚିତ୍ ମନେ କରନ୍ତି, ସେମାନେ ପ୍ରିମିୟମ ମୂଲ୍ୟାୟନ କରି, ପରିବର୍ତ୍ତନ ଅନୁମତି ଦେଇ, ପରିବର୍ତ୍ତନ ଶୁଳ୍କ ନିର୍ବାହ ପରେ ଜମିକୁ ଅଣକୃଷି ଉଦ୍ଦେଶ୍ୟ ପାଇଁ ପରିବର୍ତ୍ତନ କରିପାରିବେ ।

ଅଡିଟ୍ ଦେଖିଲା ଯେ 24ଟି ନମୁନା ତହସିଲମାନଙ୍କ ମଧ୍ୟରୁ 22ଟି ତହସିଲରେ, 2021-22 ରୁ 2023-24 ପର୍ଯ୍ୟନ୍ତ 72,787 ଟି କୃଷିଜମିରୁ ଅଣକୃଷି ଜମିକୁ ପରିବର୍ତ୍ତନ ମାମଲା ନିର୍ଣ୍ଣୟ ହୋଇଥିଲା । ଏଥିରୁ ଅଡିଟ୍ 24 ତହସିଲର[25] 529 ଟି ପରିବର୍ତ୍ତନ ମାମଲାର ନମୁନା ପରୀକ୍ଷଣ କରି, ଓଡିଶା 4କେ ଜିଓ ସେବା ମାଧ୍ୟମରେ ଜମି ବ୍ୟବହାର ଯାଞ୍ଚ କରି ନିମ୍ନଲିଖିତ ତଥ୍ୟ ପାଇଛି:

### *3.1.3.1 ଉନ୍ନୟନ କର୍ତ୍ତୃପକ୍ଷର ମତାମତ ବିନା ଜମିର ଅନିୟମିତ ପରିବର୍ତ୍ତନ*

ଟେଷ୍ଟ ଚେକ୍ କରାଯାଇଥିବା 529ଟି ମାମଲାରୁ 416ଟି ମାମଲା ଉନ୍ନୟନ କର୍ତ୍ତୃପକ୍ଷମାନଙ୍କର କ୍ଷେତ୍ର ଅଧୀନରେ ଥିଲା । ନିରୀକ୍ଷଣରେ ଦେଖାଯାଇଥିଲା ଯେ:

- ଯାଞ୍ଚ ହୋଇଥିବା 209ଟି ମାମଲାରେ 12ଟି ନମୁନା ତହସିଲର ତହସିଲଦାରମାନେ 2021-22 ରୁ 2023-24 ମଧ୍ୟରେ 30.353 ଏକର କୃଷି ଜମିକୁ ସମ୍ପୃକ୍ତ ଉନ୍ନୟନ ଅଧିକାରୀ ମାନଙ୍କର ମତ ନନେଇ ପରିବର୍ତ୍ତନ କରିଥିଲେ ।
- ଛଅଟି ନମୁନା ତହସିଲ[26] ଅଧୀନରେ ଯାଞ୍ଚ ହୋଇଥିବା 72ଟି ମାମଲାରେ ସମ୍ବନ୍ଧିତ ଉନ୍ନୟନ କର୍ତ୍ତୃପକ୍ଷ ମାନଙ୍କର ମତ ଥିଲା ଯେ 10.712 ଏକର ଜମିର ପରିବର୍ତ୍ତନ ଅନୁମତି ପ୍ରାପ୍ତ ନୁହେଁ କାରଣ ତାହା ଭୂମି କୃଷି, ଜଳାଶୟ, ଶିକ୍ଷା, ଖାଲି ସ୍ଥାନ, ସାର୍ବଜନୀନ ଅଞ୍ଚଳ ଭିତରେ ଥିଲା । ତଥାପି ସମ୍ବନ୍ଧିତ ତହସିଲଦାରମାନେ ଉନ୍ନୟନ କର୍ତ୍ତୃପକ୍ଷ ମତକୁ ଅଣଦେଖା କରି ଜମିକୁ ପରିବର୍ତ୍ତନ କରିଦେଲେ । ଏହି 72ଟି ମାମଲାରୁ ଲଖନପୁର ତହସିଲର 9ଟି ମାମଲାରେ ତହସିଲଦାର (ଅଗଷ୍ଟ 2022 ରୁ ଫେବୃୟାରୀ 2024) ଉନ୍ନୟନ କର୍ତ୍ତୃପକ୍ଷ ମତ ମିଳିନଥିବା କିମ୍ବା ଉନ୍ନୟନ କର୍ତ୍ତୃପକ୍ଷ ଆପତ୍ତି ନଥିବା ଦେଖି ପରିବର୍ତ୍ତନକୁ ଇଚ୍ଛାପୂର୍ଣ୍ଣ ଭାବରେ ଅନୁମତି ଦେଇଥିଲେ ।
- ଆଠଟି ମାମଲା (ଢେଙ୍କାନାଳ ତହସିଲ, 0.464 ଏକର) କ୍ଷେତ୍ରରେ ଉନ୍ନୟନ କର୍ତ୍ତୃପକ୍ଷ (ଡିଏ) ବିଭିନ୍ନ ସର୍ତ୍ତ ଯଥା, ପ୍ଲଟକୁ ଅତିକମ୍‌ରେ 20 ଫୁଟର ରାସ୍ତା, ପରିବର୍ତ୍ତନ ପୂର୍ବରୁ ଜମିର ଉନ୍ନତିକରଣ ଓ ରକ୍ଷଣାବେକ୍ଷଣ ପାଇଁ ପୌରପାଳିକାକୁ ହସ୍ତାନ୍ତର କରିବା ଇତ୍ୟାଦି ରଖି ପରିବର୍ତ୍ତନ ପାଇଁ ଅନୁମତି ଦେଇଥିଲେ । ଉପରୋକ୍ତ ସର୍ତ୍ତ ପୂରଣ କରୁନଥିବା ପ୍ଲଟ୍/ ଜମି ଅଣକୃଷି ଉଦ୍ଦେଶ୍ୟରେ ପରିବର୍ତ୍ତିତ ହେବାର ନଥିଲା । ମିଳିତ ସରଜମିନ ତଦନ୍ତ(5 ସେପ୍ଟେମ୍ବର 2024) ସମୟରେ ଦେଖାଯାଇଥିଲା ଯେ ରୋଡ଼ ପ୍ରସ୍ତାବିତ 20 ଫୁଟରୁ କମ୍ ଥିଲା ଏବଂ ତହସିଲର ରେକର୍ଡରୁ ମଧ ଦେଖାଗଲା ଯେ ରାସ୍ତା ମ୍ୟୁନିସିପାଲିଟିକୁ ହସ୍ତାନ୍ତରିତ ହୋଇନଥିଲା । ଏହିପରି, ତହସିଲଦାର, ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ତ୍ତ ପୂରଣ ନକରି ପରିବର୍ତ୍ତନ ପାଇଁ ଅନୁମତି ଦେଇଥିଲେ ।

ବିଭାଗ କହିଥିଲେ (ଅକ୍ଟୋବର 2025) ଯେ ସମସ୍ତ ତହସିଲଦାରଙ୍କୁ ଉନ୍ନୟନ କର୍ତ୍ତୃପକ୍ଷ/ ଆଞ୍ଚଳିକ ଉନ୍ନତି ଟ୍ରଷ୍ଟ ମତ ନେଇ ପରିବର୍ତ୍ତନ ମାମଲା ସମାପ୍ତ କରିବା ନିର୍ଦ୍ଦେଶ ଦିଆଯାଇଛି । ତଥାପି, ଉତ୍ତରରେ ଭୁଲ୍ କରିଥିବା କର୍ମଚାରୀମାନଙ୍କ ବିରୁଦ୍ଧରେ ନିଆଯିବାକୁ ଥିବା କାର୍ଯ୍ୟାନୁଷ୍ଠାନ ବିଷୟରେ କିଛି ଉଲ୍ଲେଖ ନଥିଲା ।

### *3.1.3.2 ମୂଳ ଯୋଜନା ପ୍ରସ୍ତୁତିରେ ବିଳମ୍ବ ଏବଂ ତାହାର ପରିଣାମସ୍ୱରୂପ ଅଯୋଜିତ ସହରୀକରଣ*

ଓଡ଼ିଶା ସହର ଯୋଜନା ଏବଂ ଉନ୍ନତି ଟ୍ରଷ୍ଟ ଅଧିନିୟମ, 1956 ର ଧାରା 29 ଅନୁଯାୟୀ, ରାଜ୍ୟ ସରକାରଙ୍କ ଦ୍ୱାରା

---

[24] ଓଡ଼ିଶା ନଗର ଯୋଜନା ଉନ୍ନତି ଟ୍ରଷ୍ଟ ଆଇନ୍, 1956 / ଓଡ଼ିଶା ବିକାଶ କର୍ତ୍ତୃପକ୍ଷ ଆଇନ୍, 1982 ଦ୍ୱାରା ପ୍ରତିଷ୍ଠିତ ସାମ୍ବିଧାନିକ ସଂସ୍ଥାଗୁଡ଼ିକ ଯାହା ନିର୍ଦ୍ଦିଷ୍ଟ ସହରାଞ୍ଚଳର ଯୋଜନାବଦ୍ଧ ଏବଂ ସ୍ଥାୟୀ ଅଭିବୃଦ୍ଧି ଯୋଜନା, ନିୟନ୍ତ୍ରଣ ଏବଂ ତଦାରଖ କରିଥାଏ ।

[25] ଗୋପ ଏବଂ କୁଜଙ୍ଗର ତହସିଲର ତହସିଲଦାରମାନେ ଜମିର ପରିବର୍ତ୍ତନ ପାଇଁ ସୂଚନା ପ୍ରଦାନ କଲେ ନାହିଁ

[26] ଅନୁଗୁଳ, ବଅଁରପାଳ, ଝାରସୁଗୁଡ଼ା, ଲଖନପୁର, ଦାନଗଦି ଏବଂ ସୁକିନ୍ଦା

ବିଜ୍ଞାପିତ କରାଯାଇଥିବା କୌଣସି ଅଞ୍ଚଳ ପାଇଁ ଯୋଜନାକାରୀ କର୍ତ୍ତୃପକ୍ଷଙ୍କୁ ବିଜ୍ଞପ୍ତି ତାରିଖ ଠାରୁ ଚାରି ବର୍ଷ ମଧ୍ୟରେ ମାଷ୍ଟର ପ୍ଲାନ୍ ଦାଖଲ କରିବାକୁ ହୁଏ।

ନିରୀକ୍ଷଣରେ ଦେଖାଯାଇଥିଲା ଯେ, ତିନି ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ମାଷ୍ଟର ପ୍ଲାନ୍ ପ୍ରସ୍ତୁତିରେ ଅତ୍ୟଧିକ ବିଳମ୍ବ ଘଟିଛି, ଯାହା **ସାରଣୀ 3.1.4** ରେ ଦର୍ଶାଯାଇଛି।

***ସାରଣୀ 3.1.4: ଡିସେମ୍ବର 2024 ପର୍ଯ୍ୟନ୍ତ ନମୁନା ଗ୍ରହିତ ଉନ୍ନୟନ କର୍ତ୍ତୃପକ୍ଷ ଦ୍ୱାରା ମାଷ୍ଟର ପ୍ଲାନ/ ସିଡିପି ପ୍ରସ୍ତୁତିର ସ୍ଥିତି***

| ପ୍ରାଧିକାରୀଙ୍କ ନାମ | ଅଧିସୂଚିତ ହୋଇଥିବା ଅଞ୍ଚଳ / ତାରିଖ | ମାଷ୍ଟର ପ୍ଲାନ/ ସିଡିପି ର ସ୍ଥିତି |
|---|---|---|
| ଢେଙ୍କାନାଳ ଆଞ୍ଚଳିକ ସୁଧାର ଟ୍ରଷ୍ଟ (ଡିଆର୍‌ଆଇଟି) | ଢେଙ୍କାନାଳ ଏବଂ ହିନ୍ଦୋଳ ତହସିଲ 200 ଗ୍ରାମ **(ଜୁନ୍ 2016)** | ଡିଆର୍‌ଆଇଟି ମେସର୍ସ ରୁଦ୍ରାଭିଷେକ୍ ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍ (ଆର୍‌ଇପିଏଲ୍) କୁ ମାଷ୍ଟର ପ୍ଲାନ ପ୍ରସ୍ତୁତି ପାଇଁ ନିଯୁକ୍ତ କରିଥିଲା (ଡିସେମ୍ବର 2015)। ଆର୍‌ଇପିଏଲ୍ ଡ୍ରାଫ୍ଟ ମାଷ୍ଟର ପ୍ଲାନ ପ୍ରଦାନ କଲା(ଜୁନ୍ 2022), କିନ୍ତୁ 2030-2040 ହରାଇଜନ ବଦଳ ପ୍ରସଙ୍ଗରେ ଡିଆର୍‌ଆଇଟିର ନିର୍ଣ୍ଣୟ ବାକି ରହିଥିଲା । ଏହି ପରିସ୍ଥିତିରେ ଡିସେମ୍ବର 2024 ପର୍ଯ୍ୟନ୍ତ ମାଷ୍ଟର ପ୍ଲାନ୍ ମଞ୍ଜୁରୀ ପାଇନଥିଲା। |
| ଡିଆର୍‌ଆଇଟି | କାମାକ୍ଷାନଗର ଏନ୍‌ଏସି ଆବୃତ୍ତ ଆଠଟି ଗ୍ରାମ[27] **(ଡିସେମ୍ବର 2016)** | ନଗର ଯୋଜନା ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର କାମାକ୍ଷାନଗରର ମାଷ୍ଟର ପ୍ଲାନ୍ ତିଆରି ପାଇଁ 6 ଲକ୍ଷ ଟଙ୍କା ପ୍ରଦାନ କରିଥିଲେ(ଡିସେମ୍ବର 2016), କିନ୍ତୁ ଡିଆର୍‌ଆଇଟି ଏହାକୁ ବ୍ୟବହାର କରିନଥିଲେ (ଅଗଷ୍ଟ 2024) । ଡିଆର୍‌ଆଇଟି ମାଷ୍ଟର ପ୍ଲାନ ପ୍ରସ୍ତୁତି ପାଇଁ କୌଣସି କାର୍ଯ୍ୟ ଗ୍ରହଣ କରିନଥିଲେ । ଡିଆର୍‌ଆଇଟି (ସେପ୍ଟେମ୍ବର 2023) 8 ଗ୍ରାମର କାଡାସ୍ତ୍ରାଲ୍ ମ୍ୟାପ୍ ଏବଂ ଓଡ଼ିଶା ଅନ୍ତରିକ୍ଷ ଆବେଦନ କେନ୍ଦ୍ର (ଓଆର୍‌ଏସ୍‌ଏସି) ଦ୍ୱାରା ପ୍ରଦତ୍ତ ଅନ୍ୟାନ୍ୟ ଡକ୍ୟୁମେଣ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ, କାମାକ୍ଷାନଗର ଏନ୍‌ଏସିକୁ ହସ୍ତାନ୍ତର କଲେ । ତଥାପି ଡିସେମ୍ବର 2024 ପର୍ଯ୍ୟନ୍ତ ମାଷ୍ଟର ପ୍ଲାନ୍ ପ୍ରସ୍ତୁତି ହୋଇନଥିଲା। |
| ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ(ପିକେଡିଏ) | ପିକେଡିଏ କ୍ଷେତ୍ର, 131 ରାଜସ୍ୱ ଗ୍ରାମ ବ୍ରହ୍ମଗିରି, ଗୋପ, ପୁରୀ ଏବଂ ସତ୍ୟବାଦି ତହସିଲର 65 ଅତିରିକ୍ତ ଗ୍ରାମ[28] ନୋଟିଫାଇ (ଜୁନ୍ 2018) | ସାଧାରଣ ଜନତାଙ୍କ ଠାରୁ ଆପତ୍ତି/ ପରାମର୍ଶ ଆମନ୍ତ୍ରଣ କରିବା ପାଇଁ ପୁରୀ ପୌରପାଳିକା ଏବଂ ପୁରୀ ସଦର ଅଞ୍ଚଳର 50 ଗ୍ରାମ କୋଣାର୍କର 7 ଗ୍ରାମ ପାଇଁ ସମନ୍ୱିତ ବିକାଶ ଯୋଜନା ଯଥାକ୍ରମେ ମାର୍ଚ୍ଚ ଏବଂ ସେପ୍ଟେମ୍ବର 1998 ପ୍ରକାଶିତ ହୋଇଥିଲା। 10 ବର୍ଷ ପରେ ପିକେଡିଏ ପରିବେଶଗତ ଯୋଜନା ଏବଂ ପ୍ରଯୁକ୍ତି ବିଦ୍ୟାକେନ୍ଦ୍ର (ସିଇପିଟି)କୁ (ଫେବୃଆରୀ 2009) ସମ୍ପୂର୍ଣ୍ଣ ବିକାଶ ଯୋଜନା (ସିଡିପି*) ଅକ୍ଟୋବର 2010 ସୁଦ୍ଧା ପ୍ରସ୍ତୁତି ପାଇଁ ନିଯୁକ୍ତ କଲା। ସିଇପିଟି (ଏପ୍ରିଲ୍ 2023)ର 92 ଗ୍ରାମ[29] ପାଇଁ ଅନ୍ତିମ ସିଡିପି ପିକେଡିଏ (ଜୁନ୍ 2023) ମଞ୍ଜୁରୀ କରିଥିଲା। ତଥାପି ଡିସେମ୍ବର 2024 ପର୍ଯ୍ୟନ୍ତ ସରକାରଙ୍କ ମଞ୍ଜୁରୀ ପାଇଁ ସିଡିପି ଦାଖଲ କରାଯାଇନଥିଲା। |
| ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) | ବିସ୍ତାରିତ ବିଡିଏ କ୍ଷେତ୍ରପାଇଁ, ବାଲିଅନ୍ତା, ବାଲିପାଟଣା, ବେଗୁନିଆ, ଭୁବନେଶ୍ୱର, ଜଟଣୀ, ଖୋର୍ଦ୍ଧା ଏବଂ ପିପିଲି | ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ 205 ଗ୍ରାମ ପାଇଁ ସମ୍ପୂର୍ଣ୍ଣ ସହର ଉନ୍ନତି ଯୋଜନା 2010 ରେ ପ୍ରସ୍ତୁତ କରି ନିୟମ ଘୋଷିତ କରିଥିଲେ। 2011 ରେ 364 ଅତିରିକ୍ତ ଗ୍ରାମକୁ ବିଡିଏ କ୍ଷେତ୍ରାଧିକାରରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଦିଗନ୍ତ ବର୍ଷ 2040 ପାଇଁ 364 ଟି ଗ୍ରାମ ପାଇଁ ଜିଆଇଏସ୍ ଆଧାରିତ ସିଡିପି ପ୍ରସ୍ତୁତ ପାଇଁ ବିଡିଏ (ଏପ୍ରିଲ୍ 2022) |

[27] ଅଲତୁମା, ଇନ୍ଦିପୁର, ଜିରମାଳିଆ, କାମାକ୍ଷାନଗର, କାହ୍ନୁପୁର, ମୁଣ୍ଡିଦେଉଳି, ରେକୁଲା, ଶରଧାପୁର

[28] ପୁରୀ ପୌରାଞ୍ଚଳ ଏବଂ ପୁରୀ ସଦର କ୍ଷେତ୍ରଫଳ (50 ଗ୍ରାମ) , କୋଣାର୍କ ଏନ୍‌ଏସି କ୍ଷେତ୍ର(ସାତଟି ଗ୍ରାମ), ବ୍ଲକ ଏ (ମଧ୍ୟସ୍ଥ ଅଞ୍ଚଳ ପୁରୀ ଏବଂ କୋଣାର୍କ ମଧ୍ୟରେ:21 ଗ୍ରାମ), ବ୍ଲକ୍ ବି (କୋଣାର୍କ ପର କ୍ଷେତ୍ରଫଳ:14 ଗ୍ରାମ) ଏବଂ ସତନ୍ତ୍ର ପ୍ରତିଷ୍ଠାନ କ୍ଷେତ୍ର (ଏସ୍‌ଆଇଜେଡ୍) କ୍ଷେତ୍ର (39 ଗ୍ରାମ).

[29] ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ଏସ୍‌ଆଇଜେଡ୍ ଅଧୀନରେ ଅନ୍ତର୍ଭୁକ୍ତ 39 ଟି ଗ୍ରାମ ଏବଂ ଜୁନ୍ 2018 ରେ ଅନ୍ତର୍ଭୁକ୍ତ ଅତିରିକ୍ତ 65 ଟି ଗ୍ରାମକୁ ବାଦ ଦେଇ

| ପ୍ରାଧିକାରୀଙ୍କ ନାମ | ଅଧିସୂଚିତ ହୋଇଥିବା ଅଞ୍ଚଳ / ତାରିଖ | ମାଷ୍ଟର ପ୍ଲାନ/ ସିଡିପି ର ସ୍ଥିତି |
|---|---|---|
| | ବ୍ଲକର 364 ଅତିରିକ୍ତ ଗ୍ରାମ (ଜୁଲାଇ **2011**) | ମେସର୍ସ ଅଖିଳ ଭାରତୀୟ ସ୍ଥାନୀୟ ସ୍ୱୟଂ ସରକାର ସଂସ୍ଥାନକୁ (ଏଆଇଏସ୍‌ଜିଏ) ନିୟୋଜିତ କରିଥିଲା । ଏହି ସଂସ୍ଥା ମାର୍ଚ୍ଚ 2023 ରେ ଡ୍ରାଫ୍ଟ ସିଡିପି ଦାଖଲ କରିଥିଲା । ବିଡିଏ, ଭୁବନେଶ୍ୱରର ବିସ୍ତୃତ ଅଞ୍ଚଳ ପାଇଁ ଜିଆଇଏସ୍ ଆଧାରିତ ସିଡିପି ଡ୍ରାଫ୍ଟକୁ (2 ମାର୍ଚ୍ଚ 2024) ଅଧିସୂଚିତ କରିଛି । ଜନସାଧାରଣଙ୍କ ଠାରୁ ଆପତ୍ତି/ ପରାମର୍ଶ ଆମନ୍ତ୍ରଣ କରିଛି । କିନ୍ତୁ, ଡିସେମ୍ବର 2024 ପର୍ଯ୍ୟନ୍ତ ଅନ୍ତିମ ସମ୍ପୂର୍ଣ୍ଣ ବିକାଶ ଯୋଜନା ପ୍ରସ୍ତୁତ ହୋଇନଥିଲା । |

***(ଉତ୍ସ: ନମୁନା ଡିଏ ମାନଙ୍କର ରେକର୍ଡଗୁଡ଼ିକ)***

* ସିଡିପି ଏବଂ ମାଷ୍ଟର ପ୍ଲାନ ଉଭୟ ସମାନ । ପୂର୍ବରୁ ମାଷ୍ଟର ପ୍ଲାନ୍ ବ୍ୟବହୃତ ହୋଇଥିଲା, ବର୍ତ୍ତମାନ ସିଡିପି ଶବ୍ଦ ବ୍ୟବହୃତ ହେଉଛି । ଦୁଇଟି ବିକାଶ ଯୋଜନା ସହିତ ସମ୍ପୃକ୍ତ ।

ଏହି ଅନୁସାରେ, 768 ଗ୍ରାମ ପାଇଁ ମାଷ୍ଟର ପ୍ଲାନ୍/ ସିଡିପି, ଯାହାକୁ ଜୁଲାଇ 2015 ରୁ ଜୁନ୍ 2022 ପର୍ଯ୍ୟନ୍ତ ସମାପ୍ତ କରିବାକୁ ନିର୍ଦ୍ଦିଷ୍ଟ କରାଯାଇଥିଲା, ଡିସେମ୍ବର 2024 ପର୍ଯ୍ୟନ୍ତ ଅନ୍ତିମ ରୂପରେ ପ୍ରସ୍ତୁତ ହୋଇନଥିଲା, ଯେହେତୁ, ଜମିର ବ୍ୟବହାର ମାଷ୍ଟର ପ୍ଲାନ/ ସିଡିପିରେ ଉଲ୍ଲିଖିତ ଭୂମି ବ୍ୟବହାର ଯୋଜନା ବିନା କୃଷି ଜମିର ପରିବର୍ତ୍ତନ, ଅଣଯୋଜନାବଦ୍ଧ ସହରୀକରଣର କାରଣ ହୋଇଥିଲା, ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ଚର୍ଚ୍ଚା କରାଯାଇଛି ।

ବିଭାଗ କହିଥିଲା (ଅକ୍ଟୋବର 2025) ଯେ ଢେଙ୍କାନାଳ ଆର୍‌ଇପିଏଲ୍ ସଂସ୍ଥାର ନିବେଦନ ଅନୁଯାୟୀ, ଢେଙ୍କାନାଳ ଜିଲ୍ଲା ପ୍ରଶାସକ/ ଜିଲ୍ଲାପାଳ ଚୁକ୍ତିକୁ କୌଣସି ଅତିରିକ୍ତ ମୂଲ୍ୟ ବିନା ଛଅ ମାସ ପର୍ଯ୍ୟନ୍ତ ବଢ଼ାଇଥିଲେ (ମାର୍ଚ୍ଚ 2025) । ଯଦି ସଂସ୍ଥା ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବାରେ ବିଫଳ ହୁଏ, ତେବେ ପୂର୍ବରୁ ପ୍ରଦାନ ହୋଇଥିବା ରାଶି ସହିତ ସୁଧ ଆଦାୟ ହେବ ଏବଂ ଏହି କମ୍ପାନୀକୁ ବ୍ଲାକ ଲିଷ୍ଟ ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ । କାମାକ୍ଷାନଗର ସଂସ୍ଥା ପ୍ରଥମ ସର୍ବେକ୍ଷଣ ସମାପ୍ତ କରିଛି, ଲ୍ୟାଣ୍ଡ ୟୁଜ୍ ମ୍ୟାପ ସବମିଟ୍ କରିଛି କିନ୍ତୁ ଡ୍ରାଫ୍ଟ ମାଷ୍ଟର ପ୍ଲାନ ପ୍ରସ୍ତୁତି ସଂସ୍ଥା ଦ୍ୱାରା ହୋଇନଥିଲା । ପିକେଡିଏ ଏବଂ ବିଡିଏ ପାଇଁ ବିଭାଗ ଦ୍ୱାରା କୌଣସି ଉତ୍ତର ଦିଆଯାଇ ନଥିଲା ।

### *3.1.3.3 ଭୁବନେଶ୍ୱର ଓ ପୁରୀ ସମ୍ପୂର୍ଣ୍ଣ ବିକାଶ ଯୋଜନା (ସିଡିପି)ର ବିଚ୍ୟୁତିରେ ଜମିର ଅନିୟମିତ ବ୍ୟବହାର*

ଭୁବନେଶ୍ୱର ସିଡିପି(2010) ଅନୁସାରେ ପରିବେଶ ସମ୍ବେଦନଶୀଳ (ଇଏସ୍) କ୍ଷେତ୍ର ଜମିର ପରିବର୍ତ୍ତନ ସିମିତ । ବିଶେଷ ସାଂସ୍କୃତିକ କ୍ଷେତ୍ରରେ ନିର୍ମାଣ କାର୍ଯ୍ୟ ନିଷିଦ୍ଧ ଅଟେ । ପୁରୀ ସିଡିପି ଅନୁସାରେ ସଂରକ୍ଷଣ (ବନ) ବ୍ୟବହାର କ୍ଷେତ୍ରରେ ସ୍ଥାୟୀ ନିର୍ମାଣ ପ୍ରତିବନ୍ଧିତ ଏବଂ ବାଣିଜ୍ୟ କ୍ଷେତ୍ରରେ କ୍ରୀଡ଼ା ଡାଞ୍ଚା/ ଷ୍ଟାଡିୟମ ନିର୍ମାଣ ନିଷିଦ୍ଧ ଅଟେ ।

ନିରୀକ୍ଷଣରେ ଦେଖାଯାଇଥିଲା ଯେ, ଭୁବନେଶ୍ୱର ଏବଂ ପୁରୀ ସମ୍ପୂର୍ଣ୍ଣ ବିକାଶ ଯୋଜନାରେ ନିର୍ଦ୍ଦିଷ୍ଟ ଭୂମି ବ୍ୟବହାର ପ୍ରତିରୂପ/ ଭୂମି ବ୍ୟବହାର ନକ୍ସା ଉଲ୍ଲଂଘନ କରି 31.124 ଏକର (***ପରିଶିଷ୍ଟ 3.1.2***) ଜମି ଅନୁମତି ନଥିବା କାର୍ଯ୍ୟରେ ବ୍ୟବହୃତ ହୋଇଛି, ଯାହା **ସାରଣୀ 3.1.5** ରେ ଦର୍ଶାଯାଇଛି ।

***ସାରଣୀ 3.1.5: ସିଡିପିରେ ଅନୁମତି ଦିଆଯାଇଥିବା ଭୂମି ବ୍ୟବହାର ଯୋଜନା ଉଲ୍ଲଂଘନରେ ଜମି ବ୍ୟବହାର***

| ତହସିଲ | ଗ୍ରାମ | ସିଡିପି ଅନୁସାରେ ଜମି ବ୍ୟବହାର ପ୍ଲାନ | ଜମିର ଅଞ୍ଚଳ (ଏକର) | ବ୍ୟବହାରର ପ୍ରକୃତି |
|---|---|---|---|---|
| ବାଲିଅନ୍ତା | ଭୁବନପୁର | ପରିବେଶ ସଂବେଦନଶୀଳ କ୍ଷେତ୍ର | 1.450 | ଶିକ୍ଷାନୁଷ୍ଠାନ |
| ଭୁବନେଶ୍ୱର | ବାଙ୍କୁଆଳ | | 1.715 | ଆବାସିକ |
| | ବରଗଡ଼ | | 0.470 | ବାଣିଜ୍ୟିକ |
| | ବାଶୁଆଘାଇ | | 1.183 | ଆବାସିକ / ବାଣିଜ୍ୟିକ |
| | ଦଢ଼ା | | 2.134 | |
| | ପାଣ୍ଡରା | | 6.818 | ଶିକ୍ଷାନୁଷ୍ଠାନ/ ବାଣିଜ୍ୟିକ |

| ତହସିଲ | ଗ୍ରାମ | ସିଡିପି ଅନୁସାରେ ଜମି ବ୍ୟବହାର ପ୍ଲାନ | ଜମିର ଅଞ୍ଚଳ (ଏକର) | ବ୍ୟବହାରର ପ୍ରକୃତି |
|---|---|---|---|---|
| | ରଘୁନାଥପୁର | | 4.704 | |
| | ଶିଶୁପାଳ | ସ୍ୱତନ୍ତ୍ର ସାଂସ୍କୃତିକ କ୍ଷେତ୍ର | 1.070 | ଆବାସିକ |
| ପୁରୀ | ବାଲୁଖଣ୍ଡ | ଜଙ୍ଗଲ | 1.000 | ସରକାରୀ କୋଠାଘର[30] |
| | ବାଲୁଖଣ୍ଡ, ୟୁନିଟ୍ 34 | ବାଣିଜ୍ୟକ | 10.58 | କ୍ରୀଡ଼ା ଭିତ୍ତିଭୂମି[31] |
| | **ମୋଟ** | | **31.124** | |

***(ଉତ୍ସ: ମିଳିତ ସରଜମିନ ତଦନ୍ତ(ଜେପିଆଇ) ଫଳାଫଳ ଏବଂ ଭୁବନେଶ୍ୱର ଏବଂ ପୁରୀ ତହସିଲଦାରଙ୍କର ରେକର୍ଡ)***

ପୁରୀ ତହସିଲ ସନ୍ଦର୍ଭରେ, ପୁରୀ-କୋଣାର୍କ ବିକାଶ କାର୍ଯ୍ୟାଳୟ (ପିକେଡିଏ) ତହସିଲଦାରଙ୍କୁ ସୂଚନା ଦେଇଥିଲେ ଯେ (ଜୁନ୍ 2018 ଏବଂ ଡିସେମ୍ବର 2022), ସରକାରୀ ବିଭାଗ ପକ୍ଷରେ ପ୍ରସ୍ତାବିତ ଜମି ଅଲିଏନେସନ୍ ଜଙ୍ଗଲ ଏବଂ ବାଣିଜ୍ୟକ ବ୍ୟବହାର କ୍ଷେତ୍ରରେ ଆସୁଛି । ତଥାପି, ପିକେଡିଏର ମତ ଅଣଦେଖା କରି, ଜିଲ୍ଲା ପ୍ରଶାସକ 1.00 ଏକର ଜମି, ଯାହା ସଂରକ୍ଷଣ (ବନ ବ୍ୟବହାର) କ୍ଷେତ୍ରରେ ଅବସ୍ଥିତ, ଦୁଇ ସରକାରୀ ବିଭାଗକୁ ଦେଇଥିଲେ ।

ବାଲୁଖଣ୍ଡ ୟୁନିଟ୍ 34 କ୍ଷେତ୍ରରେ, ଜମି ହସ୍ତାନ୍ତର ପାଇଁ ଅନୁମୋଦନ ବାକି ଥିବା ସମୟରେ, କ୍ରୀଡ଼ା ଏବଂ ଯୁବ ସେବା ବିଭାଗ, ଓଡ଼ିଶା ସରକାର ବାଣିଜ୍ୟକ କ୍ଷେତ୍ରରେ କ୍ରୀଡ଼ା ଢାଞ୍ଚା/ କ୍ରୀଡ଼ା ପରିକଳ୍ପନା ନିର୍ମାଣ କରିଥିଲେ । ଏହା ପୁରୀ ସିଡିପି ଅନୁସାରେ ନଥିଲା ।

ଉପରୋକ୍ତ କାରଣରୁ ବିଡିଏ ଏବଂ ପିକେଡିଏ ଦ୍ୱାରା ସିଡିପି ପ୍ରସ୍ତୁତିର ମୁଖ୍ୟ ଉଦ୍ଦେଶ୍ୟ ଯାହା ସେମାନଙ୍କର ଅଧିକାର କ୍ଷେତ୍ର ଅନ୍ତର୍ଗତ ଅଞ୍ଚଳର ଯୋଜନାବଦ୍ଧ ଏବଂ ଅବସ୍ଥିତ ବିକାଶ ସୁନିଶ୍ଚିତ କରିବାରଥିଲା, ତାହା ବିଫଳ ହୋଇଥିଲା ।

ବିଭାଗ କହିଥିଲେ (ଅକ୍ଟୋବର 2025) ଯେ ସମ୍ପର୍କିତ ତହସିଲଦାରଙ୍କୁ ଅନୁପାଳନ ପାଇଁ ଅନୁରୋଧ କରାଯାଇଛି ।

### *3.1.3.4 ପ୍ଲଟକୁ ପ୍ରବେଶ ସୁବିଧା ନଥାଇ, କୃଷି ଜମିକୁ ଘରବାଡ଼ି ପ୍ଲଟରେ ରୂପାନ୍ତରଣ*

ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ବିକାଶ କାର୍ଯ୍ୟାଳୟ (ଯୋଜନା ଏବଂ ଭବନ ମାନଦଣ୍ଡ) ନିୟମାବଳୀ, 2020 ର ନିୟମ 31 ଅନୁସାରେ ଘରବାଡ଼ି ପ୍ଲଟ୍ ବିକାଶ ପାଇଁ ସାଧାରଣ କିମ୍ବା ବ୍ୟକ୍ତିଗତ ସଡ଼କ ରାସ୍ତା ଅତିକମରେ 6 ମିଟର ପ୍ରସ୍ଥ ହେବା ଦରକାର । ଏହି ଅନୁସାରେ, କୃଷି କ୍ଷେତ୍ରରୁ ଅଣ-କୃଷି ବ୍ୟବହାରକୁ ପରିବର୍ତ୍ତନ କରିବା ପୂର୍ବରୁ ତହସିଲଦାରମାନେ ଜମି ପାଇଁ ଅନୁମୋଦିତ ଆପ୍ରୋଚ ରୋଡ଼ ସୁନିଶ୍ଚିତ କରିବାର ଆବଶ୍ୟକ ଥିଲା ।

ରେକର୍ଡ ଯାଞ୍ଚ ଏବଂ ତହସିଲଦାରଙ୍କ ପ୍ରତିନିଧିଙ୍କ ସହିତ ଜେପିଆଇ (ଜାନୁଆରୀ 2025) ରେ ଅଡିଟ୍ ଦେଖିଲା ଯେ, ଦୁଇଟି ନମୁନା ତହସିଲ, ବାଲିଅନ୍ତା ଏବଂ ଝାରସୁଗୁଡ଼ାର ତହସିଲଦାରମାନେ 2011 ରୁ 2023 ପର୍ଯ୍ୟନ୍ତ 10.085 ଏକର[32] କୃଷି ଭୂମିକୁ ଘରବାଡ଼ି ବର୍ଗରେ ରୂପାନ୍ତର କରିଥିଲେ, ଯେଉଁଥିରେ ପ୍ଲଟ ପ୍ରବେଶ ପାଇଁ ପ୍ରକୃତ ଆପ୍ରୋଚ୍ ରାସ୍ତା ଉପଲବ୍ଧ ନଥିଲା ।

---

[30] ଏଫ୍ଏସ୍ ଆଣ୍ଡ ସିଡବ୍ଲ୍ୟୁ ବିଭାଗ ଦ୍ୱାରା କାର୍ଯ୍ୟାଳୟ କୋଠା ଏବଂ ପରୀକ୍ଷାଗାର (ପ୍ଲଟ ନମ୍ବର 1149/10688, 0.50 ଏକର) ଏବଂ ଆଇନ୍ ବିଭାଗ ଦ୍ୱାରା ଗ୍ରାମ ନ୍ୟାୟାଳୟ (ପ୍ଲଟ ନମ୍ବର 1149/10686, 0.50 ଏକର)

[31] କ୍ରୀଡ଼ା ଏବଂ ଯୁବ ସେବା ବିଭାଗ ଦ୍ୱାରା ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମ ( ପ୍ଲଟ ନମ୍ବର 10: 8.58 ଏକର ଏବଂ ପ୍ଲଟ ନମ୍ବର10/162(p): 2.00 ଏକର)

[32] ବାଲିଅନ୍ତା: ବ୍ଲକ୍ ନମ୍ବର. 262, 257, 298, 299 ଏବଂ ପୂରଣପ୍ରଧାନ ଗ୍ରାମର 253/1256 (3.395 ଏକର); ସତ୍ୟଭାମାପୁର ଗ୍ରାମର ପ୍ଲଟ୍ ନମ୍ବର. 4/826 (1.04 ଏକର) ଓ ପ୍ରତାପଶାସନ ଗ୍ରାମର ପ୍ଲଟ୍ ନମ୍ବର 4643 (1.25 ଏକର) ଏବଂ ନାଗପୁର ଶାସନ ଗ୍ରାମର ପ୍ଲଟ୍ ନମ୍ବର 984 (1.16 ଏକର); ଝାରସୁଗୁଡ଼ା: କୁମ୍ଭାରୀ ଗ୍ରାମର ପ୍ଲଟ ନମ୍ବର 578, 573/1289, 577/1290, 577/1293, 577/1294 ଏବଂ 579/1291(3.24 ଏକର)

ସମୀକ୍ଷା ନିମ୍ନଲିଖିତ ପର୍ଯ୍ୟବେକ୍ଷଣ କରିଥିଲା:

- ବାଲିଅନ୍ତା ତହସିଲ ସଂପର୍କିତ 3 ଘଟଣାରେ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ରିପୋର୍ଟ ଦେଇଥିଲେ ଯେ, ପ୍ରତିଷ୍ଠିତ ସଡ଼କ ଏବଂ ରୂପାନ୍ତରିତ ପ୍ଲଟ୍ ମଧ୍ୟରେ ସଡ଼କ ସଂଯୋଗ ଅଛି । ଆର୍‌ଆଇର ରିପୋର୍ଟ ବାସ୍ତବରେ ଭୁଲ୍ ଥିଲା କାରଣ ଏହି ତିନୋଟି କ୍ଷେତ୍ରରେ ବିଦ୍ୟମାନ ରାସ୍ତା ଏବଂ ପରିବର୍ତ୍ତିତ ପ୍ଲଟ୍ ମଧ୍ୟରେ ସରକାରୀ ଜମି ଥିଲା, ଯାହା ସୂଚନା କରୁଛି ଯେ ପ୍ରକୃତ ସଂଯୋଗ ନଥିଲା, ଯାହା ଅଡିଟ୍ ଜେପିଆଇରେ ଦେଖିଛି । ଏହା ସୂଚାଇଛି ଯେ, ହୁଏତ ଆରଆଇ କ୍ଷେତ୍ର ପ୍ରଦର୍ଶନ କରିନଥିଲେ କିମ୍ବା ରୂପାନ୍ତର ସହଜ କରିବା ପାଇଁ ଠକେଇପୂର୍ଣ୍ଣ ରିପୋର୍ଟ ତିଆରି କରିଥିଲେ ।

- ଜେପିଆଇ (30 ଜାନୁଆରୀ 2025) ରେ ଦେଖାଗଲା ଯେ, ପୂରଣ ପ୍ରଧାନ ଗ୍ରାମର 3.395 ଏକର ରୂପାନ୍ତରିତ ଜମିରେ ଏକ ଶିକ୍ଷାନୁଷ୍ଠାନ ନିର୍ମାଣ ହୋଇଛି । ଏହି ସଂସ୍ଥା 0.615 ଏକର (ପ୍ଲଟ୍ ସଂଖ୍ୟା 261 ସମ୍ପୂର୍ଣ୍ଣ ଏବଂ ପ୍ଲଟ୍ ସଂଖ୍ୟା 263 ଆଂଶିକ) ସରକାରୀ ଜମିକୁ ଅନଧିକୃତ ଭାବରେ ଦଖଲ କରି, ନିକଟସ୍ଥ ରାସ୍ତା ଏବଂ ପରିବର୍ତ୍ତିତ ପ୍ଲଟ୍ ମଧ୍ୟରେ ରାସ୍ତା ଭାବରେ ବ୍ୟବହାର କରୁଥିଲା । ଜେପିଆଇ ସମୟରେ ଏହା ମଧ୍ୟ ଦେଖାଗଲା ଯେ 1.04 (ପ୍ଲଟ୍ ସଂଖ୍ୟା 4/826) ଏକର ଜମିରେ ଗୋଟିଏ ଫ୍ଲାଏ ଆସ୍ ଇଟା ନିର୍ମାଣ ୟୁନିଟ୍ କାର୍ଯ୍ୟ କରୁଥିଲା, ଯେଉଁଠାରେ ସରକାରୀ ଜମି (ପ୍ଲଟ୍ ସଂଖ୍ୟା 13, କିସମ ନୟନଜୋରୀ) ଅବସ୍ଥିତ ରାସ୍ତା ଏବଂ ପରିବର୍ତ୍ତିତ ପ୍ଲଟ୍ ମଧ୍ୟରେ ଥିଲା ।

- ପ୍ରତାପଶାସନ ଏବଂ ନାଗପୁର ଶାସନ ଗ୍ରାମ (2.41 ଏକର) ପ୍ଲଟ ସଂଖ୍ୟା 4643 ଏବଂ 984 ପ୍ରଧାନ ସଡ଼କ ସହିତ ପ୍ରାଇଭେଟ୍ ପ୍ଲଟ୍ ସଂଖ୍ୟା 4654 ଏବଂ ସରକାରୀ ପ୍ଲଟ୍ ସଂଖ୍ୟା 4657 (ନୟନଜୋରୀ) ମାଧ୍ୟମରେ ସଂଯୁକ୍ତ ହୋଇଥିଲେ । ପ୍ରାଇଭେଟ୍ ପ୍ଲଟ କୃଷି ଜମି ହୋଇଥିଲା, କିନ୍ତୁ ସଡ଼କ ଭାବେ ବ୍ୟବହୃତ ହେଉଥିଲା । ପ୍ଲଟ ସଂଖ୍ୟା 984 ପାଇଁ, ତହସିଲଦାର ଜୁଲାଇ ଏବଂ ଅଗଷ୍ଟ 2022 ରେ ଦୁଇଥର ପରିବର୍ତ୍ତନ ଅସ୍ୱୀକାର କରିଥିଲେ କାରଣ ପ୍ଲଟ ପାଇଁ ରାସ୍ତା ଉପଲବ୍ଧ ନଥିଲା । ତଥାପି, ଜାନୁୟାରୀ 2020 ରେ ପରିବର୍ତ୍ତନ ଅନୁମୋଦିତ ହୋଇଥିଲା ।

- ଝାରସୁଗୁଡ଼ା ତହସିଲରେ ଆବେଦକ 3.24 ଏକର ଜମି କିସମ ପରିବର୍ତ୍ତନ ପରେ କଣ ପାଇଁ ବ୍ୟବହାର କରିବେ ତାହା ଉଲ୍ଲେଖ କରିନଥିଲେ । ରାଜସ୍ୱ ନିରୀକ୍ଷକ ତହସିଲଦାରଙ୍କୁ ପ୍ଲଟ୍ ପ୍ରବେଶ ବିଷୟରେ ସୂଚନା ଦେଇନଥିଲେ । ପ୍ଲଟ୍ ପ୍ରବେଶ ସୁନିଶ୍ଚିତ କରାଯାଇ ନଥିବା ସମୟରେ, ତହସିଲଦାର ପ୍ଲଟକୁ ପରିବର୍ତ୍ତନ କରିଥିଲେ (ଜାନୁୟାରୀ 2019) । ପରବର୍ତ୍ତୀ ସମୟରେ, ଏହି ରୂପାନ୍ତରିତ ଜମି ଇଡ୍‌କୋ (ଅକ୍ଟୋବର 2020) ମେସର୍ସ ଏନ୍‌ସିଏଲ୍ ଦ୍ୱାରା ଥର୍ମାଲ୍ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଅଧିଗ୍ରହଣ କରିଥିଲେ ଏବଂ ଘରବାରି ଜମି ହିସାବରେ କ୍ଷତିପୂରଣ (ନଭେମ୍ବର 2023) ଦିଆଯାଇଥିଲା । ଏହିପରି, କୌଣସି ପ୍ରବେଶ ରାସ୍ତା ଉପଲବ୍ଧ ନଥାଇ ଏବଂ ବ୍ୟବହାରର କୌଣସି ଉଦ୍ଦେଶ୍ୟ ବିନା ଅନିୟମିତ ଭାବରେ ଜମିର କିସମ ପରିବର୍ତ୍ତନ କରାଯାଇଥିଲା, ଯାହା ଫଳରେ ଜମି ମାଲିକଙ୍କୁ ଅଧିକ କ୍ଷତିପୂରଣ ଦିଆଯାଇଥିଲା ।

ବିଭାଗ କହିଥିଲା (ଅକ୍ଟୋବର 2025) ଯେ ଝାରସୁଗୁଡ଼ା ତହସିଲଦାର ସମସ୍ତ ରାଜସ୍ୱ ନିରୀକ୍ଷକଙ୍କୁ ପ୍ଲଟକୁ ପ୍ରବେଶ ପୁନଃଯାଞ୍ଚ କରିବା ଏବଂ ତହସିଲଦାରଙ୍କର ରିପୋର୍ଟ ପ୍ରାପ୍ତି ପରେ ଆବଶ୍ୟକ କାର୍ଯ୍ୟ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବାଲିଅନ୍ତା ଏବଂ ଭୁବନେଶ୍ୱର ତହସିଲ ପାଇଁ ବିଭାଗ କୌଣସି ଉତ୍ତର ଦେଇନଥିଲା ।

### *3.1.3.5 504.768 ଏକର କୃଷି ଜମିର ଅଣକୃଷି ଉଦ୍ଦେଶ୍ୟ ପାଇଁ ଅନିୟମିତ ବ୍ୟବହାର*

ତହସିଲଦାର ରେକର୍ଡ ଯାଞ୍ଚ, ସାଟେଲାଇଟ୍ ଡାଟା, କାଡାସ୍ଟ୍ରାଲ୍ (ରାଜସ୍ୱ) ମାନଚିତ୍ର (ଓଡ଼ିଶା 4କେ ଜିଓସେବା ମାଧ୍ୟମରେ) ଏବଂ ଅନିୟମିତ ଭାବରେ ଚୟନ ପ୍ଲଟ୍‌ର ଜେପିଆଇରେ ଦେଖାଗଲା ଯେ 504.768 ଏକର କୃଷି ଜମି ଅଣକୃଷି ଉଦ୍ଦେଶ୍ୟ ପାଇଁ ବ୍ୟବହୃତ ହୋଇଛି । ଏହାର ବ୍ୟବହାର ଆବାସିକ କୋଠା/ ପ୍ରକଳ୍ପ/ ଆପାର୍ଟମେଣ୍ଟ/ ହୋଟେଲ/ ରେଷ୍ଟୁରାଣ୍ଟ, ଶିକ୍ଷା ସଂସ୍ଥାନ, ଫ୍ଲାଇ ଆସ୍ ଇଟା, ଇଟା ଭାଟି, ସିମେଣ୍ଟ କଂକ୍ରିଟ୍ ମିଶ୍ରଣ ୟୁନିଟ୍,

ବାଣିଜ୍ୟିକ ସଂସ୍ଥା/ ଦୋକାନ ଇତ୍ୟାଦି କାର୍ଯ୍ୟ ପାଇଁ ହୋଇଛି । ବର୍ଗ ଅନୁସାରେ ଜମିର ବ୍ୟବହାର **ସାରଣୀ** 3.1.1 ରେ ଦର୍ଶାଯାଇଛି:

***ସାରଣୀ 3.1.1: ବର୍ଗ ଅନୁଯାୟୀ କୃଷି ଜମିର ବ୍ୟବହାର***

| କେଉଁ ଉଦ୍ଦେଶ୍ୟରେ ବ୍ୟବହାର ହୋଇଛି | ପ୍ଲଟ୍ ସଂଖ୍ୟା | ଅଞ୍ଚଳ (ଏକରରେ) |
|---|---|---|
| ବ୍ୟବସାୟିକ ବ୍ୟବହାର | 213 | 260.079 |
| ଶିକ୍ଷା ଅନୁଷ୍ଠାନ | 100 | 53.611 |
| ଶିଳ୍ପ | 53 | 32.934 |
| ଧାର୍ମିକ ଅନୁଷ୍ଠାନ | 11 | 25.38 |
| ଆବାସିକ | 235 | 132.764 |
| ମୋଟ | 612 | 504.768 |

ଅଡିଟ୍ ନିମ୍ନଲିଖିତ ପ୍ରସଙ୍ଗ ଦେଖିଲା:

- ବ୍ରହ୍ମଗିରି ତହସିଲର ସିପାସରୁବାଲି ଗ୍ରାମ[33], ଜଟଣୀ ତହସିଲର[34] ବଡ଼ନୂଆଗାଁ ଏବଂ ପଦନପୁର ଏବଂ ଭୁବନେଶ୍ୱର ତହସିଲର[35] ଦଢ଼ା, ରାଘୁନାଥପୁର ଏବଂ ସୁନ୍ଦରପୁର ଗ୍ରାମରେ 162.531 ଏକର କୃଷି ଜମିରେ ହୋଟେଲ୍/ ରେଷ୍ଟୁରାଣ୍ଟ ନିର୍ମାଣ ହୋଇ ବ୍ୟବସାୟିକ ବ୍ୟବହାର ହେଉଛି ।
- ସେହିପରି, ତିନୋଟି[36] ତହସିଲରେ 10.692 ଏକର କୃଷି ଜମିରେ କଲ୍ୟାଣ ମଣ୍ଡପ/ ବିବାହ ମଣ୍ଡପ, ପିକନିକ୍ ସ୍ଥଳ/କ୍ରୀଡ଼ା କ୍ଷେତ୍ର, ପରିବେଶ ପ୍ରଧାନ ଆବାସ, କ୍ଲବ୍ ପାଇଁ ବ୍ୟବହୃତ ହୋଇଛି ।
- ବାଲିଅନ୍ତା ତହସିଲ୍ ଅନ୍ତର୍ଗତ ଭୁବନପୁର ଏବଂ ରାମଚନ୍ଦ୍ରପୁର ଗ୍ରାମରେ 14.050 ଏକର କୃଷି ଜମିର ଇଟା ଭାଟି ପାଇଁ ବ୍ୟବହୃତ ହୋଇଛି ।
- ପୁରୀ ତହସିଲ ଅଧିନରେ 24.605 ଏକର କୃଷି ଜମିକୁ ବିନା କିସମ ପରିବର୍ତ୍ତନରେ ଜଳ କ୍ରୀଡ଼ା ପାଇଁ ବ୍ୟବହୃତ କରାଯାଇଥିଲା ।
- ପାଞ୍ଚଟି ତହସିଲରେ, ନଅଟି ଶିକ୍ଷାନୁଷ୍ଠାନ[37] ଦ୍ୱାରା 49.837 ଏକର କୃଷି ଜମି ଅଣକୃଷି ଉଦ୍ଦେଶ୍ୟରେ ପ୍ରତିଷ୍ଠାନ ଭବନ ଏବଂ ଆନୁଷଙ୍ଗିକ ଭିତ୍ତିଭୂମି ପାଇଁ ବ୍ୟବହୃତ ହୋଇଥିଲା ।

33 ବ୍ରହ୍ମଗିରି ତହସିଲ: ଜୀବନ ସନ୍ଧ୍ୟା, ଏମ୍ପାୟାର, ରୁପଶ୍ରୀ ବଙ୍ଗଳା, ବ୍ଲୁ ଲିଲି, ଆସିଆନା ଲଗୁନ୍, ଷ୍ଟର୍ଲିଂ, ଦ ଚାରିଅଟ ରିସର୍ଟ ଏବଂ ସ୍ପା, ଅନନ୍ୟା ସେଲିବ୍ରେସନ(ସାମାଜିକ ଉତ୍ସବ ପାଇଁ ଜାଗା, ସ୍ପା, ଖୋଲା ବନଭୂମି, ଗାଡ଼ି ରଖିବା ପାଇଁ ସ୍ଥାନ, ଇତ୍ୟାଦି), ତାଜ, ପୁରୀ ରିସର୍ଟ ଏବଂ ସ୍ପା, ଫୋର ଓ୍ୱେଭସ୍, ସୀ କୁଇନ୍, କ୍ରାଷ୍ଣା ସାଇଟ୍ ଏବଂ ରିସର୍ଟ, ପିପୁଲ୍ ହୋଟେଲ୍ ଏବଂ ରିସର୍ଟ, ସେଭେନ୍ ହିଲ୍ସ, କୋଶାଳ, ରିଟ୍ରୀଟ୍, ଆନନ୍ଦ ଭବନ, ବ୍ଲୁ ମୁନ୍, ରେଗେଣ୍ଟା ସେଣ୍ଟ୍ରାଲ୍, ନିଳାଦ୍ରୀ ପ୍ରିମିୟମ୍, ଶକ୍ତି ହରିଜନ୍, ଦ ବେ ସୁଇଟ୍ସ୍, ଏନ୍ଆର୍ଏସ୍ ରୋୟାଲ୍ ପ୍ୟାଲେସ୍, ସାଗର ବିହାର ହୁମ୍ ଷ୍ଟେ, ସି ହରିଜନ, ଲକି ଇଣ୍ଡିଆନ ସିପାସରୁବାଲି ଗ୍ରାମରେ

34 ଜଟଣୀ ତହସିଲ: ମେସର୍ସ ଫର୍କ ଏବଂ ଫାୟାର ରେଷ୍ଟୁରାଣ୍ଟ, ହାଇଦରାବାଦି ବିରିୟାନୀ ଘର ବଡ଼ନୂଆଗାଁ ଗ୍ରାମର ଏବଂ ମାର୍କ ପଦନପୁର ଗ୍ରାମର

35 ଭୁବନେଶ୍ୱର ତହସିଲ: ତାରା ଢାବା, ରେଡ ଲିଫ୍ ରେଷ୍ଟୁରାଣ୍ଟ, ହୋଟେଲ ମିଡଲ୍ୟାଣ୍ଡ/ ପି.କେ ପ୍ୟାଲାସ୍, ଦଢ଼ା ଗ୍ରାମର, ହୋଟଲ ହିନ୍ଦୁସ୍ଥାନୀ, ରଘୁନାଥପୁର ଗ୍ରାମର ଏବଂ ସୁନ୍ଦରପୁର ଗ୍ରାମର ହୋଟେଲ୍ ମେସର୍ସ ବାଙ୍ଗାଲୋର ଏକ୍ସପରେସ୍

36 1) ବାଲିଅନ୍ତା: ଶ୍ରୀ କନ୍‌ଭେନ୍‌ସନ୍‌ସିନ ପ୍ରତାପ ଶାସନ ଗ୍ରାମ; 2) ଭୁବନେଶ୍ୱର: ଭୁବନେଶ୍ୱରରେ ବୃନ୍ଦାବନ ଗାର୍ଡନ୍ ମ୍ୟାରେଜ୍ ଭେନ୍ୟୁ ବରଗଡ଼ ଗ୍ରାମରେ ମେସର୍ସ କ୍ରିଷ୍ଟାଲ୍ ଆଫେୟାର ଏବଂ 3) ପୁରୀ: ବାଲୁ ଖଣ୍ଡ ଗ୍ରାମରେ ଜେ ଏବଂ ଏମ୍ ପାରାଡାଇଜ୍

37 ବାଲିଅନ୍ତା ଏବଂ ଭୁବନେଶ୍ୱର ତହସିଲ: ହାଇଟେକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ, ଭୁବନେପୁର ଏବଂ ପାଣ୍ଡରା ଗ୍ରାମ; ଢେଙ୍କାନାଳ ତହସିଲ୍: ସେନେର୍ଜି ଇନଷ୍ଟିଚ୍ୟୁଟ୍, ଢେଙ୍କାନାଳ; କାମାକ୍ଷାନଗର ତହସିଲ: ଇଣ୍ଟିଗ୍ରେଟର ଏଜୁକେସନ ପ୍ରା:ଲିଃ ଭାଗିରଥିପୁର ଶାସନ; ଜଟଣୀ ତହସିଲ: ଆଦ୍ୟାନ୍ତ +2 ବିଜ୍ଞାନ ମହାବିଦ୍ୟାଳୟ ଭାଟକୁରୀ ଗ୍ରାମ; କୋଣାର୍କ ଇନଷ୍ଟିଚ୍ୟୁସନ ଅଫ୍ ସାଇନ୍ସ ଏବଂ ଟେକ୍‌ନୋଲଜି, ଷଣ୍ଢପୁର ଗ୍ରାମ, ଗାନ୍ଧୀ ଇନଷ୍ଟିଚ୍ୟୁସନ ଅଫ୍ ଟେକ୍‌ନୀଲୋଜିକାଲ ଆଡଭାନ୍ସମେଣ୍ଟ ଅଟୋନୋମସ୍ ମହାବିଦ୍ୟାଳୟ; ବଡ଼ରଘୁନାଥପୁର ଏବଂ ଗଡ଼ଜଗାସରା ଗ୍ରାମ; ଟେମ୍ପୁଲ୍ ସିଟି ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି ଏବଂ ଇଞ୍ଜିନିୟରିଂ ଏବଂ ମହାରାଜା ପଲିଟେକ୍‌ନିକ୍, ମଣିପୁର ଏବଂ ତାରାବୋଇ ଗ୍ରାମ; ଝାରସୁଗୁଡ଼ା ତହସିଲ: ମା ଡିଏଭି ସ୍କୁଲ୍, ଝାରସୁଗୁଡ଼ା ୟୁନିଟ୍ 5

- ଓଡ଼ପଡ଼ା ତହସିଲର ମଙ୍ଗଳପୁର ଗ୍ରାମ ଏବଂ କୋଲାବିରା ତହସିଲ୍ ଅନ୍ତର୍ଗତ ରଘୁନାଥପୁର ଗ୍ରାମରେ ଦୁଇଟି ଘରୋଇ ଶିଳ୍ପ[38] ଦ୍ୱାରା 18.223 ଏକର କୃଷି ଜମିକୁ ବିନା କିସମ ପରିବର୍ତ୍ତନରେ ଶିଳ୍ପ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଥିଲା ।
- ବ୍ରହ୍ମଗିରି ତହସିଲ ଅନ୍ତର୍ଗତ ସିପସରୁବାଲି ଗ୍ରାମରେ 23.890 ଏକର କୃଷି ଜମିକୁ ବିନା କିସମ ପରିବର୍ତ୍ତନରେ ଧାର୍ମିକ ସଂସ୍ଥାନ ପାଇଁ ବ୍ୟବହୃତ ହୋଇଥିବାର ମିଳିତ ସରଜମିନ ତଦନ୍ତ (ଅକ୍ଟୋବର 2024) ରେ ଦେଖାଯାଇଥିଲା ।
- ମିଳିତ ସରଜମିନ ତଦନ୍ତରେ ଦେଖାଗଲା (ନଭେମ୍ବର 2024 ଏବଂ ଜାନୁଆରୀ 2025) ଯେ ଜଟଣୀ ଏବଂ ପୁରୀ ତହସିଲରେ ଛଅଟି ରିୟଲ ଇଷ୍ଟେଟ୍ ପ୍ରକଳ୍ପ[39] ଦ୍ୱାରା 8.836 ଏକର କୃଷି ଜମି ବିନା କିସମ ପରିବର୍ତ୍ତନରେ ଆପାର୍ଟମେଣ୍ଟ/ ଆପାର୍ଟମେଣ୍ଟକୁ ଯୋଗାଯୋଗ ରାସ୍ତା ନିର୍ମାଣ ପାଇଁ ବ୍ୟବହୃତ କରାଯାଇଥିଲା ।

ପ୍ରତିଉତ୍ତରରେ, 11 ଜଣ ତହସିଲଦାର (ଭୁବନେଶ୍ୱର, ବ୍ରହ୍ମଗିରି, ଦର୍ପଣ, ଢେଙ୍କାନାଳ, ଜଟଣୀ, କାମାକ୍ଷାନଗର, କୋଲାବିରା, ଗୋପ, ଓଡ଼ପଡ଼ା, ପୁରୀ ଓ ସାଇଁତଲା) ଅଗଷ୍ଟ 2024 ଠାରୁ ମାର୍ଚ୍ଚ 2025 ମଧ୍ୟରେ ଆଶ୍ୱାସନା ଦେଇଥିଲେ ଯେ, କୃଷି ଉଦ୍ଦେଶ୍ୟ ବ୍ୟତୀତ ଅନଧିକୃତ ଭାବରେ ବ୍ୟବହାର କରିବା ପାଇଁ ଓଏଲ୍ଆର୍ ଆଇନର ଧାରା 8(1)(ସି) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ ।

ବିଭାଗ କହିଥିଲା (ଅକ୍ଟୋବର 2025) ଯେ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଉତ୍ତର ଦର୍ଶାଉଛି ଯେ ଆବଣ୍ଟନ ପରେ ଜମିଗୁଡ଼ିକର ଉଦ୍ଦିଷ୍ଟ ଉଦ୍ଦେଶ୍ୟରେ ବ୍ୟବହାରକୁ ସୁନିଶ୍ଚିତ କରିବା ପାଇଁ ସମ୍ପୃକ୍ତ ତହସିଲଦାର ଓ ବିଭାଗ ଦ୍ୱାରା ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ କରିବାର ଅଛି । ପରନ୍ତୁ, ବାଲିଅନ୍ତା ତହସିଲ୍ର ମାମଲାଗୁଡ଼ିକ ପାଇଁ ବିଭାଗ ପକ୍ଷରୁ କୌଣସି ଉତ୍ତର ଦିଆଯାଇନଥିଲା ।

**ସୁପାରିଶ 3:**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏହା ନିଶ୍ଚିତ କରିବା ଉଚିତ ଯେ କୃଷି ଜମିର ରୂପାନ୍ତରଣ ଯେପରି ସମସ୍ତ ବିଧିବଦ୍ଧ ପ୍ରକ୍ରିୟା ଅନୁସରଣ କରି କରାଯାଏ । ଏହାସହ, କୃଷି ଜମିକୁ କୃଷି ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ଅନଧିକୃତ ବ୍ୟବହାର ରୋକିବା ପାଇଁ ଏକ ସୁଦୃଢ ବ୍ୟବସ୍ଥା ଗ୍ରହଣ କରାଯିବା ସହ ଏପରି ଅନଧିକୃତ ବ୍ୟବହାର ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବା ଉଚିତ୍ ।**

### *3.1.3.6 ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧିନରେ ଜମିର ଅନିୟମିତ ଉପବିଭାଜନ*

ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ୍ (ଓଡ଼ିଏ), 1982 ଧାରା 15 ଅନୁଯାୟୀ, ସମ୍ପୃକ୍ତ ଉନ୍ନୟନ କର୍ତ୍ତୃପକ୍ଷର (ଡ଼ିଏ) ଲିଖିତ ଅନୁମତି ବିନା ଜମିର ଉପବିଭାଜନ ନିଷିଦ୍ଧ । ଆରଡିଏମ୍ ବିଭାଗ ଜୁନ୍ 2011 ଓ ଫେବୃଆରୀ 2022 ରେ ସମସ୍ତ ଜିଲ୍ଲାପାଳମାନଙ୍କୁ, ପ୍ଲଟେଡ୍ ହାଉସିଂ ଯୋଜନା ମାଧ୍ୟମରେ କୃଷି ଜମି ବିକ୍ରି ଘଟଣା ଲକ୍ଷ୍ୟ ହେଲେ ଓଏଲ୍ଆର୍ ଆଇନର ଧାରା 8 ଅନୁଯାୟୀ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲା । ତେଣୁ, ଡିଏ କ୍ଷେତ୍ର ମଧ୍ୟରେ ସମ୍ପୃକ୍ତ ଥିବା ଯେକୌଣସି ଜମିର ଉପବିଭାଜନ ପାଇଁ ଡିଏଙ୍କ ଅନୁମୋଦନ ଆବଶ୍ୟକ ।

ଅଡିଟ୍ ଦେଖିଲା ଯେ ଆଠଟି[40] ନମୁନା ତହସିଲରେ ଡିଏ କ୍ଷେତ୍ର ଅଧିନରେ ଥିବା 21.882 ଏକର କୃଷି ଜମି 14 ଟି ମୂଳ ପ୍ଲଟରେ ରେକର୍ଡ ହୋଇଥିଲା । ସମ୍ପୃକ୍ତ ଜମି ମାଲିକମାନେ ଏହି ଜମିକୁ 321 ଟି ଉପପ୍ଲଟରେ ବିଭାଜନ କରି, ଡିଏର ଅନୁମତି ବିନା ଆବାସିକ ଉଦ୍ଦେଶ୍ୟରେ ଭିନ୍ନଭିନ୍ନ ବ୍ୟକ୍ତିଙ୍କୁ ବିକ୍ରୟ କରିଥିଲେ । ସଂପୃକ୍ତ ସବ୍-ରେଜିଷ୍ଟ୍ରାରମାନେ ଏପରି ବିକ୍ରୟ ନେଣଦେଣକୁ ଅନୁମୋଦନ କରିଥିଲେ ଏବଂ ତହସିଲଦାରମାନେ ଏହି

---

38 ରିମିଝିମ ଇସ୍ପାତ୍ ଲିମିଟେଡ୍, ମଙ୍ଗଳପୁର: 10.083 ଏକର ଏବଂ ଜୟ ହନୁମାନ ଉଦ୍ୟୋଗ ଲିମିଟେଡ୍, ରଘୁନାଥପୁର: 8.140 ଏକର

39 ଜଟଣୀ ତହସିଲ: ସୁବାସ ରିୟା ଆବାସିକ ଆପାର୍ଟମେଣ୍ଟ, ଓରକଳ ଗ୍ରାମ; ପୁରୀ ତହସିଲ: ଶ୍ରୀହରି ବିହାର, ଆଲିକିଆ ଏବଂ ଭାରତିପୁର ଫାର୍ମହାଉସ୍, ବାଟଗାଁ ଗ୍ରାମ, ତୁଳସୀ ବିହାର ଏବଂ ମହୋଦଧି ରିସର୍ଟ, ସାମଙ୍ଗ ଗ୍ରାମ; ଜୟ ସନ୍ତୋଷୀ ମା ଭିତିଭୂମି, ଶଙ୍ଗରପୁର ଗ୍ରାମ

40 ବାଲିଅନ୍ତା, ଭୁବନେଶ୍ୱର, ବ୍ରହ୍ମଗିରି, ଢେଙ୍କାନାଳ, ଗୋପ, ଜଟଣୀ, ଝାରସୁଗୁଡ଼ା ଏବଂ ପୁରୀ

ଜମିର ମାଲିକାନା ପରିବର୍ତ୍ତନ କରି, ଉପପ୍ଲଟ୍ କ୍ରେତାମାନଙ୍କ ପକ୍ଷରେ ଆର୍ଓଆର୍ ସଂଶୋଧନ କରିଥିଲେ । ପରବର୍ତ୍ତୀକାଳରେ, ତହସିଲଦାରମାନେ ଏହି ଜମିରୁ 1.38 ଏକରକୁ ଘରବାଡ଼ି ଶ୍ରେଣୀରେ ପରିବର୍ତ୍ତନ କରିଥିଲେ ।

ତେଣୁ, ସବ୍-ରେଜିଷ୍ଟ୍ରାର ଏବଂ ତହସିଲଦାରମାନଙ୍କର କାର୍ଯ୍ୟ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନର ବ୍ୟବସ୍ଥା ଓ ଆର୍ଡିଏମ୍ ବିଭାଗର ନିର୍ଦ୍ଦେଶନାମାଙ୍କର ଉଲ୍ଲଂଘନ ଥିଲା ।

ବିଭାଗ କହିଥିଲା (ଅକ୍ଟୋବର 2025) ଯେ, ଖୋର୍ଦ୍ଧା ଜିଲ୍ଲାର ତହସିଲଦାରମାନଙ୍କୁ ଆର୍ଆଣ୍ଡଡିଏମ୍ ବିଭାଗର ସୂଚନାନୁସାରେ ଉପପ୍ଲଟର ମାଲିକାନ ପରିବର୍ତ୍ତନ ରୋକିବାକୁ ନିର୍ଦ୍ଦେଶ ଦିଆଯାଇଛି । ତଥାପି, ଝାରସୁଗୁଡ଼ା ଜିଲ୍ଲା ସନ୍ଦର୍ଭରେ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦିଆଯାଇନଥିଲା । ତଥାପି ମାମଲା ଏହା ଥିଲା ଯେ ସମ୍ପୃକ୍ତ ସବ୍-ରେଜିଷ୍ଟ୍ରାର/ ତହସିଲଦାର ଓଡିଏ ଆଇନ୍ ଅନୁସରଣ କରିନଥିଲେ ଏବଂ ଅନିୟମିତ ଭାବେ ସବ୍-ପ୍ଲଟର ବିକ୍ରୟ ଓ ମାଲିକାନା ପରିବର୍ତ୍ତନ ପାଇଁ ଅନୁମତି ଦେଇଥିଲେ ।

### 3.1.4 ଜଙ୍ଗଲ ଜମିର ଅଣ- ଜଙ୍ଗଲ କାର୍ଯ୍ୟ ପାଇଁ ଅନିୟମିତ ବ୍ୟବହାର

ଓଡ଼ିଶା ଜଙ୍ଗଲ ସଂରକ୍ଷଣ ଆଇନ୍, 1980 ର ଧାରା 2 ଅନୁଯାୟୀ, ଭାରତ ସରକାରଙ୍କ ପୂର୍ବାନୁମୋଦନ ବିନା କୌଣସି ରାଜ୍ୟ ସରକାର କିମ୍ବା ଅନ୍ୟ କୌଣସି କର୍ତ୍ତୃପକ୍ଷ ଦ୍ୱାରା ଜଙ୍ଗଲ ଜମି କିମ୍ବା ତାହାର କୌଣସି ଅଂଶକୁ ଅଣଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର କରିବା ସନ୍ଦର୍ଭରେ କୌଣସି ଆଦେଶ ଜାରି କରାଯାଇପାରିବ ନାହିଁ ।

ଏହି ଆଇନର ଧାରା 3 ଅନୁଯାୟୀ, ଧାରା 2 ର କୌଣସି ବ୍ୟବସ୍ଥା ଉଲ୍ଲଂଘନ କରାଯାଇଥିଲେ, ସେଥିପାଇଁ ସରଳ କାରାଦଣ୍ଡ ଦଣ୍ଡାଦେଶ ଦିଆଯିବ, ଯାହାର ଅବଧି ସର୍ବାଧିକ 15 ଦିନ ପର୍ଯ୍ୟନ୍ତ ହୋଇପାରିବ । ଏହି ଆଇନ୍ ଅନ୍ତର୍ଗତ କୌଣସି ଅପରାଧ ଯଦି କୌଣସି ସରକାରୀ ବିଭାଗ କିମ୍ବା କୌଣସି କର୍ତ୍ତୃପକ୍ଷ ଦ୍ୱାରା କରାଯାଇଥାଏ, ତେବେ ସେମାନଙ୍କ ବିରୋଧରେ ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଦଣ୍ଡିତ କରାଯିବ ।

ଜଙ୍ଗଲ ଜମିକୁ ଅଣଜଙ୍ଗଲ ଉଦ୍ଦେଶ୍ୟରେ ପରିବର୍ତ୍ତନ କରିବା ପାଇଁ ରାଜ୍ୟ ସରକାର ଭାରତ ସରକାରଙ୍କୁ ଏଫ୍ଆରଏ (ଜଙ୍ଗଲ ଅଧିକାର୍ ପ୍ରମାଣପତ୍ର) ସାର୍ଟିଫିକେଟ୍[41] ଦାଖଲ କରେ । ଏହା ସହ ଏପରି ପ୍ରସ୍ତାବ ସନ୍ଦର୍ଭରେ ଗ୍ରାମ ସଭା ବୈଠକରେ ସର୍ବନିମ୍ନ 50 ପ୍ରତିଶତ ସଦସ୍ୟଙ୍କ ଉପସ୍ଥିତିରେ ଆଲୋଚନା ଏବଂ ସିଦ୍ଧାନ୍ତ ଗ୍ରହଣ ହୋଇଥିବା ବିଷୟରେ ମଧ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯିବା ଆବଶ୍ୟକ । ଭାରତ ସରକାରଙ୍କ ଦ୍ୱାରା ଜଙ୍ଗଲ ଜମି ପରିବର୍ତ୍ତନକୁ ଦୁଇଟି ପର୍ଯ୍ୟାୟରେ (ପର୍ଯ୍ୟାୟ-I ଏବଂ ପର୍ଯ୍ୟାୟ-II)[42] ଅନୁମୋଦନ କରାଯାଏ ।

ଅଡିଟ୍ ଦେଖିଲା ଯେ ଛଅଟି ନମୁନା ତହସିଲ (ଭୁବନ, ଭୁବନେଶ୍ୱର, ବ୍ରହ୍ମଗିରି, ଢେଙ୍କାନାଳ, ଜଟଣୀ ଏବଂ ଓଡ଼ପଡ଼ା) 568.876 ଏକର ଜଙ୍ଗଲ ଜମିକୁ କେନ୍ଦ୍ରସରକାରଙ୍କ ପୂର୍ବାନୁମୋଦନ ବିନା ଔଦ୍ୟୋଗିକ, ସଂସ୍ଥାଗତ, ବାଣିଜ୍ୟକ, ଆବାସିକ ଇତ୍ୟାଦି ଅଣଜଙ୍ଗଲ କାର୍ଯ୍ୟକଳାପ ପାଇଁ ବ୍ୟବହାର କରାଯାଇଥିଲା, ଯାହା ନିମ୍ନରେ ଆଲୋଚନା କରାଯାଇଛି:

**(କ)** ଆର୍ଡିଏମ୍ ବିଭାଗ, ଢେଙ୍କାନାଳ ଜିଲ୍ଲାରେ ତିନୋଟି ଶିଳ୍ପ ଇଷ୍ଟେଟ୍ ସ୍ଥାପନ ପାଇଁ ଇଡ୍କୋକୁ 516.39 ଏକର ଜମି ଆବଣ୍ଟନ କରିଥିଲା, ଯାହା ମଧରେ 207.84 ଏକର ଜଙ୍ଗଲ ଜମି ସାମିଲ୍ ଥିଲା । ଶିଳ୍ପ ଇଷ୍ଟେଟର ଅଞ୍ଚଳ ଏବଂ ସେଥିରେ ଥିବା ଜଙ୍ଗଲ ଜମିର ଅଞ୍ଚଳ ***ସାରଣୀ 3.1.6*** ରେ ଦର୍ଶାଯାଇଛି ।

---

41 ପ୍ରମାଣିତ କରୁଛି ଯେ: (i) ଏଫ୍ଆର୍ଏ ଅଧୀନରେ ଅଧିକାର ଚିହ୍ନଟ ଏବଂ ସମାଧାନ ପାଇଁ ସମ୍ପୂର୍ଣ୍ଣ ପ୍ରକ୍ରିୟା କାର୍ଯ୍ୟକାରୀ ହୋଇଛି (ii) ପ୍ରତ୍ୟେକ ସମ୍ପୃକ୍ତ ଗ୍ରାମ ସଭା (ଜିଏସ୍) ସମ୍ମୁଖରେ ପରିବର୍ତ୍ତନ ପ୍ରସ୍ତାବ ଉପସ୍ଥାପିତ ହୋଇଛି, (iii) ପ୍ରତ୍ୟେକ ସମ୍ପୃକ୍ତ ଜିଏସ୍‌ଙ୍କ ଠାରୁ ଏକ ଚିଠି ପ୍ରାପ୍ତ ହୋଇଛି, ଯାହା ସୂଚିତ କରୁଛି ଯେ ଏଫ୍ଆର୍ଏ ଅଧୀନରେ ସମସ୍ତ ଔପଚାରିକତା କାର୍ଯ୍ୟକାରୀ ହୋଇଛି ଏବଂ ସେମାନେ ପ୍ରସ୍ତାବିତ ପରିବର୍ତ୍ତନ ପାଇଁ ସେମାନଙ୍କର ସମ୍ମତି ଦେଇଛନ୍ତି ।

42 ପର୍ଯ୍ୟାୟ I ରେ ପ୍ରସ୍ତାବକୁ ନୀତିଗତ ଭାବରେ କ୍ଷତିପୂରଣ ବନୀକରଣ, ନିଟ୍ ବର୍ତ୍ତମାନ ମୂଲ୍ୟ ପ୍ରଦାନ ଇତ୍ୟାଦି ସମ୍ପର୍କିତ କିଛି ସର୍ତ୍ତ ପୂରଣ ଉପରେ ସମ୍ମତ କରାଯାଇଛି । ରାଜ୍ୟ ସରକାରଙ୍କ ଠାରୁ ନିର୍ଦ୍ଧାରିତ ସର୍ତ୍ତାବଳୀ ପାଳନ ସମ୍ପର୍କରେ ରିପୋର୍ଟ ପାଇବା ପରେ ଚୂଡ଼ାନ୍ତ ଅନୁମୋଦନ ଅର୍ଥାତ୍ ପର୍ଯ୍ୟାୟ II କ୍ଲିଅରାନ୍ସ ପ୍ରଦାନ କରାଯାଇଛି ।

***ସାରଣୀ 3.1.6: ଢେଙ୍କାନାଳ ଜିଲ୍ଲାରେ ଶିଳ୍ପ ଇଷ୍ଟେଟର ସ୍ଥାପନ***

| ଶିଳ୍ପ ଇଷ୍ଟେଟର ନାମ | ଶିଳ୍ପ ଇଷ୍ଟେଟର ଅଞ୍ଚଳ | ଜଙ୍ଗଲ ଜମିର ଅଞ୍ଚଳ | ଜଙ୍ଗଲ ଜମିର ପ୍ରତିଶତ |
|---|---|---|---|
| | (ଏକରରେ) | | |
| ଭୁବନ | 20.00 | 20.00 | 100 |
| ଗୁଣ୍ଡିଚାପଡ଼ା | 459.10 | 173.24 | 38 |
| ମହିଷିଆପାଟ | 37.29 | 14.60 | 39 |
| **ମୋଟ** | **516.39** | **207.84** | **40** |

***(ଉତ୍ସ: ଇଡ୍‌କୋ ଏବଂ ଜେପିଆଇ ରେକର୍ଡ)***

ସାରଣୀ 3.1.6 ରେ ଦେଖାଯାଇଛି ଯେ ସମ୍ପୂର୍ଣ୍ଣ ଭୁବନ ଶିଳ୍ପ ଇଷ୍ଟେଟ୍, ଗୁଣ୍ଡିଚାପଡ଼ା ଶିଳ୍ପ ଇଷ୍ଟେଟ୍ ର 38 ପ୍ରତିଶତ ଏବଂ ମହିଷିଆପାଟ ଶିଳ୍ପ ଇଷ୍ଟେଟ୍‌ର 39 ପ୍ରତିଶତ ଜଙ୍ଗଲ ଜମି ଉପରେ ସ୍ଥାପିତ ହୋଇଥିଲା । ଜମିର କିସମ ସଠିକ ଭାବରେ ନିର୍ଣ୍ଣୟ କରିବା ବିନା ଜଙ୍ଗଲ ଜମି ଇଡ୍‌କୋକୁ ଆବଣ୍ଟନ କରାଯାଇଥିଲା ଏବଂ ପରେ ଇଡ୍‌କୋ ଦ୍ୱାରା ସେହି ଜଙ୍ଗଲ ଜମି ବିଭିନ୍ନ ୟୁନିଟ / ଶିଳ୍ପକୁ ଆବଣ୍ଟନ କରାଯାଇଥିଲା, ଯାହା ଆଇନଗତ ବ୍ୟବସ୍ଥାର ଉଲ୍ଲଂଘନ ଅଟେ ।

**(ଖ)** ସାଧାରଣ ପ୍ରଶାସନ ବିଭାଗ 1978 ରୁ 1992 ମଧ୍ୟରେ ଭୁବନେଶ୍ୱର ପୌରାଞ୍ଚଳ ଅନ୍ତର୍ଗତ 75.0696 ଏକର ଜଙ୍ଗଲ ଜମିକୁ ଆବାସିକ ଏବଂ ବାଣିଜ୍ୟକ ବ୍ୟବହାର ପାଇଁ ବିଡିଏ ଏବଂ ଓଡ଼ିଶା ରାଜ୍ୟ ହାଉସିଂ ବୋର୍ଡଙ୍କ (ଓଏସ୍‌ଏଚ୍‌ବି) ପକ୍ଷରେ ଆବଣ୍ଟନ କରିଥିଲା । ପରବର୍ତ୍ତୀ କାଳରେ ଏହି ଦୁଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜମିକୁ ବିଭିନ୍ନ ବ୍ୟକ୍ତି/ ସଂସ୍ଥାଙ୍କ ପକ୍ଷରେ ଆବାସିକ ଏବଂ ବାଣିଜ୍ୟକ ଉଦ୍ଦେଶ୍ୟରେ ଆବଣ୍ଟନ କରାଯାଇଥିଲା । ବିଡିଏ ଏବଂ ଓଏସ୍‌ଏଚ୍‌ବି କ୍ରମଶଃ ଡିସେମ୍ବର 2016 ଏବଂ ସେପ୍ଟେମ୍ବର 2020 ରେ ଜଙ୍ଗଲ ଜମିକୁ ଆବାସିକ ଏବଂ ବାଣିଜ୍ୟକ ବ୍ୟବହାର ପାଇଁ ପରିବର୍ତ୍ତନ କରିବା ଉଦ୍ଦେଶ୍ୟରେ ଆବେଦନ କରିଥିଲେ ।

ଅଡିଟ୍ ଦେଖିଲା ଯେ ବିଡିଏଙ୍କ ପକ୍ଷରେ ଆବଣ୍ଟିତ 75.0696 ଏକର ଜଙ୍ଗଲ ଜମି ମଧ୍ୟରୁ 12.944 ଏକର[43] ଜମି ପରିବର୍ତ୍ତନ ପାଇଁ ଜିଲ୍ଲା ସ୍ତରୀୟ କମିଟି (ଡିଏଲ୍‌ସି) ଦ୍ୱାରା ଜୁଲାଇ 2018 ରେ ଏଫ୍‌ଆର୍‌ଏ ସାର୍ଟିଫିକେଟ୍ ପ୍ରଦାନକୁ ଅନୁମୋଦନ କରାଯାଇଥିଲା । ତଥାପି, ଜାନୁଆରୀ 2025 ପର୍ଯ୍ୟନ୍ତ ଭାରତ ସରକାରଙ୍କ ଦ୍ୱାରା ଏହି ଜଙ୍ଗଲ ଜମି ପରିବର୍ତ୍ତନ ପାଇଁ କୌଣସି ଅନୁମତି ଦିଆଯାଇନଥିଲା । ଉତ୍ତରରେ ତହସିଲଦାର, ଭୁବନେଶ୍ୱର ଉଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଜଙ୍ଗଲ ଜମିର ଅନ୍ତିମ ବ୍ୟବହାର ନିଶ୍ଚିତ କରିବାକୁ ଉଚିତ୍ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଶ୍ୱାସନା ଦେଇଥିଲେ ।

**(ଗ)** ଆର୍‌ଡିଏମ୍ ବିଭାଗ ଡିସେମ୍ବର 2006 ରେ ଖୋର୍ଦ୍ଧା ଜିଲ୍ଲାର ଜଟଣୀ ତହସିଲ ଅନ୍ତର୍ଗତ ହରାପୁର ଗ୍ରାମରେ 20.000 ଏକର ସରକାରୀ ଜମିକୁ ଭୁବନେଶ୍ୱରସ୍ଥ ଓଡ଼ିଶା ମିଲେନିୟମ୍ ଏଜୁକେସନ୍ ଟ୍ରଷ୍ଟଙ୍କ ପକ୍ଷରେ ସୂଚନା ପ୍ରଯୁକ୍ତି ସଂସ୍ଥା ସ୍ଥାପନ ପାଇଁ ଲିଜ୍ ମଞ୍ଜୁର କରିଥିଲା । ଏଥିରେ 8.984 ଏକର ଜଙ୍ଗଲ ଜମି (ଖାତା ସଂଖ୍ୟା 213/297, ପ୍ଲଟ୍ ସଂଖ୍ୟା 24/809, କିସମ୍: ଗ୍ରାମ୍ୟ ଜଙ୍ଗଲ) ସାମିଲ ଥିଲା, ଯାହାକୁ ଅଣଜଙ୍ଗଲ କାର୍ଯ୍ୟକଳାପ ଅର୍ଥାତ୍ ଏକ ବେସରକାରୀ ବିଦ୍ୟାଳୟ ସ୍ଥାପନ ପାଇଁ ବ୍ୟବହାର କରାଯାଇଥିଲା । ଏହିପରି ବ୍ୟବହାର ପାଇଁ ଭାରତ ସରକାରଙ୍କ ଅନୁମତି ଗ୍ରହଣ କରାଯାଇନଥିଲା ।

**(ଘ)** ଅନୁଚ୍ଛେଦ ***3.1.2.7*** ରେ ଉଲ୍ଲେଖ କରାଯାଇଛି ଯେ 668.893 ସରକାରୀ ଜମି ଅନଧିକୃତ ଭାବରେ ଦଖଲ ହୋଇଥିଲା । ଏହା ମଧ୍ୟରେ 179.80 ଏକର ଜଙ୍ଗଲ ଜମି ସାମିଲ ଥିଲା, ଯାହାକୁ ବିଭିନ୍ନ ଶିଳ୍ପ ସଂସ୍ଥା/ ଶିକ୍ଷାନୁଷ୍ଠାନ[44] ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଏବଂ ବେସରକାରୀ ବ୍ୟକ୍ତିମାନେ ଭାରତ

---

43 ପ୍ଲଟ୍ ନମ୍ବର 36: 5.356 ଏକର, 36/2099: 7.358 ଏକର ଏବଂ 925: 0.230 ଏକର

44 ବିଆର୍‌ଜି ଆଇରନ୍ ଏବଂ ଷ୍ଟିଲ୍, ଜିଏମ୍‌ଆର୍ ଏନର୍ଜି ଲିମିଟେଡ୍, ରିମଝିମ୍ ଇସ୍ପାତ ଲିମିଟେଡ୍, ଶକ୍ତି ସୁଗାର ଲିମିଟେଡ୍/ ଇଣ୍ଡିଆନ୍ ପଟାଶ ଲିମିଟେଡ୍, ଟାଟା ଷ୍ଟିଲ୍ ଲିମିଟେଡ୍, ଫର୍ଟିସ୍ କେମିକାଲ ପ୍ରା.ଲିଃ, ଓଡ଼ିଶା ମେଟାଲିକ୍ସ ପ୍ରା.ଲିଃ ଏବଂ ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍); ଏଜୁକେସନାଲ ଇନଷ୍ଟିଚ୍ୟୁସନ (ଘନଶ୍ୟାମ ହେମଲତା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ/ ଘନଶ୍ୟାମ ହେମଲତା ବିଦ୍ୟା ମନ୍ଦିର ଏବଂ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ

ସରକାରଙ୍କ ପୂର୍ବାନୁମୋଦନ ବିନା ଅଣଜଙ୍ଗଲ ଉଦ୍ଦେଶ୍ୟରେ ଦଖଲ କରିଥିଲେ । ଅଡିଟ୍ ଦ୍ୱାରା ପରିକ୍ଷୀତ ଗୋଟିଏ ମାମଲା ନିମ୍ନରେ ଆଲୋଚନା କରାଗଲା:

**କିସ୍ ଦ୍ୱାରା 10.000 ଏକର ଜଙ୍ଗଲ ଜମିର ଅନଧିକୃତ ବ୍ୟବହାର**

*ତହସିଲଦାର, ଭୁବନେଶ୍ୱରଙ୍କ ରେକର୍ଡ ଅନୁଯାୟୀ, କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ୍ (କିସ୍) ଭୁବନେଶ୍ୱର ତହସିଲ ଅନ୍ତର୍ଗତ ପଥରଗଡ଼ିଆ ଗ୍ରାମରେ 10.000 ଏକର[45] ଜଙ୍ଗଲ ଜମିକୁ ଅନଧିକୃତ ଭାବରେ ଦଖଲ କରିଥିଲା । ଏହି ସନ୍ଦର୍ଭରେ ତହସିଲଦାର, ଭୁବନେଶ୍ୱର କିସ୍ ବିରୋଧରେ ଏନକ୍ରୋଚମେଣ୍ଟ କେସ୍ ନମ୍ବର 640/2011 ରୁଜୁ କରି ଅଗଷ୍ଟ 2012 ରେ 0.30 ଲକ୍ଷ ଟଙ୍କା ଜୋରିମାନା ଆଦାୟ କରିଥିଲେ । ପରେ, କିସଙ୍କ ଆବେଦନ ଉପରେ ତହସିଲଦାର କେସ୍ ନମ୍ବର 02/2014 ରେ ଜମି ଲିଜ୍ ସନ୍ଦର୍ଭରେ ମାମଲା ରୁଜୁ କରିଥିଲେ । ତଦନ୍ତରେ, 12 ଫେବୃୟାରୀ 2018 ରେ ତହସିଲଦାର ଏକ ସଂଯୁକ୍ତ ଡିମାର୍କେସନ୍ ରିପୋର୍ଟ [46] ଉପ-ଜିଲ୍ଲାପାଳ, ଭୁବନେଶ୍ୱରଙ୍କୁ ଦାଖଲ କରି, କିସ୍ ଦ୍ୱାରା କରାଯାଇଥିବା ଅନଧିକୃତ ଦଖଲ ହଟାଯାଇଛି, ସରକାରୀ ଜମିର ଦଖଲ ଗ୍ରହଣ କରାଯାଛି ଏବଂ ସେହି ସ୍ଥାନରେ ସରକାରୀ ସମ୍ପତ୍ତି ଫଳକ ଲଗାଯାଇଛି ବୋଲି ଉଲ୍ଲେଖ କରିଥିଲେ ।*

*କିନ୍ତୁ, ମଇ 2019 ରେ ଚନ୍ଦକା ବନ୍ୟପ୍ରାଣୀ ଡିଭିଜନ୍, ଭୁବନେଶ୍ୱରର ବିଭାଗୀୟ ଜଙ୍ଗଲ ଅଧିକାରୀ ରିପୋର୍ଟ କରିଥିଲେ ଯେ, କିସ୍ ଦ୍ୱାରା ଜଙ୍ଗଲ ଜମି ଉପରେ ଶିକ୍ଷାଗତ ଭବନ, ବୃତ୍ତିମୂଳକ ଭବନ, ହଷ୍ଟେଲ୍ ଏବଂ ରାସ୍ତା ନିର୍ମାଣ କରାଯାଇଛି । ଏହାରୁ ସ୍ପଷ୍ଟ ଯେ, କିସ୍ ଜମିର ଦଖଲ ଜାରି ରଖିଥିଲା ଏବଂ ସଂଯୁକ୍ତ ପରୀକ୍ଷଣ ଦଳ ଦ୍ୱାରା ଦାଖଲ ରିପୋର୍ଟ ଭୁଲ୍/ ମିଥ୍ୟା ଥିଲା । ଏହିପରି ଭାବରେ, ବିଭାଗୀୟ କର୍ମଚାରୀ/ ଅଧିକାରୀଙ୍କ ସହ ମିଶି କିସ୍ ଜଙ୍ଗଲ ଅଧିକାର ଆଇନ୍ ଏବଂ ଜମି ଆଇନର ଉଲ୍ଲଂଘନ ଜାରି ରଖିଥିଲା ।*

*ଭାରତ ସରକାର ଜଙ୍ଗଲ ଜମି ପରିବର୍ତ୍ତନ ପାଇଁ ପର୍ଯ୍ୟାୟ-1 ଅନୁମୋଦନ ଦେଇଥିବା ସମୟରେ (ସେପ୍ଟେମ୍ବର 2021) ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ରାଜସ୍ୱ ବିଭାଗର ଦୋଷୀ କର୍ମଚାରୀ/ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ, ଜିଲ୍ଲାପାଳ ଦୋଷୀ କର୍ମଚାରୀ/ଅଧିକାରୀଙ୍କ ବିରୋଧରେ କାର୍ଯ୍ୟ ନେବା ପରିବର୍ତ୍ତେ, ଜାନୁୟାରୀ 2024 ରେ ଭାରତ ସରକାରଙ୍କୁ ଅବଗତ କରାଇଥିଲେ ଯେ, ତହସିଲଦାର, ଭୁବନେଶ୍ୱର ଓପିଏଲ୍‌ଇ ଆଇନ୍ ଅନୁଯାୟୀ କାର୍ଯ୍ୟ ନେଇଛନ୍ତି । ଯଦିଓ ଓପିଏଲଇ ଆଇନ୍ ଅନଧିକୃତ ଦଖଲ ହଟାଇବା ସହିତ ସଂପୃକ୍ତ, ଜିଲ୍ଲାପାଳଙ୍କ ରିପୋର୍ଟରେ କିସ ଦ୍ୱାରା ଜଙ୍ଗଲ ଜମିର ଦଖଲ ହଟାଯାଇଛି କି ନାହିଁ ଏହା ସ୍ପଷ୍ଟ ଭାବେ ଉଲ୍ଲେଖ ହୋଇନଥିଲା ।.*

*ଅଡିଟ୍ ଦେଖିଲା (ଫେବୃୟାରୀ 2025)ଯେ ଏପରି କୌଣସି ଦଖଲ ହଟାଯିବା କାର୍ଯ୍ୟ ଜିଲ୍ଲାପାଳଙ୍କ ଦ୍ୱାରା କରାଯାଇନଥିଲା ଏବଂ ଜଙ୍ଗଲ ଜମି କିସଙ୍କ ଦଖଲରେ ରହିଥିଲା । ଭାରତ ସରକାର 21 ଫେବୃୟାରୀ 2024 ରେ ପର୍ଯ୍ୟାୟ-II ଜଙ୍ଗଲ ଜମିର ପରିବର୍ତ୍ତନର ଅନୁମୋଦନ ଦେଇଥିଲେ ମଧ୍ୟ, ଜଙ୍ଗଲ ଅଧିକାର ଆଇନର ଅନୁଚିତ୍ ପାଳନ ସମ୍ପର୍କରେ ଅଭିଯୋଗ ମିଳିଥିବାରୁ 16 ଜୁନ୍ 2024 ରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ପ୍ରକ୍ରିୟାକୁ ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଇଥିଲା ।*

***(ଡ)*** ଅଡିଟ୍ ପୁରୀ ଜିଲ୍ଲାର ସିପସରୁବାଲି ଗ୍ରାମର ଡିଏଲ୍‌ସି ଜଙ୍ଗଲ[47] ଅଞ୍ଚଳ ତାଲିକା ଯାଞ୍ଚ କରି ତହସିଲଦାର, ବ୍ରହ୍ମଗିରି ଏବଂ ଅତିରିକ୍ତ ଉପ-ଜିଲ୍ଲାପାଳ (ସମନ୍ୱୟ), ପୁରୀଙ୍କ ପ୍ରତିନିଧିମାନଙ୍କ ସହ ଜେପିଆଇ କରିଥିଲା (ଅକ୍ଟୋବର 2024) । ଅଡିଟ୍ ଦେଖିଲା ଯେ, 97.180 ଏକର ଡିଏଲ୍‌ସି ଜଙ୍ଗଲ ଅଞ୍ଚଳ, ଯାହା ବିଭିନ୍ନ

---

45 ସାବକ ଖାତା ସଂଖ୍ୟା 420, ପ୍ଲଟ୍ ସଂଖ୍ୟା. 541, କ୍ଷେତ୍ର: 10.00 ଏକର, କିସମ; ଛୋଟ ଜଙ୍ଗଲ

46 ମିଳିତ ତଦନ୍ତ ଦଳ ଦ୍ୱାରା ରିପୋର୍ଟ ପ୍ରସ୍ତୁତ (5 ଫେବୃଆରୀ 2018) ଯେଉଁଥିରେ ଅତିରିକ୍ତ ତହସିଲଦାର, ଭୁବନେଶ୍ୱର; ରାଜସ୍ୱ ସୁପରଭାଇଜର, ଭୁବନେଶ୍ୱର; ରାଜସ୍ୱ ନିରୀକ୍ଷକ, ଚନ୍ଦକା; ଅମିନ, ଭୁବନେଶ୍ୱର ତହସିଲ; ଅମିନ, ବୃହତ୍ ସେଟଲମେଣ୍ଟ, କଟକ; ବନରକ୍ଷୀ, ଭୁବନେଶ୍ୱର ବନ୍ୟ ଜନ୍ତୁ ପ୍ରଭାଗ ଏବଂ କିସ୍ କର୍ମଚାରୀ

47 ମାନ୍ୟବର ସୁପ୍ରିମ କୋର୍ଟଙ୍କ ଆଦେଶ ଡବ୍ଲ୍ୟୁପି(ସି) ନଂ 202/1995 ଅନୁଯାୟୀ ଜିଲ୍ଲା ସ୍ତରୀୟ କମିଟିଗୁଡ଼ିକ ଦ୍ୱାରା ଜଙ୍ଗଲଜମି ଚିହ୍ନିତ ଯାହା ପ୍ରାକୃତିକ ଉଦ୍ଭିଦ/ ବୃକ୍ଷଲତା ସହିତ ଉଭୟ ସରକାରୀ ଓ ବେସରକାରୀ ଜମି

ବେସରକାରୀ ବ୍ୟକ୍ତିଙ୍କ ନାମରେ ରେକର୍ଡ ଥିଲା, ସେଗୁଡ଼ିକୁ ଆବାସିକ ଭବନ/ ଆପାର୍ଟମେଣ୍ଟ/ ହାଉସିଂ ପ୍ରକଳ୍ପ, ହୋଟେଲ, ସ୍ପା, ବାଣିଜ୍ୟିକ ଗଠନ, ଧାର୍ମିକ ଗଠନ ଇତ୍ୟାଦି ଅଣଜଙ୍ଗଲ କାର୍ଯ୍ୟକଳାପ ପାଇଁ ବ୍ୟବହାର କରାଯାଇଥିଲା । ଅତିରିକ୍ତ ଉପ-ଜିଲ୍ଲାପାଳ (ସମନ୍ୱୟ), ପୁରୀ, ଭାରତ ସରକାରଙ୍କ ଅନୁମତି ବିନା 97.180 ଏକର ଡିଏଲ୍‌ସି ଜଙ୍ଗଲ ଜମି ମଧ୍ୟରୁ 7.24 ଏକରକୁ[48] ଅନିୟମିତ ଭାବରେ ପରିବର୍ତ୍ତନ କରିଥିଲେ । ପିକେଡିଏ ମଧ୍ୟ ଏପରି ଜଙ୍ଗଲ ଜମିର ପରିବର୍ତ୍ତନ ପାଇଁ ଅନୁମତି ଦେଇ ଆପାର୍ଟମେଣ୍ଟ/ ବାଣିଜ୍ୟିକ ଗଠନ ନିର୍ମାଣ ପାଇଁ ବିଲ୍ଡିଂ ପ୍ଲାନ୍ ଅନୁମୋଦନ କରିଥିଲା । ସିପସରୁବାଲି ଗ୍ରାମର ଡିଏଲ୍‌ସି ଜଙ୍ଗଲ ଜମି ଉପରେ ନିର୍ମିତ ଦୁଇଟି ଏପରି ଗଢ଼ଣ (ସାବକ ପ୍ଲଟ ନଂ 270 ଏବଂ 268) କୁ **ଚିତ୍ର 3.1.3 ଏବଂ 3.1.4** ରେ ଦର୍ଶାଯାଇଛି ।







***ଚିତ୍ର 3.1.3 ଏବଂ 3.1.4: ସିପସରୁବାଲି ଗ୍ରାମର ଡିଏଲ୍‌ସି ଜଙ୍ଗଲ ଜମି ଉପରେ ନିର୍ମିତ ବହୁତଳ ଭବନ (ତାରିଖ: 22 ଅକ୍ଟୋବର 2024)***

ଉତ୍ତରରେ, ଅତିରିକ୍ତ ଉପ-ଜିଲ୍ଲାପାଳ (ସମନ୍ୱୟ), ପୁରୀ ଡିଏଫ୍‌ଓ, ପୁରୀଙ୍କ ସହ ପରାମର୍ଶ କରି ଜଙ୍ଗଲ ଜମିର ଅଣଜଙ୍ଗଲ ବ୍ୟବହାର ସମ୍ବନ୍ଧରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଶ୍ୱାସନା ଦେଇଥିଲେ ।

***(ଚ)*** ଆର୍‌ଡିଏମ୍ ବିଭାଗ ନଭେମ୍ବର 2023 ରେ ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍‌ଙ୍କ ପକ୍ଷରେ ଆର୍‌ଆଣ୍ଡଆର୍ କଲୋନୀ ସ୍ଥାପନ ପାଇଁ 20.95 ଏକର ଜମିର[49] ଲିଜ୍ ମଞ୍ଜୁର କରିଥିଲା, ଯେଉଁଥିରେ ଲିଜ୍ ଡିଡ୍ କାର୍ଯ୍ୟକାରୀ ପୂର୍ବରୁ ଜିଲ୍ଲାପାଳ, ଝାରସୁଗୁଡ଼ା ଏହି ଜମି ଡିଏଲ୍‌ସି ଜଙ୍ଗଲ ତାଲିକାରେ ନଥିବା ବିଷୟ ନିଶ୍ଚିତ କରିବେ ବୋଲି ସର୍ତ୍ତ ଥିଲା । କିନ୍ତୁ, ଏହି ଜମି ଡିଏଲ୍‌ସି ତାଲିକାରେ ସାମିଲ୍ ଥିବାରୁ, ଜିଲ୍ଲାପାଳ (ଡିସେମ୍ବର 2023) ତହସିଲଦାର, ଝାରସୁଗୁଡ଼ାଙ୍କୁ ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍‌କୁ ଜଙ୍ଗଲ ସଂରକ୍ଷଣ ଆଇନ୍, 1980 ଅନୁଯାୟୀ ଭାରତ ସରକାରଙ୍କ ଅନୁମତି ଆଣିବା କିମ୍ବା ବିକଳ୍ପ ଲିଜ୍ ପ୍ରସ୍ତାବ ଦାଖଲ କରିବାକୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ ।

ମଞ୍ଜୁରିତ ଜମି ସନ୍ଦର୍ଭରେ, ଅଡିଟ୍ ଦେଖିଲା ଯେ, କୌଣସି ଲିଜ୍ ଡିଡ୍ କାର୍ଯ୍ୟକାରୀ କରାଯାଇନଥିଲା ଏବଂ ମଞ୍ଜୁରିତ ଜମିର ଦଖଲ ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡକୁ ହସ୍ତାନ୍ତର କରାଯାଇନଥିଲା । ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍ ଦ୍ୱାରା କୌଣସି ଜମି ପ୍ରିମିୟମ୍ ମଧ୍ୟ ଜମା ଦିଆଯାଇନଥିଲା । କିନ୍ତୁ, ଜେପିଆଇ (3 ସେପ୍ଟେମ୍ବର 2024)ସମୟରେ ଦେଖାଯାଇଥିଲା ଯେ, ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍ ଭାରତ ସରକାରଙ୍କ ପୂର୍ବାନୁମୋଦନ ବିନା 20.95 ଏକର ଜଙ୍ଗଲ ଜମି ଉପରେ ଆରଅଣ୍ଡଆର୍ କଲୋନୀ ନିର୍ମାଣ କରିସାରିଥିଲା ।

ଏହିପରି ଭାବରେ, ଜଙ୍ଗଲ ସଂରକ୍ଷଣ ଆଇନର ଉଲ୍ଲଂଘନ କରି 568.876 ଏକର ଜଙ୍ଗଲ ଜମିକୁ ଭାରତ ସରକାରଙ୍କ ପୂର୍ବାନୁମୋଦନ ବିନା ଅଣଜଙ୍ଗଲ କାର୍ଯ୍ୟକଳାପ ପାଇଁ ବ୍ୟବହାର କରାଯାଇଥିଲା । ଏହିପରି ଉଲ୍ଲଂଘନ ପାଇଁ ଦାୟିତ୍ୱ ନିର୍ଦ୍ଧାରଣ କରି ଆଇନର ଧାରା 3 ଅନୁଯାୟୀ ଏପରି ପରିବର୍ତ୍ତନ ଅନୁମତି ଦେଇଥିବା କର୍ତ୍ତୃପକ୍ଷଙ୍କ ବିରୋଧରେ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ଥିଲା ।

ବିଭାଗ କହିଥିଲା (ଅକ୍ଟୋବର 2025) ଯେ, 10 ଏକର ସରକାରୀ ଜମି ପୁନରୁଦ୍ଧାର କରାଯାଇଛି ଏବଂ କିସ୍ ଦ୍ୱାରା ଜଙ୍ଗଲ ଜମିର ଅନଧିକୃତ ଦଖଲ ସମ୍ପର୍କରେ ସମ୍ପୂର୍ଣ୍ଣ ଯାଞ୍ଚ ସମ୍ପର୍କିତ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଉଛି । ଜଙ୍ଗଲ ସଂରକ୍ଷଣ ଆଇନ୍ 1980 ଅନୁଯାୟୀ ଜଙ୍ଗଲ ମଞ୍ଜୁରୀ ପାଇବା ପାଇଁ ଢେଙ୍କାନାଳ ଜିଲ୍ଲାର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା

48 ଓଏଲ୍‌ଆର୍ ମାମଲା ସଂଖ୍ୟା (41/19, 40/19, 74/19, 42/19, 01/19, 122/20, 15/22)

49 ଗ୍ରାମ: ହିର୍ମା, ଖାତା ସଂଖ୍ୟା 252, ପ୍ଲଟ୍ ସଂଖ୍ୟା 1801/4309 ଝାରସୁଗୁଡ଼ା ତହସିଲ୍ ଅଧୀନସ୍ଥ

ଆବଶ୍ୟକୀୟ ପଦକ୍ଷେପ ନିଆଯାଇଛି । କିନ୍ତୁ, ଅନିୟମିତ ଜମି ଆବଣ୍ଟନ ସମ୍ପର୍କରେ ଦୋଷୀ ଅଧିକାରୀମାନଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ-ଏହା ସନ୍ଦର୍ଭରେ ବିଭାଗର ଉତ୍ତର ନୀରବ ରହିଥିଲା ।

## 3.1.5 ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ମଧ୍ୟରେ ଜମିର ଅନିୟମିତ ବ୍ୟବହାର

ବନ୍ୟପ୍ରାଣୀ ସୁରକ୍ଷା ଆଇନ୍, 1972 ର ଧାରା 18, ରାଜ୍ୟ ସରକାରଙ୍କୁ କୌଣସି ସଂରକ୍ଷିତ ଜଙ୍ଗଲ କିମ୍ବା ଆଞ୍ଚଳିକ ଜଳସୀମା ମଧ୍ୟରେ ଅନ୍ତର୍ଭୁକ୍ତ ଅଞ୍ଚଳ ବ୍ୟତୀତ ଅନ୍ୟ ଯେକୌଣସି ଅଞ୍ଚଳକୁ ଅଭୟାରଣ୍ୟ ଭାବରେ ଗଠନ କରିବାର ଅଭିପ୍ରାୟ ଘୋଷଣା କରିବାକୁ କ୍ଷମତା ଦେଇଥିଲା, ଯଦି ରାଜ୍ୟ ସରକାର ବିଚାର କରନ୍ତି ଯେ ଏପରି ଅଞ୍ଚଳ ବନ୍ୟପ୍ରାଣୀ କିମ୍ବା ଏହାର ପରିବେଶକୁ ସୁରକ୍ଷା, ପ୍ରସାରଣ କିମ୍ବା ବିକାଶ କରିବା ପାଇଁ ଯଥେଷ୍ଟ ପରିବେଶଗତ, ପ୍ରାଣୀ, ପୁଷ୍ପ, ଭୂ-ଆକୃତି, ପ୍ରାକୃତିକ କିମ୍ବା ପ୍ରାଣୀଗତ ଗୁରୁତର । ଆଇନର ଧାରା 20 ଅନୁଯାୟୀ, ଧାରା 18 ଅନୁସାରେ ଏକ ସୂଚନା ଜାରି ହେବା ପରେ, ସେହି ସୂଚନାର ଉଲ୍ଲେଖିତ କ୍ଷେତ୍ର ସୀମା ଭିତରେ ଥିବା ଜମି ଉପରେ କିମ୍ବା ସେହି ଜମି ସମ୍ପର୍କରେ କେବଳ ଉତ୍ତରାଧିକାରୀ ଇଚ୍ଛାପତ୍ର ମାଧ୍ୟମରେ କିମ୍ବା ଇଚ୍ଛାପତ୍ର ବିନା ଉତ୍ତରାଧିକାର ଛଡ଼ା କୌଣସି ନୂତନ ଅଧିକାର ଅର୍ଜନ କରାଯିବ ନାହିଁ ।

ପୂର୍ବତନ ଜଙ୍ଗଲ, ମତ୍ସ୍ୟ ଏବଂ ପଶୁପାଳନ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ବନ୍ୟପ୍ରାଣୀଙ୍କ ସୁରକ୍ଷା, ପ୍ରସାର, ବିକାଶ ଏବଂ ଗବେଷଣା ଉଦ୍ଦେଶ୍ୟରେ ବାଲୁଖଣ୍ଡ-କୋଣାର୍କ ବନ୍ୟପ୍ରାଣୀ ଅଭୟାରଣ୍ୟ (ବିକେଡବ୍ଲୁଏଲ୍ଏସ୍) ଅଞ୍ଚଳକୁ (ଏପ୍ରିଲ୍ 1984) ଅଧିସୂଚିତ କରାଯାଇଥିଲା ।

ପୁରୀର ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବିକେଡବ୍ଲ୍ୟୁଏଲ୍ଏସ୍‌ର ଇକୋ ସେନସିଟିଭ୍ ଜୋନ୍ (ଇଏସ୍‌ଜେଡ୍) ପାଇଁ ଅନୁଷ୍ଠିତ ଏକ ବୈଠକରେ (22 ମାର୍ଚ୍ଚ 2018), ଗୋପ ଏବଂ ପୁରୀ ସଦରର ତହସିଲଦାରମାନଙ୍କୁ ପୂର୍ବରୁ କରାଯାଇଥିବା ବିକ୍ରୟ ଡିଡ୍ ଆଧାରରେ ଅଭୟାରଣ୍ୟ କିମ୍ବା ଇଏସ୍‌ଜେଡ୍ ମଧ୍ୟରେ ଆସୁଥିବା ନିର୍ଦ୍ଦେଶ ଦିଆଯାଇଥିଲା ଯେ କୌଣସି ପରିସ୍ଥିତିରେ ଅଭୟାରଣ୍ୟ କିମ୍ବା ଇଏସ୍‌ଜେଡ୍ ଅଞ୍ଚଳରେ ଜମି ବ୍ୟବହାର ପରିବର୍ତ୍ତନ କରାଯିବ ନାହିଁ । ପୁରୀ ସଦର ଏବଂ ଗୋପର ସବ୍- ରେଜିଷ୍ଟ୍ରାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଅଭୟାରଣ୍ୟ କିମ୍ବା ଇଏସ୍‌ଜେଡ୍ ସୀମା ମଧ୍ୟରେ ବ୍ୟକ୍ତିଗତ ନାମରେ କିମ୍ବା ବାଣିଜ୍ୟକ କାର୍ଯ୍ୟକଳାପ ପାଇଁ କୌଣସି ବିକ୍ରୟ କାରବାର କରାଯିବ ନାହିଁ ।

ଏହି ପରାପ୍ରେକ୍ଷୀରେ , ଅଡିଟ୍ ନିମ୍ନଲିଖିତ ବିଷୟଗୁଡ଼ିକ ଅବଲୋକନ କରିଛି:

### *3.1.5.1 ବନ୍ୟପ୍ରାଣୀ ଅଭୟାରଣ୍ୟ ଅଞ୍ଚଳ ମଧ୍ୟରେ ଜମିର ଅନିୟମିତ ବିକ୍ରୟ*

ଅଡିଟ୍ ଯାଞ୍ଚରୁ ଜଣାପଡ଼ିଲା ଯେ ବିକେଡବ୍ଲ୍ୟୁଏଲ୍ଏସ୍ ଅଞ୍ଚଳ ମଧ୍ୟରେ ଆସୁଥିବା ଛଇତାନା ଗ୍ରାମର 13.65 ଏକର ଜମି (ପ୍ଲଟ୍ ନମ୍ବର 2494: 6.85 ଏକର ଏବଂ 2495: 6.80 ଏକର) ନିମ୍ନରେ ଆଲୋଚନା କରାଯାଇଥିବା ବନ୍ୟପ୍ରାଣୀ ସୁରକ୍ଷା ଆଇନରେ ହୋଇଥିବା ସର୍ତ୍ତାବଳୀକୁ ଅବମାନନା କରି ବିକ୍ରି କରାଯାଇଥିଲା:

- ପୁରୀର ଏକୀକରଣ ଅଧିକାରୀ ଦ୍ୱାରା ପ୍ରକାଶିତ (ଏପ୍ରିଲ୍ 1999) ଚୂଡ଼ାନ୍ତ ଆର୍‌ଓଆର୍ ଅନୁଯାୟୀ ଦିବ୍ୟସିଂହ ମିଶ୍ରଙ୍କ ନାମରେ କିସମ୍ ବଗାୟତ-3 ସହିତ 6.85 ଏକର ଜମି ରେକର୍ଡ କରାଯାଇଥିଲା । ପ୍ଲଟ୍ ବିକେଡବ୍ଲ୍ୟୁଏଲ୍ଏସ୍ ଅଞ୍ଚଳ ମଧ୍ୟରେ ଥିଲା । ଶ୍ରୀ ମିଶ୍ର 2017 ରୁ 2025 ମଧ୍ୟରେ 75 ଟି ସବ୍-ପ୍ଲଟ୍ ତିଆରି କରି ଉକ୍ତ ଜମିର 6.7104 ଏକର ବିଭିନ୍ନ ବ୍ୟକ୍ତିଙ୍କୁ ବିକ୍ରି କରିଥିଲେ । ଇଏସ୍‌ଜେଡ୍ ବୈଠକରେ (ମାର୍ଚ୍ଚ 2018) ନିର୍ଦ୍ଦେଶ ଜାରି ହେବା ପରେ ମଧ୍ୟ, ତହସିଲଦାର 2019-2025 ମଧ୍ୟରେ 36 ଟି ମାମଲାରେ ଜମିର ମ୍ୟୁଟେସନ୍ (6.85 ଏକର) ଅନୁମତି ଦେଇଥିଲେ । ଏହା ବ୍ୟତୀତ, ଏହି ଜମିର 1.086 ଏକର ଘରବାରିକୁ ପରିବର୍ତ୍ତନ କରାଯାଇଥିଲା । ଜେପିଆଇ ସମୟରେ ଦେଖାଯାଇଥିଲା (6 ନଭେମ୍ବର 2024) ଯେ, ସମ୍ପୂର୍ଣ୍ଣ ପ୍ଲଟ୍ ପାଚେରୀ କାନ୍ଥ ସହିତ ଆଚ୍ଛାଦିତ ହୋଇଥିଲା ଏବଂ ସବ୍-ପ୍ଲଟ୍ ପାଇଁ ମୋରମ୍ ରାସ୍ତା ଯୋଗାଇ ଦିଆଯାଇଥିଲା । ସବ୍ ପ୍ଲଟ୍ ପାଇଁ ଛୋଟ ସୀମା ନିର୍ଦ୍ଧାରଣ କାନ୍ଥ ମଧ୍ୟ ନିର୍ମାଣ କରାଯାଇଥିଲା । ନଭେମ୍ବର 2024 ସୁଦ୍ଧା ତିନୋଟି ପକ୍କା କୋଠା ନିର୍ମାଣ କାର୍ଯ୍ୟ ଜାରି ରହିଥିଲା । ପିକେଡିଏ ଅଭୟାରଣ୍ୟ ଅଞ୍ଚଳ ମଧ୍ୟରେ ନିର୍ମାଣ ପାଇଁ ଅନଧିକୃତ

ନିର୍ମାଣ(ୟୁସି) ମାମଲାଗୁଡ଼ିକ[50] ବୁକ୍ (2022-23) କରିଥିଲା ଏବଂ ନିର୍ମାଣ କାର୍ଯ୍ୟକଳାପ ବନ୍ଦ କରିବା ପାଇଁ ନୋଟିସ୍ ଜାରି କରିଥିଲା । ଏହା ସତ୍ତ୍ୱେ, ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ବନ୍ଦ ହୋଇନଥିଲା (ନଭେମ୍ବର 2024) ।

- ସେହିପରି, ପୁରୀର ଏକତ୍ରୀକରଣ ଅଧିକାରୀ ଦ୍ୱାରା ପ୍ରକାଶିତ ଆର୍‌ଓଆର୍ ଅନୁଯାୟୀ ଛଇତାନା ଗ୍ରାମର ପ୍ଲଟ ନମ୍ବର 2495 ବିଶିଷ୍ଟ 6.80 ଏକର ଅଞ୍ଚଳ ଇନ୍ଦିରା ପେଟ୍ରୋଲିୟମ ଲିମିଟେଡ୍ ନାମରେ ରେକର୍ଡ କରାଯାଇଥିଲା । ଯଦିଓ ପ୍ଲଟ୍ ନମ୍ବରଟି ବିକେଡବ୍ଲ୍ୟୁଏଲ୍ଏସ୍ କ୍ଷେତ୍ର ମଧ୍ୟରେ ଆସିଥିଲା, ତହସିଲଦାର ଓଏଲ୍ଆର୍ କେସ୍ ସଂଖ୍ୟା 01/12[51] ରେ ଜମିକୁ ଘରବାରିରେ ପରିବର୍ତ୍ତନ କରିଥିଲେ । 6.80 ଏକର ମଧ୍ୟରୁ 6.50 ଏକର ଉତ୍ତରାଞ୍ଚଳ ଇଞ୍ଜିନିୟରିଂ ପ୍ରାଇଭେଟ୍ ଲିମିଟେଡ୍ (ୟୁଇପିଏଲ୍)କୁ ବିକ୍ରି କରାଯାଇଥିଲା ଏବଂ ତହସିଲଦାର କେସ୍ ସଂଖ୍ୟା 775/2012 ରେ ଏହାକୁ ମ୍ୟୁଟେସନ୍ କରିଥିଲେ । ୟୁଇପିଏଲ୍ ଆହୁରି  ଏକ ଘରୋଇ ପକ୍ଷ ଶ୍ରୀ ପ୍ରବାସ ହରେକୃଷ୍ଣ ବେହେରାଙ୍କୁ ଜମି ବିକ୍ରି (10 ଏପ୍ରିଲ୍ 2023) କରିଥିଲା । ଅତିରିକ୍ତ ତହସିଲଦାର, ଗୋପ ପୁଣି  କେସ୍ ସଂଖ୍ୟା 1014/2023 ମାଧ୍ୟମରେ ମ୍ୟୁଟେସନ୍ ଅନୁମତି (17 ଏପ୍ରିଲ୍ 2023) ଦେଇଥିଲେ । ଏହା ପରେ, ଶ୍ରୀ ବେହେରା 81 ଜଣଙ୍କୁ 3.4449 ଏକର ଜମି ବିକ୍ରି କରିଥିଲେ, ଯେତେବେଳେ ତାଙ୍କ ପାଖରେ ଉକ୍ତ ପ୍ଲଟର ବାକି 3.0551 ଏକର ଜମି ଉପଲବ୍ଧ ଥିଲା । ଜେପିଆଇରେ (6 ନଭେମ୍ବର 2024), ପ୍ଲଟର ମୂଳ ପ୍ଲଟ ସଂଖ୍ୟା 2495 କୁ ଘେରି ରହିଥିବା ପାଚେରୀ କାନ୍ଥ ନିର୍ମାଣ ହୋଇଥିବା ଲକ୍ଷ୍ୟ କରାଯାଇଥିଲା । ଏହା ସହିତ, ମୂଳ ପ୍ଲଟ୍ ନଂ 2495 କୁ ସୀମା ନିର୍ଦ୍ଧାରଣ ସ୍ତମ୍ଭ ନିର୍ମାଣ ଏବଂ ମୋରମ୍ ରାସ୍ତା ଦ୍ୱାରା ସବ୍-ପ୍ଲଟରେ ବିଭକ୍ତ କରାଯାଇଥିଲା । ଲେବର ସେଡ୍/ ସାଇଟ୍ ଅଫିସ୍ ମଧ୍ୟ ନିର୍ମାଣ କରାଯାଇଥିଲା, ଯେତେବେଳେ ଦୁଇଟି କୋଠା ନିର୍ମାଣାଧୀନ ଥିଲା ।

ଏହିପରି, ପୁରୀର ଜିଲ୍ଲାପାଳଙ୍କ ସାମ୍ବିଧାନିକ ବ୍ୟବସ୍ଥା ଏବଂ ନିର୍ଦ୍ଦେଶାବଳୀର ଉଲ୍ଲଂଘନ କରି, ବିକେଡବ୍ଲ୍ୟୁଏଲ୍ଏସ୍ କ୍ଷେତ୍ର ସୀମା ମଧ୍ୟରେ ଆସୁଥିବା 13.65 ଏକର ଜମିର ବିକ୍ରୟ କାରବାର କରାଯାଇଥିଲା । ସବ୍-ରେଜିଷ୍ଟ୍ରାର, ଗୋପ ଏପରି ବିକ୍ରୟ କାରବାରକୁ ଅନୁମତି ଦେଇଥିଲେ ଏବଂ ତହସିଲଦାର, ଗୋପ ଏପରି ଜମିର ଅଧିକାର ରେକର୍ଡ ସଂଶୋଧନ କରି ମ୍ୟୁଟେସେନ୍ ମାମଲା ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ, ତହସିଲଦାର ଅଭୟାରଣ୍ୟ କ୍ଷେତ୍ର ମଧ୍ୟରେ ଅବସ୍ଥିତ କିସମ ଜମିକୁ ଆବାସିକ/ ବାଣିଜ୍ୟିକ ବ୍ୟବହାର ପାଇଁ ମଧ୍ୟ ପରିବର୍ତ୍ତନ କରିଥିଲେ ।

ଉପରୋକ୍ତ କାରଣରୁ, ବନ୍ୟପ୍ରାଣୀ ଅଭୟାରଣ୍ୟ ଅଞ୍ଚଳ ଗଠନର ଉଦ୍ଦେଶ୍ୟ ଯଥା ବନ୍ୟପ୍ରାଣୀଙ୍କ ସୁରକ୍ଷା, ପ୍ରସାର, ବିକାଶ ଏବଂ ଗବେଷଣା ବିଫଳ ହୋଇଥିଲା ।

ଉତ୍ତରରେ, ତହସିଲଦାର, ଗୋପ ଆଶ୍ୱାସନା ଦେଇଥିଲେ ଯେ ମ୍ୟୁଟେସେନ୍ ଏବଂ ପରିବର୍ତ୍ତନ ଅନୁମତି ବାତିଲ୍ ପାଇଁ ଉପଜିଲ୍ଲାପାଳ, ପୁରୀଙ୍କ ନିକଟରେ ସୁଓମୋଟୋ ମ୍ୟୁଟେସେନ୍ ଅପିଲ୍ ଆରମ୍ଭ କରାଯିବ ।

### *3.1.5.2 ବନ୍ୟପ୍ରାଣୀ ଅଭୟାରଣ୍ୟର ଇକୋ ସେନ୍ସିଟିଭ୍ ଜୋନ୍ ମଧ୍ୟରେ ଆସୁଥିବା ଜମିର ଅନିୟମିତ ବ୍ୟବହାର*

ଜାତୀୟ ପରିବେଶ ନୀତି (2006) ଇକୋ-ସେନ୍ସିଟିଭ୍ ଜୋନ୍ (ଇଏସଜେଡ୍)କୁ "ଅତୁଳନୀୟ ମୂଲ୍ୟବାନ ଚିହ୍ନଟ ହୋଇଥିବା ପରିବେଶଗତ ସମ୍ପଦ ସହିତ କ୍ଷେତ୍ର ଭାବରେ ପରିଭାଷିତ କରିଛି ଯାହାର ସଂରକ୍ଷଣ ପାଇଁ ବିଶେଷ ଧ୍ୟାନ ଆବଶ୍ୟକ" । ସଂରକ୍ଷିତ କ୍ଷେତ୍ର ବାହାରେ ପରିବେଶ ଏବଂ ଅଞ୍ଚଳର ଜୈବିକ ଅଖଣ୍ଡତାକୁ ସୁରକ୍ଷା ଦେବା ପାଇଁ, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ଏମ୍‌ଓଇଏଫ୍‌ସିସି) ଏପରି ଅଞ୍ଚଳଗୁଡ଼ିକୁ ଇକୋ-

---

50 ୟୁସି ମାମଲା ସଂଖ୍ୟା 29/2022: ସରୋଜିନୀ ଭୂୟାଁ, 30/2022: ଆନନ୍ଦ କୁମାର ମହାପାତ୍ର, 05/2023: ଅଶିଷ ମହାନ୍ତି, 04/2023: ଆନନ୍ଦ ଚନ୍ଦ୍ର ଦାସ ଏବଂ 07/2023: ନାମ ନଥିଭୁକ୍ତ ନୁହେଁ

51 ସଂପୃକ୍ତ ମାମଲା ତଥ୍ୟ ଉପସ୍ଥାପନ ସୃଷ୍ଟି ହେବା ପୂର୍ବରୁ ପୁରୀର ତହସିଲଦାରଙ୍କ ଦ୍ୱାରା ପ୍ଲଟକୁ ପରିବର୍ତ୍ତନ କରାଯାଇଥିଲା ଏବଂ ପୁରୀର ତହସିଲଦାରଙ୍କ ପାଖରେ କେସ୍ ରେକର୍ଡ ଉପଲବ୍ଧ ଥିଲା ବୋଲି ଦାବି କରି ଏକକାଳୀନ ମାମଲା ରେକର୍ଡ ଉପସ୍ଥାପିତ ହୋଇପାରିଲା ନାହିଁ ।

ସେନ୍ସିଟିଭ୍ ଜୋନ୍/ କ୍ଷେତ୍ର ଭାବରେ ଘୋଷଣା କରିଛି । ଇଏସଜେଡ୍ ବିଜ୍ଞପ୍ତିଗୁଡ଼ିକ ଇଏସଜେଡ୍ ମଧ୍ୟରେ କରାଯିବାକୁ ଥିବା ନିଷିଦ୍ଧ, ପ୍ରତିବନ୍ଧିତ ଏବଂ ପ୍ରୋତ୍ସାହିତ କାର୍ଯ୍ୟକଳାପର ତାଲିକା ପ୍ରଦାନ କରେ ।

ଏମ୍ଓଇଏଫ୍ସିସି, ଭାରତ ସରକାର, କଟକ ଏବଂ ଖୋର୍ଦ୍ଧା ଜିଲ୍ଲାର ଚନ୍ଦକା ଡମପଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ (ସିଡିଡବ୍ଲୁଏଲ୍ଏସ୍) ଏବଂ ବାଲୁଖଣ୍ଡ-କୋଣାର୍କ ବନ୍ୟପ୍ରାଣୀ ଅଭୟାରଣ୍ୟ (ବିକେଡବ୍ଲୁଏଲ୍ଏସ୍) କୁ ଇଏସଜେଡ୍ ଭାବରେ ଅଧିସୂଚିତ (ସେପ୍ଟେମ୍ବର 2016 ଏବଂ ମଇ 2017) କରିଛି । ଇଏସ୍ଜେଡ୍ ବିଜ୍ଞପ୍ତି ଅନୁଯାୟୀ, ସ୍ଥାନୀୟ ବାସିନ୍ଦାଙ୍କ ଘରୋଇ ଆବଶ୍ୟକତା ବ୍ୟତୀତ ଇଏସଜେଡ୍ ମଧ୍ୟରେ କୌଣସି ପ୍ରକାରର ନୂତନ ନିର୍ମାଣକୁ ଅନୁମତି ଦିଆଯିବା ଉଚିତ୍ ନୁହେଁ । ଇଏସଜେଡ୍ ମଧ୍ୟରେ କୌଣସି ନୂତନ କଠିନ ବର୍ଜ୍ୟବସ୍ତୁ ନିଷ୍କାସନ ସ୍ଥାନ ଏବଂ କଠିନ ବର୍ଜ୍ୟବସ୍ତୁର ଅପବ୍ୟବହାର ପ୍ରକ୍ରିୟାକରଣ ସୁବିଧାକୁ ଅନୁମତି ଦିଆଯାଇନଥିଲା । ବିଜ୍ଞପ୍ତିଗୁଡ଼ିକରେ ଆହୁରି ମଧ୍ୟ କୁହାଯାଇଛି ଯେ ପରିବେଶ ଅନୁକୂଳ ପର୍ଯ୍ୟଟନ କାର୍ଯ୍ୟକଳାପ ସହିତ ଜଡ଼ିତ ପର୍ଯ୍ୟଟକଙ୍କ ଅସ୍ଥାୟୀ ଦଖଲ ପାଇଁ ବାସସ୍ଥାନ ବ୍ୟତୀତ ଇଏସ୍ଜେଡ୍ ଅଞ୍ଚଳରେ କୌଣସି ନୂତନ ବାଣିଜ୍ୟିକ ହୋଟେଲ୍ ଏବଂ ରିସର୍ଟକୁ ଅନୁମତି ଦିଆଯିବ ନାହିଁ ।

ଇଏସଜେଡ୍ରେ ଜମି ବ୍ୟବହାର ସମ୍ପର୍କରେ ନିମ୍ନଲିଖିତ ତ୍ରୁଟି ପରିଲକ୍ଷିତ ହୋଇଛି:

### *(କ) ବିକେଡବ୍ଲ୍ୟୁଏସ୍ଏସ୍‌ର ଇଏସଜେଡ୍ ମଧ୍ୟରେ ଅନିୟମିତ ମ୍ୟୁଟେସନ୍ ଏବଂ ଭୂମି ବ୍ୟବହାରର ପରିବର୍ତ୍ତନ*

ପୁରୀର ତହସିଲଦାରଙ୍କ ଦ୍ୱାରା ପରିଚାଳିତ ଆର୍ଓଆର୍ ଅନୁଯାୟୀ, ବିକେଡବ୍ଲ୍ୟୁଏଲ୍ଏସ୍‌ର ଇଏସଜେଡ୍ ମଧ୍ୟରେ ଆସିଥିବା 17.75 ଏକର ଜମିର[52] ଏକ କ୍ଷେତ୍ର କ୍ରାକର୍ସ ଇଣ୍ଡିଆ ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡ୍ (ସିଆଇଆଇଏଲ୍), ଏକ ଘରୋଇ କମ୍ପାନୀ ନାମରେ ରେକର୍ଡ କରାଯାଇଥିଲା । ଆହୁରି, ସିଆଇଆଇଏଲ୍ (4 ଜାନୁଆରୀ 2018) ଏହି ଜମିର 16.15 ଏକର ସ୍ୱାମୀ ନାରାୟଣ ମନ୍ଦିର ଟ୍ରଷ୍ଟ (ଏସ୍ଏନ୍ଏମ୍‌ଟି)କୁ ବିକ୍ରୟ କରିଥିଲା । ପୁରୀର ତହସିଲଦାର 16.15 ଏକର ଜମିର ମ୍ୟୁଟେସନକୁ ଆନୁମତି ଦେଇଥିଲେ (21 ଅଗଷ୍ଟ 2024) ଏବଂ ଏସ୍ଏନ୍ଏମ୍‌ଟି ସପକ୍ଷରେ ଆର୍ଓଆର୍ ସଂଶୋଧନ କରିଥିଲେ । ବାକି 1.6 ଏକର ଜମି ସିଆଇଆଇଏଲ୍ ପାଖରେ ରହିଲା । ପ୍ଲଟ୍/ ସାଇଟ୍‌ର ମିଳିତ ସରଜମିନ ତଦନ୍ତରୁ (19 ନଭେମ୍ବର 2024) ଜଣାପଡ଼ିଲା ଯେ **ଚିତ୍ର 3.1.5** ରେ ଦେଖାଯାଇଥିବା ସମଗ୍ର 17.75 ଏକର ଜମି ସୀମା ପ୍ରାଚୀର ଏବଂ ସ୍ଥାୟୀ ଏବଂ ଅସ୍ଥାୟୀ ନିର୍ମାଣ, ପେଭର ବ୍ଲକ ରାସ୍ତା, ମନ୍ଦିର, ପାର୍କିଂ ସ୍ଥାନ, ସୁରକ୍ଷା ପ୍ରକୋଷ୍ଠ ଇତ୍ୟାଦି ନିର୍ମାଣ କରାଯାଇଥିଲା, ଯେତେବେଳେ ଏସ୍ଏନ୍ଏମ୍‌ଟି ଦ୍ୱାରା ସ୍ୱାମୀନାରାୟଣ ମନ୍ଦିର ପାଇଁ ଆହୁରି ନିର୍ମାଣ କାର୍ଯ୍ୟ ଜାରି ରହିଥିଲା ।



*ଚିତ୍ର 3.1.5: ସ୍ୱାମୀ ନାରାୟଣ ମନ୍ଦିର ଟ୍ରଷ୍ଟ ପାଇଁ ନିର୍ମାଣ କାର୍ଯ୍ୟ ଚାଲୁଛି (ତାରିଖ: 19 ନଭେମ୍ବର 2024)*

ଅଡିଟ୍ ଲକ୍ଷ୍ୟ କରିଛି ଯେ ଇଏସ୍ଜେଡ୍ ମନିଟରିଂ ବୈଠକରେ ଦିଆଯାଇଥିବା ନିର୍ଦ୍ଦେଶ (ମାର୍ଚ୍ଚ 2018) ବିଚ୍ୟୁତିରେ, ପୁରୀର ତହସିଲଦାର ଏସ୍ଏନ୍ଏମ୍‌ଟି ସପକ୍ଷରେ ଜମି ମ୍ୟୁଟେସନ୍ କରିଥିଲେ (ଅଗଷ୍ଟ 2024) ଏବଂ ଏସ୍ଏନ୍ଏମ୍‌ଟି ଦ୍ୱାରା ଭୂମି ବ୍ୟବହାର ପରିବର୍ତ୍ତନ କରାଯାଇଥିଲା । ଏହି କାରଣରୁ, ଇଏସ୍ଜେଡର ବିଜ୍ଞପ୍ତିର ଉଦ୍ଦେଶ୍ୟ ଅର୍ଥାତ୍ ପରିବେଶ ସୁରକ୍ଷା ଏବଂ ସୁରକ୍ଷିତ ଅଞ୍ଚଳ ଉପରେ ମାନବ କାର୍ଯ୍ୟକଳାପ ର ନକାରାତ୍ମକ ପ୍ରଭାବକୁ ହ୍ରାସ କରିବା ବିଫଳ ହୋଇଥିଲା ।

52 ଗ୍ରାମ: ବାଲୁଖଣ୍ଡ, ପ୍ଲଟ୍ ସଂଖ୍ୟା 1567, 1567/11553, 1565 ଏବଂ 1566 ପୁରୀ ତହସିଲ ଅଧିନସ୍ଥ 2007 ମସିହାରେ ଜମିଟି ଆବାସିକ ବ୍ୟବହାର ପାଇଁ ପରିବର୍ତ୍ତନ କରାଯାଇଥିଲା, କିନ୍ତୁ ତାହା ଖାଲି ପଡ଼ିଥିଲା ।

***(ଖ)*** ପୁରୀ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଏକ ଆଧୁନିକ ମାଛ ବଜାର ନିର୍ମାଣ ଏବଂ ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ ପାଇଁ 5.00 ଏକର ଜମିକୁ[53] ହସ୍ତାନ୍ତର କରିବା ପାଇଁ ଆବେଦନ କରିଥିଲେ (ମଇ 2020)। ଇଏସ୍‌ଜେଡ୍ ମନିଟରିଂ କମିଟି[54] (ସେପ୍ଟେମ୍ବର 2020) ଏହି ସର୍ତ୍ତ ସହିତ ପ୍ଲଟରେ ମାଛ ବଜାର ନିର୍ମାଣ ପାଇଁ ଅନୁମତି ଦେଇଥିଲେ ଯେ ଇଏସ୍‌ଜେଡ୍ ମଧ୍ୟରେ କୌଣସି କଠିନ କିମ୍ବା ତରଳ ବର୍ଜ୍ୟବସ୍ତୁ ନିଷ୍କାସନ କରାଯିବ ନାହିଁ।

ଅଡିଟ୍ ଦେଖିଲା ଯେ ଇଏସ୍‌ଜେଡ୍ କମିଟି, ଆଧୁନିକ ମାଛ ବଜାର ନିର୍ମାଣ ପାଇଁ ଅନୁମତି ଦେଲାବେଳେ, ଇଏସ୍‌ଜେଡ୍ ବିଜ୍ଞପ୍ତିର ସର୍ତ୍ତକୁ ଅଣଦେଖା କରିଥିଲା, ଯାହା ଇଏସ୍‌ଜେଡ୍ ମଧ୍ୟରେ କୌଣସି କଠିନ ବର୍ଜ୍ୟବସ୍ତୁ ନିଷ୍କାଷନ ସ୍ଥାନ ଏବଂ କଠିନ ବର୍ଜ୍ୟବସ୍ତୁର ଅପବ୍ୟବହାର/ ପ୍ରକ୍ରିୟାକରଣ ସୁବିଧାକୁ ନିଷେଧ କରିଥିଲା। ଯାହା ହେଉନା କାହିଁକି ବର୍ଜ୍ୟବସ୍ତୁ ପରିଚାଳନା କାରଖାନା ନିର୍ମାଣ ପାଇଁ କୌଣସି ଅନୁମତି ଦିଆଯାଇନଥିଲା।

ପ୍ଲଟ୍ ନଂ 273/2825 (5.00 ଏକର ) ର ଜେପିଆଇ (22 ନଭେମ୍ବର 2024) ଦର୍ଶାଇଛି ଯେ ମାଛ ବଜାର ଏବଂ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ପ୍ଲଟ୍ ନଂ 273/2825 ରେ ପୁରୀ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଦ୍ୱାରା ନିର୍ମିତ ହୋଇଥିଲା, ଯାହାର ଆଗୁଆ ଅଧିକାର/ହସ୍ତାନ୍ତର ମଞ୍ଜୁରୀ ବିଚାରାଧୀନ ଥିଲା।

ତେଣୁ ଇଏସଜେଡ୍ ବିଜ୍ଞପ୍ତିର ନିଷେଧକୁ ଉଲ୍ଲଂଘନ କରି, ପୁରୀ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଦ୍ୱାରା କେବିଡବ୍ଲୁଏଲଏସର ଇଏସ୍‌ଜେଡ ମଧ୍ୟରେ ମାଛ ବଜାର ଏବଂ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ନିର୍ମାଣ କରାଯାଇଥିଲା।

***(ଗ) ଶିଳ୍ପ ପ୍ରତିଷ୍ଠା ପାଇଁ ଚନ୍ଦକା –ଡମ୍ପରା ବନ୍ୟପ୍ରାଣୀ ଅଭୟାରଣ୍ୟର ଇଏସଜେଡ୍ ମଧ୍ୟରେ ଆସୁଥିବା ଜମିର ଅନିୟମିତ ଲିଜ୍***

ଶିଳ୍ପ ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପ ପ୍ରତିଷ୍ଠା ପାଇଁ ଇଡ୍‌କୋ ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କୁମାରବସ୍ତ ଗ୍ରାମରେ 50.630 ଏକର ଜମି[55] ଲିଜ୍ ପାଇଁ ଆବେଦନ କରିଥିଲା (ଜୁନ୍ 2020)। ଶିଳ୍ପ ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପ ପ୍ରତିଷ୍ଠା ପାଇଁ ଇଡ୍‌କୋ ସପକ୍ଷରେ ଖୋର୍ଦ୍ଧା ଜିଲ୍ଲାପାଳ ଲିଜ୍ ମଞ୍ଜୁର କରିଥିଲେ (ସେପ୍ଟେମ୍ବର 2021)। ତଥାପି, ଜିଲ୍ଲାପାଳଙ୍କ ଦ୍ୱାରା ଜମି ମଞ୍ଜୁର କରିବା ପୂର୍ବରୁ, ଇଡ୍‌କୋ ଏକ ୱାଟର ପାର୍କ ପ୍ରତିଷ୍ଠା ପାଇଁ ମେସର୍ସ ୱଣ୍ଡରଲା ହଲିଡେଜ୍ ସପକ୍ଷରେ ଉକ୍ତ ଜମି ଆବଣ୍ଟନ କରିଥିଲା।

ଅଡିଟରେ ଦେଖାଯାଇଥିଲା ଯେ ଲିଜ୍ ହୋଇଥିବା 20.500[56] ଏକର ଜମି ସିଡିଡବ୍ଲ୍ୟୁଏଲଏସ୍‌ର ଇଏସ୍‌ଜେଡ୍ ଅଞ୍ଚଳ ମଧ୍ୟରେ ଥିଲା। 15 ଜୁଲାଇ 2021ରେ ୱଣ୍ଡରଲା ଆମ୍ୟୁଜମେଣ୍ଟ ପାର୍କ ପ୍ରତିଷ୍ଠା ପାଇଁ ଅନୁମତି ପ୍ରଦାନ କରିବା ପାଇଁ ଅନୁଷ୍ଠିତ ଇଏସଜେଡ୍ ମନିଟରିଂ କମିଟି ବୈଠକରେ, ଜଣେ ସଦସ୍ୟ (ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ, ପରିବେଶ ଏବଂ ପରିବେଶ କ୍ଷେତ୍ରରେ ବିଶେଷଜ୍ଞ), ପ୍ଲଟ୍ ନଂ 822 ରେ ବିଦ୍ୟମାନ ଉଦ୍ଭିଦକୁ ସମୃଦ୍ଧ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହା ବ୍ୟତୀତ, ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ପ୍ରତିନିଧି (ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏନଜିଓ ଭାବରେ), ପ୍ରସ୍ତାବିତ ପାର୍କ ପାଇଁ ଭୂତଳ ଜଳର ଶୋଷଣ ସଂପର୍କରେ ଚିନ୍ତା ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ଇଡ୍‌କୋର ପ୍ରତିନିଧି ସ୍ପଷ୍ଟ କରିଥିଲେ ଯେ ପାର୍କକୁ ଜଳ ଯୋଗାଣ ମହାନଦୀରୁ ଏକ ପାଇପ ଲାଇନ ମାଧ୍ୟମରେ କରାଯିବ। କମିଟି ପରାମର୍ଶ ଦେଇଥିଲା ଯେ ଏହି ପ୍ରକଳ୍ପ ଏକ କାର୍ଯ୍ୟକାରୀ ପର୍ଯ୍ୟଟନ ପ୍ରକଳ୍ପ (ଶିଳ୍ପ ବର୍ଗରେ ଆସୁ ନାହିଁ) ଏବଂ ଇଏସ୍‌ଜେଡ୍‌ର ସର୍ତ୍ତାବଳୀ ଅନୁଯାୟୀ ପୂର୍ବ ପରିବେଶ ମଞ୍ଜୁରୀ, ବନ୍ୟପ୍ରାଣୀ ମଞ୍ଜୁରୀ, ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସମ୍ମତି ଆଦେଶ ଇତ୍ୟାଦି ସର୍ତ୍ତାବଳୀ ପାଳନ ଉପରେ ଅନୁମତି ଦିଆଯାଇପାରିବ।

53 ଖାତା ସଂଖ୍ୟା 268, ପ୍ଲଟଂ ସଂଖ୍ୟା 273/2825, କିସମ ପତିତ ସିଦ୍ଧମହାବୀର ଗ୍ରାମରେ (ୟୁନିଟ୍ ସଂଖ୍ୟା 33) ପୁରୀ ପୌରାଞ୍ଚଳର

54 ପୁରୀ ଜିଲ୍ଲାପାଳଙ୍କ ଅଧକ୍ଷତାରେ

55 ଖାତା ସଂଖ୍ୟା 822: 10.500 ଏକର; 823: 21.970 ଏକର ଏବଂ 833: 18.160 ଏକର

56 ଖାତା ସଂଖ୍ୟା 822: 10.500 ଏକର ଏବଂ ଖାତା ସଂଖ୍ୟାର ଅଂଶ 823: 10.00 ଏକର

ଅଡିଟ୍ ଅବଲୋକନ କଲା ଯେ:

- ଲିଜ୍ ମଞ୍ଜୁର କରିବା ପୂର୍ବରୁ କମିଟି ଦ୍ୱାରା ଦିଆଯାଇଥିବା ସର୍ତ୍ତାବଳୀ ଯେପରିକି ପୂର୍ବ ପରିବେଶ ମଞ୍ଜୁରୀ ଏବଂ ବନ୍ୟ ପ୍ରାଣୀ ମଞ୍ଜୁରୀ, ଓଏସ୍‌ପିସିବିର ସମ୍ମତି ସୁନିଶ୍ଚିତ କରାଯାଇନଥିଲା । ପ୍ଲଟ୍ ନମ୍ବର 822 ରେ ଅବସ୍ଥିତ ଉଦ୍ଭିଦ/ ବନୀକରଣର ସମୃଦ୍ଧି ପାଇଁ ବିଶେଷଜ୍ଞ ସଦସ୍ୟଙ୍କ ପରାମର୍ଶ ପାଳନ କରାଯାଇନଥିଲା ଏବଂ ପାର୍କ ପ୍ରତିଷ୍ଠା ପାଇଁ ବହୁ ସଂଖ୍ୟକ ଅବସ୍ଥିତ ଗଛ କଟାଯାଇଥିଲା ।
- ଓଡ଼ିଶା 4କେ ଜିଇଓ ସେବା ମାଧ୍ୟମରେ ସାଟେଲାଇଟ୍ ଚିତ୍ରରୁ ଦେଖାଯାଇଥିବା ଇଏସ୍‌ଜେଡ୍ ଅଞ୍ଚଳ ମଧ୍ୟରେ ଆସୁଥିବା ଜମିରେ ସ୍ଥାୟୀ ଗଠନ (ବହୁମହଲା କୋଠା) ନିର୍ମାଣ କରାଯାଇଥିଲା । ଓ୍ୱାଣ୍ଡର୍ଲା ଓ୍ୱେବସାଇଟରୁ ଏହା ଦେଖାଯାଇଥିଲା ଯେ ମନୋରଞ୍ଜନ ପାର୍କରେ ଅନେକ ଭୂମି ଏବଂ ଜଳ ଯାତ୍ରା ସୁବିଧା, ଜଳଖିଆ ଏବଂ ମଧ୍ୟାହ୍ନ ଭୋଜନ ସହିତ ରେଷ୍ଟୁରାଣ୍ଟ, ରହିବା କୋଠରୀ, ପାର୍କିଂ ସ୍ଥାନ, ଲକର ସୁବିଧା ଇତ୍ୟାଦି ଯୋଗାଇ ଦିଆଯାଇଥିଲା । ଏହିପରି, ଇଏସଜେଡ୍ ସର୍ତ୍ତାବଳୀର ଉଲ୍ଲଂଘନ କରି, ଆବଣ୍ଟିତ ଜମିକୁ ବାଣିଜ୍ୟିକ ଉଦ୍ଦେଶ୍ୟ (ହୋଟେଲ୍/ ରେଷ୍ଟୁରାଣ୍ଟ) ଇତ୍ୟାଦି ପାଇଁ ବ୍ୟବହାର କରାଯାଇଥିଲା ।
- ଇଏସ୍‌ଜେଡ୍ ବିଜ୍ଞପ୍ତିର ଅନୁଚ୍ଛେଦ 4(14) ଅନୁଯାୟୀ, କେବଳ ପ୍ରକୃତ କୃଷି ବ୍ୟବହାର ଏବଂ ଜମିର ଦଖଲକାରୀଙ୍କ ଘରୋଇ ବ୍ୟବହାର ପାଇଁ ପୃଷ୍ଠ ଜଳ ଏବଂ ଭୂତଳ ଜଳ ନିଷ୍କାସନକୁ ଅନୁମତି ଦିଆଯିବା ଆବଶ୍ୟକ ଥିଲା । ଇଏସ୍‌ଜେଡ୍ ମନିଟରିଂ କମିଟି ବୈଠକରେ ଇଡ୍‌କୋ ଦ୍ୱାରା ଦିଆଯାଇଥିବା ପ୍ରତିଶ୍ରୁତି ସତ୍ତ୍ୱେ, ମହାନଦୀରୁ ପାଇପଲାଇନ୍ ମାଧ୍ୟମରେ ପାର୍କକୁ ପାଣି ଯୋଗାଣ ସୁନିଶ୍ଚିତ କରାଯାଇନଥିଲା ।

ତେଣୁ, ଇଡ୍‌କୋ ଦ୍ୱାରା ଶିଳ୍ପ ଯଥା ଓ୍ୱାଣ୍ଡରଲା ଆମ୍ୟୁଜମେଣ୍ଟ ପାର୍କ ପ୍ରତିଷ୍ଠା ପାଇଁ ସିଡିଡବ୍ଲୁଏଲ୍‌ଏସ୍‌ର ଇଏସଜେଡ୍ ମଧ୍ୟରେ ଜମି ଲିଜ୍ ଦେବା ଇଏସଜେଡ୍ ବିଜ୍ଞପ୍ତିର ଉଲ୍ଲଂଘନ କରିଥିଲା, ଯାହାଫଳରେ ଇଏସଜେଡ୍ ଅଞ୍ଚଳର ପରିବେଶ ଏବଂ ଜୈବିକ ଅଖଣ୍ଡତା ପ୍ରତିକୂଳ ଭବରେ ପ୍ରଭାବିତ ହୋଇଥିଲା ଏବଂ ଅସୁରକ୍ଷିତ ରହିଥିଲା ।

ବିଭାଗ କହିଥିଲା (ଅକ୍ଟୋବର 2025) ଯେ ଇଏସଜେଡ୍/ ବନ୍ୟପ୍ରାଣୀ ଅଭୟାରଣ୍ୟ ଅଧିନରେ ଜମିର ଅନିୟମିତ ବ୍ୟବହାର ବିରୁଦ୍ଧରେ ପଦକ୍ଷେପ ନେବାକୁ ସମ୍ପୃକ୍ତ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜମିର ଏପରି ଅନିୟମିତ ବ୍ୟବହାରକୁ ଅନୁମତି ଦେବା ପାଇଁ ଦାୟୀ ତ୍ରୁଟିପୂର୍ଣ୍ଣ ଅଧିକାରୀଙ୍କ ବିରୁଦ୍ଧରେ ନିଆଯିବା ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟାନୁଷ୍ଠାନ ବିଷୟରେ ଉତ୍ତର ନୀରବ ଥିଲା ।

## 3.1.6 ଅଧିଗ୍ରହଣିତ ବ୍ୟକ୍ତିଗତ ଜମି/ ଲିଜ୍ ଦିଆଯାଇଥିବା ସରକାରୀ ଜମିର ଶେଷ ବ୍ୟବହାର ସୁନିଶ୍ଚିତ କରିବା ପାଇଁ ତଦାରଖ ବ୍ୟବସ୍ଥାର ଅଭାବ

ଉପରେ ଆଲୋଚନା ଅନୁଯାୟୀ, 12,393.651 ଏକର ଲିଜ୍ / ଅଧିଗ୍ରହଣିତ ଜମି ଉଦ୍ଦିଷ୍ଟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇନଥିଲା, ଯେତେବେଳେ 237.257 ଏକର ଜମି ଅନିଚ୍ଛାକୃତ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥିଲା । ଗ୍ରାମ ଭିତ୍ତିକ ଭୂମି ବ୍ୟାଙ୍କ ଅନୁପସ୍ଥିତିରେ, 668.893 ଏକର ଜମି ଜବରଦଖଲ ଅଧୀନରେ ରହିଥିଲା । 504.768 ଏକର କୃଷି ଜମି ଅଣକୃଷି ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥିଲା, ଯେତେବେଳେ 568.876 ଏକର ଜଙ୍ଗଲ ଜମି ଅଣ-ଜଙ୍ଗଲ କାର୍ଯ୍ୟକଳାପ ପାଇଁ ବ୍ୟବହାର କରାଯାଇଥିଲା ।

ତଥାପି, ଇଡ୍‌କୋ ସମେତ ବିଭିନ୍ନ ସଂଗଠନକୁ ଜମି ଆବଣ୍ଟନ ପରେ, ବିଭାଗ/ ଜିଲ୍ଲା/ ତହସିଲ ସ୍ତରରେ ଲିଜ୍/ ଆବଣ୍ଟନ ସର୍ତ୍ତାବଳୀ ପାଳନ ତଦାରଖ କରାଯାଇନଥିଲା । ଉଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଆବଣ୍ଟିତ ଜମିର ବ୍ୟବହାର, ଅବ୍ୟବହୃତ ଜମିର ପୁନଃସ୍ଥାପନ, ନିୟମିତ ସ୍ଥାନ/ କ୍ଷେତ୍ର ପରିଦର୍ଶନ ଦ୍ୱାରା ଅଣ-କୃଷି ଉଦ୍ଦେଶ୍ୟରେ କୃଷି ଜମିର ଅନଧିକୃତ ବ୍ୟବହାର ଚିହ୍ନଟ କରିବା ସମ୍ପର୍କରେ ମାସିକ/ ତ୍ରୈମାସିକ ପ୍ରଗତି ରିପୋର୍ଟ ଦାଖଲ କରିବା ଭଳି କୌଣସି ତଦାରଖ ବ୍ୟବସ୍ଥା ନଥିଲା । ଜଙ୍ଗଲ ଜମି, କୃଷି ଜମି, ଭୂତଳ ଜଳ ସମ୍ପଦର ଶୋଷଣ, ଅଣ-କୃଷି ଉଦ୍ଦେଶ୍ୟରେ କୃଷି ଜମିର ବ୍ୟବହାର ଇତ୍ୟାଦି ସମ୍ପର୍କରେ ପ୍ରଚଳିତ ସାମ୍ବିଧାନିକ ବ୍ୟବସ୍ଥାର ଇଚ୍ଛାକୃତ ଭାବରେ ପାଳନ ନକରିବାର ମାମଲା ଥିଲା, ଯେଉଁଠାରେ ସମ୍ପୃକ୍ତ ଅଧିକାରୀଙ୍କୁ ଦାୟୀ କରାଯିବା ଆବଶ୍ୟକ ।

## ଗ୍ରାମ୍ୟ ଉନ୍ନୟନ ବିଭାଗ

## 3.2 ରାଜ୍ୟରେ ପ୍ରଧାନ ମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର କାର୍ଯ୍ୟାନ୍ୱୟନ

**କାର୍ଯ୍ୟନିର୍ବାହୀ ସାରାଂଶ**

ସବୁ ଋତୁପୋଯୋଗୀ ଗ୍ରାମ୍ୟ ସଡ଼କ ସଂଯୋଗ ପ୍ରଦାନ କରିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ଦ୍ୱାରା ଡିସେମ୍ବର 2000 ରେ ଆରମ୍ଭ କରାଯାଇଥିବା ପ୍ରଧାନ ମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର (ପିଏମ୍‌ଜିଏସ୍‌ୱାଇ) କାର୍ଯ୍ୟାନ୍ୱୟନରେ 2019-24 ଅବଧିରେ ଓଡ଼ିଶାରେ ଗୁରୁତ୍ୱପୂର୍ଣ୍ଣ ତ୍ରୁଟିବିଚ୍ୟୁତି ଲକ୍ଷ୍ୟ କରାଯାଇଥିଲା । ପିଏମ୍‌ଜିଏସ୍‌ୱାଇ-III ଅଧିନରେ ଅନୁମୋଦନ ମିଳିଥିଲେ ମଧ ବିଭାଗ ନିର୍ଦ୍ଦିଷ୍ଟ ସମୟ ସୀମା ମାର୍ଚ୍ଚ 2025 ମଧ୍ୟରେ 20.71 ଲକ୍ଷ ଜନସଂଖ୍ୟା ଥିବା 2,428ଟି ଜନବସତିକୁ ସଡ଼କ ସଂଯୋଗ ପ୍ରଦାନ କରିପାରି ନଥିଲା । ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତି ସମୟରେ ଠିକାଦାରଙ୍କ ଲାଭ ଓ ଅତିରିକ୍ତ ଖର୍ଚ୍ଚକୁ ଅତ୍ୟଧିକ ଦର୍ଶାଇବା ଫଳରେ ଠିକାଦାରମାନେ 32.37 କୋଟି ଟଙ୍କାର ଅନୁଚିତ୍ ଲାଭ ପାଇଥିଲେ । ପୁନଶ୍ଚ କାମ ଦେବା ପୂର୍ବରୁ ଜମିର ଉପଲବ୍ଧି ଓ ଜଙ୍ଗଲ ଅନୁମତି ସୁନିଶ୍ଚିତ ନକରିବାରୁ 48.52 କୋଟି ଟଙ୍କାର ଖର୍ଚ୍ଚ ଅପଚୟ ହୋଇଥିଲା । ଅନାବଶ୍ୟକ ପରିବହନ ଦୂରତା ଭାର ଅନ୍ତର୍ଭୁକ୍ତ କରିବାରୁ ପ୍ରକଳ୍ପ ଅଟକଳ 21.66 କୋଟି ଟଙ୍କା ଅଧିକ ହୋଇଥିଲା । ଦୁର୍ବଳ/କୋହଳ ଚୁକ୍ତି ପରିଚାଳନା ହେତୁ ପ୍ରକଳ୍ପ ଗୁଡ଼ିକ ଅଧାରେ ବନ୍ଦ ହୋଇଗଲା ଯାହାର କାରଣ ମନ୍ଥର ପ୍ରଗତି ଥିଲା, ତଦ୍ୱାରା  ପ୍ରକଳ୍ପଗୁଡ଼ିକ ଅଧାରେ ବନ୍ଦ ହୋଇଯାଇ 32.27 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା । ଅନ୍ୟାନ୍ୟ ତ୍ରୁଟି ମଧ୍ୟରେ ଅଯୋଗ୍ୟ ଠିକାଦାରଙ୍କୁ କାମ ଦେବା, 40.55 କୋଟି ଟଙ୍କାର ପୂର୍ବ ନିର୍ଦ୍ଧାରିତ କ୍ଷତିପୂରଣର ଅନାଦେୟ ଏବଂ ନିୟମିତ ରକ୍ଷଣାବେକ୍ଷଣ କାର୍ଯ୍ୟ ନକରିବାରୁ 23.02 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ହୋଇଥିଲା । ତ୍ରୁଟିପୂର୍ଣ୍ଣ ରାସ୍ତା ଗୁଡ଼ିକର ସୁଧାର ନକରିବାରୁ 15.19 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା ଏବଂ ମାନ ନିୟନ୍ତ୍ରଣ ବ୍ୟବସ୍ଥା ମଧ୍ୟ ପର୍ଯ୍ୟାପ୍ତ ନଥିଲା ।

### 3.2.1 ଉପକ୍ରମ

ଗ୍ରାମାଞ୍ଚଳରେ ଅସଂଯୁକ୍ତ ଜନବସତି ଗୁଡ଼ିକୁ ସବୁ ଋତୁପୋଯୋଗୀ ସଡ଼କ ସଂଯୋଗ ପ୍ରଦାନ କରିବା ଉଦ୍ଦେଶ୍ୟରେ ଭାରତ ସରକାର 25 ଡିସେମ୍ବର 2000 ରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ଆରମ୍ଭ କରିଥିଲେ । ପରେ ଗ୍ରାମୀଣ ବଜାର କେନ୍ଦ୍ର ଓ ଗ୍ରାମୀଣ ହବ୍ ଗୁଡ଼ିକର ବିକାଶ ସୁଗମ କରିବା ପାଇଁ ଏହି ଯୋଜନା ଅଧିନରେ ନିର୍ମିତ ରାସ୍ତା ଗୁଡ଼ିକୁ ଉନ୍ନତ କରିବା ଲକ୍ଷ୍ୟରେ ଅଗଷ୍ଟ 2013 ରେ ପିଏମ୍‌ଜିଏସ୍‌ୱାଇ-II ଆରମ୍ଭ ହୋଇଥିଲା । ତାପରେ 2019 ରେ ପିଏମ୍‌ଜିଏସ୍‌ୱାଇ-III[57] ଆରମ୍ଭ ହୋଇଥିଲା, ଯାହାର ଉଦ୍ଦେଶ୍ୟ ବିଦ୍ୟମାନ ମାର୍ଗ ଓ ସଂଯୋଗ ସ୍ଥଳକୁ ଉନ୍ନତ କରିବା ଏବଂ ଗ୍ରାମୀଣ ବଜାର, ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧା ଭଳି ଅତ୍ୟାବଶ୍ୟକୀୟ ବ୍ୟବସ୍ଥାକୁ ପ୍ରାଥମିକତା ଦେବାର ଥିଲା । ଏଥିରେ ବିଦ୍ୟମାନ ସଡ଼କ ଗୁଡ଼ିକର ମଜ୍‌ବୁତୀକରଣ ଓ ପ୍ରଶସ୍ତିକରଣ ଏବଂ ନିର୍ଦ୍ଦିଷ୍ଟ ସଂଯୋଗର ଅବସ୍ଥାପନ ଅନ୍ତର୍ଭୁକ୍ତ ଥିଲା । 2013-14 ପର୍ଯ୍ୟନ୍ତ ପିଏମ୍‌ଜିଏସ୍‌ୱାଇ ଏକ ଶତ ପ୍ରତିଶତ କେନ୍ଦ୍ର ପ୍ରାୟୋଜିତ ଯୋଜନା ଥିଲା । କାଳାନ୍ତରରେ 01 ଏପ୍ରିଲ୍ 2015 ରୁ ଏହାର ପାଣ୍ଠିଯୋଗାଣ ପଦ୍ଧତି 60:40 (ଭାରତ ସରକାର: ଓଡ଼ିଶା ସରକାର) ହାରରେ କରାଯାଇଥିଲା ।

ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପିଏମ୍‌ଜିଏସ୍‌ୱାଇର କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟରେ ନୋଡାଲ୍ ବିଭାଗ କରାଯାଇଥିଲା । ଓଡ଼ିଶା ରାଜ୍ୟ ଗ୍ରାମୀଣ ସଡ଼କ ସଂସ୍ଥା (ଓଏସ୍‌ଆର୍‌ଆର୍‌ଏ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପିଏମ୍‌ଜିଏସ୍‌ୱାଇ ପ୍ରକଳ୍ପ ଅନୁମୋଦନ, ପାଣ୍ଠି ନିରୀକ୍ଷଣ ଓ ପର୍ଯ୍ୟାଲୋଚନା ପାଇଁ ଉତ୍ତରଦାୟୀ ଥିଲେ ।

[57] ତତ୍‌ପଶ୍ଚାତ୍, ପିଏମ୍‌ଜିଏସ୍‌ୱାଇ – IV ସେପ୍ଟେମ୍ବର 2024 ରେ ଆରମ୍ଭ ହୋଇଥିଲା

ଅକ୍ଟୋବର 2024 ରୁ ମାର୍ଚ୍ଚ 2025 ମଧ୍ୟରେ 2019-20 ରୁ 2023-24 ଆର୍ଥିକ ବର୍ଷକୁ ଅନ୍ତର୍ଭୁକ୍ତ କରି ଏକ ଅନୁପାଳନ ସମୀକ୍ଷା କରାଯାଇଥିଲା, ଯାହାର ଲକ୍ଷ୍ୟ ଥିଲା ମୂଲ୍ୟାୟନ କରିବା କି:

- କାର୍ଯ୍ୟକ୍ରମ ମାର୍ଗଦର୍ଶିକା ଅନୁଯାୟୀ ଗ୍ରାମ୍ୟ ସଂଯୋଗ ଯୋଗାଇବା ପାଇଁ ଯୋଜନା ପ୍ରକ୍ରିୟା ପର୍ଯ୍ୟାପ୍ତ ଥିଲା ;
- ପାଣ୍ଠି ଆବଣ୍ଟନ ଏବଂ ପ୍ରଦାନ ପର୍ଯ୍ୟାପ୍ତ ଥିଲା ଏବଂ ପରିକଳ୍ପନାର ମାର୍ଗଦର୍ଶିକା ଅନୁଯାୟୀ ପ୍ରକଳ୍ପଗୁଡ଼ିକୁ ଦକ୍ଷତାର ସହିତ କାର୍ଯ୍ୟାନ୍ୱିତ କରାଯାଇଥିଲା ;
- ଏକ ପର୍ଯ୍ୟାଲୋଚନା ବ୍ୟବସ୍ଥା ଏବଂ ଗୁଣବତ୍ତା ନିୟନ୍ତ୍ରଣ ପ୍ରଣାଳୀ ସ୍ଥାପିତ ଥିଲା ଏବଂ ବାଞ୍ଛିତ ଲକ୍ଷ୍ୟ ହାସଲ ପାଇଁ ଏହାକୁ ଫଳପ୍ରଦ ଭାବରେ କାର୍ଯ୍ୟାନ୍ୱିତ କରାଯାଇଥିଲା ।

ସମୀକ୍ଷାରେ ଗ୍ରାମ୍ୟ ଉନ୍ନୟନ ବିଭାଗ, ମୁଖ୍ୟ ଯନ୍ତ୍ରୀ (ଗ୍ରାମ୍ୟ ନିର୍ମାଣ), ଓଏସ୍ଆର୍ଆର୍ଏ, ସାତଟି[58] ନମୁନାଭୁକ୍ତ ଜିଲ୍ଲାର 15 ଟି ଗ୍ରାମ୍ୟ ନିର୍ମାଣ (ଆର୍‌ଡବ୍ଲ୍ୟୁ) ଡିଭିଜନ୍‌ର[59] ନଥିପତ୍ର ଯାଞ୍ଚ କରାଯାଇଥିଲା । ରାଜ୍ୟର 30 ଟି ଜିଲ୍ଲାକୁ ତିନୋଟି ବିପଦ[60] ମାନଦଣ୍ଡକୁ ଏକତ୍ରିତ କରି ଆଇଡିଆ ସଫ୍ଟୱେୟାର ଜରିଆରେ ସ୍ଥାନାନ୍ତର ବିନା ଅନିୟମିତ ନମୁନା ସଂଗ୍ରହ ଆଧାରରେ ସାତଟି ନମୁନା ଜିଲ୍ଲାକୁ ଚୟନ କରାଯାଇଛି । 2019-24 ମଧ୍ୟରେ ରାଜ୍ୟରେ ପିଏମ୍‌ଜିଏସ୍‌ୱାଇ-III ଅଧୀନରେ 1,549 ଟି ପ୍ରକଳ୍ପକୁ କାର୍ଯ୍ୟାନ୍ୱିତ କରାଯାଇଥିଲା । ଏଥି ମଧ୍ୟରୁ ସାତଟି ନମୁନା ଜିଲ୍ଲାରେ 15 ଟି ଆର୍‌ଡବ୍ଲ୍ୟୁ ଡିଭିଜନ୍‌ର 506 ଟି ପ୍ରକଳ୍ପ ରହିଛି । ଅଡିଟ୍‌ରେ 506 ମଧ୍ୟରୁ 468 ଟି ପ୍ରକଳ୍ପର ନମୁନା ଯାଞ୍ଚ କରାଯାଇଥିଲା । ଏହା ବ୍ୟତୀତ, ଅନ୍ୟ ଚାରୋଟି ଜିଲ୍ଲାରେ[61] ପୂର୍ବରୁ କରାଯାଇଥିବା ସମୀକ୍ଷାର ଉପଲବ୍ଧତାକୁ ମଧ୍ୟ ଏହି ରିପୋର୍ଟରେ ଅନ୍ତର୍ଭୁକ୍ତ କରାଯାଇଛି । 13 ନଭେମ୍ବର 2024 ରେ ବିଭାଗର ପ୍ରଧାନ ଶାସନ ସଚିବଙ୍କ ସହିତ ଏକ ପ୍ରାରମ୍ଭ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଅଡିଟର ଉଦ୍ଦେଶ୍ୟ, ମାନଦଣ୍ଡ, ପରିସର ଓ ପଦ୍ଧତି ଉପରେ ଆଲୋଚନା କରାଯାଇଥିଲା । ମନୋନୀତ କାମଗୁଡ଼ିକର ମିଳିତ ସରଜମିନ ତଦନ୍ତ କରାଯାଇଥିଲା ଓ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଫଟୋଗ୍ରାଫିକ୍ ପ୍ରମାଣ ମଧ୍ୟ ନିଆଯାଇଥିଲା । 17 ସେପ୍ଟେମ୍ବର 2025 ରେ ଅନୁଷ୍ଠିତ ସମାପନ ବୈଠକରେ ବିଭାଗର ଆୟୋଗ-ତଥା-ସଚିବଙ୍କ ସହିତ ସମୀକ୍ଷାର ନିଷ୍କର୍ଷ ଉପରେ ଆଲୋଚନା କରାଯାଇଥିଲା । ବିଭାଗ ଅଡିଟର ସୁପାରିଶକୁ ଗ୍ରହଣ କରିଥିଲେ ଏବଂ ତ୍ରୁଟି ସୁଧାରିବା ପାଇଁ ପ୍ରତିକାରାତ୍ମକ ପଦକ୍ଷେପ ନେବା ନିମନ୍ତେ ଆଶ୍ୱାସନା ଦେଇଥିଲା । ବିଭାଗ ପକ୍ଷରୁ ମିଳିଥିବା ପ୍ରତିକ୍ରିୟାକୁ ରିପୋର୍ଟରେ ଯଥାଯଥ ଭାବେ ସାମିଲ୍ କରାଯାଇଛି ।

ସମୀକ୍ଷାର ଫଳାଫଳଗୁଡ଼ିକୁ ପରବର୍ତ୍ତୀ ଅନୁଚ୍ଛେଦ ଗୁଡ଼ିକରେ ଆଲୋଚନା କରାଯାଇଛି ।

**ସମୀକ୍ଷା ଫଳାଫଳ**

### 3.2.2 ପ୍ରକଳ୍ପ କାର୍ଯ୍ୟନିର୍ବାହ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ବନାମ ଲକ୍ଷ୍ୟ ହାସଲ

ପିଏମ୍‌ଜିଏସ୍‌ୱାଇର ବିଭିନ୍ନ ପର୍ଯ୍ୟାୟରେ ଭାରତ ସରକାର ଓଡ଼ିଶା ପାଇଁ ନୂତନ ସଡ଼କ ସଂଯୋଗ ଉଦ୍ଦେଶ୍ୟରେ 17,001 ଟି ଜନବସତି ପାଇଁ 10,083 ଟି ପ୍ରକଳ୍ପ ଏବଂ ରାସ୍ତା ଉନ୍ନତି ପାଇଁ 4,724 ଟି ପ୍ରକଳ୍ପ ଅନୁମୋଦନ କରିଥିଲେ । ସେଥି ମଧ୍ୟରୁ, ମଇ 2025 ପର୍ଯ୍ୟନ୍ତ ରାଜ୍ୟ ସରକାର 16,994 ଟି ଜନବସତିକୁ ନୂତନ ସଂଯୋଗ ପ୍ରଦାନ କରୁଥିବା 10,043 ଟି ପ୍ରକଳ୍ପ ଏବଂ ରାସ୍ତା ଉନ୍ନତି ପାଇଁ 4,444 ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରିଥିଲେ ।

---

58 ମୟୁରଭଞ୍ଜ, ଗଞ୍ଜାମ, ସୁନ୍ଦରଗଡ଼, ନବରଙ୍ଗପୁର, ପୁରୀ, ନୟାଗଡ଼ ଏବଂ ଅନୁଗୁଳ

59 ଗଞ୍ଜାମ-I, ଗଞ୍ଜାମ -II, ଭଞ୍ଜନଗର, ବାରିପଦା, କରଞ୍ଜିଆ, ରାଇରଙ୍ଗପୁର, ସୁନ୍ଦରଗଡ଼-I, ସୁନ୍ଦରଗଡ଼ -II, ନବରଙ୍ଗପୁର-I, ନବରଙ୍ଗପୁର -II, ପୁରୀ, ନିମାପଡ଼ା, ନୟାଗଡ଼-I, ନୟାଗଡ଼ -II ଏବଂ ଅନୁଗୁଳ

60 ମଞ୍ଜୁରୀପ୍ରାପ୍ତ ପ୍ରକଳ୍ପ ସଂଖ୍ୟା, ପ୍ରକଳ୍ପର ଅନୁମୋଦିତ ବ୍ୟୟ ଏବଂ ଭୌଗୋଳିକ ସୂଚନା ବ୍ୟବସ୍ଥା (ଜିଆର୍‌ଏସ୍) ମାନଚିତ୍ରରେ କାର୍ଯ୍ୟନିର୍ବାହ ।

61 ଖୋର୍ଦ୍ଧା (ଆର୍‌ଡବ୍ଲ୍ୟୁ ଡିଭିଜନ, ଭୁବନେଶ୍ୱର), କଟକ (ଆର୍‌ଡବ୍ଲ୍ୟୁ ଡିଭିଜନ-I & II, କଟକ), କେନ୍ଦୁଝର (ଆର୍‌ଡବ୍ଲ୍ୟୁ ଡିଭିଜନ, ଆନନ୍ଦପୁର) ଏବଂ ସମ୍ବଲପୁର (ଆର୍‌ଡବ୍ଲ୍ୟୁ ଡିଭିଜନ, ସମ୍ବଲପୁର)

2019-20 ରୁ 2023-24 ପର୍ଯ୍ୟନ୍ତ ପିଏମ୍‌ଜିଏସ୍‌ୱାଇ-I ଓ II ଅଧୀନରେ ଧାର୍ଯ୍ୟ ଲକ୍ଷ୍ୟ ଓ ଲକ୍ଷ୍ୟ ହାସଲର ବିଶଦ ବିବରଣୀ **ସାରଣୀ 3.2.1** ରେ ଦର୍ଶାଯାଇଛି ।

***ସାରଣୀ 3.2.1: ଧାର୍ଯ୍ୟ ଲକ୍ଷ୍ୟ ଓ ଲକ୍ଷ୍ୟ ହାସଲ***

| କ୍ର. ସଂ. | ବର୍ଷ | ଧାର୍ଯ୍ୟ ଲକ୍ଷ୍ୟ | | ଲକ୍ଷ୍ୟ ହାସଲ | | ଲକ୍ଷ୍ୟ ହାସଲର ପ୍ରତିଶତ | |
|---|---|---|---|---|---|---|---|
| | | ଭୌତିକ (କିମିରେ) | ଆର୍ଥିକ (ଟଙ୍କା କୋଟିରେ) | ଭୌତିକ (କିମିରେ) | ଆର୍ଥିକ (ଟଙ୍କା କୋଟିରେ) | ଭୌତିକ (କିମିରେ) | ଆର୍ଥିକ (ଟଙ୍କା କୋଟିରେ) |
| 1 | 2019-20 | 6689.00 | 3800.00 | 5169.28 | 2368.59 | 77.28 | 62.33 |
| 2 | 2020-21 | 3500.00 | 3500.00 | 1772.28 | 1681.13 | 50.64 | 48.03 |
| 3 | 2021-22 | 2500.00 | 1700.00 | 2715.27 | 1739.56 | 108.61 | 102.33 |
| 4 | 2022-23 | 2000.00 | 1383.33 | 2599.98 | 2032.64 | 129.99 | 146.94 |
| 5 | 2023-24 | 2155.00 | 1833.33 | 2554.91 | 1558.52 | 118.56 | 85.01 |
| | ମୋଟ | 16844 | 12216.66 | 14811.72 | 9380.44 | | |

***(ଉତ୍ସ: ମୁଖ୍ୟ ଯନ୍ତ୍ରୀ, ପିଏମ୍‌ଜିଏସ୍‌ୱାଇ, ଓଡ଼ିଶା ଦ୍ୱାରା ପ୍ରଦତ୍ତ ତଥ୍ୟ)***

ଉପରୋକ୍ତ ସାରଣୀରୁ ଜଣାଗଲା ଯେ, 2019-20 ରୁ 2023-24 ମଧ୍ୟରେ ଲକ୍ଷ୍ୟ ହାସଲ, ଧାର୍ଯ୍ୟ ଲକ୍ଷ୍ୟର 50.64 ରୁ 129.99 ପ୍ରତିଶତ ମଧ୍ୟରେ ରହିଥିଲା ।

ପିଏମ୍‌ଜିଏସ୍‌ୱାଇ-III ଅଧୀନରେ ଭାରତ ସରକାର ଡିସେମ୍ବର 2020 ରୁ ମାର୍ଚ୍ଚ 2022 ମଧ୍ୟରେ ଓଡ଼ିଶାରେ 9,400 କିଲୋମିଟର ରାସ୍ତା ଉନ୍ନତିକରଣକୁ ସିଦ୍ଧାନ୍ତଗତ ଭାବେ ଅନୁମୋଦନ କରିଥିଲେ । ଏହି ଅନୁମୋଦିତ ଦୈର୍ଘ୍ୟ ମଧ୍ୟରୁ ରାଜ୍ୟ ସରକାର 9,351.08 କିଲୋମିଟର ବିଶିଷ୍ଟ 1,549 ଟି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପାଇଁ ଯୋଜନା କରିଥିଲେ, ଯେଉଁଥିରେ 1,401 ଟି ସଡ଼କ ଏବଂ 148 ଟି ଦୀର୍ଘ ଦୂରତା ସେତୁ (ଏଲ୍‌ଏସ୍‌ବି[62]) ଅନ୍ତର୍ଭୁକ୍ତ ଥିଲା । ଏହି ପ୍ରକଳ୍ପଗୁଡ଼ିକ ମାର୍ଚ୍ଚ 2025 ମଧ୍ୟରେ 27,164 ଟି ଜନବସତିକୁ ଉନ୍ନତ ସଡ଼କ ସୁବିଧା ପ୍ରଦାନ କରିବାକୁ ଉଦ୍ଦିଷ୍ଟ ଥିଲା ।

ଅଡିଟ୍ ଅବଲୋକନ କଲା ଯେ, ପିଏମ୍‌ଜିଏସ୍‌ୱାଇ-III ଅଧୀନରେ ଅନୁମୋଦିତ 1,549 ଟି ପ୍ରକଳ୍ପ ମଧ୍ୟରୁ 19,839 ଟି ଜନବସତିକୁ ନେଇ 1,181[63] ଟି ପ୍ରକଳ୍ପ (76 ପ୍ରତିଶତ) ମଇ, 2025 ମଧ୍ୟରେ ସମ୍ପୂର୍ଣ୍ଣ ହୋଇଥିଲା ଏବଂ 368 ଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ଥିଲା । ଯାହାଫଳରେ 7,325 ଟି ଜନବସତି ଅଭିପ୍ରେତ ଉନ୍ନତ ସଡ଼କ ସୁବିଧାରୁ ବଞ୍ଚିତ ହୋଇରହିଲେ । ନମୁନା ଜିଲ୍ଲାଗୁଡ଼ିକରେ କାର୍ଯ୍ୟନିର୍ବାହ ସମ୍ପର୍କିତ ବିସ୍ତୃତ ବିଶ୍ଳେଷଣ ***ଅନୁଚ୍ଛେଦ 3.2.6.1*** ରେ ଆଲୋଚିତ ହୋଇଛି । ବିଭାଗ ଦର୍ଶାଇଲା (ସେପ୍ଟେମ୍ବର 2025) ଯେ, ଅବଶିଷ୍ଟ ପ୍ରକଳ୍ପ ଗୁଡ଼ିକ ମାର୍ଚ୍ଚ 2026 ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ ।

## 3.2.3 ଯୋଜନା

### *3.2.3.1 ପ୍ରକଳ୍ପ ଚୟନ*

ପିଏମ୍‌ଜିଏସ୍‌ୱାଇ-III ମାର୍ଗଦର୍ଶିକାର ଅନୁଚ୍ଛେଦ 7.3 ଅନୁସାରେ, ରାଜ୍ୟସ୍ତରୀୟ ସ୍ଥାୟୀ ସମିତି (ଏସ୍‌ଏଲ୍‌ଏସ୍‌ସି) ପିଏମ୍‌ଜିଏସ୍‌ୱାଇ-III ଅଧୀନରେ ଗ୍ରହଣ କରାଯାଇଥିବା ପ୍ରକଳ୍ପ ପ୍ରସ୍ତାବଗୁଡ଼ିକୁ ମାର୍ଗଦର୍ଶିକାର ଅନୁପାଳନା କରୁଛି କି ନାହିଁ ତାହା ସମୀକ୍ଷା କରିବାର ଥିଲା । ଥରେ ଅନୁମୋଦନ ପାଇଲେ, କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ଶାଖା (ପିଆଇୟୁ)[64] ଗୁଡ଼ିକ ଜାତୀୟ ଗ୍ରାମୀଣ ଭିତ୍ତିଭୂମି ଉନ୍ନୟନ ସଂସ୍ଥା (ଏନ୍‌ଆର୍‌ଆଇଡିଏ) [65] ଦ୍ୱାରା ଜାରି କରାଯାଇଥିବା ପ୍ରକରଣ ପୁସ୍ତିକା ଓ ନିର୍ଦ୍ଦେଶାବଳୀ ଅନୁଯାୟୀ ବିସ୍ତୃତ ପ୍ରକଳ୍ପ ପ୍ରତିବେଦନ (ଡିପିଆର୍) ପ୍ରସ୍ତୁତ

---

62 ଦୀର୍ଘ ଦୂରତା ସେତୁ (ଏଲ୍‌ଏସ୍‌ବି) ହେଉଛି 150 ମିଟର ଦୈର୍ଘ୍ୟ ବିଶିଷ୍ଟ ସେତୁ

63 ରାସ୍ତା: 1,100 ପ୍ରକଳ୍ପ ଏବଂ ଏଲ୍‌ଏସ୍‌ବି: 81 ପ୍ରକଳ୍ପ

64 ପିଆଇୟୁ ହେଉଛି ପ୍ରକଳ୍ପ ଯୋଜନା, କାର୍ଯ୍ୟକାରିତା ଏବଂ ହିସାବରକ୍ଷଣ ପାଇଁ ମୌଳିକ ଶାଖା

65 ଏନ୍‌ଆର୍‌ଆଇଡିଏ ବୈଷୟିକ ସହାୟତା, ପ୍ରକଳ୍ପ ମୂଲ୍ୟାଙ୍କନ, ଗୁଣବତ୍ତା ପରିଚାଳନା ଏବଂ ଓଏମ୍‌ଏମ୍‌ଏଏସ୍ ମାଧ୍ୟମରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ପର୍ଯ୍ୟାଲୋଚନା କରିବା ପାଇଁ ଉତ୍ତରଦାୟୀ

କରିବାକୁ ଥିଲା । ଅଧିକନ୍ତୁ, ଅନୁଚ୍ଛେଦ 7.4 ରେ ଦର୍ଶାଯାଇଛି ଯେ, ଡିପିଆର୍ ପ୍ରସ୍ତୁତି ସମୟରେ, ପିଆଇୟୁଗୁଡ଼ିକ ଗ୍ରାମ ପଞ୍ଚାୟତ ମାଧ୍ୟମରେ ସ୍ଥାନୀୟ ସଂପ୍ରଦାୟ ସହିତ ପରାମର୍ଶ କରି ଏକ କ୍ଷେତ୍ର ଅନୁଧ୍ୟାନ[66] କରିବା ଆବଶ୍ୟକ ଯାହା ସବୁଠାରୁ ଉପଯୁକ୍ତ ସଡ଼କ ପଥ ନିର୍ଦ୍ଧାରଣ କରିବ ଏବଂ ଜଙ୍ଗଲ ଜମି ସମେତ ଜମି ଉପଲବ୍ଧତା ସମ୍ବନ୍ଧୀୟ ସମସ୍ୟାର ସମାଧାନ କରିବ ।

- ଅଡିଟ୍ ପରିଲକ୍ଷିତ କଲା ଯେ, ଗ୍ରାମ୍ୟ ଉନ୍ନୟନ ବିଭାଗ ପିଏମ୍‌ଜିଏସ୍‌ୱାଇ ଅଧୀନରେ ମୋଟ 9,981.82 କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ 1,507 ଟି ସଡ଼କ ପ୍ରକଳ୍ପ ପାଇଁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ (ଏମ୍‌ଓଆର୍‌ଡି) ନିକଟରେ ଅନୁମୋଦନ ପ୍ରସ୍ତାବ ଦାଖଲ କରିଥିଲେ (2021-22) । ଏଥି ମଧ୍ୟରୁ ମନ୍ତ୍ରଣାଳୟ 9,426.43 କିଲୋମିଟର ସଡ଼କ ନିର୍ମାଣ ପାଇଁ 1,412 ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଥିଲେ । ତେବେ, ଭାରତ ସରକାର ନୀତିଗତ ଭାବେ ରାଜ୍ୟକୁ ପିଏମ୍‌ଜିଏସ୍‌ୱାଇ-III ଅଧୀନରେ 9,400 କିଲୋମିଟର ସଡ଼କ ପ୍ରକଳ୍ପ ପାଇଁ ଅନୁମତି ଦେଇଥିଲେ । ପରେ, ସାଧ୍ୟତା ଅଭାବରୁ ସମ୍ପୃକ୍ତ ପିଆଇୟୁମାନେ 11ଟି ପ୍ରକଳ୍ପକୁ ବାତିଲ କରିବା ପାଇଁ ଭାରତ ସରକାରଙ୍କୁ ସୁପାରିଶ କରିଥିଲେ । ଫଳସ୍ୱରୂପ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଏହି ପ୍ରକଳ୍ପ ଗୁଡ଼ିକୁ ହଟାଇ ସଂଶୋଧିତ ଅନୁମୋଦନକୁ ହ୍ରାସ କରି ମୋଟ 9,351.08 କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ 1,401 ଟି ପ୍ରକଳ୍ପକୁ ଅନୁମୋଦନ କରିଥିଲେ । ଦୁଇଟି ରାସ୍ତାର ପ୍ରଶସ୍ତିକରଣ ପାଇଁ ଜମି ଉପଲବ୍ଧ ନହେବା ଏବଂ ଅନ୍ୟାନ୍ୟ ରାଜ୍ୟ ପରିକଳ୍ପନା ଅଧୀନରେ ନଅଟି ପ୍ରକଳ୍ପ ଆସିଯିବା ଯୋଗୁଁ ଏହି ପ୍ରକଳ୍ପ ଗୁଡ଼ିକୁ ବାତିଲ କରାଯାଇଛି ବୋଲି ବିଭାଗ ଦର୍ଶାଇଥିଲେ । ଏହା ସୂଚାଇ ଦେଉଛି ଯେ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟକୁ ପ୍ରସ୍ତାବ ପଠାଇବା ପୂର୍ବରୁ ପିଆଇୟୁଗୁଡ଼ିକ ଜମିର ଉପଲବ୍ଧତା ସୁନିଶ୍ଚିତ କରିନାହାଁନ୍ତି ଏବଂ ସଡ଼କ ପ୍ରକଳ୍ପର କାର୍ଯ୍ୟକ୍ଷମତାକୁ ଯାଞ୍ଚ କରିନାହାଁନ୍ତି, ଯାହାଫଳରେ 28.85[67] କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ହରାଇବାକୁ ପଡ଼ିଥିଲା ।

## 3.2.4 ବିସ୍ତୃତ ପ୍ରକଳ୍ପ ପ୍ରତିବେଦନ ପ୍ରସ୍ତୁତି

ପିଏମ୍‌ଜିଏସ୍‌ୱାଇ ପରିଚାଳନା ପ୍ରକରଣ ପୁସ୍ତିକା (ଓଏମ୍) ର ଅନୁଚ୍ଛେଦ 4.3.5 ରେ ଦର୍ଶାଯାଇଛି ଯେ, କାର୍ଯ୍ୟ ଆରମ୍ଭ ପାଇଁ ବିସ୍ତୃତ ପ୍ରକଳ୍ପ ପ୍ରତିବେଦନ (ଡିପିଆର୍) ପ୍ରସ୍ତୁତ ହେବା ପରେ, ପିଆଇୟୁଗୁଡ଼ିକୁ "କ୍ଷେତ୍ର ଅନୁଧ୍ୟାନ" କରିବାକୁ ପଡ଼ିବ ଏବଂ ଜମି, ଜଙ୍ଗଲ ମଞ୍ଜୁରୀ ଇତ୍ୟାଦି ହାସଲ ପାଇଁ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରିବାକୁ ପଡ଼ିବ, ଯାହାଦ୍ୱାରା ଟେଣ୍ଡର ହେବା ପୂର୍ବରୁ ରାସ୍ତା ପାଇଁ ଜମି ଉପଲବ୍ଧ ଥିବ । ଏହା ବ୍ୟତୀତ, ଓଏମ୍‌ର ଅନୁଚ୍ଛେଦ 6.2 ଅନୁଯାୟୀ, ଡିପିଆର୍ ବିଶଦ ସର୍ବେକ୍ଷଣ ଓ ଅନୁସନ୍ଧାନ, ଡିଜାଇନ୍ ଏବଂ ପ୍ରଯୁକ୍ତିବିଦ୍ୟା ଚୟନ ଉପରେ ଆଧାରିତ ହେବା ଉଚିତ୍ । ଡିପିଆର୍ ଏପରି ବିଶଦ ହେବା ଉଚିତ୍ ଯେ, ପରିମାଣ ଏବଂ ମୂଲ୍ୟ ସଠିକ୍ ଥିବ ଏବଂ କାର୍ଯ୍ୟନିର୍ବାହ ସମୟରେ କାର୍ଯ୍ୟର ପରିସର କିମ୍ବା ପରିମାଣରେ ପରିବର୍ତ୍ତନ ହେତୁ ଖର୍ଚ୍ଚ ବୃଦ୍ଧି ହେଉନଥିବ ।

ଅଡିଟ୍ ପରିଲକ୍ଷିତ କଲା ଯେ, ଗ୍ରାମ୍ୟ ଉନ୍ନୟନ ବିଭାଗ ଡିପିଆର୍ ପ୍ରସ୍ତୁତ କରିବା ପାଇଁ ଘରୋଇ ପରାମର୍ଶଦାତା ସଂସ୍ଥାଗୁଡ଼ିକୁ ନିୟୋଜିତ କରିଥିଲା ଏବଂ ରାଜ୍ୟରେ ପିଏମ୍‌ଜିଏସ୍‌ୱାଇ-III ଅଧୀନରେ 1,549 ଟି ଡିପିଆର୍ ପ୍ରସ୍ତୁତି ପାଇଁ 14.03 କୋଟି ଟଙ୍କା ଖର୍ଚ୍ଚ କରିଥିଲା । ଏଥିରେ ସାତଟି ନମୁନା ଜିଲ୍ଲାର 506 ଟି ପ୍ରକଳ୍ପ ପାଇଁ ଡିପିଆର୍ ଅନ୍ତର୍ଭୁକ୍ତ ଥିଲା, ଯେଉଁଥିପାଇଁ ଘରୋଇ ପରାମର୍ଶଦାତା ସଂସ୍ଥାଗୁଡ଼ିକୁ 2.33 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଘରୋଇ ପରାମର୍ଶଦାତା ସଂସ୍ଥାଗୁଡ଼ିକର ନିୟୋଜନ ସତ୍ତ୍ୱେ କ୍ଷେତ୍ର ଅନୁଧ୍ୟାନ ଆଧାରରେ ଉପଯୁକ୍ତ ସର୍ବେକ୍ଷଣ ଏବଂ ଅନୁସନ୍ଧାନ ଦ୍ୱାରା ଡିପିଆର୍ ପ୍ରସ୍ତୁତ କରାଯାଇନଥିଲା । ପରିଣାମସ୍ୱରୂପ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରକଳ୍ପଗୁଡ଼ିକୁ ପରିତ୍ୟାଗ/ ବନ୍ଦ କରିବାକୁ ପଡ଼ିଥିଲା, ଯାହା ନିମ୍ନରେ ଆଲୋଚିତ ହୋଇଛି:

### *3.2.4.1 ଅପଚୟ ବ୍ୟୟ*

- ବିଦ୍ୟମାନ ରାସ୍ତାର ଉନ୍ନତିକରଣ ଏବଂ ସେତୁ ନିର୍ମାଣ ପାଇଁ 21 ଟି ସଡ଼କ ପ୍ରକଳ୍ପକୁ ମଇ 2018 ରୁ

---

66 କ୍ଷେତ୍ର ଅନୁଧ୍ୟାନ ସ୍ପଷ୍ଟ କରେ ଯେ ପିଆଇୟୁ ଉପଯୁକ୍ତ ସଂଯୋଜନ ନିର୍ଣ୍ଣୟ କରିବା ଓ ଜମି ଉପଲବ୍ଧତା (ଜଙ୍ଗଲ ଜମି ସହିତ) ସମସ୍ୟା ସମାଧାନ କରିବା ପାଇଁ ଗ୍ରାମ ପଞ୍ଚାୟତର କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ସଂପ୍ରଦାୟ ସହିତ ପରାମର୍ଶ କରିବେ ।

67 28.85 କୋଟି ଟଙ୍କା = 48.08 କୋଟି ଟଙ୍କା (11 ପ୍ରକଳ୍ପର ଅନୁମୋଦିତ ବ୍ୟୟ) ର 60 ପ୍ରତିଶତ ।

ସେପ୍ଟେମ୍ବର 2022 ମଧ୍ୟରେ 103.20 କୋଟି ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟାଦେଶ ଦିଆଯାଇଥିଲା, ଯାହା ମଇ 2019 ରୁ ଫେବୃୟାରୀ 2024 ମଧ୍ୟରେ ସମ୍ପୂର୍ଣ୍ଣ ହେବାକୁ ଥିଲା । ଏହି 21 ଟି ପ୍ରକଳ୍ପ ମଧ୍ୟରୁ 10 ଟି ରେ ବାଧ୍ୟତାମୂଳକ ଜଙ୍ଗଲ ମଞ୍ଜୁରୀ ନ ମିଳିବାରୁ ଠିକାଦାରମାନେ ପ୍ରକଳ୍ପ କାର୍ଯ୍ୟକୁ ବନ୍ଦ କରିଦେଇଥିଲେ । ସଂପୃକ୍ତ ପିଆଇୟୁ ଗୁଡ଼ିକ ରାସ୍ତା ସମନ୍ୱୟ ସମ୍ପର୍କିତ ସଠିକ୍ ସର୍ବେକ୍ଷଣ କରିନଥିଲେ ଏବଂ ଡିପିଆର୍ ପ୍ରସ୍ତୁତି ଓ କାର୍ଯ୍ୟାଦେଶ ପ୍ରଦାନ ପୂର୍ବରୁ ଜଙ୍ଗଲ ଅନୁମତି ନେଇନଥିଲେ । ଫଳସ୍ୱରୂପ, ଚୁକ୍ତିନାମା ମୂଲ୍ୟ 42.47 କୋଟି ଟଙ୍କା ଥିବା ସତ୍ତ୍ୱେ କେବଳ 16.89 କୋଟି ଟଙ୍କା (39.77 ପ୍ରତିଶତ) ମୂଲ୍ୟର କାର୍ଯ୍ୟ ନିଷ୍ପାଦନ ପରେ ପିଏମ୍‌ଜିଏସ୍‌ୱାଇର ମୁଖ୍ୟ ଯନ୍ତ୍ରୀଙ୍କ ଦ୍ୱାରା ପ୍ରକଳ୍ପଗୁଡ଼ିକୁ ଫେବୃଆରୀ 2023 ରେ ବନ୍ଦ କରାଯାଇଥିଲା ।




*ଚିତ୍ର 3.2.1: ହାତୀନାଳ ଉପରେ ଉଚ୍ଚ ସ୍ତରୀୟ ସେତୁ*

- ଅଗଷ୍ଟ 2013 ରୁ ସେପ୍ଟେମ୍ବର 2022 ମଧ୍ୟରେ 11 ଟି ପ୍ରକଳ୍ପ 60.73 କୋଟି ଟଙ୍କା ବ୍ୟୟରେ ମଞ୍ଜୁରୀ ପାଇଥିଲା ଏବଂ ସେଗୁଡ଼ିକର ନିର୍ଦ୍ଧାରିତ ସମାପନ ତାରିଖ ମଇ 2014 ରୁ ଡିସେମ୍ବର 2023 ମଧ୍ୟରେ ଥିଲା । ବିଦ୍ୟମାନ ରାସ୍ତାଗୁଡ଼ିକୁ ପ୍ରଶସ୍ତ କରିବା କିମ୍ବା ରାସ୍ତା ସଂଯୋଗ ପ୍ରଦାନ ପାଇଁ ନିର୍ଦ୍ଦିଷ୍ଟ ଲିଙ୍କ୍ ନିର୍ମାଣ କରିବାରେ ବ୍ୟକ୍ତିଗତ ଜମି ଅଧିଗ୍ରହଣ ନ ହେବାରୁ 11 ଟି ପ୍ରକଳ୍ପର କାର୍ଯ୍ୟନିର୍ବାହ ଅଧାପନ୍ତରିଆ ଅବସ୍ଥାରେ ବନ୍ଦ କରାଯାଇଥିଲା । ସମ୍ପୃକ୍ତ ପିଆଇଓମାନେ ତିନୋଟି ପ୍ରକଳ୍ପ ପାଇଁ ଆବଶ୍ୟକ 1.58 ଏକର[68] ଜମି ଅଧିଗ୍ରହଣ କରିନଥିଲେ ଏବଂ ଆଠଟି ପ୍ରକଳ୍ପର ମାମଲାରେ ସମ୍ପୃକ୍ତ ତହସିଲଦାରମାନଙ୍କ ଦ୍ୱାରା ଜମିର ସୀମା ନିର୍ଦ୍ଧାରଣ ମାର୍ଚ୍ଚ 2025 ପର୍ଯ୍ୟନ୍ତ କରାଯାଇନଥିଲା । ଜମି ନ ମିଳିବାରୁ ଏହି ପ୍ରକଳ୍ପଗୁଡ଼ିକୁ ଚୁକ୍ତିମୂଲ୍ୟ 60.73 କୋଟି ଟଙ୍କା ମଧ୍ୟରୁ 31.63 କୋଟି ଟଙ୍କା (52 ପ୍ରତିଶତ) ବ୍ୟୟ କଲାପରେ ଅଧାରେ ବନ୍ଦ କରିଦିଆଗଲା । ଏହାର ଏକ ଉଦାହରଣ ହେଉଛି ଆର୍‌ଡବ୍ଲ୍ୟୁ ଡିଭିଜନ୍, ଭୁବନେଶ୍ୱର ଅଧୀନରେ ଗୋଡ଼ିଝର ଭାୟା ତୋରାସିଂହ, ଭଙ୍ଗପଡ଼ା, ହରିଚନ୍ଦନପୁର ରାସ୍ତାର 2.650 କିଲୋମିଟର ଠାରେ ହାତୀ ନାଳ ଉପରେ ଉଚ୍ଚ ସ୍ତରୀୟ ସେତୁ କାର୍ଯ୍ୟ, ଯାହାର ***ଚିତ୍ର 3.2.1*** ରେ ଦର୍ଶାଯାଇଛି । ଏହି କାର୍ଯ୍ୟ 5.52 କୋଟି ଟଙ୍କା ବ୍ୟୟରେ ଏକ ଠିକାଦାରଙ୍କୁ ନ୍ୟସ୍ତ କରାଯାଇଥିଲା (ଡିସେମ୍ବର 2021) ଏବଂ ଡିସେମ୍ବର 2022 ମଧ୍ୟରେ ସମାପ୍ତ ହେବାକୁ ଥିଲା । କିନ୍ତୁ, 0.21 ଏକର ଜମି ଅଧିଗ୍ରହଣ ନ ହେବାରୁ ମଇ 2023 ରେ କାର୍ଯ୍ୟ ବନ୍ଦ କରାଯାଇଥିଲା । ମୁଖ୍ୟ ଯନ୍ତ୍ରୀମାନଙ୍କର କମିଟି ପ୍ରକଳ୍ପ ବନ୍ଦ ପ୍ରସ୍ତାବକୁ ମଞ୍ଜୁର କରିଥିଲେ (ଫେବୃଆରୀ 2024), ଯେତେବେଳେ କି ମାର୍ଚ୍ଚ 2023 ପର୍ଯ୍ୟନ୍ତ 3.02 କୋଟି ଟଙ୍କା ବ୍ୟୟ ହୋଇସାରିଥିଲା । ଏହିପରି 3.02 କୋଟି ଟଙ୍କାର ବ୍ୟୟ ଅପଚୟକର ହେଲା ।

  ମାର୍ଚ୍ଚ 2025 ରେ ବିଭାଗୀୟ ଅଧିକାରୀ ସହିତ କରାଯାଇଥିବା ମିଳିତ ସରଜମିନ ତଦନ୍ତ ସମୟରେ ଅଡିଟ୍ ଦେଖିଥିଲା ଯେ କେବଳ ଦୁଇଟି ସ୍ଥାନରେ ଷ୍ଟେନିଙ୍ଗ[69] କାର୍ଯ୍ୟ ସମ୍ପନ୍ନ ହୋଇଥିଲା, କିନ୍ତୁ ମାର୍ଚ୍ଚ 2024 ପର୍ଯ୍ୟନ୍ତ ସେତୁଟି ଅଧା ଅବସ୍ଥାରେ ପଡ଼ିରହିଥିଲା ।

ଏହିପରି, ଯଥୋଚିତ କ୍ଷେତ୍ର ଅନୁଧ୍ୟାନ ନ କରି ଡିପିଆର୍ ପ୍ରସ୍ତୁତି କରାଯିବା, ଜଙ୍ଗଲ ନିକାଶ ଗ୍ରହଣ ନ କରିବା କିମ୍ବା କାର୍ଯ୍ୟ ମଞ୍ଜୁରୀ ପୂର୍ବରୁ ଆବଶ୍ୟକ ଘରୋଇ ଜମିର ଉପଲବ୍ଧତା ସୁନିଶ୍ଚିତ ନ କରିବା ଫଳରେ ପ୍ରକଳ୍ପଗୁଡ଼ିକର କାର୍ଯ୍ୟନିର୍ବାହ ବିଫଳ ହୋଇଥିଲା । ଫଳତଃ 48.52 କୋଟି ଟଙ୍କା[70] ଅପଚୟ ବ୍ୟୟ ହୋଇଥିଲା, ଯଦ୍ୱାରା 2.04 ଲକ୍ଷ ହିତାଧିକାରୀ ଉନ୍ନତ ସବୁଦିନିଆ ସଡ଼କ ସୁବିଧାରୁ ବଞ୍ଚିତ ହୋଇଥିଲେ ।

ବିଭାଗ ବ୍ୟକ୍ତ କଲା (ସେପ୍ଟେମ୍ବର 2025) ଯେ ଜଙ୍ଗଲ ଜମି ସଂପୃକ୍ତ ଥିବା ଓ ପ୍ରଶସ୍ତୀକରଣ ପାଇଁ ଜମି

---

[68] ଓଆର୍-05-364: 0.72 ଏକର + ଓଆର୍-05-357: 0.65 ଏକର + ଓଆର୍-18-190: 0.21 ଏକର = 1.58 ଏକର

[69] ଏକ ସେତୁ ନିର୍ମାଣରେ ଷ୍ଟେନିଂ ପ୍ରଶସ୍ତି କଂକ୍ରିଟ୍ କିମ୍ବା ପକ୍କା ଇମାରତ୍ କାନ୍ଥକୁ ବୁଝାଏ ଯାହା ଏକ କୂଅ ଭିତ୍ତିଭୂମିର ମୁଖ୍ୟ ଅଂଶ ଗଠନ କରେ

[70] 16.89 କୋଟି ଟଙ୍କା + 31.63 କୋଟି ଟଙ୍କା = 48.52 କୋଟି ଟଙ୍କା

ଅଧିଗ୍ରହଣ ନ ହେବାରୁ ରାସ୍ତାଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ନିର୍ବାହିତ ହୋଇପାରିଲା ନାହିଁ । ରାସ୍ତାର କିଛି ଅଂଶ ସମ୍ପୂର୍ଣ୍ଣ ହୋଇଥିବାରୁ ନିକଟସ୍ଥ ଗ୍ରାମବାସୀ ଲାଭାନ୍ୱିତ ହୋଇଥିଲେ । ଏହି ଉତ୍ତର ଗ୍ରହଣଯୋଗ୍ୟ ନୁହେଁ, କାରଣ କାର୍ଯ୍ୟ ମଞ୍ଜୁରୀ ପୂର୍ବରୁ ଜମିର ଉପଲବ୍ଧତା ସୁନିଶ୍ଚିତ କରାଯାଇନଥିବାରୁ ସଡ଼କ କାର୍ଯ୍ୟଗୁଡ଼ିକ ପରିତ୍ୟାଗ କରାଯାଇଥିଲା, ଯାହା ଗ୍ରାମୀଣ ଲୋକଙ୍କୁ ଉନ୍ନତ ସବୁଦିନିଆ ରାସ୍ତାର ସୁବିଧା ପ୍ରଦାନ କରିବା ଉଦ୍ଦେଶ୍ୟକୁ ବିଫଳ କରିଥିଲା ।

### *3.2.4.2 ନିଷ୍କ୍ରିୟ ବ୍ୟୟ*

ଅଡିଟ୍ ପରିଲକ୍ଷିତ କଲା ଯେ ଅଯଥାର୍ଥ କ୍ଷେତ୍ର ଅନୁଧ୍ୟାନ, ଜମି ଅଧିଗ୍ରହଣରେ ବିଳମ୍ବ ଏବଂ ଡିପିଆର୍ ପ୍ରସ୍ତୁତି ପୂର୍ବରୁ ସର୍ବେକ୍ଷଣ ହୋଇପାରି ନଥିବାରୁ ସେତୁ ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ । ଫଳସ୍ୱରୂପ, ଅଭିଳକ୍ଷିତ ସୁବିଧା/ଲାଭ ପ୍ରଦାନ ନକରି ବ୍ୟାପକ ଧନରାଶି ନିଷ୍କ୍ରିୟ ରହିଗଲା । ଏପରି ଦୁଇଟି ଘଟଣା ନିମ୍ନରେ ଆଲୋଚିତ ହୋଇଛି :

***(i)*** ନୟାଗଡ଼ ଜିଲ୍ଲାର ମାରେଇକଣା (କଣ୍ଟିଲୋ) ନିକଟରେ କୁଆଁରିଆ ନଦୀ ଉପରେ ଏକ ସେତୁ ନିର୍ମାଣ କାର୍ଯ୍ୟ (ସେପ୍ଟେମ୍ବର 2022) ପାଇଁ 11.21 କୋଟି ଟଙ୍କା ମଞ୍ଜୁର ହୋଇଥିଲା ଯାହା ମାର୍ଚ୍ଚ 2024 ମଧ୍ୟରେ ଶେଷ ହେବାକୁ ଥିଲା । ସେତୁର ପ୍ରବେଶ ପଥ ପାଇଁ 0.74 ଏକର ଘରୋଇ ଜମି ଅଧିଗ୍ରହଣ ନହେବାରୁ ଠିକାଦାର ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟ ଶେଷ କରିପାରିଲେ ନାହିଁ । ମାର୍ଚ୍ଚ 2025 ପର୍ଯ୍ୟନ୍ତ 7.50 କୋଟି ଟଙ୍କା ବ୍ୟୟ ହୋଇଥିବା ସତ୍ତ୍ୱେ ସେତୁଟି ଅଧା ଅବସ୍ଥାରେ ପଡ଼ିଥିଲା ।



**ଚିତ୍ର 3.2.2: କୁଆଁରିଆ ନଦୀ ଉପରେ ପାର୍ଶ୍ୱ ସଂଲଗ୍ନ ରାସ୍ତା ବିନା ସେତୁ (ତାରିଖ: 23 ଡିସେମ୍ବର 2024)**

ପ୍ରକଳ୍ପର ମିଳିତ ସରଜମିନ ତଦନ୍ତ (ଡିସେମ୍ବର 2024) ସମୟରେ ଅଡିଟ୍ ଦେଖିଥିଲା ଯେ ପ୍ରବେଶ ପଥ ସମ୍ବନ୍ଧୀୟ କାର୍ଯ୍ୟ ସେପର୍ଯ୍ୟନ୍ତ ଆରମ୍ଭ ହୋଇନଥିଲା ଏବଂ ସେତୁଟି ଅସମ୍ପୂର୍ଣ୍ଣ ଥିଲା, ଯଦ୍ୱାରା 7.50 କୋଟି ଟଙ୍କାର ନିଷ୍କ୍ରିୟ ବ୍ୟୟ ଘଟିଥିଲା, ଯାହା ***ଚିତ୍ର 3.2.2*** ରେ ଦର୍ଶାଯାଇଛି ।

ବିଭାଗ କହିଥିଲା (ସେପ୍ଟେମ୍ବର 2025) ଯେ 0.74 ଏକର ଜମି ସିଧାସଳଖ କ୍ରୟ କରି ମାର୍ଚ୍ଚ 2026 ମଧ୍ୟରେ କାମ ସମାପ୍ତ କରାଯିବ ।



ଚିତ୍ର **3.2.3:** ଆମଲିଯାଠାରେ ଏଚ୍ଏଲ୍, ଆର୍‌ଡି ରାସ୍ତା ଉପରେ ଏଚଚଏଲ୍ ସେତୁ (ତାରିଖ: **15** ଜାନୁଆରୀ **2025**)

***(ii)*** ନୟାଗଡ଼ ଜିଲ୍ଲାର ବୃତଙ୍ଗ ନଦୀ ଉପରେ ଏକ ଉଚ୍ଚ ସ୍ତରୀୟ ସେତୁ ନିର୍ମାଣ କାର୍ଯ୍ୟ ସେପ୍ଟେମ୍ବର 2024 ସୁଦ୍ଧା ଶେଷ କରିବା ପାଇଁ 5.50 କୋଟି ଟଙ୍କାରେ ଏକ ଠିକାଦାରଙ୍କୁ ଦିଆଯାଇଥିଲା (ସେପ୍ଟେମ୍ବର 2023)। ଯାଞ୍ଚ ସମୟରେ (ଏପ୍ରିଲ୍ 2024), ସିସିଇ, ସିଆର୍‌ଡବ୍ଲ୍ୟୁସି, ଭୁବନେଶ୍ୱର ଜଣାଇଥିଲେ ଯେ, ସେତୁର ଉଭୟ ପାର୍ଶ୍ୱରେ ପ୍ରବେଶ ପଥର ତୀକ୍ଷ୍ଣ ବୁଲାଣି ରହିଛି । ଫଳସ୍ୱରୂପ 20 ମିଟର ତଳକୁ ସିଧାକରଣ ଅଧିକ ଉପଯୁକ୍ତ ମନେ ହୋଇଥିଲା । ତେଣୁ, ସେତୁ ସିଧାକରଣକୁ ସେହି ଅନୁସାରେ ତଳ ଆଡ଼କୁ ସ୍ଥାନାନ୍ତରିତ କରାଯାଇଥିଲା । ଭୁବନେଶ୍ୱର ଆର୍‌ଡବ୍ଲ୍ୟୁ ମଣ୍ଡଳର ମୁଖ୍ୟ ଯନ୍ତ୍ରୀଙ୍କ ସୁପାରିଶ (ଜୁନ୍ 2024) କ୍ରମେ ଡିଜାଇନର ସାଧାରଣ ବ୍ୟବସ୍ଥା (ଜିଏଡି) ପରିବର୍ତ୍ତନ କରାଯାଇଥିଲା ।

ଅଡିଟ୍ ପରିଲକ୍ଷିତ କଲା ଯେ ଏହି ପ୍ରକଳ୍ପଟି ନଦୀ ଉପରେ ସେତୁ ନିର୍ମାଣ ସମ୍ବନ୍ଧୀୟ ଥିବାରୁ ଡିପିଆର୍ ପ୍ରସ୍ତୁତି ପୂର୍ବରୁ ନିର୍ମାଣ ସ୍ଥଳର ଯଥାଯଥ ସର୍ବେକ୍ଷଣ ସହିତ ମୃତ୍ତିକା ପରୀକ୍ଷଣ ତଥ୍ୟ ଏବଂ ନଦୀର ପ୍ରବାହ ଧାରା, ବନ୍ୟା ସମତଳ ଏବଂ କ୍ଷୟ ଅଞ୍ଚଳକୁ ଧ୍ୟାନରେ ରଖି ଜଳ ବିଜ୍ଞାନ ସର୍ବେକ୍ଷଣ କରାଯିବା ଆବଶ୍ୟକ ଥିଲା । କିନ୍ତୁ, ଏହା କରାଯାଇ ନଥିବାରୁ କାର୍ଯ୍ୟନିର୍ବାହ ସମୟରେ ଜିଏଡି ପରିବର୍ତ୍ତନ କରିବାକୁ ପଡ଼ିଲା ।

ସେପ୍ଟେମ୍ବର 2023 ରେ ସେତୁ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିବା ସତ୍ତ୍ୱେ, ମିଳିତ ସରଜମିନ ତଦନ୍ତରେ (ଜାନୁଆରୀ 2025) ଦେଖାଯାଇଥିଲା ଯେ, 16 ମାସ ପରେ ମୂଳଭିତ୍ତି କାର୍ଯ୍ୟ ସେହି ସମୟରେ ଆରମ୍ଭ ହୋଇଥିଲା । ସେତୁର ନିର୍ମାଣ କାର୍ଯ୍ୟ ସମାପ୍ତ ନହେବାରୁ ଜାତୀୟ ରାଜପଥ -57 ରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ଗ୍ରାମୀଣ ଅଞ୍ଚଳକୁ ରାସ୍ତା ସଂଯୋଗ ସ୍ଥାପିତ ହୋଇପାରି ନଥିଲା । ତଥାପି, ସମୀପବର୍ତ୍ତୀ ରାସ୍ତାର ଏକ ଅଂଶ 1.89 କୋଟି ଟଙ୍କା ବ୍ୟୟରେ ସମାପ୍ତ ହୋଇଥିଲା ।

ଏହିପରି ଭାବେ, କାର୍ଯ୍ୟ ମଞ୍ଜୁରୀ ପୂର୍ବରୁ ଜମି ଅଧିଗ୍ରହଣ ନ ହେବା, ଯଥାଯଥ ସର୍ବେକ୍ଷଣର ଅଭାବ, ଡିପିଆରରେ ତ୍ରୁଟି ଇତ୍ୟାଦି କାରଣରୁ ପ୍ରକଳ୍ପଗୁଡିକ ଅଧୁରା ରହିଥିବାବେଳେ 9.39 କୋଟି ଟଙ୍କାର[71] ନିଷ୍କ୍ରିୟ ବ୍ୟୟ ଘଟିଥିଲା ।

ବିଭାଗ ବ୍ୟକ୍ତ କଲା (ସେପ୍ଟେମ୍ବର 2025) ଯେ ସେତୁ କାର୍ଯ୍ୟାନ୍ୱୟନ ସମୟରେ ବୃତଙ୍ଗ ନଦୀ ତାହାର ପଥ ପରିବର୍ତ୍ତନ କରିଥିବାରୁ ସେତୁର ଡିଜାଇନ୍ ଓ ଜିଏଡି ପରିବର୍ତ୍ତନ କରିବାକୁ ପଡିଲା । ଏହି ଉତ୍ତର ଗ୍ରହଣଯୋଗ୍ୟ ନୁହେଁ, କାରଣ ଓପିଡବ୍ଲୁଡି କୋଡ୍ ଏବଂ ପିଏମଜିଏସୱାଇ-III ମାର୍ଗଦର୍ଶିକା ଅନୁଯାୟୀ ଜିଏଡି ନିର୍ଦ୍ଧାରଣ ପାଇଁ କ୍ଷେତ୍ର ଅନୁଧ୍ୟାନ ସହିତ ନଦୀ ବ୍ୟବହାରର ବିଶଦ ଜଳବିଜ୍ଞାନ ସର୍ବେକ୍ଷଣ କରାଯାଇ ଡିପିଆର୍ ଠିକ୍ ଭାବରେ ପ୍ରସ୍ତୁତ କରାଯାଇନଥିଲା ।

### *3.2.4.3 ବ୍ୟୟ ବୃଦ୍ଧି*

ଅଡିଟ୍ ଦେଖିଥିଲା ଯେ ଅକ୍ଟୋବର 2017 ରୁ ନଭେମ୍ବର 2021 ମଧ୍ୟରେ ସାତଟି ପ୍ରଭାଗର 13ଟି ପ୍ରକଳ୍ପକୁ ମୋଟ ଚୁକ୍ତି ମୂଲ୍ୟ 68.03 କୋଟି ଟଙ୍କାରେ ଠିକା ଦିଆଯାଇଥିଲା । ଏହି ପ୍ରକଳ୍ପଗୁଡିକ ଜୁଲାଇ 2018 ରୁ ଏପ୍ରିଲ 2023 ମଧ୍ୟରେ ଶେଷ ହେବାକୁ ଥିଲା । କିନ୍ତୁ କାର୍ଯ୍ୟ ପରିସର ପରିବର୍ତ୍ତନ, ସଂଶୋଧିତ ଡିଜାଇନ୍ (ଜିଏଡି), ଅତିରିକ୍ତ ବିଷୟବସ୍ତୁ ଇତ୍ୟାଦି କାରଣରୁ କାର୍ଯ୍ୟନିର୍ବାହ ସମୟରେ ବଡ ପରିବର୍ତ୍ତନ ଘଟିଥିଲା । ଫଳସ୍ୱରୂପ, ପ୍ରକୃତ ବ୍ୟୟ 68.03 କୋଟି ଟଙ୍କାରୁ ବଢି 111.56 କୋଟି ଟଙ୍କାକୁ ପହଞ୍ଚି ଥିଲା, ଯାହା ଫଳରେ 43.33 କୋଟି ଟଙ୍କାର ବିଚଳନ ଘଟିଥିଲା । ଏହି ବ୍ୟତିକ୍ରମଗୁଡିକ ପ୍ରକଳ୍ପୱାରୀ ଠିକା ମୂଲ୍ୟର 32.16 ପ୍ରତିଶତରୁ 181.18 ପ୍ରତିଶତ ପର୍ଯ୍ୟନ୍ତ ଥିଲା ଏବଂ ମୁଖ୍ୟତଃ ଡିପିଆର୍ ପ୍ରସ୍ତୁତି ପୂର୍ବରୁ ନିକୃଷ୍ଟ ସର୍ବେକ୍ଷଣ ଓ ତଦନ୍ତ ହେତୁ ଘଟିଥିଲା । ଯଦିଓ ଏହି ବିଚଳନଗୁଡିକ ପରବର୍ତ୍ତୀ ସମୟରେ ସରକାରଙ୍କ ଦ୍ୱାରା ମଞ୍ଜୁରୀ ପାଇଥିଲା, ତଥାପି 43.53 କୋଟି ଟଙ୍କାର ବ୍ୟୟ ବୃଦ୍ଧି ଘଟିଥିଲା ।

ସେପ୍ଟେମ୍ବର 2025 ପର୍ଯ୍ୟନ୍ତ 12 ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିଲା ଏବଂ ଗୋଟିଏ ପ୍ରକଳ୍ପର ସେଯାବତ୍ କାମ ଚାଲୁଥିଲା । ଏପରି ବ୍ୟୟ ଅତିକ୍ରମଣ ଘଟଣାର କିଛି ଦୃଷ୍ଟାନ୍ତ ନିମ୍ନରେ ଦିଆଯାଇଛି ।

- ମାଲକାନାଗିରି ଜିଲ୍ଲାର ପ୍ୟାକେଜ୍ ନମ୍ବର "ଓଆର୍-20-404-ଏଲ୍ବି-47" ଅନ୍ତର୍ଗତ ରାସ୍ତା ଏବଂ ଜଳ ନିଷ୍କାସନ ନାଳ ଉନ୍ନତି କାର୍ଯ୍ୟରେ 1,289.92 ଲକ୍ଷ ଟଙ୍କାର ଚୁକ୍ତି ମୂଲ୍ୟ ଥିଲାବେଳେ 2,726.66 ଲକ୍ଷ ଟଙ୍କା ବ୍ୟୟ କରି କାର୍ଯ୍ୟ ସମାପ୍ତ କରାଯାଇଥିଲା । ଏହା ଫଳରେ 1,436.74 ଲକ୍ଷ ଟଙ୍କାର ଅଧିକ ବିଚଳନ ହୋଇଥିଲା, ଯାହା ଚୁକ୍ତି ମୂଲ୍ୟର 111.38 ପ୍ରତିଶତ ଉର୍ଦ୍ଧ୍ୱରେ ଥିଲା । କାର୍ଯ୍ୟନିର୍ବାହ ସମୟରେ, କାର୍ଯ୍ୟର ପରିସର ପରିବର୍ତ୍ତନ, ଅର୍ଥାତ୍ ଚୁକ୍ତିରେ ଥିବା 700 ମିଟର ଦୈର୍ଘ୍ୟ ପରିବର୍ତ୍ତେ 5,300 ମିଟର ଅବରୋଧ ପ୍ରାଚୀର ନିର୍ମାଣ କରାଯିବାରୁ ଅତିରିକ୍ତ ବ୍ୟୟ ଘଟିଥିଲା । କାର୍ଯ୍ୟସ୍ଥଳର ସ୍ଥିତିକୁ ଦେଖାଇ ଅବରୋଧ ପ୍ରାଚୀରର ଲମ୍ବ ବଢାଯାଇଥିଲା । ଏହା ଦର୍ଶାଏ ଯେ ଆକଳନ ପ୍ରସ୍ତୁତି ପୂର୍ବରୁ କ୍ଷେତ୍ର ଅନୁଧ୍ୟାନ ମାଧ୍ୟମରେ ବିସ୍ତୃତ ସର୍ବେକ୍ଷଣ କରାଯାଇନଥିଲା ।

- ମାଲକାନଗିରି ଜିଲ୍ଲାର ପ୍ୟାକେଜ ନମ୍ବର. "OR-20-319-LB-22" କାର୍ଯ୍ୟ (ସେପ୍ଟେମ୍ବର 2022) ରେ 139.66 ଲକ୍ଷ ଟଙ୍କାର ଚୁକ୍ତି ମୂଲ୍ୟ ପରିବର୍ତ୍ତେ 392.71 ଲକ୍ଷ ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ କରାଯାଇଥିଲା, ଯାହା ଫଳରେ 253.05 ଲକ୍ଷ ଟଙ୍କାର ନେଟ୍ ଅତିରିକ୍ତ ବିଚଳନ ଘଟିଥିଲା, ଯାହା ଚୁକ୍ତିମୂଲ୍ୟର 181.18 ପ୍ରତିଶତ ଅଧିକ ଥିଲା । ଏହି ବିଚଳନର କାରଣ ଥିଲା ଜିଏଡି ପରିବର୍ତ୍ତନ ପରେ

[71] 7.50 କୋଟି ଟଙ୍କା + 1.89 କୋଟି ଟଙ୍କା = 9.39 କୋଟି ଟଙ୍କା

ସେତୁର ଲମ୍ବ 40 ମିଟରରୁ 70 ମିଟରକୁ ବୃଦ୍ଧି କରିବା । ଏପରି ବ୍ୟାପକ ବିଚଳନରୁ ଜଣାପଡେ ଯେ ପ୍ରକଳ୍ପର ଆକଳନ ଓ ଡିପିଆର ଚୂଡାନ୍ତ କରିବା ପୂର୍ବରୁ କ୍ଷେତ୍ର ଅନୁଧ୍ୟାନ ମାଧ୍ୟମରେ ପର୍ଯ୍ୟାପ୍ତ ସର୍ବେକ୍ଷଣ କରାଯାଇନଥିଲା ।

ବିଭାଗ ବ୍ୟକ୍ତ କଲା (ସେପ୍ଟେମ୍ବର 2025) ଯେ ବ୍ୟୟ ଅତିକ୍ରମଣ ମୁଖ୍ୟତଃ ନିର୍ମିତ ରାସ୍ତାକୁ ସୁରକ୍ଷା ପ୍ରଦାନ ପାଇଁ ସୁରକ୍ଷା କାର୍ଯ୍ୟରେ ବୃଦ୍ଧି, ସେତୁର ଡିଜାଇନ୍ ପରିବର୍ତ୍ତନ ଏବଂ କାର୍ଯ୍ୟର ପରିସର ପରିବର୍ତ୍ତନ ହେତୁ ଘଟିଥିଲା । ଏହି ଉତ୍ତର ଗ୍ରହଣଯୋଗ୍ୟ ନୁହେଁ, କାରଣ ଡିପିଆର ଗୁଡିକ କାର୍ଯ୍ୟସ୍ଥଳର ଯଥୋଚିତ ସର୍ବେକ୍ଷଣ ଓ ଅନୁସନ୍ଧାନ ବିନା ପ୍ରସ୍ତୁତ କରାଯାଇଥିଲା, ଯାହା କାର୍ଯ୍ୟନିର୍ବାହ ସମୟରେ କାର୍ଯ୍ୟର ପରିସରକୁ ପରିବର୍ତ୍ତନ କରିଥିଲା, ଯାହା ଫଳରେ 43.53 କୋଟି ଟଙ୍କାର ବ୍ୟୟ ଅତିକ୍ରମଣ ଘଟିଥିଲା ।

### *3.2.4.4 ଠିକାଦାରଙ୍କ ଲାଭ ଓ ଓଭରହେଡ୍ ଦେୟ ପାଇଁ ଅଧିକ ପ୍ରାବଧାନ*

ଦର ଅନୁସୂଚୀ (ଏସ୍‌ଓଆର୍) ପ୍ରସ୍ତୁତି ପ୍ରକ୍ରିୟାକୁ ସୁଗମ କରିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ଏନ୍‌ଆର୍‌ଆଇଡିଏର ସମୀକ୍ଷା କମିଟି ନିଷ୍ପତ୍ତି ନେଇଥିଲା (ନଭେମ୍ବର 2013) ଯେ ସୁରକ୍ଷା ଓ ଜଳ ନିଷ୍କାସନ ନାଳ କାର୍ଯ୍ୟ ସହିତ ରାସ୍ତା କାର୍ଯ୍ୟଗୁଡିକ ପାଇଁ ଠିକାଦାରଙ୍କ ଲାଭ ଏବଂ ଓଭରହେଡ୍ (ସିପିଏଣ୍ଡଓଏଚ୍) ଦେୟ 12.5 ପ୍ରତିଶତ ଦିଆଯିବ । ଏନ୍‌ଆର୍‌ଡିଏର ଏସ୍‌ଓଆର୍ ସମୀକ୍ଷା କମିଟି ସିପିଏଣ୍ଡଓଏଚ୍ ବାବଦ 12.5 ପ୍ରତିଶତ[72] ଦେବା ପାଇଁ ସବୁ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ (18 ନଭେମ୍ବର 2013) ।

ଉପରୋକ୍ତ ମାନଦଣ୍ଡର ବିଚଳନରେ, 16 ଟି ଆର୍‌ଡବ୍ଲ୍ୟୁ ମଣ୍ଡଳ[73] ଦ୍ୱାରା ନିଆଯାଇଥିବା 488 ଟି ପ୍ରକଳ୍ପର ମୂଲ୍ୟ ଆକଳନରେ ସିପିଏଣ୍ଡ୍‌ଓଏଚ୍ 15 ପ୍ରତିଶତ[74] ପ୍ରଦାନ କରାଯାଇଥିଲା । ଅଡିଟ୍ ପରିଲକ୍ଷିତ କଲା ଯେ ସିପିଏଣ୍ଡ୍‌ଓଏଚ୍ ପାଇଁ ଅନୁମତି ପ୍ରାପ୍ତ ପରିମାଣ 1,647.02 କୋଟି ଟଙ୍କା ବିପକ୍ଷରେ, 1,683.69 କୋଟି ଟଙ୍କାର ଆକଳନ ପ୍ରଦାନ କରାଯାଇଥିଲା, ଯାହା ଏହି ଆକଳନକୁ 36.67 କୋଟି ଟଙ୍କା ବୃଦ୍ଧି କରିଥିଲା ଏବଂ ମାର୍ଚ୍ଚ 2025 ସୁଦ୍ଧା ସିପିଏଣ୍ଡ୍‌ଓଏଚ୍ ବାବଦକୁ ଠିକାଦାରମାନଙ୍କୁ 32.39 କୋଟି ଟଙ୍କା ଅଧିକା ପ୍ରଦାନ କରାଯାଇଥିଲା (***ପରିଶିଷ୍ଟ 3.2.1***) ।

ବିଭାଗ ବ୍ୟକ୍ତ କଲା (ସେପ୍ଟେମ୍ବର 2025) ଯେ, ରାଜ୍ୟରେ ପିଏମ୍‌ଜିଏସ୍‌ୱାଇ କାର୍ଯ୍ୟ ଏବଂ ଅନ୍ୟାନ୍ୟ ଅଣ-ପିଏମ୍‌ଜିଏସ୍‌ୱାଇ କାର୍ଯ୍ୟ ମଧ୍ୟରେ ସମାନତା ବଜାୟ ରଖିବା ପାଇଁ ସିପିଆଣ୍ଡଓଏଚ୍‌କୁ ପିଏମ୍‌ଜିଏସ୍‌ୱାଇ କାର୍ଯ୍ୟ ପାଇଁ ଆକଳନରେ 15 ପ୍ରତିଶତ ଭାବରେ ନିଆଯାଇଥିଲା । ଅତିରିକ୍ତ 2.5 ପ୍ରତିଶତ ଓଏଚ୍‌ଏଣ୍ଡସିପି ରାଜ୍ୟ ସରକାରଙ୍କ ପାଣ୍ଠିରୁ ପୂରଣ କରାଯିବାର ଥିଲା ।

ଏହାର ଜବାବ ଯୁକ୍ତିଯୁକ୍ତ ନୁହେଁ କାରଣ ଏହି ବିଚଳନମାନ ପିଏମ୍‌ଜିଏସ୍‌ୱାଇ କାର୍ଯ୍ୟର ଡିପିଆର୍‌ରେ ମୋଟ ସିପିଏଣ୍ଡ୍‌ଓଏଚ୍ ଶୁଳ୍କ ଆକାରରେ ମାତ୍ର 12.5 ପ୍ରତିଶତ ପ୍ରଦାନ କରିବା ପାଇଁ ଏନ୍‌ଆର୍‌ଆଇଡିଏର ନିର୍ଦ୍ଦେଶର ବିରୁଦ୍ଧାଚରଣ କରିଥିଲା ।

### *3.2.4.5 ଯନ୍ତ୍ରପାତିର ଅତିରିକ୍ତ ଭଡ଼ା ଦେୟର ଗଣନା*

***(i)*** ମାର୍ଗଦର୍ଶିକା (ପିଏମ୍‌ଜିଏସ୍‌ୱାଇ-III ପାଇଁ ଡିପିଆର୍ ପ୍ରତିରୂପ) ଅନୁଯାୟୀ, ରାଜ୍ୟର ବର୍ତ୍ତମାନର ଦର ଅନୁସୂଚୀ (ଏସ୍‌ଓଆର୍) ଅନୁଯାୟୀ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ (ଏମ୍‌ଓଆର୍‌ଟିଏଚ୍) ଦ୍ୱାରା ପ୍ରଦାନ କରାଯାଇଥିବା ବିନିର୍ଦ୍ଦେଶ ଅନୁଯାୟୀ ଡିପିଆର୍ ପ୍ରସ୍ତୁତ କରାଯିବା ଉଚିତ୍ ।

ଅଡିଟ୍ ଅବଲୋକନ କଲା ଯେ ସିସିଇ, ଆରଡବ୍ଲ୍ୟୁ ମଣ୍ଡଳ, ବ୍ରହ୍ମପୁର 49.56 କୋଟି ଟଙ୍କାର 14 ଟି ପ୍ରକଳ୍ପର ଆକଳନକୁ ବୈଷୟିକ ମଞ୍ଜୁରୀ ପ୍ରଦାନ କରିଥିଲେ । ଏହି ଆକଳନରେ 16,367.15 ଘନ ମିଟର (କ୍ୟୁଏମ୍) ପିଚୁ ଗେଟି ରାସ୍ତା ନିର୍ମାଣ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା । ଯେପରି ଦର ଅନୁସୂଚୀ 2014 ରେ ଉଲ୍ଲେଖ

[72] ଠିକାଦାରଙ୍କ ଲାଭ: 10 ପ୍ରତିଶତ ଏବଂ ଓଭରହେଡ୍ ଚାର୍ଜ: 2.5 ପ୍ରତିଶତ

[73] 15 ନମୁନା ଆରଡବ୍ଲ୍ୟୁ ଡିଭିଜନ ଏବଂ ଆରଡବ୍ଲ୍ୟୁ ଡିଭିଜନ, ଭୁବନେଶ୍ୱର (ପୂର୍ବ ଅନୁପାଳନ ଅଡିଟ୍ ଅଧିନରେ ଅନ୍ତର୍ଭୁକ୍ତ)

[74] ଠିକାଦାରଙ୍କ ଲାଭ: 7.5 ପ୍ରତିଶତ ଏବଂ ଓଭରହେଡ୍ ଚାର୍ଜ: 7.5 ପ୍ରତିଶତ

କରାଯାଇଥିଲା, ଆକଳନରେ ପିଚୁଗେଟିର ଦର, ଉତ୍ତପ୍ତ ମିଶ୍ରଣ କାରଖାନାର (ଏଚ୍ଏମ୍ପି) ଭଡ଼ା ଯଥା ଘଣ୍ଟା ପ୍ରତି 40-60 ଟନ୍ ହାରରେ 9,710.43 ଟଙ୍କା ହିସାବରେ ରଖାଯାଇଥିଲା ଯାହା ପ୍ରକୃତରେ 6,217.39 ଟଙ୍କା ହେବା କଥା । ଆହୁରି ମଧ୍ୟ ଦେଖାଗଲା ଯେ ସେ କାରଖାନା ପରିଚାଳନା ପାଇଁ ତିନି ଘଣ୍ଟା ଅବଧି ପରିବର୍ତ୍ତେ 225 ଟନ୍ ଉତ୍ପାଦନ ପାଇଁ ପିଚୁ ଏବଂ ଗେଟି ମିଶ୍ରଣ ନିମନ୍ତେ ଛଅ ଘଣ୍ଟା ଅବଧି ବିଚାର କରାଯାଇଥିଲା । ତେବେ, ଏହି ସମୟ ଯାହା 14 ଟି ପ୍ରକଳ୍ପରେ ଆବଶ୍ୟକ 450 ଟନ୍ ଉତ୍ପାଦନ ପାଇଁ ଉଦ୍ଦିଷ୍ଟ ଥିଲା ଏବଂ 225 ଟନ୍ ପାଇଁ ନୁହେଁ । ଏଚ୍ଏମ୍ପିର ଅତିରିକ୍ତ ଭଡ଼ା ଶୁଳ୍କ ସହିତ ଦର ଗ୍ରହଣ କରିବା ଦ୍ୱାରା କାର୍ଯ୍ୟର ଆନୁମାନିକ ମୂଲ୍ୟ ଘନ ମିଟର ପିଛା 237.49[75] ଟଙ୍କା ବୃଦ୍ଧି ପାଇଥିଲା ।

ତେଣୁ, ଏଚ୍ଏମ୍ପିର ଅତିରିକ୍ତ ଭଡ଼ା ଶୁଳ୍କର ଗଣତି ଆକଳନକୁ ବୃଦ୍ଧି କରିଥିଲା ଏବଂ ନିଲାମଧାରୀଙ୍କ ଦ୍ୱାରା ଡକାଯାଇଥିବା ଦରକୁ ବିଚାରକୁ ନେଇ 15,446.61 କ୍ୟୁଏମ୍ ପିଚୁଗେଟି ରାସ୍ତା ନିର୍ବାହନ କରିବା ପାଇଁ 32.36[76] ଲକ୍ଷ ଟଙ୍କାର ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।

ବିଭାଗ କହିଥିଲା (ସେପ୍ଟେମ୍ବର 2025) ଯେ ମେସିନର ନାମକରଣ ଭୁଲ୍ ଭାବରେ ଟାଇପ୍ କରାଯାଇଛି କିନ୍ତୁ ଆକଳନ ପ୍ରସ୍ତୁତ କରିବାରେ ସଠିକ୍ ଭଡ଼ା ଦେୟ ଉପରେ ବିଚାର କରାଯାଇଛି ।

ଏହାର ଉତ୍ତର ଗ୍ରହଣୀୟ ନୁହେଁ କାରଣ ବ୍ୟାଚ୍ ମିଶ୍ରଣ କାରଖାନା 100-120 ଟନ୍ ପ୍ରତି ଘଣ୍ଟା '75 ଟନ୍ / ଘଣ୍ଟା' ହାରରେ 9,710.43/6 ଘଣ୍ଟାରେ 450 ଟନ୍ ଉତ୍ପାଦନ ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ଏହି କାର୍ଯ୍ୟରେ ବ୍ୟବହୃତ 225 ଟନ୍ ପାଇଁ ନୁହେଁ ।

***(ii)*** ଆରଡବ୍ଲ୍ୟୁ ନିମାପଡ଼ା ଡ଼ିଭିଜନ୍ ଅଧିନରେ ଥିବା (ପିକେ ରୋଡ଼, ଜୁନେଇରୁ ଏରବଙ୍ଗା, ଗୋପ ବ୍ଲକ୍) ପ୍ୟାକେଜ୍ ସଂଖ୍ୟା ଓଆର-26-352 କୁ 11.33 କୋଟି ଟଙ୍କା ପ୍ରଦାନ କରାଯାଇଥିଲା (ନଭେମ୍ବର 2021), ଯାହା ଅନୁରୂପ ଆକଳନ ମୂଲ୍ୟ 15.11 କୋଟି ଟଙ୍କା ଠାରୁ 24.99 ପ୍ରତିଶତ କମ୍ ଥିଲା ।

ଏହି କାର୍ଯ୍ୟଗୁଡ଼ିକ ମଧ୍ୟରେ, 10.34 କୋଟି ଟଙ୍କା (ପ୍ରତି ବର୍ଗ ମିଟର 1,769.62 ଟଙ୍କା ଦରରେ) 80 ମିଲିମିଟର ମୋଟେଇର 58,394.97 ବର୍ଗମିଟର ପେଭର ବ୍ଲକ୍ ଯୋଗାଣ ଏବଂ ବିଛାଇବା ପାଇଁ ବ୍ୟବସ୍ଥା କରାଯାଇଥିଲା । ଅଡିଟ୍ ଦେଖିଲା ଯେ ଉକ୍ତ ଦ୍ରବ୍ୟର ଆକଳନ ମୂଲ୍ୟ ଭୁବନେଶ୍ୱରରୁ କାର୍ଯ୍ୟସ୍ଥଳକୁ ପେଭର ବ୍ଲକ୍ ବୋହିବା ପାଇଁ ବର୍ଗମିଟର ପିଛା 744.71 ଟଙ୍କା ହାରରେ ପରିବହନ ଖର୍ଚ୍ଚ ଅନ୍ତର୍ଭୁକ୍ତ କରି ଗଣନା କରାଯାଇଥିଲା । ଦର ଅନୁସୂଚୀ (2017) ଅନୁଯାୟୀ, ସମସ୍ତ ପ୍ରକାରର ଟାଇଲ୍ସ ପାଇଁ ପରିବହନ ଖର୍ଚ୍ଚ ପ୍ରତି ଟ୍ରକ୍ ପିଛା 180 ବର୍ଗମିଟର ଭାର ଉପରେ ଆଧାର କରି ଗଣନା କରାଯିବାକୁ ଥିଲା । ଅଡିଟ୍ ଦ୍ୱାରା ହିସାବ କରାଯାଇଥିବା ପ୍ରତି ବର୍ଗମିଟର ପିଛା 20.94 ଟଙ୍କା ବିପକ୍ଷରେ[77] ପ୍ରତି ବର୍ଗମିଟର ପିଛା 744.71 ଟଙ୍କା ଆକଳନ କରାଯାଇଥିଲା । ଫଳସ୍ୱରୂପ, ଏହି ଆକଳନ ବର୍ଗମିଟର ପିଛା 731.01 ଟଙ୍କା ବୃଦ୍ଧି ହୋଇଥିଲା[78] । ବର୍ଦ୍ଧିତ ଆକଳନକୁ ଆଧାର କରି କାର୍ଯ୍ୟ ପ୍ରଦାନ କରାଯାଇଥିଲା ଏବଂ ଠିକାଦାର ମୋଟ 61,625.55 ବର୍ଗମିଟର କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ । ତେଣୁ, ଆକଳନରେ ଉତ୍ତପ୍ତ ମିଶ୍ରଣ କାରଖାନାର ବର୍ଗମିଟର ପିଛା ଅତ୍ୟଧିକ ପରିବହନ ଭାର ଗ୍ରହଣ କରାଯିବାରୁ 3.38 କୋଟି ଟଙ୍କା ଅଧିକ ଖର୍ଚ୍ଚ ହୋଇଥିଲା ।

---

[75] ଏଚ୍ଏମ୍ପି 40-60/6 ଟିପିଏଚର ପ୍ରକୃତ ହାର =₹6,217.39; ଦର ଗଣନା = 9,710.43 ଟଙ୍କା
ଅତିରିକ୍ତ ମୂଲ୍ୟ ପ୍ରତି କ୍ୟୁଏମ୍ = (9,710.43 ଟଙ୍କା -6217.39 ଟଙ୍କା) *6 = 20,958.24 ଟଙ୍କା + 15 ପ୍ରତିଶତ ସିପିଏଣ୍ଡସିଏଚ୍ = 24,101.98 ଟଙ୍କା + 1 ପ୍ରତିଶତ ସେସ୍ = 24,343.00; ଟଙ୍କା ପ୍ରତି କ୍ୟୁଏମ୍ =24,343.00 ଟଙ୍କା /102.5 = 237.49 ଟଙ୍କା ପ୍ରତି କ୍ୟୁଏମ୍

[76] ସମୁଦାୟ କାର୍ଯ୍ୟକାରୀ ହୋଇଥିବା ପରିମାଣ = 15,446.61 ଘନ ମିଟର, ପ୍ରଦାନ କରାଯାଇଥିବା ଅତିରିକ୍ତ ଦର = 237.49 ଟଙ୍କା / ପ୍ରତି ଘନ ମିଟର
ମୋଟ ଅତିରିକ୍ତ ଖର୍ଚ୍ଚ = 15,446.61*237.49 = 36,68,415.41 ଟଙ୍କା ଏବଂ ଟେଣ୍ଡର ପରେ ଦର = 32,35,611.91 ଟଙ୍କା.

[77] ଭୁବନେଶ୍ୱରରୁ 82 କିମି ଦୂରତାରେ ଥିବା କାର୍ଯ୍ୟସ୍ଥଳକୁ ଲିଡ ଚାର୍ଜ = 3,770.01 ଟଙ୍କା, 180 ବର୍ଗମିଟର ପେଭର ବ୍ଲକ୍ ବହନ । ତେଣୁ, ପ୍ରତି ବର୍ଗମିଟର ସୀସା ଶୁଳ୍କ = 3,770.01 ଟଙ୍କା / 180 = 20.94 ଟଙ୍କା(ଏସ୍ଓଆର୍, 2014)

[78] 744.71 ଟଙ୍କା -20.94 ଟଙ୍କା =723.77 ଟଙ୍କା +1ପ୍ରତିଶତ ସେସ୍=731.01 ଟଙ୍କା

ବିଭାଗ ପକ୍ଷରୁ କୁହାଗଲା (ସେପ୍ଟେମ୍ବର 2025) ଯେ, ଦର ଅନୁସୂଚୀ ଏବଂ ଦର ବିଶ୍ଳେଷଣରେ ପେଭର ବ୍ଲକର କୌଣସି ଅନୁମୋଦିତ ଦର କିମ୍ବା ପରିବହନ ମୂଲ୍ୟ ନାହିଁ । ଯାହାହେଉ, ଏହି ଆକଳନକୁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ କରାଯାଇଥିଲା ।

ଏହି ଉତ୍ତରଟି ଯୁକ୍ତିଯୁକ୍ତ ନୁହେଁ, କାରଣ ନୟାଗଡ଼ର ଆର୍‌ଡବ୍ଲ୍ୟୁ ପ୍ରଭାଗ ସହିତ ଜଡ଼ିତ ଅନ୍ୟ ଏକ କାର୍ଯ୍ୟ କ୍ଷେତ୍ରରେ, ବିଭାଗ ନିଜେ ଏସ୍‌ଓଆର୍ ଅନୁଯାୟୀ ବର୍ଗ ମିଟର ହାରରେ ପେଭର ବ୍ଲକ୍ ପାଇଁ ପରିବହନ ମୂଲ୍ୟ ସଠିକ୍ ଭାବରେ ଆକଳନ କରିଥିଲା ।

### *3.2.4.6 ବୈଷୟିକ ବିନିର୍ଦ୍ଦେଶରୁ ବିଚଳନ ହେତୁ ଅତିରିକ୍ତ ବ୍ୟୟ*

ଭାରତୀୟ ସଡ଼କ କଂଗ୍ରେସ (ଆଇଆରସି) ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ (ଏମଓଆର୍‌ଡି) ଦ୍ୱାରା ବିହିତ ବୈଷୟିକ ବିନିର୍ଦ୍ଦେଶ ଅନୁଯାୟୀ, ପିଏମ୍‌ଜିଏସ୍‌ୱାଇ ଅଧୀନରେ ଗ୍ରାମାଞ୍ଚଳ ରାସ୍ତା ପାଇଁ ପକ୍କା ଅଂଶର ନକ୍ସା ଡିଜାଇନ୍ ଏବଂ ଚୟନ, ଟ୍ରାଫିକ୍ ବର୍ଗ, ମୃତ୍ତିକାର ବୈଶିଷ୍ଟ୍ୟ ଏବଂ ବ୍ୟୟ ପ୍ରଭାବଶୀଳତା ଉପରେ ଆଧାରିତ ହେବା ଉଚିତ୍ । ଆଇଆର୍‌ସି: ଏସପି: 72-2015 ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ସଂକେତଗୁଡ଼ିକ ସ୍ଥାୟିତ୍ୱ, ମିତବ୍ୟୟିତା ଏବଂ ସ୍ଥାନୀୟ ଅବସ୍ଥା ପାଇଁ ଉପଯୁକ୍ତତା ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ବର୍ଗର ଗ୍ରାମୀଣ ରାସ୍ତା ପାଇଁ ଗ୍ରହଣ କରାଯିବାକୁ ଥିବା ଭୂପୃଷ୍ଠ ଏବଂ ଉପ-ଆଧାର ପାଇଁ ସ୍ୱଷ୍ଟ ମାର୍ଗଦର୍ଶିକା ପ୍ରଦାନ କରେ ।

ବିଭିନ୍ନ ଡିଭିଜନରେ ପିଏମ୍‌ଜିଏସ୍‌ୱାଇ ଅଧୀନରେ ନିର୍ବାହିତ ହୋଇଥିବା ସଡ଼କ କାର୍ଯ୍ୟର ଅଡିଟ୍ ସମୀକ୍ଷାରୁ ବିହିତ ବୈଷୟିକ ମାନକ ଏବଂ ନକ୍ସା ବ୍ୟବସ୍ଥାରେ ବିଚଳନର ଦୃଷ୍ଟାନ୍ତମାନ ଦୃଷ୍ଟିଗୋଚର ହୋଇଥିଲା ଯଦ୍ୱାରା ଅତିରିକ୍ତ ଏବଂ ପରିହାର୍ଯ୍ୟ ବ୍ୟୟ ହୋଇଥିଲା । ଏହିପରି ଦୁଇଟି ମାମଲା ନିମ୍ନରେ ଆଲୋଚନା କରାଯାଇଛି:

**(i)** ଆଇଆର୍‌ସି: ଏସ୍‌ପି: 72-2015 ସୁପାରିଶ କଲା ଯେ ସମସ୍ତ ଟ୍ରାଫିକ୍ ବର୍ଗ (T1 ରୁ T5[79]) ରେ ରାସ୍ତା ପାଇଁ ସର୍ଫେସ୍ ଡ୍ରେସିଂ (ଏସ୍‌ଡି) ପିଚୁରେ ହେବା ଉଚିତ୍ ।

ଅଡିଟରୁ ଜଣାପଡ଼ିଛି ଯେ ପିଏମ୍‌ଜିଏସ୍‌ୱାଇ ଅଧୀନରେ ଛଅଟି ପ୍ରଭାଗରେ ଟି1 ରୁ ଟି5 ଟ୍ରାଫିକ୍ ବର୍ଗ ଥିବା 30 ଟି ରାସ୍ତା କାର୍ଯ୍ୟ ରାସ୍ତାର ସବ୍-ଗ୍ରେଡ୍[80] ଉପରେ ନିର୍ମାଣ କରାଯାଇଥିଲା । ଏସ୍‌ଡିର ଆବଶ୍ୟକତା ପରିବର୍ତ୍ତେ, ଆକଳନରେ 5.28 ଲକ୍ଷ ବର୍ଗ ମିଟରର ଏକ ଉଚ୍ଚ ମୂଲ୍ୟର 20 ମିଲିମିଟର ଓପେନ୍ ଗ୍ରେଡ଼େଡ଼ ପ୍ରିମିକ୍ସ କାର୍ପେଟ(ଓଜିପିସି)କୁ ନିବୁଜ ଆସ୍ତରଣ ପରିଧାନ୍ୟ/ ପୃଷ୍ଠ ବିଷୟବସ୍ତୁ ଭାବରେ ପ୍ରଦାନ କରାଯାଇଥିଲା । ଏସ୍‌ଡି ସ୍ଥାନରେ ଉପରୋକ୍ତ କାର୍ଯ୍ୟରେ ଓଜିପିସିର ବ୍ୟବସ୍ଥା ଆକଳନକୁ ବୃଦ୍ଧି କରିଥିଲା ଏବଂ 4.54 ଲକ୍ଷ ବର୍ଗମିଟରର ନିର୍ବାହିତ ପରିମାଣ ଉପରେ 1.59 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ହୋଇଥିଲା, ଯାହାର ବିଶଦ ବିବରଣୀ ***ପରିଶିଷ୍ଟ 3.2.2*** ରେ ଦର୍ଶାଯାଇଅଛି ।

ସରକାର କହିଥିଲେ (ସେପ୍ଟେମ୍ବର 2025) ଯେ ରାସ୍ତାର ସମସ୍ତ ନକ୍ସା ରାଜ୍ୟ ବୈଷୟିକ ସଂସ୍ଥା (ଏସ୍‌ଟିଏ) ଏବଂ ଏମ୍‌ଓଆର୍‌ଡି, ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା । ଅଧିକନ୍ତୁ, ଗ୍ରାମାଞ୍ଚଳରେ କାର୍ଯ୍ୟନିର୍ବାହ ପାଇଁ ଏସ୍‌ଡିର ବ୍ୟବସ୍ଥା ଉପଯୁକ୍ତ ନୁହେଁ ।

ଏହି ଉତ୍ତର ଯୁକ୍ତିଯୁକ୍ତ ନୁହେଁ କାରଣ ଆଇଆର୍‌ସି: ଏସ୍‌ପି: 72-2015 ସୁପାରିଶ କରିଛି ଯେ ଟି1 ରୁ ଟି5 ଟ୍ରାଫିକ୍ ବର୍ଗର ସମସ୍ତ କ୍ଷେତ୍ରରେ ଏସ୍‌ଡି ପିଚୁ ପୃଷ୍ଠକୁ ପ୍ରାଥମିକତା ଦିଆଯିବା ଉଚିତ୍ । ପୁନଶ୍ଚ, ଏନଆର୍‌ଆଇଡିଏ, ଏମ୍‌ଓଆର୍‌ଡି, ଭାରତ ସରକାର କହିଥିଲେ (ମଇ 2022) ଯେ ସ୍ୱଳ୍ପ ଆୟତନର ଗ୍ରାମୀଣ ରାସ୍ତାଗୁଡ଼ିକ ସାଧାରଣତଃ ଓଜିପିସି ସହିତ ପୃଷ୍ଠକରଣ କରାଯାଇଥିଲା, ଯାହା ଜଳ-ସମ୍ବେଦନଶୀଳ । ଆଧୁନିକ ଯାନ୍ତ୍ରିକ ଏସ୍‌ଡି, ଏକ ଅଭିନବ ଜ୍ଞାନକୌଶଳ ହୋଇଥିବାରୁ ଭୂପୃଷ୍ଠ ଜଳନିରୋଧକତା ବୃଦ୍ଧି କରିଥାଏ ଏବଂ ଓଜିପିସି ତୁଳନାରେ କ୍ରୟ ମୂଲ୍ୟରୁ ଅଧିକ ଫାଇଦା ଦେଇଥାଏ ।

[79] ପେଭମେଣ୍ଟ ଇଞ୍ଜିନିୟରିଂ ପାଇଁ ସମକକ୍ଷ ସିଙ୍ଗଲ୍ ଏକ୍ସିଲ୍ ଲୋଡ୍ (ଇଏସଏଏଲ୍) ଆପ୍ଲିକେସନ୍ ଉପରେ ଆଧାରିତ ଟ୍ରାଫିକ୍ ବର୍ଗୀକରଣ, ଯାହା ଟ୍ରାଫିକ୍ ଭାରକୁ ମାନକକୁ ରୂପାନ୍ତରିତ କରେ

[80] ରାସ୍ତା ସଂରଚନାର ମୂଳଦୁଆ ସ୍ତର ଉପରେ

**(ii)** ଆଇଆର୍‌ସି ନିର୍ଦ୍ଦିଷ୍ଟତା (37-2001) ଅନୁଯାୟୀ, 1 ରୁ 10 ନିୟୁତ ଷ୍ଟାଣ୍ଡାର୍ଡ ଆକ୍ସଲ୍ (ଏମ୍‌ଏସ୍‌ଏ) ପର୍ଯ୍ୟନ୍ତ ଯାତାୟତ ଥିବା ରାସ୍ତା ପାଇଁ ନମନୀୟ ପକ୍କା ଅଂଶ ନକ୍ସାକୃତ କରାଯିବା ଉଚିତ୍, ଯାହା ସ୍ୱଳ୍ପ ଯାତାୟତ ରାସ୍ତା ଭାବରେ ବିବେଚନା କରାଯାଏ । ଅଧିକନ୍ତୁ, ଆଇଆର୍‌ସି 15-2002 କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ମାନକ ବିନିର୍ଦ୍ଦେଶ ଏବଂ ଅଭ୍ୟାସ ସଂହିତା ବିହିତ କରେ । ଉପରୋକ୍ତ ବିନିର୍ଦ୍ଦେଶର ଅନୁଚ୍ଛେଦ 6.2.1 ଅନୁଯାୟୀ ଉପ-ଆଧାର ଦାନାଯୁକ୍ତ ପଦାର୍ଥ କିମ୍ବା ଅର୍ଦ୍ଧ ଦୃଢ଼ ପଦାର୍ଥର ସ୍ଥିର ମାଟିରେ ଗଠିତ ହୋଇପାରେ । ଅର୍ଦ୍ଧ-ଦୃଢ଼ ପଦାର୍ଥଗୁଡ଼ିକ ହେଉଛି ଚୂନ ପୋଡ଼ା ମାଟି କଂକ୍ରିଟ୍, ଚୂନ ଫ୍ଲାଏଆସ୍ କଂକ୍ରିଟ୍ ଏବଂ ଶୁଖିଲା ପତଳା କଂକ୍ରିଟ୍ (ଡିଏଲ୍‌ସି) । ତଥାପି, ବିଶେଷତଃ ଉଚ୍ଚ ତୀବ୍ରତା ଯାତାୟତ ଥିବା ଆଧୁନିକ କଂକ୍ରିଟ୍ ପକ୍କାଅଂଶ ପାଇଁ ଡିଏଲ୍‌ସି ଉପଆଧାରକୁ ସାଧାରଣତଃ ସୁପାରିଶ କରାଯାଏ ।

ଅଡିଟ୍ ଅବଲୋକନ କଲା ଯେ ଅନୁଗୁଳର ଆରଡବ୍ଲ୍ୟୁ ଡିଭିଜନ ଅଧୀନରେ ନିର୍ବାହିତ ହୋଇଥିବା ଆଠଟି ରାସ୍ତାରେ ଦୈନିକ ଚଳାଚଳ କରୁଥିବା ବାଣିଜ୍ୟିକ ଯାନ (ସିଭିପିଡି) ସଂଖ୍ୟା ହାରାହାରି 41 ରୁ 242 ମଧ୍ୟରେ ଥିଲା, ଯାହା ତିନି ଦିନର ଯାତାୟତ ଏବଂ ରାସ୍ତାର ପରିକଳ୍ପିତ ଆୟୁ ତୁଳନାରେ 6 ପ୍ରତିଶତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି । ଗଣନା ଅନୁଯାୟୀ ଆନୁମାନିକ ଯାତାୟତ 0.31 ରୁ 1.66 ଏମ୍‌ଏସ୍‌ଏ ମଧ୍ୟରେ ରହିବ ବୋଲି ଆଶା କରାଯାଉଥିଲା । ତେଣୁ, ଆଇଆରସି ବିନିର୍ଦ୍ଦେଶ ଅନୁଯାୟୀ ଏପରି ସ୍ୱଳ୍ପ ଯାତାୟତ ରାସ୍ତାରେ ଡିଏଲ୍‌ସି ବ୍ୟବସ୍ଥାର କୌଣସି ଆବଶ୍ୟକତା ନଥିଲା । ଉପରୋକ୍ତ ନିୟମ ବ୍ୟବସ୍ଥାର ଉଲ୍ଲଂଘନ କରି 56.94 କିଲୋମିଟରରୁ ଅଧିକ ରାସ୍ତା ପାଇଁ 1,110.01 ଘନ ମିଟର ଡିଏଲ୍‌ସି କାର୍ଯ୍ୟ ସହିତ ସମଗ୍ର ରାସ୍ତା ଦୈର୍ଘ୍ୟ ପାଇଁ 100 ମିଲିମିଟର ଡିଏଲ୍‌ସି ପାଇଁ ଆକଳନ/ ଚୁକ୍ତିନାମା ପ୍ରଦାନ କରାଯାଇଛି । ଏତଦ୍ୱାରା 54.77 ଲକ୍ଷ ଟଙ୍କା (ଟେଣ୍ଡର ପ୍ରିମିୟମ ସମେତ)ର ପରିହାର୍ଯ୍ୟ ବ୍ୟୟ ହୋଇଥିଲା, ଯାହା ***ପରିଶିଷ୍ଟ 3.2.3*** ରେ ଦର୍ଶାଯାଇଛି ।

ବିଭାଗ ବ୍ୟକ୍ତ କଲା (ସେପ୍ଟେମ୍ବର 2025) ଯେ, ପିଏମ୍‌ଜିଏସ୍‌ୱାଇ ଯୋଜନା ଅଧିନରେ ଥିବା ସମସ୍ତ ଆକଳନ ଏସ୍‌ଟିଏ ଦ୍ୱାରା ବୈଷୟିକ ଯାଞ୍ଚ କରାଯାଇଥିଲା ଏବଂ ଏମ୍‌ଓଆର୍‌ଡି, ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା । ତେଣୁ, ସ୍ୱଳ୍ପ ଆୟତନ ବିଶିଷ୍ଟ ରାସ୍ତାରେ ଡିଏଲ୍‌ସି ଯୋଗାଇ ନିୟମ ବ୍ୟବସ୍ଥାର କୌଣସି ଉଲ୍ଲଂଘନ ହୋଇନାହିଁ ।

ଏହି ଉତ୍ତର ଯୁକ୍ତିଯୁକ୍ତ ନୁହେଁ କାରଣ ଆଇଆରସି ଅନୁଯାୟୀ, ଆଧୁନିକ କଂକ୍ରିଟ୍ ପକ୍କାଅଂଶ ପାଇଁ ଡିଏଲ୍‌ସି ଉପଆଧାର ସୁପାରିଶ କରାଯାଇଛି, ବିଶେଷକରି କେବଳ ଉଚ୍ଚ ତୀବ୍ରତା ଯାତାୟତ ଥିବା ରାସ୍ତାରେ । ଅଧିକନ୍ତୁ, ଆକଳନରେ ଆଇଆରସି ବିନିର୍ଦ୍ଦେଶ ଅନୁସାରେ ପକ୍କାଅଂଶ ନକ୍ସା ଅନୁଯାୟୀ 150 ମିଲିମିଟର ମୋଟେଇ ସହିତ 18,727.36 ଘନ ମିଟର ଉପଆଧାର (ଜିଏସ୍‌ବି/ ଗୋଡ଼ି) ପ୍ରଦାନ କରାଯାଇଥିଲା । ତେବେ, ବ୍ୟବସ୍ଥାର ଉଲ୍ଲଂଘନ କରି, ସ୍ୱଳ୍ପ ଆୟତନ ବିଶିଷ୍ଟ ରାସ୍ତାରେ ଡିଏଲ୍‌ସି ପାଇଁ ଆକଳନ/ ଚୁକ୍ତିନାମା ପ୍ରଦାନ କରାଯାଇଥିଲା, ଯାହାଫଳରେ ପରିହାର୍ଯ୍ୟ ବ୍ୟୟ ହୋଇଥିଲା ।

### *3.2.4.7 ପିଏମ୍‌ଜିଏସ୍‌ୱାଇ ମାର୍ଗଦର୍ଶିକା ନ ମାନି ମାଟି ପରିବହନ ପାଇଁ ଅବାଞ୍ଛିତ ପରିବହନ ଭାର ଲାଗୁ*

ପିଏମ୍‌ଜିଏସ୍‌ୱାଇ-III ମାର୍ଗଦର୍ଶିକାର ଅନୁଚ୍ଛେଦ 9.2 ରେ କୁହାଯାଉଛି ଯେ କଳା ମଟାଳ ମାଟି/ କ୍ଷାରୀୟ ମୃତ୍ତିକା କିମ୍ବା ରାସ୍ତାର ଏକ ଅଂଶ ଏକ ଗାଁ ଦେଇ ଯାଇଥିବା ସ୍ଥାନକୁ ଛାଡ଼ି ମୃତ୍ତିକା ପରିବହନ ପାଇଁ କୌଣସି ପରିବହନ ଭାର ଦେବାକୁ ପଡ଼ିବ ନାହିଁ । ଆହୁରି, ଏନ୍‌ଆର୍‌ଆଇଡିଏ ଦ୍ୱାରା ବିହିତ ପିଏମ୍‌ଜିଏସ୍‌ୱାଇ କାର୍ଯ୍ୟର ଡିପିଆରର ସଂରୂପରେ ବିନିର୍ଦ୍ଦିଷ୍ଟ କରାଯାଇଛି ଯେ ଉପଲବ୍ଧ ମାଟି, ବନ୍ଧ ନିର୍ମାଣ ପାଇଁ ଉପଯୁକ୍ତ ନୁହେଁ ବୋଲି ପ୍ରମାଣିତ ହେବା ପରେ ହିଁ ପରିବହନ ଭାର ଗ୍ରାହ୍ୟ ହେବ ।

ଅଡିଟ୍ ନିରୀକ୍ଷଣ କଲା ଯେ, 11 ଟି ପ୍ରଭାଗରେ 107 ଟି ରାସ୍ତା କାର୍ଯ୍ୟକୁ 452.45 କୋଟି ଟଙ୍କାର ବୈଷୟିକ ମଞ୍ଜୁରୀ ଦିଆଯାଇଥିଲା । ଫେବୃଆରୀ 2021 ରୁ ଡିସେମ୍ବର 2022 ମଧ୍ୟରେ ଏହି କାର୍ଯ୍ୟଗୁଡ଼ିକ ପାଇଁ 419.93 କୋଟି ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା ଏବଂ ପ୍ରଭାଗ ଗୁଡ଼ିକ ମାର୍ଚ୍ଚ 2025 ସୁଦ୍ଧା 358.59 କୋଟି ଟଙ୍କା ସେହି କାର୍ଯ୍ୟଗୁଡ଼ିକ ବାବଦରେ ଖର୍ଚ୍ଚ କରିଥିଲେ । ଏହି ନିର୍ମାଣ କାର୍ଯ୍ୟଗୁଡ଼ିକ ଅନ୍ୟାନ୍ୟ କାମ ମଧ୍ୟରେ ବନ୍ଧ ନିର୍ମାଣ ପାଇଁ ମାଟି ଖାଲରୁ ମାଟି କାଢିବା ସହିତ 23.66 ଲକ୍ଷ ଘନ ମିଟର ମାଟି କାମର ବ୍ୟବସ୍ଥା ରଖିଥିଲା ଯେଉଁଥି ପାଇଁ ପରିବହନ ଭାରର ବ୍ୟବସ୍ଥା ଥିଲା । ତେବେ, ସମ୍ପୃକ୍ତ କାର୍ଯ୍ୟର ଡିପିଆର୍‌ରେ ମଟାଳ ମାଟି, କ୍ଷାରୀୟ

ମାଟି କିମ୍ବା ରାସ୍ତା କଡ଼ରେ କୌଣସି ଗ୍ରାମାଞ୍ଚଳର ବିଦ୍ୟମାନତା ବିଷୟରେ ଉଲ୍ଲେଖ କରାଯାଇ ନାହିଁ, ଯାହା ପରିବହନଭାର ନିମନ୍ତେ ଏକମାତ୍ର ସର୍ତ୍ତ ଥିଲା । ଡିପିଆର୍‌ରେ ଏହା ମଧ୍ୟ ଉଲ୍ଲେଖ କରାଯାଇ ନାହିଁ ଯେ ବିଦ୍ୟମାନ ମାଟି, ବନ୍ଧ ନିର୍ମାଣ ପାଇଁ ଉପଯୁକ୍ତ ନୁହେଁ । ଏହା ସତ୍ତ୍ୱେ, ସମସ୍ତ 107 ଟି ରାସ୍ତା କାର୍ଯ୍ୟର ଆକଳନରେ ପରିବହନ ପାଇଁ ବ୍ୟବସ୍ଥା କରାଯାଇଥିଲା ଯାହା ବନ୍ଧରେ ବ୍ୟବହାର ପାଇଁ ଏକ ଋଣ ଗର୍ତ୍ତରୁ ରାସ୍ତା ଆଲାଇନମେଣ୍ଟକୁ ମାଟି ପରିବହନ କରିବାକୁ ଅନୁମତି ଦେଇଥିଲା । ବିନା ଆବଶ୍ୟକତାରେ ଆକଳନରେ ପରିବହନ ଭାରକୁ ଅନ୍ତର୍ଭୁକ୍ତ କରିବା ଦ୍ୱାରା ଦ୍ରବ୍ୟ ଦର ଘନ ମିଟର ପିଛା 87.92 ଟଙ୍କାରୁ 113.54 ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଲା ।

ଏଣୁ, ପରିବହନ ଭାରର ଅବାଞ୍ଛିତ ସାମିଲ୍ ଯୋଗୁଁ କାର୍ଯ୍ୟ ମୂଲ୍ୟ 21.66 କୋଟି ଟଙ୍କା ବୃଦ୍ଧି ପାଇଲା, ଯଦ୍ୱାରା 18.87 ଲକ୍ଷ ଘନମିଟର ମାଟି କାର୍ଯ୍ୟ ପାଇଁ 15.90 କୋଟି ଟଙ୍କାର ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ ଘଟିଲା ଯାହାର ବିଶଦ ବିବରଣୀ ***ପରିଶିଷ୍ଟ 3.2.4*** ରେ ଦର୍ଶାଯାଇଛି ।

ବିଭାଗ ବ୍ୟକ୍ତ କଲା (ସେପ୍ଟେମ୍ବର 2025) ଯେ, ଆଡ଼ିବନ୍ଧର ପାଦ ଦେଶ ନିକଟରେ ଖନନ କରିବା ଦ୍ୱାରା ବନ୍ଧ ସ୍ଥିରତା ହରାଇଥାନ୍ତା । ଏହା ବ୍ୟତୀତ, ପାର୍ଶ୍ୱ ଢାଲୁ ବିଫଳ ହେବା ଏବଂ ନିକଟରେ ଉପଯୁକ୍ତ ମାଟି ଅଭାବରୁ ଏହି କାର୍ଯ୍ୟ ପାଇଁ ପରିବହନ ଭାର ଯୋଗାଇ ଦିଆଯାଇଥିଲା ।

ଏହାର ଉତ୍ତର ଯୁକ୍ତିଯୁକ୍ତ ନୁହେଁ, କାରଣ ଡିପିଆର୍‌ରେ ନିକଟବର୍ତ୍ତୀ ଅଞ୍ଚଳରେ ଅନୁପଯୁକ୍ତ ମାଟି କିମ୍ବା ଦୂରବର୍ତ୍ତୀ ଖୋଲା ଗାତରୁ ମାଟି ଆଣିବାର କୌଣସି ଆବଶ୍ୟକତା ବିଷୟରେ ଉଲ୍ଲେଖ କରାଯାଇ ନାହିଁ ।

### *3.2.4.8 ସଡ଼କ ନିର୍ମାଣରେ ଫ୍ଲାଏ ଆସ୍‌ର ବ୍ୟବହାରକୁ ମୂଲ୍ୟ ଆକଳନରେ ବିଚାରକୁ ନିଆ ନଯିବା*

ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ବିଜ୍ଞପ୍ତି (ଜାନୁଆରୀ 2016) ସହିତ ଏନ୍‌ଆର୍‌ଆଇଡିଏର ନିର୍ଦ୍ଦେଶନାମା (ଅଗଷ୍ଟ 2016) ଅନୁଯାୟୀ, ତିନିଶହ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଥିବା କୋଇଲା କିମ୍ବା ଲିଗ୍‌ନାଇଟ୍ ଆଧାରିତ ତାପଜ ବିଦ୍ୟୁତ୍ କେନ୍ଦ୍ର, ପିଏମ୍‌ଜିଏସ୍‌ୱାଇ ଏବଂ ସରକାରଙ୍କର ସମ୍ପତ୍ତି ସୃଷ୍ଟି କାର୍ଯ୍ୟକ୍ରମ ଯେଉଁଥିରେ କୋଠା, ରାସ୍ତା, ଡ୍ୟାମ୍ ଏବଂ ବନ୍ଧ ନିର୍ମାଣ ଅନ୍ତର୍ଭୁକ୍ତ, ରାସ୍ତା ନିର୍ମାଣ ପ୍ରକଳ୍ପ ସ୍ଥଳକୁ ଫ୍ଲାଏ ଆସ୍ ପରିବହନର ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବେ । ପୁନଶ୍ଚ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଜାରି ବିଜ୍ଞପ୍ତିର ଧାରା 4.1 ରେ ସ୍ୱଷ୍ଟ କରାଯାଇଛି ଯେ, ପାଉଁଶ କ୍ଷୟକୁ ରୋକିବା ଲାଗି ପାଉଁଶ ଆଡ଼ିବନ୍ଧର ପାର୍ଶ୍ୱ ଏବଂ ଉପର ଭାଗରେ ଉପଯୁକ୍ତ ମାଟି ଦ୍ୱାରା ଆଚ୍ଛାଦିତ କରାଯିବା ଉଚିତ୍ ।

ଆଇଆର୍‌ସି:ଏସପି: 62:2014 ନିର୍ଦ୍ଦିଷ୍ଟ କରେ ଯେ ରାସ୍ତା ଏବଂ ସେତୁ ନିର୍ମାଣରେ ସିମେଣ୍ଟର ଆଂଶିକ ପ୍ରତିସ୍ଥାପନ ଭାବରେ 30 ପ୍ରତିଶତ ପର୍ଯ୍ୟନ୍ତ ଫ୍ଲାଏ ଆସ୍ ବ୍ୟବହାର କରାଯାଇପାରିବ । ଅଡିଟ୍ ଅବଲୋକନ କଲା ଯେ ଫେବୃଆରୀ 2021 ରୁ ଡିସେମ୍ବର 2021 ମଧ୍ୟରେ ସାତୋଟି ଆରଡବ୍ଲ୍ୟୁ ପ୍ରଭାଗରେ ନିଆଯାଇଥିବା 60ଟି ସଡକ ପ୍ରକଳ୍ପରେ, ସିମେଣ୍ଟ କଂକ୍ରିଟ୍ ପକ୍କା ଅଂଶର ଦ୍ରବ୍ୟ ଦର ସାଧାରଣ ପୋର୍ଟଲ୍ୟାଣ୍ଡ ସିମେଣ୍ଟ (ଓପିସି) ବ୍ୟବହାର କରି ହାସଲ କରାଯାଇଥିଲା, କିନ୍ତୁ ଏଥିରେ ଫ୍ଲାଏ ଆସ୍ ଉପାଦାନକୁ ଅନ୍ତର୍ଭୁକ୍ତ କରାଯାଇନଥିଲା । କାର୍ଯ୍ୟଗୁଡିକୁ 215.92 କୋଟି ଟଙ୍କାର ବୈଷୟିକ ମଞ୍ଜୁରୀ ଦିଆଯାଇଥିଲା ଏବଂ 192.65 କୋଟି ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲା । ତେବେ, ଫ୍ଲାଏ ଆସ୍‌ର ବ୍ୟବହାର ଏବଂ ଓପିସିର ବ୍ୟବହାରକୁ 70 ପ୍ରତିଶତରେ ସୀମିତ ରଖିବା ପାଇଁ ନିୟମାବଳୀ ବିଶେଷିତ କରିଥିବା ବେଳେ 100 ପ୍ରତିଶତ ଓପିସି ସିମେଣ୍ଟ (42,604.92 ଘନ ମିଟର) ଏବଂ ଶୂନ୍ୟ ଫ୍ଲାଏ ଆସ୍‌କୁ ନେଇ ଗଣନା କରି ଏହି ଦର ହାସଲ କରାଯାଇଥିଲା ।

ତେଣୁ ନିର୍ଦ୍ଦେଶାବଳୀ ଅନୁଯାୟୀ ଓପିସି ସିମେଣ୍ଟ ସହିତ 30 ପ୍ରତିଶତ ଫ୍ଲାଏ ଆସ୍ ବ୍ୟବହାର ନ ହେବା ଆକଳନକୁ ବୃଦ୍ଧି କରିଥିଲା ଏବଂ ସିମେଣ୍ଟ କଂକ୍ରିଟ୍ ରାସ୍ତା ପାଇଁ 42,609.10 ଘନମିଟର ନିର୍ବାହ କଲାବେଳେ 2.26 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ହୋଇଥିଲା ଯାହା ବିଶଦ ଭାବରେ ***ପରିଶିଷ୍ଟ 3.3.5*** ରେ ଦର୍ଶାଯାଇଛି ।

ବିଭାଗ ବ୍ୟକ୍ତ କଲା (ସେପ୍ଟେମ୍ବର 2025) ଯେ ଡିପିଆର୍‌ଗୁଡିକ ଏସ୍‌ଟିଏ ଦ୍ୱାରା ଯାଞ୍ଚ କରାଯାଇଥିଲା ଏବଂ ଯଥାଯଥ ସମୀକ୍ଷା ପରେ ଏନ୍‌ଆର୍‌ଆଇଡିଏ, ଭାରତ ସରକାରଙ୍କ ଦ୍ୱାରା ମଞ୍ଜୁର କରାଯାଇଥିଲା । କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଠାରୁ ସ୍ୱୀକୃତି ପାଇବା ପରେ ଅଡିଟ୍‌ର ପର୍ଯ୍ୟବେକ୍ଷଣକୁ ଏଣିକି ଅନ୍ତର୍ଭୁକ୍ତ କରାଯିବ ।

**ସୁପାରିଶ 1:**

**ବିଭାଗ ସ୍ଥାନଗୁଡିକର ପର୍ଯ୍ୟାପ୍ତ ସର୍ବେକ୍ଷଣ ଓ ଅନୁସନ୍ଧାନ କରନ୍ତୁ, ଯାହା ଆଧାରରେ ଜମି ଅଧିଗ୍ରହଣ କିମ୍ବା ଜଙ୍ଗଲ ମଞ୍ଜୁରୀର ଆବଶ୍ୟକତାକୁ ନିର୍ଦ୍ଧାରଣ କରାଯାଇ ଡିପିଆର୍‌ରେ ଅନ୍ତର୍ଭୁକ୍ତ କରାଯାଇପାରିବ ।**

**ସୁପାରିଶ 2:**

**କାର୍ଯ୍ୟରେ ସମାନତା, ଗୁଣବତ୍ତା, ବ୍ୟୟ ପ୍ରଭାବଶୀଳତା ଏବଂ ଆର୍ଥିକ ନିୟନ୍ତ୍ରଣ ସୁନିଶ୍ଚିତ କରିବା ପାଇଁ ସମସ୍ତ କ୍ଷେତ୍ରରେ ନିର୍ଦ୍ଧାରିତ ଆଇଆର୍‌ସି ମାନକ ଏବଂ ଏନ୍‌ଆର୍‌ଆଇଡିଏ ନିୟମ ଅନୁଯାୟୀ ମୂଲ୍ୟ ଆକଳନ ପ୍ରସ୍ତୁତ କରାଯିବା ଉଚିତ ।**

### 3.2.5 ଟେଣ୍ଡର ଆହ୍ୱାନ ଏବଂ ଠିକା ପ୍ରଦାନ

ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଅଧୀନରେ ଟେଣ୍ଡର ଆହ୍ୱାନ ଓ କାର୍ଯ୍ୟ ପ୍ରଦାନ ସଂପର୍କିତ ଅଡିଟ୍‌ରୁ ଜଣାପଡ଼ିଲା ଯେ ନିଲାମ ମୂଲ୍ୟାୟନ, ଗ୍ରହଣ ଏବଂ ନିର୍ଦ୍ଧାରିତ ସମୟସୀମା ପାଳନ କ୍ଷେତ୍ରରେ ତ୍ରୁଟିବିଚ୍ୟୁତି ରହିଥିଲା । ପିଏମ୍‌ଜିଏସ୍‌ୱାଇ ପରିଚାଳନା ପ୍ରକରଣ ପୁସ୍ତିକା, ମାନକ ନିଲାମ ଡକା ଦସ୍ତାବିଜ (ଏସ୍‌ବିଡି) ଏବଂ ଓପିଡବ୍ଲ୍ୟୁଡି କୋଡ୍‌ର ପ୍ରାସଙ୍ଗିକ ଧାରା ଅନେକ କ୍ଷେତ୍ରରେ ଅନୁସରଣ କରାଯାଇ ନାହିଁ ।

#### *3.2.5.1* ନିଲାମ ଡକାଳିଙ୍କ ନିଲାମ ଡକା କ୍ଷମତାର ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ

ଏନଆରଆଇଡିଏ ଦ୍ୱାରା ମାନକ ନିଲାମ ଡକା ଦସ୍ତାବିଜରେ ଥିବା ନିଲାମ ଡକାଳିଙ୍କ ପାଇଁ ଅନୁଦେଶର ଧାରା 4.6 ଅନୁଯାୟୀ, ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ନିଲାମଦାତାମାନେ କେବଳ ସେତେବେଳେ ଯୋଗ୍ୟ ହେବେ ଯଦି ନିର୍ମାଣ କାର୍ଯ୍ୟ ପାଇଁ ସେମାନଙ୍କର ଉପଲବ୍ଧ ନିଲାମ କ୍ଷମତା[81] ନିର୍ମାଣ ପରବର୍ତ୍ତୀ ରକ୍ଷଣାବେକ୍ଷଣ କାର୍ଯ୍ୟର ମୂଲ୍ୟକୁ ବାଦ୍ ଦେଇ, ମୋଟ ନିଲାମ ମୂଲ୍ୟ ସହିତ ସମାନ କିମ୍ବା ତା ଠାରୁ ଅଧିକ ହୋଇଥାଏ ।

ଅଡିଟ୍ ଅବଲୋକନ କଲା ଯେ, ଆର୍‌ଡବ୍ଲ୍ୟୁ ଡିଭିଜନ, କଟକ-1 ରେ, ଜଣେ ଠିକାଦାରଙ୍କୁ 9.39 କୋଟି ଟଙ୍କା ମୂଲ୍ୟର ଦୁଇଟି କାମ[82] ପ୍ରଦାନ କରାଯାଇଥିଲା, ଯାହାଙ୍କର ଆବଶ୍ୟକ ନିଲାମ କ୍ଷମତା ନଥିଲା । ପ୍ରଭାଗ ଦ୍ୱାରା ଠିକାଦାରଙ୍କ ନିଲାମ କ୍ଷମତା 16.53 କୋଟି ଟଙ୍କା ଆକଳନ କରାଯାଇଥିବାବେଳେ, ଅଡିଟ୍ ଦ୍ୱାରା ଏହା 3.71 କୋଟି ଟଙ୍କା ବୋଲି ମୂଲ୍ୟାୟନ କରାଯାଇଥିଲା ।

ଅଡିଟ୍ ଅବଲୋକନ କଲା ଯେ, ଡକାଳିଙ୍କ ନିଲାମ କ୍ଷମତା ମୂଲ୍ୟାୟନ କରିବା ସମୟରେ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରକୃତ ନିଲାମ କ୍ଷମତା ନିର୍ଦ୍ଧାରଣ କରିବା ପାଇଁ ଡକାଳିଙ୍କ ହାତରେ ଥିବା କାର୍ଯ୍ୟର ମୂଲ୍ୟ ଜାଣିବାକୁ ୱାମିସ୍[83] ଡାଟାବେସ୍ ଯାଞ୍ଚ କରିନଥିଲେ । ଏହା ପରିବର୍ତ୍ତେ, ପ୍ରଭାଗଗୁଡିକ ଡକାଳିଙ୍କ ଦ୍ୱାରା ନିଲାମ ଦସ୍ତାବିଜରେ ଦିଆଯାଇଥିବା ତଥ୍ୟ ଉପରେ ନିର୍ଭର କରିଥିଲେ । ୱାମିସ୍ ତଥ୍ୟାବଳୀର ତଥ୍ୟ ଅନୁସାରେ ଟେଣ୍ଡର ମୂଲ୍ୟାଙ୍କନ ତାରିଖ (ମେ 2022) ସୁଦ୍ଧା ଚୟନ ହୋଇଥିବା ନିଲାମ ଡକାଳି ନିଜକୁ ଯୋଗ୍ୟ ଦେଖାଇବା ପାଇଁ 12.82 କୋଟି

---

81 ମୂଲ୍ୟାଙ୍କିତ ଉପଲବ୍ଧ ବିଡ୍ କ୍ଷମତା=A*N*M-B
ଆକଳନ କରାଯାଇଥିବା ଉପଲବ୍ଧ ଡାକ କ୍ଷମତା ଏ ହେଉଛି ଗତ 5 ବର୍ଷ ମଧ୍ୟରେ କୌଣସି ଏକ ବର୍ଷରେ କାର୍ଯ୍ୟକାରୀ ହୋଇଥିବା ସିଭିଲ୍ ଇଞ୍ଜିନିୟରିଂ କାର୍ଯ୍ୟର ସର୍ବାଧିକ ମୂଲ୍ୟ ଯାହା ବର୍ତ୍ତମାନ ମୂଲ୍ୟ ଅନୁସାରେ କରାଯାଇଛି, ଏନ୍ ହେଉଛି କାର୍ଯ୍ୟ ସମାପ୍ତି ପାଇଁ ନିର୍ଦ୍ଧାରିତ ବର୍ଷ ଏମ୍‌କୁ 2 ନିଆଯାଇଛି ଏବଂ ସଂଖ୍ୟା ବି ହେଉଛି ଡକାଳିଙ୍କର ଚାଲୁରହିଥିବା କାର୍ଯ୍ୟ ଓ ବିଦ୍ୟମାନ ପ୍ରତିଶ୍ରୁତି ବର୍ତ୍ତମାନର ମୂଲ୍ୟ ସ୍ତରରେ

82 ଓଆର୍-07-361- ଏମ୍‌ଆର୍‌ଏଲ୍ 05 ରାଣୀଗୁଡ଼ାରୁ ଗୋକନ (ଯଶୁଆପଡ଼ା ଦେଇ), ଓଆର୍-07-359-ଏମ୍‌ଆର୍‌ଏଲ୍ 30 ଖଣ୍ଡଗାଁ ନାତରା ରୁ ରାମକୃଷ୍ଣପୁର, ଓଷ୍ଟପୁର (ମହାଜନପୁର ଦେଇ)

83 ନିର୍ମାଣ ଏବଂ ହିସାବ ପରିଚାଳନା ସୂଚନା ବ୍ୟବସ୍ଥା (ୱାମିସ୍) ହେଉଛି ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ଏକ ଡାଟାବେସ୍, ଯେଉଁଠାରେ ସିଭିଲ୍ କାର୍ଯ୍ୟଗୁଡ଼ିକର ବିବରଣୀ ଯେପରିକି କାର୍ଯ୍ୟ ଏବଂ ଠିକାଦାରଙ୍କ ନାମ, କାର୍ଯ୍ୟର ମୂଲ୍ୟ, କାର୍ଯ୍ୟସୂଚୀ ଏବଂ ସମ୍ପୂର୍ଣ୍ଣ ହେବାର ପ୍ରକୃତ ତାରିଖ, କାର୍ଯ୍ୟକାରୀ ହୋଇଥିବା ଏବଂ ବାକି ଥିବା କାର୍ଯ୍ୟର ମୂଲ୍ୟ ଇତ୍ୟାଦି ସଂରକ୍ଷିତ ରଖାଯାଇଥାଏ

ଟଙ୍କା ମୂଲ୍ୟର ଆଠଟି କାର୍ଯ୍ୟକୁ ଲୁଚାଇଥିବା ଅଡିଟ୍ ଜାଣିବାକୁ ପାଇଲେ । କାମଗୁଡିକ ସେପ୍ଟେମ୍ବର 2022 ରେ 8.95 କୋଟି ଟଙ୍କାରେ ଠିକାଦାରଙ୍କୁ ଦିଆଯାଇଥିଲା ଏବଂ ଜୁନ/ଅଗଷ୍ଟ 2023 ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଥିଲା । କାମର ମନ୍ଥର ପ୍ରଗତି ଯୋଗୁଁ ସେପ୍ଟେମ୍ବର/ ନଭେମ୍ବର 2024ରେ ଚୁକ୍ତି ସମାପନ କରାଯାଇଥିଲା, ଯେହେତୁ ଠିକାଦାର କେବଳ 3.35 କୋଟି ଟଙ୍କାର କାର୍ଯ୍ୟ ଶେଷ କରିପାରିଥିଲେ । ତେଣୁ ଆବଶ୍ୟକ ନିଲାମ ଡକା ନଥିବା ଜଣେ ଠିକାଦାରଙ୍କୁ କାର୍ଯ୍ୟ ପ୍ରଦାନ କରିବା ନିୟମ ବିରୁଦ୍ଧ ଥିଲା । ଏହା ଫଳରେ କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରିଲା ନାହିଁ ଏବଂ ପରବର୍ତ୍ତୀ ସମୟରେ ଚୁକ୍ତି ସମାପନ କରିବାକୁ ପଡ଼ିଲା ।

ବିଭାଗ ବ୍ୟକ୍ତ କଲା (ସେପ୍ଟେମ୍ବର 2025) ଯେ ଯେହେତୁ ନିଲାମଗୁଡ଼ିକ ସମୟବଦ୍ଧ ଥିଲା, ଜଣେ ନିଲାମଡକାଳିଙ୍କୁ କେତେ ପରିମାଣର କାମ ଦିଆଯାଇଛି ତାହା ସଠିକ୍ ଭାବରେ ଯାଞ୍ଚ କରିବା ବ୍ୟବହାରିକ ଭାବେ କଷ୍ଟକର ଥିଲା, କାରଣ ସବୁ ତଥ୍ୟ ଗୋଟିଏ ପ୍ଲାଟ୍‌ଫର୍ମରେ ଉପଲବ୍ଧ ନଥିଲା । ଓ୍ୱାମିସ୍ ତଥ୍ୟ ସୂଚନାତ୍ମକ ଥିଲା ଏବଂ ରିଅଲ-ଟାଇମ୍ ନଥିଲା, ତେଣୁ ଚାଲୁ ରହିବା କାର୍ଯ୍ୟଗୁଡିକର ଆକଳନ ପାଇଁ ଏହା ଏକମାତ୍ର ଆଧାର ହୋଇପାରିବ ନାହିଁ । ତଥାପି ଏହି ଉଦ୍ଦେଶ୍ୟ ପାଇଁ ଓ୍ୱାମିସ୍ ବ୍ୟବହାର କରିବାକୁ ଅଡିଟ୍ ଦେଇଥିବା ପରାମର୍ଶ ଟେଣ୍ଡର ପ୍ରକ୍ରିୟା ସମୟରେ ବିଚାର କରାଯିବ ।

### *3.2.5.2 ନିଲାମ ଡକାଯାଇଥିବା ମୂଲ୍ୟର 15 ପ୍ରତିଶତରୁ କମ୍ ମୂଲ୍ୟର ନିଲାମ ଗ୍ରହଣ*

ଏନଆରଆଇଡିଏର ନିର୍ଦ୍ଦେଶ (ସେପ୍ଟେମ୍ବର 2021) ଅନୁଯାୟୀ, ପିଏମ୍‌ଜିଏସ୍‌ଓ୍ୱାଇ ମାନକ ନିଲାମଡକା ଦସ୍ତାବିଜ୍‌ରେ ସ୍ୱଷ୍ଟ ବ୍ୟବସ୍ଥା ନଥିଲେ, ରାଜ୍ୟଗୁଡିକ ସେମାନଙ୍କର ରାଜ୍ୟର ଆର୍ଥିକ ନିୟମାବଳୀ ଅନୁଯାୟୀ ନିଲାମ ମୂଲ୍ୟାୟନ କରିବେ କିମ୍ବା ପୁନଃ-ଟେଣ୍ଡର କରିବେ । ଓପିଡବ୍ଲ୍ୟୁଡି ସଂହିତା ଖଣ୍ଡ-II ର ପରିଶିଷ୍ଟ-IX ର ଧାରା 36 ଅନୁଯାୟୀ, ଯଦି ଡକାଳିଙ୍କ ଦ୍ୱାରା ଦିଆଯାଇଥିବା ଦର ଟେଣ୍ଡର ମୂଲ୍ୟର 15 ପ୍ରତିଶତରୁ କମ୍ ହୁଏ, ତେବେ ସେହି ଡାକକୁ ପ୍ରତ୍ୟାଖ୍ୟାନ କରାଯିବ ଏବଂ ବାକି ଡାକଗୁଡିକର ଉତ୍କର୍ଷ ଆଧାରରେ ଟେଣ୍ଡର ଚୂଡାନ୍ତ କରାଯିବ ।

ଅଡିଟ୍ ଦେଖିଲା ଯେ 16ଟି ଆରଡବ୍ଲ୍ୟୁ ପ୍ରଭାଗରେ, ଅଗଷ୍ଟ 2021 ରୁ ସେପ୍ଟେମ୍ବର 2023 ମଧ୍ୟରେ 228.81 କୋଟି ଟଙ୍କାର ଟେଣ୍ଡର ମୂଲ୍ୟ ବିଶିଷ୍ଟ 42ଟି ନିଲାମର ଆର୍ଥିକ ମୂଲ୍ୟାୟନ କରାଯାଇଥିଲା । ଏହି ସମସ୍ତ ନିଲାମରେ ଦର ଟେଣ୍ଡର ମୂଲ୍ୟରୁ 15 ରୁ 24.99 ପ୍ରତିଶତ ପର୍ଯ୍ୟନ୍ତ କମ ଥିଲା । ତଥାପି ପରିଚାଳନା ପ୍ରକରଣ ପୁସ୍ତିକା ଓ ଓପିଡବ୍ଲ୍ୟୁଡି ସଂହିତାର ବିରୁଦ୍ଧାଚରଣ କରାଯାଇ, ସେହି ନିଲାମ ଗୁଡ଼ିକୁ ଗ୍ରହଣ କରାଯାଇଥିଲା ଏବଂ କାର୍ଯ୍ୟଗୁଡ଼ିକୁ 203.59 କୋଟି ଟଙ୍କାରେ ପ୍ରଦାନ କରାଯାଇଥିଲା । ଏହି 42ଟି କାର୍ଯ୍ୟ ମଧ୍ୟରୁ ଠିକାଦାରମାନେ ମାର୍ଚ୍ଚ 2025 ସୁଦ୍ଧା କେବଳ 19ଟି କାର୍ଯ୍ୟ ସଂପୂର୍ଣ୍ଣ କରିଥିଲେ ଏବଂ ବାକି 23ଟି କାର୍ଯ୍ୟ ଏବେ ମଧ୍ୟ ଚାଲୁ ରହିଛି ।

ଏହିପରି ଭାବରେ ଏନଆରଆଇଡିଏର ନିର୍ଦ୍ଦେଶ ଏବଂ ଓପିଡବ୍ଲ୍ୟୁଡି ସଂହିତାର ବ୍ୟବସ୍ଥାକୁ ପାଳନ ନ କରିବା ଫଳରେ ସିଇ, ପିଏମ୍‌ଜିଏସ୍‌ଓ୍ୱାଇ ଦ୍ୱାରା ଟେଣ୍ଡରଗୁଡିକ ଅନିୟମିତ ଭାବେ ଗ୍ରହଣ କରାଗଲା, ଯାହା ଠିକାଦାରମାନଙ୍କୁ ଅନୁଚିତ ସୁବିଧା ପ୍ରଦାନ କରିବା ସହ କାର୍ଯ୍ୟ ସଂପୂର୍ଣ୍ଣ ହେବାରେ ମଧ୍ୟ ବିଳମ୍ବ କଲା ।

ବିଭାଗ ବ୍ୟକ୍ତ କଲା (ସେପ୍ଟେମ୍ବର 2025) ଯେ ମାନକ ନିଲାମ ଦସ୍ତାବିଜର ଧାରା 26.3 ଅନୁଯାୟୀ, ନିଯୁକ୍ତିଦାତା ନିଲାମ ଡକାଳିଙ୍କୁ ବିଶଦ ମୂଲ୍ୟ ବିଶ୍ଳେଷଣ ଦେବାକୁ କହିପାରନ୍ତି ଏବଂ ଅସନ୍ତୁଳିତ ଟେଣ୍ଡର ପାଇଁ ସମ୍ପାଦନ ପ୍ରତିଭୂତି ବୃଦ୍ଧି କରିପାରନ୍ତି । ସେହି ଅନୁଯାୟୀ ସଫଳ ଡକାଳିଙ୍କ ଠାରୁ ଅତିରିକ୍ତ ସମ୍ପାଦନ ପ୍ରତିଭୂତି ମଧ୍ୟ ସଂଗ୍ରହ କରାଯାଇଛି ।

ତଥାପି, ବିଶଦ ମୂଲ୍ୟ ବିଶ୍ଳେଷଣ ଏବଂ ଅତିରିକ୍ତ ସମ୍ପାଦନ ପ୍ରତିଭୂତି ପାଇବା ସମ୍ବନ୍ଧରେ କୌଣସି ଦସ୍ତାବିଜ୍‌ଗତ ପ୍ରମାଣ ଅଡିଟ୍‌କୁ ଉପଲବ୍ଧ କରାଯାଇ ନାହିଁ ।

### *3.2.5.3 କାର୍ଯ୍ୟାଦେଶ ଜାରି / କାର୍ଯ୍ୟପ୍ରଦାନରେ ବିଳମ୍ବ*

ପିଏମ୍‌ଜିଏସ୍‌ଓ୍ୱାଇ ପ୍ରକରଣ ପୁସ୍ତିକାର ଧାରା 8.1.2 ଅନୁଯାୟୀ, ଟେଣ୍ଡର ନୋଟିସ ଜାରି କରିବା, ଟେଣ୍ଡର ଚୂଡାନ୍ତ କରିବା ଏବଂ କାର୍ଯ୍ୟାଦେଶ ପ୍ରଦାନ ସମ୍ବନ୍ଧୀୟ ରାଜ୍ୟ ସ୍ତରୀୟ ସମସ୍ତ ଆନୁଷ୍ଠାନିକତା 71 ଦିନ ମଧ୍ୟରେ (ପୁନଃ ଟେଣ୍ଡର କ୍ଷେତ୍ରରେ 120 ଦିନ) ସଂପୂର୍ଣ୍ଣ ହେବା ଉଚିତ, ଯାହାକୁ ପରବର୍ତ୍ତୀ ସମୟରେ (ଡିସେମ୍ବର 2020) 72 ଦିନକୁ ସଂଶୋଧିତ କରାଯାଇଥିଲା ।

ଅଡିଟ୍ ପରିଲକ୍ଷିତ କଲା ଯେ ଛଅଟି ପ୍ରଭାଗରେ ଡିସେମ୍ବର 2020 ରୁ ଜୁନ 2023 ମଧ୍ୟରେ 1,427.33 କୋଟି ଟଙ୍କା ଟେଣ୍ଡର ମୂଲ୍ୟର 385ଟି କାର୍ଯ୍ୟର ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହି କାର୍ଯ୍ୟଗୁଡିକ ପାଇଁ ଡିସେମ୍ବର 2021 ରୁ ଫେବୃଆରୀ 2024 ମଧ୍ୟରେ କାର୍ଯ୍ୟାଦେଶ ଦିଆଯାଇଥିଲା ଯେଉଁଥିରେ 30 ରୁ 1,023 ଦିନର ବିଳମ୍ବ ଘଟିଥିଲା (***ପରିଶିଷ୍ଟ 3.2.6*** ରେ ବିବରଣୀ ଅଛି) । ତଥାପି, ଟେଣ୍ଡର ଚୂଡାନ୍ତ କରିବାରେ ବିଳମ୍ବର କୌଣସି ନିର୍ଦ୍ଦିଷ୍ଟ କାରଣ ନଥିପତ୍ରରେ ନଥିଲା ।

ତେଣୁ, ଟେଣ୍ଡର ପ୍ରକ୍ରିୟା, ସମୟରେ ଶେଷ କରିବା ପାଇଁ ପରିଚାଳନା ପ୍ରକରଣ ପୁସ୍ତିକାର ନିୟମ ପାଳନ ନ କରିବା ଫଳରେ କ୍ଷେତ୍ରସ୍ତରରେ ନିର୍ବାହନରେ ବିଳମ୍ବ ହେଲା ଏବଂ ଉଦ୍ଦିଷ୍ଟ ହିତାଧିକାରୀଙ୍କୁ ସାମାଜିକ ସୁବିଧା ମିଳିବାରେ ବିଳମ୍ବ ହେଲା ।

ବିଭାଗ ବ୍ୟକ୍ତ କଲା (ସେପ୍ଟେମ୍ବର 2025) ଯେ ଟେଣ୍ଡର ପ୍ରତି ବାରମ୍ବାର ଜବାବ ନ ମିଳିବା, ଟେଣ୍ଡର ସମ୍ବନ୍ଧୀୟ ଅଭିଯୋଗର ସମାଧାନ, ଟେଣ୍ଡର ବାତିଲ ଇତ୍ୟାଦି କାରଣରୁ କାର୍ଯ୍ୟ ପ୍ରଦାନରେ ବିଳମ୍ବ ହୋଇଛି । ଏହି ଉତ୍ତର ଗ୍ରହଣଯୋଗ୍ୟ ନୁହେଁ, କାରଣ ପ୍ରକରଣ ପୁସ୍ତିକା ଅନୁଯାୟୀ ଟେଣ୍ଡର କରୁଥିବା କର୍ତ୍ତୃପକ୍ଷଙ୍କ ସମସ୍ତ ପ୍ରକ୍ରିୟା ପାଇଁ କେବଳ 72 ଦିନ ଧାର୍ଯ୍ୟ କରାଯାଇଥିଲା ।

## 3.2.6 ଚୁକ୍ତି ପରିଚାଳନା

ପିଏମଜିଏସୱାଇ କାର୍ଯ୍ୟ ଚୁକ୍ତିରେ ପରିଚାଳନା କହିଲେ ଏକ ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ଚୁକ୍ତିର ସଂପୂର୍ଣ୍ଣ ଜୀବନ ଚକ୍ରର ତଦାରଖ କରିବାକୁ ବୁଝାଏ ଯେଉଁଥିରେ ପ୍ରାରମ୍ଭିକ ଟେଣ୍ଡର ଡାକିବାରୁ ନେଇ କାମ ଶେଷ ହେବା ଏବଂ ହସ୍ତାନ୍ତର ପର୍ଯ୍ୟନ୍ତ ସମୟ ଅନ୍ତର୍ଭୁକ୍ତ । ଏହାଛଡା, ପିଏମ୍‌ଜିଏସ୍‌ୱାଇ ଚୁକ୍ତିରେ ସମୟ ଏବଂ ଗୁଣବତ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

### *3.2.6.1 ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ ସଂପୂର୍ଣ୍ଣ ନ ହେବା*

ପିଏମ୍‌ଜିଏସ୍‌ୱାଇ-III ମାର୍ଗଦର୍ଶିକାର ଅନୁଚ୍ଛେଦ 3.2 ଦର୍ଶାଏ ଯେ ରାସ୍ତା ଚୟନ, ଜିଲ୍ଲା ଗ୍ରାମ୍ୟ ସଡ଼କ ଯୋଜନା (ଡିଆର୍‌ଆର୍‌ପି)[84] ଆଧାରରେ ହେବା ଉଚିତ ଏବଂ ଅନୁଚ୍ଛେଦ 5.5 (iii) ଅନୁଯାୟୀ ପ୍ରକଳ୍ପ ଯୋଜନା ସମୟରେ ସାଂସଦମାନଙ୍କ ନିର୍ବାଚିତ ପ୍ରତିନିଧିଙ୍କର ମତାମତ ନିଆଯିବା ଆବଶ୍ୟକ । ପିଏମ୍‌ଜିଏସ୍‌ୱାଇ ପ୍ରକଳ୍ପଗୁଡିକର ସଂଗ୍ରହଣ ଏବଂ ଚୁକ୍ତି ପରିଚାଳନା ପ୍ରକରଣ ପୁସ୍ତିକା (ପିଆଣ୍ଡ୍‌ସିଏମ୍‌ଏମ) ର ଧାରା 10.1 ଅନୁଯାୟୀ ରାଜ୍ୟରେ ପିଏମ୍‌ଜିଏସ୍‌ୱାଇ-IIIର ଅନୁମୋଦନ, ଯୋଜନା, ସଂଗ୍ରହଣ ଏବଂ କାର୍ଯ୍ୟାନ୍ୱୟନ ପାଇଁ ଓଏସ୍‌ଆର୍‌ଆର୍‌ଏ ସଂପୂର୍ଣ୍ଣ ଉତ୍ତରଦାୟୀ । ଏଥି ସହିତ ପିଏମ୍‌ଜିଏସ୍‌ୱାଇ-III ମାର୍ଗଦର୍ଶିକାର ଅନୁଚ୍ଛେଦ 13.1 ଅନୁଯାୟୀ ପ୍ରଭାଗ/ ପିଆଇୟୁ ଦ୍ୱାରା କାର୍ଯ୍ୟାଦେଶ ପ୍ରଦାନର 12 ମାସ ମଧ୍ୟରେ ପ୍ରକଳ୍ପ ସଂପୂର୍ଣ୍ଣ ହେବା ଉଚିତ ।

ଚୁକ୍ତିନାମାର ସାଧାରଣ ସର୍ତ୍ତାବଳୀ (ଜିସିସି) ର ଧାରା 44 ଅନୁଯାୟୀ, ଠିକାଦାର ନିର୍ଦ୍ଧାରିତ ସମୟରେ କାମ ଶେଷ କରିବାରେ ବିଫଳ ହେଲେ, ଚୁକ୍ତି ଅନୁସାରେ ସେ ସାପ୍ତାହିକ ପ୍ରାରମ୍ଭିକ ଚୁକ୍ତି ମୂଲ୍ୟର ଏକ ପ୍ରତିଶତ ହାରରେ ପୂର୍ବ ନିର୍ଦ୍ଧାରିତ କ୍ଷତିପୂରଣ (ଏଲ୍‌ଡି) ଦେବେ । ତଥାପି ମୋଟ ଏଲ୍‌ଡି ପରିମାଣ ପ୍ରାରମ୍ଭିକ ଚୁକ୍ତି ମୂଲ୍ୟର 10 ପ୍ରତିଶତରୁ ଅଧିକ ହେବ ନାହିଁ ।

ଅନ୍‌ଲାଇନ ପରିଚାଳନା, ପର୍ଯ୍ୟାଲୋଚନା ଏବଂ ହିସାବ ବ୍ୟବସ୍ଥା (ଓଏମ୍‌ଏମ୍‌ଏଏସ୍)[85] ତଥ୍ୟାବଳୀ ଅନୁଧ୍ୟାନରୁ ଜଣାପଡିଛି ଯେ 2019-20 ରୁ 2023-24 ଆର୍ଥିକ ବର୍ଷ ମଧ୍ୟରେ ସାତଟି ଜିଲ୍ଲାର 15ଟି ପ୍ରଭାଗରେ 506 ଟି

---

84 ପିଏମ୍‌ଜିଏସ୍‌ୱାଇ-III ମାର୍ଗଦର୍ଶିକାର ଅନୁଚ୍ଛେଦ 3.2 ଅନୁଯାୟୀ, ଜିଲ୍ଲା ଗ୍ରାମ୍ୟ ସଡ଼କ ଯୋଜନା (ଡିଆର୍‌ଆର୍‌ପି) କୁ ଜିଲ୍ଲାର ସମସ୍ତ ବିଦ୍ୟମାନ ସଡ଼କ ନେଟ୍‌ୱାର୍କ ଅନ୍ତର୍ଭୁକ୍ତ ହେବ ଏବଂ ଏହାକୁ ଅଦ୍ୟତନ କରାଯାଇ ପିଏମ୍‌ଜିଏସ୍‌ୱାଇ ତଥା ଅନ୍ୟାନ୍ୟ ରାଜ୍ୟ ଯୋଜନା ଇତ୍ୟାଦି ଅଧିନରେ ନିର୍ମିତ ସଡ଼କଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯିବ, ଯାହା ସମସ୍ତ ବସତିକୁ ସଂଯୋଗ (ସାର୍ବଜନୀନ ପ୍ରବେଶ) ପ୍ରଦାନ କରିବ ।

85 ଓଏମ୍‌ଏମ୍‌ଏଏସ୍ ହେଉଛି ପିଏମ୍‌ଜିଏସ୍‌ୱାଇ ପାଇଁ ବିକଶିତ ଏକ ବୈଦ୍ୟୁତିକ ପ୍ରଶାସନିକ ମଞ୍ଚ, ଯାହା ପିଏମ୍‌ଜିଏସ୍‌ୱାଇ ଅଧିନରେ ଗ୍ରାମ୍ୟ ସଡ଼କର ଯୋଜନା, କାର୍ଯ୍ୟାନ୍ୱୟନ ଏବଂ ରକ୍ଷଣାବେକ୍ଷଣରେ ରିଅଲ୍ ଟାଇମ୍ ପର୍ଯ୍ୟାଲୋଚନା, ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱକୁ ସହଜ କରିଥାଏ ।

କାର୍ଯ୍ୟ ହାତକୁ ନିଆଯାଇଥିଲା ଯାହାର ଚୁକ୍ତି ମୂଲ୍ୟ 1,973.99 କୋଟି ଟଙ୍କା ଥିଲା । ଏହି 506 ଟି ପ୍ରକଳ୍ପର ବସ୍ତୁଗତ କାର୍ଯ୍ୟ ସମ୍ପାଦନ **ସାରଣୀ 3.2.2** ରେ ଦର୍ଶାଯାଇଛି ।

***ସାରଣୀ 3.2.2: ପିଏମ୍‌ଜିଏସ୍‌ୱାଇ-III ଅଧୀନରେ ନମୁନା ଯାଞ୍ଚ ଜିଲ୍ଲାଗୁଡ଼ିକର ବସ୍ତୁଗତ ସମ୍ପାଦନ***

| କ୍ର.ସଂ. | ଜିଲ୍ଲା | ପ୍ରଦାନ କରାଯାଇଥିବା ପ୍ରକଳ୍ପ ସଂଖ୍ୟା | ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ସଂଖ୍ୟା | ସମ୍ପୂର୍ଣ୍ଣ ହେବାର ପ୍ରତିଶତ |
|---|---|---|---|---|
| 1 | ନୟାଗଡ଼ | 45 | 22 | 48.89 |
| 2 | ଗଞ୍ଜାମ | 126 | 71 | 56.35 |
| 3 | ନବରଙ୍ଗପୁର | 51 | 29 | 56.86 |
| 4 | ପୁରୀ | 41 | 27 | 65.85 |
| 5 | ମୟୁରଭଞ୍ଜ | 131 | 120 | 91.60 |
| 6 | ସୁନ୍ଦରଗଡ଼ | 79 | 75 | 94.94 |
| 7 | ଅନୁଗୁଳ | 33 | 32 | 96.97 |
| ମୋଟ | | 506 | 376 | 74.31 |

***(ଉତ୍ସ: ଓଏମ୍‌ଏମ୍‌ଏସ୍ ଡାଟାବେସ୍)***

**ସାରଣୀ 3.2.2** ରୁ ଜଣାପଡ଼ିଲା ଯେ, କୌଣସି ନମୁନା ଜିଲ୍ଲାରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ହାସଲ ହୋଇପାରି ନାହିଁ । ମଇ 2025 ସୁଦ୍ଧା 506 ଟି ପ୍ରକଳ୍ପ ମଧ୍ୟରୁ 376 ଟି (74 ପ୍ରତିଶତ) ସମ୍ପୂର୍ଣ୍ଣ ହୋଇଛି ଯେତେବେଳେ କି ବାକି 130 ଟି ପ୍ରକଳ୍ପ ଘରୋଇ ଜମି ଅଧିଗ୍ରହଣ ସମସ୍ୟା, ଜଙ୍ଗଲ ଜମି ନିକାଶ ଆବଶ୍ୟକତା ଇତ୍ୟାଦି କାରଣରୁ ଚାଲୁ ରହିଛି । ନୟାଗଡ଼, ଗଞ୍ଜାମ ଏବଂ ନବରଙ୍ଗପୁର ଜିଲ୍ଲାରେ କାର୍ଯ୍ୟ ସମ୍ପାଦନ ଯଥେଷ୍ଟ କମ୍ (48.89 ରୁ 56.86 ପ୍ରତିଶତ) ଥିଲା । ସମ୍ପୂର୍ଣ୍ଣ ହୋଇଥିବା 376 ଟି କାର୍ଯ୍ୟ ମଧ୍ୟରୁ କେବଳ 27 ଟି (7.45 ପ୍ରତିଶତ) ଠିକ୍ ସମୟରେ ଶେଷ ହୋଇଥିବା ବେଳେ, ବାକି 349 ଟି କାର୍ଯ୍ୟ ଜମି ଅଭାବ, ରାସ୍ତା କଡ଼ରେ ଥିବା ଫସଲ, ବିଦ୍ୟୁତ୍ ଖୁଣ୍ଟ ଏବଂ ପାଣି ପାଇପ୍ ସ୍ଥାନାନ୍ତର ନହେବା କାରଣରୁ 6 ରୁ 1,023 ଦିନ ପର୍ଯ୍ୟନ୍ତ ବିଳମ୍ବ ହୋଇଥିଲା । ପ୍ରକଳ୍ପ ଚୟନ ପ୍ରକ୍ରିୟା ସମୟରେ ଗ୍ରାମ ସଭାର ଅନୁମୋଦନ ଏବଂ ସାଂସଦମାନଙ୍କ ପରାମର୍ଶ ନିଆଯାଇ ନଥିବା ମଧ୍ୟ ଜଣାପଡ଼ିଥିଲା ।

ପୁନଶ୍ଚ, ବିଶ୍ଳେଷଣରୁ ଜଣାପଡ଼ିଛି ଯେ, ବିଳମ୍ବର କାରଣଗୁଡ଼ିକ ମଧ୍ୟରେ 37 ପ୍ରତିଶତ ଜମି ଅଧିଗ୍ରହଣ ସମସ୍ୟା, 30 ପ୍ରତିଶତ ବିବିଧ କାରଣ ଏବଂ 33 ପ୍ରତିଶତ କ୍ଷେତ୍ରରେ କୌଣସି ନିର୍ଦ୍ଦିଷ୍ଟ କାରଣ ନଥିଭୁକ୍ତ/ ଅଭିଲିଖିତ କରାଯାଇନାହିଁ । ପୁନଶ୍ଚ, ଚାଲୁ ରହିଥିବା 130 ଟି ପ୍ରକଳ୍ପ ମଧ୍ୟରୁ 127 ଟି କାର୍ଯ୍ୟ ଅଗଷ୍ଟ 2021 ରୁ ସେପ୍ଟେମ୍ବର 2023 ମଧ୍ୟରେ 405.53 କୋଟି ଟଙ୍କାରେ ପ୍ରଦାନ କରାଯାଇଥିଲା, ଯାହା ମଇ 2022 ରୁ ସେପ୍ଟେମ୍ବର 2024 ମଧ୍ୟରେ ସମ୍ପୂର୍ଣ୍ଣ ହେବାର କଥା । କିନ୍ତୁ, କୌଣସି କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ସମାପ୍ତ ହୋଇନାହିଁ । ଠିକାଦାରମାନେ ଚୁକ୍ତି ଅବଧି ମଧ୍ୟରେ କାର୍ଯ୍ୟ ଶେଷ କରିବାରେ ବିଫଳ ହୋଇଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀମାନେ ଖିଲାପକାରୀ ଠିକାଦାରଙ୍କ ଠାରୁ 40.55 କୋଟି ଟଙ୍କାର ପୂର୍ବ ନିର୍ଦ୍ଧାରିତ ପରିଶୋଧିତ କ୍ଷତି ଆଦାୟ କରିନାହାଁନ୍ତି (***ପରିଶିଷ୍ଟ 3.2.7*** ରେ ବିଶଦ ବିବରଣୀ ଅଛି )।

ଏହିପରି ଅପର୍ଯ୍ୟାପ୍ତ ଚୁକ୍ତି ପରିଚାଳନା ଏବଂ ଓଏସ୍ଆର୍ଆର୍ଏ ଏବଂ ସଂପୃକ୍ତ ପ୍ରଭାଗ/ପିଆଇୟୁ ଅଫଳପ୍ରଦ ପର୍ଯ୍ୟାଲୋଚନା, ପଦ୍ଧତିଗତ ତ୍ରୁଟି ଯଥା ପ୍ରକଳ୍ପ ଚୟନ ପ୍ରକ୍ରିୟା ସମୟରେ ଗ୍ରାମ ସଭାର ଅନୁମୋଦନ ଏବଂ ସାଂସଦଙ୍କ ଠାରୁ ପରାମର୍ଶ ନ ନେବା ଭଳି ତ୍ରୁଟି ଯୋଗୁଁ ପ୍ରକଳ୍ପ କାର୍ଯ୍ୟନିର୍ବାହରେ ବିଳମ୍ବ ହେବା ସହ ଲକ୍ଷ୍ୟ ହାସଲ ହୋଇପାରିଲା ନାହିଁ । ଏହା ଫଳରେ 20.71 ଲକ୍ଷ ଜନସଂଖ୍ୟା ଥିବା 2,428 ଟି ଗ୍ରାମକୁ ନିର୍ଦ୍ଧାରିତ ସମୟରେ ସବୁ ଋତୁପଯୋଗୀ ରାସ୍ତା ସଂଯୋଗ ମିଳିପାରିଲା ନାହିଁ ଏବଂ ଠିକାଦାରମାନଙ୍କୁ ଅନୁଚିତ୍ ଆର୍ଥିକ ସୁବିଧା ମିଳିଲା ।

ବିଭାଗ ବ୍ୟକ୍ତ କଲା (ସେପ୍ଟେମ୍ବର 2025) ଯେ, ସମୟ ଏବଂ ଖର୍ଚ୍ଚ ଅତିକ୍ରମଣକୁ ରୋକିବା ପାଇଁ କାର୍ଯ୍ୟଗୁଡ଼ିକୁ ସମୟସୀମା ମଧ୍ୟରେ ଶେଷ କରିବାକୁ ଚେଷ୍ଟା କରାଯାଉଛି । ତଥାପି କେତେକ ଅନିର୍ବାର୍ଯ୍ୟ ପରିସ୍ଥିତି ଯୋଗୁଁ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଲକ୍ଷ୍ୟ ହାସଲ ହୋଇପାରି ନାହିଁ । ଏହା ମଧ୍ୟ କୁହାଗଲା ଯେ ଯେଉଁଠାରେ ବିଳମ୍ବ ପାଇଁ ଠିକାଦାରମାନେ ଦାୟୀ ସେଠାରେ ଏଲ୍‌ଡି ଧାର୍ଯ୍ୟ କରାଯାଇଛି ଏବଂ ସଂପୃକ୍ତ ପିଆଇୟୁ ମାନଙ୍କ ଦ୍ୱାରା ଆଦାୟ ମଧ୍ୟ କରାଯାଇଛି ।

ଉଲ୍ଲିଖିତ 119 ଟି ପ୍ରକଳ୍ପ ମଧ୍ୟରୁ 45 ଟି ସମ୍ପୂର୍ଣ୍ଣ ହୋଇଛି ଏବଂ ସମୟ ବୃଦ୍ଧି (ଇଓଟି) ଚୂଡ଼ାନ୍ତ ନ ହେବା ପର୍ଯ୍ୟନ୍ତ 1.10 କୋଟି ଟଙ୍କା ଅଟକାଇ ରଖାଯାଇଛି । ସେହିପରି ବାକି କାର୍ଯ୍ୟଗୁଡ଼ିକରେ 2.33 କୋଟି ଟଙ୍କା ଅଟକା ଯାଇଛି, ଯାହା ଇଓଟି ଅନୁମୋଦନ ପରେ ଚୂଡ଼ାନ୍ତ ହେବ ।

ସେ ଯାହାହେଉ, ଅଡିଟ୍ ନିରୀକ୍ଷଣ କଲା ଯେ 127 ଟି କ୍ଷେତ୍ରରେ 40.55 କୋଟି ଟଙ୍କାର ଏଲ୍‌ଡି ଆଦାୟ ହେବାକୁ ଥିବା ବେଳେ 119 ଟି କ୍ଷେତ୍ରରେ କେବଳ 3.43 କୋଟି ଟଙ୍କା (8.45 ପ୍ରତିଶତ) ଅଟକାଇ ରଖାଯାଇଛି । ବିଭାଗର ଜବାବରେ ବାକି ଆଠଟି ପ୍ରକଳ୍ପ ବିଷୟରେ କିଛି ଉଲ୍ଲେଖ କରାଯାଇନାହିଁ ।

### *3.2.6.2 ଚୁକ୍ତି ପରିଚାଳନାରେ ବିଫଳତା ହେତୁ ନିଷ୍ଫଳ ବ୍ୟୟ*

ପିଏମ୍‌ଜିଏସ୍‌ୱାଇ ପ୍ରକଳ୍ପ ପାଇଁ ସଂଗ୍ରହଣ ଏବଂ ଚୁକ୍ତି ପରିଚାଳନା ପ୍ରକରଣ ପୁସ୍ତିକାର ଧାରା 7.6.1 ଅନୁଯାୟୀ ଓଏସ୍‌ଆର୍‌ଆର୍‌ଏ ପ୍ରତି ମାସର 12 ତାରିଖରେ ପିଆଇୟୁ ଗୁଡ଼ିକ ସହିତ ଏକ ବୈଠକ କରି ପିଏମ୍‌ଜିଏସ୍‌ୱାଇ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ସମୀକ୍ଷା କରିବ ଏବଂ ଆବଶ୍ୟକ ସ୍ଥଳେ ପ୍ରତିକାରାତ୍ମକ ପଦକ୍ଷେପ ନେବ ।

ମୁଖ୍ୟ ଯନ୍ତ୍ରୀ, ପିଏମ୍‌ଜିଏସ୍‌ୱାଇ କାର୍ଯ୍ୟାଳୟର ବନ୍ଦ କରାଯାଇଥିବା କାର୍ଯ୍ୟର ନଥିଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ, ନଅ ଗୋଟି ଆର୍‌ଡବ୍ଲ୍ୟୁ ପ୍ରଭାଗ ଅଧୀନରେ 16[86] ଟି ପ୍ରକଳ୍ପକୁ ଫେବୃଆରୀ 2021 ଏବଂ ଡିସେମ୍ବର 2022 ମଧ୍ୟରେ 64.92 କୋଟି ଟଙ୍କାରେ ଯଥାକ୍ରମେ ନଭେମ୍ବର 2021 ଏବଂ ନଭେମ୍ବର 2023 ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରଦାନ କରାଯାଇଥିଲା । ଯାହାହେଉ 32.27 କୋଟି ଟଙ୍କା ବ୍ୟୟ ସତ୍ତ୍ୱେ କାର୍ଯ୍ୟଗୁଡ଼ିକ ନିର୍ଦ୍ଧାରିତ ତାରିଖ ମଧ୍ୟରେ ସମ୍ପୂର୍ଣ୍ଣ ହୋଇନଥିଲା । ଫଳସ୍ୱରୂପ ମୁଖ୍ୟ ଯନ୍ତ୍ରୀମାନଙ୍କର କମିଟି ନିରନ୍ତର ମନ୍ଥର ପ୍ରଗତି ଯୋଗୁଁ 16 ଟି ପ୍ରକଳ୍ପକୁ ବନ୍ଦ କରିବା ପାଇଁ ସୁପାରିଶ କରିଥିଲେ । ଅଡିଟ୍ ପୁନଶ୍ଚ ନିରୀକ୍ଷଣ କଲା ଯେ, ପ୍ରକଳ୍ପ ନିର୍ବାହନରେ ବିଳମ୍ବକୁ ଆଡ଼େଇବା ପାଇଁ ଓଏସ୍‌ଆର୍‌ଆର୍‌ଏ ଦ୍ୱାରା ପିଆଇୟୁ ସହିତ ମାସିକ ଚୁକ୍ତି ପରିଚାଳନା ବୈଠକ କରାଯାଇ ନଥିଲା ।

ଏହିପରି ଫଳପ୍ରଦ ଚୁକ୍ତି ପରିଚାଳନାରେ ପିଆଇୟୁ/ ଓଏସ୍‌ଆର୍‌ଆର୍‌ଏର ବିଫଳତା ଏହି ପ୍ରକଳ୍ପଗୁଡ଼ିକୁ ବନ୍ଦ କରିଦେଲା, ଯାହାଫଳରେ 32.27 କୋଟି ଟଙ୍କାର ଖର୍ଚ୍ଚ ଫଳପ୍ରଦ ହେଲା ନାହିଁ ।

ବିଭଗ ପକ୍ଷରୁ କୁହାଗଲା (ସେପ୍ଟେମ୍ବର 2025) ଯେ, ସଂସ୍ଥାଗୁଡ଼ିକ ଦ୍ୱାରା କାର୍ଯ୍ୟର ମନ୍ଥର ପ୍ରଗତି ଯୋଗୁଁ ସମ୍ପୃକ୍ତ କାର୍ଯ୍ୟଗୁଡ଼ିକୁ ବନ୍ଦ କରାଯାଇଥିଲା । ପୁନଶ୍ଚ, କାର୍ଯ୍ୟ ଚାଲୁଥିବା ସମୟରେ ସମସ୍ୟାର ସମାଧାନ ପାଇଁ ପ୍ରତ୍ୟେକ ସ୍ତରରେ ଚୁକ୍ତି ପରିଚାଳନା ବୈଠକ କରାଯାଇଥିଲା ଯାହାଦ୍ୱାରା କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହୋଇପାରିବ ।

ଏହି ଉତ୍ତର ଗ୍ରହଣୀୟ ନୁହେଁ, କାରଣ ପ୍ରକଳ୍ପଗୁଡ଼ିକ ବନ୍ଦ ହେବା ଦ୍ୱାରା ହିତାଧିକାରୀମାନେ ସବୁ ଋତୁପଯୋଗୀ ରାସ୍ତା ସୁବିଧାରୁ ବଞ୍ଚିତ ହୋଇଥିଲେ ଏବଂ 32.27 କୋଟି ଟଙ୍କାର ଖର୍ଚ୍ଚ ଅଫଳପ୍ରସୂ ହୋଇଥିଲା ।

### *3.2.6.3 ବୀମା ସୁରକ୍ଷାର ପ୍ରାବଧାନ ନକରିବା*

ପରିଚାଳନା ପ୍ରକରଣ ପୁସ୍ତିକାର ଅନୁଚ୍ଛେଦ 9.3.1 ଏବଂ ଜିସିସିର  ଧାରା 13 ଅନୁଯାୟୀ, ଠିକାଦାରମାନଙ୍କ କ୍ଷତି ଭୟ ହେତୁ ଘଟଣା ଯଥା କାର୍ଯ୍ୟ, ସାମଗ୍ରୀ, ଯନ୍ତ୍ରପାତି, ସମ୍ପତ୍ତି ନଷ୍ଟ କିମ୍ବା କ୍ଷତି ଏବଂ ବ୍ୟକ୍ତିଗତ ଆଘାତ କିମ୍ବା ମୃତ୍ୟୁ ଇତ୍ୟାଦି ପାଇଁ ଠିକାଦାରମାନେ ତାଙ୍କ ଖର୍ଚ୍ଚରେ କାର୍ଯ୍ୟ ଆରମ୍ଭ ତାରିଖରୁ ନିର୍ମାଣ ତ୍ରୁଟି ସୁଧାର ସମୟ ସୀମା ଶେଷ ପର୍ଯ୍ୟନ୍ତ ବୀମା ସୁରକ୍ଷା ପ୍ରଦାନ କରିବା ଉଚିତ୍ ।

ଅଡିଟ୍ ନିରୀକ୍ଷଣ କଲା ଯେ, ଛଅଟି ପ୍ରଭାଗରେ 40 ଟି କାର୍ଯ୍ୟ ପାଇଁ, ସେପ୍ଟେମ୍ବର 2021 ଏବଂ ସେପ୍ଟେମ୍ବର 2023  ମଧ୍ୟରେ ଠିକାଦାରମାନଙ୍କୁ 181.14 କୋଟି ଟଙ୍କା ଚୁକ୍ତିନାମାର କାର୍ଯ୍ୟ ପ୍ରଦାନ କରାଯାଇଥିଲା ଏବଂ ଜୁନ୍ 2022 ରୁ ସେପ୍ଟେମ୍ବର 2024 ମଧ୍ୟରେ ଏଗୁଡ଼ିକର ସମାପନ ତାରିଖ ଧାର୍ଯ୍ୟ କରାଯାଇଥିଲା । ଚୁକ୍ତିନାମା

---

[86] ନମୁନା ଯାଞ୍ଚ ଡିଭିଜନ୍ ବ୍ୟତୀତ, 9 ଟି ଗ୍ରାମ୍ୟ ନିର୍ମାଣ ଡିଭିଜନରେ 16 ଟି ପ୍ରକଳ୍ପ ଯଥା, (1) ବାଲେଶ୍ୱର-II = 3 ପ୍ରକଳ୍ପ, (2) ଭଦ୍ରକ-I= 2 ପ୍ରକଳ୍ପ, (3) କଟକ-I= 4 ପ୍ରକଳ୍ପ, (4) କଟକ-II= 1 ପ୍ରକଳ୍ପ, (5) ଆନନ୍ଦପୁର= 1 ପ୍ରକଳ୍ପ, (6) ଭୁବନେଶ୍ୱର=1 ପ୍ରକଳ୍ପ, (7) ବାଲିଗୁଡ଼ା= 1 ପ୍ରକଳ୍ପ, (8) ଫୁଲବାଣୀ= 2 ପ୍ରକଳ୍ପ, (9) ପଦମପୁର= 1 ପ୍ରକଳ୍ପ

ସର୍ତ୍ତାବଳୀ ଅନୁଯାୟୀ, ଠିକାଦାରମାନେ ମୂଳ ସମାପନ ଅବଧି ଅନୁରୂପ 152.64 କୋଟି ଟଙ୍କାର ବୀମା କାର୍ଯ୍ୟ ପାଇଁ ବୀମା ସୁରକ୍ଷା ଯୋଗାଇଥିଲେ । ତଥାପି ଠିକାଦାରମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ବିଫଳ ହୋଇଥିଲେ ଏବଂ ମାର୍ଚ୍ଚ 2025 ସୁଦ୍ଧା ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଚାଲୁ ରହିଥିଲା । କାର୍ଯ୍ୟର ଗତିଶୀଳ ଅବସ୍ଥା ଏବଂ ମୂଳ ବୀମା ପରିସର ଅବଧି ଶେଷ ହେବା ସତ୍ତ୍ୱେ, ଠିକାଦାରମାନେ ସଂଶୋଧିତ କାର୍ଯ୍ୟ ସମାପନ ତାରିଖ ପର୍ଯ୍ୟନ୍ତ ବର୍ଦ୍ଧିତ ଅବଧିକୁ 152.64 କୋଟି ଟଙ୍କାର ଆବଶ୍ୟକୀୟ ବୀମା ପରିସରଭୁକ୍ତ କରିବାର ବ୍ୟବସ୍ଥା କରିନଥିଲେ ।

ତେଣୁ, ବୀମା ପରିସର ନବୀକରଣ କିମ୍ବା ବୃଦ୍ଧି ସୁନିଶ୍ଚିତ କରିବାରେ ବିଭାଗର ବିଫଳତା ଫଳରେ ଠିକାଦାର ବୀମାକିସ୍ତି ଅର୍ଥ ପ୍ରଦାନ ଏଡ଼ାଇ ଯାଇଥିଲେ । ଏତଦ୍‌ବ୍ୟତୀତ ବର୍ଦ୍ଧିତ କାର୍ଯ୍ୟନିର୍ବାହ ଅବଧି ମଧ୍ୟରେ 152.64 କୋଟି ଟଙ୍କାର ଅବଶିଷ୍ଟ କାର୍ଯ୍ୟର ହାନୀ କିମ୍ବା ସମ୍ଭାବ୍ୟ କ୍ଷତିକୁ ପଦାରେ ପକାଇଥିଲା ।

ସରକାର ବ୍ୟକ୍ତ କଲେ (ସେପ୍ଟେମ୍ବର 2025) ଯେ, କାର୍ଯ୍ୟ ସମ୍ପାଦନରେ ବିଳମ୍ବ ହେତୁ, ବୀମା ପରିସର କାର୍ଯ୍ୟର ସଂଶୋଧିତ/ ବର୍ଦ୍ଧିତ ସମାପନ ଅବଧି ପର୍ଯ୍ୟନ୍ତ ବୃଦ୍ଧି କରାଯାଇ ନଥିଲା । ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ ପ୍ରକଳ୍ପଗୁଡ଼ିକ ବୀମା ପରିସରଭୁକ୍ତ ନଥିବାରୁ, କାର୍ଯ୍ୟ ସମ୍ପାଦନ ସମୟରେ ଯେକୌଣସି ଆଘାତ/ମୃତ୍ୟୁ ପାଇଁ ସରକାର କ୍ଷତିପୂରଣ ଦେବାକୁ ଦାୟୀ ଅଟନ୍ତି ।

### *3.2.6.4 ଚୁକ୍ତିଗତ ବାଧ୍ୟତାରୁ ବିଚ୍ୟୁତ ହୋଇ ରାସ୍ତାଗୁଡ଼ିକର ରକ୍ଷଣାବେକ୍ଷଣ ନହେବା*

***(i)*** ପରିଚାଳନା ପ୍ରକରଣ ପୁସ୍ତିକାର ଅନୁଚ୍ଛେଦ 9.16 ରେ କୁହାଯାଇଛି ଯେ ପିଏମ୍‌ଜିଏସ୍‌ୱାଇ ଅଧୀନରେ ସମସ୍ତ ଚୁକ୍ତିନାମା କେବଳ ଏକ ନିର୍ମାଣ ଚୁକ୍ତିନାମା ହେବ ନାହିଁ ବରଂ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ପାଞ୍ଚ ବର୍ଷ ପାଇଁ ସମ୍ପୃକ୍ତ ଠିକାଦାରଙ୍କ ଦ୍ୱାରା କରାଯିବାକୁ ଥିବା ନିୟମିତ ରକ୍ଷଣାବେକ୍ଷଣ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ହେବ । କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ପାଇଁ ଚୁକ୍ତିନାମାରେ ନିୟମିତ ରକ୍ଷଣାବେକ୍ଷଣ ସମୟରେ ଧ୍ୟାନ ଦେବାକୁ ଥିବା ବିଷୟଗୁଡ଼ିକର ବିବରଣୀ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯିବା ଉଚିତ୍ ।

ମାନକ ନିଲାମଡକା ଦସ୍ତାବିଜର ଧାରା 43.4 ରେ ଏହା ଉଲ୍ଲେଖ ଅଛି ଯେ ଯଦି ଚୁକ୍ତିନାମାର ଦୈନନ୍ଦିନ ରକ୍ଷଣାବେକ୍ଷଣ ଅଂଶ ଚୁକ୍ତିନାମା ଅନୁଯାୟୀ ଠିକାଦାରଙ୍କ ଦ୍ୱାରା ସମ୍ପାଦିତ ହୋଇନଥାଏ, ତେବେ ନିଯୁକ୍ତିଦାତା ଅନ୍ୟ ଏକ ଉତ୍ସରୁ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଇପାରିବେ ଏବଂ ଏହି କାର୍ଯ୍ୟ ପାଇଁ ଆବଶ୍ୟକ ଅର୍ଥ ନିଯୁକ୍ତିଦାତାଙ୍କ ପାଖରେ ଉପଲବ୍ଧ ସମ୍ପାଦନା ପ୍ରତିଭୂତି ଏବଂ/ କିମ୍ବା ଠିକାଦାରଙ୍କ ଯେକୌଣସି ଦେୟ ପରିମାଣରୁ ଅତିରିକ୍ତ 20 ପ୍ରତିଶତ ରାଶି ଜୋରିମାନା ସହିତ ଆଦାୟ କରିପାରିବେ ।

2018-19 ପର୍ଯ୍ୟନ୍ତ ନିଆଯାଇଥିବା ଏବଂ ଡିସେମ୍ବର 2019 ସୁଦ୍ଧା ସମ୍ପୂର୍ଣ୍ଣ ହୋଇଥିବା 441 ଟି ପିଏମ୍‌ଜିଏସ୍‌ୱାଇ ରାସ୍ତା କାର୍ଯ୍ୟର ରକ୍ଷଣାବେକ୍ଷଣ ପାଇଁ ସାତଟି ନମୁନା ଯାଞ୍ଚ ଜିଲ୍ଲାର ଓଏମ୍‌ଏମ୍‌ଏଏସ୍ ଡାଟାବେସ୍‌ର ବିଶ୍ଳେଷଣରୁ ଜଣାପଡ଼ିଲା ଯେ ଏହି ପାଞ୍ଚ ବର୍ଷ ମଧ୍ୟରେ କେବଳ 148 ଟି ରାସ୍ତା ଚାରିଥର (କିମ୍ବା ପ୍ରାୟ ବାର୍ଷିକ) ରକ୍ଷଣାବେକ୍ଷଣ କରାଯାଇଥିଲା । ପୁନଶ୍ଚ, ପାଞ୍ଚ ବର୍ଷ ମଧ୍ୟରେ 38 ଟି କାମରେ କୌଣସି ରକ୍ଷଣାବେକ୍ଷଣ କରାଯାଇ ନଥିଲା ଏବଂ 66 ଟି କାମରେ କେବଳ ଗୋଟିଏ ପର୍ଯ୍ୟାୟ ରକ୍ଷଣାବେକ୍ଷଣ କରାଯାଇଥିଲା ।

ନିର୍ଦ୍ଧାରିତ ଚୁକ୍ତିନାମା ସର୍ତ୍ତାବଳୀ ଅନୁଯାୟୀ ଉପଯୁକ୍ତ ରକ୍ଷଣାବେକ୍ଷଣର ଅଭାବ ସତ୍ତ୍ୱେ, ପ୍ରଭାଗୀୟ ଅଧିକାରୀମାନେ ଖିଲାପୀ ଠିକାଦାରଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । ତେଣୁ, ମୂଳ ଠିକାଦାରଙ୍କ ଦ୍ୱାରା ରାସ୍ତାର ରକ୍ଷଣାବେକ୍ଷଣ ନ କରିବା ଏବଂ ନିଯୁକ୍ତିଦାତାଙ୍କ ପାଖରେ ଉପଲବ୍ଧ ସମ୍ପାଦନା ପ୍ରତିଭୂତି ପରିମାଣରୁ ଅତିକମରେ 3.93 କୋଟି ଟଙ୍କା[87] ଆଦାୟ ନକରିବା, ଠିକାଦାରଙ୍କ ପ୍ରତି ଅନୁଚିତ୍ ଅନୁଗ୍ରହ ପ୍ରଦର୍ଶନ କରିଥିଲା ।

***(ii)*** ପିଏମ୍‌ଜିଏସ୍‌ୱାଇ ଅନ୍ତର୍ଗତ ପ୍ରଯୁକ୍ତିବିଦ୍ୟା ପଦକ୍ଷେପର ଅନୁଚ୍ଛେଦ 2.8.6 ଦର୍ଶାଏ ଯେ, ରାସ୍ତା ପାଇଁ ଯାତାୟତ ସର୍ବେକ୍ଷଣ ଅଧିକ ସଠିକତା ଏବଂ ନିର୍ଭରଯୋଗ୍ୟତା ସହିତ କରାଯିବା ଉଚିତ୍ ଏବଂ ସର୍ବେକ୍ଷଣ ଫଳାଫଳ ଆଧାରରେ ଯାତାୟତ ନକ୍ସା ଉପଯୁକ୍ତ ଭାବରେ ପ୍ରସ୍ତାବନା କରାଯିବା ଉଚିତ୍ । ରାଜ୍ୟ ସରକାର ଏହା ମଧ୍ୟ ସୁନିଶ୍ଚିତ

[87] 38 ଟି ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱ-3.30 କୋଟି ଟଙ୍କା + 20% ଜୋରିମାନା (0.63 କୋଟି ଟଙ୍କା) = 3.93 କୋଟି ଟଙ୍କା

କରିବା ଉଚିତ୍ ଯେ ନିର୍ମାଣ ପରେ ଏପରି ରାସ୍ତାରେ ଯାତାୟତ, ପରିକଳ୍ପିତ ଯାନବାହନ ଚଳାଚଳ ଅପେକ୍ଷା ଯେପରି ଅଧିକା ନହୁଏ, ଯାହାଦ୍ୱାରା କି ଏପରି ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନ ପ୍ରକଳ୍ପର ବିଫଳତାର ସମ୍ଭାବନାକୁ ଏଡ଼ାଯାଇପାରିବ ଯାହା ଅନ୍ୟଥା ସାମଗ୍ରୀ/ ପ୍ରଯୁକ୍ତିର ଖରାପ ପ୍ରଦର୍ଶନକୁ ଦର୍ଶାଇପାରେ ।

ଅଡିଟ୍ ନିରୀକ୍ଷଣ କଲା ଯେ, ଅକ୍ଟୋବର 2017 ଓ ଅକ୍ଟୋବର 2018 ମଧ୍ୟରେ ଆଠଟି ପ୍ରଭାଗ ଦ୍ୱାରା 30 ଟି ରାସ୍ତା ପ୍ରକଳ୍ପକୁ 82.70 କୋଟି ଟଙ୍କାରେ ପ୍ରଦାନ କରାଯାଇଥିଲା, ଯେଉଁଥିରେ 6.36 କୋଟି ଟଙ୍କାର ସ୍ଥାୟୀ ରକ୍ଷଣାବେକ୍ଷଣ ଖର୍ଚ୍ଚ ଅନ୍ତର୍ଭୁକ୍ତ ଥିଲା । କାର୍ଯ୍ୟଗୁଡ଼ିକ ମାର୍ଚ୍ଚ 2019 ରୁ ମଇ 2022 ମଧ୍ୟରେ 69.97 କୋଟି ଟଙ୍କାର ବ୍ୟୟ ସହିତ ସମ୍ପୂର୍ଣ୍ଣ ହୋଇଥିଲା । ଦୈନନ୍ଦିନ ରକ୍ଷଣାବେକ୍ଷଣ ଅବଧିରେ, 10 ଜଣ ଠିକାଦାର ଚୁକ୍ତିନାମା ଅନୁଯାୟୀ କାର୍ଯ୍ୟର ରକ୍ଷଣାବେକ୍ଷଣ କରିନଥିଲେ ଏବଂ ଠିକାଦାରମାନେ କେବଳ 1.14 କୋଟି ଟଙ୍କା ବ୍ୟୟରେ ହୋଇଥିବା ମାତ୍ର 20 ଟି କାର୍ଯ୍ୟର ରକ୍ଷଣାବେକ୍ଷଣ କରିଥିଲେ । ଯାହାହେଉ, ରାସ୍ତାଗୁଡ଼ିକର କଠିନ ଆବରଣ କ୍ଷତିଗ୍ରସ୍ତ ହେବା ଯୋଗୁଁ, ଭାରି ଯାନବାହନ ଚଳାଚଳ ଦ୍ୱାରା ଏହି ରାସ୍ତାଗୁଡ଼ିକ ବହୁଳ ଯାନବାହନ ଚଳାଚଳ ବଜାୟ ରଖିପାରି ନଥିଲେ ଏବଂ ସେଥିପାଇଁ ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ଭବାନୀପାଟଣା ଓ ସୁନାବେଡ଼ାର ସିସିଇ ସମସ୍ତ 30 ଟି ଚୁକ୍ତିନାମାର ପରିସମାପ୍ତି ପାଇଁ ଏକ ପ୍ରସ୍ତାବ ଦାଖଲ କରିଥିଲେ (6 ନଭେମ୍ବର 2023 ଓ 13 ନଭେମ୍ବର 2023) ।

ଜାନୁଆରୀ 2024 ରେ, ମୁଖ୍ୟଯନ୍ତ୍ରୀମାନଙ୍କର କମିଟି ଜିସିସିର ଧାରା 52.3 ଅନୁଯାୟୀ ଚୁକ୍ତିନାମା ଶେଷ କରିବାକୁ ପରାମର୍ଶ ଦେଇଥିଲେ ଏବଂ ରାସ୍ତାଗୁଡ଼ିକୁ ନବୀକରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତଦନୁସାରେ ମୂଳ ଚୁକ୍ତିନାମାଗୁଡ଼ିକର ପରିସମାପ୍ତି ହେଲା (ଜାନୁଆରୀ 2024) ଏବଂ ରାସ୍ତାଗୁଡ଼ିକର ପୁନରୁଦ୍ଧାର/ ସାମୟିକ ରକ୍ଷଣାବେକ୍ଷଣ ପାଇଁ ପୁନଶ୍ଚ 29.38 କୋଟି ଟଙ୍କାରେ କାର୍ଯ୍ୟଗୁଡ଼ିକୁ 7 ଫେବୃଆରୀ 2024 ଏବଂ 13 ଜୁଲାଇ 2024 ମଧ୍ୟରେ ପୁନର୍ବାର ଅନ୍ୟ ଠିକାଦାରମାନଙ୍କୁ ପ୍ରଦାନ କରାଯାଇଥିଲା । ମାର୍ଚ୍ଚ 2025 ସୁଦ୍ଧା, 30 ଟି ରାସ୍ତା ମଧ୍ୟରୁ 14 ଟି ରାସ୍ତା ସମ୍ପୂର୍ଣ୍ଣ ହୋଇଥିଲା ଏବଂ ବାକି 16 ଟି ରାସ୍ତାର କାର୍ଯ୍ୟ ଚାଲୁଥିଲା, ଯାହାର ମୋଟ ଖର୍ଚ୍ଚ 19.93 କୋଟି ଟଙ୍କା ଥିଲା ।

ତେଣୁ, ରାସ୍ତାଗୁଡ଼ିକର ବହୁଳ ଯାନବାହନ ଚଳାଚଳକୁ ସମ୍ଭାଳିବାରେ ବିଫଳତା ଏବଂ ଠିକାଦାରଙ୍କ ଦ୍ୱାରା ଅପର୍ଯ୍ୟାପ୍ତ ରକ୍ଷଣାବେକ୍ଷଣ ଯୋଗୁଁ ମୂଳ ଚୁକ୍ତିନାମା ଗୁଡ଼ିକ ଶେଷ ହୋଇଗଲା ଏବଂ କାର୍ଯ୍ୟଗୁଡ଼ିକ ପୁନଃ ପ୍ରଦାନ କରାଗଲା, ଯାହାଫଳରେ 23.02 କୋଟି ଟଙ୍କାର[88] ଅତିରିକ୍ତ ପରିହାର୍ଯ୍ୟ ବ୍ୟୟ ହୋଇଥିଲା ।

ବିଭାଗ ବ୍ୟକ୍ତ କଲା (ସେପ୍ଟେମ୍ବର 2025) ଯେ ଉପରୋକ୍ତ କାର୍ଯ୍ୟ ଗୁଡ଼ିକର ଚୁକ୍ତିନାମା ରକ୍ଷଣାବେକ୍ଷଣ ପର୍ଯ୍ୟାୟରେ ବନ୍ଦ କରାଯାଇଥିଲା କାରଣ ଆବଶ୍ୟକ ସଂଶୋଧନ କାର୍ଯ୍ୟ ଦୈନନ୍ଦିନ ରକ୍ଷଣାବେକ୍ଷଣ କାର୍ଯ୍ୟର ପରିସର ବାହାରେ ଥିଲା ଏବଂ ସ୍ଥାୟିତ୍ୱ ପାଇଁ ରାସ୍ତାର କଠିନ ଆବରଣକୁ ଉନ୍ନତ କରିବା ପାଇଁ ଦୈନନ୍ଦିନ ରକ୍ଷଣାବେକ୍ଷଣ ପରିମାଣ ମଧ୍ୟ ପର୍ଯ୍ୟାପ୍ତ ନଥିଲା । ଚୁକ୍ତିନାମା ଅନ୍ତ ହେବା ପରେ ସାମୟିକ ରକ୍ଷଣାବେକ୍ଷଣ ଅଧିନରେ ଏପରି ରାସ୍ତାଗୁଡ଼ିକର ନବୀକରଣ ପାଇଁ ପୃଥକ ଚୁକ୍ତିନାମା କରାଯାଇଥିଲା ।

ଯାହାହେଉ, ବିଭାଗ ପ୍ରକଳ୍ପ ନକ୍ସା, କାର୍ଯ୍ୟନିର୍ବାହ ଏବଂ ତଦାରଖରେ ଥିବା ତ୍ରୁଟିଗୁଡ଼ିକୁ ସମାଧାନ କରିବା ପାଇଁ ଉଦ୍ୟମ କରିନଥିଲେ ଯାହା ରାସ୍ତାଗୁଡ଼ିକର ସମୟ ପୂର୍ବରୁ ଖରାପ ହେବାର କାରଣ ହୋଇଥିଲା । ଚୁକ୍ତିନାମା ଅନ୍ତ କରିବା ଏବଂ କାର୍ଯ୍ୟଗୁଡ଼ିକୁ ପୁନଃ ପ୍ରଦାନ କରିବା ଦ୍ୱାରା 23.02 କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।

**ସୁପାରିଶ 3:**
**ପିଏମ୍‌ଜିଏସ୍‌ୱାଇ ଅଧୀନରେ ଥିବା ସଡ଼କ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟକାରିତାକୁ ନିୟମିତ ଅନୁଧ୍ୟାନ କରାଯିବା ଉଚିତ୍, ଯେପରି କାର୍ଯ୍ୟଗୁଡ଼ିକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାପ୍ତ ହୋଇପାରିବ । କାର୍ଯ୍ୟ ସମାପ୍ତିରେ ବିଳମ୍ବ ଏବଂ ନିର୍ମିତ ସମ୍ପତ୍ତିର ରକ୍ଷଣାବେକ୍ଷଣ ନ କରିବା ପାଇଁ ବିଭାଗ ଠିକାଦାର ମାନଙ୍କର ଉତ୍ତର ଦାୟୀତ୍ୱ ନିଶ୍ଚିତ କରିପାରନ୍ତି ।**

88 ନୂତନ ଚୁକ୍ତିନାମା ମୂଲ୍ୟ: 29.38 ଟଙ୍କା – ମୂଳ ରକ୍ଷଣାବେକ୍ଷଣ ମୂଲ୍ୟ: 6.36 ଟଙ୍କା = 23.02 କୋଟି ଟଙ୍କା

## 3.2.7 ପାଣ୍ଠି ପରିଚାଳନା

ବର୍ଷ 2019-24 ମଧ୍ୟରେ, ଓଏସ୍‌ଆର୍‌ଆର୍‌ଏ 10,701.83 କୋଟି ଟଙ୍କା[89] ଉପଲବ୍ଧ ପାଣ୍ଠି ମଧ୍ୟରୁ 9,383.53 କୋଟି ଟଙ୍କା ଖର୍ଚ୍ଚ କରିଥିଲା । ବର୍ଷୱାରୀ ପାଣ୍ଠିର ପ୍ରାପ୍ତି ଏବଂ ବ୍ୟୟ **ସାରଣୀ 3.2.3** ରେ ଦିଆଯାଇଛି ।

***ସାରଣୀ 3.2.3: 2019-24 ବର୍ଷ ମଧ୍ୟରେ ଆବଣ୍ଟିତ ଏବଂ ବ୍ୟବହୃତ ପାଣ୍ଠି*** *(ଟଙ୍କା କୋଟିରେ)*

| ବର୍ଷ | ପ୍ରାପ୍ତ ପାଣ୍ଠି | | | | ସର୍ବମୋଟ | ବ୍ୟୟ | ଅବ୍ୟୟିତ ଅର୍ଥ | ଅବ୍ୟୟିତ ଅର୍ଥର ପ୍ରତିଶତ |
|---|---|---|---|---|---|---|---|---|
| | ପ୍ରାରମ୍ଭିକ ଜମା | କେନ୍ଦ୍ର ସରକାର | ରାଜ୍ୟ ସରକାର | ମୋଟ (କେନ୍ଦ୍ର+ ରାଜ୍ୟ) | | | | |
| 2019-20 | 3636.70 | 765.85 | 452.12 | 1217.97 | 4854.67 | 2369.75 | 2484.92 | 51.19 |
| 2020-21 | 2484.92 | 599.00 | 526.78 | 1125.78 | 3610.70 | 1683.06 | 1927.64 | 53.39 |
| 2021-22 | 1927.64 | 395.12 | 340.24 | 735.36 | 2663.00 | 1739.56 | 923.44 | 34.68 |
| 2022-23 | 923.44 | 1136.39 | 927.26 | 2063.65 | 2987.09 | 2032.64 | 954.45 | 31.95 |
| 2023-24 | 954.45 | 1077.00 | 845.37 | 1922.37 | 2876.82 | 1558.52 | 1318.30 | 45.82 |
| ମୋଟ | | 3,973.36 | 3,091.77 | 7,065.13 | 16,992.28 | 9,383.53 | 1,318.30 | |

*(ଉତ୍ସ: ଓଏସ୍‌ଆର୍‌ଆର୍‌ଏ ଦ୍ୱାରା ପ୍ରଦତ୍ତ ତଥ୍ୟ)*

2023-24 ବର୍ଷରେ, ଓଏସ୍‌ଆର୍‌ଆର୍‌ଏ 1,318.30 କୋଟି ଟଙ୍କା (ଅର୍ଥାତ୍ ମୋଟ ଉପଲବ୍ଧ ପାଣ୍ଠିର 45.82 ପ୍ରତିଶତ)ର ଅବ୍ୟୟିତ ପିଏମ୍‌ଜିଏସ୍‌ୱାଇ ପାଣ୍ଠିକୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ ଖୋଲାଯାଇଥିବା ସଞ୍ଚୟ ଖାତାରେ ରଖିଥିଲେ । ରାଜ୍ୟ ଦ୍ୱାରା ଏହି ଅବଶିଷ୍ଟ ରାଶି ବ୍ୟବହାର ନ କରିବାର କାରଣ ଅଭିଲିଖିତ ନଥିଲା ।

ବିଭାଗ ପକ୍ଷରୁ କୁହାଗଲା ଯେ (ସେପ୍ଟେମ୍ବର 2025) ପାଣ୍ଠିର ସର୍ବୋତ୍ତମ ଉପଯୋଗ ପାଇଁ ସମସ୍ତ ପ୍ରୟାସ କରାଯାଇଥିଲା ।

ଯାହାହେଉ ନା କାହିଁକି, ସରକାରଙ୍କ ଉତ୍ତର ସନ୍ତୋଷଜନକ ନୁହେଁ ଏବଂ ଆବଣ୍ଟିତ ପାଣ୍ଠିର ଉପଯୋଗ ନ କରିବା ଖରାପ ଆର୍ଥିକ ପରିଚାଳନାକୁ ସୂଚିତ କରେ ।

ଏହା ସହିତ, ଅଡିଟ୍ ପିଏମ୍‌ଜିଏସ୍‌ୱାଇ ପାଣ୍ଠି ପରିଚାଳନାରେ ନିମ୍ନଲିଖିତ ଅନିୟମିତତାଗୁଡ଼ିକ ପରିଲକ୍ଷିତ କରିଥିଲା :

### *3.2.7.1 ଅବ୍ୟୟିତ ଅର୍ଥରୁ ଅର୍ଜିତ ସୁଧ ସରକାରୀ ତହବିଲକୁ ନ ପଠାଇବା*

ଏମ୍‌ଓଆର୍‌ଡି, ଭାରତ ସରକାରଙ୍କ ଅର୍ଥ ପ୍ରଦାନ ଆଦେଶ ଅନୁଯାୟୀ, ରାଜ୍ୟ ସଂଯୋଜକ ସଂସ୍ଥା ନିଶ୍ଚିତ କରିବେ ଯେ ପ୍ରଦତ୍ତ ପାଣ୍ଠିରୁ ଉପାର୍ଜିତ ହୋଇଥିବା ସୁଧକୁ ସମାନୁପାତିକ ଆଧାରରେ ସମ୍ପୃକ୍ତ ଏକତ୍ରୀକୃତ ପାଣ୍ଠିକୁ ପଠାଯିବ । 2019-20 ଆର୍ଥିକ ବର୍ଷରେ, ଓଏସ୍‌ଆର୍‌ଆର୍‌ଏ ପିଏମ୍‌ଜିଏସ୍‌ୱାଇ ଅଧିନରେ ସଞ୍ଚୟ ଖାତାରେ ରଖାଯାଇଥିବା ଅବ୍ୟୟିତ ପାଣ୍ଠିରୁ 640.74 କୋଟି ଟଙ୍କା[90] ସୁଧ ପାଇଥିଲେ । ଏଥିମଧ୍ୟରୁ, 171.88 କୋଟି ଟଙ୍କା ସରକାରୀ ତହବିଲକୁ ପଠାଯାଇଥିଲା ଏବଂ 300.67 କୋଟି ଟଙ୍କା ରକ୍ଷଣାବେକ୍ଷଣ ପାଣ୍ଠିକୁ[91] ସ୍ଥାନାନ୍ତରିତ କରାଯାଇଥିଲା । 168.19 କୋଟି ଟଙ୍କାର ଅବଶିଷ୍ଟ ଅର୍ଥ ମାର୍ଚ୍ଚ 2025 ସୁଦ୍ଧା ଓଏସ୍‌ଆର୍‌ଆର୍‌ଏ ପାଖରେ ପଡ଼ି ରହିଥିଲା । ସରକାରୀ ତହବିଲରେ ଜମା ନକରି, ଖର୍ଚ୍ଚ ନ ହୋଇଥିବା ଅର୍ଥରୁ ଉପଲବ୍ଧ ସୁଧକୁ ଏଭଳି ପାଖରେ ରଖିବା ଅନିୟମିତ ଥିଲା ଏବଂ ଏହାକୁ ସରକାରୀ ତହବିଲକୁ ସ୍ଥାନାନ୍ତର କରାଯିବାର ଆବଶ୍ୟକତା ଥିଲା ।

ପର୍ଯ୍ୟବେକ୍ଷଣକୁ ସ୍ୱୀକାର କରି ବିଭାଗ କହିଥିଲେ (ସେପ୍ଟେମ୍ବର 2025) ଯେ ଏହାର ସଠିକ୍ ସତ୍ୟାପନ ପାଇଁ ଗୋଟିଏ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଫାର୍ମକୁ ନିୟୋଜିତ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ସେମାନଙ୍କ ପରାମର୍ଶ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

---

[89] 10,701.83 ଟଙ୍କା = 3636.70 ଟଙ୍କା (ପ୍ରାରମ୍ଭିକ ଜମା) + 7065.13 ଟଙ୍କା (ମୋଟ ପ୍ରାପ୍ତି)

[90] 2019-20 ପ୍ରାରମ୍ଭରେ ଥିବା 16.58 କୋଟି ଟଙ୍କାର ପ୍ରାରମ୍ଭିକ ଅବଶେଷ ଅନ୍ତର୍ଭୁକ୍ତ

[91] ରକ୍ଷଣାବେକ୍ଷଣ ପାଣ୍ଠି ଦୈନନ୍ଦିନ ଏବଂ ସାମୟିକ ରକ୍ଷଣାବେକ୍ଷଣ ମାଧ୍ୟମରେ ଗ୍ରାମୀଣ ରାସ୍ତାର ଦେଖାଶୁଣା ପାଇଁ ଉଦ୍ଦିଷ୍ଟ ପାଣ୍ଠି ସହିତ ଜଡ଼ିତ

### *3.2.7.2 ପ୍ରଶାସନିକ ଏବଂ ଭ୍ରମଣ ବାବଦରେ ଅନଧିକୃତ ବ୍ୟୟ*

ପିଏମ୍‌ଜିଏସ୍‌ୱାଇ-III ମାର୍ଗଦର୍ଶିକାର ଅନୁଚ୍ଛେଦ 12.2 (V) ରେ ଦର୍ଶାଯାଇଛି ଯେ, କମ୍ପ୍ୟୁଟର ହାର୍ଡୱେୟାର ଏବଂ ପରୀକ୍ଷାଗାର ଉପକରଣ ଖର୍ଚ୍ଚ ବାଦ୍ ଦେଇ, ପ୍ରଶାସନିକ ଏବଂ ଭ୍ରମଣ ଖର୍ଚ୍ଚ ପାଇଁ ବ୍ୟୟ ସୀମା ବର୍ଷ ମଧ୍ୟରେ 1.00 କୋଟି ଟଙ୍କା ପର୍ଯ୍ୟନ୍ତ ହେବା ଉଚିତ୍ । ତେଣୁ, 2019-20 ରୁ 2023-24, ପାଞ୍ଚ ବର୍ଷ ମଧ୍ୟରେ ଓଏସ୍‌ଆର୍‌ଆର୍‌ଏକୁ ପ୍ରଶାସନିକ ବ୍ୟୟ ଏବଂ ଭ୍ରମଣ ବାବଦରେ 5 କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବା ପାଇଁ ଅନୁମତି ଦିଆଯାଇଥିଲା । ଏହି ସର୍ବୋଚ୍ଚ ସୀମାର ଅବମାନନା କରି ଏହା 13.18 କୋଟି ଟଙ୍କା ଖର୍ଚ୍ଚ କରିଥିଲେ, ଯଦ୍ୱାରା 8.18 କୋଟି ଟଙ୍କା ଅଧିକ ବ୍ୟୟ ହୋଇଥିଲା, ଯାହା ଅନିୟମିତ ଥିଲା ।

ବିଭାଗ ବ୍ୟକ୍ତ କଲା (ସେପ୍ଟେମ୍ବର 2025) ଯେ, ଏମ୍‌ଓଆର୍‌ଡି ଦ୍ୱାରା ନିର୍ଦ୍ଧାରିତ ସର୍ବୋଚ୍ଚ ବ୍ୟୟ ସୀମା ଆବଶ୍ୟକତା ଅନୁସାରେ ଯଥେଷ୍ଟ ନୁହେଁ । ଏହି ଉତ୍ତର ଗ୍ରହଣୀୟ ନୁହେଁ, କାରଣ ପିଏମ୍‌ଜିଏସ୍‌ୱାଇର ମାର୍ଗଦର୍ଶିକାର ନିର୍ଦ୍ଧାରିତ ସର୍ତ୍ତାବଳୀ ଅନୁସାରେ ଖର୍ଚ୍ଚ କରାଯିବା ଉଚିତ୍ ।

### *3.2.7.3 ଓଏସ୍‌ଆର୍‌ଆର୍ ଏକୁ ପିଏମ୍‌ଜିଏସ୍‌ୱାଇ କାର୍ଯ୍ୟକ୍ରମ ପାଣ୍ଠି ପ୍ରଦାନରେ ବିଳମ୍ବ*

ଏମ୍‌ଓଆର୍‌ଡିର ପାଣ୍ଠି ପ୍ରଦାନ ଆଦେଶରେ ଏହା ଉଲ୍ଲେଖ କରାଯାଇଛି ଯେ, ରାଜ୍ୟ ସରକାର ପିଏମ୍‌ଜିଏସ୍‌ୱାଇ ଅଧିନରେ କାର୍ଯ୍ୟକ୍ରମ ପାଣ୍ଠିକୁ ତଦନୁରୂପ ରାଜ୍ୟ ଅଂଶ ସହିତ ଓଏସ୍‌ଆର୍‌ଆର୍‌ଏକୁ ପାଣ୍ଠି ପାଇବାର ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ (ଅର୍ଥାତ୍ 3 ଦିନ/ 15 ଦିନ)[92] ହସ୍ତାନ୍ତର କରିବେ । ଏଥିରେ ବିଫଳ ହେଲେ ରାଜ୍ୟ ସରକାର ନିର୍ଦ୍ଦିଷ୍ଟ ଅବଧିଠାରୁ ଅଧିକ ବିଳମ୍ବିତ ଅବଧି ପାଇଁ 12 ପ୍ରତିଶତ (ଜୁଲାଇ 2015 ରୁ ଏପ୍ରିଲ୍ 2023 ପର୍ଯ୍ୟନ୍ତ) ହାରରେ ସୁଧ ଦେବାକୁ ବାଧ ହେବେ । ଆର୍‌ଡି ବିଭାଗ ଦ୍ୱାରା ପାଣ୍ଠି ପ୍ରାପ୍ତି ଏବଂ ପ୍ରଦାନ କରିବାର ବିବରଣୀ ନିମ୍ନ **ସାରଣୀ 3.2.4** ରେ ଦିଆଯାଇଛି ।

***ସାରଣୀ 3.2.4: ଆର୍‌ଡି ବିଭାଗ ଦ୍ୱାରା ପାଣ୍ଠି ପ୍ରାପ୍ତ ଏବଂ ପ୍ରଦାନ କରିବାର ବିବରଣୀ*** *(ଟଙ୍କା କୋଟିରେ)*

| କ୍ର. ସଂ. | ଏନ୍‌ଆର୍‌ଆଇଡିଏ ଦ୍ୱାରା ଆର୍‌ଡି ବିଭାଗକୁ ପ୍ରଦାନ ତାରିଖ | କେନ୍ଦ୍ରୀୟ ଅଂଶ | ରାଜ୍ୟ ଅଂଶ | ମୋଟ | ଓଏସ୍‌ଆର୍‌ଆର୍ ଏ କୁ ଆର୍‌ଡି ବିଭାଗ ଦ୍ୱାରା ପ୍ରଦାନ ତାରିଖ | ଗ୍ରହଣୀୟ ଦିନ ଗୁଡ଼ିକ | ଗ୍ରହଣୀୟ ଦିନ ପରେ ବିଳମ୍ବ | ସୁଧ ଦେୟ |
|---|---|---|---|---|---|---|---|---|
| 1 | 27-01-2020 | 573.18 | 382.12 | 955.30 | 13-02-2020 | 03 | 14 | 4.40 |
| 2 | 25-11-2020 | 400.00 | 329.06 | 729.06 | 16-12-2020 | 15 | 06 | 1.44 |
| 3 | 09-06-2022 | 203.10 | 166.31 | 369.41 | 08-07-2022 | 15 | 14 | 1.70 |
| ମୋଟ | | 1,176.28 | 877.49 | 2,053.77 | | | | 7.54 |

***(ଉତ୍ସ: ଓଏସ୍‌ଆର୍‌ଆର୍ ଏର ନଥିପତ୍ର)***

ଉପରୋକ୍ତ ସାରଣୀରୁ ଅଡିଟ୍ ପରିଲକ୍ଷିତ କଲା ଯେ 2019-24 ବର୍ଷ ମଧ୍ୟରେ, ଉପରୋକ୍ତ ମାର୍ଗଦର୍ଶିକାର ଉଲ୍ଲଂଘନ କରି ନିର୍ଦ୍ଦିଷ୍ଟ ସମୟ ସୀମା ଠାରୁ 6 ରୁ 14 ଦିନ ବିଳମ୍ବରେ 2,053.77 କୋଟି ଟଙ୍କା ଓଏସ୍‌ଆର୍‌ଆର୍‌ଏକୁ ସ୍ଥାନାନ୍ତର କରାଯାଇଥିଲା । ଫଳସ୍ୱରୂପ, ରାଜ୍ୟ ଓଏସ୍‌ଆର୍‌ଆର୍‌ଏକୁ 7.54 କୋଟି ଟଙ୍କା ସୁଧ ଦେବାକୁ ବାଧ ଥିଲା, ଯାହା ମାର୍ଚ୍ଚ 2025 ସୁଦ୍ଧା ପରିଶୋଧ କରାଯାଇ ନଥିଲା ।

ବିଭାଗ ବ୍ୟକ୍ତ କଲା (ସେପ୍ଟେମ୍ବର 2025) ଯେ ଅର୍ଥ ମନ୍ତ୍ରଣାଳୟର ଚିଠି ନମ୍ବର ଏଫ୍ ନଂ-1(13)/ ପିଏଫ୍‌ଏମ୍‌ଏସ୍/2020 ତାରିଖ 16 ଫେବୃୟାରୀ 2023 ଯାହା ଏନ୍‌ଆର୍‌ଆଇଡିଏକୁ ଜଣାଇଥିଲା, ତାହା ଅନୁଯାୟୀ ମାର୍ଗଦର୍ଶିକାର କୌଣସି ଉଲ୍ଲଂଘନ କରାଯାଇନାହିଁ ।

ତଥାପି, ଏମ୍‌ଓଆର୍‌ଡିର ନିର୍ଦ୍ଦେଶ (ଜୁଲାଇ 2017, ମଇ 2023) ପାଳନ କରାଯାଇ ନଥିଲା ଏବଂ ଏହି କାରଣରୁ ରାଜ୍ୟ ଓଏସ୍‌ଆର୍‌ଆର୍‌ଏ କୁ 7.54 କୋଟି ଟଙ୍କା ସୁଧ ଦେବାକୁ ବାଧ ଥିଲା ।

**ସୁପାରିଶ 4: ବିଭାଗ ପାଣ୍ଠିର ସଠିକ୍ ପରିଚାଳନା ସହିତ ସମୟାନୁସାରେ ପାଣ୍ଠି ସ୍ଥାନାନ୍ତର ଏବଂ ଜମା ରଖାଯାଇଥିବା ପାଣ୍ଠିରୁ ମିଳୁଥିବା ସୁଧକୁ ସରକାରୀ ଖାତାରେ ଜମା କରିବା ନିଶ୍ଚିତ କରିପାରନ୍ତି ।**

[92] 3 ଦିନ– 21 ଜୁଲାଇ 2017, 15 ଦିନ – 21 ମେ 2023

## 3.2.8 ଗୁଣବତ୍ତା ନିୟନ୍ତ୍ରଣ, ପର୍ଯ୍ୟାଲୋଚନା ଏବଂ ମୂଲ୍ୟାୟନ

ପିଏମ୍‌ଜିଏସ୍‌ୱାଇ-III ଅଧୀନରେ ଏକ ତ୍ରିସ୍ତରୀୟ ଗୁଣବତ୍ତା ନିୟନ୍ତ୍ରଣ ବ୍ୟବସ୍ଥା, ନିର୍ମିତ ରାସ୍ତାର ନିର୍ମାଣ ଗୁଣବତ୍ତା ସୁନିଶ୍ଚିତ କରିବାର ଲକ୍ଷ୍ୟ ରଖେ । ପ୍ରଥମ ସ୍ତରରେ ପିଆଇୟୁ ଅନ୍ତର୍ଭୁକ୍ତ, ଯାହା ସାମଗ୍ରୀ ଏବଂ କାରିଗରୀ ବିହିତ ବିନିର୍ଦ୍ଦେଶ ପୂରଣ କରେ କି ନାହିଁ ତାହା ନିଶ୍ଚିତ କରିବା ପାଇଁ ଉତ୍ତରଦାୟୀ । ଦ୍ୱିତୀୟ ସ୍ତରରେ ରାଜ୍ୟ ଗୁଣବତ୍ତା ପର୍ଯ୍ୟାଲୋଚନା (ଏସ୍‌କ୍ୟୁଏମ୍) ଅନ୍ତର୍ଭୁକ୍ତ, ଯାହାକୁ ରାଜ୍ୟ ଗୁଣବତ୍ତା ସଂଯୋଜକ (ଏସ୍‌କ୍ୟୁସି) ଦ୍ୱାରା ସାମୟିକ ନିରୀକ୍ଷଣ କରିବା ପାଇଁ ନିଯୁକ୍ତ କରାଯାଏ । ତୃତୀୟ ସ୍ତରରେ ଜାତୀୟ ଗୁଣବତ୍ତା ପର୍ଯ୍ୟବେକ୍ଷକ (ଏନ୍‌କ୍ୟୁଏମ୍) ଅନ୍ତର୍ଭୁକ୍ତ, ଯାହାକୁ ଏନ୍‌ଆର୍‌ଆଇଡିଏ ଦ୍ୱାରା ସ୍ୱାଧୀନ ମୂଲ୍ୟାୟନ ପାଇଁ ମଝିରେ ମଝିରେ ନିରୀକ୍ଷଣ କରିବା ଏବଂ ଜାତୀୟ ଗୁଣବତ୍ତା ମାନଦଣ୍ଡ ସହିତ ଅନୁପାଳନ ସୁନିଶ୍ଚିତ କରିବା ପାଇଁ ନିଯୁକ୍ତ କରାଯାଏ ।

### *3.2.8.1 ଠିକାଦାରମାନଙ୍କୁ ବେନିୟମ ଭାବେ ଅର୍ଥ ପ୍ରଦାନ*

ରାଜ୍ୟକୁ ଅପମିଶ୍ରିତ ଆଲକାତରା ଏବଂ ଇମଲସନ୍ ଯୋଗାଣ ବନ୍ଦ କରିବା ପାଇଁ ତଥା ଆଲକାତରା ଓ ଇମଲସନ ବିକ୍ରୟ କରି ରାଜ୍ୟ ଦ୍ୱାରା ରାଜସ୍ୱ ସଂଗ୍ରହ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ, ସମସ୍ତ ବିଭାଗକୁ ଅନୁରୋଧ କରିଥିଲା (ଅକ୍ଟୋବର 2019) ଯେ ସେମାନେ ସେମାନଙ୍କର ପ୍ରଶାସନିକ ନିୟନ୍ତ୍ରଣ ଅଧୀନରେ ଥିବା କାର୍ଯ୍ୟନିର୍ବାହୀ ସଂସ୍ଥାଗୁଡ଼ିକୁ ଉପଯୁକ୍ତ ନିର୍ଦ୍ଦେଶ ଜାରି କରନ୍ତୁ ଏବଂ କେବଳ ମୁଖ୍ୟ ଉତ୍ପାଦକଙ୍କଠାରୁ ଓ ଠିକାଦାରଙ୍କଠାରୁ ସେମାନଙ୍କର ବକେୟା ଦେୟ ପରିଶୋଧ କଲାବେଳେ ଆଲକାତରା ଏବଂ ଇମଲସନ୍‌ର କ୍ରୟ ରସିଦ୍ ଗ୍ରହଣ କରନ୍ତୁ । ଏହା ବ୍ୟତୀତ, ଗ୍ରାମୀଣ ବିକାଶ ବିଭାଗ, ଓଡ଼ିଶା ଇଆଇସି, ଆର୍‌ଡବ୍ଲ୍ୟୁ, ଓଡ଼ିଶାକୁ ନିର୍ଦ୍ଦେଶ ଦେଇଛି (ଅକ୍ଟୋବର 2019) ଯେ କାର୍ଯ୍ୟନିର୍ବାହୀ ସଂସ୍ଥାଗୁଡ଼ିକୁ କେବଳ ମୁଖ୍ୟ ଉତ୍ପାଦକ ଯଥା ଭାରତୀୟ ତୈଳ ନିଗମ ଲିମିଟେଡ୍, ହିନ୍ଦୁସ୍ଥାନ ପେଟ୍ରୋଲିୟମ ନିଗମ ଲିମିଟେଡ୍ ଏବଂ ହିନ୍ଦୁସ୍ଥାନ କୋଇଲା ନିଗମ ଲିମିଟେଡ୍/ ଓଏସ୍‌ଆଇସିଙ୍କ ଠାରୁ ଆଲକାତରା ଏବଂ ଇମଲସନ୍ କ୍ରୟ କରିବାକୁ କଡ଼ା ନିର୍ଦ୍ଦେଶ ଜାରି କରନ୍ତୁ ଏବଂ ଅନ୍ୟ କୌଣସି ଉତ୍ସରୁ ନୁହେଁ ।

ଅଡିଟ୍ ଅବଲୋକନ କଲା ଯେ ଛଅଟି ପ୍ରଭାଗ 352.73 କୋଟି ଟଙ୍କାର ଚୁକ୍ତି ମୂଲ୍ୟରେ 107 ଟି ରାସ୍ତା କାମ କରିଛି, ଯେଉଁଥିରେ କାର୍ଯ୍ୟ ସମ୍ପାଦନ ପାଇଁ 8,285.12 ମେଟ୍ରିକ୍ ଟନ୍ ଆଲକାତରା ବ୍ୟବହାର କରାଯାଇଛି । କିନ୍ତୁ, ଠିକାଦାରମାନେ ମୁଖ୍ୟ ଉତ୍ପାଦକଙ୍କ ଠାରୁ ଆଲକାତରା କ୍ରୟ ସମ୍ବନ୍ଧୀୟ ରସିଦ୍ ପ୍ରଦାନ କରିନାହାଁନ୍ତି । ଏହା ନକଲି କିମ୍ବା ନିମ୍ନମାନର ଆଲକାତରା ଓ ଇମଲସନ୍‌ର ସମ୍ଭାବ୍ୟ ବ୍ୟବହାର ନେଇ ଆଶଙ୍କା ସୃଷ୍ଟି କରିଛି, ଯାହା ରାସ୍ତା କାମର ଗୁଣବତ୍ତା ଏବଂ ସ୍ଥାୟୀତ୍ୱ ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ ।

ଏହା ବ୍ୟତୀତ, ଅର୍ଥ ବିଭାଗ/ ଆର୍‌ଡି ବିଭାଗର ନିର୍ଦ୍ଦେଶ/ ଅନୁଦେଶର ପାଳନ ନ କରି, ଯୋଗାଣ, ନର୍ଦ୍ଦିଷ୍ଟ ଚିହ୍ନିତ ଯୋଗାଣକାରୀଙ୍କ ଠାରୁ ହୋଇଛି ବୋଲି ସୁନିଶ୍ଚିତ କରିବା ପାଇଁ ଆଲକାତରାର କ୍ରୟ ରସିଦ ଯାଞ୍ଚ ନକରି, ବିଭାଗୀୟ ଅଧିକାରୀମାନେ ଠିକାଦାରମାନଙ୍କୁ 43.87 କୋଟି ଟଙ୍କା ଅନିୟମିତ ଭାବରେ ପ୍ରଦାନ କରିଥିଲେ, ଯାହାର ବିଶଦ ବିବରଣୀ ***ପରିଶିଷ୍ଟ 3.2.8*** ରେ ଦର୍ଶାଯାଇଛି । ଏ ସମ୍ପର୍କରେ ବିଭାଗ ପକ୍ଷରୁ କୌଣସି ଉତ୍ତର ଦିଆଯାଇ ନାହିଁ ।

### *3.2.8.2 ଗୁଣବତ୍ତା ନିଶ୍ଚିତକରଣ ପ୍ରକ୍ରିୟାରେ ତ୍ରୁଟି*

ପିଏମ୍‌ଜିଏସ୍‌ୱାଇର ପରିଚାଳନା ପ୍ରକରଣ ପୁସ୍ତିକାର ଅନୁଚ୍ଛେଦ 11.6.3 ରେ କୁହାଯାଇଛି ଯେ ଏସ୍‌କ୍ୟୁଏମ୍‌ର ନିରୀକ୍ଷଣ ତାରିଖରୁ 30 ଦିନ ମଧ୍ୟରେ ପିଆଇୟୁ ଦ୍ୱାରା କାର୍ଯ୍ୟାନୁଷ୍ଠାନ ରିପୋର୍ଟ (ଏଟିଆର୍) ଦାଖଲ କରାଯିବା ଉଚିତ୍ ।

ପ୍ରକଳ୍ପ ଗୁଡ଼ିକର ସାମଗ୍ରୀର ଗୁଣବତ୍ତା ଏବଂ କାର୍ଯ୍ୟନିର୍ବାହର ମାନ ଅନୁଯାୟୀ ଏସ୍‌କ୍ୟୁଏମ୍ ଦ୍ୱାରା ଦିଆଯାଇଥିବା ଅସନ୍ତୋଷଜନକ (ୟୁ) ଏବଂ ଉନ୍ନତି ଆବଶ୍ୟକ କରୁଥିବା ସନ୍ତୋଷଜନକ (ଏସ୍‌ଆର୍‌ଆଇ) ମୂଲ୍ୟାଙ୍କନ ସହିତ ବାକିଆ ଏଟିଆର୍ ଗୁଡ଼ିକର ସ୍ଥିତି **ଚାର୍ଟ 3.2.1** ରେ ଦର୍ଶାଯାଇଛି ।

**ଚାର୍ଟ 3.2.1 : କାର୍ଯ୍ୟାନୁଷ୍ଠାନ ରିପୋର୍ଟର ସ୍ଥିତି**




ଚାର୍ଟ **3.2.1** ରୁ ଏହା ଲକ୍ଷ୍ୟ କରାଯାଇପାରେ ଯେ ପିଏମଜିଏସ୍‌ୱାଇ ମାର୍ଗଦର୍ଶିକାର ବିଚଳନରେ ଠିକାଦାରମାନଙ୍କ ଦ୍ୱାରା ତ୍ରୁଟି ସଂଶୋଧନ ପାଇଁ ପିଆଇୟୁ ସ୍ତରରେ (ମାର୍ଚ୍ଚ 2024 ସୁଦ୍ଧା)1,082(ୟୁ: 468 +ଏସ୍ଆର୍ଆଇ: 614) ଏଟିଆର୍ ଗୁଡ଼ିକ ବାକିଆ ଥିଲା । ଏଥି ମଧ୍ୟରୁ 468 (254+ 214) ଏଟିଆର୍‌କୁ ଏସକ୍ୟୁଏମ ମାନଙ୍କ ଦ୍ୱାରା ଅସନ୍ତୋଷଜନକ କାର୍ଯ୍ୟନିର୍ବାହ ମାମଲା ଭାବରେ ମୂଲ୍ୟାଙ୍କନ କରାଯାଇଥିଲା । ତଥାପି ସଂପୃକ୍ତ ପିଆଇୟୁ ଗୁଡିକ ତ୍ରୁଟି ସଂଶୋଧନ ପାଇଁ କୌଣସି ପଦକ୍ଷେପ ଆରମ୍ଭ କରିନଥିଲେ ଏବଂ ଏହା ପରେ ଏଟିଆର ଦାଖଲ କରିଥିଲେ । ଏହା ବ୍ୟତୀତ 665 (254 + 411) ଏଟିଆର୍ ପାଞ୍ଚ ବର୍ଷରୁ ଅଧିକ ସମୟ ଧରି ବାକିଆ ଥିଲା, ତଥାପି ଏସ୍‌କ୍ୟୁସି, ପିଆଇୟୁ କିମ୍ବା ଠିକାଦାରମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା ।

ତେଣୁ, ଏଟିଆର୍ ଗୁଡିକର ନିରନ୍ତର ଭାବରେ ଦାଖଲ ନ କରିବା ଗୁଣବତ୍ତା ପର୍ଯ୍ୟାଲୋଚନା ବ୍ୟବସ୍ଥା ସହିତ ଏକ ଗମ୍ଭୀର ସାଲିସକୁ ସୂଚିତ କରିଥିଲା ।

- ପିଏମ୍‌ଜିଏସ୍‌ୱାଇର ପରିଚାଳନା ପ୍ରକରଣ ପୁସ୍ତିକାର ଅନୁଚ୍ଛେଦ 11.5.7 ରେ ଉଲ୍ଲେଖ କରାଯାଇଛି ଯେ ଏସ୍‌କ୍ୟୁଏମ୍ ନିରୀକ୍ଷଣ କାର୍ଯ୍ୟକ୍ରମଗୁଡିକୁ ଏପରି ଭାବରେ ପ୍ରସ୍ତୁତ କରାଯିବା ଉଚିତ ଯେ କାର୍ଯ୍ୟର ସଂପୂର୍ଣ୍ଣ କାର୍ଯ୍ୟ ନିର୍ବାହ ସମୟରେ ପ୍ରତ୍ୟେକ କାର୍ଯ୍ୟ ଅତି କମରେ ତିନି ଥର ନିରୀକ୍ଷଣ କରାଯିବ । ପ୍ରତ୍ୟେକ କାର୍ଯ୍ୟର ପ୍ରଥମ ଦୁଇଟି ନିରୀକ୍ଷଣ କାର୍ଯ୍ୟନିର୍ବାହ ସମୟରେ ଅତି କମ୍‌ରେ 3 ମାସ ବ୍ୟବଧାନରେ କରାଯିବା ଉଚିତ ଏବଂ ଶେଷ ନିରୀକ୍ଷଣ ପ୍ରତ୍ୟେକ କାର୍ଯ୍ୟ ସମାପ୍ତ ହେବା ପରେ ଏହାର ସମାପନର ଗୋଟିଏ ମାସ ମଧ୍ୟରେ କରାଯିବା ଉଚିତ ।

ଅଡିଟ୍ ଲକ୍ଷ୍ୟ କରିଛି ଯେ ମାର୍ଚ୍ଚ 2020 ରୁ ମାର୍ଚ୍ଚ 2024 ମଧ୍ୟରେ 934ଟି ସମ୍ପୂର୍ଣ୍ଣ କାର୍ଯ୍ୟ ମଧ୍ୟରୁ 12ଟି କାର୍ଯ୍ୟ କେବଳ ଥରେ, 76 ଟି କାର୍ଯ୍ୟ ଦୁଇ ଥର, 257ଟି କାର୍ଯ୍ୟ ତିନିଥର ଏବଂ ବାକି 589ଟି କାର୍ଯ୍ୟ ଏସ୍‌କ୍ୟୁଏମ୍ ଦ୍ୱାରା ଆଦୌ ନିରୀକ୍ଷଣ କରାଯାଇ ନାହିଁ ।

ଏହା ବ୍ୟତୀତ ଆବଶ୍ୟକୀୟ 2,802 ନିରୀକ୍ଷଣ ବଦଳରେ କେବଳ 935 ଟି ନିରୀକ୍ଷଣ କରାଯାଇଥିଲା, ଯାହାଫଳରେ କାର୍ଯ୍ୟର ଗୁଣାତ୍ମକ ସଂପାଦନ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ 1,867 ଟି (67 ପ୍ରତିଶତ) ନିରୀକ୍ଷଣର ଅଭାବ ଦେଖାଦେଇଥିଲା ।

ବିଭାଗ ପକ୍ଷରୁ କୁହାଯାଇଛି (ସେପ୍ଟେମ୍ବର 2025) ଯେ ବିଭିନ୍ନ ବିଭାଗରେ ପାଞ୍ଚ ବର୍ଷରୁ ଅଧିକ ସମୟ ଧରି ପଡି ରହିଥିବା ଏଟିଆର୍ ସଂପର୍କିତ ସଂଶୋଧନ କାର୍ଯ୍ୟର ସତ୍ୟାପନ ପାଇଁ ଏକ ସତନ୍ତ୍ର ଅଭିଯାନ 2025 ମସିହାର ଅକ୍ଟୋବର, ନଭେମ୍ବର ଏବଂ ଡିସେମ୍ବର ମାସରେ କରାଯିବାର ପ୍ରସ୍ତାବ ଥିଲା ।

### *3.2.8.3 ରାସ୍ତା ମରାମତି ନ ହେବା ଯୋଗୁଁ ନିଷ୍ଫଳ ଖର୍ଚ୍ଚ*

ଏମ୍ଓଆର୍ଡି ପରିପତ୍ର (ସେପ୍ଟେମ୍ବର 2009) ଅନୁଯାୟୀ , ସମାପିତ କାର୍ଯ୍ୟ କ୍ଷେତ୍ରରେ, ଯେଉଁଠାରେ ପିଆଇୟୁ ଏଟିଆର୍ଗୁଡିକର 12 ମାସରୁ ଅଧିକ ସମୟ ଧରି ପଡି ରହିଥିଲା, ସଂଶୋଧନ ହୋଇପାରୁ ନଥିବା ତ୍ରୁଟି ଥିବା ପ୍ରକଳ୍ପଗୁଡିକରେ ହୋଇଥିବା ଖର୍ଚ୍ଚକୁ ନିଷ୍ଫଳ ଧରାଯିବ ଓ ଠିକାଦାରଙ୍କ ଠାରୁ ସମତୁଲ ପରିମାଣର ଅର୍ଥ ଆଦାୟ କରାଯିବ।

ଓଏମ୍ଏମ୍ଏଏସ୍ ଡାଟାବେସ୍ ସମୀକ୍ଷା (21 ମାର୍ଚ୍ଚ 2025) ରୁ ଜଣାପଡିଛି ଯେ ଜାତୀୟ ଗୁଣବତ୍ତା ପର୍ଯ୍ୟାଲୋଚନା (ଏନ୍କ୍ୟୁଏମ) ଦ୍ୱାରା ଫେବୃୟାରୀ 2022 ରୁ ଫେବୃୟାରୀ 2024 ମଧରେ ତିନୋଟି ରାସ୍ତା[93] ନିରୀକ୍ଷଣ କରାଯାଇଥିଲା ଏବଂ ଏହାକୁ ଅସନ୍ତୋଷଜନକ (ୟୁ) ଭାବରେ ମୂଲ୍ୟାଙ୍କନ କରାଯାଇଥିଲା। 16.63 କୋଟି ଟଙ୍କା ଖର୍ଚ୍ଚ ପରେ ସେପ୍ଟେମ୍ବର 2022 ରୁ ଜୁଲାଇ 2024 ମଧରେ କାର୍ଯ୍ୟଗୁଡିକ ସମ୍ପୂର୍ଣ୍ଣ ହୋଇଥିଲା। ତଥାପି, ଏହା ଲକ୍ଷ୍ୟ କରାଯାଇଥିଲା ଯେ ଉପରୋକ୍ତ କାର୍ଯ୍ୟଗୁଡିକର ଏଟିଆର୍ଗୁଡ଼ିକ 13 ରୁ 37 ମାସ ବିତିଯିବା ପରେ ମଧ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ସ୍ତରରେ ଅନୁପାଳନ ପାଇଁ ପଡ଼ି ରହିଥିଲା।

ଏହା ଦେଖାଯାଇଥିଲା (ଫେବୃଆରୀ 2022) ଯେ ପ୍ୟାକେଜ୍ ନଂ ଓଆର୍-19-347 ର ପକ୍କାଅଂଶ କ୍ଷତିଗ୍ରସ୍ତ ହୋଇଥିଲା। ତଥାପି ସଂସ୍ଥା କୌଣସି ମରାମତି କରିନଥିଲା ଏବଂ ସଂପୃକ୍ତ ନିର୍ବାହୀ ଯନ୍ତ୍ରୀ ମାର୍ଚ୍ଚ 2025 ସୁଦ୍ଧା ଏଟିଆର୍ ଦାଖଲ କରିନଥିଲେ।

ତେଣୁ 13 ରୁ 37 ମାସ ଗତ ହେବା ପରେ ମଧ ଏଟିଆର୍ ଦାଖଲ ନ ହେବା ଯୋଗୁଁ ତ୍ରୁଟି ସଂଶୋଧନ ବିନା ନିର୍ବାହିତ ହୋଇଥିବା ସେହି ପ୍ରକଳ୍ପଗୁଡିକ ବାବଦରେ ହୋଇଥିବା 16.63 କୋଟି ଟଙ୍କାର ଖର୍ଚ୍ଚ ନିଷ୍ଫଳ ହୋଇଗଲା।

ବିଭାଗ ପକ୍ଷରୁ କୁହାଯାଇଛି (ସେପ୍ଟେମ୍ବର 2025) ଯେ 23 ମେ 2025 ରେ ପ୍ୟାକେଜ୍ ନମ୍ବର- ଓଆର୍-19-695 ଯାହାର କାର୍ଯ୍ୟ ମୂଲ୍ୟ 1.44 କୋଟି ଟଙ୍କା ଥିଲା, ସେ ପାଇଁ ଅନୁପାଳନ ଏନ୍ଆର୍ଆଇଡିଏକୁ ଦାଖଲ କରାଯାଇଥିଲା। ତଥାପି ବାକି ଦୁଇଟି ପ୍ୟାକେଜ୍ ସଂଶୋଧନ ନ ହେବା ଯୋଗୁଁ 15.19 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା।

### *3.2.8.4 ଖରାପ ପ୍ରଦର୍ଶନ କରୁଥିବା ଏସକ୍ୟୁଏମ୍ ଦ୍ୱାରା ପରିଚାଳିତ ପ୍ରକଳ୍ପର ଗୁଣବତ୍ତା*

ପିଏମ୍ଜିଏସ୍ୱାଇ ପରିଚାଳନା ପ୍ରକରଣ ପୁସ୍ତିକାର ଅନୁଚ୍ଛେଦ 11.5.2 ଅନୁଯାୟୀ ,ଏସ୍କ୍ୟୁଏମ୍ ଗୁଡ଼ିକୁ (i) ରାଜ୍ୟ ଗୁଣବତ୍ତା ବିଭାଗର କାର୍ଯ୍ୟରତ ଯନ୍ତ୍ରୀ, (ii) ରାସ୍ତା ଅଭିଜ୍ଞତା ଥିବା ଅବସରପ୍ରାପ୍ତ ରାଜ୍ୟ/ କେନ୍ଦ୍ର ସରକାରଙ୍କ ଯନ୍ତ୍ରୀ ଏବଂ (iii) ଏନ୍ଆର୍ଆଇଡିଏର ପ୍ରକଳ୍ପ ପରିଚାଳନା ପରାମର୍ଶଦାତା ସଂଗ୍ରହଣ ମାର୍ଗଦର୍ଶିକା ଅନୁଯାୟୀ ଗୁଣବତ୍ତା ସହ ମୂଲ୍ୟ ମାନଦଣ୍ଡ ଆଧାରରେ ଚୟନ କରାଯାଇଥିବା ପରାମର୍ଶଦାତା ଫାର୍ମଗୁଡ଼ିକୁ ତାଲିକାଭୁକ୍ତ କରାଯାଇଛି। ଏହା ବ୍ୟତୀତ, ପିଏମ୍ଜିଏସ୍ୱାଇର ତାଲିକାଭୁକ୍ତି ଓ କାର୍ଯ୍ୟ ସମ୍ପାଦନ ମୂଲ୍ୟାୟନ ମାର୍ଗଦର୍ଶିକାର ଅନୁଚ୍ଛେଦ 11, ଚୟନ କମିଟିକୁ ଏସ୍କ୍ୟୁଏମ୍ ଗୁଡ଼ିକର ଅଣତାଲିକାଭୁକ୍ତି ଉପରେ ନିଷ୍ପତ୍ତି ନେବା ପାଇଁ ନିମ୍ନଲିଖିତ ମାର୍ଗଦର୍ଶନକାରୀ ନୀତି ବିହିତ କରେ:

- 50 ପ୍ରତିଶତରୁ କମ୍ ନମ୍ବର ରଖିଥିବା ଏସ୍କ୍ୟୁଏମ୍ ଗୁଡ଼ିକୁ ତାଲିକାରୁ ବାହାର କରାଯିବା ଉଚିତ୍;
- 50 ରୁ 75 ପ୍ରତିଶତ ମଧରେ ନମ୍ବର ରଖିଥିବା ଏସ୍କ୍ୟୁଏମ୍ ଗୁଡ଼ିକୁ ଆଗାମୀ 6 ମାସ ପାଇଁ ପର୍ଯ୍ୟବେକ୍ଷଣରେ ରଖାଯିବା ଉଚିତ୍, ଏବଂ ଯଦି ସେମାନେ ଦ୍ୱିତୀୟ କାର୍ଯ୍ୟ ସମ୍ପାଦନା ମୂଲ୍ୟାୟନରେ 75 ପ୍ରତିଶତରୁ କମ୍ ନମ୍ବର ପାଆନ୍ତି, ତେବେ ସେମାନଙ୍କୁ ତାଲିକାରୁ ବାହାର କରି ଦିଆଯିବା ଉଚିତ୍।

---

[93] 1. ଓଆର୍-19-347 (ଆର୍ଡବ୍ଲ୍ୟୁ ପ୍ରଭାଗ, କୋରାପୁଟ), 2. ଓଆର୍-19-695 (ଆର୍ଡବ୍ଲ୍ୟୁ ପ୍ରଭାଗ, ଜୟପୁର, 3. ଓଆର୍-19 ଏନ୍195 (ଏନ୍ବିସିସି, କୋରାପୁଟ)

ଅଡିଟ୍ ନିରୀକ୍ଷଣ କଲା ଯେ ନଅଟି ଏସ୍‌କ୍ୟୁଏମ୍ ପ୍ରଥମ ମୂଲ୍ୟାୟନରେ (ଜାନୁୟାରୀ 2021) 50 ରୁ 75 ପ୍ରତିଶତ ଅଙ୍କ ପାଇଥିଲେ ଏବଂ ଦ୍ୱିତୀୟ କାର୍ଯ୍ୟ ସମ୍ପାଦନା ମୂଲ୍ୟାଙ୍କନରେ (ମାର୍ଚ୍ଚ 2022) 75 ପ୍ରତିଶତରୁ କମ୍ ଅଙ୍କ ପାଇଥିଲେ । ଖରାପ ପ୍ରଦର୍ଶନ ସତ୍ତ୍ୱେ, ଏସ୍‌କ୍ୟୁଏମ୍ ଗୁଡ଼ିକ ସେମାନଙ୍କର ଭୂମିକା ଜାରି ରଖିଲେ ଏବଂ ମାର୍ଚ୍ଚ 2022 ରୁ ଜାନୁୟାରୀ 2024 ମଧ୍ୟରେ 387 ଟି ପ୍ରକଳ୍ପ (ସଡ଼କ/ସେତୁ କାର୍ଯ୍ୟ) ର ଗୁଣବତ୍ତା ନିରୀକ୍ଷଣ କଲେ, ଯାହା ସୂଚାଇଲା ଯେ ଏସ୍‌କ୍ୟୁସି, ଏସ୍‌କ୍ୟୁଏମ୍ ଗୁଡ଼ିକୁ ଅନୁଚିତ ଅନୁଗ୍ରହ ପ୍ରଦାନ କରିଛି ଏବଂ 387 ଟି ପ୍ରକଳ୍ପ କାର୍ଯ୍ୟର ଗୁଣବତ୍ତା ମୂଲ୍ୟାୟନ ସହିତ ସାଲିସ୍ କରିଛି ।

ବିଭାଗ ପକ୍ଷରୁ କୁହାଯାଇଛି (ସେପ୍ଟେମ୍ବର 2025) ଯେ କେବଳ 29 ଟି ଏସ୍‌କ୍ୟୁଏମ୍‌ର ସୀମିତ ତାଲିକାଭୁକ୍ତ ହେବାରୁ ଏବଂ ମାନବ ସମ୍ବଳର ଅଭାବ ହେତୁ, ଓଏସ୍‌ଆର୍‌ଆର୍‌ଏର ସିଇଓ, ଏସ୍‌କ୍ୟୁଏମ୍ ଚୟନ କମିଟିର ଅଧ୍ୟକ୍ଷ ଭାବରେ, କାର୍ଯ୍ୟ ସମ୍ପାଦନା ମୂଲ୍ୟାୟନରେ କ୍ରମାଗତ ଭାବରେ 50 ପ୍ରତିଶତରୁ 75 ପ୍ରତିଶତ ମଧ୍ୟରେ ଅଙ୍କ ରଖିଥିବା ଏସ୍‌କ୍ୟୁଏମ୍ ପାଇଁ ଛଅ ମାସର ସମୟ ବୃଦ୍ଧିକୁ ଅନୁମୋଦନ କରିଥିଲେ । ଏହି ନିଷ୍ପତ୍ତି କେବଳ ନିରୀକ୍ଷଣ ଲକ୍ଷ୍ୟ ପୂରଣ କରିବା ପାଇଁ ନିଆଯାଇଥିଲା ।

ଏହି ଉତ୍ତରଟି ଯୁକ୍ତିଯୁକ୍ତ ନୁହେଁ କାରଣ ଅଯୋଗ୍ୟ ଏସକ୍ୟୁଏମ୍‌ମାନଙ୍କୁ ନିଯୁକ୍ତି ଦେବା ଫଳରେ ସେମାନଙ୍କୁ ଅନୁଚିତ୍ ଅନୁଗ୍ରହ ଦିଆଯାଇଥିଲା, ଯାହା ରାସ୍ତା ଏବଂ ସେତୁ କାର୍ଯ୍ୟର ଗୁଣବତ୍ତା ମୂଲ୍ୟାୟନକୁ ପ୍ରଭାବିତ କରିଥିଲା ।

### *3.2.8.5 ରାଜ୍ୟ ସ୍ତରୀୟ ସ୍ଥାୟୀ କମିଟି (ଏସ୍‌ଏଲ୍‌ଏସ୍‌ସି) ବୈଠକର ନ୍ୟୁନତା*

ପିଏମ୍‌ଜିଏସ୍‌ୱାଇ ପରିଚାଳନା ପ୍ରକରଣ ପୁସ୍ତିକାର ଅନୁଚ୍ଛେଦ 2.4 ରେ ଉଲ୍ଲେଖ କରାଯାଇଛି ଯେ କାର୍ଯ୍ୟର ପ୍ରଗତି, ଗୁଣବତ୍ତା ନିୟନ୍ତ୍ରଣ, କ୍ଷମତା ବୃଦ୍ଧି, ଜମି ଉପଲବ୍ଧତା, ରକ୍ଷଣାବେକ୍ଷଣ ପାଣ୍ଠିର ବଜେଟ୍ ଇତ୍ୟାଦି ବିଷୟର ତ୍ରୈମାସିକ ସମୀକ୍ଷା ପାଇଁ ଯଥା ସମ୍ଭବ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟ ସ୍ତରୀୟ ସ୍ଥାୟୀ କମିଟି (ଏସ୍‌ଏଲ୍‌ଏସ୍‌ସି) ସ୍ଥାପନ କରାଯିବା ଉଚିତ୍ ।

ଅଡିଟ୍ ଅବଲୋକନ କଲା ଯେ 2019-20 ରୁ 2023-24 ଅବଧି ମଧ୍ୟରେ, 20 ଟି ଏସ୍‌ଏଲ୍‌ଏସ୍‌ସି ବୈଠକ ଆୟୋଜନ କରିବାର ଆବଶ୍ୟକତା ସତ୍ତ୍ୱେ, 14 ଅଗଷ୍ଟ 2020, 15 ମାର୍ଚ୍ଚ 2021 ଏବଂ 7 ଜାନୁୟାରୀ 2022 ରେ କେବଳ ତିନୋଟି ବୈଠକ ଅନୁଷ୍ଠିତ ହୋଇଥିଲା । ଏହା ବ୍ୟତୀତ, ଜାନୁୟାରୀ 2022 ପରଠାରୁ ଅକ୍ଟୋବର 2024 ପର୍ଯ୍ୟନ୍ତ କୌଣସି ଏସ୍‌ଏଲ୍‌ଏସ୍‌ସି ବୈଠକ ଅନୁଷ୍ଠିତ ହୋଇନଥିଲା, ଯାହା ପିଏମ୍‌ଜିଏସ୍‌ୱାଇ ପ୍ରକଳ୍ପଗୁଡ଼ିକର ନିମ୍ନ ପର୍ଯ୍ୟାଲୋଚନା ଏବଂ ସମୀକ୍ଷାକୁ ସୂଚିତ କରିଥିଲା । ଏହା କାର୍ଯ୍ୟର ସମୟୋଚିତ ସମାପନ, ଗୁଣବତ୍ତା ନିୟନ୍ତ୍ରଣ, ଜମି ସମସ୍ୟା ସମାଧାନ ଇତ୍ୟାଦି ଉପରେ ନକାରାତ୍ମକ ପ୍ରଭାବ ପକାଇଥିଲା ।

ବିଭାଗ ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରିଥିଲା ଏବଂ କହିଥିଲା (ସେପ୍ଟେମ୍ବର 2025) ଯେ, ନ୍ୟୁନତା ହ୍ରାସ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ।

### *3.2.8.6 ଅଭିଯୋଗ ମାଧ୍ୟମରେ ସାଧାରଣ ଲୋକଙ୍କୁ ପ୍ରଦାନ କରାଯାଇଥିବା ସଡ଼କ ସଂଯୋଗର ଆଶ୍ୱାସନା ପୂରଣ ନକରିବା*

ପିଏମ୍‌ଜିଏସ୍‌ୱାଇ ମାର୍ଗଦର୍ଶିକାର ଅନୁଚ୍ଛେଦ 15.8 ରାସ୍ତା କାର୍ଯ୍ୟ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକର ପ୍ରତିବିଧାନ ପାଇଁ ଉର୍ଦ୍ଧ୍ୱଷ୍ଟ ପଦ୍ଧତିକୁ ବର୍ଣ୍ଣନା କରେ । ଏମ୍‌ଓଆର୍‌ଡି କିମ୍ବା ଏନ୍‌ଆର୍‌ଆଇଡିଏ ମାଧ୍ୟମରେ ପ୍ରାପ୍ତ ଅଭିଯୋଗଗୁଡ଼ିକୁ 30 ଦିନ ମଧ୍ୟରେ ତଦନ୍ତ ଏବଂ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌କ୍ୟୁସିକୁ ପଠାଯାଏ । ଯଦି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଯଥାର୍ଥ ଜବାବ ନ ମିଳେ, ତେବେ ଏନ୍‌ଆର୍‌ଆଇଡିଏ ଏହି ଘଟଣାକୁ ଅନୁସନ୍ଧାନ ପାଇଁ ଏକ ଏନ୍‌କ୍ୟୁଏମ୍‌କୁ ଦେଇପାରେ । ଏନ୍‌କ୍ୟୁଏମ୍‌ର ରିପୋର୍ଟର ସିଦ୍ଧାନ୍ତ ଉପରେ ଆଧାର କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଅଡିଟ୍ ଅବଲୋକନ କଲା ଯେ 2019-24 ବର୍ଷରେ ରାସ୍ତା ନିର୍ମାଣ / ମରାମତି ପାଇଁ ମିଳିଥିବା 94 ଟି ଅଭିଯୋଗ ମଧ୍ୟରୁ 28 ଟି ମାମଲା ବିଭାଗ ଦ୍ୱାରା ପ୍ରତିବିଧାନ କରାଯାଇଥିଲା ଏବଂ ସେପ୍ଟେମ୍ବର 2024 ସୁଦ୍ଧା ଅବଶିଷ୍ଟ 66 ଟି ଅଭିଯୋଗ ସମାଧାନ ପାଇଁ ବିଚାରକୁ ନିଆଯାଇ ନଥିଲା, ଯାହା ଫଳରେ ଅଭିଯୋଗଗୁଡ଼ିକର ପ୍ରତିକାର ହୋଇପାରି ନଥିଲା ।

ବିଭାଗ ପକ୍ଷରୁ କୁହାଯାଇଛି (ସେପ୍ଟେମ୍ବର 2025) ଯେ 62 ଟି ବିଚାରାଧୀନ ମାମଲା ମଧ୍ୟରୁ 19 ଟି ମାମଲାକୁ ଏକ ବୈଷୟିକ କମିଟି ଦ୍ୱାରା ନିମ୍ନ ସ୍ତରରେ ତଦନ୍ତ କରାଯାଇସାରିଛି ଏବଂ ଏହାର ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ଏମ୍ଓଆର୍ଡି/ଏନ୍ଆର୍ଆଇଡିଏକୁ ଦାଖଲ କରାଯାଇଛି । ସମ୍ପୃକ୍ତ ପିଆଇୟୁଗୁଡ଼ିକୁ ଆବଶ୍ୟକୀୟ ସଂଶୋଧନ କରିବା ପରେ ଚୂଡ଼ାନ୍ତ ରିପୋର୍ଟ ଏମ୍ଓଆର୍ଡି/ ଏନ୍ଆର୍ଆଇଡିଏକୁ ପରବର୍ତ୍ତୀ ସମୟରେ ଦାଖଲ କରିବା ପାଇଁ ମଧ୍ୟ ସୂଚିତ କରାଯାଇଥିଲା ।

### *3.2.8.7 ମୂଲ୍ୟାୟନ ପାଇଁ ଗ୍ରାମ୍ୟ ସଂଯୋଗୀକରଣର ପ୍ରଭାବ ସ୍ଥାପନ କରିବାରେ ଯୋଜନା ଉଦ୍ଦେଶ୍ୟର ବିଫଳତା*

ପିଏମଜିଏସୱାଇ-III ମାର୍ଗଦର୍ଶିକାର ଅନୁଚ୍ଛେଦ 22.1 ନିର୍ଦ୍ଧାରିତ କରେ ଯେ ପିଏମ୍ଜିଏସ୍ୱାଇ-III ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆୟ ଇତ୍ୟାଦି ସୂଚକଗୁଡ଼ିକୁ ଉନ୍ନତ କରିବ, ଯଦି ସ୍ଥାନୀୟ ପଞ୍ଚାୟତିରାଜ ପ୍ରତିଷ୍ଠାନ ସହିତ ପରାମର୍ଶ କରି ଏହି କ୍ଷେତ୍ରଗୁଡ଼ିକରେ ଚାଲୁଥିବା ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହିତ ସମନ୍ୱୟ ହାସଲ କରାଯାଏ । ଗ୍ରାମୀଣ ରାସ୍ତା ଉପରେ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ, ମାନଦଣ୍ଡ ବିକାଶ ସୂଚକଗୁଡ଼ିକୁ ମଗାଯାଇ ଡିପିଆର୍ଗୁଡ଼ିକ ସହିତ ସଂଲଗ୍ନ କରାଯାଇପାରିବ । ଏହି ସୂଚକଗୁଡ଼ିକୁ ଓଏମ୍ଏମ୍ଏଏସ୍ ଅଧିନରେ ଏକ ପୃଥକ ମଡ୍ୟୁଲ୍ ଭାବରେ ମଧ୍ୟ ଧରାଯାଇପାରିବ । ଏହା ବ୍ୟତୀତ, ଅନୁଚ୍ଛେଦ 22.2 ରେ କୁହାଯାଇଛି ଯେ ଏନ୍ଆର୍ଆଇଡିଏ ସମୟ ସମୟରେ ଗୋଟିଏ ଜିଲ୍ଲାରେ ଗ୍ରାମ୍ୟ ସଂଯୋଗୀକରଣର ପ୍ରଭାବ ସ୍ଥାପନ କରିବା ପାଇଁ ସ୍ୱାଧୀନ ଅଧ୍ୟୟନ ନିମନ୍ତେ ସହାୟତା ପ୍ରଦାନ କରିବ ।

ସାତଟି[94] ନମୁନା ଯାଞ୍ଚ ଆର୍ଡବ୍ଲ୍ୟୁ ପ୍ରଭାଗରେ 207 ଟି ଡିପିଆର୍ ଗୁଡ଼ିକର ନମୁନା ଯାଞ୍ଚରୁ ଜଣାପଡ଼ିଛି ଯେ ଗ୍ରାମୀଣ ରାସ୍ତା କାମ ଆରମ୍ଭ ହେବା ପୂର୍ବରୁ, କୌଣସି ମାନଦଣ୍ଡ ବିକାଶ ସୂଚକ ମଗାଯାଇନଥିଲା, ଚୂଡ଼ାନ୍ତ କରାଯାଇନଥିଲା ଏବଂ ସମ୍ପୃକ୍ତ ଡିପିଆର୍ ଗୁଡ଼ିକ ସହିତ ସଂଲଗ୍ନ କରାଯାଇ ନଥିଲା । ଓଏମ୍ଏମ୍ଏଏସ୍ ଅଧିନରେ ଏକ ପୃଥକ ମଡ୍ୟୁଲ ଭାବରେ ପ୍ରାସଙ୍ଗିକ ସୂଚନା ଗ୍ରହଣ କରିବା ପାଇଁ ଏପରି ସୂଚକ ମଧ୍ୟ ବିକଶିତ କରାଯାଇନଥିଲା । ଏହା ବ୍ୟତୀତ, ପିଏମ୍ଜିଏସ୍ୱାଇ ଅଧିନରେ ରାସ୍ତା ସଂଯୋଗ ପ୍ରକଳ୍ପଗୁଡ଼ିକର ପ୍ରଭାବ ମୂଲ୍ୟାୟନ କରିବା ପାଇଁ ଏନ୍ଆର୍ଆଇଡିଏ ଦ୍ୱାରା କୌଣସି ସ୍ୱାଧୀନ ଅଧ୍ୟୟନ କରାଯାଇଥିବା ମଧ୍ୟ ଦେଖାଯାଇ ନଥିଲା ।

ଡିପିଆର୍ଗୁଡ଼ିକରେ ଆବଶ୍ୟକୀୟ ମାନଦଣ୍ଡ ବିକାଶ ସୂଚକଗୁଡ଼ିକ ସଂଲଗ୍ନ କରିବାରେ ଅଭାବ ଏବଂ ଓଏମ୍ଏମ୍ଏଏସ୍ ମଧ୍ୟରେ ଏକ ପୃଥକ ମଡ୍ୟୁଲର ଅଭାବ ଯୋଗୁଁ, ଏକାଭିମୁଖତା ପ୍ରୟାସର ପ୍ରଭାବକୁ ଫଳପ୍ରଦ ଭାବରେ ମୂଲ୍ୟାଙ୍କନ କରାଯାଇପାରିଲା ନାହିଁ ।

**ସୁପାରିଶ 5:**

**ରାଜ୍ୟ ଏବଂ ଜାତୀୟ ଗୁଣବତ୍ତା ଅନୁଧ୍ୟାନକାରୀ ମାନଙ୍କ ପର୍ଯ୍ୟବେକ୍ଷଣଗୁଡ଼ିକ ଉପରେ ନଜର ରଖିବା ଏବଂ 30 ଦିନିଆ ସମୟ ସୀମା ମଧ୍ୟରେ ଏହାର ଅନୁପାଳନ ନିଶ୍ଚିତ କରିବା ପାଇଁ ଅନଲାଇନ୍ ମ୍ୟାନେଜମେଣ୍ଟ୍ ମନିଟରିଂ ଏବଂ ଆକାଉଣ୍ଟିଂ ସିଷ୍ଟମ (ଓଏମ୍ଏମ୍ଏଏସ୍) ମାଧ୍ୟମରେ ଏକ ଡିଜିଟାଲ୍ ଆକ୍ସନ୍ ଟେକେନ୍ ରିପୋର୍ଟ (ଏଟିଆର୍) ମ୍ୟାନେଜମେଣ୍ଟ୍ ମଡ୍ୟୁଲ୍ ବିକଶିତ କରିପାରନ୍ତି ।**

**ସୁପାରିଶ 6:**

**ବିଭାଗ ପ୍ରତ୍ୟେକ ପ୍ରକଳ୍ପ ପାଇଁ ରାଜ୍ୟ ଗୁଣବତ୍ତା ଅନୁଧ୍ୟାନକାରୀ ମାନଙ୍କ ଦ୍ୱାରା ଏକ ତିନି ସ୍ତରୀୟ ପରିଦର୍ଶନ ପ୍ରକ୍ରିୟା (ନିର୍ମାଣ-ପୂର୍ବ, ନିର୍ମାଣ-ମଧ୍ୟବର୍ତ୍ତୀ ଏବଂ ସମାପ୍ତି-ପରବର୍ତ୍ତୀ) ବାଧ୍ୟତାମୂଳକ କରିପାରନ୍ତି । ତୃତୀୟ ତଥା ଅନ୍ତିମ ପରିଦର୍ଶନ ସମାପ୍ତ ନହେବା ଏବଂ ଏହାକୁ 'ସନ୍ତୋଷଜନକ' ଭାବେ ଚିହ୍ନିତ କରାନଯିବା ପର୍ଯ୍ୟନ୍ତ ଠିକାଦାରଙ୍କ ଅନ୍ତିମ ପୈଠକୁ ଅଟକାଇ ରଖିବା ପାଇଁ ଓଏମ୍ଏମ୍ଏସ୍ରେ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇପାରେ ।**

---

[94] 1. ଆର୍ଡବ୍ଲ୍ୟୁ ପ୍ରଭାଗ, ପୁରୀ -27 ଟି କାର୍ଯ୍ୟ, 2. ଆର୍ଡବ୍ଲ୍ୟୁ ପ୍ରଭାଗ, ନିମାପଡ଼ା -14 ଟି କାର୍ଯ୍ୟ 3. ଆର୍ଡବ୍ଲ୍ୟୁ ପ୍ରଭାଗ, ଅନୁଗୁଳ -33 ଟି କାର୍ଯ୍ୟ, 4. ଆର୍ଡବ୍ଲ୍ୟୁ ପ୍ରଭାଗ -I, ଗଞ୍ଜାମ-33 ଟି କାର୍ଯ୍ୟ 5. ଆର୍ଡବ୍ଲ୍ୟୁ ପ୍ରଭାଗ-II, ଗଞ୍ଜାମ-55 ଟି କାର୍ଯ୍ୟ, 6. ଆର୍ଡବ୍ଲ୍ୟୁ ପ୍ରଭାଗ-I, ନୟାଗଡ଼ -27 ଟି କାର୍ଯ୍ୟ ଏବଂ ଆର୍ଡବ୍ଲ୍ୟୁ ପ୍ରଭାଗ-II, ନୟାଗଡ଼-18 = 207 ଟି କାର୍ଯ୍ୟ

**ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ**

## 3.3 5ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ

ଓଡ଼ିଶା ସରକାର ଏହାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ବିଦ୍ୟାଳୟରେ ଭିତ୍ତିଭୂମି ରୂପାନ୍ତରଣ ଏବଂ ବିଦ୍ୟାଳୟଗୁଡ଼ିକୁ ଉନ୍ନତ ଶିକ୍ଷଣୀୟ ସ୍ଥାନ କରିବା ପାଇଁ **5**ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ (**ଏଚ୍‌ଏସ୍‌ଟିପି**)[95] (2021) ଆରମ୍ଭ କରିଥିଲେ । ଏଚ୍‌ଏସ୍‌ଟିପି ପରିସରରେ ଆସୁଥିବା ବିଦ୍ୟାଳୟଗୁଡ଼ିକରେ 2021-24 ଆର୍ଥିକ ବର୍ଷରେ ନୂତନ ସ୍ମାର୍ଟ (ଅତି ଉନ୍ନତ) ଶ୍ରେଣୀଗୃହ, ସୁବିକଶିତ ବୈଦ୍ୟୁତିକ ଗ୍ରନ୍ଥାଗାର, ଅତ୍ୟାଧୁନିକ ପରୀକ୍ଷାଗାର-ତଥା-ଇଣ୍ଟରଆକ୍ଟିଭ୍ ବିଜ୍ଞାନ କେନ୍ଦ୍ର, ନୂତନ କ୍ରୀଡ଼ା ଉପକରଣ ଏବଂ ଅନ୍ୟାନ୍ୟ ଉନ୍ନତ ସୁବିଧା ଆକାରରେ ବ୍ୟାପକ ପରିବର୍ତ୍ତନ କରାଯିବାର ଥିଲା । ସ୍ମାର୍ଟ ଶ୍ରେଣୀ ଗୃହ ଗୁଡ଼ିକରେ ଲ୍ୟାପ୍‌ଟପ୍, ପ୍ରୋଜେକ୍ଟର, ହାଇସ୍ପିଡ୍ ବ୍ରଡବ୍ୟାଣ୍ଡ୍ ସଂଯୋଗ ଏବଂ ଚତୁପାର୍ଶ୍ୱ ଶବ୍ଦ ବ୍ୟବସ୍ଥା ଇତ୍ୟାଦି ସଂସ୍ଥାପିତ କରାଯିବାର ଥିଲା । ଏହି କାର୍ଯ୍ୟକ୍ରମ *ମୋ ସ୍କୁଲ୍ ଅଭିଯାନ ପରିଚାଳନା ସଂଗଠନ* (***ଏମ୍‌ଏସ୍‌ଏପିଏସ୍***)[96], ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ଏବଂ ଜିଲ୍ଲାପାଳଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା ।

ଏମ୍‌ଏସ୍‌ଏପିଏସ୍ ଏହାର ପରିଚାଳନା ପରିଷଦ (ଜିସି) ମାଧ୍ୟମରେ ଏଚ୍‌ଏସ୍‌ଟିପି ପାଇଁ ପ୍ରକଳ୍ପଗୁଡ଼ିକର ସମୀକ୍ଷା ଏବଂ ଅନୁମୋଦନ କରିବା ଏବଂ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍)[97] ଅବଦାନ ଏବଂ ରାଜ୍ୟ ସରକାରଙ୍କ ସହାୟକ ଅନୁଦାନ ମାଧ୍ୟମରେ ପ୍ରାପ୍ତ ପାଣ୍ଠିର ପରିଚାଳନା କରିବାର ଥିଲା । ଏହା ବ୍ୟତୀତ, ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓଏମ୍‌ବିଏଡିସି) ଓ ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ରୁ ଏଚ୍‌ଏସ୍‌ଟିପି କାର୍ଯ୍ୟକ୍ରମ ପାଇଁ ମିଳିଥିବା ପାଣ୍ଠିକୁ ଯଥାକ୍ରମେ ଓସେପା ଓ ଜିଲ୍ଲାପାଳମାନେ ପରିଚାଳନା କରିବାର ଥିଲା ।

ଏମ୍‌ଏସ୍‌ଏପିଏସ୍ ଏବଂ ଓସେପା ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ 2020-24 ବର୍ଷରେ ଏଚ୍‌ଏସ୍‌ଟିପିରେ 4,306.37 କୋଟି ଟଙ୍କା[98] ପ୍ରାପ୍ତ ହୋଇଛି, ଯାହା ମଧ୍ୟରୁ 3,830.91 କୋଟି ଟଙ୍କା ବିନିଯୋଗ କରାଯାଇଛି ।

ଜୁନ୍ 2025 ସୁଦ୍ଧା, ରାଜ୍ୟର 8,951 ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ମାଧ୍ୟମିକ ବିଦ୍ୟାଳୟ (ନବମ ଏବଂ ଦଶମ ଶ୍ରେଣୀ) ମଧ୍ୟରୁ 8,681 ଟି ବିଦ୍ୟାଳୟରେ ସିଏସ୍‌ଆର୍, ଓଏମ୍‌ବିଏଡିସି, ଡିଏମ୍‌ଏଫ୍ ଏବଂ ସରକାରୀ ଅଂଶ ଭାଗର ପାଣ୍ଠି ସହାୟତାରେ ଏଚ୍‌ଏସ୍‌ଟିପି କାର୍ଯ୍ୟାନ୍ୱୟନ କରାଯାଇଛି ।

ଅଡିଟ୍ ଏଚ୍‌ଏସ୍‌ଟିପିର କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ନଥିପତ୍ର ଜୁଲାଇ 2024 ଏବଂ ଅକ୍ଟୋବର 2024 ରୁ ମାର୍ଚ୍ଚ 2025 ମଧ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଏମ୍‌ଏସ୍‌ଏପିଏସ୍, ଓସେପା ଏବଂ ଛଅଟି[99] ନମୁନାଭୁକ୍ତ ଜିଲ୍ଲାରେ ନମୁନା ଯାଞ୍ଚ କରିଥିଲା ଏବଂ ପାଣ୍ଠିର ସନ୍ଦେହଜନକ ଅପବ୍ୟବହାର, ଜାଲିଆତି ଦେୟ, ନିୟମ ବହିର୍ଭୂତ କ୍ରୟ ଇତ୍ୟାଦି ଘୋର ଅନିୟମିତତା ଅବଲୋକନ କରିଥିଲା, ଯାହାକୁ ନିମ୍ନଲିଖିତ ଅନୁଚ୍ଛେଦ ମାନଙ୍କରେ ଆଲୋଚନା କରାଯାଇଛି ।

### 3.3.1 ଅଗ୍ରାହ୍ୟ / ଅନିୟମିତ ପାଣ୍ଠି ଆବଣ୍ଟନ

ଏଚ୍‌ଏସ୍‌ଟିପି ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ ସରକାରୀ କିମ୍ବା ସରକାରୀ ଅନୁଦାନପ୍ରାପ୍ତ ମାଧ୍ୟମିକ ବିଦ୍ୟାଳୟ (ନବମ ଏବଂ ଦଶମ ଶ୍ରେଣୀ) ଏଚ୍‌ଏସ୍‌ଟିପିରୁ ପାଣ୍ଠି ପାଇବାକୁ ଯୋଗ୍ୟ । ଏଚ୍‌ଏସ୍‌ଟିପି ମାର୍ଗଦର୍ଶିକା[100] ଅନୁଯାୟୀ

---

95 5ଟି କାର୍ଯ୍ୟକ୍ରମ ସ୍ୱଚ୍ଛତା, ପ୍ରଯୁକ୍ତି ବିଦ୍ୟା, ଦଳଗତ କାର୍ଯ୍ୟ, ସମୟ ଏବଂ ରୂପାନ୍ତରଣକୁ ବୁଝାଏ । ଏହି କାର୍ଯ୍ୟକ୍ରମ ଉଚ୍ଚ ବିଦ୍ୟାଳୟ ଅର୍ଥାତ୍ ନବମ ଓ ଦଶମ ଶ୍ରେଣୀ ପାଇଁ ପ୍ରଯୁଜ୍ୟ (ଓଡ଼ିଶାରେ ମାଧ୍ୟମିକ ବିଦ୍ୟାଳୟ ମଧ୍ୟ କୁହାଯାଏ)

96 5ଟି ଏଚ୍‌ଏସ୍‌ଟିପି ସହିତ ମୋ ସ୍କୁଲ୍ କାର୍ଯ୍ୟକ୍ରମ ଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ଏସ୍‌ଏମ୍‌ଇ ବିଭାଗ ଦ୍ୱାରା ପ୍ରତିଷ୍ଠିତ ଏକ ପଞ୍ଜୀକୃତ ସଂଘ

97 ଶିଳ୍ପସଂସ୍ଥା ଏବଂ ଅନ୍ୟାନ୍ୟ ସଂସ୍ଥା ଦ୍ୱାରା ସେଚ୍ଛାକୃତ ଅବଦାନ

98 ଡିଏମ୍‌ଏଫ୍ ସମ୍ବନ୍ଧିତ ପାଣ୍ଠିକୁ ବାଦ୍ ଦେଇ ଅଡିଟକୁ ଜଣାଯାଇଥିଲା

99 ବାଲେଶ୍ୱର, କଟକ, ଗଞ୍ଜାମ, ଯାଜପୁର, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାର ଡିଇଓ, ବିଡିଓ ଓ ବିଦ୍ୟାଳୟର ନଥିପତ୍ର

100 ଜୁଲାଇ 2021 ରେ ଏମ୍‌ଏସ୍‌ଏପିଏସ୍ ଦ୍ୱାରା ଜାରୀ ହୋଇଥିବା ଏଚ୍‌ଏସ୍‌ଟିପି ଉପରେ ପ୍ରଧାନ ଶିକ୍ଷକଙ୍କ ହସ୍ତପୁସ୍ତିକା

ଗୋଟିଏ ବିଦ୍ୟାଳୟକୁ ସର୍ବାଧିକ 45 ଲକ୍ଷ ଟଙ୍କା ଅର୍ଥାତ୍ ସିଏସ୍ଆର୍ ପାଣ୍ଠିରୁ 15 ଲକ୍ଷ ଟଙ୍କା ଏବଂ ସରକାରଙ୍କ ଦ୍ୱାରା ସହାୟକ ଅନୁଦାନ ଭାବରେ 30 ଲକ୍ଷ ଟଙ୍କା ଦିଆଯିବାର ଥିଲା ।

ଅଡିଟ୍ ଅବଶ୍ୟ ପରିଲକ୍ଷିତ କଲା ଯେ ବିଦ୍ୟାଳୟଗୁଡ଼ିକୁ ପ୍ରଦତ୍ତ ପାଣ୍ଠି, ଏଚ୍ଏସ୍‌ଟିପି ମାର୍ଗଦର୍ଶିକାର ବିରୁଦ୍ଧାଚରଣ କରୁଥିଲା, ଯାହା ନିମ୍ନରେ ଆଲୋଚନା କରାଗଲା:

- ଓସେପା, ବଡ଼ଚଣା ମହିଳା ମାଧମିକ ବିଦ୍ୟାଳୟରେ ଏଚ୍ଏସ୍‌ଟିପିର କାର୍ଯ୍ୟାନ୍ୱୟନ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ (ଡିଇଓ-ତଥା-ଡିପିସି), ଯାଜପୁରଙ୍କୁ 60 ଲକ୍ଷ ଟଙ୍କା ପ୍ରଦାନ କରିଥିଲା । ତେବେ, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟର ଏକତ୍ରୀକୃତ ଜିଲ୍ଲା ସୂଚନା ବ୍ୟବସ୍ଥା ଯୁକ୍ତ (ୟୁଡିଆଇଏସ୍ଇ+) ପୋର୍ଟାଲର ଯାଞ୍ଚ ପରେ ଜଣାପଡ଼ିଲା ଯେ ଯାଜପୁର ଜିଲ୍ଲାରେ ମାଧମିକ ଶିକ୍ଷା ପ୍ରଦାନ କରୁଥିବା ସେହିପରି କୌଣସି ସରକାରୀ ବିଦ୍ୟାଳୟ ନାହିଁ । ଏଚ୍ଏସ୍‌ଟିପି ପାଣ୍ଠିରୁ 57.95 ଲକ୍ଷ ଟଙ୍କା[101] ବଡ଼ଚଣା ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ ପାଇଁ ଖର୍ଚ୍ଚ କରାଯାଇଥିଲା, ଏବଂ ଏହା ଏକ ଘରୋଇ ଶିକ୍ଷାନୁଷ୍ଠାନ ଥିଲା, ଯାହା ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ଶିକ୍ଷା ପ୍ରଦାନ କରୁଥିଲା । ତେଣୁ ଏଚ୍ଏସ୍‌ଟିପି ଅଧିନରେ ସହାୟତା ପାଇଁ ଏହା ଯୋଗ୍ୟ ନୁହେଁ ।

ତେଣୁ, ଓସେପା ଦ୍ୱାରା ଏଚ୍ଏସ୍‌ଟିପି ପାଣ୍ଠି ପ୍ରଦାନ କରିବା ଏବଂ ଡିଇଓ ଏବଂ ବିଡିଓ, ବଡ଼ଚଣାଙ୍କ ଦ୍ୱାରା ଏକ ଘରୋଇ ଶିକ୍ଷାନୁଷ୍ଠାନ ପାଇଁ ଉକ୍ତ ପାଣ୍ଠିର ଉପଯୋଗ କରିବା ଅନିୟମିତ ଥିଲା । ଏକ ଘରୋଇ ସଂସ୍ଥା ପାଇଁ କାର୍ଯ୍ୟକ୍ରମ ପାଣ୍ଠି ବ୍ୟବହାର କରିବା ଅଧିକ ଅନୁସନ୍ଧାନ ସାପେକ୍ଷ ଏବଂ ଖିଲାପକାରୀ ଅଧିକାରୀଙ୍କ ବିରୋଧରେ ଦାୟିତ୍ୱଧୀନତା ଧାର୍ଯ୍ୟ କରିବା ଉଚିତ୍ ।

ବିଭାଗ ବ୍ୟକ୍ତ କଲା (ଅକ୍ଟୋବର 2025) ଯେ, ବଡ଼ଚଣା ମହିଳା ମାଧମିକ ବିଦ୍ୟାଳୟକୁ ୟୁଡିଆଇଏସ୍ଇ କୋଡ୍ 21130102852 ସହିତ 5 ଟି ଏଚ୍ଏସ୍‌ଟି (ଦ୍ୱିତୀୟ ପର୍ଯ୍ୟାୟ) ରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ କାର୍ଯ୍ୟଗୁଡ଼ିକ ଓସେପା ଦ୍ୱାରା ଅନୁମୋଦନ ପରେ ନିର୍ବାହିତ କରାଯାଇଛି । ଏହି ଉତ୍ତର ଯୁକ୍ତିଯୁକ୍ତ ନୁହେଁ କାରଣ ୟୁଡିଆଇଏସଇ କୋଡ୍ 21130102852 ବଡ଼ଚଣା ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ ସହିତ ମେଳ ଖାଇଛି, ଯାହା ଏକ ମାଧମିକ ବିଦ୍ୟାଳୟ ନୁହେଁ ।

- ଏମ୍ଏସ୍ଏପିଏସ୍ ଗଞ୍ଜାମ ଜିଲ୍ଲାର 42 ଟି ବିଦ୍ୟାଳୟକୁ ସହାୟକ ଅନୁଦାନ ଭାବରେ 18.93 କୋଟି ଟଙ୍କା ପ୍ରଦାନ କରିଥିଲା (ଏପ୍ରିଲ୍ 2022), ଯାହା ପ୍ରତି ବିଦ୍ୟାଳୟ ପିଛା 30 ଲକ୍ଷ ଟଙ୍କା ଧାର୍ଯ୍ୟ ଥିଲାବେଳେ 30.67 ଲକ୍ଷ ଟଙ୍କାରୁ 1.07 କୋଟି ଟଙ୍କା ମଧ୍ୟରେ ଥିଲା । ତେଣୁ, ପାଣ୍ଠି ଆବଣ୍ଟନ ବେନିୟମ ଥିଲା ଏବଂ ଏଥିରେ ପାରଦର୍ଶିତାର ଅଭାବ ପରିଲକ୍ଷିତ ହୋଇଥିଲା ।

ବିଭାଗ ବ୍ୟକ୍ତ କଲା (ଅକ୍ଟୋବର 2025) ଯେ, ପ୍ରଧାନ ସଚିବ, ଏସ୍ଏମ୍ଇ ବିଭାଗ ତଥା ଏମ୍ଏସ୍ଏପିଏସ୍‌ର କାର୍ଯ୍ୟନିର୍ବାହୀ ପରିଷଦର ଅଧକ୍ଷଙ୍କ ଅନୁମୋଦନ କ୍ରମେ ଗଞ୍ଜାମ ଜିଲ୍ଲାର ବିଦ୍ୟାଳୟଗୁଡ଼ିକୁ ସ୍ୱତନ୍ତ୍ର ମାମଲା ଭାବରେ ଏହି ପାଣ୍ଠି ପ୍ରଦାନ କରାଯାଇଛି । ବିହିତ ମାର୍ଗଦର୍ଶିକାର ବିଚଳନ କରି ପାଣ୍ଠି ଆବଣ୍ଟନ କରାଯାଇଥିବାରୁ ଏହି ଉତ୍ତର ଯୁକ୍ତିଯୁକ୍ତ ନୁହେଁ ।

## 3.3.2 ଏଚ୍ଏସ୍‌ଟିପି ଏବଂ ମୋ ସ୍କୁଲ୍ ଅଭିଯାନ ପାଣ୍ଠିର ସନ୍ଦେହଜନକ ଠକେଇ ଏବଂ ଆତ୍ମସାତ୍‌କରଣ

### *3.3.2.1 12.48 ଲକ୍ଷ ଟଙ୍କାର ସନ୍ଦେହଜନକ ଆତ୍ମସାତ୍‌କରଣ*

ଓଡ଼ିଶା ଟ୍ରେଜେରୀ ସଂହିତାର ନିୟମ 163 ଅନୁଯାୟୀ ସରକାରୀ ଅଧିକାରୀମାନେ ପରିଶୋଧ କରାଯାଇଥିବା ସମସ୍ତ ପାଉଣା ପାଇଁ ପୁଙ୍ଖାନୁପୁଙ୍ଖ ଭାବରେ ପାଉତି ସଂଗ୍ରହ କରିବା ଉଚିତ୍, ଯେଉଁଥିରେ ପାଉଣା ଗୁଡ଼ିକର ସମ୍ପୂର୍ଣ୍ଣ ଏବଂ ସ୍ପଷ୍ଟ ବିବରଣୀ ଉଲ୍ଲେଖ ହୋଇଥିବ । ନିୟମରେ ଏହା ମଧ ନିର୍ଦ୍ଧାରିତ କରାଯାଇଛି ଯେ ପ୍ରତ୍ୟେକ ଖର୍ଚ୍ଚ ପାଇଁ ପଉତି ରଖାଯିବା ଉଚିତ୍ । ଅର୍ଥ ବିଭାଗ, ଓଡ଼ିଶା ସରକାର ସମସ୍ତ ଉଠାଣ ଓ ବିତରଣ ଅଧିକାରୀଙ୍କୁ ସମସ୍ତ

101 ଡିଇଓ-କମ୍-ଡିପିସି ଦ୍ୱାରା:: 9.23 ଲକ୍ଷ ଟଙ୍କା ଏବଂ ବଡିଓ, ବଡ଼ଚଣାଙ୍କ ଦ୍ୱାରା: 48.72 ଲକ୍ଷ ଟଙ୍କା

ସରକାରୀ ଦେୟ/ ବିତରଣ ଗୁଡ଼ିକୁ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବୈଦ୍ୟୁତିକ ଭାବେ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ (26 ଜୁଲାଇ 2012) ।

କଟକ ସ୍ଥିତ ରାଣୀହାଟ ଉଚ୍ଚ ବିଦ୍ୟାଳୟର ରେକର୍ଡ ପରୀକ୍ଷା ଯାଞ୍ଚ ପରେ ଏଚ୍‌ଏସ୍‌ଟିପି ଅଧୀନରେ 10 ଲକ୍ଷ ଟଙ୍କା ଏବଂ ମୋ ସ୍କୁଲ୍ ଅଭିଯାନ ଅଧୀନରେ 2.48 ଲକ୍ଷ ଟଙ୍କାର ସନ୍ଦେହଜନକ ଆତ୍ମସାତ୍ ବିଷୟରେ ଅଡ଼ିଟ୍ ଜାଣିବାକୁ ପାଇଥିଲା, ଯାହା ନିମ୍ନରେ ଉଲ୍ଲେଖ କରାଯାଇଛି:

**(କ) ଏଚ୍‌ଏସ୍‌ଟିପି କାର୍ଯ୍ୟକ୍ରମ**: ଜୁଲାଇ 2021ରେ ଜିଲ୍ଲାସ୍ତରୀୟ କମିଟି[102] ଓଡ଼ିଶା ଜଳ ନିଗମ (ୱାଟ୍‌କୋ) ଏବଂ ରାସ୍ତା ଓ କୋଠାବାଡ଼ି (ଆର୍‌ଆଣ୍ଡ୍‌ବି) ଡିଭିଜନ୍‌କୁ ଏଚ୍‌ଏସ୍‌ଟିପି ସହ ଜଡ଼ିତ ପୂର୍ତ୍ତ କାର୍ଯ୍ୟ, ଜଳ, ପରିମଳ, ଶୌଚାଳୟ କାର୍ଯ୍ୟ ପାଇଁ ନିର୍ବାହୀ ସଂସ୍ଥା ଭାବରେ ନାମିତ କରିଛି । ରାଣୀହାଟ ଉଚ୍ଚ ବିଦ୍ୟାଳୟରେ ଏଚ୍‌ଏସ୍‌ଟିପି କାର୍ଯ୍ୟକାରୀ କରିବା ପାଇଁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ (ସହକାରୀ ଶିକ୍ଷକ) ଏବଂ ଜଣେ ସହକାରୀ ଶିକ୍ଷକଙ୍କ ସଂଯୁକ୍ତ ବ୍ୟାଙ୍କ୍ ଆକାଉଣ୍ଟ୍‌କୁ 45 ଲକ୍ଷ ପ୍ରଦାନ କରାଯାଇଥିଲା (ଜୁନ୍-ଜୁଲାଇ 2021) । ଅଡିଟ୍‌ରୁ ଜଣାପଡ଼ିଛି ଯେ ନିୟମିତ ପ୍ରଧାନଶିକ୍ଷକଙ୍କ ଅନୁପସ୍ଥିତି ହେତୁ ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷକ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିଲେ (27 ସେପ୍ଟେମ୍ବର 2022 ରୁ 25 ଜୁନ୍ 2023) ଏବଂ ଅନ୍ୟ ଜଣେ ସହକାରୀ ଶିକ୍ଷକଙ୍କ[103] ସହ ମିଳିତ ଭାବେ ଏହି ବ୍ୟାଙ୍କ୍ ଆକାଉଣ୍ଟ୍ ଚଳାଉଥିଲେ । ଏହି ପରିପ୍ରେକ୍ଷୀରେ ଅଡିଟ୍ ନିମ୍ନରେ ବର୍ଣ୍ଣନା କରାଯାଇଥିବା ପ୍ରବଞ୍ଚନାତ୍ମକ ଉଠାଣର ଦୁଇଟି ମାମଲା ଲକ୍ଷ୍ୟ କରିଥିଲା:

- ହାଇସ୍କୁଲ୍ ଦ୍ୱାରା 10 ଅକ୍ଟୋବର 2023 ରେ, ଆକାଉଣ୍ଟ ନମ୍ବର 8092201001XXXX (କାନାଡ଼ା ବ୍ୟାଙ୍କ୍) ରୁ ଏଚ୍‌ଏସ୍‌ଟିପି ପାଇଁ ୱାଟ୍‌କୋ ଡିଭିଜନ୍, କଟକର ଜେନେରାଲ ମ୍ୟାନେଜରଙ୍କୁ 5 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ଦର୍ଶାଯାଇଥିଲା । ମାତ୍ର ବ୍ୟାଙ୍କଖାତାରେ ଏହି କାରବାରକୁ ନିଜ ପାଇଁ ଉଠାଣ ବୋଲି ଉଲ୍ଲେଖ କରାଯାଇଛି । ଏହି ପାଣ୍ଠିର ପ୍ରାପ୍ତି ଜାଣିବା ନିମନ୍ତେ ଅଡିଟ୍ କଟକର ୱାଟକୋ ଡିଭିଜନ୍‌କୁ ଅନୁରୋଧ କରିଥିଲା, କିନ୍ତୁ ଉତ୍ତରରେ ଡିଭିଜନ୍ କହିଥିଲା (ମାର୍ଚ୍ଚ 2025) ଯେ ବିଦ୍ୟାଳୟରୁ ପାଞ୍ଚ ଲକ୍ଷ ଟଙ୍କା ମିଳିନାହିଁ । ତେଣୁ, ସମ୍ପୃକ୍ତ ଶିକ୍ଷକଙ୍କ ଦ୍ୱାରା ସେଲ୍ଫ ଚେକ୍ ମାଧ୍ୟମରେ ନଗଦ 5 ଲକ୍ଷ ଟଙ୍କା ଉଠାଯାଇଥିଲା, ଯଦିଓ ନଥିପତ୍ରରେ ପ୍ରବଞ୍ଚନା କରି ଏହା ୱାଟ୍‌କୋକୁ ପ୍ରଦାନ କରାଯାଇଥିବା ଦାବି କରାଯାଇଥିଲା ।

- ଉଚ୍ଚ ବିଦ୍ୟାଳୟ ଦ୍ୱାରା 31 ଅକ୍ଟୋବର 2023 ରେ ପୂର୍ତ୍ତ କାର୍ଯ୍ୟ ପାଇଁ ଆର୍‌ଆଣ୍ଡବି ଡିଭିଜନ୍‌କୁ ଚେକ୍ ମାଧ୍ୟମରେ 5,00,311 ଟଙ୍କା ପ୍ରଦାନ କରାଯାଇଥିବା କଥା ନଥିଭୁକ୍ତ କରାଯାଇଥିଲା । କିନ୍ତୁ, ବ୍ୟାଙ୍କର ନିଶ୍ଚିତକରଣରୁ ଜଣାପଡ଼ିଲା ଯେ ଏହି ରାଶି ଆର୍‌ଆଣ୍ଡ୍‌ବି ଡିଭିଜନ୍ ପରିବର୍ତ୍ତେ ଜଣେ ସହକାରୀ ଶିକ୍ଷକଙ୍କ ଆକାଉଣ୍ଟ୍‌କୁ ସ୍ଥାନାନ୍ତରିତ ହୋଇଛି ।

ଏହିପରି ଆକାଉଣ୍ଟ୍‌ଧାରୀମାନେ 10,00,311 ଟଙ୍କା ଆତ୍ମସାତ୍ କରିଥିବା ସନ୍ଦେହ କରାଯାଉଥିଲା ଯାହା ଅଧିକ ଅନୁସନ୍ଧାନ ସାପେକ୍ଷ ଏବଂ ଉତ୍ତରଦାୟିତ୍ୱ ସ୍ଥିର କରିବା ଆବଶ୍ୟକ କରେ ।

**(ଖ) ମୋ ସ୍କୁଲ୍ ଅଭିଯାନ:** 2017 ମସିହାରେ ଓଡ଼ିଶା ସରକାରଙ୍କ ଦ୍ୱାରା ମୋ ସ୍କୁଲ୍ ଅଭିଯାନ ଆରମ୍ଭ କରାଯାଇଥିଲା, ଯାହାର ଉଦ୍ଦେଶ୍ୟ ଥିଲା ପୁରାତନ ଛାତ୍ରଛାତ୍ରୀ ଏବଂ ଗୋଷ୍ଠୀ ଅଂଶଗ୍ରହଣକୁ ଉତ୍ସାହିତ କରି ସରକାରୀ ଏବଂ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ଉନ୍ନତି କରିବା । ସମୀକ୍ଷାରୁ ଜଣାପଡ଼ିଲା ଯେ, ଏମ୍‌ଏସ୍‌ଏପିଏସ୍ ସମସ୍ତ ଜିଲ୍ଲାପାଳମାନଙ୍କୁ ସୂଚିତ କରିଥିଲା (ମେ 2018) ଯେ, ମୋ ସ୍କୁଲ୍ ଅଭିଯାନ ଅଧୀନରେ ପାଣ୍ଠି ପାଇବା ପାଇଁ ପ୍ରତ୍ୟେକ ବିଦ୍ୟାଳୟ ଏକ ଜାତୀୟକରଣ ବ୍ୟାଙ୍କରେ ଆକାଉଣ୍ଟ୍ ଖୋଲିବା ଉଚିତ୍ । ଏହି ଆକାଉଣ୍ଟ୍ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ପୁରାତନ ଛାତ୍ର ସଂସଦ/ ଏମ୍‌ଏମ୍‌ସି/ ଏସ୍‌ଏମ୍‌ଡିସି/ ବିଇଓ/

---

102 ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲାପାଳଙ୍କ ନେତୃତ୍ୱରେ ଗଠିତ କମିଟି

103 ଶ୍ରୀ କେ.କେ.ନନ୍ଦ (ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ) ଏବଂ ଶ୍ରୀମତୀ ବିଦ୍ୟୁତ୍ ମଞ୍ଜରୀ ପ୍ରଧାନ (ସହକାରୀ ଶିକ୍ଷକ)

ସିଆରସିସି[104] ର ଜଣେ ପ୍ରତିନିଧି କିମ୍ବା ସେହି ବିଦ୍ୟାଳୟର ସବୁଠାରୁ ବରିଷ୍ଠ ଶିକ୍ଷକଙ୍କ ଦ୍ୱାରା ମିଳିତ ଭାବରେ ପରିଚାଳିତ ହେବ । ଅଡିଟ୍ ଦେଖିଲା ଯେ, ଯଦିଓ ଦୁଇଟି ଯାକ କାର୍ଯ୍ୟକ୍ରମ ମୋ ସ୍କୁଲ୍ ଅଭିଯାନ ଓ ଏଚ୍ଏସ୍‌ଟିପି କାର୍ଯ୍ୟକ୍ରମ ପାଇଁ ପୃଥକ ରୋକଡ଼ ବହି ଏବଂ ବ୍ୟାଙ୍କ୍ ଆକାଉଣ୍ଟ୍ ଖୋଲିବାର ଆବଶ୍ୟକତା ଥିଲା, ମାତ୍ର ସେପରି କରାନଯାଇ ଗୋଟିଏ ଆକାଉଣ୍ଟରେ ଉଭୟ କାର୍ଯ୍ୟକ୍ରମ ପାଇଁ ପାଣ୍ଠି ଆସୁଥିଲା ଓ ବିତରଣ ହେଉଥିଲା । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ (ଶ୍ରୀ କେ.କେ.ନନ୍ଦ) ଏବଂ ସହକାରୀ ଶିକ୍ଷକ (ଶ୍ରୀମତୀ ବିଦ୍ୟୁତ୍ ମଞ୍ଜରୀ ପ୍ରଧାନ) ବ୍ୟାଙ୍କ ଖାତାର ସଂଯୁକ୍ତ ପରିଚାଳକ ଥିଲେ, ଯେଉଁମାନେ ଏଚ୍ଏସ୍‌ଟିପି ପାଣ୍ଠିର ଆତ୍ମସାତ୍‌କରଣ ପାଇଁ ଦାୟୀ ଥିଲେ, ଯାହା ଉପରେ ଆଲୋଚନା କରାଯାଇଛି ।

ଅଡିଟ୍ ପୁନଶ୍ଚ ନିରୀକ୍ଷଣ କଲା ଯେ ଜାନୁଆରୀ 2023 ରୁ ସେପ୍ଟେମ୍ବର 2024 ମଧ୍ୟରେ ଉକ୍ତ ବ୍ୟାଙ୍କ୍ ଆକାଉଣ୍ଟ୍‌ରୁ କଥିତ ଭାବେ ବିଭିନ୍ନ ଖର୍ଚ୍ଚ ଓ ବିତରଣ ପାଇଁ ସାତ ଥରରେ ମୋଟ 2,47,737 ଟଙ୍କା ଉଠାଯାଇଥିଲା ଯାହା ପାଇଁ ନଥିପତ୍ରରେ କୌଣସି ପ୍ରାମାଣିକ ପାଉତି ଉପଲବ୍ଧ ନଥିଲା ଯାହା **ସାରଣୀ 3.3.1** ରେ ବର୍ଣ୍ଣିତ ।

***ସାରଣୀ 3.3.1: ପ୍ରାମାଣିକ ପାଉଚି ଉପଲବ୍ଧ ନଥିବା ଖର୍ଚ୍ଚର ବିବରଣୀ***

| କ୍ର.ସଂ. | ଉଠାଣ ତାରିଖ | ପରିମାଣ (ଟଙ୍କାରେ) | ଉଠାଣର ପ୍ରକାର | ଉଠାଣର ଅଭିଲିଖିତ ଉଦ୍ଦେଶ୍ୟ |
|---|---|---|---|---|
| 1 | 23 ଜାନୁୟାରୀ 2023 | 21,104 | ସ୍ୱୟଂ ଚେକ୍ | ଏସ୍ଏମ୍‌ସି ମ୍ୟାଚିଂ ଅନୁଦାନ (ମୋ ସ୍କୁଲ୍) ପାଇଁ |
| 2 | 07 ଫେବୃୟାରୀ 2023 | 22,727 | ବାହକ ଚେକ୍[105] | କୌଣସି ଉଲ୍ଲେଖ ନାହିଁ |
| 3 | 3 ମାର୍ଚ୍ଚ 2023 | 3,592 | ବାହକ ଚେକ୍ | ବିଏସ୍ଏନ୍ଏଲ୍, କଟକକୁ ଇଣ୍ଟର ନେଟ୍ ଚାର୍ଜ ପାଇଁ ଦେୟ |
| 4 | 22 ମଇ 2023 | 1,20,000 | ସ୍ୱୟଂ ଚେକ୍ | ମିସନ୍ ଏଫ୍[106] ପାଇଁ ଡିଇଓ, କଟକଙ୍କୁ ପ୍ରଦାନ କରାଯାଇଛି |
| 5 | 13 ଜୁନ୍ 2023 | 20,000 | ସ୍ୱୟଂ ଚେକ୍ | ନୂତନ ପଙ୍ଖା ମରାମତି ଏବଂ ସଂସ୍ଥାପନ |
| | | 54,000 | | ପରିସର ସଫେଇ ଏବଂ ପୁରସ୍କାର ବଣ୍ଟନ ଇତ୍ୟାଦି |
| 6 | 13 ଜୁଲାଇ 2023 | 3,314 | ବାହକ ଚେକ୍ | ବିଏସ୍ଏନ୍ଏଲ୍‌କୁ ଅର୍ଥ ପଇଠ |
| 7 | 30 ସେପ୍ଟେମ୍ବର 2024 | 3,000 | ନଗଦ ପ୍ରତ୍ୟାହାର | ଏହି ତାରିଖ ପାଇଁ ରୋକଡ଼ ବହି ଲେଖା ହୋଇନାହିଁ |
| ମୋଟ | | **2,47,737** | | |

***(ଉତ୍ସ: ରାଣୀହାଟ ଉଚ୍ଚ ବିଦ୍ୟାଳୟର ରୋକଡ଼ ବହି ଏବଂ ବ୍ୟାଙ୍କ ପାସ୍ ବୁକ୍)***

ଅଡିଟ୍ ଉପରୋକ୍ତ ସାତୋଟି କାରବାର ପୁଙ୍ଖାନୁପୁଙ୍ଖ ଭାବରେ ଯାଞ୍ଚ କରିଥିଲା ଏବଂ ଅବଲୋକନ କଲା କି :

- ସହାୟକ ଅନୁଦାନ ଭାବରେ ତଥାକଥିତ 21,104 ଟଙ୍କା ଅର୍ଥ ପ୍ରଦାନ କ୍ଷେତ୍ରରେ, ପ୍ରାପ୍ତ କର୍ତ୍ତାଙ୍କ ସ୍ୱୀକୃତି ନଥିଲା କିମ୍ବା ଦେୟକାରୀଙ୍କ ପରିଚୟ ମଧ୍ୟ ନଥିରେ ଉପଲବ୍ଧ ନଥିଲା । ଅଧିକନ୍ତୁ, ବିଦ୍ୟାଳୟ ମୋ ସ୍କୁଲ ଅଭିଯାନ ଅଧୀନରେ ସହାୟକ ଅନୁଦାନ ପ୍ରଦାନ କରିବା ଅନୁଚିତ, କାରଣ ଏହି ପାଣ୍ଠି ଏସ୍ଆଣ୍ଡ୍‌ଏମ୍‌ଇ ବିଭାଗ ପ୍ରଦାନ କରିଥାଏ ।

- କଟକ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ମିସନ୍ ଏଫ ବାବଦକୁ 1,20,000 ଟଙ୍କା ଡିଇଓ, କଟକଙ୍କ ଦିଆଯାଇଥିବା ବାବଦରେ ଅଡିଟ୍ ନଥିପତ୍ର ଯାଞ୍ଚ କରି ଜାଣିବାକୁ ପାଇଲା ଯେ ସେପରି କୌଣସି ପାଣ୍ଠି ହସ୍ତାନ୍ତର ହୋଇନଥିଲା ।

- ନୂତନ ପଙ୍ଖାର ସ୍ଥାପନ ଏବଂ ମରାମତି ଉପରେ, ଯେଉଁଥିପାଇଁ 20,000 ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଇଥିଲା, ତାର ସମର୍ଥନରେ ଷ୍ଟକ୍ ରେଜିଷ୍ଟରରେ କୌଣସି ଉଲ୍ଲେଖ ନଥିଲା ।

---

[104] **ଏସ୍ଏମ୍‌ସି**: ବିଦ୍ୟାଳୟ ପରିଚାଳନା କମିଟି, **ଏସ୍ଏମ୍‌ଡିସି:** ବିଦ୍ୟାଳୟ ପରିଚାଳନା ଏବଂ ବିକାଶ କମିଟି, **ବିଇଓ:** ବ୍ଲକ୍ ଶିକ୍ଷା ଅଧିକାରୀ, **ସିଆର୍‌ସିସି:** ସମୂହ ସମ୍ବଳ କେନ୍ଦ୍ରର ସଂଯୋଜକ

[105] ବାହକ:: ସୂର୍ଯ୍ୟକାନ୍ତ ମହାନ୍ତି, ବିଦ୍ୟାଳୟର ପିଅନ

[106] ଦଶମ ଶ୍ରେଣୀରେ ଶୂନ୍ୟ ଫେଲ୍ ପଞ୍ଜୀକରଣ ପାଇଁ ଏକ ଅଭିଯାନ

- କ୍ୟାମ୍ପସ୍ ସଫେଇ ପାଇଁ ଏସ୍ଏମ୍ସି ସଭାପତିଙ୍କୁ ଅର୍ଥ ପ୍ରଦାନ ଏବଂ 'ମୋ ସ୍କୁଲର' ସୁଧ ରାଶିରୁ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିବା ପାଇଁ କଥିତ ଭାବେ ଖର୍ଚ୍ଚ ହୋଇଥିବା 54,000 ଟଙ୍କା ସମ୍ବନ୍ଧରେ ବିଦ୍ୟାଳୟ କୌଣସି ଦସ୍ତାବିଜ୍ ଉପସ୍ଥାପନ କରିପାରିଲା ନାହିଁ ଯାହାକି କୌଣସି ପ୍ରାଧିକରଣ ଦର୍ଶାଇପାରିବ କିମ୍ବା ଅର୍ଥ ପ୍ରଦାନ ପାଇଁ ସଂକଳ୍ପ ଅନୁମୋଦନ ହୋଇଥିବା ଦେଖାଇପାରିବ ।
- ଦୁଇଟି ମାମଲାରେ ବିଏସ୍ଏନ୍ଏଲ୍‌କୁ 6,906 ଟଙ୍କାର ପଇଠ ସମ୍ବନ୍ଧରେ କୌଣସି ବିଏସ୍ଏନ୍ଏଲ୍ ଦସ୍ତାବିଜଗତ ଉପସ୍ଥାପନ କରିନଥିଲା ।

ଉପରୋକ୍ତ କୌଣସି କ୍ଷେତ୍ରରେ, ଏସ୍ଏମ୍ସି ଯିଏକି କ୍ଷମତାସପନ୍ନ କର୍ତ୍ତୃପକ୍ଷ ଖର୍ଚ୍ଚ କରିବାକୁ ଅନୁମତି ଦେଇନଥିଲା ।

ତେଣୁ ବ୍ୟାଙ୍କ୍ ଆକାଉଣ୍ଟ୍‌ର ଯୁଗ୍ମ ପରିଚାଳକମାନେ ଅନଧିକୃତ[107] ଭାବେ ମୋ ସ୍କୁଲ ଆକାଉଣ୍ଟରୁ 2,47,737 ଟଙ୍କା ଉଠାଇଥିଲେ, ଏହାକୁ ଖର୍ଚ୍ଚ ଦର୍ଶାଇ ନିୟମିତ କରିବାକୁ ଚେଷ୍ଟା କରିଥିଲେ ଏବଂ ରୋକଡ଼ ବହିରେ ଚଞ୍ଚକତା ପୂର୍ବକ ଦର୍ଶାଇଥିଲେ । 2021 ରୁ 2025 (ଯାହା ଅଡିଟ୍ ଅବଧି ଥିଲା) ମଧ୍ୟରେ ଏସ୍ଏମ୍ସିର କୌଣସି ବୈଠକ ହୋଇନଥିବାରୁ, ଏପରି ସମ୍ଭବ ହୋଇଥିଲା । ପୁନଶ୍ଚ, ବିଦ୍ୟାଳୟ ମଧ୍ୟ କୌଣସି ବି ଆର୍ଥିକ ବର୍ଷ ପାଇଁ ମୋ ସ୍କୁଲ୍ ଅଭିଯାନ ଅଧିନରେ ଆୟ ଓ ବ୍ୟୟର ବାର୍ଷିକ ବିବରଣୀ ପ୍ରସ୍ତୁତ କରିନଥିଲା ।

ତେଣୁ, ସରକାରୀ ପାଣ୍ଠି ଅଭିଳକ୍ଷିତ ଉଦ୍ଦେଶ୍ୟ ପାଇଁ ଦକ୍ଷତା ଓ ମିତବ୍ୟୟିତାର ସହିତ ଖର୍ଚ୍ଚ ହୋଇଛି ବୋଲି ସୁନିଶ୍ଚିତ କରିବା ପାଇଁ କୌଣସି ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା ନଥିଲା, ଯାହାର ପରିଣାମ ସ୍ୱରୂପ 12.45 ଲକ୍ଷ ଟଙ୍କା ଆତ୍ମସାତ୍ ହୋଇଥିବା ସନ୍ଦେହ ହୋଇଥିଲା, ଯାହା ଅଧିକ ଅନୁସନ୍ଧାନ ଓ ଉତ୍ତରଦାୟିତ୍ୱ ସ୍ଥିର କରିବା ଆବଶ୍ୟକ କରେ ।

ବିଭାଗ ଅର୍ଥ ଆତ୍ମସାତ୍‌କରଣ ତଥ୍ୟକୁ ସ୍ୱୀକାର କରି କହିଥିଲା (ଅକ୍ଟୋବର 2025) ଯେ ସମ୍ପୃକ୍ତ ସହକାରୀ ଶିକ୍ଷକ (ଯିଏ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିଲେ)ଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରି ତାଙ୍କୁ ନିଲମ୍ବିତ କରାଯାଇଛି ଏବଂ ଯୁଗ୍ମ ଆକାଉଣ୍ଟ୍‌ଧାରୀ ହୋଇଥିବାରୁ ଅନ୍ୟ ସହକାରୀ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି (ଜୁଲାଇ 2025) ।

### *3.3.2.2 ତିରିଶି ଲକ୍ଷ ଟଙ୍କାର ପ୍ରବଞ୍ଚନାତ୍ମକ ଅର୍ଥ ପରିଶୋଧ*

ଓଜିଏଫ୍ଆର୍, ଖଣ୍ଡ-I ର ନିୟମ 9 ରେ କୁହାଯାଇଛି ଯେ ସରକାରୀ ପାଣ୍ଠିରୁ ଖର୍ଚ୍ଚ ପ୍ରଥମତଃ ଆବଶ୍ୟକତାରୁ ଅଧିକ କିମ୍ବା କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଲାଭ ପାଇଁ ହେବା ଉଚିତ୍ ନୁହେଁ ।

ଯାଜପୁର ଡିଏଲ୍ସି ଦଶରଥପୁର ବ୍ଲକ ଅନ୍ତର୍ଗତ ନନ୍ଦିପୁର ଉଚ୍ଚ ବିଦ୍ୟାଳୟରେ ଏଚଏସ୍‌ଟିପି ଅଧିନରେ ପୂର୍ତ୍ତ କାର୍ଯ୍ୟ କରିବା ପାଇଁ ଦଶରଥପୁର ବିଡିଓଙ୍କୁ କାର୍ଯ୍ୟନିର୍ବାହୀ ସଂସ୍ଥା ଭାବରେ ମନୋନୀତ କରିଥିଲେ । ପଦ୍ଧତିଗତ ଭାବେ ଏଚ୍ଏସ୍‌ଟିପି କାର୍ଯ୍ୟ କରିବା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଦଶରଥପୁର ବିଡିଓଙ୍କୁ ଅର୍ଥ ହସ୍ତାନ୍ତର କରିବାର ଥିଲା । କିନ୍ତୁ ଅଡିଟ୍ ଦେଖିଲା ଯେ ନନ୍ଦିପୁର ଉଚ୍ଚ ବିଦ୍ୟାଳୟର ବ୍ୟାଙ୍କ ଆକାଉଣ୍ଟରୁ ଦୁଇଟି ଚେକ୍‌ରେ[108] 30 ଲକ୍ଷ ଟଙ୍କା ବିଦ୍ୟାଳୟ ପରିଚାଳନା କମିଟି ମାଧ୍ୟମରେ ବିଡିଓ, ଦଶରଥପୁରଙ୍କୁ ନ ଦିଆଯାଇ ତୃତୀୟ ପକ୍ଷର ବ୍ୟାଙ୍କ ଆକାଉଣ୍ଟ୍‌କୁ ପୈଠ କରାଯାଇଛି ଯାହାକି ସମ୍ଭାବ୍ୟ ପ୍ରବଞ୍ଚନାର ସୂଚନା ଦିଏ ।

ବିଭାଗ ବ୍ୟକ୍ତ କଲା (ଅକ୍ଟୋବର 2025) ଯେ ପୂର୍ବତନ ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଏହା ଆହୁରି ମଧ୍ୟ ବ୍ୟକ୍ତ କଲା ଯେ ପୂର୍ବତନ ପ୍ରଧାନ ଶିକ୍ଷକଙ୍କ କହିବା ଅନୁଯାୟୀ କାର୍ଯ୍ୟ ଶେଷ ହୋଇଛି ଏବଂ ତୃତୀୟ ପକ୍ଷକୁ ଦେୟ ପ୍ରଦାନ କରାଯାଇଛି । ମାତ୍ର ଏହି ଉତ୍ତର ଗ୍ରହଣୀୟ ନୁହେଁ କାରଣ ସେହି ଅର୍ଥ

---

107 ଅଧିନିୟମ ସଂଲଗ୍ନ ନିୟମାବଳୀ ଅନୁଯାୟୀ, ଏସ୍ଏମ୍ସି ମାସରେ ଅତି କମରେ ଥରେ ବୈଠକ କରିବା ଆବଶ୍ୟକ ଏବଂ ବୈଠକର ବିବରଣୀ ଏବଂ ନିଷ୍ପତ୍ତିକୁ ସଠିକ୍ ଭାବରେ ଅଭିଲିଖିତ କରାଯିବା ଆବଶ୍ୟକ । ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ ଏସ୍ଏମ୍ସି ସରକାର କିମ୍ବା ଅନ୍ୟାନ୍ୟ ଉତ୍ସରୁ ପ୍ରାପ୍ତ ଅନୁଦାନର ସଠିକ୍ ଉପଯୋଗ ଉପରେ ନଜର ରଖିବା ଉଚିତ୍ ।

108 ଚେକ୍ ସଂଖ୍ୟା 220200 ତାରିଖ 04 ଅକ୍ଟୋବର 2021 ପାଇଁ 28.00 ଲକ୍ଷ ଟଙ୍କା ଏବଂ ଚେକ୍ ସଂଖ୍ୟା 220201 ତାରିଖ 07 ଅକ୍ଟୋବର 2021 ପାଇଁ 2.00 ଲକ୍ଷ ଟଙ୍କା

କାର୍ଯ୍ୟନିର୍ବାହୀ ସଂସ୍ଥା ଯଥା ବିଡିଓ, ଦଶରଥପୁର ପରିବର୍ତ୍ତେ ସିଧାସଳଖ ତୃତୀୟ ପକ୍ଷକୁ ସ୍ଥାନାନ୍ତରିତ ହୋଇଥିଲା ଏବଂ ପୂର୍ତ୍ତ କାର୍ଯ୍ୟର ପ୍ରକୃତ ନିର୍ବାହନ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ସୁନିଶ୍ଚିତ/ ଯାଞ୍ଚ କରାଯାଇ ନଥିଲା ।

### *3.3.2.3 ଡୁଆଲ୍ ଡେସ୍କର ସନ୍ଦେହଜନକ ପ୍ରବଞ୍ଚନାତ୍ମକ ମରାମତି କାର୍ଯ୍ୟ 4.95 ଲକ୍ଷ ଟଙ୍କା*

ଅର୍ଥ ବିଭାଗ ଦ୍ୱାରା ଜାରି କରାଯାଇଥିବା ସଂଗ୍ରହଣ ମାର୍ଗଦର୍ଶିକା (2012) ର ଅନୁଚ୍ଛେଦ 12 ଅନୁଯାୟୀ 5 ଲକ୍ଷ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର ସାମଗ୍ରୀ କ୍ରୟ ପାଇଁ ବିଜ୍ଞାପନ ମାଧ୍ୟମରେ ଟେଣ୍ଡର ଆମନ୍ତ୍ରଣ କରାଯିବା ଉଚିତ୍ ।

ଅଡିଟ୍ ପରିଲକ୍ଷିତ କଲା ଯେ ବିଡିଓ, ଜଳେଶ୍ୱର ଦୁଇଟି ସଂସ୍ଥା ମାଧ୍ୟମରେ 12 ଟି ଉଚ୍ଚ ବିଦ୍ୟାଳୟରେ 613 ଟି ଡୁଆଲ୍ ଡେସ୍କ-ତଥା-ବେଞ୍ଚର ମରାମତି ପାଇଁ ଏକକ ପିଛା 3,150 ଟଙ୍କା (ଜିଏସ୍‌ଟି ସହିତ) ହିସାବରେ ଏଚ୍‌ଏସ୍‌ଟିପି ଅଧୀନରେ 19.31 ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ (ମାର୍ଚ୍ଚ-ନଭେମ୍ବର 2022) । ଅଡିଟ୍ ନିରୀକ୍ଷଣ କଲା ଯେ ଏହି ସଂସ୍ଥା ଚୟନ ପାଇଁ ବିଡିଓଙ୍କ ଦ୍ୱାରା କୌଣସି ଖୋଲା ଟେଣ୍ଡର ଆହ୍ୱାନ କରାଯାଇ ନଥିଲା କିମ୍ବା ଆନୁଷ୍ଠାନିକ କାର୍ଯ୍ୟ ଆଦେଶ ଜାରି କରାଯାଇ ନଥିଲା ।

ଅଡିଟ୍ ସମସ୍ତ 12 ଟି ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ପ୍ରଦତ୍ତ ତଥ୍ୟ ଅନୁସାରେ ମରାମତି ହୋଇଥିବା ଡେସ୍କ ସଂଖ୍ୟା ଏବଂ ପାଉତିରେ ଲେଖା ଯାଇଥିବା ଡେସ୍କ ସଂଖ୍ୟାକୁ ମିଳାଇଥିଲା । ସେଥିରୁ ଜଣାପଡ଼ିଲା କି 12 ଟି ବିଦ୍ୟାଳୟ ମଧ୍ୟରୁ ଚାରୋଟିରେ, ମରାମତି ପାଇଁ ଟଙ୍କା ଦିଆଯାଇଥିବା ଡୁଆଲ୍ ଡେସ୍କ ସଂଖ୍ୟା, ସଂପୃକ୍ତ ପ୍ରଧାନ ଶିକ୍ଷକଙ୍କ ପ୍ରଦତ୍ତ ତଥ୍ୟାନୁସାରେ, ସେହି ବିଦ୍ୟାଳୟର ମରାମତି ହୋଇଥିବା ପ୍ରକୃତ ଡେସ୍କ ସଂଖ୍ୟାଠାରୁ ଅଧିକ ଥିଲା, ଯାହା **ସାରଣୀ 3.3.2** ରେ ଦର୍ଶାଯାଇଛି ।

**ସାରଣୀ 3.3.2:** ***ଡୁଆଲ୍ ଡେସ୍କର ମରାମତି ନକରି ପ୍ରଦତ୍ତ ହୋଇଥିବା ଅଧିକା ଅର୍ଥର ବିବରଣୀ***

| କ୍ର.ସଂ. | ବିଦ୍ୟାଳୟର ନାମ | ମରାମତି ହୋଇଥିବା ଦୁଇଜଣିଆ ଡେସ୍କ ସଂଖ୍ୟା | |
|---|---|---|---|
| | | ପାଉତି ଅନୁସାରେ | ପ୍ରଧାନ ଶିକ୍ଷକଙ୍କ ଅନୁସାରେ |
| 1 | ଓଲାମରା ଜିଏଚ୍‌ଏସ୍, ଓଲାମରା | 80 | 0 |
| 2 | ଶୀତଳ ସରକାରୀ ଉଚ୍ଚ ବିଦ୍ୟାଳୟ, ଖୁଲୁଦା | 40 | 20 |
| 3 | ଅଗ୍ରଓ୍ୱାଲ ସୀମାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋବରଘାଟ | 40 | 0 |
| 4 | ଏମ୍‌ସିଏସ୍‌ଏନ୍ ସରକାରୀ ଉଚ୍ଚ ବିଦ୍ୟାଳୟ, ଛମୁଜ | 40 | 23 |
| | ମୋଟ | **200** | **43** |

***(ଉତ୍ସ: ବିଡିଓ, ଜଳେଶ୍ୱରଙ୍କ ନଥିପତ୍ର ଏବଂ ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

ଅଡିଟ୍ ପୁନଶ୍ଚ ଦେଖିଲା ଯେ ବିଡିଓ, ଜଳେଶ୍ୱର 12 ଟି ବିଦ୍ୟାଳୟରେ ଦୁଇ ଜଣିଆ ଡେସ୍କର ମରାମତି ପାଇଁ ଦୁଇଟି ଘରୋଇ ସଂସ୍ଥାକୁ ନିୟୋଜିତ କରିଥିଲେ, ଯଦିଓ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ଏହି ମରାମତି କାର୍ଯ୍ୟ ପାଇଁ ଅନୁରୋଧ କରିନଥିଲେ । ବିଡିଓ, ଅର୍ଥ ପ୍ରଦାନ ପୂର୍ବରୁ ସଂସ୍ଥା ଦ୍ୱାରା ମରାମତି ହୋଇଥିବା ଡେସ୍କର ପ୍ରକୃତ ସଂଖ୍ୟା ବିଷୟରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକମାନଙ୍କ ଠାରୁ ମରାମତିର ସତ୍ୟାସତ୍ୟ ସୁନିଶ୍ଚିତ ନକରି ସଂସ୍ଥାଙ୍କ ଦ୍ୱାରା ଦାଖଲ କରାଯାଇଥିବା ମୂଲ୍ୟ ତାଲିକା ଅନୁଯାୟୀ 4.95 ଲକ୍ଷ ଟଙ୍କା ପଇଠ କରିଥିଲେ (ମଇ 2022) ।

ତେଣୁ, ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ ପ୍ରକୃତରେ ଏପରି କୌଣସି ମରାମତି କାର୍ଯ୍ୟ ହୋଇନଥିଲେ ମଧ୍ୟ ଦୁଇ ଜଣିଆ ଡେସ୍କର ମିଥ୍ୟା ମରାମତି ଭାଉଚର ଦର୍ଶାଇ ବିଡିଓ, ଜଳେଶ୍ୱର 4.95 ଲକ୍ଷ ଟଙ୍କାର ସନ୍ଦେହଜନକ ପ୍ରବଞ୍ଚନାତ୍ମକ ବ୍ୟୟ କରିଥିଲେ (ମଇ 2022) ।

ବିଭାଗ ବ୍ୟକ୍ତ କଲା (ଅକ୍ଟୋବର 2025) ଯେ, ଅବଲୋକନରେ ଉଠାଯାଇଥିବା ମାମଲାକୁ ସମାଧାନ କରିବା ଦିଗରେ ପ୍ରତିକାରାତ୍ମକ ପଦକ୍ଷେପ ନିଆଯାଉଛି ।

### 3.3.2.4 ସନ୍ଦିଗ୍ଧ ପ୍ରବଞ୍ଚନାତ୍ମକ ଦେୟ ଏବଂ ସଂଗ୍ରହଣର ଅନ୍ୟାନ୍ୟ ଦୃଷ୍ଟାନ୍ତ

ପୂର୍ବ ଅନୁଚ୍ଛେଦରେ ଆଲୋଚନା କରାଯାଇଥିବା ଦ୍ରବ୍ୟ କିମ୍ବା ସେବାର ସନ୍ଦିଗ୍ଧ ପ୍ରବଞ୍ଚନାତ୍ମକ ପରିଶୋଧ/ ସଂଗ୍ରହଣ ମାମଲା ବ୍ୟତୀତ, ଦ୍ରବ୍ୟ କିମ୍ବା ସେବାର ଅନ୍ୟ ସନ୍ଦେହଜନକ ପ୍ରବଞ୍ଚନାତ୍ମକ ପରିଶୋଧ/ ସଂଗ୍ରହଣର ମାମଲା ମଧ୍ୟ ଅଡିଟ୍‌ର ଦୃଷ୍ଟିଗୋଚର ହୋଇଥିଲା ଯାହା **ସାରଣୀ 3.3.3** ରେ ଆଲୋଚନା କରାଯାଇଛି ।

***ସାରଣୀ 3.3.3: ଦ୍ରବ୍ୟ ସଂଗ୍ରହଣରେ ସନ୍ଦେହଜନକ ପ୍ରବଞ୍ଚନାତ୍ମକ ଦେୟ ଦର୍ଶାଉଥିବା ବିବରଣୀ***

| କାର୍ଯ୍ୟନିର୍ବାହୀ ସଂସ୍ଥାର ନାମ | ପରିମାଣ (ଟଙ୍କା ଲକ୍ଷରେ) | ମନ୍ତବ୍ୟ |
|---|---|---|
| ବିଡିଓ, ହାଟଡିହି, କେନ୍ଦୁଝର | 1.56 | ସୁନ୍ଦରପାଳର ଗଡ଼ଚଣ୍ଡୀ ଉଚ୍ଚ ବିଦ୍ୟାଳୟରେ ତିନୋଟି ଲୁହା ଫାଟକ ଯୋଗାଇବା, ଯୋଡ଼ିବା ଏବଂ ସଜାଡ଼ିବା ପାଇଁ ଅର୍ଥ ପ୍ରଦାନ କରାଯାଇଥିଲା (ନଭେମ୍ବର 2024) । ଜେପିଆଇ (12 ଫେବୃଆରୀ 2025) ସମୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କହିଥିଲେ ଯେ ବିଦ୍ୟମାନ ଫାଟକ ଗୁଡ଼ିକ କେବଳ ପୁନଃ ଲଗାଯାଇଛି ।<br>ବିଡିଓ କହିଥିଲେ (ଫେବୃଆରୀ 2025) ଯେ, ଏହି ଘଟଣାର ଅନୁସନ୍ଧାନ କରାଯିବ ଏବଂ କୌଣସି ଅସାମଞ୍ଜସ୍ୟ/ ତ୍ରୁଟି ଦେଖାଦେଲେ କନିଷ୍ଠ ଯନ୍ତ୍ରୀ / କାର୍ଯ୍ୟନିର୍ବାହୀଙ୍କ ଠାରୁ ଏହି ଖର୍ଚ୍ଚ ରାଶିର ଭରଣା କରାଯିବ । |
| ଉଲୁଣ୍ଡା, ବୀରମହାରାଜପୁର, ବିନିକା, ଡୁଙ୍ଗୁରିପାଲି, ତରଭା, ନୂଆପଡ଼ା, ଭଣ୍ଡାରୀପୋଖରୀର ବିଡିଓ ମାନେ | 6.62 | ନୋଟିସ୍ ବୋର୍ଡ, ପୋଡିଅମ, କ୍ରୀଡ଼ା ଉପକରଣ, ବିଜ୍ଞାନ ସାମଗ୍ରୀ , (ପରୀକ୍ଷାଗାର ରାସାୟନିକ ପଦାର୍ଥ, ଚୁମ୍ବକୀୟ ସୂଚୀ, ଦଣ୍ଡ ଚୁମ୍ବକ ଇତ୍ୟାଦି), କେ-ୟାନ୍ ପ୍ରୋଜେକ୍ଟର ଇତ୍ୟାଦି କ୍ରୟ ଏବଂ ଜେନ୍‌ସେଟ୍ ମରାମତି ପାଇଁ ଜୁନ୍ 2021 ରୁ ଏପ୍ରିଲ 2023 ମଧ୍ୟରେ 9.92 ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ଜଣାଯାଇଛି । ବିଦ୍ୟାଳୟ ଗୁଡ଼ିକର ଜେପିଆଇ (ନଭେମ୍ବର 2023 ରୁ ଜାନୁଆରୀ 2024) ରେ ବିଦ୍ୟାଳୟରୁ 6.62 ଲକ୍ଷ ଟଙ୍କା ମୂଲ୍ୟର ଜିନିଷ ମିଳିନଥିଲା । ଏଥିରେ ଜେନ୍‌ସେଟର ମରାମତି ପାଇଁ ହୋଇଥିବା ଖର୍ଚ୍ଚ ଅନ୍ତର୍ଭୁକ୍ତ ଥିଲା,ଯାହା ପ୍ରକୃତରେ ମରାମତି ହୋଇନଥିଲା ବୋଲି ସମ୍ପୃକ୍ତ ପ୍ରଧାନ ଶିକ୍ଷକ କହିଥିଲେ । |
| ବିଡିଓ, ଉଲୁଣ୍ଡା | 1.08 | ବିଡିଓ, ଉଲୁଣ୍ଡା 1.08 ଲକ୍ଷ ଟଙ୍କାରେ ଷ୍ଟାବିଲାଇଜର ଏବଂ ବ୍ୟାଟେରୀ କ୍ରୟ କରିଥିଲେ ଏବଂ ସେଗୁଡ଼ିକୁ ଉଲୁଣ୍ଡାର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟକୁ ଯୋଗାଇ ଦିଆଯାଇଥିବା ଦେଖାଇଥିଲେ । ତେବେ, ଜେପିଆଇ (ନଭେମ୍ବର 2023) ସମୟରେ ଦେଖାଗଲା ଯେ ବିଦ୍ୟାଳୟକୁ ଏହା ଯୋଗାଇଦିଆଯାଇ ନାହିଁ । |
| ଭଣ୍ଡାରୀପୋଖରୀ ଏବଂ ବନ୍ତର ବିଡିଓମାନେ | 0.32 | ବିଜ୍ଞାନ ପରୀକ୍ଷାଗାର ଏବଂ କ୍ରୀଡ଼ା ସହ ଜଡ଼ିତ 91 ଟି ସାମଗ୍ରୀ 0.89 ଲକ୍ଷ ଟଙ୍କାରେ କ୍ରୟ କରାଯାଇଥିଲା (ଅକ୍ଟୋବର 2021 ଏବଂ ଏପ୍ରିଲ 2023) । ତେବେ, ସର୍ବାଧିକ ପାଇକାରୀ ମୂଲ୍ୟ (ଏମ୍‌ଆର୍‌ପି) ଅନୁଯାୟୀ ଏହି ସାମଗ୍ରୀ ଗୁଡ଼ିକର ମୋଟ ମୂଲ୍ୟ 0.57 ଲକ୍ଷ ଟଙ୍କା ବୋଲି ଜଣାପଡ଼ିଛି । ଏଣୁ, ଏମ୍‌ଆର୍‌ପି ତୁଳନାରେ 0.32 ଲକ୍ଷ ଟଙ୍କାର ଅତିରିକ୍ତ ଅର୍ଥ ପ୍ରଦାନ କରାଯାଇଥିଲା । |
| ବିଡିଓ, ଜଳେଶ୍ୱର | 10.07 | ଆସବାବପତ୍ର ଏବଂ ପୋଡିଅମ୍ କ୍ରୟ ପାଇଁ ଡାକ ମୂଲ୍ୟରେ ଜିଏସ୍‌ଟି ପରିମାଣ ସାମିଲ୍ କରାଯାଇଥିଲା । ତଥାପି ବିଲ୍ / ମୂଲ୍ୟ ତାଲିକା ଦାଖଲ କରିବା ସମୟରେ ଯୋଗାଣକାରୀମାନେ ଡାକ ମୂଲ୍ୟ ଉପରେ ଅତିରିକ୍ତ ଜିଏସ୍‌ଟି ଦାବି କରିଥିଲେ । ଅର୍ଥ ପ୍ରଦାନ କରିବା ସମୟରେ ସମ୍ପୃକ୍ତ ବିଡିଓମାନେ ଏହି ମାମଲାକୁ ଯାଞ୍ଚ କରିନଥିଲେ ଏବଂ ମୂଲ୍ୟତାଲିକା ପରିମାଣ ଅନୁଯାୟୀ ଅର୍ଥ ପରିଶୋଧ କରିଥିଲେ । ଫଳସ୍ୱରୂପ ଯୋଗାଣକାରୀଙ୍କୁ ଅତିରିକ୍ତ 10.48 ଲକ୍ଷ ଟଙ୍କା |
| ବିଡିଓ, ନୂଆପଡ଼ା | 0.41 | |

| କାର୍ଯ୍ୟନିର୍ବାହୀ ସଂସ୍ଥାର ନାମ | ପରିମାଣ (ଟଙ୍କା ଲକ୍ଷରେ) | ମନ୍ତବ୍ୟ |
|---|---|---|
| | | ପ୍ରଦାନ କରାଯାଇଥିଲା । ବିଡିଓ, ନୂଆପଡ଼ା ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ଯୋଗାଣକାରୀଙ୍କ ଠାରୁ ଅଧିକା ପ୍ରଦତ୍ତ ଅର୍ଥ ଆଦାୟ କରାଯିବ ବୋଲି କହିଥିଲେ (ଫେବୃଆରୀ 2024) । ମାତ୍ର, ବିଡିଓ, ଜଳେଶ୍ୱର କୌଣସି ଜବାବ ଦେଇନଥିଲେ । |
| ବିଡିଓ, ବାଲେଶ୍ୱର ସଦର | 1.47 | 14 ଟି ବିଦ୍ୟାଳୟ ପାଇଁ ସର୍ବସାଧାରଣ ସମ୍ବୋଧନ ବ୍ୟବସ୍ଥାର ଗ୍ରହଣୀୟ ଡାକ ମୂଲ୍ୟ 4.89 ଲକ୍ଷ ଟଙ୍କା ଥିଲା ବୋଲି ଚଳନ୍ତି ହିସାବ ବିଲରୁ ଜଣାଗଲା । ମାତ୍ର, ସେଥିପାଇଁ କୌଣସି ଅଭିଲିଖିତ କାରଣ ବିନା 6.36 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା (ଜାନୁଆରୀ ଏବଂ ଜୁଲାଇ 2023)। |
| **ମୋଟ** | **21.53** | |

***(ଉତ୍ସ: କାର୍ଯ୍ୟନିର୍ବାହୀ ସଂସ୍ଥା ସ୍ତରରେ ନଥିପତ୍ର ଯାଞ୍ଚ ଏବଂ ବିଦ୍ୟାଳୟ ସ୍ତରରେ କରାଯାଇଥିବା ମିଳିତ ସରଜମିନ ତଦନ୍ତ)***

ଏହିପରି ଭାବରେ, ଏଚ୍‌ଏସ୍‌ଟିପି ଅଧିନରେ ଥିବା ବିଦ୍ୟାଳୟଗୁଡ଼ିକ ପାଇଁ ସାମଗ୍ରୀ କ୍ରୟ କରିବାରେ ବିଡିଓ ମାନଙ୍କ ଦ୍ୱାରା 21.53 ଲକ୍ଷ ଟଙ୍କାର ଜାଲ୍ କାରବାର / ସନ୍ଦେହଜନକ ବ୍ୟୟ ହୋଇଥିଲା, ଯାହା କାର୍ଯ୍ୟକ୍ରମ ପାଣ୍ଠିର ଆତ୍ମସାତ୍‌କରଣ ହେବାର ସନ୍ଦେହ ସୃଷ୍ଟି କରିଥିଲା ।

## 3.3.3 ଏଚ୍‌ଏସ୍‌ଟିପି ଅଧିନରେ ଦ୍ରବ୍ୟ ଏବଂ ସେବା ସଂଗ୍ରହଣରେ ଅନିୟମିତତା

### *3.3.3.1 ନିର୍ଦ୍ଧାରିତ ଟେଣ୍ଡରପ୍ରକ୍ରିୟା ପାଳନ ନକରି ସଂଗ୍ରହଣ*

ଅର୍ଥ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ସାମଗ୍ରୀ ସଂଗ୍ରହଣ ପାଇଁ ମାର୍ଗଦର୍ଶିକା (ଫେବୃଆରୀ 2012) ଅନୁଯାୟୀ (i) 0.15 ଲକ୍ଷ ଟଙ୍କାରୁ 1ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ସାମଗ୍ରୀ କ୍ରୟ, ସ୍ଥାନୀୟ କ୍ରୟ କମିଟିର ସୁପାରିଶ ଅନୁଯାୟୀ , (ii)1 ଲକ୍ଷ ଟଙ୍କାରୁ 5 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୀମିତ ଟେଣ୍ଡର ମାଧ୍ୟମରେ ଏବଂ (iii) 5 ଲକ୍ଷ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର ସାମଗ୍ରୀର କ୍ରୟ, ସ୍ଥାନୀୟ ଏବଂ ଜାତୀୟ ଖବର କାଗଜରେ ବିଜ୍ଞାପନ ଦେଇ ଖୋଲା ଟେଣ୍ଡର ମାଧ୍ୟମରେ କରାଯିବା ଉଚିତ୍ ।

ଅଡିଟ୍ ପରିଲକ୍ଷିତ କଲା ଯେ କାର୍ଯ୍ୟନିର୍ବାହୀ ସଂସ୍ଥାମାନେ (ବିଦ୍ୟାଳୟ/ ବିଡିଓ/ ଡିଇଓ) ଏଚ୍‌ଏସ୍‌ଟିପି ଅଧିନରେ ଥିବା ବିଦ୍ୟାଳୟ ଗୁଡ଼ିକ ପାଇଁ ଆବଶ୍ୟକ ଆସବାବ ପତ୍ର, ଜଳ ବିଶୋଧକ, ବିଜ୍ଞାନାଗାର ସାମଗ୍ରୀ ଏବଂ ଅନ୍ୟାନ୍ୟ ଉପକରଣ କ୍ରୟ ସମୟରେ ବିହିତ ମାର୍ଗଦର୍ଶିକା ଅନୁସରଣ କରିନାହାଁନ୍ତି । ଏହା ନିମ୍ନରେ ଆଲୋଚନା କରାଯାଇଛି:

- 2021-24 ଅବଧିରେ, କାର୍ଯ୍ୟନିର୍ବାହୀ ସଂସ୍ଥା ଦ୍ୱାରା 13 ଟି ନମୁନା ବିଦ୍ୟାଳୟରେ 49.82 ଲକ୍ଷ ଟଙ୍କା ମୂଲ୍ୟର ସାମଗ୍ରୀ ବିକ୍ରୟକାରୀମାନଙ୍କ ଠାରୁ ସିଧାସଳଖ ସଂଗ୍ରହ କରାଯାଇଥିଲା । ସେହି ବିଦ୍ୟାଳୟ/ ବିଡ଼ିଓମାନେ ମାର୍ଗଦର୍ଶିକା ଅନୁସାରେ ସ୍ଥାନୀୟ କ୍ରୟ କମିଟି ଗଠନ କରି ନ ଥିଲେ । ବିକ୍ରେତାଙ୍କ ଚୟନର ଆଧାର ମଧ୍ୟ ଲିପିବଦ୍ଧ ନଥିଲା ।
- 2021-24 ଅବଧି ମଧ୍ୟରେ 12 ଟି ନମୁନା ବିଦ୍ୟାଳୟ ସୀମିତ ଟେଣ୍ଡର ନଡାକି, ମୋଟ 58.38 ଲକ୍ଷ ଟଙ୍କାର ସାମଗ୍ରୀ କ୍ରୟ କରିଥିଲେ, ଯେଉଁଥିରେ କି ପ୍ରତ୍ୟେକ କ୍ରୟ 1 ଲକ୍ଷ ଟଙ୍କାରୁ 5 ଲକ୍ଷ ଟଙ୍କା ମଧ୍ୟରେ ଥିଲା ।
- ଖବର କାଗଜରେ ବିଜ୍ଞାପନ ପ୍ରକାଶ ନକରି 13 ଟି ନମୁନା ସଂସ୍ଥା ପ୍ରତ୍ୟେକ ଥରରେ 5 ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ମୋଟ 12.47 କୋଟି ଟଙ୍କାର ସାମଗ୍ରୀ କ୍ରୟ କରାଯାଇଥିଲା । ବରଂ ଯୋଗାଣକାରୀମାନଙ୍କର ଚୟନ ଆନୁଷ୍ଠାନିକ ଦର ପ୍ରସ୍ତାବ ଆହ୍ୱାନ ବିଜ୍ଞପ୍ତି କିମ୍ବା ପ୍ରତ୍ୟକ୍ଷ କ୍ରୟ ଦ୍ୱାରା କରାଯାଇଥିଲା ।

ଟେଣ୍ଡର ପ୍ରକ୍ରିୟା ଅନୁସରଣ ନକରି ସାମଗ୍ରୀର ସଂଗ୍ରହଣ, ସର୍ବାଧିକ ପ୍ରତିଯୋଗିତାମୂଳକ ଓ ଉଚିତ୍ ଦରରେ ଜିନିଷ କିଣାହୋଇଛି ବୋଲି ଆଶଙ୍କା ସୃଷ୍ଟି କରେ ଏବଂ କ୍ରୟ ପ୍ରକ୍ରିୟାରେ ସ୍ୱଚ୍ଛତା ଅଭାବକୁ ସୂଚିତ କରେ ।

ବିଭାଗ ବ୍ୟକ୍ତ କଲା (ଅକ୍ଟୋବର 2025) ଯେ ଅବଲୋକନରେ ଦର୍ଶାଯାଇଥିବା ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ସଂଶୋଧନାତ୍ମକ ପଦକ୍ଷେପ ନିଆଯାଉଛି ।

### *3.3.3.2 ଇପିଏମ୍ ଦର ଚୁକ୍ତି / ଜିଇଏମ୍ ମଞ୍ଚ ବାହାରେ ସଂଗ୍ରହଣ କାରଣରୁ ଅଧିକ ବ୍ୟୟ*

ଓଡ଼ିଶାର ରପ୍ତାନୀ ପ୍ରୋତ୍ସାହନ ଏବଂ ବିପଣନ ନିର୍ଦ୍ଦେଶାଳୟ (ଇପିଏମ୍) ବିଭିନ୍ନ ସାମଗ୍ରୀ ପାଇଁ ମଧ୍ୟମ ଓ କ୍ଷୁଦ୍ର ଉଦ୍ୟୋଗ ସହିତ ଦର ଚୁକ୍ତି କରେ । ସାମଗ୍ରୀ ସଂଗ୍ରହଣ ପାଇଁ ମାର୍ଗଦର୍ଶିକାର ଅନୁଚ୍ଛେଦ 5 ଅନୁଯାୟୀ ସମସ୍ତ ସରକାରୀ ବିଭାଗ, ଅର୍ଦ୍ଧ-ସରକାରୀ ସଂସ୍ଥା ଏବଂ ରାଜ୍ୟ ମାଲିକାନାଧୀନ ନିଗମ ଦ୍ୱାରା ଇପିଏମ୍ ଦର ଚୁକ୍ତିଧାରୀଙ୍କଠାରୁ ସାମଗ୍ରୀ କ୍ରୟ କରାଯିବା ଉଚିତ୍ । ପରେ, ଫେବୃଆରୀ 2019 ରେ ଅର୍ଥ ବିଭାଗ ସରକାରୀ ବୈଦ୍ୟୁତିକ ବିପଣନ ସ୍ଥଳ (ଜିଇଏମ୍) ମାଧ୍ୟମରେ ସାମଗ୍ରୀ ଏବଂ ସେବା ସଂଗ୍ରହ ବାଧ୍ୟତାମୂଳକ କରିଥିଲା, ଯେଉଁଥିରେ ଦର୍ଶାଯାଇଥିଲା ଯେ ଜିଇଏମ୍‌ରେ ସାମଗ୍ରୀ ଏବଂ ସେବା ପ୍ରଚଳିତ ବଜାର ଦର ତୁଳନାରେ ଯଥେଷ୍ଟ କମ୍ ମୂଲ୍ୟରେ ଉପଲବ୍ଧ ।

ଅଡିଟ୍ ପରିଲକ୍ଷିତ କଲା ଯେ ଇପିଏମ୍ ନିର୍ଦ୍ଦେଶାଳୟ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ପାଇଁ ଆକାର, ନକ୍ସା, ସାମଗ୍ରୀ ଉତ୍ପାଦନ ଏବଂ ଚୂଡ଼ାନ୍ତ ରୂପ ନିର୍ଦ୍ଦିଷ୍ଟ କରି ଡୁଆଲ୍ ଡେସ୍କ-ତଥା-ବେଞ୍ଚ (ଡୁଆଲ ଡେସ୍କ) ଯୋଗାଣ ପାଇଁ ଦର ଚୁକ୍ତିନାମା କରିଛି । ଉଚ୍ଚତମ ବିନିର୍ଦ୍ଦିଷ୍ଟକରଣ ଥିବା ଡୁଆଲ ଡେସ୍କର କ୍ରୟ ମୂଲ୍ୟ (18 ପ୍ରତିଶତ ହାରରେ ଜିଏସ୍‌ଟିକୁ ଛାଡ଼ି) ନଭେମ୍ବର 2021 ସୁଦ୍ଧା 2,496 ଟଙ୍କା ଥିବା ବେଳେ, ପରେ ଏହା 4,107 ଟଙ୍କା ଥିଲା । ସଂଗ୍ରହଣ ମାର୍ଗଦର୍ଶିକାର ନିୟମ ବ୍ୟବସ୍ଥା ଏବଂ ଜିଇଏମ୍ ପ୍ଲାଟଫର୍ମରୁ କ୍ରୟ କରିବା ପାଇଁ ଅର୍ଥ ବିଭାଗର ନିର୍ଦ୍ଦେଶ ସତ୍ତ୍ୱେ 16 ଟି ନମୁନା କାର୍ଯ୍ୟନିର୍ବାହୀ ସଂସ୍ଥା ଦର ପ୍ରସ୍ତାବ ଆହ୍ୱାନ ବିଜ୍ଞପ୍ତି କିମ୍ବା ନାମାଙ୍କନ ଆଧାରରେ ବିଭିନ୍ନ ସଂସ୍ଥାରୁ 42.71 କୋଟି ଟଙ୍କାରେ ଡୁଆଲ ଡେସ୍କ କ୍ରୟ କରିଛନ୍ତି । ଯେଉଁ ମୂଲ୍ୟରେ ଏହି ଡୁଆଲ ଡେସ୍କ କ୍ରୟ କରାଯାଇଥିଲା ତାହା ଇପିଏମ୍ ଦର ଚୁକ୍ତିନାମା ମୂଲ୍ୟରୁ ଡେସ୍କ ପିଛା 760 ଟଙ୍କାରୁ 7,907 ଟଙ୍କା ପର୍ଯ୍ୟନ୍ତ ଅଧିକ ଥିଲା । ଏହା ଫଳରେ 24.30 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ହୋଇଥିଲା (***ପରିଶିଷ୍ଟ 3.3.1***) ।

ବିଭାଗ ବ୍ୟକ୍ତ କଲା (ଅକ୍ଟୋବର 2025) ଯେ ଶ୍ରେଣୀଗୃହରେ ଶିଶୁଙ୍କ ସୁରକ୍ଷା, ଉନ୍ନତ ମାନର ସାମଗ୍ରୀ ଏବଂ ସ୍ଥାୟୀତ୍ୱ ଭଳି କାରଣଗୁଡ଼ିକୁ ବିଚାରକୁ ନେଇ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ (ଓଏସ୍‌ଆଇସି) ଏବଂ ଯାଜପୁର ଜିଲ୍ଲାର ଅନ୍ୟ ଏକ ସଂସ୍ଥାଠାରୁ ଡୁଆଲ ଡେସ୍କ କ୍ରୟ କରାଯାଇଥିଲା । କେନ୍ଦୁଝର ଜିଲ୍ଲାରେ ବ୍ରାଣ୍ଡଯୁକ୍ତ ଓଇଏମ୍ ବେଞ୍ଚ-ଡେସ୍କ କ୍ରୟ କରାଯାଇଥିଲା । କଟକ ଜିଲ୍ଲାରେ ଡିଏଲ୍‌ସି ବୈଠକର ନିଷ୍ପତ୍ତିକୁ ଆଧାର କରି ସ୍ଥାନୀୟ ବିକ୍ରେତାଙ୍କ ମାଧ୍ୟମରେ କ୍ରୟ କରାଯାଇଥିଲା ।

ଏହି ଉତ୍ତର ଗ୍ରହଣୀୟ ନୁହେଁ, କାରଣ ଇପିଏମ୍ ଦର ଚୁକ୍ତିଧାରୀଙ୍କ ବ୍ୟତୀତ ଅନ୍ୟ ସଂସ୍ଥାଠାରୁ ଡୁଆଲ ଡେସ୍କ ସଂଗ୍ରହଣ ଅର୍ଥ ବିଭାଗ ଦ୍ୱାରା ଜାରି କରାଯାଇଥିବା ସଂଗ୍ରହଣ ମାର୍ଗଦର୍ଶିକାକୁ ଉଲ୍ଲଂଘନ କରିଛି, ଫଳସ୍ୱରୂପ 24.30 କୋଟି ଟଙ୍କାର ଅଧିକ ବ୍ୟୟ ହୋଇଛି ।

### *3.3.3.3 ସ୍ମାର୍ଟ ଶ୍ରେଣୀଗୃହ ପାଇଁ ହାର୍ଡୱେୟାର ଏବଂ ସଫ୍ଟୱେୟାରର ଅତ୍ୟଧିକ କ୍ରୟ ହେତୁ ଅପଚୟ ବ୍ୟୟ*

ଓଜିଏଫ୍‌ଆର୍ ଖଣ୍ଡ 1 ର ନିୟମ 9 ଅନୁଯାୟୀ ଖର୍ଚ୍ଚକୁ ପ୍ରଥମତଃ ଯେଉଁ ଅବସରରେ ଯେତିକି ଆବଶ୍ୟକ ତା'ଠାରୁ ଅଧିକ କରାଯିବା ଉଚିତ୍ ନୁହେଁ ।

ଫେବୃଆରୀ 2019 ରେ ଏସ୍‌ଏମ୍‌ଇ ବିଭାଗ ନିଷ୍ପତ୍ତି ନେଇଥିଲା କି ବିଦ୍ୟାଳୟ ଶିକ୍ଷାରେ ଅଧିକ କାର୍ଯ୍ୟନିର୍ବାହ ଅଭିଜ୍ଞତା ଥିବା କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ/ କେନ୍ଦ୍ର ସରକାରଙ୍କ ସଂଗଠନ ଠାରୁ ସ୍ମାର୍ଟ କ୍ଲାସ୍ ପ୍ରଯୁକ୍ତିବିଦ୍ୟା ଆଧାରିତ ହାର୍ଡୱେୟାର ବିତରଣ ପାଇଁ ଆଗ୍ରହ ପତ୍ର (ଇଓଆଇ) ଆମନ୍ତ୍ରଣ କରି ସେମାନଙ୍କୁ ନିୟୋଜିତ କରାଯିବ । ମାତ୍ର ଆଗ୍ରହପତ୍ର ଆମନ୍ତ୍ରଣ ନକରି, ଜିଲ୍ଲା ସ୍ତରୀୟ ବିଦ୍ୟାଗତ ସମୃଦ୍ଧିକରଣ କମିଟି (ଡିଏଲ୍‌ଏଇ), ଯାଜପୁର ସ୍ମାର୍ଟ ଶ୍ରେଣୀଗୃହ ପାଇଁ ବହୁମୁଖୀ ଡିଜିଟାଲ୍ ଉପକରଣ ଯୋଗାଇବା ପାଇଁ ମେସର୍ସ ଏଡ୍‌ସିଲ (ଇଣ୍ଡିଆ) ଲିମିଟେଡ୍‌କୁ (ଏକ ଭାରତ ସରକାର ଉଦ୍ୟୋଗ) ସେପ୍ଟେମ୍ବର 2021 ରେ ଚୟନ କରିଥିଲେ । ଜିଲ୍ଲାପାଳ ଏବଂ

ମେସର୍ସ ଏଡସିଲ 1.31 କୋଟି ଟଙ୍କା ବ୍ୟୟରେ ଏକ ଚୁକ୍ତିନାମା ସେପ୍ଟେମ୍ବର 2021 ରେ ସ୍ୱାକ୍ଷରିତ ହୋଇଥିଲା । ଏହି ଚୁକ୍ତିନାମାରେ ଓଡ଼ିଶା ପରିଷଦ ଅନୁଯାୟୀ ଆଞ୍ଚଳିକ ଭାଷାରେ ଇ-ବିଷୟବସ୍ତୁ[109] ସହିତ ସ୍ମାର୍ଟ ଶ୍ରେଣୀଗୃହ ଉପକରଣ ଯୋଗାଇବାର ଥିଲା । ମେସର୍ସ ଏଡ୍‌ସିଲ୍ ଦ୍ୱାରା 65 ଟି ବିଦ୍ୟାଳୟକୁ ସ୍ମାର୍ଟ ଶ୍ରେଣୀଗୃହ ଉପକରଣ ଯୋଗାଣ 21 ନଭେମ୍ବର 2021 ସୁଦ୍ଧା ସମ୍ପୂର୍ଣ୍ଣ ହୋଇଥିଲା ।

ଇତି ମଧ୍ୟରେ, ଏସ୍‌ଆଣ୍ଡଏମ୍‌ଇ ବିଭାଗ ନଭେମ୍ବର 2021ରେ ସମସ୍ତ ଜିଲ୍ଲାପାଳମାନଙ୍କୁ ସୂଚିତ କରିଥିଲେ ଯେ ସ୍ମାର୍ଟଶ୍ରେଣୀ ପାଇଁ ଅତ୍ୟାଧୁନିକ ଭିଡିଓ, ଡିଜିଟାଲ୍ ପୁସ୍ତକ ଏବଂ ଅଡିଓ ଫାଇଲ୍ ସମେତ ଅତ୍ୟାଧୁନିକ ଇ-ବିଷୟବସ୍ତୁ ଏବଂ ଅନୁପୂରକ ସାମଗ୍ରୀର ଉପଲବ୍ଧତା ବୃଦ୍ଧି ପାଇଁ ପ୍ରସ୍ତାବ ଅନୁରୋଧ ଜାରି କରାଯାଇଛି । ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ / ଡିଇଓ/ ବିଇଓ ମାନଙ୍କୁ ମଧ୍ୟ ସୂଚିତ କରାଯାଇଥିଲା ଯେ ଆର୍‌ଏଫ୍‌ପି ମାଧ୍ୟମରେ ଇ-ବିଷୟବସ୍ତୁର ପ୍ରଥମ ଯୋଗାଣ 31 ଡିସେମ୍ବର 2021 ସୁଦ୍ଧା ହେବ ବୋଲି ଆଶା କରାଯାଏ ।

ଅଡିଟ୍ ଅବଲୋକନ କଲା ଯେ ଓସେପା ଏଚ୍‌ଏସ୍‌ଟିପି ଅଧିନରେ ଥିବା ରାଜ୍ୟର ସମସ୍ତ 30 ଟି ଜିଲ୍ଲାର ଡିଇଓ-କମ୍-ଡିପିସିକୁ ବାହ୍ୟ ହାର୍ଡଡିସ୍କ ଡ୍ରାଇଭ୍ (ଏଚ୍‌ଡିଡି) ସହିତ ଇ-ବିଷୟବସ୍ତୁ ଯୋଗାଇଛି, ଯେଉଁଥିରେ ଯାଜପୁର ଜିଲ୍ଲାର 430[110] ଟି ମାଧ୍ୟମିକ ବିଦ୍ୟାଳୟ ମଧ୍ୟ ଅନ୍ତର୍ଭୁକ୍ତ ଥିଲା । ଇ-ବିଷୟବସ୍ତୁର ବିକାଶ ବିଷୟରେ ନଭେମ୍ବର 2021 ରେ ଏସ୍‌ଏମ୍‌ଇ ବିଭାଗର ପୂର୍ବ ସୂଚନା ସତ୍ତ୍ୱେ, ଯାଜପୁର ଜିଲ୍ଲାର ଜିଲ୍ଲାସ୍ତରୀୟ କମିଟି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟଗୁଡ଼ିକୁ ତିନୋଟି ପର୍ଯ୍ୟାୟରେ[111] 365ଟି ଇ-ବିଷୟବସ୍ତୁ ଯୋଗାଣ ପାଇଁ ଏଡ୍‌ସିଲକୁ ଯୋଗାଣ ଆଦେଶ ପ୍ରଦାନ କରିଥିଲେ । ଏଡ୍‌ସିଲ୍ ଦ୍ୱାରା ସାମଗ୍ରୀର ବିତରଣ 30 ସେପ୍ଟେମ୍ବର 2023 ସୁଦ୍ଧା ଶେଷ ହୋଇଥିଲା । ଜିଲ୍ଲାର ସମସ୍ତ 430ଟି ବିଦ୍ୟାଳୟ ପାଇଁ ଓସେପା ଦ୍ୱାରା ଯୋଗାଇ ଦିଆଯାଇଥିବା ସାମଗ୍ରୀ ବ୍ୟତୀତ ଏହି 365 ଟି ଇ-ବିଷୟବସ୍ତୁ ଅଧିକା କ୍ରୟ କରାଯାଇଥିଲା ।

ଅଡିଟ୍ ଅବଲୋକନ କଲା ଯେ ସ୍ମାର୍ଟ ଶ୍ରେଣୀଗୃହ ପାଇଁ ଇ-ବିଷୟବସ୍ତୁ କ୍ରୟ ପ୍ରସଙ୍ଗରେ ଓସେପା ଏବଂ ଜିଲ୍ଲା ପ୍ରଶାସନ ମଧ୍ୟରେ ସମନ୍ୱୟର ସ୍ପଷ୍ଟ ଅଭାବ ରହିଥିଲା, ଯାହାଫଳରେ କି ଦୋହରା ଯୋଗାଣ ହୋଇଥିଲା । ଓସେପା ମାଧ୍ୟମରେ ଜିଲ୍ଲାର ସମସ୍ତ ବିଦ୍ୟାଳୟ ପାଇଁ ଇ-ବିଷୟବସ୍ତୁ ଯୋଗାଇ ଦେବା ପରେ, ଏଡ୍‌ସିଲ ଠାରୁ ଏହାକୁ କ୍ରୟ କରିବାର କୌଣସି ଯଥାର୍ଥତା ନଥିଲା ।

ଯାଜପୁର ଜିଲ୍ଲାର ଆଠଟି ମନୋନୀତ ବିଦ୍ୟାଳୟର ମିଳିତ ଭୌତିକ ନିରୀକ୍ଷଣ (ନଭେମ୍ବର 2023) ସମୟରେ, ଛଅଟି ବିଦ୍ୟାଳୟରେ ଓସେପା ଦ୍ୱାରା ପ୍ରଦାନ କରାଯାଇଥିବା ଇ-ବିଷୟବସ୍ତୁ ସ୍ମାର୍ଟ ଶ୍ରେଣୀଗୃହ ଏବଂ ଇ-ଲାଇବ୍ରେରୀ ବ୍ୟବହାର କରାଯାଉଥିବା ବେଳେ ଅବଶିଷ୍ଟ ଦୁଇଟି ବିଦ୍ୟାଳୟରେ ମେସର୍ସ ଏଡ୍‌ସିଲ ଦ୍ୱାରା ଯୋଗାଇ ଦିଆଯାଇଥିବା ଇ-ବିଷୟବସ୍ତୁ ବ୍ୟବହାର ହେଉଥିବା ଜଣା ପଡ଼ିଥିଲା ।

ତେଣୁ, ଓସେପା ଏବଂ ଯାଜପୁର ଜିଲ୍ଲା ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ ଏବଂ ଓସେପା ଦ୍ୱାରା ଅଧିକ 365 ଟି ଇ-ବିଷୟବସ୍ତୁ କ୍ରୟର ପରିଣାମ ସ୍ୱରୂପ 7.39 କୋଟି ଟଙ୍କାର ଅପଚୟକାରୀ ଖର୍ଚ୍ଚ ହୋଇଛି ।

ବିଭାଗ ବ୍ୟକ୍ତ କଲା (ଅକ୍ଟୋବର 2025) ଯେ ପ୍ରତ୍ୟେକ ବିଦ୍ୟାଳୟରେ ଦୁଇଟି କୋଠରୀ ପାଇଁ ଇ-ବିଷୟବସ୍ତୁ କ୍ରୟ କରାଯାଇଥିଲା ଏବଂ ଏଡ୍‌ସିଲ ଦ୍ୱାରା ପ୍ରଦତ୍ତ ବିଲ୍ ଆଧାରରେ ହିଁ ଅର୍ଥ ପ୍ରଦାନ କରାଯାଇଥିଲା । ତେଣୁ, କୌଣସି ମାତ୍ରାଧିକ ଅର୍ଥ ଦିଆଯାଇ ନାହିଁ ।

ଏହିଭଳି ଉତ୍ତର ଗ୍ରହଣୀୟ ନୁହେଁ କାରଣ ଆର୍‌ଏଫ୍‌ପି ପ୍ରକ୍ରିୟା ମାଧ୍ୟମରେ ଇ-ବିଷୟବସ୍ତୁର ବିକାଶ ବିଷୟରେ ଏସ୍‌ଇଏମ୍‌ଇ ବିଭାଗ ପାଖରେ ପୂର୍ବ ସୂଚନା ଥିବା ସତ୍ତ୍ୱେ ସେଗୁଡ଼ିକ ଏଡ୍‌ସିଲ୍ ଠାରୁ କ୍ରୟ କରାଯାଇଥିଲା ଏବଂ ବିଦ୍ୟାଳୟଗୁଡ଼ିକ ଉଭୟ ଓସେପା ଏବଂ ଏଦ୍‌ସିଲ୍ ଦ୍ୱାରା ପ୍ରଦାନ କରାଯାଇଥିବା ଦୁଇଟିଯାକ ଇ-ବିଷୟବସ୍ତୁ ମଧ୍ୟରୁ କେବଳ ଗୋଟିଏ ହିଁ ବ୍ୟବହାର କରୁଥିଲେ, ଯାହା କି ଜେପିଆଇ ସମୟରେ ନଜରକୁ ଆସିଥିଲା ।

109 (i) ଓଡ଼ିଶା ପରିଷଦ ଅନୁଯାୟୀ ଆଞ୍ଚଳିକ ଭାଷାରେ ମଲ୍ଟିମିଡିଆ ଶିକ୍ଷା ସମ୍ବନ୍ଧୀୟ ବିଷୟବସ୍ତୁ, (ii) ବିଜ୍ଞାନ ଭିତ୍ତିକ ଭିଡିଓ ଏବଂ ଆଭାସୀ ପରୀକ୍ଷଣ ଏବଂ (iii) ଇଂରାଜୀ ପାଠ୍ୟ ପୁସ୍ତକ ବିଷୟବସ୍ତୁର ଓଡ଼ିଶା ରାଜ୍ୟ ପରିଷଦ ବିଶେଷିତ ଡିଜିଟାଇଜଡ୍ ରୂପ

110 20 ଅଗଷ୍ଟ 2022 ସିଦ୍ଧା: 259 ଟି ବିଦ୍ୟାଳୟ ଏବଂ 12 ଜୁନ୍ 2023 ସୁଦ୍ଧା 171 ଟି ବିଦ୍ୟାଳୟରେ

111 16 ଡିସେମ୍ବର 2021: 195 ଟି ବିଦ୍ୟାଳୟ ପାଇଁ; 4 ଫେବୃଆରୀ 2023: 86 ଟି ବିଦ୍ୟାଳୟ; 12 ଜୁନ୍ 2023:84 ଟି ବିଦ୍ୟାଳୟ

### 3.3.4 5 ଟି ଚାର୍ଟରର "ପ୍ରଯୁକ୍ତି ବିଦ୍ୟା" ଏବଂ "ରୂପାନ୍ତର" ଉପାଦାନର ପ୍ରଭାବହୀନ ରୂପାୟନ

ଆଧୁନିକ ଜ୍ଞାନ କୌଶଳର ପ୍ରବର୍ତ୍ତନ କରି ମାଧମିକ ବିଦ୍ୟାଳୟଗୁଡ଼ିକରେ ପ୍ରମୁଖ ଭିତ୍ତିଭୂମିର ରୂପାନ୍ତର ଏଚ୍‌ଏସ୍‌ଟିପିର 5ଟି ଚାର୍ଟରର ଲକ୍ଷ୍ୟ ଥିଲା । ଏହି ପରିପ୍ରେକ୍ଷୀରେ, 54 ଟି ବିଦ୍ୟାଳୟର ମିଳିତ ସରଜମିନ ତଦନ୍ତ (ଅକ୍ଟୋବର 2024 ରୁ ମାର୍ଚ୍ଚ 2025) ରେ ଦେଖିବାକୁ ମିଳିଥିଲା ଯେ କେତେକ ନମୁନା ବିଦ୍ୟାଳୟରେ ଏଚ୍‌ଏସ୍‌ଟିପି ଅଧିନରେ ବାଞ୍ଛିତ ପରିବର୍ତ୍ତନ ହୋଇନାହିଁ, ଯାହା ନିମ୍ନରେ ବିଶଦ ବର୍ଣ୍ଣନା କରାଯାଇଛି:

- ***ସ୍ମାର୍ଟ ଶ୍ରେଣୀ ଗୃହ:*** 54 ଟି ନମୁନା ବିଦ୍ୟାଳୟ ମଧ୍ୟରୁ ଛଅଟି ବିଦ୍ୟାଳୟରେ ସ୍ମାର୍ଟ ପ୍ୟାନେଲ୍ ସ୍ଥାପନ ନହେବା/ତ୍ରୁଟିପୂର୍ଣ୍ଣ ସ୍ମାର୍ଟ ପ୍ୟାନେଲ/ ବିଦ୍ୟୁତିକରଣ ଅଭାବରୁ ସ୍ମାର୍ଟ ଶ୍ରେଣୀଗୃହ ଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରି ନାହିଁ ।
- ***ବିଜ୍ଞାନ ପରୀକ୍ଷାଗାର:*** ପାଞ୍ଚଟି ବିଦ୍ୟାଳୟରେ ଆବଶ୍ୟକ ଉପକରଣ ଏବଂ ରାସାୟନିକ ପଦାର୍ଥ ଉପଲବ୍ଧ ନଥିଲା । 19 ଟି ବିଦ୍ୟାଳୟରେ ପରୀକ୍ଷାଗାରକୁ ପାଣି/ ଗ୍ୟାସ ସଂଯୋଗ ନଥିଲା, ଯାହା ପରୀକ୍ଷଣରେ ବାଧା ସୃଷ୍ଟି କରୁଥିଲା । ମୋଟାମୋଟି ଭାବେ 32ଟି ବିଦ୍ୟାଳୟରେ ବିଜ୍ଞାନ ପରୀକ୍ଷାଗାର କାର୍ଯ୍ୟକ୍ଷମ ନଥିଲା ।
- ***ଇ-ଗ୍ରନ୍ଥାଗାର:*** 13 ଟି ବିଦ୍ୟାଳୟରେ ଇଣ୍ଟରନେଟ୍ ସୁବିଧା ଉପଲବ୍ଧ ନଥିଲା, ଯାହା ଇ-ବୁକ୍ ଅନ୍ୱେଷଣ କିମ୍ବା ଅନଲାଇନ୍ ଶିକ୍ଷାର ସମ୍ଭାବନାକୁ ସୀମିତ କରିଥିଲା । 19 ଟି ବିଦ୍ୟାଳୟରେ, ଇ-ଗ୍ରନ୍ଥାଗାରରେ ଇ-ବୁକ୍ ବିଷୟବସ୍ତୁର ଅଭାବ ଥିଲା, ଯାହା ତାଙ୍କର ଶିକ୍ଷାସମ୍ବଳ ହିସାବରେ ଫଳପ୍ରଦତାକୁ ନ୍ୟୁନ କରିଥିଲା । ଏହା ବ୍ୟତୀତ, କେତେକ ଇ-ଗ୍ରନ୍ଥାଗାର କର୍ମଚାରୀଙ୍କ ବିଶ୍ରାମ କକ୍ଷ ପାଇଁ କିମ୍ବା ଭଣ୍ଡାର ପରି ଅସମ୍ବନ୍ଧିତ ଉଦ୍ଦେଶ୍ୟ ପାଇଁ ବ୍ୟବହୃତ ହେଉଥିଲା ଏବଂ ସେଗୁଡ଼ିକ ଛାତ୍ରମାନଙ୍କ ପାଇଁ ଅପହଞ୍ଚ ଥିଲା, ଯାହାର ସଚିତ୍ର ପ୍ରମାଣ **ଚିତ୍ର 3.3.1** ଏବଂ **3.3.2** ରେ ଦିଆଯାଇଛି ।



***<u>ଚିତ୍ର 3.3.1</u>: ଏନ୍‌ଟିଆର୍ ବିଦ୍ୟାପୀଠ, ଟାଙ୍ଗରବନ୍ଧଲା (ଚମ୍ପୁଆ ବ୍ଲକ) ରେ ଭଣ୍ଡାର ଘର ଭାବରେ ବ୍ୟବହୃତ ଇ-ଗ୍ରନ୍ଥାଗାର (6 ମାର୍ଚ୍ଚ 2025)***



***<u>ଚିତ୍ର 3.3.2</u>: ପଞ୍ଚାୟତ ହିଙ୍ଗୁଳା ହାଇସ୍କୁଲ୍, ଅନ୍ତିଆ(ଧର୍ମଶାଳା ବ୍ଲକ) ରେ କର୍ମଚାରୀ ମାନଙ୍କ ବିଶ୍ରାମ ଗୃହ ଭାବରେ ବ୍ୟବହୃତ ଇ- ଗ୍ରନ୍ଥାଗାର (1 ନଭେମ୍ବର 2024)***

ଉପରୋକ୍ତ ଘଟଣା ସୂଚାଇଲା ଯେ, ଏଚ୍‌ଏସ୍‌ଟିପି ଅଧୀନରେ ବିଦ୍ୟାଳୟଗୁଡ଼ିକର ଉଦ୍ଦିଷ୍ଟ ରୂପାନ୍ତରଣ ସମ୍ପୂର୍ଣ୍ଣ ଭାବରେ ହାସଲ କରାଯାଇନାହିଁ, ଯାହା ଦ୍ୱାରା ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ବିଫଳ ହୋଇଥିଲା ।

ବିଭାଗ ଭବିଷ୍ୟତର ମାର୍ଗଦର୍ଶନ ପାଇଁ ଅଡିଟ୍ ଅବଲୋକନକୁ ଗ୍ରହଣ କରି କହିଲେ (ଅକ୍ଟୋବର 2025) ଯେ ସମ୍ପୃକ୍ତ ପ୍ରଶାସନିକ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷ ଏଚ୍‌ଏସ୍‌ଟିପି ଅଧିନରେ ସୃଷ୍ଟି ହୋଇଥିବା ଭିତ୍ତିଭୂମିର ରକ୍ଷଣାବେକ୍ଷଣ ଏବଂ ଉପଯୋଗ ପାଇଁ ଦାୟୀ ଅଟନ୍ତି ।

**କ୍ରୀଡ଼ା ଏବଂ ଯୁବସେବା ବିଭାଗ**

## 3.4 କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ, ରକ୍ଷଣାବେକ୍ଷଣ ଏବଂ ଉପଯୋଗ

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଏବଂ ଯୁବ ସେବା **(ଏସ୍ଆଣ୍ଡୱାଇଏସ୍)** ବିଭାଗ ରାଜ୍ୟରେ କ୍ରୀଡ଼ାର ବିକାଶ ଏବଂ ପ୍ରୋତ୍ସାହନ ତଥା ଯୁବ ବ୍ୟାପାରର ପ୍ରଶାସନିକ ପରିଚାଳନା ପାଇଁ ଉତ୍ତରଦାୟୀ । 2021-22 ରୁ 2023-24 ମଧ୍ୟରେ ବିଭାଗ ରାଜ୍ୟରେ ବହୁମୁଖୀ ସଭାଗୃହ, ହକି ଷ୍ଟାଡିୟମ୍, କ୍ଷୁଦ୍ର ସଭାଗୃହ ଇତ୍ୟାଦି କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ 2,760.38 କୋଟି ଟଙ୍କା ପ୍ରଦାନ କରିଥିଲେ । ଏଥିମଧ୍ୟରୁ, 2021-24 ଅବଧି ମଧ୍ୟରେ କ୍ରୀଡ଼ା ଭିତ୍ତିଭୂମି ଉପରେ ବିଭାଗ 2,444.54 କୋଟି ଟଙ୍କା ଖର୍ଚ୍ଚ କରିଥିଲେ ।

କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ ଓ ରକ୍ଷଣାବେକ୍ଷଣ କରାଯାଇଛି କି ନାହିଁ ଏବଂ ତାହା ଉଦ୍ଦିଷ୍ଟ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଛି କି ନାହିଁ, ଏହା ଯାଞ୍ଚ କରିବାକୁ 2021-22 ରୁ 2023-24 ଅବଧିକୁ ଅନ୍ତର୍ଭୁକ୍ତ କରି, ସେପ୍ଟେମ୍ବର ରୁ ନଭେମ୍ବର 2024 ମଧ୍ୟରେ ବିଭାଗର ଏକ ଅନୁପାଳନ ସମୀକ୍ଷା କରାଯାଇଥିଲା ।

ଅଡିଟ୍ ଫଳାଫଳଗୁଡ଼ିକ ପରବର୍ତ୍ତୀ ଅନୁଚ୍ଛେଦଗୁଡ଼ିକରେ ଆଲୋଚନା କରାଯାଇଛି ।

### 3.4.1 ମିନି-ଷ୍ଟାଡିୟମର ନିର୍ମାଣ

ଗ୍ରାମାଞ୍ଚଳରେ କ୍ରୀଡ଼ା ଓ ଯୁବ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ବିଭାଗ ଫେବୃଆରୀ 2013 ରେ ବ୍ଲକ୍ ସ୍ତରରେ ମିନି-ଷ୍ଟାଡିୟମ ନିର୍ମାଣ ନାମକ ଯୋଜନା ଆରମ୍ଭ କଲା । ଏହି ଯୋଜନା ଅଧିନରେ 25 ଲକ୍ଷ ଟଙ୍କା ଆକଳନ ମୂଲ୍ୟରେ ରାଜ୍ୟର 314ଟି ବ୍ଲକ୍ ମଧ୍ୟରୁ ପ୍ରତ୍ୟେକଟିରେ ମିନି-ଷ୍ଟାଡିୟମ୍ ନିର୍ମାଣ କରାଯିବାକୁ ନିର୍ଦ୍ଧାରିତ ହୋଇଥିଲା । ବିଭାଗ ପକ୍ଷରୁ 20 ଲକ୍ଷ ଟଙ୍କା ଅନୁଦାନ ଦିଆଯିବାକୁ ଥିଲା ଏବଂ ଅବଶିଷ୍ଟ 5 ଲକ୍ଷ ଟଙ୍କା ସାଂସଦ/ ବିଧାୟକ ସ୍ଥାନୀୟ କ୍ଷେତ୍ର ଉନ୍ନୟନ ପାଣ୍ଠିରୁ ଦେବା ପାଇଁ ସ୍ଥିର ହୋଇଥିଲା । ପରବର୍ତ୍ତୀକାଳରେ ସେପ୍ଟେମ୍ବର 2015 ରେ ଯୋଜନାକୁ ସହରାଞ୍ଚଳକୁ ସମ୍ପ୍ରସାରିତ କରାଗଲା ଏବଂ ସରକାରୀ ସଂଗଠନ/ ଅନୁଷ୍ଠାନଗୁଡ଼ିକର ବିଦ୍ୟମାନ ଖେଳ ପଡ଼ିଆରେ ମିନି-ଷ୍ଟାଡିୟମକୁ ବିକଶିତ କରାଯିବାକୁ ବ୍ୟବସ୍ଥା କରାଗଲା । ଏହି କାର୍ଯ୍ୟଗୁଡ଼ିକ ଗ୍ରାମାଞ୍ଚଳରେ ବ୍ଲକ ଉନ୍ନୟନ କାର୍ଯ୍ୟାଳୟ ଓ ସହାରାଞ୍ଚଳରେ ପୌରାଞ୍ଚଳ ସ୍ଥାନୀୟ ନିକାୟ ଦ୍ୱାରା କାର୍ଯ୍ୟକାରୀ କରାଯିବାକୁ ନିର୍ଦ୍ଧାରିତ ହୋଇଥିଲା ।

ଅଡିଟ୍ ନିରୀକ୍ଷଣରୁ ଜଣାପଡ଼ିଲା ଯେ ବିଭାଗ 2013-18 ମଧ୍ୟରେ 463 ଟି ମିନି ଷ୍ଟାଡିୟମ୍ (ଗ୍ରାମାଞ୍ଚଳ: 314, ସହରାଞ୍ଚଳ:149) ନିର୍ମାଣ ପାଇଁ ଅନୁମୋଦନ କରିଥିଲା ଏବଂ ଏହା ପାଇଁ ଜିଲ୍ଲାପାଳମାନଙ୍କୁ 92.60 କୋଟି ଟଙ୍କା ପ୍ରଦାନ କରିଥିଲା । ଏଥି ମଧ୍ୟରୁ ନଭେମ୍ବର 2024 ସୁଦ୍ଧା, 77.80 କୋଟି ଟଙ୍କା ଖର୍ଚ୍ଚ କରି 389 ଟି ଷ୍ଟାଡିୟମ୍‌ର ନିର୍ମାଣ ସମ୍ପୂର୍ଣ୍ଣ କରାଯାଇଥିଲା । ଅବଶିଷ୍ଟ 14.80 କୋଟି ଟଙ୍କା ଜିଲ୍ଲାପାଳମାନଙ୍କ ନିକଟରେ ରହିଥିଲା । ଜୁଲାଇ 2020 ରେ ବିଭାଗ, ଜିଲ୍ଲାପାଳମାନଙ୍କୁ ଏହି ଅବ୍ୟବହୃତ ରାଶି ସରକାରୀ ଖାତାରେ ଜମା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାର ଅନୁପାଳନକୁ କେବଳ ଗଞ୍ଜାମ ଏବଂ ସୁନ୍ଦରଗଡ଼ ଜିଲ୍ଲାରୁ ସାତଟି ଷ୍ଟାଡିୟମ୍ ପାଇଁ ଦିଆଯାଇଥିବା 1.40 କୋଟି ଟଙ୍କା ଫେରସ୍ତ ଆସିଥିଲା । କିନ୍ତୁ ଜୁନ୍ 2025 ସୁଦ୍ଧା ବାକି 13.40 କୋଟି ଟଙ୍କା ଜିଲ୍ଲାପାଳମାନଙ୍କ ନିକଟରେ ପଡ଼ି ରହିଥିଲା ।

ଅବଶିଷ୍ଟ 67 ଟି ଷ୍ଟାଡିୟମର[112] ନିର୍ମାଣ ପ୍ରଗତିର ସମୀକ୍ଷାରୁ ଜଣାଗଲା ଯେ:

- ନଭେମ୍ବର 2024 ସୁଦ୍ଧା 24 ଟି ମିନି ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନଥିଲା (***ପରିଶିଷ୍ଟ 3.4.1***), ଯଦିଓ ଏହି କାର୍ଯ୍ୟ ପାଇଁ 2014-18 ମଧ୍ୟରେ ଜିଲ୍ଲାପାଳମାନଙ୍କୁ 4.80 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଉପଯୁକ୍ତ ସ୍ଥାନ ଚିହ୍ନଟ ନହେବା (5 ଟି ଷ୍ଟାଡିୟମ୍), ଜମି ବିବାଦ (1ଟି ଷ୍ଟାଡିୟମ୍) ଏବଂ ଅସମାପ୍ତ ଟେଣ୍ଡର ପ୍ରକ୍ରିୟା (ଦୁଇଟି ଷ୍ଟାଡିୟମ୍) ଯୋଗୁଁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନଥିଲା । ବାକି 16 ଟି ଷ୍ଟାଡିୟମ୍ କ୍ଷେତ୍ରରେ, କାରଣଗୁଡ଼ିକ ପଞ୍ଜୀକୃତ ନଥିଲା ।

[112] ମଞ୍ଜୁରୀପ୍ରାପ୍ତ: 463 – 396 (ସମ୍ପୂର୍ଣ୍ଣ: 389 + ଫେରସ୍ତ ପାଣ୍ଠି: 7)

- 43 ଟି ମିନି ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ନଭେମ୍ବର 2024 ସୁଦ୍ଧା ଚାଲିଥିଲା, ଯେଉଁଥିପାଇଁ 2013-18 ମଧ୍ୟରେ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ 8.60 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଯଦିଓ ବିଭାଗ ପାଣ୍ଠି ମଞ୍ଜୁର କରିବା ସମୟରେ ଜିଲ୍ଲାଗୁଡ଼ିକୁ ମଞ୍ଜୁରୀ ପାଣ୍ଠି ବର୍ଷକ ମଧ୍ୟରେ ବିନିଯୋଗ କରିବାକୁ ନିର୍ଦ୍ଦେଶ ହୋଇଥିଲା, ତଥାପି ଜିଲ୍ଲାପାଳମାନେ ଷ୍ଟାଡିୟମ୍ ସମ୍ପୂର୍ଣ୍ଣ କରିବା ପାଇଁ କୌଣସି ସମୟସୀମା ସ୍ଥିର କରିନଥିଲେ । ଫଳରେ ପାଣ୍ଠି ପ୍ରଦାନ ହେବାର 6-10 ବର୍ଷ ପରେ ମଧ୍ୟ ଏହି ଷ୍ଟାଡିୟମଗୁଡ଼ିକ ଅସମ୍ପୂର୍ଣ୍ଣ ହୋଇ ରହିଥିଲା, ଯାହା ବିଭାଗ ଦ୍ୱାରା ଉପଯୁକ୍ତ ନିରୀକ୍ଷଣ ହୋଇନଥିବା ଦର୍ଶାଇଥାଏ । ଷ୍ଟାଡିୟମ୍ ସମ୍ପୂର୍ଣ୍ଣ ନହେବାର କାରଣଗୁଡ଼ିକ ବିଭାଗ ସ୍ତରରେ ଉପଲବ୍ଧ ନଥିଲା । ତେବେ, ଅଡିଟ୍ ଦ୍ୱାରା ପରୀକ୍ଷିତ ଜିଲ୍ଲାଗୁଡ଼ିକରେ ଲକ୍ଷ୍ୟ କରାଯାଇଥିଲା ଯେ ଜମି ବିବାଦ (ଗୋଟିଏ), ସ୍ଥାନୀୟ ବିବାଦ (ଦୁଇଟି) ଏବଂ ଅପର୍ଯ୍ୟାପ୍ତ ପାଣ୍ଠି (ଗୋଟିଏ) ହେତୁ ଚାରୋଟି ଷ୍ଟାଡିୟମ୍ ସମ୍ପୂର୍ଣ୍ଣ ହୋଇପାରି ନଥିଲା ।

ଏସ୍ଆଣ୍ଡୱାଇଏସ୍ ବିଭାଗ ଜିଲ୍ଲାପାଳ ଏବଂ କାର୍ଯ୍ୟକାରୀ ସଂସ୍ଥାମାନଙ୍କ ଦ୍ୱାରା 4.80 କୋଟି ଟଙ୍କା ବିନିଯୋଗ ହୋଇ ନଥିବାର ସତ୍ୟତାକୁ ସ୍ୱୀକାର କରିଥିଲେ (ଜୁନ୍ 2025) ଏବଂ ସେମାନଙ୍କୁ ଟଙ୍କା ଫେରସ୍ତ କରିବାକୁ ଅନୁରୋଧ କରାଯାଇଛି ବୋଲି କହିଥିଲେ । ଏହା ମିନି ଷ୍ଟାଡିୟମ୍ ନିର୍ମାଣରେ ବିଭାଗ ତରଫରୁ ଯୋଜନା ଏବଂ ପର୍ଯ୍ୟାଲୋଚନା ହୋଇ ନଥିବାର ଦର୍ଶାଇଥାଏ, ଯେଉଁଥିପାଇଁ 24 ଟି ଷ୍ଟାଡିୟମ୍ ନିର୍ମାଣ ହୋଇପାରିନଥିଲା ଏବଂ ପ୍ରକଳ୍ପ ମଞ୍ଜୁର ହେବାର 6 ରୁ 10 ବର୍ଷ ବିତିଯାଇଥିଲେ ମଧ୍ୟ 43 ଟି ଷ୍ଟାଡିୟମର ନିର୍ମାଣ ଅସମ୍ପୂର୍ଣ୍ଣ ରହିଥିଲା ।

### *3.4.1.1 ସମ୍ପୂର୍ଣ୍ଣ ହୋଇଥିବା ମିନି ଷ୍ଟାଡିୟମରେ ବାଧ୍ୟତାମୂଳକ କ୍ରୀଡ଼ା ଭିତ୍ତିଭୂମିର ଅଭାବ*

ଯୋଜନା ନିର୍ଦ୍ଦେଶାବଳୀ ଅନୁଯାୟୀ, ପ୍ରତି ଷ୍ଟାଡିୟମରେ ଜବରଦଖଲ ଏବଂ ଯାନବାହନର ଗମନାଗମନ ରୋକିବା ପାଇଁ ପାଚେରୀ ଓ ଫାଟକ, ଭୂମି ସମତୁଲ, ଘାସ ଲଗାଇବା ଓ ପଡ଼ିଆରେ ପାଣି ଜମିବା ଦୂର କରିବା ପାଇଁ ଡ୍ରେନେଜ୍ ସିଷ୍ଟମ ଭଳି ବାଧ୍ୟତାମୂଳକ/ ଆନୁଷଙ୍ଗିକ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ପାଇଁ 25 ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ନିର୍ଦ୍ଦିଷ୍ଟ କରାଯାଇଥିଲା ।

ବିଭାଗୀୟ ରିପୋର୍ଟ ଅନୁଯାୟୀ, ନଭେମ୍ବର 2024 ସୁଦ୍ଧା, 389ଟି ମିନି ଷ୍ଟାଡିୟମ୍ ସମ୍ପୂର୍ଣ୍ଣ ହୋଇଥିଲା । ସେଗୁଡ଼ିକର ପ୍ରକୃତ ସ୍ଥିତି ଯାଞ୍ଚ ପାଇଁ, ଅଡିଟ୍ ଜୁଲାଇ-ସେପ୍ଟେମ୍ବର 2024 ମଧ୍ୟରେ 8 ଟି ଜିଲ୍ଲାର 107 ଟି ମିନି ଷ୍ଟାଡିୟମରୁ 45 ଟିର ସମ୍ପୃକ୍ତ କାର୍ଯ୍ୟକାରୀ ସଂସ୍ଥାର ପ୍ରତିନିଧି ଓ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ସହିତ ମିଳିତ ସରଜମିନ ତଦନ୍ତ କରିଥିଲା । ଯାଞ୍ଚ ସମୟରେ ଦେଖାଗଲା ଯେ 24ଟି ଷ୍ଟାଡିୟମରେ ସୀମା ସୁରକ୍ଷା ପାଚେରୀ, 41 ଟିରେ ଜଳ ନିଷ୍କାସନ, 29 ଟିରେ ମାଟି ସମତଳ କରିବା ଓ 34 ଟି ଷ୍ଟାଡିୟମରେ ଘାସ ଗାଲିଚା ଭଳି ଆବଶ୍ୟକୀୟ ଭିତ୍ତିଭୂମିର ଅଭାବ ରହିଥିଲା ।

ଏହି ଭିତ୍ତିଭୂମିଗୁଡ଼ିକର ନିର୍ମାଣ ମୁଖ୍ୟତଃ ଅତିରିକ୍ତ ପାଣ୍ଠିର ଆବଶ୍ୟକତା ହେତୁ ହୋଇପାରିନଥିଲା । ଏଭଳି କିଛି ଉଦାହରଣ ନିମ୍ନରେ ଆଲୋଚନା କରାଯାଇଛି:

- ସୁନାବେଡ଼ା ପୌରପାଳିକାରେ, ସମୁଦାୟ 20 ଲକ୍ଷ ଟଙ୍କା ବିନିଯୋଗ ସତ୍ତ୍ୱେ କେବଳ ତିନି ପାର୍ଶ୍ୱର ପାଚେରୀ ସମ୍ପୂର୍ଣ୍ଣ ହୋଇଥିଲା । ପାଚେରୀ ସମ୍ପୂର୍ଣ୍ଣ ନହେବା ହେତୁ ଭୂମି ଜବର ଦଖଲ ଏବଂ କ୍ରୀଡ଼ା ଚାଲିଥିବା ସମୟରେ ସାଧାରଣ ଲୋକଙ୍କ ଅବାଧ ପ୍ରବେଶର ଆଶଙ୍କା ଥିଲା ।
- ବସ୍ତା ଓ ନୀଳଗିରି ବ୍ଲକରେ, ଯଥାକ୍ରମେ 24 ଲକ୍ଷ ଓ 20 ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲେ ମଧ୍ୟ ଫାଟକ, ଜଳ ନିଷ୍କାସନ ଓ ଜଳଯୋଗାଣର ସୁବିଧା ହୋଇନଥିଲା । ସେହିଭଳି ଭୋଗରାଇ ବ୍ଲକରେ ମୋଟ 30 ଲକ୍ଷ ଟଙ୍କା ବିନିଯୋଗ ହୋଇଥିଲେ ମଧ୍ୟ ଫାଟକ ଏବଂ ଜଳ ନିଷ୍କାସନର ସୁବିଧା ନଥିଲା । ଯାହା ଫଳରେ ପଡ଼ିଆରେ ପାଣି ଜମି କ୍ରୀଡ଼ା କାର୍ଯ୍ୟକଳାପରେ ବାଧା ସୃଷ୍ଟି ସମ୍ଭାବନା ବଢ଼େଇଥିଲା ।
- ବାହାନଗା ବ୍ଲକରେ, ଆବଣ୍ଟିତ 20 ଲକ୍ଷ ଟଙ୍କା ମଧ୍ୟରୁ 5.66 ଲକ୍ଷ ଟଙ୍କା ବିନିଯୋଗ ହୋଇନଥିଲେ ମଧ୍ୟ ଜଳ ଯୋଗାଣ ଓ ନିଷ୍କାସନର ସୁବିଧା କରାଯାଇ ନଥିଲା ।

ମିନି ଷ୍ଟାଡିୟମ୍ ସମ୍ପୂର୍ଣ୍ଣ କରିବା ପାଇଁ ଅତିରିକ୍ତ ପାଣ୍ଠି ସଂଗ୍ରହ ବିଷୟରେ ସମୀକ୍ଷାରୁ ଜଣାଗଲା ଯେ ସାଂସଦ/ ବିଧାୟକ ସ୍ଥାନୀୟ ଅଞ୍ଚଳ ଉନ୍ନୟନ ପାଣ୍ଠିରୁ 23.15 କୋଟି ଟଙ୍କା[113] ବ୍ୟବସ୍ଥା କରାଯିବାର ଥିଲା । ଯଦିଓ ପାଣ୍ଠି ସଂଗ୍ରହ ସମ୍ବନ୍ଧରେ ବିଭାଗ ପାଖରେ କୌଣସି ତଥ୍ୟ ଉପଲବ୍ଧ ନଥିଲା, ତେବେ ପରୀକ୍ଷିତ 45 ଟି ମିନି ଷ୍ଟାଡିୟମ୍ କ୍ଷେତ୍ରରେ, ସମୀକ୍ଷାରୁ ଜଣାପଡ଼ିଥିଲା ଯେ ମାତ୍ର ଆଠଟି କ୍ଷେତ୍ରରେ 43 ଲକ୍ଷ ଟଙ୍କାର ଉକ୍ତ ସହାୟତା ମିଳିଥିଲା । ବିଭାଗରୁ ଜିଲ୍ଲା ପ୍ରଶାସନ/ କାର୍ଯ୍ୟକାରୀ ସଂସ୍ଥା ଅତିରିକ୍ତ ପାଣ୍ଠି ସଂଗ୍ରହ ପାଇଁ ଅନ୍ୟ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ । ଏହିପରି, ବିଭାଗ ଓ ଜିଲ୍ଲା ପ୍ରଶାସନ ଉଭୟ ଆବଶ୍ୟକୀୟ ପାଣ୍ଠି ସଂଗ୍ରହ କରିବାରେ ବିଫଳ ହୋଇଥିଲେ, ଯାହାର ପରିଣାମରେ ଷ୍ଟାଡିୟମଗୁଡ଼ିକୁ ସମସ୍ତ ଆବଶ୍ୟକୀୟ ଉପାଦାନ ସହିତ ସମ୍ପୂର୍ଣ୍ଣ କରାଯାଇପାରିନଥିଲା ।

ଏସ୍ଆଣ୍ଡଓ୍ୱାଇଏସ୍ ବିଭାଗ ଏହି ତଥ୍ୟକୁ ସ୍ୱୀକାର କରିଥିଲା (ଜୁନ୍ 2025)ଯେ, ଯୋଗାଇ ଦିଆଯାଇଥିବା ପାଣ୍ଠି ମିନି ଷ୍ଟାଡିୟମଗୁଡ଼ିକର ନିର୍ମାଣ ସମ୍ପୂର୍ଣ୍ଣ କରିବା ପାଇଁ ଅପର୍ଯ୍ୟାପ୍ତ ଥିଲା, କାରଣ ବ୍ୟୟ ସ୍ଥାନଭିତ୍ତିକ ଭାବରେ ପରିବର୍ତ୍ତିତ ହୋଇଥାଏ । ଏହି ଉତ୍ତର ଗ୍ରହଣୀୟ ନୁହେଁ, କାରଣ କାର୍ଯ୍ୟକାରୀ ସଂସ୍ଥାମାନେ ଷ୍ଟାଡିୟମଗୁଡ଼ିକର ନିର୍ମାଣ ସମ୍ପୂର୍ଣ୍ଣ କରିବା ନିମନ୍ତେ ଅତିରିକ୍ତ ପାଣ୍ଠି ସଂଗ୍ରହ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ । ବିଭାଗ ମଧ୍ୟ ମିନି ଷ୍ଟାଡିୟମ ଗୁଡ଼ିକର ଅସମ୍ପୂର୍ଣ୍ଣ ଭିତ୍ତିଭୂମି ସମ୍ପୂର୍ଣ୍ଣ ପାଇଁ କେଉଁ ପଦକ୍ଷେପ ଗ୍ରହଣ କରାଯିବ ତାହାର କୌଣସି ପ୍ରତିଶ୍ରୁତି ଦେଇନଥିଲେ ।

### *3.4.1.2 ସମ୍ପୂର୍ଣ୍ଣ ହୋଇଥିବା ମିନି ଷ୍ଟାଡିୟମରେ ମୁକ୍ତାକାଶ ବ୍ୟାୟାମଶାଳା, ମିନି ହଲ୍ ଏବଂ ଶୌଚାଳୟର ଅଭାବ*

ମିନି ଷ୍ଟାଡିୟମ୍ ନିର୍ମାଣ ପାଇଁ ଅର୍ଥ ପ୍ରଦାନ ସହିତ ବିଭାଗ 2017-18 ମସିହାରେ 389 ସଂପୂର୍ଣ୍ଣ ହୋଇଥିବା ମିନି ଷ୍ଟାଡିୟମ ମଧ୍ୟରୁ 126 ଟିରେ ମିନି ହଲ୍ ଏବଂ ଶୌଚାଳୟ ନିର୍ମାଣ କରିବା ପାଇଁ ଜିଲ୍ଲାପାଳମାନଙ୍କୁ 18.90 କୋଟି ଟଙ୍କା ପ୍ରଦାନ କରିଥିଲେ । 2017-18 ଶେଷ ସୁଦ୍ଧା, ପ୍ରତି ମିନି ଷ୍ଟାଡିୟମ୍ ପାଇଁ 15 ଲକ୍ଷ ଟଙ୍କା ଖର୍ଚ୍ଚରେ ଏହି ଭିତ୍ତିଭୂମିଗୁଡିକ ସଂପୂର୍ଣ୍ଣ ହେବାକୁ ନିର୍ଦ୍ଧାରିତ ହୋଇଥିଲା ।

ସମୀକ୍ଷାରେ ଜଣାଗଲା କି 79 ଟି ମିନି ଷ୍ଟାଡିୟମରେ ଏହି ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇସାରିଥିଲା ବେଳେ 29ଟି ମିନି ଷ୍ଟାଡିୟମର କାର୍ଯ୍ୟ ଆରମ୍ଭ ହୋଇନଥିଲା (ନଭେମ୍ବର 2024), ବାକି 18ଟି କ୍ଷେତ୍ରରେ, ପାଣ୍ଠି ଯୋଗାଇବାର ଛଅ ବର୍ଷ ବିତିଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଅସଂପୂର୍ଣ୍ଣ ଥିଲା । ଏସ୍ଆଣ୍ଡଓ୍ୱାଇଏସ୍ ବିଭାଗ ଜିଲ୍ଲାପାଳ/ କାର୍ଯ୍ୟକାରୀ ସଂସ୍ଥାମାନଙ୍କୁ 7.05 କୋଟି ଟଙ୍କା ପ୍ରଦାନ କରିଥିଲେ ମଧ୍ୟ 47ଟି ଷ୍ଟାଡିୟମରେ ଅତିରିକ୍ତ ଭିତ୍ତିଭୂମି (ମୁକ୍ତାକାଶ ବ୍ୟାୟାମଶାଳା, ମିନି ହଲ୍ ଏବଂ ଶୌଚାଳୟ) ନିର୍ମାଣ ସଂପୂର୍ଣ୍ଣ ହୋଇନଥିଲା । କାର୍ଯ୍ୟ ସଂପୂର୍ଣ୍ଣ ନ ହେବା କିମ୍ବା ଆରମ୍ଭ ନ ହେବାର କୌଣସି କାରଣ ନଥିଭୁକ୍ତ ନଥିଲା ।

ମିଳିତ ସରଜମିନ ତଦନ୍ତ (ଜୁଲାଇ 2024 ରୁ ସେପ୍ଟେମ୍ବର 2024) ସମୟରେ, ***ପରିଶିଷ୍ଟ 3.4.2*** ରେ ଦର୍ଶାଯାଇଥିବା ଆଠଟି ମିନି ଷ୍ଟାଡିୟମରେ ନିର୍ମାଣ ହୋଇଥିବା ମୁକ୍ତାକାଶ ବ୍ୟାୟାମଶାଳା, ମିନି ହଲ୍ ଏବଂ ଶୌଚାଳୟ ଗୁଡ଼ିକରେ ଲକ୍ଷ୍ୟ କରାଯାଇଥିଲା ଯେ ବ୍ୟାୟାମଶାଳା ଉପକରଣଗୁଡ଼ିକ ଠିକ୍ ଭାବରେ ସ୍ଥାପିତ ହୋଇନଥିଲା, କିମ୍ବା କ୍ଷତିଗ୍ରସ୍ତ ଅବସ୍ଥାରେ ଥିଲା ଏବଂ ଘାସ ଓ ଅନାବନା ଗଛରେ ଆବୃତ ହୋଇ ରହିଥିଲା, ଯାହାର ଉଦାହରଣ ***ଚିତ୍ର 3.4.1*** ରେ ସ୍ପଷ୍ଟ ଭାବରେ ଦର୍ଶାଇଯାଇଛି, ଯାହାଦ୍ୱାରା କ୍ରୀଡା ଆୟୋଜନ ପାଇଁ ଷ୍ଟାଡିୟମ୍ ଅନୁପଯୁକ୍ତ ଥିବା ଦର୍ଶାଉଥିଲା ।



*ଚିତ୍ର **3.4.2:** କୋଟପାଡ ବ୍ଲକର ଭୈରବ ଗ୍ରାଉଣ୍ଡରେ ଥିବା ମୁକ୍ତାକାଶ ବ୍ୟାୟାମଶାଳା (ତାରିଖ**18 ସେପ୍ଟେମ୍ବର 2024**)*

[113] 463 ଟି ଷ୍ଟାଡିୟମ ପାଇଁ 5 ଲକ୍ଷ ଟଙ୍କା ହିସାବରେ ରାଶି ପ୍ରଦାନ କରାଯାଇଥିଲା

ଏହିପରି 37 ପ୍ରତିଶତ[114] କ୍ଷେତ୍ରରେ ମିନି ଷ୍ଟାଡିୟମଗୁଡିକୁ ମୁକ୍ତାକାଶ ବ୍ୟାୟାମଶାଳା, ମିନି ହଲ ଏବଂ ଶୌଚାଳୟ ଭଳି ଆବଶ୍ୟକ ସୁବିଧା ଦେବାରେ ବିଭାଗ ବିଫଳ ହୋଇଥିଲା ।

ଏସ୍ଆଣ୍ଡ୍ୱାଇଏସ ବିଭାଗ ଜଣାଇଥିଲା (ଜୁନ 2025) ଯେ କାର୍ଯ୍ୟ ଆରମ୍ଭ ହୋଇନଥିବା 29ଟି ମିନି ଷ୍ଟାଡିୟମ ସମ୍ବନ୍ଧୀୟ 4.35 କୋଟି ଟଙ୍କାର ଅବ୍ୟବହୃତ ପାଣ୍ଠି, ସଂପୃକ୍ତ ଜିଲ୍ଲାପାଳମାନଙ୍କୁ ଏବଂ କାର୍ଯ୍ୟକାରୀ ସଂସ୍ଥାମାନଙ୍କଲୁ ଫେରସ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଉତ୍ତରଟି ଏହି କାର୍ଯ୍ୟଗୁଡିକର ଅସଂପୂର୍ଣ୍ଣତା ଯୋଗୁଁ ଉପୁଜିଥିବା ସମସ୍ୟା, ଯିବପିଢିଙ୍କ ପାଇଁ କ୍ରୀଡ଼ା ଭିତ୍ତିଭୂମି ଓ ଆନୁଷଙ୍ଗିକ ସୁବିଧା ସୃଷ୍ଟି ନହେବା କାରଣ ପାଇଁ ପ୍ରଯୁଜ୍ୟ ନଥିଲା ।

## 3.4.2 କ୍ରୀଡା ଭିତ୍ତିଭୂମିର ଉପଯୋଗ

କ୍ରୀଡା ଏବଂ ଯୁବସେବା ବିଭାଗ 2021-25 ମଧ୍ୟରେ ରାଜ୍ୟର 89ଟି ପୌରାଞ୍ଚଳ ନୀକାୟ ସଂସ୍ଥାରେ 706.68 କୋଟି ଟଙ୍କା ବ୍ୟୟ କରି 88[115]ଟି ବହୁମୁଖୀ ଇନଡୋର ହଲ (**ଏମ୍ପିଆଇଏଚ୍**) ନିର୍ମାଣ କରିଥିଲେ । ଏହି ଇନଡୋର ହଲ୍ ଗୁଡିକ ସ୍ଥାନୀୟ ଯୁବକ ଏବଂ ଉଦୀୟମାନ କ୍ରୀଡାବିତମାନଙ୍କ ପାଇଁ କ୍ରୀଡା ପ୍ରଶିକ୍ଷଣ, ସ୍ୱାସ୍ଥ୍ୟ ଏବଂ ଫିଟନେସ୍ ପ୍ରୋତ୍ସାହନ, ବିପର୍ଯ୍ୟୟ ସମୟରେ ଆଶ୍ରୟସ୍ଥଳ ନିମନ୍ତେ ଏବଂ ବିଭିନ୍ନ ସାମାଜିକ କାର୍ଯ୍ୟ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ଏମ୍ପିଆଇଏଚ୍ ଗୁଡିକର ସୂଚାରୁ ପରିଚାଳନା ପାଇଁ, ବିଭାଗ ଏକ ମାନକ ପରିଚାଳନା ପ୍ରଣାଳୀ (ଏସଓପି) ଜାରି କରିଥିଲା (ଡିସେମ୍ବର 2022), ଯେଉଁଥିରେ ଏସ୍ଆଣ୍ଡ୍ୱାଇଏସ ବିଭାଗ ଦ୍ୱାରା ନିୟୋଜିତ ପ୍ରଶିକ୍ଷକ, ସମସ୍ତ ତାଲିକାଭୁକ୍ତ ଖେଳାଳୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ସହିତ ସେଣ୍ଟର ସଂଯୋଜକ ଭାବରେ କାର୍ଯ୍ୟ କରିବେ ବୋଲି ଉଲ୍ଲେଖ ଥିଲା ।

ତେବେ, ଅଡିଟ୍‌ରୁ ଏମ୍ପିଆଇଏଚ୍ ଗୁଡିକର କାର୍ଯ୍ୟରେ ନିମ୍ନଲିଖିତ ଅଭାବଗୁଡିକ ଲକ୍ଷ୍ୟ କରାଯାଇଥିଲା :

### *3.4.2.1 ଏମ୍ପିଆଇଏଚ୍ ଗୁଡିକରେ ପ୍ରଶିକ୍ଷକ/କୋଚ୍ ନିୟୋଜିତ ନ ହେବା*

ବିଭାଗ 88ଟି ଏମ୍ପିଆଇଏଚ୍‌କୁ ପ୍ରଶିକ୍ଷକ/ କୋଚ୍ ବ୍ୟବସ୍ଥା ଯୋଗାଇବା ପାଇଁ ଦୁଇଟି ଘରୋଇ ସଂସ୍ଥାକୁ ନିୟୋଜନ କରିଥିଲେ (ମାର୍ଚ୍ଚ 2024) ।

ଅଡିଟ୍ ଲକ୍ଷ୍ୟ କରିଥିଲା ଯେ, ଏମ୍ପିଆଇଏଚ୍ ଗୁଡିକରେ ବ୍ୟାଡମିଣ୍ଟନ ଏବଂ ଜିମ୍ ଭଳି କ୍ରୀଡା ବିଭାଗରେ ପ୍ରଶିକ୍ଷକ ମାନଙ୍କର ଅଭାବ ନଥିବାବେଳେ, ଟେବୁଲ ଟେନିସ୍ (18 ପ୍ରତିଶତ), ଭାର ଉତ୍ତୋଳନ (94 ପ୍ରତିଶତ) ଏବଂ ଯୋଗ (100 ପ୍ରତିଶତ) ଭଳି କ୍ରୀଡା ବିଭାଗରେ ପ୍ରଶିକ୍ଷକମାନଙ୍କର ଅଭାବ ରହିଥିଲା । ବିଭିନ୍ନ କ୍ରୀଡା ବିଭାଗ ପାଇଁ ପ୍ରଶିକ୍ଷକମାନଙ୍କର ଅଭାବରୁ, ଯୁବକମାନଙ୍କର କ୍ରୀଡା, ସ୍ୱାସ୍ଥ୍ୟ ଏବଂ ଫିଟନେସ୍ ପାଇଁ ଉତ୍ସାହିତ କରିବାରେ ଉଦ୍ଦେଶ୍ୟ ପୂରଣ ହୋଇପାରି ନଥିଲା । ଏହା ବ୍ୟତୀତ, ଏମ୍ପିଆଇଏଚ୍ ଗୁଡିକରେ ଥିବା କ୍ରୀଡା ଉପକରଣ ଗୁଡିକ କୋଚ/ ପ୍ରଶିକ୍ଷକମାନଙ୍କ ଅଭାବ ଯୋଗୁଁ ଅବ୍ୟବହୃତ ରହିଥିଲା ।

ଏସ୍ଆଣ୍ଡ୍ୱାଇଏସ୍ ବିଭାଗ କହିଥିଲେ (ଜୁନ 2025) ଯେ ଆବଶ୍ୟକତା ଅନୁଯାୟୀ ପ୍ରଶିକ୍ଷକମାନଙ୍କୁ ନିଯୁକ୍ତି ଦେବା ପାଇଁ ପଦକ୍ଷେପ ନିଆଯାଉଛି ।

### *3.4.2.2 ଶ୍ରୀ ଜଗନ୍ନାଥ ଷ୍ଟାଡିୟମ ଏବଂ କ୍ରୀଡା କମ୍ପ୍ଲେକ୍ସ, ପୁରୀରେ ପ୍ରଶିକ୍ଷକ ନିୟୋଜିତ ନ ହେବା*

କ୍ରୀଡା ଏବଂ ଯୁବସେବା ବିଭାଗ, ୱାଟର ଆଣ୍ଡ ପାୱାର କନସଲଟାନ୍ସି ସର୍ଭିସେସ୍ ଲିମିଟେଡ୍ (WAPCOS)[116]କୁ ନିୟୋଜନ କରି 34.91 କୋଟି ଟଙ୍କା ବ୍ୟୟରେ ପୁରିରେ ଶ୍ରୀ ଜଗନ୍ନାଥ ଷ୍ଟାଡିୟମ ନିର୍ମାଣ କରିଥିଲେ । ଷ୍ଟାଡିୟମଟି ମଇ 2023 ରେ ପୁରୀ ଜିଲ୍ଲା କ୍ରୀଡା ଅଧିକାରୀ (ଡିଏସଓ)ଙ୍କୁ ହସ୍ତାନ୍ତର କରାଯାଇଥିଲା । ଅଗଷ୍ଟ 2024 ର ମିଳିତ ସରଜମିନ ତଦନ୍ତରୁ ଦେଖାଗଲା ଯେ ଷ୍ଟାଡିୟମରେ ଟେବୁଲ୍ ଟେନିସ୍, ସୁଇମିଂପୁଲ, ଜିମ୍ନାଷ୍ଟିକ୍ ସେଣ୍ଟର ଏବଂ 100 ଶଯ୍ୟା ବିଶିଷ୍ଟ କ୍ରୀଡା ହଷ୍ଟେଲ ଭଳି ଅନେକ ସୁବିଧା ଅଛି । କ୍ରୀଡା ପରିସରରେ ଯୋଗ ଏବଂ ଟେବୁଲ ଟେନିସ୍ ପାଇଁ ଉତ୍ସର୍ଗୀକୃତ ହଲ୍ ଥିଲା । ମାତ୍ର ଜୁନ୍ 2025 ସୁଦ୍ଧା ଏହି ଦୁଇଟି ବିଭାଗ ପାଇଁ ପ୍ରଶିକ୍ଷକ

114 126 ଟି ମିନି ଷ୍ଟାଡିୟମ୍ ମଧ୍ୟରୁ 47 ଟି (କାର୍ଯ୍ୟ ଆରମ୍ଭ ହୋଇନାହିଁ: 29 ଏବଂ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ: 18)

115 ମ୍ୟୁନିସିପାଲିଟି କର୍ପୋରେସନ/ ମ୍ୟୁନିସିପାଲିଟି: 34; ବିଜ୍ଞାପିତ ଅଞ୍ଚଳ ପରିଷଦ: 54

116 ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ ଅଧିନରେ ଥିବା ଏକ ସରକାରୀ ଉଦ୍ୟୋଗ

ନିଯୋଜିତ ହୋଇନଥିଲେ । ଏହା ବ୍ୟତୀତ, ଟେବୁଲ ଟେନିସ୍ ପାଇଁ ଆବଶ୍ୟକୀୟ ଉପକରଣ ମଧ ଯୋଗାଇ ଦିଆଯାଇ ନଥିଲା (ଚିତ୍ର 3.4.2) । ଫଳସ୍ୱରୂପ, ଏହି କ୍ରୀଡ଼ା ବିଭାଗ ପାଇଁ ସୃଷ୍ଟି ହୋଇଥିବା ସୁବିଧାଗୁଡ଼ିକ ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ବ୍ୟବହାର ଉପଯୋଗୀ ନଥିଲା । ଏସ୍ଆଣ୍ଡୱାଇ ବିଭାଗ ସ୍ପଷ୍ଟ କରିଥିଲା (ଜୁନ୍ 2025) ଯେ ଭାର ଉତ୍ତୋଳନ ଟେବୁଲ୍ ଟେନିସ୍ ଏବଂ ଯୋଗ ପାଇଁ ପ୍ରଶିକ୍ଷକ ନିଯୋଜନ ନିମନ୍ତେ ପଦକ୍ଷେପ ନିଆଯାଉଛି ।



*ଚିତ୍ର 3.4.2: ଟେବୁଲ୍ ଟେନିସ୍ ହଲ୍ ବିନା ଉପକରଣରେ (ତାରିଖ: 21 ଅଗଷ୍ଟ 2024)*

### *3.4.2.3 କୋରାପୁଟ କ୍ରୀଡ଼ା ଛାତ୍ରାବାସରେ ଭିତ୍ତିଭୂମିର ଅଭାବ*

8 ରୁ 14 ବର୍ଷ ବୟସର ଯୁବ ପ୍ରତିଭାମାନଙ୍କୁ ଚିହ୍ନଟ କରି ବିଭିନ୍ନ କ୍ରୀଡ଼ା ବିଷୟରେ ବ୍ୟବସ୍ଥିତ ପ୍ରଶିକ୍ଷଣ ଏବଂ ସହାୟତା ଯୋଗାଇବା ପାଇଁ ଏସ୍ଆଣ୍ଡୱାଇଏସ୍ ବିଭାଗ 1985 ମସିହାରେ ଓଡ଼ିଶାରେ 'କ୍ରୀଡ଼ା ଛାତ୍ରାବାସ ଯୋଜନା' ଆରମ୍ଭ କରିଥିଲା । ମନୋନୀତ ଖେଳାଳିମାନେ ବିନା ଖର୍ଚ୍ଚରେ ରହଣି, ପୁଷ୍ଟିକର ଖାଦ୍ୟ, କ୍ରୀଡ଼ା ସରଞ୍ଜାମ, ୟୁନିଫର୍ମ ଏବଂ ଶିକ୍ଷା ଓ ଡାକ୍ତରୀ ଚିକିତ୍ସା ପାଇବାର ସୁଯୋଗ ପାଇବେ । ସେପ୍ଟେମ୍ବର 2024 ସୁଦ୍ଧା, କ୍ରୀଡ଼ା ଏବଂ ଯୁବସେବା ବିଭାଗ ଅଧିନରେ 15 ଟି ଜିଲ୍ଲାରେ 16 ଟି କ୍ରୀଡ଼ା ଛାତ୍ରାବାସ କାର୍ଯ୍ୟ କରୁଥିଲା ।

କୋରାପୁଟସ୍ଥିତ କ୍ରୀଡ଼ା ଛାତ୍ରାବାସ ସମ୍ବନ୍ଧୀୟ ରେକର୍ଡପତ୍ର ଯାଞ୍ଚରୁ ନିମ୍ନଲିଖିତ ଘଟଣା ଜଣାପଡ଼ିଥିଲା:

- ***ତୀରନ୍ଦାଜୀ ପଡ଼ିଆ ଅନୁପଲବ୍ଧତା :*** କ୍ରୀଡ଼ା ଛାତ୍ରାବାସରେ ବୃତ୍ତିଗତ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପୁନର୍ଗଠନ ଏବଂ ସୁଦୃଢ଼ୀକରଣର ଏକ ଅଂଶ ଭାବରେ, 2022-23 ରେ 50 ଜଣ ପ୍ରଶିକ୍ଷାର୍ଥୀଙ୍କ ପାଇଁ ତୀରନ୍ଦାଜୀ ବିଭାଗ ଆରମ୍ଭ କରାଯାଇଥିଲା, ଯଦିଓ କୋରାପୁଟ କ୍ରୀଡ଼ା ଛାତ୍ରାବାସରେ ଏଥି ପାଇଁ କୌଣସି ତୀରନ୍ଦାଜୀ ପଡ଼ିଆ ଉପଲବ୍ଧ ନଥିଲା । କୋରାପୁଟରେ ଏପରି କୌଣସି ସୁବିଧା ନଥାଇ ମଧ୍ୟ, ମାଲକାନଗିରି କ୍ରୀଡ଼ା ଛାତ୍ରାବାସର, ଯେଉଁଠାରେ ଏକ ଉତ୍ସର୍ଗୀକୃତ ତୀରନ୍ଦାଜୀ ପଡ଼ିଆ ଥିଲା, ସମସ୍ତ 50 ଜଣ ତୀରନ୍ଦାଜୀ ପ୍ରଶିକ୍ଷାର୍ଥୀ ସେପ୍ଟେମ୍ବର 2022 ପରଠାରୁ କୋରାପୁଟ କ୍ରୀଡ଼ା ଛାତ୍ରାବାସକୁ ସ୍ଥାନାନ୍ତରିତ କରାଯାଇଥିଲା, ଯାହାର କାରଣ ରେକର୍ଡରେ ନଥିଲା । ଫଳସ୍ୱରୂପ, ମାଲକାନଗିରିସ୍ଥିତି ତୀରନ୍ଦାଜୀ ପଡ଼ିଆଟି ଅବ୍ୟବହୃତ ହୋଇ ରହିଲା ଏବଂ କୋରାପୁଟ କ୍ରୀଡ଼ା ଛାତ୍ରାବାସର ତୀରନ୍ଦାଜୀ ପ୍ରଶିକ୍ଷାର୍ଥୀମାନେ ଅଭ୍ୟାସ ପାଇଁ ଉପଯୁକ୍ତ ତୀରନ୍ଦାଜୀ ପ୍ରଶିକ୍ଷଣ ସୁବିଧାରୁ ବଞ୍ଚିତ ହେଲେ, ଯାହା ବିଭାଗର ଦୁର୍ବଳ ଯୋଜନାକୁ ପ୍ରତିଫଳିତ କରୁଛି ।

କ୍ରୀଡ଼ା ଏବଂ ଯୁବସେବା ବିଭାଗ ସ୍ପଷ୍ଟ କରିଥିଲା (ଜୁନ୍ 2025) ଯେ, କୋରାପୁଟରେ ଉକ୍ତ ପଡ଼ିଆ ନିର୍ମାଣ ପାଇଁ 8.31 କୋଟି ଟଙ୍କାର ପ୍ରଶାସନିକ ଅନୁମୋଦନ (ଏପ୍ରିଲ୍ 2025) ପ୍ରଦାନ କରାଯାଇଛି । ଉକ୍ତ ପଡ଼ିଆର ନିର୍ମାଣ ପରେ, ପଡ଼ିଆଟି ତୀରନ୍ଦାଜୀ ବିଭାଗର ଛାତ୍ରମାନଙ୍କ ଦ୍ୱାରା ବ୍ୟବହୃତ ହେବ । ଏହି ଉତ୍ତର ଗ୍ରହଣୀୟ ନୁହେଁ କାରଣ କୌଣସି ଯୋଜନା ଏବଂ ବ୍ୟବସ୍ଥା ବିନା ସ୍ଥାନାନ୍ତରିତ ହୋଇଥବା ତୀରନ୍ଦାଜୀ ପ୍ରଶିକ୍ଷାର୍ଥୀମାନଙ୍କୁ 2022 ମସିହାରୁ ତାଲିମ ପ୍ରଦାନ କରାଯାଇପାରି ନାହିଁ ।

### 3.4.3 କ୍ରୀଡ଼ା ଭିତ୍ତିଭୂମିର ଉପଯୁକ୍ତ ରକ୍ଷଣବେକ୍ଷଣର ଅଭାବ

ବିଭିନ୍ନ କ୍ରୀଡ଼ା କାର୍ଯ୍ୟକଳାପର ସୁପରିଚାଳନା ପାଇଁ କ୍ରୀଡ଼ା ପ୍ରଶିକ୍ଷଣ କେନ୍ଦ୍ରରେ ଥିବା ସୁବିଧା ଓ ସାଜସରଞ୍ଜାମଗୁଡ଼ିକର ନିୟମିତ ରକ୍ଷଣାବେକ୍ଷଣ ଅତ୍ୟାବଶ୍ୟକ ଥିଲା । ଏସ୍ଆଣ୍ଡୱାଇଏସ୍ ବିଭାଗ କ୍ରୀଡ଼ା ପ୍ରଶିକ୍ଷଣ ସୁବିଧା ଗୁଡ଼ିକର କାର୍ଯ୍ୟକ୍ଷମ ରଖିବା ପାଇଁ ପାଣ୍ଠିର ବ୍ୟବସ୍ଥା ଏବଂ ନିର୍ଦ୍ଦିଷ୍ଟ କାର୍ଯ୍ୟକର୍ତ୍ତାମାନଙ୍କୁ ରକ୍ଷଣାବେକ୍ଷଣ ଦାୟିତ୍ୱ ବଣ୍ଟନ ଭଳି କୌଣସି ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିନଥିଲେ । କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକ, 389 ଟି ମିନି ଷ୍ଟାଡିୟମ୍ ନିର୍ମାଣ ସରିବା ପରେ, ଏହାକୁ କ୍ରୀଡ଼ା ବିଭାଗକୁ ବ୍ୟବହାର ପାଇଁ ହସ୍ତାନ୍ତର କରିନଥିଲେ । ଷ୍ଟାଡିୟମଗୁଡ଼ିକର ମାଲିକାନା ଅଭାବରୁ, ବିଭାଗ ମଧ୍ୟ ଏହି ସମ୍ପତ୍ତି ଗୁଡ଼ିକର ରକ୍ଷଣାବେକ୍ଷଣ ପ୍ରତି ଧ୍ୟାନ ଦେଇନଥିଲେ । ପରିଣାମସ୍ୱରୂପ ମିନି ଷ୍ଟାଡିୟମଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ କୌଣସି ବ୍ୟବସ୍ଥା ନଥିଲା ଏବଂ କ୍ରୀଡ଼ା ପ୍ରଶିକ୍ଷଣ ସୁବିଧା ଓ ସରଞ୍ଜାମ ଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣର ଅଭାବ ଦେଖିବାକୁ ମିଳିଥିଲା ଏବଂ ଛାତରୁ ପାଣି ଗଳିବା ଏବଂ କାନ୍ଥ ଭିଜିଯିବା ଭଳି ସମସ୍ୟା ଉପୁଜିଥିଲା । ଜୁଲାଇ-ଅଗଷ୍ଟ 2024 ମସିହାରେ କରାଯାଇଥିବା ମିଳିତ ସରଜମିନ ତଦନ୍ତ ସମୟରେ ଯୋଗ, ଜିମ୍ ଓ ଟେବୁଲ୍ ଟେନିସ୍ ପାଇଁ ଆବଶ୍ୟକ ଉପକରଣର ଅଭାବ, ଖେଳ ପଡ଼ିଆଗୁଡ଼ିକ ଅନାବନା ଘାସରେ ଭର୍ତ୍ତି ହୋଇଥିବା ଦେଖାଯାଇଥିଲା, ଯାହା ସେଗୁଡ଼ିକ ବ୍ୟବହାର ନହେବା ସୂଚିତ କରୁଛି । ଏହାର ଉଦାହରଣ ଚିତ୍ର 3.4.3 ରେ ପ୍ରଦର୍ଶିତ ହୋଇଛି । ଅଡିଟ୍ ଦ୍ୱାରା ଲକ୍ଷ୍ୟ କରାଯାଇଥିବା ତ୍ରୁଟିଗୁଡ଼ିକର ବିସ୍ତୃତ ବିବରଣୀ ***ପରିଶିଷ୍ଟ 3.4.3*** ରେ ଦର୍ଶାଯାଇଛି । ପରବର୍ତ୍ତୀକାଳରେ, ମିନି ଷ୍ଟାଡିୟମଗୁଡ଼ିକୁ ସପିଂ ମେଳା ଏବଂ ଯାତ୍ରା ଉଦ୍ଦେଶ୍ୟରେ ବ୍ୟବହୃତ କରାଯାଇଥିବା ଘଟଣାମାନ ମଧ୍ୟ ଲକ୍ଷ୍ୟ କରାଯାଇଥିଲା, ଯାହା ଯୋଜନା ନିର୍ଦ୍ଦେଶାବଳୀ ଅନୁଯାୟୀ ଅନୁମୋଦନୀୟ ନଥିଲା ।



*ଚିତ୍ର 3.4.3: ପିପିଲି ମିନି ଷ୍ଟାଡିୟମର ଅସମତଳ ଏବଂ ରକ୍ଷଣାବେକ୍ଷଣ କରାଯାଇନଥିବା ପଡ଼ିଆ (ତାରିଖ: 22 ଅଗଷ୍ଟ 2024)*

ଏସ୍ଆଣ୍ଡୱାଇ ବିଭାଗ ସ୍ପଷ୍ଟ କରିଥିଲେ (ଜୁନ୍ 2025) ଯେ ଏକ ଉତ୍ସର୍ଗୀକୃତ ଇଞ୍ଜିନିୟରିଂ ୱିଙ୍ଗ୍ ନଥିବା ଯୋଗୁଁ କ୍ରୀଡ଼ା ଭିତ୍ତିଭୂମିର ତୁରନ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ସମ୍ଭବ ହୋଇନଥିଲା । ତେବେ, ଅଡିଟର ପର୍ଯ୍ୟବେକ୍ଷଣ ଆଧାରରେ କେତେକ କ୍ଷେତ୍ରରେ ସଂଶୋଧନମୂଳକ ପଦକ୍ଷେପ ନିଆଯାଇଛି । ଏହି ଉତ୍ତର ଯୁକ୍ତିଯୁକ୍ତ ନଥିଲା କାରଣ କ୍ରୀଡ଼ା ଭିତ୍ତିଭୂମିର ନିୟମିତ ମରାମତି ଏବଂ ରକ୍ଷଣାବେକ୍ଷଣ ପଇଁ କୌଣସି ବ୍ୟବସ୍ଥା କରାଯାଇନଥିଲା ।

## ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ

### 3.5 ଓଡିଶା ରାଜ୍ୟ ଔଷଧ ବିତରଣ ନିଗମ ଲିମିଟେଡ୍ ଦ୍ୱାରା ଔଷଧ ସଂଗ୍ରହ ଏବଂ ବଣ୍ଟନ

ଓଡିଶା ରାଜ୍ୟ ଔଷଧ ବିତରଣ ନିଗମ ଲିମିଟେଡକୁ ନଭେମ୍ବର 2013ରେ କମ୍ପାନୀ ଆଇନ୍, 1956 ଅନୁଯାୟୀ ଅନ୍ତର୍ଭୁକ୍ତ କରାଯାଇଥିଲା, ଯାହା ଦ୍ୱାରା ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପାଇଁ ଏକ ସ୍ୱାଧୀନ କ୍ରୟ ସଂସ୍ଥା ଭାବରେ କାର୍ଯ୍ୟ କରିପାରିବ । ଏହା ସରକାରୀ ସ୍ୱାସ୍ଥ୍ୟ ସେବା ପ୍ରତିଷ୍ଠାନଗୁଡିକୁ ବଣ୍ଟନ ପାଇଁ ଔଷଧ, ଶଲ୍ୟ ଚିକିତ୍ସା ଉପକରଣ, ସାଜ ସରଞ୍ଜାମ, ଆସବାବପତ୍ର ଇତ୍ୟାଦି କ୍ରୟ କରିଥାଏ । କମ୍ପାନୀ ଏକ ନିର୍ଦ୍ଦେଶକ ମଣ୍ଡଳୀ ଏବଂ ଜଣେ ପରିଚାଳନା ନିର୍ଦ୍ଦେଶକଙ୍କ ନେତୃତ୍ୱରେ ପରିଚାଳିତ ହୁଏ । ପରିଚାଳନା ନିର୍ଦ୍ଦେଶକ ହେଉଛନ୍ତି କମ୍ପାନୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, କମ୍ପାନୀର ଦୈନନ୍ଦିନ କାର୍ଯ୍ୟ ପାଇଁ ମହା ପ୍ରବନ୍ଧକମାନେ ତାଙ୍କୁ ସହାୟତା କରନ୍ତି । ସ୍ୱାସ୍ଥ୍ୟ ସେବା ପ୍ରତିଷ୍ଠାନଗୁଡିକର ଔଷଧର ନିରନ୍ତର ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ କମ୍ପାନୀ ଇ-ନିରାମୟ ଆପ୍ଲିକେସନ୍ ବ୍ୟବସ୍ଥା ମାଧ୍ୟମରେ କେନ୍ଦ୍ରୀୟ ଭାବରେ ଔଷଧର ବଣ୍ଟନ ଏବଂ ମହଜୁଦ ସ୍ଥିତି ଉପରେ ନଜର ରଖେ ।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ବିଭିନ୍ନ ନିର୍ଦ୍ଦେଶାଳୟ ଯଥା ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଇତ୍ୟାଦି ଔଷଧ/ ଉପକରଣ ପାଇଁ ଇଣ୍ଡେଣ୍ଟ୍ (ଫରମାସ) ଦିଅନ୍ତି ଏବଂ କମ୍ପାନୀରେ ଆବଶ୍ୟକୀୟ ପରିମାଣର ରାଶି ଜମା କରନ୍ତି । 2018-19 ରୁ 2014-25 (ଜାନୁଆରୀ 2025) ମଧ୍ୟରେ ଓଡିଶା ରାଜ୍ୟ ଔଷଧ ନିଗମ ଲିମିଟେଡ 6,960.11 କୋଟି ଟଙ୍କା ପାଇଥିଲା । ଏହି ପାଣ୍ଠିରୁ 6,299.59 କୋଟି ଟଙ୍କା ଔଷଧ ଏବଂ ଉପକରଣ କ୍ରୟ ପାଇଁ ଖର୍ଚ୍ଚ ହୋଇଥିଲା ।

ଏପ୍ରିଲ 2019 ରୁ ଜାନୁଆରୀ 2025 ପର୍ଯ୍ୟନ୍ତ ଅବଧିକୁ ନେଇ ଏକ ଅନୁପାଳନ ସମୀକ୍ଷା କରାଯାଇଥିଲା । ଯାହାର ଉଦ୍ଦେଶ୍ୟ ଥିଲା ଏପ୍ରିଲ 2019 ରୁ ଜାନୁଆରୀ 2025 ପର୍ଯ୍ୟନ୍ତ ଔଷଧ କ୍ରୟ ଉପରେ ନିର୍ଦ୍ଦେଶାବଳୀ/ ଅନୁଦେଶ ଗୁଡ଼ିକର ଅନୁପାଳନର ସ୍ଥିତି ମୂଲ୍ୟାଙ୍କନ କରିବା । ଏହା ଉପରେ ଆଧାର କରି ଅଡିଟ୍ ନିଷ୍କର୍ଷରେ ପହଞ୍ଚିଥିବା ବିଷୟଗୁଡିକ ନିମ୍ନଲିଖିତ ଅନୁଚ୍ଛେଦ ଗୁଡିକର ଆଲୋଚନା କରାଯାଇଅଛି ।

### 3.5.1 କାସରିଭିମାବ୍ ଏବଂ ଇମ୍‌ଡେଭିମାବ୍ ଭାଇଏଲ୍ ଅଧିକ ପରିମାଣର କ୍ରୟ ଯୋଗୁଁ 16.49 କୋଟି ଟଙ୍କାର ଅପଚୟ

କୋଭିଡ-19 ବିପଦର ମୁକାବିଲା ପାଇଁ ବିଭିନ୍ନ ସମୟରେ ବିଭିନ୍ନ ବର୍ଗର ଔଷଧ ଲାଭଦାୟକ ପ୍ରମାଣିତ ହୋଇଥିଲା । ମହାମାରୀ ମୁକାବିଲା ପାଇଁ କାସିରିଭିମାବ୍ ଏବଂ ଇମ୍‌ଡେଭିମାବ୍ 120 ମିଗ୍ରା/ମିଲି ଭାଇଏଲ୍‌ର କକ୍‌ଟେଲ ଏପରି ଏକ ମିଶ୍ରଣ ଥିଲା, ଯାହା ମହାମାରୀକୁ ପ୍ରତିରୋଧ କରିବାରେ ବ୍ୟବହୃତ ହୋଇଥିଲା । ଭାରତ ସରକାର (19 ଜୁଲାଇ 2021) ଓଡିଶା ସରକାରଙ୍କୁ 446 ଭାଇଏଲ୍ କାସିରିଭିମାବ୍ ଏବଂ ଇମ୍‌ଡେଭିମାବ୍ 120 ମିଗ୍ରା/ମିଲି ମାଗଣାରେ ଯୋଗାଇଥିଲେ । ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ତାହାର ବୈଷୟିକ କମିଟିର[117] ସୁପାରିଶ ଅନୁଯାୟୀ ଓଡିଶା ରାଜ୍ୟ ଔଷଧ ବିତରଣ ନିଗମ ଲିମିଟେଡ୍ ମାଧ୍ୟମରେ ଅତିରିକ୍ତ 4,550 କକଟେଲ୍ ଭାଇଏଲ୍‌କୁ ତିନୋଟି ପର୍ଯ୍ୟାୟରେ କ୍ରୟ କରିଥିଲେ । ଯାହାର ବିବରଣୀ ନିମ୍ନ **ସାରଣୀ 3.5.1** ରେ ପ୍ରଦାନ କରାଯାଇଛି:

***ସାରଣୀ 3.5.1: କ୍ରୟ ହୋଇଥିବା ଏବଂ ବୈଧତା ଅବଧି ସମାପ୍ତ ହୋଇଥିବା କକ୍‌ଟେଲ୍ ଭାଇଏଲ୍‌ର ପରିମାଣ ଏବଂ ମୂଲ୍ୟ***

| କ୍ର. ସଂ. | ବୈଷୟିକ କମିଟିର ସୁପାରିସ ତାରିଖ | କ୍ରୟ ଆଦେଶର ତାରିଖ | କ୍ରୟ ହୋଇଥିବା କକ୍‌ଟେଲ୍ ଭାଇଏଲ୍ | ପ୍ରତି କକ୍‌ଟେଲ୍ ଭାଇଏଲ୍ ମୂଲ୍ୟ (ଟଙ୍କା)[118] | ମୋଟ ମୂଲ୍ୟ (ଟଙ୍କା କୋଟିରେ) | ସମାପ୍ତି ତାରିଖ | ପରବର୍ତ୍ତୀ ସମୟରେ ଅବ୍ୟବହୃତ ଭାଇଏଲ୍ ଗୁଡ଼ିକର ବୈଧତା ଅବଧି ଶେଷ ହୋଇଯାଇ ଥିଲା | ବୈଧତା ଅବଧି ଶେଷ ହୋଇଥିବା ଭାଇଏଲ୍ ମୂଲ୍ୟ (ଟଙ୍କାରେ) |
|---|---|---|---|---|---|---|---|---|
| 1 | 27-07-2021 | 23-08-2021 | 300 | 1,09,940 | 3.30 | 28-02-2023 | 38 | 0.42 |
| 2 | 07-10-2021 | 11-10-2021 | 2,250 | 1,09,940 | 24.74 | 28-02-2023 | 2,000 | 21.99 |
| 3 | 03-01-2022 | 10-01-2022 | 2,000 | 1,09,940 | 21.99 | 31-03-2023 | 1,801 | 19.80 |
| | ମୋଟ | | **4,550** | | **50.03** | | **3,839** | **42.21** |

*(ଉତ୍ସ: ଓଏସ୍ଏମ୍‌ସିଏଲ୍‌ର ରେକର୍ଡ)*

ଉପରୋକ୍ତ ସାରଣୀରୁ ଏହା ଦେଖାଗଲା ଯେ, କେବଳ 711ଟି[119] ଭାଇଏଲ୍ ବ୍ୟବହୃତ ହୋଇପାରିଥିଲା ଏବଂ କ୍ରୟ ହୋଇଥିବା ଭାଇଏଲ୍‌ର 84 ପ୍ରତିଶତ, ଯାହାର ମୂଲ୍ୟ 42.21 କୋଟି ଟଙ୍କା (84 ପ୍ରତିଶତ) ବ୍ୟବହାର କରାଯାଇପାରିନଥିଲା ଏବଂ ଶେଷରେ ତାହାର ବୈଧତା ଅବଧି ଶେଷ ହୋଇଯାଇଥିଲା । ବୈଷୟିକ କମିଟିର ସଭା

117 ସଦସ୍ୟ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଏବଂ ଡାକ୍ତରୀ ଶିକ୍ଷା ଏବଂ ପ୍ରଶିକ୍ଷଣ

118 ୟନିଟ୍ ମୂଲ୍ୟ 12 ପ୍ରତିଶତ ହାରରେ ଜିଏସ୍‌ଟି ସହିତ ଅନ୍ତର୍ଭୁକ୍ତ(₹98,160x112ପ୍ରତିଶତ =₹1,09,940)

119 4550 - 3839

ବିବରଣୀ ଏବଂ କକଟେଲ୍ ଭାଇଏଲ ପାଇଁ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକଙ୍କର ଆବଶ୍ୟକତାରୁ ଅଡିଟ୍ ନିମ୍ନଲିଖିତ ବିଷୟଗୁଡିକ ଲକ୍ଷ୍ୟ କରିଥିଲା:

- ବୈଷୟିକ କମିଟି 300 ଭାଇଏଲ୍ କ୍ରୟ ଉପରେ ବିଚାର କରିବା ସମୟରେ (27 ଜୁଲାଇ 2021) ଭାରତ ସରକାରଙ୍କ ଠାରୁ ପ୍ରାପ୍ତ 446ଟି ମଧ୍ୟରୁ ମହଜୁଦ୍ ଥିବା 345ଟି ଭାଇଏଲ୍ (ଯାହାର ବୈଧତା 30 ସେପ୍ଟେମ୍ବର 2021 ରେ ଶେଷ ହେଉଥିଲା) ଉପରେ ଧ୍ୟାନ ଦେଇଥିଲା । ତେଣୁ, କମିଟି 30 ସେପ୍ଟେମ୍ବର 2021 ପୂର୍ବରୁ କେବଳ 100ଟି ଭାଇଏଲ୍ ଏବଂ ପର୍ଯ୍ୟାୟକ୍ରମେ ବଳକା ଆବଶ୍ୟକତା ଅନୁଯାୟୀ କ୍ରୟ କରିବାକୁ ସୁପାରିଶ କରିଥିଲା । ତଥାପି, ଓଡିଶା ରାଜ୍ୟ ଔଷଧ ବିତରଣ ନିଗମ ଲିମିଟେଡ୍ 3.30 କୋଟି ଟଙ୍କା ମୂଲ୍ୟରେ ସମସ୍ତ 300 ଭାଇଏଲ୍ କ୍ରୟ କରିଥିଲା (23 ଅଗଷ୍ଟ 2021) ।

- ରୋଗୀଙ୍କୁ ପ୍ରଦାନ କରିବା ପାଇଁ କକ୍‌ଟେଲ ଭାଇଏଲ୍‌ର ଚାହିଦା ଉପରେ ଆଧାର କରି ପରବର୍ତ୍ତୀ ପର୍ଯ୍ୟାୟରେ କକଟେଲ୍ ଭାଇଏଲ୍ କ୍ରୟ ପାଇଁ ବୈଷୟିକ କମିଟି ମାସିକ ଆବଶ୍ୟକତା 9,000 ଡୋଜ୍ ଅର୍ଥାତ୍ 4,500 ଭାଇଏଲ (ଯେହେତୁ ଗୋଟିଏ ଭାଇଏଲ ଦୁଇଟି ଡୋଜ୍ ଦିଆଯାଏ) ଆକଳନ କରିଥିଲା । ତଦନୁସାରେ, ଏହା 4,500 ଡୋଜ୍ ଅର୍ଥାତ୍ 2,250  ଭାଇଏଲ୍‌ର ପ୍ରାରମ୍ଭିକ କ୍ରୟ ପାଇଁ ସୁପାରିଶ କରିଥିଲା (7 ଅକ୍ଟୋବର 2021) । ଏହି ସୁପାରିଶ ଉପରେ ଆଧାର କରି ଓଡିଶା ରାଜ୍ୟ ଔଷଧ ବିତରଣ ନିଗମ ଲିମିଟେଡ୍ 11 ଅକ୍ଟୋବର 2021 ରେ 24.74 କୋଟି ଟଙ୍କାରେ 2,250 ଭାଇଏଲ ପାଇଁ କ୍ରୟ ଆଦେଶ ଦେଇଥିଲେ ।

- ବୈଷୟିକ କମିଟି (3 ଜାନୁଆରୀ 2022) କକଟେଲ୍ ଭାଇଏଲ୍ ସଂଗ୍ରହ ଉପରେ ଆହୁରି ବିଚାର ବିମର୍ଷ କରିଥିଲା । ବୈଷୟିକ କମିଟି ବିଭିନ୍ନ ଗବେଷଣା ପ୍ରକାଶନ ଉପରେ ନିର୍ଭର କରି, ଉଲ୍ଲେଖ କରିଥିଲା ଯେ ଭାଇରସ୍‌ର ଏହି ପ୍ରଜାତି (ଓମିକ୍ରନ୍) ବିରୁଦ୍ଧରେ କକଟେଲ୍ ଚିକିତ୍ସା ବହୁତ ପ୍ରଭାବଶାଳୀ ନୁହେଁ, ତେଣୁ ବ୍ୟବହାର ଉପରେ ନିର୍ଭର କରି ଔଷଧ ଭାଇଏଲ୍ ସଂଗ୍ରହ କରାଯିବା ଉଚିତ୍ । ବୈଷୟିକ କମିଟି ଉଲ୍ଲେଖ କରିଥିଲା ଯେ 1 ଜାନୁଆରୀ 2022 ସୁଦ୍ଧା ହାତରେ 2,407 ଭାଇଏଲ୍ ମହଜୁଦ୍ ଥିଲା ଏବଂ 3 ଜାନୁଆରୀ 2022 ରେ ଅତିରିକ୍ତ 500 ଭାଇଏଲ୍ ସଂଗ୍ରହ ପାଇଁ ସୁପାରିଶ କରାଯାଇଥିଲା । ଏହା ମଧ୍ୟ ସୁପାରିଶ କରିଥିଲା ଯେ ଉପଲବ୍ଧ ମହଜୁଦର 40 ପ୍ରତିଶତ ବ୍ୟବହାର ସରିବା ପରେ ଅତିରିକ୍ତ ପରିମାଣ କ୍ରୟ କରାଯାଇପାରିବ । ସୁପାରିଶ ଆଧାରରେ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ, ଓଡିଶା ରାଜ୍ୟ ଔଷଧ ବିତରଣ ନିଗମ ଲିମିଟେଡ ସହିତ 500 ଭାଇଏଲ୍ ସଂଗ୍ରହ ପାଇଁ  (3 ଜାନୁଆରୀ 2022) ଅନୁରୋଧ[120] କରିଥିଲେ । ତଥାପି ପରବର୍ତ୍ତୀ ସମୟରେ 10 ଜାନୁଆରୀ 2022 ରେ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ବୈଷୟିକ କମିଟିର ଅନ୍ୟ ଏକ ସୁପାରିଶ[121] (3 ଜାନୁଆରୀ 2022) ଆଧାରରେ 2,000 ଭାଇଏଲ୍ କ୍ରୟ ପାଇଁ  ଓଡିଶା ରାଜ୍ୟ ଔଷଧ ବିତରଣ ନିଗମ ଲିମିଟେଡ୍‌କୁ ଏକ ସଂଶୋଧିତ ଅନୁରୋଧ[122] କରିଥିଲେ । ତଦନୁସାରେ ଓଡିଶା ରାଜ୍ୟ ଔଷଧ ବିତରଣ ନିଗମ ଲିମିଟେଡ, ସେହିଦିନ 21.99 କୋଟି ଟଙ୍କାରେ 2,000 ଭାଇଏଲର ବର୍ଦ୍ଧିତ କ୍ରୟ ଆଦେଶ ଜାରି କରିଥିଲା ।

ଏହି ପରିପ୍ରେକ୍ଷୀରେ ଅଡିଟରେ ଦେଖାଗଲା ଯେ :

- 27 ଜୁଲାଇ 2021 ରୁ 2 ଜାନୁଆରୀ 2022 ପର୍ଯ୍ୟନ୍ତ ଅର୍ଥାତ୍ ପ୍ରଥମ ପର୍ଯ୍ୟାୟରେ 300 କକ୍‌ଟେଲ ଭାଇଏଲ୍ କ୍ରୟ କରିବା ପାଇଁ ବୈଷୟିକ କମିଟିର ନିଷ୍ପତ୍ତି ନେବା ଠାରୁ ତୃତୀୟ ତଥା ଶେଷ ପର୍ଯ୍ୟାୟ ପାଇଁ କ୍ରୟ କରିବାର ନିଷ୍ପତ୍ତି ପୂର୍ବଦିନ ପର୍ଯ୍ୟନ୍ତ, ବିଭାଗ ଦ୍ୱାରା ଓଡିଶା ରାଜ୍ୟ ଔଷଧ ବିତରଣ ନିଗମ

---

120 ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକଙ୍କ ପତ୍ର ସଂଖ୍ୟା 28 ତାରିଖ 3 ଜାନୁଆରୀ 2022

121 ସେହି ତାରିଖରେ ହୋଇଥିବା ଅନ୍ୟ ଏକ ଟିସି ବୈଠକର ବିବରଣୀରୁ ଜଣାପଡ଼ିବା ଅନୁସାରେ ଟିସି ସେମାନଙ୍କର  ସୁପାରିଶକୁ 2,000 କୁ ସଂଶୋଧିତ କରିଥିଲା (3 ଜାନୁଆରୀ 2022) ।

122 ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକଙ୍କ ପତ୍ର ସଂଖ୍ୟା 436 ତାରିଖ 10 ଜାନୁଆରୀ 2022

ମାଧ୍ୟମରେ 2,550 ଭାଇଏଲ୍ କିଣାଯାଇଥିଲା । ଯାହା ମଧ୍ୟରୁ କେବଳ 143[123] ଭାଇଏଲ୍ ବ୍ୟବହାର କରାଯାଇଥିଲା (6 ପ୍ରତିଶତ), ଯାହା ଫଳରେ 3 ଜାନୁଆରୀ 2022 ରେ 2,407 ଭାଇଏଲ୍ ବାକି ରହିଲା । ତେଣୁ କୋଭିଡ-19 ବୃଦ୍ଧି ମଧ୍ୟରେ ଛଅ ମାସ ମଧ୍ୟରେ କେବଳ 143 ଭାଇଏଲ୍ ବ୍ୟବହାର ପାଇଁ ଆବଶ୍ୟକ ହୋଇଥିଲା । ତେଣୁ 2 ଜାନୁଆରୀ 2022 ରେ ଅତିରିକ୍ତ 2,000 ଭାଇଏଲ୍ କିଣିବା ପାଇଁ ବୈଷୟିକ କମିଟିର ସୁପାରିଶ ଅନୁଚିତ ଥିଲା ।

- ବୈଷୟିକ କମିଟି (ଜାନୁଆରୀ 2022) 2,407ଟି ଭାଇଏଲ୍ ଉପରେ ନଜର ରଖିବା ପରେ, 500ଟି ଭାଇଏଲ୍ କ୍ରୟ କରିବା ପାଇଁ ସୁପାରିଶ କରିଥିଲା ଏବଂ 40 ପ୍ରତିଶତ ମହଜୁଦ ଭାଇଏଲ୍ ବ୍ୟବହାର କରିବା ପରେ ଅତିରିକ୍ତ ପରିମାଣ କ୍ରୟ କରାଯିବା ଉଚିତ୍ ବୋଲି କୁହାଯାଇଥିଲା । ବୈଷୟିକ କମିଟି ଦ୍ୱାରା ଏହାକୁ 2,000 ଭାଇଏଲ୍‌ରେ ସଂଶୋଧିତ କରାଯାଇଥିବା କୁହାଯାଇଥିଲା । ଏହି ସଂଶୋଧନର କାରଣ ନଥିପତ୍ରରେ ନଥିଲା । ତେଣୁ ଉପଲବ୍ଧ ଭାଇଏଲ୍‌ର କମ୍ ବ୍ୟବହାର ଦୃଷ୍ଟିରୁ 500ଟି ଭାଇଏଲ ବଦଳରେ 2,000 ଭାଇଏଲ କ୍ରୟ କରିବା ପାଇଁ ବୈଷୟିକ କମିଟିର ସୁପାରିସ ଅପରିଣାମଦର୍ଶୀ ଏବଂ ଅନୁଚିତ୍ ଥିଲା । ଯଦି କ୍ରୟ 500ଟି ଭାଇଏଲ୍ ପର୍ଯ୍ୟନ୍ତ ସୀମିତ ହୋଇଥାନ୍ତା ତେବେ ଔଷଧର ଅବଧି ସମାପ୍ତି ଯୋଗୁଁ ହୋଇଥିବା କ୍ଷତିକୁ 1,500 ଭାଇଏଲ୍ ମୂଲ୍ୟ ପରିସୀମା ପର୍ଯ୍ୟନ୍ତ ଏଡାଯାଇ ପାରିଥାନ୍ତା, ଯାହାର ମୂଲ୍ୟ 16.49 କୋଟି[124] ଟଙ୍କା ଥିଲା ।

ତେଣୁ କ୍ରୟ କରାଯାଇଥିବା ପରିମାଣର ଆବିବେକପୂର୍ଣ୍ଣ ଏବଂ ଅନାବଶ୍ୟକ ସଂଶୋଧନ 500 ରୁ 2,000 ଭାଇଏଲ୍ ପର୍ଯ୍ୟନ୍ତ କରିବା ଫଳରେ 16.49 କୋଟି ଟଙ୍କା ଅପବ୍ୟବହାର ହୋଇଥିଲା ।

ଏହାର ଉତ୍ତରେ ଓଡିଶା ରାଜ୍ୟ ଔଷଧ ବିତରଣ ନିଗମ ଲିମିଟେଡ୍ (ଜୁନ୍ 2025) କୋଭିଡ୍-19 ବିରୁଦ୍ଧରେ କାସିରିଭିମାବ୍ ଏବଂ ଇମଡେଭିମାବ କକଟେଲ୍‌ର ପ୍ରଭାବ ସୂଚଉଥିବା ଚାରୋଟି ଅଧ୍ୟୟନର ଉଦାହରଣ ଦେଇଥିଲା । ଏହା ମଧ୍ୟ ଯୋଡା ଯାଇଥିଲା ଯେ ଏହି ଔଷଧର ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଏହି ଭାଇଏଲଗୁଡିକର ଚାହିଦା ଏବଂ ଯୋଗାଣ ମଧ୍ୟରେ ବ୍ୟବଧାନକୁ କମ୍ କରିବା ପାଇଁ 2,000 ଭାଇଏଲ୍ କ୍ରୟ କରିବା ପାଇଁ ସୁପାରିଶ କରାଯାଇଥିଲା ।

27 ଜୁଲାଇ 2021 ରୁ 2 ଜାନୁଆରୀ 2022 ପର୍ଯ୍ୟନ୍ତ ଛଅ ମାସ ମଧ୍ୟରେ କେବଳ 143ଟି ଭାଇଏଲ୍ ବ୍ୟବହାର ହୋଇଥିବା ହେତୁ ଉତ୍ତରଟି ସନ୍ତୋଷଜନକ ନଥିଲା, ଯାହା ଏହି ଔଷଧର ଚାହିଦାକୁ କମ୍ ଦର୍ଶାଇଥାଏ । ଏହା ବ୍ୟତୀତ ଯୋଗାଣ ପରିଚାଳନା ପାଇଁ ବୈଷୟିକ କମିଟି ମହଜୁଦ ଥିବା ଭାଇଏଲ୍‌ର 40 ପ୍ରତିଶତ ବ୍ୟବହାର କରି ଅତିରିକ୍ତ ପର୍ଯ୍ୟାୟରେ କିଣିବା ପାଇଁ ସୁପାରିଶ କରିଥିଲା । ତଥାପି 2,000 ଭାଇଏଲ୍ ଏହି ପର୍ଯ୍ୟାୟରେ କ୍ରୟ କରାଯାଇଥିଲା, ଯେତେବେଳେ ବିଦ୍ୟମାନ ମହଜୁଦରୁ ପ୍ରକୃତ ବ୍ୟବହାର ମାତ୍ର ଛଅ ପ୍ରତିଶତ ଥିଲା । ତେଣୁ ଉଭୟ ହିସାବରୁ ଅର୍ଥାତ୍ ଔଷଧର ଚାହିଦା/ କାର୍ଯ୍ୟକାରିତା ଏବଂ ଚାହିଦା ଏବଂ ଯୋଗାଣ ମଧ୍ୟରେ ବ୍ୟବଧାନକୁ ହ୍ରାସ କରିବା, 1,500 ଭାଇଏଲ୍ କ୍ରୟ ବୁଦ୍ଧିମାନର କାର୍ଯ୍ୟ ନୁହେଁ ।

### 3.5.2 ଆମ୍ଫୋଟେରିସିନ୍-ବି-ଲୋପୋସୋମାଲ 50 ମିଗ୍ରା ଭାଇଏଲ୍ କ୍ରୟରେ 5.21 କୋଟି ଟଙ୍କାର ଅପବ୍ୟୟ ଖର୍ଚ୍ଚ

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ (13 ଜୁଲାଇ 2021) କୋଭିଡ-19 ପାଇଁ ବଫର ମହଜୁଦ୍ ପରିଚାଳନା ଉପରେ ନିର୍ଦ୍ଦେଶାବଳୀ ଜାରି କରିଥିଲା । କୋଭିଡ-19 ସହିତ ଜଡିତ ରୋଗ ମଧ୍ୟରୁ ମ୍ୟୁକୋର୍ମାଇକୋସିସ୍ (ଚର୍ମ ରୋଗ) ଗୋଟିଏ ଥିଲା । ପ୍ରଜୁଜ୍ୟ ନିର୍ଦ୍ଦେଶାବଳୀରେ ମ୍ୟୁକୋର୍ମାଇକୋସିସ୍ ର ଚିକିତ୍ସା ପାଇଁ ଦୁଇଟି ଔଷଧ ଯଥା ଆମ୍ଫୋଟେରିସିନ-ବି-ଡିଅକ୍ସିକୋଲେଟ୍ ଇଞ୍ଜେକସନ୍ 50 ମିଗ୍ରା ଏବଂ ପୋସାକୋନାଜୋଲ ଇଞ୍ଜେକସନ୍ 300 ମିଗ୍ରା ଲେଖାଯାଇଥିଲା ।

---

123 ତୃତୀୟ ବ୍ୟାଚ୍ କ୍ରୟ ସମୟରେ ବଳକା ଷ୍ଟକ୍ ଥିଲା 2,407 ଭାଏଲସ୍ । ତେଣୁ କେବଳ 143 ଭାଇଏଲ୍ (2,550-2,407) ବ୍ୟବହୃତ ହୋଇଥିଲା ।

124 (₹21.99 କୋଟି ଟଙ୍କା/2,000) * 1,500

ଅଡିଟରେ ଲକ୍ଷ୍ୟ କରାଗଲା ଯେ, ମ୍ୟୁର୍କୋମାଇକୋସିସ୍ ଚିକିତ୍ସା ପାଇ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ, ଓଡ଼ିଶା ରାଜ୍ୟ ଔଷଧ ବିତରଣ ନିଗମ ଲିମିଟେଡ[125] ମାଧ୍ୟମରେ ଆମ୍ଫୋଟେରିସିନ୍-ବି- ଡିଅକ୍ସିକୋଲେଟ୍ ଇଞ୍ଜେକ୍ସନ୍ 50 ମିଗ୍ରା, ପୋସାକୋନାଜୋଲ୍ ଇଞ୍ଜେକ୍ସନ୍ 300 ମିଗ୍ରା ଏବଂ ଆମ୍ଫୋଟେରିସିନ୍-ବି-ଲିପୋସୋମାଲ 50 ମିଗ୍ରା କ୍ରୟ କରିଥିଲେ । ଆମ୍ଫୋଟେରିସିନ୍-ବି-ଲିପୋସୋମାଲ 50 ମିଗ୍ରା କିଣିବା ସମ୍ପର୍କରେ ଅଡିଟରେ ଲକ୍ଷ୍ୟ କରାଗଲା ଯେ, ଭାରତ ସରକାର ସୂଚୀଭୁକ୍ତ ହୋଇଥିବା ବିକ୍ରେତା ମାନଙ୍କ ଠାରୁ କିଣିବା ପାଇଁ ଓଡ଼ିଶା ସରକାରଙ୍କୁ 3,310 ଭାଇଏଲ୍ ଆବଣ୍ଟନ କରିଥିଲେ । ତଦନୁସାରେ, ଓଡ଼ିଶା ରାଜ୍ୟ ଔଷଧ ନିଗମ ଲିମିଟେଡ୍ ମଇ 2021 ରୁ ଜୁଲାଇ 2021 ମଧ୍ୟରେ 1.74 କୋଟି ଟଙ୍କା ମୂଲ୍ୟର 3,310 ଭାଇଏଲ୍ କ୍ରୟ କରିଥିଲେ । ଔଷଧର ବଫର୍ ମହଜୁଦ୍ ରଖିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶାବଳୀ ଜାରି ହେବା ପୂର୍ବରୁ ଏହି କ୍ରୟ କରାଯାଇଥିଲା । ଏହା ସହିତ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ (ମଇ 2021) ଓଡ଼ିଶା ରାଜ୍ୟ ଔଷଧ ବିତରଣ ନିଗମ ଲିମିଟେଡ୍ ସହିତ 50,000 ଭାଇଏଲ୍ ପାଇଁ ଏକ ଫର୍ମାସ୍ (ଇଣ୍ଡେଣ୍ଟ୍) ଦେଇଥିଲେ । ତଥାପି, ପରବର୍ତ୍ତୀ ସମୟରେ (ଜୁଲାଇ 2021) 10,000 ଭାଇଏଲ୍ (30 ଜୁନ୍ 2023 ଏବଂ 31 ଜୁଲାଇ 2024 ର ଶେଷ ତାରିଖ ଅବଧି ଥିବା) କ୍ରୟ କରିଥିଲେ ଯାହାର ମୂଲ୍ୟ 5.51 କୋଟି ଟଙ୍କା ଥିଲା । ଇଣ୍ଡେଣ୍ଟ୍ (ଫର୍ମାସ୍) ହୋଇଥିବା 50,000 ଭଇଏଲ୍ ବଦଳରେ 10,000 ଭାଇଏଲ୍ କିଣିବାର କାରଣ ନଥିପତ୍ରରେ ନଥିଲା । ପୁନଷ୍ଚ କ୍ରୟ କରାଯାଇଥିବା 10,000 ଭଇଏଲ୍ ମଧ୍ୟରୁ କେବଳ 550 ଭାଇଏଲ୍ ବ୍ୟବହାର କରାଯାଇଥିଲା ଏବଂ 31 ଜୁଲାଇ 2024 ସୁଦ୍ଧା 5.21 କୋଟି ଟଙ୍କାର 9,450 ଭଇଏଲ୍ ଅବ୍ୟବହୃତ ରହିଥିଲା ।

ଅଡିଟରେ ଅବଲୋକନ କରାଯାଇଥିଲା ଯେ, ଭାରତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ଆମ୍ଫୋଟେରିସିନ୍- ବି-ଲିପୋସୋମାଲ 50 ମିଗ୍ରା ଏକ ତାଲିକାଭୁକ୍ତ ଔଷଧ ନୁହେଁ, ଯାହାର ମଧ୍ୟବର୍ତ୍ତୀ (ବଫର) ମହଜୁଦ ବଜାୟ ରଖିବା ଆବଶ୍ୟକ ନ ଥିଲା । ତେଣୁ କ୍ରୟ କରିବାକୁ ଥିବା ଆମ୍ଫୋଟେରିସିନ୍-ବି-ଲିପୋସୋମାଲ 50 ମିଗ୍ରାର ପରିମାଣ ହାତରେ ଥିବା ମହଜୁଦ ଏବଂ ଏହାର ବ୍ୟବହାର ଧାରା ଉପରେ ଆଧାର କରି ନିଷ୍ପତ୍ତି ନିଆଯିବାରଥିଲା । ଯେହେତୁ ଭାରତ ସହକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଆବଣ୍ଟନରୁ 3,310 ଭାଇଏଲ୍ ପୂର୍ବରୁ କ୍ରୟ କରାଯାଇସାରିଥିଲା ଏବଂ ମହଜୁଦରେ ଉପଲବ୍ଧ ଥିଲା, ତେଣୁ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକଙ୍କ ଦ୍ୱାରା ଅତିରିକ୍ତ 50,000 ଭାଇଏଲ୍ ପାଇଁ ଇଣ୍ଡେଣ୍ଟ (ଫର୍ମାସ୍) ରଖିବାର କୌଣସି ଯଥାର୍ଥତା ନଥିଲା । ଯଦିଓ ଓଡ଼ିଶା ରାଜ୍ୟ ଔଷଧ ବିତରଣ ନିଗମ ଲିମିଟେଡ୍ କ୍ରୟକୁ 10,000 ଭାଇଏଲ୍ ପର୍ଯ୍ୟନ୍ତ ସୀମିତ ରଖିଥିଲା, ତଥାପି ଏହାର ବ୍ୟବହାର ହୋଇପାରି ନଥିଲା ଏବଂ ଏହାର 95 ପ୍ରତିଶତ ବୈଧତା ଅବଧି ଶେଷ ହୋଇଯାଇଥିଲା । ତେଣୁ ଆବଶ୍ୟକତାର ନିରପେକ୍ଷ ମୂଲ୍ୟାଙ୍କନ ବିନା ଆମ୍ଫୋଟେରିସିନ୍-ବି-ଲିପୋସୋମାଲ 50 ମିଗ୍ରା ପାଇଁ ଇଣ୍ଡେଣ୍ଟ୍ (ଫର୍ମାସ୍) ରଖିବାରେ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକଙ୍କ କାର୍ଯ୍ୟ ଯୋଗୁଁ 5.21 କୋଟି ଟଙ୍କା ଅପବ୍ୟବହାର ହୋଇଥିଲା ।

ଓଡ଼ିଶା ରାଜ୍ୟ ଔଷଧ ବିତରଣ ନିଗମ ଲିମିଟେଡ୍ ଜଣାଇଥିଲେ (ଜୁନ୍ 2025) ଯେ ଜନସାଧାରନଙ୍କ ସ୍ୱାସ୍ଥ୍ୟ ହିତରେ କୋଭିଡ୍-19 ର ପରିଚାଳନା ପାଇଁ ତୁରନ୍ତ ଚିକିତ୍ସା ଏବଂ ପ୍ରସ୍ତୁତି ପାଇଁ ରାଜ୍ୟ ବୈଷୟିକ କମିଟିର ଉପଦେଶ (ମଇ 2021) ଏବଂ ଇଣ୍ଡାଣ୍ଟ (ଫରମାସ୍) ଅନୁସାରେ କ୍ରୟ କରାଯାଇଥିଲା ।

ଉତ୍ତର ଗ୍ରହଣୀୟ ନଥିଲା କାରଣ ଭାରତ ସରକାର ଏହାର ନିର୍ଦ୍ଦେଶାଳୀରେ (13 ଜୁଲାଇ 2022 ରେ ଜାରି କରାଯାଇଛି) ଆମ୍ଫୋଟେରିସିନ୍-ବି-ଲିପୋସୋମାଲ 50 ମିଗ୍ରା କୁ ଏକ ଔଷଧ ଭାବରେ ଅନ୍ତର୍ଭୁକ୍ତ କରିନଥିଲେ, ଯାହା ପାଇଁ ଏତେ ମଧ୍ୟବର୍ତ୍ତୀ (ବଫର) ମହଜୁଦ୍ ରଖିବା ଆବଶ୍ୟକ ଥିଲା । ତେଣୁ, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଏହାକୁ ସଂଗ୍ରହ କରିବାର ଆବଶ୍ୟକତାକୁ ପୁନଃ ମୂଲ୍ୟାୟନ କରିବା ଉଚିତ୍ ଥିଲା । ସଂଶୋଧନରତ ମୂଲ୍ୟାଙ୍କନର ଅନୁପସ୍ଥିତିରେ ବିଶେଷ କରି ଭାରତ ସରକାର ଆବଣ୍ଟନକୁ ଦୃଷ୍ଟିରେ ରଖି 21 ଜୁଲାଇ 2021 ରେ 10,000 ଭାଇଏଲ୍ ପାଇଁ କ୍ରୟ ଆଦେଶ ଦେଇଥିଲେ, ଯାହା ମଧ୍ୟରୁ 9,450 ଭାଇଏଲ୍ ଅବ୍ୟବହୃତ ହୋଇ ପଡ଼ିରହିଥିଲା ଏବଂ ପରବର୍ତ୍ତୀ ସମୟରେ ବୈଧତା ଅବଧି ଶେଷ ହୋଇଯାଇଥିଲା ।

---

[125] ଜୁନ୍ 2021 ଠାରୁ ଅଗଷ୍ଟ 2021 ମଧ୍ୟରେ 13,580 ଭଇଏଲ୍ ଆମ୍ଫୋଟେରିସିନ୍ ଡିଓକ୍ସିକୋଲେଟ୍ ଏବଂ 17,540 ଭାଇଏଲ୍ ପୋସାକୋନାଜୋଲ୍

### 3.5.3 କମ୍ ସମୟସୀମା ଏବଂ ଆବଶ୍ୟକତା ବିନା ଔଷଧ କ୍ରୟରେ 32.29 କୋଟି ଟଙ୍କାର ଅପଚୟ ଖର୍ଚ୍ଚ

ଓଡ଼ିଶା ରାଜ୍ୟ ଔଷଧ ବିତରଣ ନିଗମ ଲିମିଟେଡ୍‌ର କ୍ରୟ ନିର୍ଦ୍ଦେଶାବଳୀ ଅନୁଯାୟୀ କ୍ରୟ କରାଯିବାକୁ ଥିବା ଔଷଧର ଯୋଗାଣ ସମୟରେ ସେଲ୍ଫ ଲାଇଫ୍ ଅତି କମରେ 5/6 ଭାଗ (83 ପ୍ରତିଶତ) ରହିବା ଆବଶ୍ୟକ ।

ଅଡିଟରେ ଲକ୍ଷ୍ୟ କରାଗଲା ଯେ, ଏପ୍ରିଲ୍ 2019 ରୁ ଜାନୁଆରୀ 2025 ପର୍ଯ୍ୟନ୍ତ 700 ବର୍ଗର 167.91 କୋଟି ଟଙ୍କା ମୂଲ୍ୟର 15.43 କୋଟି ୟୁନିଟ୍ ଏବଂ 64.05 ଲକ୍ଷ ଟଙ୍କା ମୂଲ୍ୟର ସାନିଟାରୀ ନାପ୍‌କିନର ବୈଧତା ଅବଧି ଶେଷ ହୋଇଯାଇଥିଲା । ବୈଧତା ଅବଧି ଶେଷ ହୋଇଥିବା ଔଷଧର ମୂଲ୍ୟରେ ବିଭିନ୍ନ ସଂସ୍ଥାରୁ ଦାନ ଆକାରରେ ପ୍ରାପ୍ତ 68.90 କୋଟି ଟଙ୍କା ମୂଲ୍ୟର ଔଷଧ ଏବଂ କମ୍ପାନୀ ଦ୍ୱାରା କିଣାଯାଇଥିବା 99.01 କୋଟି ଟଙ୍କା ମୂଲ୍ୟର ବଳକା ଔଷଧ ଅନ୍ତର୍ଭୁକ୍ତ । ବୈଧତା ଅବଧି ଶେଷ ହୋଇଥିବା କ୍ରୟ ଔଷଧରେ କାସିରିଭିମାବ୍ ଏବଂ ଇମ୍‌ଡାଭିମାବ୍ 120 ମିଗ୍ରା/ ମିଲି ଭାଇଏଲ୍ ***(ଅନୁଚ୍ଛେଦ 3.5.1*** ରେ ଆଲୋଚନା କରାଯାଇଅଛି ଏବଂ ଆମ୍ଫୋଟେରିସିନ୍-ବି-ଲିପୋସୋମାଲ 50 ମିଗ୍ରା ***(ଅନୁଚ୍ଛେଦ 3.5.2*** ରେ ଆଲୋଚନା କରାଯାଇଅଛି) ଅନ୍ତର୍ଭୁକ୍ତ । ଅଡିଟ୍ ଔଷଧ ଏବଂ ସାନିଟାରୀ ନାପ୍‌କିନ୍‌ର ବୈଧତା ଅବଧି ଶେଷ ହେବାର ପରିସ୍ଥିତି ବାବଦରେ ବିଶ୍ଳେଷଣ କରି ଅବଲୋକନ କଲେ ଯେ, କମ୍ ସେଲ୍ଫ-ଲାଇଫ୍ ଥିବା ପ୍ରାପ୍ତ ଔଷଧ ଏବଂ କୌଣସି ସ୍ୱଷ୍ଟ ଆବଶ୍ୟକତା ନଥିବା ସତ୍ତ୍ୱେ ନୂତନ ଷ୍ଟକ୍ ସଂଗ୍ରହ ଯୋଗୁଁ 32.29 କୋଟି ଟଙ୍କା ମୂଲ୍ୟର ଔଷଧର ବୈଧତା ଅବଧି ଶେଷ ହୋଇଯାଇଥିଲା, ଯାହା ନିମ୍ନରେ ଆଲୋଚନା କରାଯାଇଅଛି :

- କମ୍ପାନୀ ଅଗଷ୍ଟ 2021 ରୁ ଜାନୁଆରୀ 2022 ମଧ୍ୟରେ 22.96 କୋଟି ଟଙ୍କା ମୂଲ୍ୟରେ କାସିରିଭିମାବ୍ ଏବଂ ଇମ୍‌ଡେଭିମାବ୍-120 ମିଗ୍ରା/ ମିଲିର 2,339 ଭାଇଏଲ୍ କ୍ରୟ କରିଥିଲା । ଭାଇଏଲ୍ ଗୁଡ଼ିକ ପ୍ରାପ୍ତ ହେବା ସମୟରେ କମ୍ପାନୀର କ୍ରୟ ନିର୍ଦ୍ଦେଶାବଳୀ ଅନୁଯାୟୀ ଆବଶ୍ୟକ 83 ପ୍ରତିଶତ ସେଲ୍ଫ-ଲାଇଫ୍ ବଦଳରେ ଏହି ଔଷଧଗୁଡ଼ିକର ସେଲ୍ଫ-ଲାଇଫ୍ ଅବଧି 60 ରୁ 63 ପ୍ରତିଶତ ମଧ୍ୟରେ ରହିଥିଲା । ତେଣୁ କମ୍ ସେଲ୍ଫ-ଲାଇଫ୍ ଥିବା ଔଷଧ ଗ୍ରହଣ କରିବା କ୍ରୟ ନିର୍ଦ୍ଦେଶାବଳୀ ବିରୁଦ୍ଧରେ ଥିଲା ଏବଂ ଯୋଗାଣକାରୀଙ୍କୁ ଫେରସ୍ତ କରାଯିବା ଉଚିତ୍ ଥିଲା ।

- କମ୍ପାନୀ ଅକ୍ଟୋବର 2021 ରୁ ଫେବୃଆରୀ 2022 ମଧ୍ୟରେ ତିନୋଟି ବ୍ୟାଚ୍‌ରେ 2.40 କୋଟି ଟଙ୍କା ମୂଲ୍ୟର 1,716 ୟୁନିଟ୍ ଟୋସିଲିଜୁମାବ୍ କ୍ରୟ କରିଥିଲା । କ୍ରୟ କରାଯାଇଥିବା ଔଷଧର ସମୟସୀମା ଅବଧି ଆବଶ୍ୟକୀୟ 83 ପ୍ରତିଶତ ବଦଳରେ 57 ରୁ 82 ପ୍ରତିଶତ ମଧ୍ୟରେ ଥିଲା । ଏହା ବ୍ୟତୀତ କେରଳର ମେସର୍ସ ଏଚ୍‌ଏଲ୍‌ଏଲ୍ ଲାଇଫ୍ କେୟାର ଲିମିଟେଡ୍ ଦ୍ୱାରା ଦାନ କରାଯାଇଥିବା 32.67 ଲକ୍ଷ ଟଙ୍କା ମୂଲ୍ୟର ଟୋସିଲିଜୁମାବ୍ ଇଞ୍ଜେକସନର 504 ୟୁନିଟର ଏକ ବ୍ୟାଚ୍ 02 ଜୁନ୍ 2021 ରେ ପ୍ରାପ୍ତ ହୋଇଥିଲା, ଯାହାର ବୈଧତା ଅବଧି ଶେଷ ହେବା ଜୁନ୍ 2023 ରେ ଥିଲା), କିନ୍ତୁ ଅତିରିକ୍ତ 1,716 ୟୁନିଟ୍ କ୍ରୟ କରିବା ସମୟରେ ଏହାକୁ ବିଚାରକୁ ନିଆଯାଇନଥିଲା । ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଔଷଧ ଇଣ୍ଡେଣ୍ଟ (ଫେରମାସ୍) କରିବା ପୂର୍ବରୁ ଉପଲବ୍ଧ ଷ୍ଟକ୍ ମୂଲ୍ୟାଙ୍କନ କରି ନଥିବାରୁ ଏପ୍ରିଲ୍ ରୁ ଜୁନ୍ 2023 ମଧ୍ୟରେ 2.39 କୋଟି ଟଙ୍କା ମୂଲ୍ୟର 1,709 ୟୁନିଟ୍ ଔଷଧର ବୈଧତା ଶେଷ ହୋଇଯାଇଥିଲା, ଯାହା ନିମ୍ନ **ସାରଣୀ 3.5.2** ରେ ଦର୍ଶାଯାଇଅଛି ।

***ସାରଣୀ 3.5.2: ଇଞ୍ଜେକ୍ସନ୍ ମିଥାଇଲ୍ ପ୍ରେଡିନିସୋଲାନ୍ ଏବଂ ଇଞ୍ଜେକ୍ସନ ଏନୋକ୍ସାପାରିନ୍ ହାତରେ ମହଜୁଦ ଥିବା ସମ୍ପର୍କରେ କ୍ରୟ କରାଯାଇଥିବା ଏବଂ ଅବଧି ସମାପ୍ତ ହୋଇଥିବାର ପରିମାଣ***

| ତଥ୍ୟ | ଇଞ୍ଜେକ୍ସନ ମିଥାଇଲ୍ ପ୍ରେଡନିସୋଲାନ୍ | | | ଏନୋକ୍ସାପାରିନ୍ ଇଞ୍ଜେକ୍ସନ୍ | | |
|---|---|---|---|---|---|---|
| | ତାରିଖ | ପରିମାଣ (ୟୁନିଟ୍) | ମୂଲ୍ୟ (ଟଙ୍କା ଲକ୍ଷ୍ୟରେ) | ତାରିଖ | ପରିମାଣ (ୟୁନିଟ୍) | ମୂଲ୍ୟ (ଟଙ୍କା ଲକ୍ଷ୍ୟରେ) |
| ହାତରେ ମହଜୁଦ୍ ଥିବା | 8-09-2021 | 1,02,750 | 82.20 | 29-09-2021 | 2,82,045 | 118.45 |
| କ୍ରୟ | 8-09-2021 | 500 | 0.40 | 29-09-2021 | 1,71,760 | 262.79 |
| ବୈଧତା ଅବଧି ପୂର୍ଣ୍ଣ ହୋଇଯାଇଥିବା | 04-2023 | 460 | 0.37 | 08-2023 | 1,71,760 | 262.79 |

***(ଉତ୍ସ: ଓଡ଼ିଶା ରାଜ୍ୟ ଔଷଧ ବିତରଣ ନିଗମ ଲିମିଟେଡର ନଥିପତ୍ରରୁ)***

ଅଡ଼ିଟ୍ ଲକ୍ଷ୍ୟ କଲା ଯେ, କ୍ରୟ କରାଯାଇଥିବା ଔଷଧ ଗୁଡିକ ଅପ୍ରେଲ 2023 ଏବଂ ଅଗଷ୍ଟ 2023 ସୁଦ୍ଧା ବ୍ୟବହାର କରାଯାଇପାରିଲା ନାହିଁ ଏବଂ ଏହାର ବୈଧତା ଶେଷ ହୋଇଯାଇଥିଲା । ଏହା ସୂଚାଇଥିଲା ଯେ ଜରୁରୀ ଆବଶ୍ୟକତା ବିନା ଔଷଧ କ୍ରୟ କରାଯାଇଥିଲା, ଯାହାଫଳରେ 2.63 କୋଟି ଟଙ୍କା ଅପବ୍ୟୟ ହୋଇଥିଲା ।

- ସମୀକ୍ଷାରେ ଏହା ମଧ୍ୟ ଅବଲୋକନ କରାଗଲା ଯେ ନଭେମ୍ବର 2019 ରୁ ସେପ୍ଟେମ୍ବର 2022 ମଧ୍ୟରେ 14.87 କୋଟି ଟଙ୍କା ମୂଲ୍ୟରେ 10.99 କୋଟି ୟୁନିଟ୍ ଆଣ୍ଟିବାୟୋଟିକ୍ ନରଫ୍ଲୋକ୍ସାସିନ୍ କିଣାଯାଇଥିଲା । ସେହିପରି ମଇ 2019 ରୁ ମାର୍ଚ୍ଚ 2023 ମଧ୍ୟରେ 9.28 କୋଟି ଟଙ୍କା ମୂଲ୍ୟର 9.28 କୋଟି ୟୁନିଟ୍ ଆଣ୍ଟିବାୟୋଟିକ୍ ସେଫାଡ୍ରୋକ୍ସିଲ୍ କିଣାଯାଇଥିଲା । ଏଥି ମଧ୍ୟରୁ 2.05 କୋଟି ଟଙ୍କା ମୂଲ୍ୟର 1.49 କୋଟି ୟୁନିଟ୍ (14 ପ୍ରତିଶତ) ନରଫ୍ଲୋକ୍ସାସିନ୍ ଏବଂ 1.32 କୋଟି ଟଙ୍କା ମୂଲ୍ୟର 0.60 କୋଟି ୟୁନିଟ୍ (6 ପ୍ରତିଶତ) ସେଫାଡ୍ରୋକ୍ସିଲ୍ ଅପ୍ରେଲ 2019 ରୁ ଜାନୁଆରୀ 2025 ମଧ୍ୟରେ ଅନୁପଯୁକ୍ତ ଇନ୍‌ଭେନ୍‌ଟୋରି ପରିଚାଳନା ଯୋଗୁଁ ଏହାର ବ୍ୟବହାର ନ ହେବା ଏବଂ ପରବର୍ତ୍ତୀ ବୈଧତା ଶେଷ ହୋଇଯାଇଥିଲା ।
- ଓଡ଼ିଶା ରାଜ୍ୟ ଔଷଧ ବିତରଣ ନିଗମ ଲିମିଟେଡ୍ 2020 ଏବଂ 2021 ମସିହାରେ ଖୁସୀ ଯୋଜନା ଅଧୀନରେ 94.05 ଲକ୍ଷ ଟଙ୍କା ମୂଲ୍ୟର 21.79 ଲକ୍ଷ ୟୁନିଟ୍ ସାନିଟାରୀ ପ୍ୟାଡ୍ କିଣିଥିଲେ, ଯେଉଁଥିରେ ସ୍କୁଲ ଝିଅମାନଙ୍କୁ ମାଗଣା ସାନିଟାରୀ ନାପକିନ୍ ବଣ୍ଟନ କରାଯିବାରଥିଲା । କିନ୍ତୁ ସାନିଟାରୀ ପ୍ୟାଡ୍ ଗୁଡିକର ବୈଧତା ଅବଧି ଶେଷ ହୋଇଯାଇଥିଲା, କାରଣ ତାହା ବଣ୍ଟନ କରାଯାଇପାରିନଥିଲା, ଯାହାର କାରଣ ନଥିପତ୍ରରେ ନାହିଁ ।

ତେଣୁ, 5/6 ଭାଗରୁ କମ୍ ସେଲ୍ଫ-ଲାଇଫ୍ ଥିବା ଔଷଧ କ୍ରୟ, ଅନୁପଯୁକ୍ତ ଇନ୍‌ଭେନ୍‌ଟୋରି ପରିଚାଳନା ଏବଂ ସ୍ୱଷ୍ଟ ଆବଶ୍ୟକତା ବିନା କ୍ରୟ ହୋଇଥିବା 32.29 କୋଟି ଟଙ୍କା ମୂଲ୍ୟର ଔଷଧର ବୈଧତା ଅବଧି ଶେଷ ହୋଇଯାଇଥିଲା ।

ଏହାର ଉତ୍ତରରେ, ଓଡ଼ିଶା ରାଜ୍ୟ ଔଷଧ ବିତରଣ ନିଗମ ଲିମିଟେଡ ଜଣାଇଥିଲେ ଯେ ଅଧିକାଂଶ ବୈଧତା ଅବଧି ସମାପ୍ତ ହୋଇଥିବା ଔଷଧ ଏବଂ ବ୍ୟବହାର ଯୋଗ୍ୟ ସାମଗ୍ରୀ ଅଭୂତପୂର୍ବ କୋଭିଡ-19 ସାର୍ବଜନୀନ ସ୍ୱାସ୍ଥ୍ୟ ଜରିରୀକାଳୀନ ପରିସ୍ଥିତି ସମୟରେ କ୍ରୟ କରାଯାଇଥିଲା, ଯାହା ଅନେକ ପରିଚାଳନାଗତ ଏବଂ ପରିବହନଗତ ସମସ୍ୟା ସୃଷ୍ଟି କରିଥିଲା । ଏହା ବ୍ୟତୀତ ଭାରତ ସରକାର ରାଜ୍ୟମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଔଷଧର ମଧ୍ୟବର୍ତ୍ତୀ ମହଜୁଦ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ । ଉତ୍ତର ଗ୍ରହଣୀୟ ନଥିଲା କାରଣ ନରଫ୍ଲୋକ୍ସାସିନ୍ ଏବଂ ସେଫାଡ୍ରୋକ୍ସିଲ୍ ଭଳି ଔଷଧ କୋଭିଡ-19 ଔଷଧ ନଥିଲା । ଏହା ବ୍ୟତୀତ ଉପଲବ୍ଧ ମହଜୁଦକୁ ମୁଲ୍ୟାଙ୍କନ ନ କରି ଅବିଚାର ଭାବରେ କ୍ରୟ କରାଯାଇଥିଲା ଏବଂ ଠିକ୍ ସମୟ ମଧ୍ୟରେ ବଣ୍ଟା ନହେବା ଯୋଗୁଁ ସାନିଟାରୀ ନାପକିନ୍‌ର ବୈଧତା ଶେଷ ହୋଇଯାଇଥିଲା । ଯାହା ଅପଚୟ ହୋଇଥିଲା ।

**ବାଣିଜ୍ୟ ଓ ପରିବହନ ଏବଂ ସଂସଦୀୟ କାର୍ଯ୍ୟ ବିଭାଗ**

## 3.6 ବିମାନ ଏବଂ ହେଲିକପ୍ଟରର ଭଡ଼ା ଏବଂ ବ୍ୟବହାରରେ ଅନିୟମିତତା

ଓଡ଼ିଶା ସରକାର (ଜିଓଓ) ସରକାରୀ ମାଲିକାନାରେ ଥିବା ବିମାନ/ହେଲିକପ୍ଟରର ସରକାରୀ ବ୍ୟବହାର ପାଇଁ ନିୟମ[126] ପ୍ରଣୟନ କରିଥିଲେ । ନିୟମ 4(କ) ଅନୁଯାୟୀ ସାତ ପ୍ରକାରର କାର୍ଯ୍ୟକର୍ତ୍ତା[127] ସରକାରୀ ମାଲିକାନାରେ ଥିବା ବିମାନ ବ୍ୟବହାର କରିବାକୁ ହକ୍‌ଦାର ଥିଲେ । ଏହା ବ୍ୟତୀତ, ଅନ୍ୟ ସରକାରୀ କାର୍ଯ୍ୟକର୍ତ୍ତା,

---

[126] ସରକାରୀ ମାଲିକାନାରେ ଥିବା ବିମାନର ବ୍ୟବହାରକୁ ନିୟନ୍ତ୍ରଣ କରୁଥିବା ନିୟମାବଳୀ, ସେପ୍ଟେମ୍ବର 1985 ରେ ସଂଶୋଧିତ ହୋଇଥିଲା

[127] ମୁଖ୍ୟମନ୍ତ୍ରୀ, ସରକାରଙ୍କ ମନ୍ତ୍ରୀ, ଓଡ଼ିଶା ହାଇକୋର୍ଟର ବିଚାରପତି, ରାଜ୍ୟ ଯୋଜନା ବୋର୍ଡର ଅଧକ୍ଷ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଏବଂ ରାଜସ୍ୱ ବୋର୍ଡର ସଦସ୍ୟ

ଯଥା, ଯୁଗ୍ମ ସଚିବ ପାହ୍ୟାରୁ ଉର୍ଦ୍ଧ୍ୱ ସ୍ତରର ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଅଧିକାରୀ ଏବଂ ରାଜ୍ୟ ସରକାରୀ ଉଦ୍ୟମର ଅଧିକାରୀମାନେ, ରାଜ୍ୟ ସରକାରଙ୍କ ଅନୁମୋଦନକ୍ରମେ[128] ବିମାନ ବ୍ୟବହାର କରିପାରିବେ ।

ସରକାରୀ କାର୍ଯ୍ୟରେ ବିମାନ ଯାତ୍ରା କରିବା ପାଇଁ, ଓଡ଼ିଶା ସରକାର ଏକ ଘରୋଇ ସେବା ପ୍ରଦାନକାରୀଙ୍କ ସଂସ୍ଥାର ସେବା ଗ୍ରହଣ କରୁଥିଲା । ଅଡିଟ୍ ଏହି ଘରୋଇ ଅପରେଟରଙ୍କ ଚୟନ ଏବଂ ରାଜ୍ୟ ଭଡ଼ା ବିମାନ ଏବଂ ହେଲିକପ୍ଟର ମାଧ୍ୟମରେ ବିମାନ ଯାତ୍ରା ପାଇଁ ହୋଇଥିବା ଖର୍ଚ୍ଚ ସମ୍ବନ୍ଧୀୟ ରେକର୍ଡ (ଏପ୍ରିଲ୍ 2019 ରୁ ମାର୍ଚ୍ଚ 2024 ଅବଧି ପାଇଁ) ଯାଞ୍ଚ କରିଥିଲା । ଏହି ସମ୍ବନ୍ଧୀୟ ଫଳାଫଳ ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

### 3.6.1 ବିମାନ ସେବା ପ୍ରଦାନ କରିବା ପାଇଁ ସଂସ୍ଥାର ଚୟନ

23 ଅକ୍ଟୋବର 2020 ଠାରୁ 22 ଏପ୍ରିଲ୍ 2021 (22 ଜୁନ୍ 2021 ପର୍ଯ୍ୟନ୍ତ ସମ୍ପ୍ରସାରିତ) ଅବଧି ମଧ୍ୟରେ ମେସର୍ସ ଜେଟ୍ ସର୍ଭ ଆଭିଏସନ୍ ପ୍ରାଇଭେଟ୍ ଲିମିଟେଡ୍ (ମେସର୍ସ ଜେଟ୍ ସର୍ଭ) ଦ୍ୱାରା 29 ଲକ୍ଷ ଟଙ୍କା ମାସିକ ଚାର୍ଜରେ ଓଡ଼ିଶା ସରକାରଙ୍କୁ ବିମାନ ସେବା ଯୋଗାଇ ଦିଆଯାଉଥିଲା । 22 ଏପ୍ରିଲ୍ 2021 ରେ ଏହି ସଂସ୍ଥା ସହିତ ଚୁକ୍ତି ଅବଧି ସମାପ୍ତ ହେବା ପରେ, ବାଣିଜ୍ୟ ଏବଂ ପରିବହନ ବିଭାଗ (ସିଆଣ୍ଡଟି), ଓଡ଼ିଶା ସରକାର, ବିମାନ ସେବା ଯୋଗାଇବା ପାଇଁ ପ୍ରସ୍ତାବ ଆମନ୍ତ୍ରଣ କରି ଏକ ଟେଣ୍ଡର (ଏପ୍ରିଲ୍ 2021) ଜାରି କରିଥିଲା । ତେବେ, ଶେଷରେ ଏକକ ଟେଣ୍ଡର[129] ବୋଲି ଦର୍ଶାଇ ଟେଣ୍ଡର ବାତିଲ କରାଯାଇଥିଲା । ପରବର୍ତ୍ତୀ ସମୟରେ, ମଇ 2021 ରେ ଏକ ନୂତନ ଟେଣ୍ଡର ଆହ୍ୱାନ କରାଯାଇଥିଲା ଏବଂ ଏହାର ପ୍ରତିକ୍ରିୟା ସ୍ୱରୂପ, ମେସର୍ସ ଜେଟ୍ ସର୍ଭ ସମେତ ସାତ ଜଣ ସଂସ୍ଥା ବିଡ୍[130] ଦାଖଲ କରିଥିଲେ । ସିଆଣ୍ଡଟି ବିଭାଗ ଦ୍ୱାରା ଗଠିତ ବୈଷୟିକ ଯାଞ୍ଚ କମିଟି ଦ୍ୱାରା ନିଲାମର ବୈଷୟିକ ମୂଲ୍ୟାଙ୍କନ (28 ମଇ 2021) କରାଯାଇଥିଲା, ଯେଉଁଠାରେ ପୁରୁଣା ବିମାନ (ଦୁଇଟି ବିଡ୍), ଏନ୍ଏସ୍ଓପି[131] ଧାରକ ନଥିବାରୁ (ଦୁଇଟି ବିଡ୍) ଏବଂ ଆବଶ୍ୟକ ଦସ୍ତାବିଜ ଦାଖଲ ନ କରିବା (ଗୋଟିଏ ବିଡ୍) କାରଣ ଆଧାରରେ ପାଞ୍ଚଟି ବିଡ୍ ପ୍ରତ୍ୟାଖ୍ୟାନ କରାଯାଇଥିଲା । ପୂର୍ବ ସେବା ପ୍ରଦାନକାରୀ ଅର୍ଥାତ୍ ମେସର୍ସ ଜେଟ୍ ସର୍ଭ ଦ୍ୱାରା ଦାଖଲ ହୋଇଥିବା ବିଡ୍ ଏହି ଆଧାରରେ ପ୍ରତ୍ୟାଖାନ କରାଯାଇଥିଲା ଯେ ଏହାର ଗୋଟିଏ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଛି (7 ମଇ 2021) । ତେଣୁ ମେସର୍ସ ଓଏସ୍ଏସ୍ ଏୟାର ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ୍ (ମେସର୍ସ ଓଏସ୍ଏସ୍) ଦ୍ୱାରା ଦାଖଲ ହୋଇଥିବା କେବଳ ଗୋଟିଏ ବିଡ୍ ବୈଷୟିକ ଦୃଷ୍ଟିରୁ ଯୋଗ୍ୟ ବୋଲି ବିବେଚନା କରାଯାଇଥିଲା । ଶେଷରେ 1 ଜୁଲାଇ 2021 ରୁ 30 ଜୁନ୍ 2022 ଅବଧି ପାଇଁ ଏକ ବିମାନ ପାଇଁ ମାସିକ 92 ଲକ୍ଷ ଟଙ୍କା ଭଡ଼ାରେ ସେବା ଚୁକ୍ତିନାମା (28 ଜୁନ୍ 2021) ପ୍ରଦାନ କରାଯାଇଥିଲା ।

ଅଡିଟ୍ ଚୟନ ପ୍ରକ୍ରିୟାରେ ପାରଦର୍ଶିତା ଏବଂ ନିରପେକ୍ଷତା ଯାଞ୍ଚ କରିଥିଲା ଏବଂ ନିମ୍ନଲିଖିତ ଅନିୟମିତତା ଲକ୍ଷ୍ୟ କରିଥିଲା:

- ଟେଣ୍ଡରର ନିୟମ ଏବଂ ସର୍ତ୍ତାବଳୀ ମଧ୍ୟରେ, ଏକ ସର୍ତ୍ତ ଅନ୍ତର୍ଭୁକ୍ତ ଥିଲା ଯେ ଗତ 10 ବର୍ଷ ମଧ୍ୟରେ କୌଣସି ବଡ ଦୁର୍ଘଟଣା ରେକର୍ଡ ନଥିବା ଅପରେଟରମାନଙ୍କୁ ପ୍ରାଥମିକତା ଦିଆଯିବ । ତେଣୁ ମେସର୍ସ ଜେଟ୍ ସର୍ଭ ଦୁର୍ଘଟଣା ଜନିତ ରେକର୍ଡ ଆଧାରରେ ଏହାର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ତଥାପି ଅଡିଟ୍ ଜାଣିବାକୁ ପାଇଲା ଯେ ମେସର୍ସ ଓଏସ୍ଏସ୍ ସେହି ବୈଷୟିକ ଭାବରେ ଅଣ- ଯୋଗ୍ୟ ଅପରେଟର ମେସର୍ସ ଜେଟ୍ ସର୍ଭ ସହିତ, ଏହାର ବିମାନ ମଧ୍ୟରୁ ଗୋଟିଏ ବିମାନ ବ୍ୟବହାର କରିବାକୁ

---

128 ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏଭଳି ଅନୁମୋଦନ ପ୍ରଦାନ କରାଯାଉଥିଲା

129 ଦୁଇଟି ବିଡର ଅର୍ଥାତ୍ ମେସର୍ସ ଜେଟ୍ ସର୍ଭ ଆଭିଏସନ ପ୍ରାଇଭେଟ୍ ଲିମିଟେଡ୍ ଏବଂ ମେସର୍ସ ରେଡ୍ ବାର୍ଡ ପ୍ରାଇଭେଟ୍ ଲିମିଟେଡ୍ ବିଡ୍ ଦାଖଲ କରିଥିଲେ ଏବଂ ପରବର୍ତ୍ତୀ ବିଡରକୁ ବୈଷୟିକ ଦୃଷ୍ଟିରୁ ଅଯୋଗ୍ୟ ଘୋଷଣା କରାଯାଇଥିଲା

130 ମେସର୍ସ ଓଏସ୍ଏସ୍ ଏୟାର ମ୍ୟାନେଜମେଣ୍ଟ; ମେସର୍ସ ପିନାକଲ୍ ଏୟାର ପ୍ରାଇଭେଟ୍ ଲିମିଟେଡ୍; ମେସର୍ସ ଜେଟ୍ ସର୍ଭ ଆଭିଏସନ ପ୍ରାଇଭେଟ୍ ଲିମିଟେଡ୍; ମେସର୍ସ ଫ୍ଲାପ୍ ଆଭିଏସନ ପ୍ରାଇଭେଟ୍ ଲିମିଟେଡ; ମେସର୍ସ ଆରୋ ଏୟାରକ୍ରାଫ୍ଟ ସେଲ୍ସ ଆଣ୍ଡ ଚାର୍ଟର୍ସ ଲିମିଟେଡ; ମେସର୍ସ ରେଡ ବାର୍ଡ ଏୟାରୱେଜ୍ ପ୍ରାଇଭେଟ୍ ଲିମିଟେଡ ଏବଂ ମେସର୍ସ ଧିଲୋଁ ଆଭିଏସନ ପ୍ରାଇଭେଟ୍ ଲିମିଟେଡ

131 ଏନ୍ଏସ୍ଓପି: ଅଣ-ଅନୁସୂଚିତ ଅପରେଟର୍ସ ପରମିଟ୍ ହେଉଛି ଏକ ଲାଇସେନ୍ସ ଯାହା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ, ଭାରତ ସରକାରଙ୍କ ଦ୍ୱାରା ଜାରି କରାଯାଇଛି, ଯାହା ଚାଟାର୍ଡ ବିମାନ ସମେତ ଅଣ-ନିୟମିତ ଯାତ୍ରୀ କିମ୍ବା କାର୍ଗୋ ଅପରେସନ୍ କରିବାକୁ ଅନୁମତି ଦେଇଥାଏ

(ଟେଲ ସାଇନ: ଭିଟି-ଆରଏସଏନ), ଏକ ଚୁକ୍ତିନାମା (ଡିସେମ୍ବର 2022) ଅନୁବନ୍ଧ କରିଛି । ଅଡିଟ୍ ପାଇଁ ଉପଲବ୍ଧ ହୋଇଥିବା ଭିଟି-ଆରଏସ୍ଏନ୍‌ର ଫ୍ଲାଇଟ ଅପରେସନ୍ ତଥ୍ୟ ଅନୁଯାୟୀ, ଏହି ନିର୍ଦ୍ଦିଷ୍ଟ ବିମାନକୁ ମେସର୍ସ ଓଏସ୍ଏସ୍ ଦ୍ୱାରା ଜାନୁଆରୀ 2023 ରୁ ନଭେମ୍ବର 2023 ମଧ୍ୟରେ 38ଟି ଉଡାଣ[132] ପାଇଁ ଓଡିଶା ସରକାରଙ୍କ ସେବାରେ ବ୍ୟବହାର କରାଯାଇଥିଲା । ତେଣୁ ସୁରକ୍ଷା ରେକର୍ଡ ଆଧାରରେ ମେସର୍ସ ଜେଟ୍ ସର୍ଭ କମ୍ପାନୀର ନିଲାମ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ଏହାର ଉଦ୍ଦେଶ୍ୟ ପୂରଣ କରିନଥିଲା । କାରଣ ଶେଷରେ ସେହି କମ୍ପାନୀର ଗୋଟିଏ ବିମାନ ନୂତନ ନିଲାମଧାରୀ ମେସର୍ସ ଓଏସ୍ଏସ୍ ଦ୍ୱାରା ବ୍ୟବହୃତ ହୋଇଥିଲା ।

- ମେସର୍ସ ଓଏସ୍ଏସ୍ ଏବଂ ମେସର୍ସ ଜେଟ୍ ସର୍ଭ ମଧ୍ୟରେ ହୋଇଥିବା ଚୁକ୍ତିରୁ ଏହା ମଧ୍ୟ ଜଣାପଡିଛି ଯେ ମେସର୍ସ ଓଏସ୍ଏସ୍ ବିମାନ ଭିଟି- ଆରଏସଏନ୍ ବ୍ୟବହାର ପାଇଁ ମାସିକ 53.10 ଲକ୍ଷ ଟଙ୍କା (ଜିଏସଟି ସମେତ) ଦେବାକୁ ଥିଲା । ଅନ୍ୟ ପକ୍ଷରେ ଓଡିଶା ସରକାର ଗୋଟିଏ ବିମାନ (ଜିଏସଟି ସମେତ) ପାଇଁ ମେସର୍ସ ଓଏସ୍ଏସ୍ କୁ ମାସିକ 92 ଲକ୍ଷ୍ୟ ଟଙ୍କା ପ୍ରଦାନ କରିଥିଲେ । କ୍ରୟ ମୂଲ୍ୟର ଏହି ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ଦର୍ଶାଉଛି ଯେ ସରକାର ଏକକ ନିବେଶକ (ମେସର୍ସ ଓଏସ୍ଏସ୍) ଙ୍କ ସହ ଯାଇ ବିମାନ ସେବା ପାଇଁ ସର୍ବାଧିକ ପ୍ରତିଦ୍ୱନ୍ଦିତାମୂଳକ ବଜାର ଦର ହାସଲ କରିବାରେ ବିଫଳ ହୋଇଥିଲେ ।

ତେଣୁ ରାଜ୍ୟ ସରକାରଙ୍କୁ ବିମାନ ସେବା ଯୋଗାଇବା ପାଇଁ ଏଜେନ୍‌ସିର ଚୟନ ପ୍ରକ୍ରିୟା ଅସ୍ୱଚ୍ଛ/ ଅନିୟମିତ ଥିଲା ଏବଂ ମେସର୍ସ ଓଏସ୍ଏସ୍ ସହିତ ଚୁକ୍ତିଭିତ୍ତିକ ଦର ଉଚିତ ବଜାର ମୂଲ୍ୟଠାରୁ ଅଧିକ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇପାରିବ ନାହିଁ । ଏହା ସତ୍ତ୍ୱେ ମେସର୍ସ ଓଏସ୍ଏସ୍ ସହିତ ଚୁକ୍ତିର ଅବଧି ସମୟ ସମୟରେ ବୃଦ୍ଧି କରାଯାଇଥିଲା ଏବଂ ଏଜେନ୍ସି ଅଗଷ୍ଟ 2024 ସୁଦ୍ଧା ସେବା ଯୋଗାଇବା ଜାରି ରଖିଥିଲା ।

ବାଣିଜ୍ୟ ଏବଂ ପରିବହନ ବିଭାଗ ଦର୍ଶାଇଥିଲେ (ଜାନୁଆରୀ 2025) ଯେ ମେସର୍ସ ଜେଟ୍ ସର୍ଭ କୁ କେବଳ ଏହାର ଦୁର୍ଘଟଣା ରେକର୍ଡ ପାଇଁ ନୁହେଁ ବରଂ ପୂର୍ବ ସମୟରେ ସେବା ପ୍ରଦାନ କରିବାରେ ଏହାର ପ୍ରତିକୂଳ ଟ୍ରାକ୍ ରେକର୍ଡ ପାଇଁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଉତ୍ତରଟି ବିଶ୍ୱାସଯୋଗ୍ୟ ନୁହେଁ କାରଣ ଏହି କାରଣ କେଉଁଠି ବି ରେକର୍ଡ କରାଯାଇ ନାହିଁ ଏବଂ ଦୁର୍ଘଟଣାର ରେକର୍ଡ ଆଧାରରେ ବିଡ୍ ପ୍ରତ୍ୟାଖ୍ୟାନ କରାଯାଇଥିଲା ।

ଚୟନ ପ୍ରକ୍ରିୟାରେ ଉପରୋକ୍ତ ଅନିୟମିତତା ବ୍ୟତୀତ, ଅଡିଟ୍ ଏହା ମଧ୍ୟ ଦେଖିଲା ଯେ ଟେଣ୍ଡର ସର୍ତ୍ତରେ ନିର୍ଦ୍ଧାରିତ ମାସିକ ପ୍ରତିବଦ୍ଧ ଉଡାଣ ସମୟ ଅଯୌକ୍ତିକ ଭାବରେ ଅଧିକ ଥିଲା, ଯାହା ନିମ୍ନରେ ଆଲୋଚନା କରାଯାଇଛି :

### 3.6.2 ଅଯୌକ୍ତିକ ସର୍ବନିମ୍ନ ପ୍ରତିବଦ୍ଧ ଉଡାଣ ସମୟ ନିର୍ଦ୍ଧାରଣ

ଓଡିଶା ସରକାର ସହିତ ଚୁକ୍ତିନାମା ଅନୁଯାୟୀ ବିମାନ ବ୍ୟବହାର ପାଇଁ ମାସିକ ଦେୟ ଏବଂ ଜାନୁଆରୀ 2019 ରୁ ଜୁନ୍ 2022 ପର୍ଯ୍ୟନ୍ତ ବିମାନର ପ୍ରକୃତ ବ୍ୟବହାର (31 ଅଗଷ୍ଟ 2024 ପର୍ଯ୍ୟନ୍ତ ବୃଦ୍ଧି) ***ସାରଣୀ 3.6.1*** ରେ ଦର୍ଶାଯାଇଛି ।

***ସାରଣୀ 3.6.1: ଯୋଗାଣକାରୀଙ୍କ ନାମ, ମୂଲ୍ୟ ସର୍ତ୍ତାବଳୀ ଏବଂ ଜାନୁଆରୀ 2019 ରୁ ମାର୍ଚ୍ଚ 2024 ପର୍ଯ୍ୟନ୍ତ ବିମାନର ପ୍ରକୃତ ବ୍ୟବହାର***

| କ୍ର. ସଂ. | ବିମାନ ଯୋଗାଣକାରୀଙ୍କ ନାମ | ଚୁକ୍ତିର ଅବଧି | ସ୍ଥିର ମାସିକ ଦେୟ (ଟଙ୍କା ଲକ୍ଷରେ) | ନିର୍ଦ୍ଧାରିତ ଉଡ଼ାଣ ସମୟ (ଘଣ୍ଟା) | ପ୍ରକୃତ ଉଡ଼ାଣ ଅବଧି[133] |
|---|---|---|---|---|---|
| 1 | ମେସର୍ସ ଓଏସ୍ଏସ୍ ଏୟାର ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ, ନୂଆଦିଲ୍ଲୀ | 01 ଜାନୁୟାରୀ 2019 ରୁ 22 ଅକ୍ଟୋବର 2020 | 91.52 | 440 (22 ମାସ) | 122.10 ଘଣ୍ଟା |
| 2 | ମେସର୍ସ ଜେଟ୍ ସର୍ଭ | 23 ଅକ୍ଟୋବର 2020 ରୁ | 29.00 | 120 (ଛଅ ମାସ) | 32.11 ଘଣ୍ଟା |

132 ସୋର୍ଟିମାନେ ଏକ ବିମାନଙ୍କ ଦ୍ୱାରା ଏକ ଅପରେସନାଲ୍ ଉଡ଼ାଣକୁ ସୂଚିତ କରେ

133 01-04-2024 ରୁ 31-08-2024 ପର୍ଯ୍ୟନ୍ତର ସଠିକ୍ ଉଡ଼ାଣ ସମୟର ତଥ୍ୟ ଉପଲବ୍ଧ ନଥିଲା । ଏହି ପାଞ୍ଚ ମାସ ପାଇଁ ପ୍ରତିଶ୍ରୁତିବଦ୍ଧ ଉଡ଼ାଣ ସମୟ 125 ଘଣ୍ଟା ଥିଲା

| କ୍ର. ସଂ. | ବିମାନ ଯୋଗାଣକାରୀଙ୍କ ନାମ | ଚୁକ୍ତିର ଅବଧି | ସ୍ଥିର ମାସିକ ଦେୟ (ଟଙ୍କା ଲକ୍ଷରେ) | ନିର୍ଦ୍ଧାରିତ ଉଡ଼ାଣ ସମୟ (ଘଣ୍ଟା) | ପ୍ରକୃତ ଉଡ଼ାଣ ଅବଧି[133] |
|---|---|---|---|---|---|
| | ଆଭିଏସନ୍ ପ୍ରାଇଭେଟ୍ ଲିମିଟେଡ, ଗୁରୁଗ୍ରାମ, ହରିୟାଣା | 22 ଅପ୍ରେଲ 2021 | | | |
| 3 | ମେସର୍ସ ଓଏସ୍ଏସ୍ ଏୟାର ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ, ନୂଆଦିଲ୍ଲୀ | 01 ଜୁଲାଇ 2021 ରୁ 30 ଜୁନ୍ 2022[134] | 92.00 | 300 (12 ମାସ ପାଇଁ)[135] | 77:15 ଘଣ୍ଟା |
| | | 01 ଜୁଲାଇ 2022 ରୁ 30 ସେପ୍ଟେମ୍ବର 2022 | 92.00 | 75 (ତିନି ମାସ ପାଇଁ) | 33:10 ଘଣ୍ଟା |
| | | 01 ଅକ୍ଟୋବର 2022 ରୁ 31 ମାର୍ଚ୍ଚ 2023 | 92.00 | 150 (ତିନି ମାସ ପାଇଁ) | 125:25 ଘଣ୍ଟା |
| | | 01 ଅପ୍ରେଲ 2023 ରୁ 30 ଜୁନ୍ 2023 | 92.00 | 75 (ତିନି ମାସ ପାଇଁ) | 79:30 ଘଣ୍ଟା |
| | | 01 ଜୁଲାଇ 2023 ରୁ 30 ସେପ୍ଟେମ୍ବର 2023 | 92.00 | 75 (ତିନି ମାସ ପାଇଁ) | 32:10 ଘଣ୍ଟା |
| | | 01 ଅକ୍ଟୋବର 2023 ରୁ 31 ଡ଼ିସେମ୍ବର 2023 | 92.00 | 75 (ତିନି ମାସ ପାଇଁ) | 44:50 ଘଣ୍ଟା |
| | | 01 ଜାନୁୟାରୀ 2024 ରୁ 31 ମାର୍ଚ୍ଚ 2024 | 92.00 | 75 (ତିନି ମାସ ପାଇଁ) | 103:30 ଘଣ୍ଟା |
| | | **ମୋଟ** | | **1,385 ଘଣ୍ଟା** | **650:11 ଘଣ୍ଟା** |

***(ଉତ୍ସ: ବାଣିଜ୍ୟ ଏବଂ ପରିବହନ ବିଭାଗର ରେକର୍ଡଗୁଡ଼ିକ)***

ଉପରୋକ୍ତ ସାରଣୀରୁ ଜଣାପଡୁଛି ଯେ ଜାନୁଆରୀ 2019 ରୁ ଅକ୍ଟୋବର 2020 ଏବଂ ନଭେମ୍ବର 2020 ରୁ ଅପ୍ରେଲ 2021 (28 ମାସ) ଅବଧି ପାଇଁ ହୋଇଥିବା ପୂର୍ବ ଦୁଇଟି ଚୁକ୍ତିନାମାରେ ମୋଟ ବିମାନ ଉଡାଣ ଘଣ୍ଟା 154 : 21 ଘଣ୍ଟା (27.54 ପ୍ରତିଶତ) ଥିବାବେଳେ, ପ୍ରତିଶ୍ରୁତିବଦ୍ଧ ବିମାନ ଉଡାଣ ଘଣ୍ଟା 560 ଥିଲା । ପରବର୍ତ୍ତୀ ଅବଧିରେ ଅର୍ଥାତ୍ 01 ଜୁଲାଇ 2021 ରୁ 31 ମାର୍ଚ୍ଚ 2014 ପର୍ଯ୍ୟନ୍ତ, ପ୍ରକୃତ ଉଡାଣ ଅବଧି 825 ପ୍ରତିଶ୍ରୁତିବଦ୍ଧ ଉଡାଣ ଘଣ୍ଟା ତୁଳନାରେ ମାତ୍ର 496: 30 ଘଣ୍ଟା (60 ପ୍ରତିଶତ) ଥିଲା ।

ଅଡିଟ୍ ଦେଖିଲା ଯେ, ସର୍ବନିମ୍ନ ବାର୍ଷିକ 240 ଉଡାଣ ଘଣ୍ଟା (ଯାହା ନିଲାମଧାରୀଙ୍କ ସହ ବୁଝାମଣା ସମୟରେ 300 ଘଣ୍ଟାକୁ ବୃଦ୍ଧି କରାଯାଇଥିଲା), ଏକ ଟେଣ୍ଡର ସର୍ତ୍ତ ଭାବରେ ଧାର୍ଯ୍ୟ କରିବା ଯଥାର୍ଥ ନଥିଲା, କାରଣ ସର୍ବନିମ୍ନ ଉଡାଣ ସମୟ ଅବଧିରେ କୌଣସି ବୃଦ୍ଧି, ନିଲାମଧାରୀଙ୍କ ଦ୍ୱାରା ପ୍ରସ୍ତାବିତ ସ୍ଥିର ମାସିକ ଶୁଳ୍କ ବୃଦ୍ଧି କରିବ । ତେଣୁ ବିମାନ ଉଡାଣର ସର୍ବନିମ୍ନ ସମୟକୁ 240 ଘଣ୍ଟାକୁ ବୃଦ୍ଧି କରିବା ପରିବର୍ତ୍ତେ, ପୂର୍ବ ଚୁକ୍ତିନାମା ଅନୁଯାୟୀ ବିମାନର ପ୍ରକୃତ ଉଡାଣ ସମୟ ଆଧାରରେ ଯୁକ୍ତିସଙ୍ଗତ ଉପାୟରେ ସ୍ଥିର କରାଯିବା ଉଚିତ ଥିଲା । ସର୍ବନିମ୍ନ ବାର୍ଷିକ ଉଡାଣ ସମୟ 240 ଘଣ୍ଟା ସ୍ଥିର କରାଯାଇଥିଲା, ଯାହା ପରବର୍ତ୍ତୀ ସମୟରେ 300 ଘଣ୍ଟାକୁ ବୃଦ୍ଧି ପାଇଥିଲା, ଏହାର କୌଣସି ଯଥାର୍ଥତା ନ ଥିଲା । ତେବେ, ସର୍ବନିମ୍ନ ନିର୍ଦ୍ଧାରିତ ଉଡାଣ ସମୟର ବିଭିନ୍ନ ଅବଧି ପାଇଁ ମାସିକ ସ୍ଥିର ଶୁଳ୍କ ପାଇଁ ମୂଲ୍ୟ ନିର୍ଦ୍ଧାରଣ ଆହ୍ୱାନ କରାଯାଇନଥିବାରୁ, ଏହି ଆକାଉଣ୍ଟରେ ଅତିରିକ୍ତ ଖର୍ଚ୍ଚର ପରିମାଣ ଅଡିଟ୍ ଦ୍ୱାରା ଆକଳନ କରାଯାଇପାରିନଥିଲା ।

ସିଆଣ୍ଡଟି ବିଭାଗ କହିଛି (ଅଗଷ୍ଟ 2024) ଯେ ପୂର୍ବ ବର୍ଷଗୁଡିକରେ ବ୍ୟବହାର ଆଧାରରେ ସର୍ବନିମ୍ନ ପ୍ରତିଶ୍ରୁତିବଦ୍ଧ ଉଡାଣ ସମୟ ସ୍ଥିର କରାଯାଇଥିଲା ଏବଂ କୋଭିଡ କାରଣରୁ ବିମାନର ବ୍ୟବହାର ପ୍ରଭାବିତ ହୋଇଥିଲା । ଏହା ମଧ କୁହାଯାଇଛି ଯେ, ଇନ୍ଧନ ମୂଲ୍ୟ, ବିମାନକର୍ମୀଙ୍କ ଦରମା, ରକ୍ଷଣାବେକ୍ଷଣ, ଅବତରଣ ଶୁଳ୍କ,

[134] 31 ଅଗଷ୍ଟ 2024 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି

[135] ଚର୍ଚ୍ଚା ସମୟରେ ଅତିରିକ୍ତ ଶୁଳ୍କ ବିନା 240 ରୁ 300 ଘଣ୍ଟାକୁ ବୃଦ୍ଧି

ହ୍ୟାଙ୍ଗର ଶୁଳ୍କ ଇତ୍ୟାଦି ପରିବର୍ତ୍ତନୀୟ ଉପାଦାନଗୁଡ଼ିକ ପରିଚାଳନା ଖର୍ଚ୍ଚ ଓ ଉଡାଣ ଅବଧି ଉପରେ ପ୍ରଭାବ ପକାଇଥାଏ । ଏହି ଖର୍ଚ୍ଚଗୁଡିକ ନିର୍ଦ୍ଧାରିତ ଉଡାଣ ସମୟକୁ ହ୍ରାସ କରି ବିଡ୍ ମୂଲ୍ୟ ଉପରେ ଅଧିକ ପ୍ରଭାବ ପକାଇନଥାନ୍ତା ।

ଉପଲବ୍ଧ ପ୍ରତିଶ୍ରୁତିବଦ୍ଧ ଉଡାଣ ସମୟ ତୁଳନାରେ ପ୍ରକୃତ ଉଡାଣ ଅବଧି ବିଭାଗ ଦ୍ୱାରା ଦିଆଯାଇଥିବା ଉତ୍ତରକୁ ସମର୍ଥନ କରେ ନାହିଁ କାରଣ ଚୁକ୍ତି ଅବଧି ସମୟରେ ପ୍ରକୃତ ବ୍ୟବହାର ମାତ୍ର 28 ପ୍ରତିଶତ ଥିଲା ଏବଂ ଚୁକ୍ତିନାମା ଅନୁଯାୟୀ 01 ଜୁଲାଇ 2021 ରୁ 31 ମାର୍ଚ୍ଚ 2024 ପର୍ଯ୍ୟନ୍ତ ଏହା ମାତ୍ର 60 ପ୍ରତିଶତ ଥିଲା ।

### 3.6.3 ଭଡ଼ାରେ ନିଆଯାଇଥିବା ବିମାନ ଉପଲବ୍ଧ ଥିବା ସତ୍ତ୍ୱେ ସ୍ୱତନ୍ତ୍ର ଚାର୍ଟାର୍ଡ ବିମାନର ବ୍ୟବହାର

ଓଏସ୍ଏସ୍ କୁ ଚୁକ୍ତିନାମା (01 ଜୁଲାଇ 2021 ଠାରୁ କାର୍ଯ୍ୟକାରୀ ) ପ୍ରଦାନ ସଂପର୍କରେ, ମଇ 2021 ରେ ଆମନ୍ତ୍ରିତ ହୋଇଥିବା ଅନୁରୂପ ଟେଣ୍ଡରର ସର୍ତ୍ତାବଳୀ ଅନ୍ତର୍ଭୁକ୍ତ ଥିଲା, ଯେଉଁଥିରେ ଅନ୍ୟ ବିଷୟ ସହିତ, ନିବେଶକଙ୍କ ଚୟନ ବିମାନ ସୁରକ୍ଷା, ଆରାମ, ଗତି ଏବଂ ଉଡାଣ ଶୁଳ୍କ ଆଧାରରେ ହେବ । ଏହି ସେବାର ପରିସର ମଧ୍ୟରେ ଭିଭିଆଇପି ମାନଙ୍କୁ ରାଜ୍ୟ ଭିତରେ ଏବଂ ବାହାରେ ଥିବା ସ୍ଥାନକୁ ନେବା ଅନ୍ତର୍ଭୁକ୍ତ ଥିଲା । ଏହି ସେବା ସର୍ତ୍ତାବଳୀ ଆଧାରରେ ମେସର୍ସ ଓଏସ୍ଏସ୍ ଚୟନ କରାଯାଇଥିଲା ।

ଅଡିଟ୍ ଲକ୍ଷ୍ୟ କଲା ଯେ ଯଦିଓ ରାଜ୍ୟ ବାହାରେ ଉଡାଣ, ବିମାନସେବା ପରିସର ମଧ୍ୟରେ ଅନ୍ତର୍ଭୁକ୍ତ ଥିଲା, କିନ୍ତୁ ପୁନଃ ଇନ୍ଧନ ଭର୍ତ୍ତି ନ କରି ସର୍ବାଧିକ ଉଡିପାରୁଥିବା ଅବଧି ସମ୍ବନ୍ଧୀୟ ସର୍ତ୍ତକୁ ଟେଣ୍ଡରର ଏକ ସର୍ତ୍ତ ଭାବରେ ଅନ୍ତର୍ଭୁକ୍ତ କରାଯାଇନଥିଲା । ଏହି ସର୍ତ୍ତର ଆବଶ୍ୟକତା ଥିଲା, କାରଣ ରାଜ୍ୟ ବାହାରକୁ ଉଡାଣ ପାଇଁ ଅଧିକ ସମୟ ଲାଗିପାରେ ଏବଂ ଫଳସ୍ୱରୁପ ଇନ୍ଧନ ଭର୍ତ୍ତି କରିବାକୁ ପଡ଼ିପାରେ । ଏଭଳି ସର୍ତ୍ତ ନଥିବାରୁ, ମେସର୍ସ ଓଏସ୍ଏସ୍ ବିମାନ[136] ର ସର୍ବାଧିକ ଉଡାଣ ସମୟ ମାତ୍ର 1 ଘଣ୍ଟା 30 ମିନିଟ୍ ଥିଲା, ଯାହା ଦୀର୍ଘ ଦୂରତା ସମ୍ପନ୍ନ ଆନ୍ତଃ ରାଜ୍ୟ ଯାତ୍ରା ପାଇଁ ସର୍ବୋତ୍ତମ ନ ଥିଲା । ଫଳସ୍ୱରୂପ, ରାଜ୍ୟ ସରକାର ଜାନୁଆରୀ 2019 ରୁ ନଭେମ୍ବର 2023 ମଧ୍ୟରେ 22 ଥର[୧୩୭] ସ୍ୱତନ୍ତ୍ର ଚାର୍ଟାଡ ବିମାନକୁ ଭଡ଼ାରେ ନେଇଛନ୍ତି, ଏହି ଅବଧିରେ ପୂର୍ବରୁ ଭଡା ହୋଇଥିବା ବିମାନରେ (ମେସର୍ସ ଓଏସ୍ଏସ୍ ସହିତ) 751.34 ଘଣ୍ଟା ଉଡାଣ ସମୟ ବଳକା ଥିଲେ ମଧ୍ୟ, ଭଡା ଦେୟ ***(ପରିଶିଷ୍ଟ 3.6.1*** ) ପାଇଁ 6.91 କୋଟି ଟଙ୍କା ଖର୍ଚ୍ଚ ହୋଇଛି ।

ସିଆଣ୍ଡଟି ବିଭାଗ (ଅଗଷ୍ଟ 2024) କହିଛି ଯେ ଦ୍ରୁତ, ଅଧିକ ଆରାମଦାୟକ ଏବଂ ନିରାପଦ ଯାତ୍ରା ପାଇଁ ଚାର୍ଟାର୍ଡ ବିମାନ ଭଡ଼ା ନିଆଯାଇଥିଲା । ଏହି କାରଣଗୁଡିକ ଗ୍ରହଣୀୟ ନିହେଁ, କାରଣ ମେସର୍ସ ଓଏସଏସ୍ ବିମାନ ଚୟନ କରିବାରେ ଆଧାର ଥିଲା ବେଗ, ସୁରକ୍ଷା ଏବଂ ଆରାମ, ତେଣୁ ଅତିରିକ୍ତ ଖର୍ଚ୍ଚ ବହନ କରି ସମାନ କାରଣ ପାଇଁ ଚାର୍ଟାର୍ଡ ବିମାନ ଭଡ଼ା କରିବାର କୌଣସି ଆବଶ୍ୟକତା ନଥିଲା ।

### 3.6.4 ହେଲିକପ୍ଟରର ବ୍ୟବହାର

ବିମାନ ସେବା ପାଇବା ବ୍ୟତୀତ, ଓଡିଶା ସରକାର ଘରୋଇ ଅପରେଟରଙ୍କ ଠାରୁ ହେଲିକପ୍ଟର ସେବା ମଧ୍ୟ ଗ୍ରହଣ[138] କରିଥିଲେ । ବିମାନ ଏବଂ ହେଲିକପ୍ଟର ସେବା ପ୍ରଦାନକାରୀଙ୍କ ଚୟନ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପୃଥକ ଭାବରେ ଟେଣ୍ଡର ଆହ୍ୱାନ କରାଯାଇଥିଲା । ତେବେ ସେହି ବିକ୍ରେତା ମେସର୍ସ ଓଏସ୍ଏସ୍କୁ ମଧ୍ୟ ହେଲିକପ୍ଟର ସେବା ପ୍ରଦାନ କରିବା ପାଇଁ ଚୟନ କରାଯାଇଥିଲା । 01 ଅଗଷ୍ଟ 2018 ରୁ ଆରମ୍ଭ କରି ଏକ ବର୍ଷ ପାଇଁ ସେହି ସେବା ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷରିତ (ଜୁଲାଇ 2018) ହୋଇଥିଲା । **ସାରଣୀ 3.6.2** ରେ ଦର୍ଶାଯାଇଥିବା ପାରସ୍ପରିକ ସହମତ ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ଚୁକ୍ତିନାମା ପରେ ତିନି ଥର ନବୀକରଣ କରାଯାଇଥିଲା ।

---

136 ବୀଚକ୍ରାଫ୍ଟ ସୁପରକିଙ୍ଗ ଏୟାର ବି-200 ଜିଟି

137 ଗନ୍ତବ୍ୟସ୍ଥଳ: ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର, ହାଇଦରାବାଦ

138 ଠିକା ସମ୍ପର୍କରେ ଠିକା ସମୟସୀମା ପାଇଁ ଟେଣ୍ଡର ତାରିଖ (ସନ୍ଦର୍ଭ ତାଲିକା **3.6.2**) 1 ଅଗଷ୍ଟ 2018 ରୁ 30 ଜୁଲାଇ 2019 ପର୍ଯ୍ୟନ୍ତ ରେକର୍ଡରେ ଉପଲବ୍ଧ ନଥିଲା । 1 ନଭେମ୍ବର 2019 ରୁ 30 ଏପ୍ରିଲ୍ 2014 ପର୍ଯ୍ୟନ୍ତ ଠିକା ସମୟସୀମା ପାଇଁ ଟେଣ୍ଡର 23 ଜୁଲାଇ 2019 ରେ ଆମନ୍ତ୍ରିତ କରାଯାଇଥିଲା ।

**ସାରଣୀ 3.6.2: ହେଲିକପ୍ଟର ଯୋଗାଣକାରୀଙ୍କ ନାମ ଏବଂ ମୂଲ୍ୟର ସର୍ତ୍ତାବଳୀ**

| କ୍ର. ସଂ. | ଚୁକ୍ତିର ଅବଧି | ସ୍ଥିର ମାସିକ ଦେୟ (ଟଙ୍କା ଲକ୍ଷରେ) | ଘଣ୍ଟା ପ୍ରତି ଉଡ଼ାଣ ଦେୟ (ଟଙ୍କା ଲକ୍ଷରେ) | ଗ୍ରାଉଣ୍ଡ ପରିଚାଳନା ଶୁଳ୍କ (ପ୍ରତି ପରିଚାଳନା) | ଇନ୍ଧନ ଭରିବା ଚାର୍ଜ (ପ୍ରତିଥର ଭରିବା ପାଇଁ) |
|---|---|---|---|---|---|
| 1 | 01 ଅଗଷ୍ଟ 2018 ରୁ 31 ଜୁଲାଇ 2019 | 38.00 | 1.15 | ₹ 10,000 କିମ୍ବା ପ୍ରକୃତ ଯାହା କମ୍ | ₹ 10,000 କିମ୍ବା ପ୍ରକୃତ ଯାହା କମ୍ |
| 2 | 01 ନଭେମ୍ବର 2019 ରୁ 31 ଅକ୍ଟୋବର 2021 (30 ଅପ୍ରେଲ 2024 ପର୍ଯ୍ୟନ୍ତ ତିନି ଥର ସମ୍ପ୍ରସାରିତ) | 57.00 | 1.30 | ₹ 15,000 କିମ୍ବା ପ୍ରକୃତ ଯାହା କମ୍ | ₹ 15,000 କିମ୍ବା ପ୍ରକୃତ ଯାହା କମ୍ |

*(ଉତ୍ସ: ବାଣିଜ୍ୟ ଏବଂ ପରିବହନ ବିଭାଗର ରେକର୍ଡଗୁଡ଼ିକ)*

ହେଲିକପ୍ଟରର ଅନୁପଯୁକ୍ତ ବ୍ୟବହାର ଉପରେ ଅଡିଟ୍ ପର୍ଯ୍ୟବେକ୍ଷଣ ନିମ୍ନରେ ଆଲୋଚନା କରାଯାଇଛି :

### *3.6.4.1* ଭଡ଼ା ବିମାନର ପ୍ରତିଶ୍ରୁତିବଦ୍ଧ ଉଡାଣ ସମୟ ଉପଲବ୍ଧ ଥିବା ସତ୍ତ୍ୱେ ହେଲିକପ୍ଟର ବ୍ୟବହାର ଯୋଗୁଁ ଅତିରିକ୍ତ ଖର୍ଚ୍ଚ

**ଅନୁଚ୍ଛେଦ 3.6.3** ରେ କୁହାଯାଇଛି ଯେ ଭଡାରେ ନିଆଯାଇଥିବା ବିମାନର ଅବ୍ୟବହୃତ ଉଡାଣ ସମୟ ଥିଲା । ତେଣୁ ଖର୍ଚ୍ଚ ହ୍ରାସ କରିବା ପାଇଁ ହେଲିକପ୍ଟର ଅପେକ୍ଷା ଏୟାରଷ୍ଟ୍ରିପ୍ ଥିବା ସ୍ଥାନକୁ ଯାତ୍ରା କରିବା ପାଇଁ ଭଡା ବିମାନ ବ୍ୟବହାରକୁ ପ୍ରାଥମିକତା ଦେବା ବୁଦ୍ଧିମାନର କାର୍ଯ୍ୟ ହୋଇଥାନ୍ତା ।

ଅଡିଟ୍ ଦେଖିଲା ଯେ 5 ସେପ୍ଟେମ୍ବର 2019 ରୁ 21 ମାର୍ଚ୍ଚ 2023 ମଧ୍ୟରେ 3,000 ଫୁଟ୍ କିମ୍ବା ଅଧିକ ଦୈର୍ଘ୍ୟ ବିଶିଷ୍ଟ କାର୍ଯ୍ୟକ୍ଷମ ଏୟାରଷ୍ଟ୍ରିପ୍ ଥିବା ରାଜ୍ୟ ଭିତରର ସ୍ଥାନକୁ ଯାତ୍ରା କରିବା ପାଇଁ 29 ଥର 100.90 ଘଣ୍ଟା ଉଡାଣ ପାଇଁ ହେଲିକପ୍ଟର ସେବା ଗ୍ରହଣ କରାଯାଇଥିଲା । ହେଲିକପ୍ଟରର ଉଡାଣ ଘଣ୍ଟା ଦେୟ[139] ବାବଦକୁ 1.30 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ***(ପରିଶିଷ୍ଟ 3.6.2)*** । ଏହି ସମୟ ମଧ୍ୟରେ ଭଡ଼ାରେ ନିଆଯାଇଥିବା ବିମାନର ଅବ୍ୟବହୃତ ପ୍ରତିଶ୍ରୁତିବଦ୍ଧ ଉଡାଣ ସମୟ 566.44 ଘଣ୍ଟା ଥିଲା, ଯାହାକୁ ଏହା ପରିବର୍ତ୍ତେ ଉପଯୋଗ କରାଯାଇ ପାରିଥାନ୍ତା ଏବଂ ଏହିପରି 1.30 କୋଟି ଟଙ୍କା ଖର୍ଚ୍ଚ ଏଡାଯାଇ ପାରିଥାନ୍ତା ।

ସିଆଣ୍ଡଟି ବିଭାଗ କହିଛି (ଅଗଷ୍ଟ 2024) ଯେ ଅନୁରୋଧକାରୀଙ୍କ ଆବଶ୍ୟକତା ଅନୁଯାୟୀ ହେଲିକପ୍ଟର ବ୍ୟବହାର କରାଯାଇଥିଲା କାରଣ ସେମାନେ ସିଧାସଳଖ ବୈଠକ ସ୍ଥଳରେ ଅବତରଣ କରିପାରିବେ, ସମୟ ସଞ୍ଚୟ କରିପାରିବେ । ଏହା ମଧ୍ୟ କୁହାଯାଇଥିଲା ଯେ ବିମାନ ପଥର ସେବା, ସାମର୍ଥ୍ୟ ଏବଂ ନିର୍ଦ୍ଦିଷ୍ଟ ଦିନରେ ପାଣିପାଗ ସ୍ଥିତି ମଧ୍ୟ ବିମାନ ଅପେକ୍ଷା ହେଲିକପ୍ଟର ଚାହିଦା ପାଇଁ ଅନ୍ୟ କାରଣ ଥିଲା । ଏହି ଉତ୍ତର ବିଶ୍ୱାସଯୋଗ୍ୟ ନୁହେଁ, କାରଣ ଉକ୍ତ କାରଣଗୁଡିକ କେତେକ ସମୟରେ ସମ୍ଭବ ହୋଇପାରେ, ଯେତେବେଳେ କି ହେଲିକପ୍ଟର 29 ଥର କାର୍ଯ୍ୟକ୍ଷମ ଏୟାରଷ୍ଟ୍ରିପ୍ ଥିବା ସ୍ଥାନକୁ ଯାତ୍ରା କରିବା ପାଇଁ ବ୍ୟବହୃତ ହୋଇଥିଲା । ଅଧିକନ୍ତୁ, ସମୟର ଅଭାବ କିମ୍ବା ଅନ୍ୟ କୌଣସି ଜରୁରୀକାଳୀନତାକୁ ଦର୍ଶାଇ କୌଣସି ରେକର୍ଡ ହୋଇଥିବା ତଥ୍ୟ ନ ଥିଲା, ଯାହା ଏହିପରି ବୈଠକରେ ଯୋଗଦେବା ପାଇଁ ହେଲିକପ୍ଟର ବ୍ୟବହାରର ଗ୍ୟାରେଣ୍ଟି ଦେଇଥିଲା ।

## 3.6.5 ଅଡିଟ୍ ପାଇଁ ସୀମା ନିର୍ଦ୍ଧାରଣ

ସିଏଜି (ଡିପିସି) ଅଧିନିୟମ, 1971ର ଧାରା 18 ଅନୁଯାୟୀ, ଭାରତର ମହାଲେଖାନିୟନ୍ତ୍ରକ ଏବଂ ମହାସମୀକ୍ଷକ, ଏହି ଅଧିନିୟମ ଅନୁଯାୟୀ ତାଙ୍କ କର୍ତ୍ତବ୍ୟ ସମ୍ପାଦନ ସଂପର୍କରେ, କେନ୍ଦ୍ର କିମ୍ବା ରାଜ୍ୟ ନିୟନ୍ତ୍ରଣରେ ଥିବା କୌଣସି ଆକାଉଣ୍ଟସ୍ କାର୍ଯ୍ୟାଳୟ, ଟ୍ରେଜେରୀ ଏବଂ ପ୍ରାରମ୍ଭିକ କିମ୍ବା ସହାୟକ ଆକାଉଣ୍ଟ ରଖିବା ପାଇଁ ଦାୟୀ ଥିବା କାର୍ଯ୍ୟାଳୟଗୁଡ଼ିକର ଯାଞ୍ଚ କରିବାର ଅଧିକାର ରହିଛି । ଏହା ଏକ ବୈଧାନିକ ଆବଶ୍ୟକତା ଯେ ଅଡିଟ୍ ପାଇଁ

[139] ଜିଏସ୍‌ଟି ଓ ମାସିକ ସ୍ଥିର ଶୁଳ୍କ ସହିତ ନୁହେଁ

ଆବଶ୍ୟକ ହୋଇଥିବା ପ୍ରାସଙ୍ଗିକ ଆକାଉଣ୍ଟ, ସୂଚନା ଏବଂ ଅନ୍ୟ ଦସ୍ତାବିଜଗୁଡିକ ସମସ୍ତ ଦୃଷ୍ଟିରୁ ଏବଂ ଯୁକ୍ତିଯୁକ୍ତ ଅଭିଯାନ ସହିତ ସଂପୂର୍ଣ୍ଣ ଭାବରେ ଉପସ୍ଥାପନ କରାଯିବା ଉଚିତ ।

ଉପରୋକ୍ତ ବୈଧାନିକ ବ୍ୟବସ୍ଥା ସତ୍ତ୍ୱେ, ଅଡିଟ୍ ସମୟରେ ଅନୁରୋଧ କରାଯାଇଥିବା ବିମାନ ଏବଂ ହେଲିକପ୍ଟର ଭଡା ଉପରେ ନିମ୍ନଲିଖିତ ରେକର୍ଡ/ସୂଚନା ଉଭୟ ସିଆଣ୍ଡ୍ଟି ଏବଂ ସଂସଦୀୟ ବ୍ୟାପାର ବିଭାଗ ଦ୍ୱାରା, ବାରମ୍ବାର ମନେ ପକାଇବା ପରେ ମଧ, ଅଡିଟ୍ ସହିତ ଅଂଶୀଦାର କରାଯାଇ ନଥିଲା:

- ହେଲିକପ୍ଟର/ ବିମାନର ବ୍ୟବହାର ପାଇଁ ବ୍ୟବହାରକାରୀ ବିଭାଗ ଦ୍ୱାରା କରାଯାଇଥିବା ଅନୁରୋଧ.
- ବିମାନ ବୈଷୟିକ ଲଗ୍‌ବୁକ୍.
- ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ବିମାନ/ ହେଲିକପ୍ଟରର ଉପଲବ୍ଧତା /ଷ୍ଟେସନିଂ ପଞ୍ଜିକରଣ
- ସଂସଦୀୟ ବ୍ୟାପାର ବିଭାଗ ବ୍ୟତୀତ ଅନ୍ୟ ବିଭାଗକୁ ପଠାଯାଇଥିବା ହେଲିକପ୍ଟର ଏବଂ ବିମାନର ବିଲ୍ ଏବଂ
- ବୟସ ନିର୍ଦ୍ଧାରଣ କରିବା ପାଇଁ ଭଡାରେ ନିଆଯାଇଥିବା ବିମାନର ବୀମା ନକଲ

ଅଡିଟ୍ ପାଇଁ ରେକର୍ଡ ଉପସ୍ଥାପନ ନ କରିବା ସିଏଜି (ଡିପିସି ) ଆଇନର ଧାରା 18 କୁ ଉଲ୍ଲଂଘନ କରିଛି । .

## ରାଜସ୍ୱ ଏବଂ ବିପର୍ଯ୍ୟୟତ ପରିଚାଳନା ବିଭାଗ

### 3.7 ଲିଜ୍ ଡିଡ୍ ଉପରେ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜୀକରଣ ଶୁଳ୍କର ସ୍ୱଳ୍ପ ଆଦାୟ

**ଲିଜ୍ ଚୁକ୍ତି ଦଲିଲ୍‌ରେ ଅମାନତ ଜମାକୁ ବିଚାରକୁ ନନେବା ଏବଂ ବାର୍ଷିକ ହାରାହାରି ଖଜଣାର ତ୍ରୁଟିପୂର୍ଣ୍ଣ ଗଣନା ଯୋଗୁଁ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜୀକରଣ ଫି ବାବଦକୁ 19.02 ଲକ୍ଷ ଟଙ୍କା କମ୍ ଆଦାୟ ହୋଇଛି ।**

ଭାରତୀୟ ଷ୍ଟାମ୍ପ୍ (ଆଇଏସ୍) (ଓଡ଼ିଶା ସଂଶୋଧନ) ଅଧିନିୟମ, 1899 ର ଧାରା 27 ଅନୁସାରେ, ଶୁଳ୍କ ସହିତ ଯେକୌଣସି ବିଲେଖର ଦେୟ ଯୋଗ୍ୟତାକୁ ପ୍ରଭାବିତ କରୁଥିବା ଜରସମନ/ ପ୍ରତିଫଳ/ ବିଚାର ମୂଲ୍ୟ (ଯଦି ଥାଏ) ଏବଂ ଅନ୍ୟାନ୍ୟ ସମସ୍ତ ତଥ୍ୟ ଏବଂ ପରିସ୍ଥିତି କିମ୍ବା ଏହାର ଦେୟଯୋଗ୍ୟ ଶୁଳ୍କର ପରିମାଣ, ଏଥିରେ (ବିଲେଖରେ) ସମ୍ପୂର୍ଣ୍ଣ ଏବଂ ସତ୍ୟ ଭାବରେ ଉଲ୍ଲେଖ କରାଯିବ । ଅଧିନିୟମର ଅନୁସୂଚୀ (ସ୍ୱାଡୁଲ୍-I-A) ରେ ଥିବା ଧାରା 35 (ଏ) (vi) ର ଅନୁସାରେ, ଯେଉଁଠାରେ ଲିଜ୍ 30 ବର୍ଷ ପାଇଁ ହେବ କିନ୍ତୁ, 100 ବର୍ଷରୁ ଅଧିକ ହୋଇନଥିବ, ସେଠାରେ ଷ୍ଟାମ୍ପ୍ ଶୁଳ୍କ (ଏସ୍‌ଡି), ଧାରା 23 ଅନୁସାରେ ଏକ ବିକ୍ରୟ ଦଲିଲ୍ ପରି ସମାନ ଦେୟତା ପାଇଁ ହେବ, ଯାହା ସଂରକ୍ଷିତ ହାରାହାରି ବାର୍ଷିକ ଖଜଣାର (ଏଏଆର୍) ପରିମାଣ କିମ୍ବା ମୂଲ୍ୟର ଚାରି ଗୁଣ ସହିତ ସମାନ ହେବ । ଏହା ବ୍ୟତୀତ ଉକ୍ତ ଅନୁଚ୍ଛେଦ 35 (ସି)ରେ ଉଲ୍ଲେଖ କରାଯାଇଛି ଯେ, ଯେଉଁଠାରେ ଲିଜ୍, ଜୋରିମାନା କିମ୍ବା ପ୍ରିମିୟମ୍ ପାଇଁ, କିମ୍ବା ସଂରକ୍ଷିତ ଭଡ଼ା ସହିତ ଅଗ୍ରୀମ ଟଙ୍କା ପାଇଁ ପ୍ରଦାନ କରାଯାଇଛି, ସେଠାରେ ଷ୍ଟାମ୍ପ୍ ଶୁଳ୍କ, ଧାରା 35 (ଏ) ଅନୁସାରେ ପରିସରଭୁକ୍ତ ହୋଇଥିବା ଶୁଳ୍କ ବ୍ୟତୀତ ଲିଜ୍‌ରେ ଉଲ୍ଲେଖ କରାଯାଇଥିବା ଜୋରିମାନା କିମ୍ବା ପ୍ରିମିୟମ୍ କିମ୍ବା ଅଗ୍ରୀମର ପରିମାଣ କିମ୍ବା ମୂଲ୍ୟ ସହିତ ସମାନ ଶୁଳ୍କ ସହିତ ଆଦାୟଯୋଗ୍ୟ ହେବ, ଅର୍ଥାତ୍ ଏଏଆର୍ ସଂରକ୍ଷିତ ପରିମାଣ କିମ୍ବା ମୂଲ୍ୟର ଏକ ଗୁଣ, ଦୁଇ ଗୁଣ, ତିନି ଗୁଣ କିମ୍ବା ଚାରି ଗୁଣ ଯଥାକ୍ରମେ 5-10 ବର୍ଷ, 10-20 ବର୍ଷ, 20-30 ବର୍ଷ ଏବଂ 30-100 ବର୍ଷ ପାଇଁ ଦେବାକୁ ଥିବା ଲିଜ୍ ପାଇଁ । ଏହା ବ୍ୟତୀତ ଇସ୍ପାତ୍ ଓ ଖଣି ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା 13 ଜାନୁୟାରୀ 2012ରେ ବିଜ୍ଞପ୍ତି ପ୍ରକାଶିତ ହୋଇଥିଲା ଯେ (i) ପ୍ରାରମ୍ଭିକ ଖର୍ଚ୍ଚ, (ii) ଅମାନତ ଜମା, (iii) ଜମି ଖଜଣା, ଏବଂ ତାହା ସହିତ (iv) ଅଚଳ ଖଜଣା ଓ ରୟାଲ୍‌ଟି ମଧରେ ଉଚ୍ଚତର ଥିବାକୁ, ଖଣି ଲିଜ୍ ଉପର ଷ୍ଟାମ୍ପ୍ ଶୁଳ୍କର ମୂଲ୍ୟାଙ୍କନ ପାଇଁ ବିଚାରକୁ ନିଆଯିବ । ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର 05 ଅଗଷ୍ଟ 2008ର ଆଦେଶ ଅନୁସାରେ ଜରସମନର ପରିମାଣ କିମ୍ବା ମୂଲ୍ୟର ପାଞ୍ଚ ପ୍ରତିଶତ ହାରରେ ଷ୍ଟାମ୍ପ୍ ଶୁଳ୍କ ଆଦାୟ କରାଯିବ । ଜରସମନ ମୂଲ୍ୟର ଦୁଇ ପ୍ରତିଶତ ହାରରେ ପଞ୍ଜିକରଣ ଶୁଳ୍କ, ନିବନ୍ଧନ ଆଇନ୍, 1908 ର ଧାରା 78 ରେ ଉଲ୍ଲେଖିତ ଉଦ୍ଦେଶ୍ୟଗୁଡ଼ିକ ପାଇଁ ଦେୟ ହେବ ।

ସାତଟି ନିବନ୍ଧନ କାର୍ଯ୍ୟାଳୟରେ[140] ପଞ୍ଜୀକୃତ (ଜାନୁଆରୀ 2016 ରୁ ମାର୍ଚ୍ଚ 2023 ମଧ୍ୟରେ) ଲିଜ୍ ଚୁକ୍ତିନାମା ଗୁଡ଼ିକୁ ଅଡିଟ୍ ନମୁନା ଯାଞ୍ଚ କରିଥିଲା (ଜୁନ୍ 2023 ରୁ ଜାନୁଆରୀ 2024 ମଧ୍ୟରେ) ଏବଂ ଏହା ଲକ୍ଷ୍ୟ କରିଥିଲା ଯେ 30 ଟି ମାମଲାରେ ବାର୍ଷିକ ହାରାହାରି ଖଜଣାର ଭୁଲ୍ ଗଣନା ଯୋଗୁଁ ଏବଂ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜିକରଣ ଶୁଳ୍କର ମୂଲ୍ୟ ନିର୍ଦ୍ଧାରଣ ସମୟରେ ଅମାନତ ଜମାକୁ ବିଚାର ନକରିବାରୁ 19.02 ଲକ୍ଷ ଟଙ୍କାର ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜିକରଣ ଶୁଳ୍କର ସ୍ୱଳ୍ପ ଆଦାୟ ହୋଇଥିଲା । ଏହି 30 ଟି ମାମଲାରୁ ପାଞ୍ଚଟି ମାମଲାରେ ଇଡ୍‌କୋ[141] ଜମି ପ୍ରିମିୟମ୍, ବାର୍ଷିକ ଖଜଣା, ସେସ୍ ଏବଂ ଅନ୍ୟାନ୍ୟ ଶୁଳ୍କ ପ୍ରଦାନ ପରେ 90 ବର୍ଷ ପାଇଁ ମେସର୍ସ ଓପିଜିସି ଲିମିଟେଡ୍ ସପକ୍ଷରେ ଲିଜ୍ ପ୍ରଦାନ କରିଥିଲା । ସେହି ଅନୁସାରେ ଭୂମି ପ୍ରିମିୟମ୍ ଏବଂ ଅନ୍ୟାନ୍ୟ ଦେୟ ଉପରେ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜିକରଣ ଶୁଳ୍କର କରବସାଣ ହେବାର ଥିଲା ଏବଂ ବାର୍ଷିକ ଖଜଣା ଓ ସେସର ଚାରି ଗୁଣ କର ବସାଣ ହେବାର ଥିଲା । କିନ୍ତୁ, ଅଡିଟ୍ ଲକ୍ଷ୍ୟ କରିଛି ଯେ ବାର୍ଷିକ ଭଡ଼ା ଏବଂ ସେସ୍‌ର ଏକକାଳୀନ ହାରରେ ଗଣନା କରାଯାଇଥିବା ଜରସମନ ମୂଲ୍ୟ ଉପରେ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜିକରଣ ଶୁଳ୍କ ଆଦାୟ କରାଯାଇଥିଲା । ଏହାର ଫଳସ୍ୱରୂପ ଏହି ପାଞ୍ଚଟି ଲିଜ୍ ମାମଲାରେ 8.82 ଲକ୍ଷ ଟଙ୍କାର ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜିକରଣ ଶୁଳ୍କ କମ୍ ଆଦାୟ ହୋଇଥିଲା (***ପରିଶିଷ୍ଟ 3.7.1***) । ଏହା ବ୍ୟତୀତ ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ 2016 ର ବ୍ୟବସ୍ଥା ଅନୁସାରେ ପଟ୍ଟା ଦାତା (ତହସିଲଦାର) ଏବଂ ପଟ୍ଟାଧାରୀଙ୍କ ମଧ୍ୟରେ ସମ୍ପାଦିତ ଲଘୁ ଖଣିଜ ଲିଜ୍ ଚୁକ୍ତିନାମାର ଅନ୍ୟ 25 ଟି ମାମଲାରେ ପଞ୍ଜୀକରଣ କର୍ତ୍ତୃପକ୍ଷ (ଆର୍‌ଏସ୍‌ଏସ୍) ସମ୍ପୃକ୍ତ ଲିଜ୍‌ଧାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅମାନତ ଜମା ଅନ୍ତର୍ଭୁକ୍ତ ନଥିବା ଦଲିଲରେ ଉଲ୍ଲେଖିତ ଜରସମନ ମୂଲ୍ୟ ଉପରେ ଆଧାର କରି ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜିକରଣ ଶୁଳ୍କର ଆଦାୟ ଉପରେ ଏହି ଦଲିଲ୍ ଗୁଡ଼ିକୁ ପଞ୍ଜୀକୃତ କରିଥିଲେ । ଅଡିଟ୍ ସମ୍ପୃକ୍ତ ତହସିଲ କାର୍ଯ୍ୟାଳୟ ଲଘୁ ଖଣିଜ ଲିଜ୍ ମାମଲାରେ ଜମା କରାଯାଇଥିବା ଅମାନତ ଜମା ବିଷୟରେ ସୂଚନା ସଂଗ୍ରହ କରିଥିଲା ଏବଂ ଏହା ଜାଣିବାକୁ ପାଇଲା ଯେ ଉପରୋକ୍ତ ଲିଜ୍ ମାମଲାରେ 1.45 କୋଟି ଟଙ୍କାର ସୁରକ୍ଷା ଜମା ଆଦାୟ କରାଯାଇଥିଲା । ତଥାପି, ପଞ୍ଜୀକରଣ କର୍ତ୍ତୃପକ୍ଷ ଦ୍ୱାରା ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜିକରଣ ଶୁଳ୍କର ମୂଲ୍ୟାଙ୍କନ ପାଇଁ ଜରସମନ ମୂଲ୍ୟର ଗଣନାରେ ଅମାନତ ଜମା ପ୍ରଦାନର ଘଟଣା ଅନ୍ତର୍ଭୁକ୍ତ ନଥିଲା । ଏହା ଫଳରେ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜିକରଣ ଶୁଳ୍କର କ୍ଷତିର ପରିମାଣ 10.20 ଲକ୍ଷ ଟଙ୍କା ହୋଇଥିଲା (***ପରିଶିଷ୍ଟ 3.7.2***)।

ଏହି ମାମଲାଟି ନିବନ୍ଧନ ମହାନିରୀକ୍ଷକଙ୍କୁ ରିପୋର୍ଟ କରାଯାଇଛି (ଜୁନ୍ 2024) ଏବଂ ଏହାର ଉତ୍ତରକୁ ପ୍ରତୀକ୍ଷା କରାଯାଇଛି (ଅକ୍ଟୋବର 2025)।

## 3.8 ପାୱାର ଅଫ୍ ଆଟର୍ଣ୍ଣି (କ୍ଷମତାପତ୍ର) ଦଲିଲ୍ ଉପରେ ଷ୍ଟାମ୍ପ ଶୁଳ୍କ ଏବଂ ପଞ୍ଜିକରଣ ଶୁଳ୍କର ସ୍ୱଳ୍ପ ଆଦାୟ

**ଭାରତୀୟ ଷ୍ଟାମ୍ପ୍ ଅଧିନିୟମ ବ୍ୟବସ୍ଥା ଅନୁଯାୟୀ ପାୱାର ଅଫ୍ ଆଟର୍ଣ୍ଣି (କ୍ଷମତାପତ୍ର) ଦଲିଲ୍ ଗୁଡ଼ିକ ଉପରେ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜୀକରଣ ଶୁଳ୍କ ଧାର୍ଯ୍ୟ ଓ ଆଦାୟ ନ କରିବା ଫଳରେ ସରକାରୀ ରାଜସ୍ୱ ବାବଦକୁ 2.37 କୋଟି ଟଙ୍କା କମ୍ ଆଦାୟ ହୋଇଛି ।**

ଭାରତୀୟ ଷ୍ଟାମ୍ପ୍ (ଆଇଏସ୍) ଅଧିନିୟମ, 1899 (ଓଡ଼ିଶା ସଂଶୋଧନ ଅଧିନିୟମ, 2014 ରେ ଯେପରି ଭାବରେ ସଂଶୋଧିତ)ର ଅନୁସୂଚୀ 1-ଏ ର ଧାରା 23 ର ସ୍ପଷ୍ଟୀକରଣ ଅନୁସାରେ, ଆଇଏସ୍ ଅଧିନିୟମର ଧାରା 48(ଏଫ୍) ଅନୁସାରେ ଏକ ପାୱାର ଅଫ୍ ଆଟର୍ଣ୍ଣି ବା କ୍ଷମତାପତ୍ର, ଯାହା କାର୍ଯ୍ୟନିର୍ବାହକଙ୍କର ସମ୍ପର୍କିତ ପରିବାର[142] ବ୍ୟତୀତ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଓଡ଼ିଶାରେ ଅବସ୍ଥିତ ସ୍ଥାବର ସମ୍ପତ୍ତି ବିକ୍ରୟ କରିବାକୁ ଅଧିକାର ପ୍ରଦାନ କରେ, ତାକୁ ଏକ ବିକ୍ରୟ କବଲା ଭାବରେ ବିଚାର କରାଯିବ । ସେହି ଅନୁସାରେ, ସମ୍ପତ୍ତିର ଦଲିଲ୍‌ରେ ଉଲ୍ଲେଖ କରାଯାଇଥିବା ଜରସମନ ପରିମାଣ ଉପରେ କିମ୍ବା ବଜାର ମୂଲ୍ୟ ଉପରେ, ଯେଉଁଟି ଅଧିକ ହେଉଥିବ, ତାହା ଉପରେ ପାଞ୍ଚ ପ୍ରତିଶତ ହାରରେ ଷ୍ଟାମ୍ପ୍ ଶୁଳ୍କ (ଏସ୍‌ଡି) ଦେୟ ହେବ । କିନ୍ତୁ, 5 ଅକ୍ଟୋବର 2021 ରୁ ଷ୍ଟାମ୍ପ୍

[140] ନଭେମ୍ବର 2020 ରେ ଗୋଟିଏ ଏବଂ ମାର୍ଚ୍ଚ 2022 ରେ ଚାରୋଟି

[141] ଡିଏସ୍‌ଆର୍ ଅନୁଗୁଳ, ଡିଏସ୍‌ଆର୍ ମୟୁରଭଞ୍ଜ, ଏସ୍‌ଆର୍ ତାଳଚେର, ଏସ୍‌ଆର୍ ସୁକିନ୍ଦା, ଏସ୍‌ଆର୍ ବାମନଘାଟି, ଡିଏସ୍‌ଆର୍ କେନ୍ଦୁଝର ଏବଂ ଏସ୍‌ଆର୍ ଲକ୍ଷନପୁର

[142] ପିତା, ମାତା, ସ୍ତ୍ରୀ, ସ୍ୱାମୀ, ପୁତ୍ର, କନ୍ୟା, ଭାଇ କିମ୍ବା ଭଉଣୀ, ବୋହୂ, ନାତି, ନାତୁଣୀ, ଜେଜେ-ବାପା ଓ ଜେଜେ ମା

ଶୁଳ୍କର ହାର ଦୁଇ ପ୍ରତିଶତକୁ ହ୍ରାସ କରାଯାଇଥିଲା । ଷ୍ଟାମ୍ପ୍ ଶୁଳ୍କ ସହିତ, ପଞ୍ଜିକରଣ ଆଇନ୍, 1908 ର ଧାରା 78 ରେ ନିର୍ଦ୍ଦିଷ୍ଟ କରାଯାଇଥିବା ଉଦ୍ଦେଶ୍ୟ ପାଇଁ ଦଲିଲ୍ ଗୁଡ଼ିକର ମୂଲ୍ୟର ଦୁଇ ପ୍ରତିଶତ ହାରରେ ପଞ୍ଜିକରଣ ଶୁଳ୍କ (ଆର୍ଏଫ୍) ମଧ୍ୟ ଦେୟ ହେବ । ଅଧିନିୟମର ଧାରା 48(ଏଚ୍) ଅନୁସାରେ, କ୍ଷମତାପତ୍ର କ୍ଷେତ୍ରରେ ପରିବାର ସଦସ୍ୟମାନଙ୍କର ସପକ୍ଷରେ 1000 ଟଙ୍କାର ଷ୍ଟାମ୍ପ୍ ଶୁଳ୍କ ଦେୟ ଥିଲା ।

10 ଟି ଜିଲ୍ଲା ଉପ-ନିବନ୍ଧକ[143] କାର୍ଯ୍ୟାଳୟଗୁଡ଼ିକରେ 52 ଟି ସମ୍ପତ୍ତିର କ୍ଷମତାପତ୍ର ଦଲିଲ୍ ଗୁଡ଼ିକୁ ଅଡିଟ୍ ନମୁନା ଯାଞ୍ଚ କରିଥିଲା (ଜାନୁଆରୀ 2023 ରୁ ମାର୍ଚ୍ଚ 2024) ଏବଂ ଏହା ଲକ୍ଷ୍ୟ କରିଥିଲା ଯେ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜିକରଣ ଶୁଳ୍କର ନାମ ମାତ୍ର ପରିମାଣରେ ଅସୁଲି/ ଆଦାୟ ପରେ 28 ଟି କ୍ଷମତାପତ୍ର ଦଲିଲ୍ (ଜାନୁଆରୀ 2015 ଠାରୁ ମାର୍ଚ୍ଚ 2025 ମଧ୍ୟରେ) ପଞ୍ଜୀକୃତ ହୋଇଥିଲା । ଆଦାୟ ହୋଇଥିବା ପ୍ରତ୍ୟେକ ମାମଲାରେ ଷ୍ଟାମ୍ପ୍ ଶୁଳ୍କର ପରିମାଣ 500 ଟଙ୍କାରୁ 2010 ଟଙ୍କା ଥିଲା ଏବଂ ପଞ୍ଜିକରଣ ଶୁଳ୍କର ଦର 250 ଟଙ୍କା ଥିଲା । ତେଣୁ, ଆଦାୟ ହୋଇଥିବା ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜିକରଣ ଶୁଳ୍କର ମୋଟ ପରିମାଣ 0.38 ଲକ୍ଷ ଟଙ୍କା ଥିଲା ।

ଅଡିଟ୍ ଏହା ଲକ୍ଷ୍ୟ କରିଥିଲା ଯେ 28 ଟି ମାମଲାର କ୍ଷମତାପତ୍ର ଧାରକମାନଙ୍କର ମଧ୍ୟରେ କେହି ହେଲେ ଆଇଏସ୍ ଅଧିନିୟମର ଧାରା 48 ଅନୁସାରେ ଦର୍ଶାଯାଇଥିବା ପରିବାରର ପରିଭାଷା ଅଧିନରେ ଆସୁନାହାଁନ୍ତି । ଏହି 28 ଟି କ୍ଷମତାପତ୍ରର ଓକିଲ୍ ଧାରକଙ୍କୁ ସ୍ଥାବର ସମ୍ପତ୍ତି ବିକ୍ରୟ କରିବାକୁ ଅଧିକାର ଦିଆଯାଇଥିଲା, ଯାହାର ମୋଟ ହିସାବ 48.195 ଏକର ଜମି ଥିଲା । ତେଣୁ, ଦଲିଲଗୁଡ଼ିକୁ ଧାରା 48(ଏଫ୍) ର ଅଧୀନରେ ଆସୁଥିବା ବିକ୍ରି କବଲା ଭାବରେ ଶ୍ରେଣୀଭୁକ୍ତ କରାଯିବାକୁ ଥିଲା, ଯାହା ଉପରେ ଷ୍ଟାମ୍ପ୍ ଶୁଳ୍କର ବିଚାରଣୀୟ ମୂଲ୍ୟ କିମ୍ବା ବଜାର ମୂଲ୍ୟର ପାଞ୍ଚ କିମ୍ବା ଦୁଇ ପ୍ରତିଶତ, ଯେଉଁଟି ଅଧିକ ଥିବ, ପ୍ରଚଳିତ ହାରରେ ଲାଗୁ କରାଯିବା ଉଚିତ୍ ଥିଲା । ସେହିପରି, ପଞ୍ଜୀକରଣ ଅଧିନିୟମର ବ୍ୟବସ୍ଥା ଅନୁସାରେ ପଞ୍ଜିକରଣ ଶୁଳ୍କ ଦୁଇ ପ୍ରତିଶତ ହାରରେ ଲାଗୁ କରାଯିବା ଉଚିତ୍ । ତଥାପି, 10 ଟି ନିବନ୍ଧନ କାର୍ଯ୍ୟାଳୟ ଦ୍ୱାରା ଲାଗୁ କରାଯାଇଥିବା ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜିକରଣ ଶୁଳ୍କର ମୂଲ୍ୟ ହାର ଧାରା 48(ଏଫ୍) କିମ୍ବା 48 (ଏଚ୍) ଅନୁସାରେ ନଥିଲା । ଆହୁରି ମଧ୍ୟ, କେଉଁ ଆଧାରରେ ଏହିପରି ହାରରେ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜିକରଣ ଶୁଳ୍କ ଲାଗୁ କରାଯାଇଥିଲା ତାହା ରେକର୍ଡରେ ନଥିଲା । ତେଣୁ, ଏହିପରି କରିବା ମନମୁଖୀ ଥିଲା ।

ଅଡିଟ୍ ଆହୁରି ମଧ୍ୟ ଲକ୍ଷ୍ୟ କରିଛି ଯେ, ଏହି 52ଟି ସମ୍ପତ୍ତିର ବେଞ୍ଚମାର୍କ ମୂଲ୍ୟ[144] 35.75 କୋଟି ଟଙ୍କା ଥିଲା ଯାହା ଉପରେ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜିକରଣ ଶୁଳ୍କର ସ୍ଥାବର ପରିମାଣ 2.37 କୋଟି ଟଙ୍କା ବୋଲି ହିସାବ କରାଯାଇଥିଲା, ଯେଉଁଥିପାଇଁ ସଂପୃକ୍ତ ନିବନ୍ଧନ କର୍ତ୍ତୃପକ୍ଷ କେବଳ 0.38 ଲକ୍ଷ ଆଦାୟ କରିଥିଲେ । ଏହାର ଫଳସ୍ୱରୂପ, ସରକାରଙ୍କର 2.37 କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଥିଲା (***ପରିଶିଷ୍ଟ 3.8.1***) ।

ଏହି ବିଷୟଟିକୁ ସରକାରଙ୍କୁ ଅବଗତ କରାଯାଇଛି (ନଭେମ୍ବର 2024); ଉତ୍ତରକୁ ଅପେକ୍ଷା କରାଯାଇଛି (ଅକ୍ଟୋବର 2025) ।

## 3.9 ସରକାରୀ ରାଜସ୍ୱର ସ୍ୱଳ୍ପ ଆଦାୟର ପରିମାଣ 1.93 କୋଟି ଟଙ୍କା

**ସ୍ଥାବର ସମ୍ପତ୍ତିକୁ ବାଣିଜ୍ୟିକ ବ୍ୟବହାର ପାଇଁ ଭଡ଼ାରେ ଦେବା କିମ୍ବା ସବ୍-ଲିଜ୍ ଦେବା ପାଇଁ ସମ୍ପାଦିତ ଲିଜ୍ ଚୁକ୍ତିନାମା ଉପରେ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜିକରଣ ଶୁଳ୍କର ସ୍ୱଳ୍ପାଦାୟ ଯୋଗୁଁ 1.93 କୋଟି ଟଙ୍କାର ରାଜସ୍ୱ କ୍ଷତି ।**

ଭାରତୀୟ ଷ୍ଟାମ୍ପ ଅଧିନିୟମ (ଆଇଏସ୍), 1899, ଓଡ଼ିଶା ସଂଶୋଧନ (ଓଏ)ର ଧାରା 35 ର ସ୍ପଷ୍ଟୀକରଣ ଅନୁସାରେ, ଯେତେବେଳେ ଜଣେ ଲିଜ୍‌ଧାରୀ, ସରକାରୀ ରାଜସ୍ୱ, ଜମିଦାରଙ୍କର ସେସ୍ କିମ୍ବା ପୌରପାଳିକା ଖଜଣା କିମ୍ବା କରରେ ମାଲିକଙ୍କର ଅଂଶ ପରି କୌଣସି ପୁନରାବୃତ୍ତି ଶୁଳ୍କ ଦେବାକୁ ଶପଥ ନିଅନ୍ତି, ଯାହା ଆଇନ୍

143 ଜିଲ୍ଲା ଉପ-ନିବନ୍ଧକ କାର୍ଯ୍ୟାଳୟଗୁଡ଼ିକ: ଝାରସୁଗୁଡ଼ା ଓ କେନ୍ଦୁଝର; ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟଗୁଡ଼ିକ: ନନ୍ଦପୁର, ଖଣ୍ଡଗିରି, ବ୍ରହ୍ମପୁର-I, ବ୍ରହ୍ମପୁର-II, ବାମନଘାଟି, ବଡ଼ବିଲ, ସତ୍ୟବାଦି ଏବଂ ତୋଲିପୁର

144 ମୂଲ୍ୟାଙ୍କନ କମିଟି ଦ୍ୱାରା ସ୍ଥିର/ ସଂଶୋଧିତ ଏକ ବ୍ୟକ୍ତିଗତ ସ୍ଥାବର ସମ୍ପତ୍ତିର ମୂଲ୍ୟକୁ ଏହାର 'ବେଞ୍ଚମାର୍କ ମୂଲ୍ୟ' କୁହାଯାଏ । ବେଞ୍ଚମାର୍କ ମୂଲ୍ୟ ବଜାର ମୂଲ୍ୟ ଉପରେ ଆଧାରିତ ଏବଂ ତେଣୁ ବଜାର ମୂଲ୍ୟକୁ ପ୍ରତିନିଧିତ୍ୱ କରେ ।

ଅନୁସାରେ ଲିଜ ଦାତାଙ୍କର ଠାରୁ ଆଦାୟଯୋଗ୍ୟ, ଲିଜ୍‌ଧାରୀଙ୍କର ଦ୍ୱାରା ପ୍ରଦାନ କରିବାକୁ ରାଜି ହୋଇଥିବା ପରିମାଣକୁ ଭଡ଼ାର ଅଂଶ ଭାବରେ ବିବେଚନା କରାଯିବ । ଆହୁରି ମଧ୍ୟ, ଅଧିନିୟମର ଧାରା 35(ଏ) ର (iii) ରୁ (vi) ଅନୁସାରେ, ଯେତେବେଳେ ଲିଜ୍ 5 ରୁ 100 ବର୍ଷ ପର୍ଯ୍ୟନ୍ତ ଅବଧି ପାଇଁ ହୋଇଥାଏ, ସେତେବେଳେ ଷ୍ଟାମ୍ପ ଶୁଳ୍କ (ଏସ୍‌ଡି) ସଂରକ୍ଷିତ ହାରାହାରି ବାର୍ଷିକ ଖଜଣା(ଏଏଆର୍)ର ଏକ ରୁ ଚାରି[145] ଗୁଣ ଉପରେ ଲାଗୁ କରାଯିବ । ଏହା ବ୍ୟତୀତ, ଯେଉଁଠାରେ ଲିଜ୍ ଜୋରିମାନା କିମ୍ବା ପ୍ରିମିୟମ୍, କିମ୍ବା ଖଜଣା ସହିତ ଅଗ୍ରୀମ ଟଙ୍କା ପାଇଁ ପ୍ରଦାନ କରାଯାଏ, ସେଠାରେ ଆଇଏସ୍ ଅଧିନିୟମର ଧାରା 35 (ସି) ଅନୁସାରେ ଷ୍ଟାମ୍ପ୍ ଶୁଳ୍କ ସେହି ହାରରେ ଆଦାୟ କରାଯିବ । ଯାହା ଏହିପରି ଜୋରିମାନା କିମ୍ବା ପ୍ରିମିୟମ, କିମ୍ବା ଲିଜରେ ଉଲ୍ଲେଖିତ ଅଗ୍ରୀମ ମୂଲ୍ୟ ସହିତ ବିଚାରଣୀୟ ସମାନ ପରିମାଣର ପରିବର୍ତ୍ତନ ପାଇଁ ଉକ୍ତ ବାକ୍ୟାଂଶ (କ୍ଲଜ୍)(ଏ) ଅନୁସାରେ ଆଦାୟ କରାଯାଇଥିବା ଏସଡି ସହିତ ସମାନ । ଅଧିନିୟମ (ଆଇନ) ର ଅନୁସୂଚୀ (ସିଡ୍ୟୁଲ) (ଆଇଏ) ର ଧାରା 23 ଅନୁସାରେ, ବିଚାରଣୀୟ ପରିମାଣର କିମ୍ବା ମୂଲ୍ୟର ପାଞ୍ଚ ପ୍ରତିଶତ ହାରରେ ଷ୍ଟାମ୍ପ୍ ଶୁଳ୍କ ଆଦାୟ କରାଯିବ । ରାଜସ୍ୱ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଜ୍ଞପ୍ତି (ଜାନୁଆରୀ 2001) ଅନୁସାରେ ଦଲିଲ୍ ଗୁଡିକର ଜରସମନ ମୂଲ୍ୟର ଦୁଇ ପ୍ରତିଶତ ହାରରେ ପଞ୍ଜିକରଣ ଶୁଳ୍କ (ଆରଏଫ) ଲାଗୁ କରିବାକୁ ପଡିବ ।

14ଟି ଜିଲ୍ଲା ଉପ-ନିବନ୍ଧକ (ଡିଏସ୍‌ଆର୍) ଏବଂ ଉପ-ନିବନ୍ଧକ (ଏସ୍‌ଆର) କାର୍ଯ୍ୟାଳୟର[146] ଅଡିଟ୍ ପକ୍ଷରୁ (ମେଇ 2023 ରୁ ମାର୍ଚ୍ଚ 2024 ମଧ୍ୟରେ) ଲିଜ୍ ଦଲିଲର ନମୁନା ଯାଞ୍ଚ କରାଯାଇଥିଲା ଏବଂ ଲକ୍ଷ୍ୟ କରିଥିଲା ଯେ 64ଟି ମାମଲାରେ, 7 ରୁ 41 ବର୍ଷ ପର୍ଯ୍ୟନ୍ତ ବାଣିଜ୍ୟିକ ଉଦ୍ଦେଶ୍ୟରେ ସଂପତ୍ତିକୁ ଭଡା କିମ୍ବା ସବ୍-ଲିଜ୍ ଦେବା ପାଇଁ ଲିଜ୍ ଚୁକ୍ତିନାମା ପଞ୍ଜୀକୃତ ହୋଇଥିଲା (ଡିସେମ୍ବର 2018 ରୁ ମାର୍ଚ୍ଚ 2023 ମଧ୍ୟରେ) । ଚୁକ୍ତିନାମା ଅନୁସାରେ, ଲିଜ୍‌ଧାରୀମାନଙ୍କୁ 5 ରୁ 20 ପ୍ରତିଶତ ବାର୍ଷିକ ବୃଦ୍ଧି (ଗୋଟିଏ ମାମଲା ବ୍ୟତୀତ, ଯେଉଁଠାରେ ଭଡାର ବାର୍ଷିକ ବୃଦ୍ଧି 94 ପ୍ରତିଶତ ଥିଲା) ସହିତ ମାସିକ ଭଡା ଦେବାକୁ ପଡିବ ଏବଂ ଏହା ସହିତ ନିର୍ଦ୍ଧାରିତ ହାରରେ ଭଡା ଓ ଅମାନତ ଜମା ଉପରେ ସାମଗ୍ରୀ ଏବଂ ସେବାକର[୧୪୭] (ଜିଏସ୍‌ଟି) ମଧ୍ୟ ଦେବାକୁ ପଡିବ ।

ତେଣୁ ଭାରତୀୟ ଷ୍ଟାମ୍ପ ଅଧିନିୟମ (ଆଇଏସ) ର ବ୍ୟବସ୍ଥା ଅନୁସାରେ, ହାରାହାରି ବାର୍ଷିକ ଖଜଣାକୁ (ଏଏଆର୍) (ଜିଏସ୍‌ଟି ସହିତ) ଭଡା ଏବଂ ଲିଜ୍‌ର ଅବଧିକୁ ବିଚାର କରି ଗଣନା କରିବାକୁ ପଡିବ । ତେଣୁ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜିକରଣ ଶୁଳ୍କ ଆଦାୟ କରିବା ଉଦ୍ଦେଶ୍ୟରେ, ହାରାହାରି ବାର୍ଷିକ ଭଡା (ଏଏଆର୍) ଏବଂ ଅମାନତା ଜମା ଯୋଗ ହୋଇ ମୋଟ ବିଚାର ହେବା ଉଚିତ ହେବ ।

ଅଡିଟ୍ ଲକ୍ଷ୍ୟ କରିଥିଲା ଯେ ନମୁନାଭୁକ୍ତ ଜିଲ୍ଲା ଉପ-ନିବନ୍ଧକ ଏବଂ ଉପ-ନିବନ୍ଧକ ଗୁଡିକ 4.98 କୋଟି ଟଙ୍କାର ଜିଏସ୍‌ଟି ବିଚାର କରିନଥିଲେ ଏବଂ ଷ୍ଟାମ୍ପ୍ ଶୁଳ୍କ ଓ ପଞ୍ଜିକରଣ ଶୁଳ୍କର ପରିମାଣ ନିର୍ଣ୍ଣୟ କରି ମୋଟ ବିଚାରରେ ପହଞ୍ଚିବା ପାଇଁ 21.10 କୋଟି ଟଙ୍କାର ଅମାନତ ଜମାକୁ ମଧ୍ୟ ଅଣଦେଖା କରିଥିଲେ ।

ଅଡିଟ୍ ଦ୍ୱାରା ନମୁନା ଯାଞ୍ଚ କରାଯାଇଥିବା 64 ଟି ମାମଲାରେ ମୋଟ ବିଚାରକୁ 144.77 କୋଟି ଟଙ୍କା ଭାବରେ ଗଣନା କରିଥିଲା । ଯାହା ଉପରେ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜିକରଣ ଶୁଳ୍କ ଦେୟ ଯଥାକ୍ରମେ 7.22 କୋଟି ଟଙ୍କା ଏବଂ 2.90 କୋଟି ଟଙ୍କା ଥିଲା । ଏହା ବିରୁଦ୍ଧରେ, ଲାଗୁ ଏବଂ ଆଦାୟ କରାଯାଇଥିବା ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜିକରଣ ଶୁଳ୍କ ଯଥାକ୍ରମେ 5.80 କୋଟି ଟଙ୍କା ଏବଂ 2.39 କୋଟି ଟଙ୍କା ଥିଲା, ଯାହା ଫଳରେ ସରକାରୀ ରାଜସ୍ୱ 1.93 କୋଟି ଟଙ୍କା କମ୍/ସ୍ୱଳ୍ପ ଲାଗୁ ହୋଇଥିଲା ।

ତେଣୁ, ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜିକରଣ ଶୁଳ୍କର ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ ଯୋଗୁଁ ଡିସେମ୍ବର 2018 ରୁ ମାର୍ଚ୍ଚ 2023 ପର୍ଯ୍ୟନ୍ତ 14ଟି ଜିଲ୍ଲା ଉପ-ନିବନ୍ଧକ ଏବଂ ଉପ-ନିବନ୍ଧକଙ୍କ କାର୍ଯ୍ୟାଳୟରେ 1.93 କୋଟି ଟଙ୍କାର ସରକାରୀ ରାଜସ୍ୱ, ସ୍ୱଳ୍ପ ଆଦାୟ ହୋଇଥିଲା ।

---

[145] ପାଞ୍ଚରୁ 10 ବର୍ଷ ପାଇଁ ଲିଜ୍ ଅବଧି ଥରେ, 10 ରୁ 20 ବର୍ଷ ଦୁଇଥର, 20 ରୁ 30 ବର୍ଷ ତିନିଥର ଏବଂ 30 ରୁ 100 ଭର୍ଷ ଚାରିଥର

[146] ଡିଏସ୍‌ଆର୍‌ଗୁଡ଼ିକ: ଅନୁଗୁଳ, ଝାରସୁଗୁଡ଼ା, ଯାଜପୁର, ଖୋର୍ଦ୍ଧା ,କେନ୍ଦୁଝର, ମୟୁରଭଞ୍ଜ ଏବଂ ସମ୍ବଲପୁର
ଏସ୍‌ଆଗଗୁଡ଼ିକ: ବଡ଼ବିଲ, ବାଲିଅନ୍ତା, ବ୍ରହ୍ମପୁର-1, ଖଣ୍ଡଗିରି, ନନ୍ଦପୁର, ସୁକିନ୍ଦା ଏବଂ ତାଳଚେର

[147] ବାଣିଜ୍ୟିକ ଉଦ୍ଦେଶ୍ୟରେ ଭଡ଼ା ନିଆଯାଇଥିବା ସମ୍ପତ୍ତିର ଭଡ଼ା ସହିତ ଲିଜଧାରୀ 18 ପ୍ରତିଶତ ହାରରେ ଜିଏସ୍‌ଟି ଦେୟ କରିବେ

ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି, ଅନୁଗୁଳ, ଝାରସୁଗୁଡା, ଯାଜପୁର, ଖୋର୍ଦ୍ଧା, କେନ୍ଦୁଝର, ମୟୂରଭଞ୍ଜ ଏବଂ ସମ୍ବଲପୁରର ଜିଲ୍ଲା ଉପନିବନ୍ଧକମାନେ ଏବଂ ବଡବିଲ, ବାଲିଅନ୍ତା, ବ୍ରହ୍ମପୁର-1, ଖଣ୍ଡଗିରି, ନନ୍ଦପୁର, ସୁକିନ୍ଦା ଏବଂ ତାଳଚେରର ଉପନିବନ୍ଧକମାନେ କହିଛନ୍ତି (ମଇ 2023 ରୁ ଫେବୃଆରୀ 2024) ଯେ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜିକରଣ ଶୁଳ୍କର କ୍ଷତିପୂରଣ ପାଇଁ ସଂପୃକ୍ତ ପକ୍ଷମାନଙ୍କୁ ଡିମାଣ୍ଡ ନୋଟିସ ଜାରି କରାଯିବ ବୋଲି କହିଛନ୍ତି ।

ଏହି ବିଷୟଟି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ (ନଭେମ୍ବର 2024) ଅବଗତ କରାଯାଇଛି । ଉତ୍ତରକୁ ଅପେକ୍ଷା କରାଯାଇଛି (ଅକ୍ଟୋବର 2025) ।

## 3.10 ବିକ୍ରୟ ଚୁକ୍ତିନାମା ଉପରେ ଷ୍ଟାମ୍ପ ଶୁଳ୍କ ଏବଂ ପଞ୍ଜୀକରଣ ଶୁଳ୍କର କମ୍ ଆଦାୟ ଯୋଗୁଁ ରାଜସ୍ୱ କ୍ଷତି

**'ବିକ୍ରୟ ପାଇଁ ଚୁକ୍ତିନାମା' ଦଲିଲ୍ ଗୁଡ଼ିକ ଉପରେ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜୀକରଣ ଫି ନିର୍ଦ୍ଧାରଣ କରିବା ସମୟରେ ପଞ୍ଜୀକରଣ କର୍ତ୍ତୃପକ୍ଷ ଭାରତୀୟ ଷ୍ଟାମ୍ପ୍ ଅଧିନିୟମର ବ୍ୟବସ୍ଥାକୁ ଲାଗୁ କରିବାରେ ତ୍ରୁଟି କରିଥିଲେ । ଫଳସ୍ୱରୂପ, ସରକାରୀ ରାଜସ୍ୱ ବାବଦକୁ 1.03 କୋଟି ଟଙ୍କା କମ୍ ଆଦାୟ ହୋଇଥିଲା**

ଭାରତୀୟ ଷ୍ଟାମ୍ପ (ଆଇଏସ୍) ଅଧିନିୟମ, 1899 ର ଧାରା 23 ର ବ୍ୟବସ୍ଥା ଅନୁସାରେ, ଯେକୌଣସି ସ୍ଥାବର ସମ୍ପତ୍ତିର ବିକ୍ରି ଅଧିକାର ପ୍ରଦାନ ସହିତ ଜଡ଼ିତ 'ବିକ୍ରୟ ପାଇଁ ଚୁକ୍ତିନାମା'ରେ ସମ୍ପତ୍ତିକୁ ଏକ ବିକ୍ରୟ ଦଲିଲ ଭାବରେ ବିଚାର କରାଯିବ ଏବଂ ସେହି ଅନୁସାରେ ସମ୍ପତ୍ତିର ବଜାର ମୂଲ୍ୟ ଆଧାରରେ ଷ୍ଟାମ୍ପ ଶୁଳ୍କ (ଏସ୍‌ଡି) ଉପକରଣ ଉପରେ ଦେୟ ହେବ, କିନ୍ତୁ ଏହି ଚୁକ୍ତିନାମା ଅନୁସାରେ ବିକ୍ରୟ ପାଇଁ ଚୁକ୍ତିନାମାରେ ପୂର୍ବରୁ ପ୍ରଦାନ କରାଯାଇଥିବା ଷ୍ଟାମ୍ପ ଶୁଳ୍କ, ସେହି ବ୍ୟକ୍ତି ଦ୍ୱାରା ବିକ୍ରୟ ଦଲିଲ୍ କାର୍ଯ୍ୟକାରୀ କରିବା ସମୟରେ, ଜରସମନ ଉପରେ ଲାଗୁ ହେଉଥିବା ମୋଟ ଶୁଳ୍କ ପରିମାଣ ସହିତ ସମାୟୋଜିତ ହେବ । ଆହୁରି ମଧ୍ୟ, ଉପରୋକ୍ତ ଧାରାର ଦଫା (ବି) ଅନୁସାରେ ଏପରି ଜରସମନ ପାଇଁ ବିଚାରଣୀୟ ପରିମାଣ କିମ୍ବା ମୂଲ୍ୟର ପାଞ୍ଚ ପ୍ରତିଶତ ହେଉଥିବ, ଯାହାକି ପରବର୍ତ୍ତୀ ସମୟରେ 05 ଅକ୍ଟୋବର 2021 ଠାରୁ ଦୁଇ ପ୍ରତିଶତକୁ ସଂଶୋଧିତ କରାଯାଇଥିଲା । ଏହା ବ୍ୟତୀତ, ସମ୍ପତ୍ତିର ବିଚାର ମୂଲ୍ୟ କିମ୍ବା ବଜାର ମୂଲ୍ୟ ଉପରେ, ଯେଉଁଟି ଅଧିକ ହେଉଥିଲା, ତାହା ଉପରେ ଦୁଇ ପ୍ରତିଶତ ହାରରେ ପଞ୍ଜିକରଣ ଶୁଳ୍କ (ଆର୍‌ଏଫ୍) ଦେବାକୁ ପଡୁଥିଲା । ପ୍ରଚଳିତ ବଜାର ମୂଲ୍ୟ ଉପରେ ଆଧାର କରି ରାଜସ୍ୱ ଓ ପରିଚାଳନା ବିଭାଗ ବେଞ୍ଚମାର୍କ ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ ଦାୟୀ ଥିଲା ।

ତିନୋଟି ନିବନ୍ଧନ କାର୍ଯ୍ୟାଳୟରେ[148] ବିକ୍ରୟ ପାଇଁ ଚୁକ୍ତିନାମା ସମ୍ବନ୍ଧୀୟ ଦଲିଲଗୁଡ଼ିକର ଅଡିଟ୍ ପରୀକ୍ଷା ଯାଞ୍ଚ (ମଇ 2023 ରୁ ଜାନୁଆରୀ 2024) କରିଥିଲା ଏବଂ ଲକ୍ଷ୍ୟ କରିଥିଲା ଯେ ପାଞ୍ଚଟି ମାମଲାର ବିକ୍ରୟ ଚୁକ୍ତିନାମାରେ (ଅକ୍ଟୋବର 2019 ରୁ ନଭେମ୍ବର 2022 ମଧ୍ୟରେ ପଞ୍ଜୀକୃତ), ଜମି ମାଲିକମାନେ କ୍ରେତାଙ୍କୁ ସମ୍ପତ୍ତିର ଭୌତିକ ଅଧିକାର ହସ୍ତାନ୍ତର କରିଥିଲେ । ତେଣୁ ଆଇଏସ୍ ଅଧିନିୟମର ଧାରା 23 ର ବ୍ୟବସ୍ଥା ଅନୁସାରେ, ଚିକ୍ତିନାମାଗୁଡ଼ିକୁ ବିକ୍ରୟ କବଲା ଭାବରେ ବିବେଚନା କରିବାକୁ ଥିଲା ଏବଂ କବଲାରେ ଉଲ୍ଲେଖିତ ଜରସମନ କିମ୍ବା ସମ୍ପତ୍ତିର ବଜାର ମୂଲ୍ୟ ଉପରେ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜିକରଣ ଶୁଳ୍କର ଆଦାୟ ମୂଲ୍ୟ ମଧ୍ୟରେ ଯାହା ଅଧିକ ହେଉଥିବ, ସେହି ମୂଲ୍ୟ ଆଦାୟ କରାଯିବାକୁ ଥିଲା । ଅଡିଟ୍ ଲକ୍ଷ୍ୟ କରିଥିଲା ଯେ ପାଞ୍ଚଟି ମାମଲାରେ ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜୀକରଣ ଶୁଳ୍କର ମୂଲ୍ୟାୟନ ତ୍ରୁଟିପୂର୍ଣ୍ଣ ଥିଲା, ଯାହାଫଳରେ 1.03 କୋଟି ଟଙ୍କାର ଷ୍ଟାମ୍ପ୍ ଶୁଳ୍କ ଏବଂ ପଞ୍ଜିକରଣ ଶୁଳ୍କରର ପରିମାଣ କମ୍ ପ୍ରାପ୍ତ ହୋଇଥିଲା, ଯାହାକି ***ପରିଶିଷ୍ଟ 3.10.1*** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

ଏହି ପରିପ୍ରେକ୍ଷୀରେ, ଅଡିଟ୍ ନିମ୍ନଲିଖିତ ବିଷୟ ଗୁଡ଼ିକୁ ଲକ୍ଷ୍ୟ କରିଛି:

- ଷ୍ଟାମ୍ପ୍ ଶୁଳ୍କ ଲାଗୁ କରିବା ସମ୍ପର୍କରେ, କେବଳ ଗୋଟିଏ କ୍ଷେତ୍ରରେ (***ପରିଶିଷ୍ଟ 3.10.1*** ର କ୍ରମିକ ସଂଖ୍ୟା 2), ବଜାର ମୂଲ୍ୟ ଉପରେ ପ୍ରଚଳିତ ଦୁଇ ପ୍ରତିଶତ ହାରରେ ଷ୍ଟାମ୍ପ୍ ଶୁଳ୍କ ସଠିକ୍ ଭାବରେ ଲାଗୁ କରାଯାଇଥିଲା, ଯାହା ବିଚାର ମୂଲ୍ୟଠାରୁ ଅଧିକ ଥିଲା । ଅନ୍ୟ ଏକ କ୍ଷେତ୍ରରେ (କ୍ରମିକ ସଂଖ୍ୟା 3), କ୍ରେତାଙ୍କର ଦ୍ୱାରା ପ୍ରଦାନ କରାଯାଇଥିବା ଅଗ୍ରିମ ପରିମାଣ ଉପରେ ଦୁଇ ପ୍ରତିଶତ ହାରରେ ଷ୍ଟାମ୍ପ୍ ଶୁଳ୍କ

[148] ଡିଏସ୍‌ଆର୍ ଖୋର୍ଦ୍ଧା, ଡିଏସ୍‌ଆର୍, ଝାରସୁଗୁଡ଼ା ଏବଂ ଏସ୍‌ଆର୍ ବ୍ରହ୍ମପୁର-II

ଲାଗୁ କରାଯାଇଥିଲା । ଅନ୍ୟ ଦୁଇଟି କ୍ଷେତ୍ରରେ (କ୍ରମିକ ସଂଖ୍ୟା 1 ଏବଂ 4), ନାମମାତ୍ର ପରିମାଣର ଷ୍ଟାମ୍ପ୍ ଶୁଳ୍କ (ଯଥାକ୍ରମେ 35 ଟଙ୍କା ଏବଂ 100 ଟଙ୍କା) ଲାଗୁ କରାଯାଇଥିଲା, ଯାହାର କୌଣସି ଯଥାର୍ଥତା ନଥିଲା । ବାକି କ୍ଷେତ୍ରରେ (କ୍ରମିକ ସଂଖ୍ୟା 5), ବଜାର ମୂଲ୍ୟ 6.08 କୋଟି ଟଙ୍କା ଅଧିକ ହେବା ସତ୍ତ୍ୱେ ଜରସମନ ମୂଲ୍ୟ (3.22 କୋଟି ଟଙ୍କା) ଉପରେ ପ୍ରଚଳିତ ଦୁଇ ପ୍ରତିଶତ ହାରରେ ଷ୍ଟାମ୍ପ୍ ଶୁଳ୍କ ଲାଗୁ କରାଯାଇଥିଲା । ଫଳସ୍ୱରୂପ, 68.71 ଲକ୍ଷ ଟଙ୍କାର ଷ୍ଟାମ୍ପ୍ ଶୁଳ୍କ କମ୍ ଆଦାୟ ହୋଇଥିଲା ।

- ପଞ୍ଜୀକରଣ ଶୁଳ୍କ ଲାଗୁ କରାଯିବା ସମୟରେ, କ୍ରେତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନିର୍ଦ୍ଧାରିତ ହାରରେ ଦୁଇ ପ୍ରତିଶତ ପଞ୍ଜୀକରଣ ଶୁଳ୍କ, ଚାରୋଟି କ୍ଷେତ୍ରରେ ***(ପରିଶିଷ୍ଟ 3.10.1*** ର କ୍ରମିକ ସଂଖ୍ୟା 1 ରୁ 4) ଲାଗୁ କରାଯାଇଥିଲା, ଯାହାକି ଜରସମନ କିମ୍ବା ବଜାର ମୂଲ୍ୟ, ଯାହା ଅଧିକ ଥିଲା ତାହା ବଦଳରେ କରାଯାଇଥିଲା, ବାକି ଗୋଟିଏ ମାମଲାରେ (କ୍ରମିକ ସଂଖ୍ୟା 5) ବଜାର ମୂଲ୍ୟ (6.08 କୋଟି ଟଙ୍କା) ଅଧିକ ହେବା ସତ୍ତ୍ୱେ ଜରସମନ ମୂଲ୍ୟ (3.22 କୋଟି ଟଙ୍କା ) ଉପରେ ସମାନ (ପଞ୍ଜୀକରଣ ଶୁଳ୍କ) ହାର ଲାଗୁ କରାଯାଇଥିଲା । ଫଳସ୍ୱରୂପ, 33.81 ଲକ୍ଷ ଟଙ୍କାର ପଞ୍ଜୀକରଣ ଶୁଳ୍କ ପରିମାଣର କମ୍ ଆଦାୟ ହୋଇଥିଲା ।

ଉପରୋକ୍ତ ତଥ୍ୟରୁ ଏହା ସ୍ପଷ୍ଟ ପ୍ରମାଣିତ ହୁଏ ଯେ ନିବନ୍ଧନ କର୍ତ୍ତୃପକ୍ଷ ଆଇଏସ୍ ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ ପ୍ରୟୋଗ କରିବାରେ ଘୋର ତ୍ରୁଟି କରିଥିଲେ । କେଉଁଠି ଷ୍ଟାମ୍ପ୍ ଶୁଳ୍କ ଭୁଲ୍ ଭାବରେ ପ୍ରୟୋଗ କରାଯାଇଥିଲା କିମ୍ବା କେଉଁଠି ଷ୍ଟାମ୍ପ୍ ଶୁଳ୍କ/ ପଞ୍ଜୀକରଣ ଶୁଳ୍କ ଉଦ୍ଦେଶ୍ୟରେ ଜରସମନ ମୂଲ୍ୟକୁ ଭୁଲ୍ ଭାବରେ ଗ୍ରହଣ କରାଯାଇଥିଲା । ଏପରି ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁଁ, ଷ୍ଟାମ୍ପ୍ ଶୁଳ୍କ ବାବଦରେ (68.71 ଲକ୍ଷ ଟଙ୍କା) ଏବଂ ପଞ୍ଜୀକରଣ ଶୁଳ୍କ ବାବଦରେ (33.81 ଲକ୍ଷ ଟଙ୍କା) ଏହିପରି ଭାବରେ 1.03 କୋଟି ଟଙ୍କାର ସରକାରୀ ରାଜସ୍ୱର କମ୍ ଆଦାୟ ହୋଇଥିଲା ।

ଖୋର୍ଦ୍ଧା, ଝାରସୁଗୁଡ଼ା ଜିଲ୍ଲାର ଜିଲ୍ଲା ଉପ-ନିବନ୍ଧକ ଏବଂ ବ୍ରହ୍ମପୁର-II ର ଉପ-ନିବନ୍ଧକମାନେ ଅଡିଟ୍ ପର୍ଯ୍ୟବେକ୍ଷଣ ଗ୍ରହଣ କରିବା ସମୟରେ କହିଥିଲେ (ମେ 2023 ରୁ ଜାନୁଆରୀ 2024) ଯେ, ସରକାରୀ ରାଜସ୍ୱ ଆଦାୟ ପାଇଁ ସମ୍ପୃକ୍ତ ପକ୍ଷମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯିବ ।

ଏହି ମାମଲାଟିକୁ (ମଇ 2024) ନିବନ୍ଧକ ମହାନିରୀକ୍ଷକଙ୍କୁ ଅବଗତ କରାଯାଇଛି । ଉତ୍ତରକୁ ଅପେକ୍ଷା କରାଯାଇଛି (ଅକ୍ଟୋବର 2025) ।

## 3.11 ବର୍ଦ୍ଧିତ ଉତ୍ପାଦନ ପରିମାଣ ଉପରେ ପାର୍ଥକ୍ୟ ଷ୍ଟାମ୍ପ ଶୁଳ୍କ ଏବଂ ପଞ୍ଜୀକରଣ ଶୁଳ୍କର ଅଣ/ସ୍ୱଳ୍ପ ଆଦାୟ

**ଖଣିର ଉତ୍ପାଦନ ସ୍ତର ବୃଦ୍ଧି ସତ୍ତ୍ୱେ, ବର୍ଦ୍ଧିତ ଉତ୍ପାଦନ ସ୍ତର ଉପରେ ପାର୍ଥକ୍ୟ ଷ୍ଟାମ୍ପ ଶୁଳ୍କ ଏବଂ ନିବନ୍ଧନ ଶୁଳ୍କ ଲାଗୁ ଏବଂ ଆଦାୟ କରାଯାଇନଥିଲା, ଯାହାଫଳରେ 148.46 କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇନଥିଲା ।**

ଭାରତୀୟ ଷ୍ଟାମ୍ପ ଅଧିନିୟମ (ଓଡ଼ିଶା ସଂଶୋଧନ), 1899 ର ଅନୁସୂଚୀ (ସୀଡ୍ୟୁଲ୍ I- ଏ ର ଧାରା[149] 35(ଏ) ଅନୁସାରେ ଗୋଟିଏ ଲିଜ୍‌ରେ, ଯଦି ଭଡ଼ା ସ୍ଥିର ହୋଇଥାଏ ଏବଂ କୌଣସି ପ୍ରିମିୟମ ପ୍ରଦାନ କିମ୍ବା ବିତରଣ କରାଯାଇନଥାଏ ଏବଂ ଲିଜ୍ ପାଞ୍ଚ ବର୍ଷରୁ ଅଧିକ ସମୟ ପାଇଁ କିମ୍ବା କୌଣସି ଅନିର୍ଦ୍ଦିଷ୍ଟ ଅବଧି ପାଇଁ ଦିଆଯାଇଥାଏ, ତେବେ ଷ୍ଟାମ୍ପ ଶୁଳ୍କ (ଏସ୍‌ଡି), ଏହି ଧାରାର ଉପ-ଅନୁଚ୍ଛେଦ (iii) ରୁ (viii) ରେ ନିର୍ଦ୍ଦିଷ୍ଟ ଭାବରେ ସଂରକ୍ଷିତ ହାରାହାରି ବାର୍ଷିକ ଭଡ଼ା (ଏଏଆର୍) ର ପରିମାଣ କିମ୍ବା ମୂଲ୍ୟ ସହିତ ସମାନ ବିନିମୟ ପାଇଁ ଏକ ବିକ୍ରୟ କବଲା ହାରରେ ଆଦାୟଯୋଗ୍ୟ ହେବ ।

---

149 ଏସ୍‌ଡି, ଯଦି ଲିଜ୍ ଅବଧି(ଉପଧାରା iii) ଏଏଆର ଉପରେ 5 ବର୍ଷରୁ ଅଧିକ କିନ୍ତୁ 10 ବର୍ଷରୁ ଅଧିକ ନୁହେଁ; (ଉପଧାରା iv) ଏଏଆର୍‌ର ଦୁଇଗୁଣ ଉପରେ 10 ବର୍ଷରୁ ଅଧିକ, କିନ୍ତୁ 20 ବର୍ଷରୁ ଅଧିକ ନୁହେଁ; (ଉପଧାରା v) 20 ବର୍ଷରୁ ଅଧିକ, କିନ୍ତୁ 30 ବର୍ଷରୁ ଅଧିକ ନୁହେ; ଏଏଆରର ତିନିଗୁଣ ଉପରେ (ଉପଧାରା vi) 30 ବର୍ଷରୁ ଅଧିକ, କିନ୍ତୁ 100 ବର୍ଷରୁ ଅଧିକ ନୁହେଁ, ।ଏଏଆର୍ ଚାରିଗୁଣ ଉପରେ,; (ଉପଧାରା vii) 100 ବର୍ଷରୁ ଅଧିକ କିମ୍ବା ସ୍ଥାୟୀତ୍ୱ ଉପରେ, ପ୍ରଥମ 50 ବର୍ଷରେ ପ୍ରଦାନ କରାଯିବାକୁ ଥିବା ଭଡ଼ାର ଏକ ଷଷ୍ଠାଂଶ ଉପରେ; (ଉପଧାରା viii) ଏକ ବନିର୍ଦ୍ଦିଷ୍ଟ ଅବଧି ପାଇଁ ନୁହେଁ, ପ୍ରଥମ 10 ବର୍ଷ ପାଇଁ ପ୍ରଦାନ କରାଯିବାକୁ ଥିବା ଏଏଆର୍ ତିନିଗୁଣ ଉପରେ

ଓଡ଼ିଶା ସରକାରଙ୍କର ଇସ୍ପାତ୍ ଏବଂ ଖଣି ବିଭାଗ ଦ୍ୱାରା 13 ଜାନୁଆରୀ 2012 ରେ ବିଜ୍ଞପ୍ତି ପ୍ରକାଶିତ ହୋଇଛି ଯେ (i) ପ୍ରାରମ୍ଭିକ ଖର୍ଚ୍ଚ, (ii) ସୁରକ୍ଷା ଜମା, (iii) ଜମିର ଖଜଣା, (iv) ଅଚଳ କର/ ଖଜଣା କିମ୍ବା ରୟାଲଟି (ଲାଭାଂଶ) ମଧ୍ୟରୁ ଯେଉଁଟା ଅଧିକ ହେଉଥିବ, ସେଗୁଡ଼ିକୁ ମୂଲ୍ୟାଙ୍କନ ପାଇଁ ବିଚାରକୁ ନିଆଯିବ । ବିଜ୍ଞପ୍ତିରେ ଆହୁରି ଉଲ୍ଲେଖ କରାଯାଇଛି ଯେ ପ୍ରତୀକ୍ଷିତ ରୟାଲଟି ଗଣନା କରିବା ପାଇଁ, ଲିଜଧାରୀଙ୍କର ଖଣି ଯୋଜନା/ ଖଣି ପରିକଳ୍ପନାରେ ଯୋଜନା କରାଯାଇଥିବା ସର୍ବାଧିକ ବାର୍ଷିକ ଉତ୍ପାଦନ ଷ୍ଟାମ୍ପ ଶୁଳ୍କ ମୂଲ୍ୟାଙ୍କନର ଆଧାର ଗଠନକରିବ । ଯଦି ପରବର୍ତ୍ତୀ ବର୍ଷଗୁଡ଼ିକରେ ଖଣି ଯୋଜନାର ପରିବର୍ତ୍ତନ ମାଧ୍ୟମରେ ଉତ୍ପାଦନ ସ୍ତର ବୃଦ୍ଧି କରାଯାଏ, ତେବେ (ଡିଫରେନ୍ସିଆଲ) (ପାର୍ଥକ୍ୟ) ଉତ୍ପାଦନ ସ୍ତରରେ ଷ୍ଟାମ୍ପ ଶୁଳ୍କ ପୁନଃ ମୂଲ୍ୟାୟନ କରାଯିବ ଏବଂ ଏହିପରି ବୃଦ୍ଧି ପ୍ରକୃତରେ କାର୍ଯ୍ୟକାରୀ ହେବା ପୂର୍ବରୁ ଲିଜ୍‌ଧାରୀ ଡିଫରେନ୍ସିଆଲ (ପାର୍ଥକ୍ୟ) ଏସ୍‌ଡି ଜମା କରିବେ । ଏହି ନିର୍ଦ୍ଦେଶାବଳୀ ପୂର୍ବରୁ ସମ୍ପାଦିତ ଲିଜ୍‌ଗୁଡ଼ିକ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ, ଯେଉଁଠାରେ ଆବେଦନକାରୀ ଖଣି ଯୋଜନାରେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କର ଦ୍ୱାରା ଅନୁମୋଦିତ ଉତ୍ପାଦନ ସ୍ତର ଅପେକ୍ଷା କମ୍ ଉତ୍ପାଦନ ସ୍ତର ଉପରେ ଗଣନା କରି ରାଜଭାଗ ଆଧାରରେ ଏସ୍‌ଡି ଦେଇଥିଲେ । ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭଗରୁ ବିଜ୍ଞପ୍ତି (5 ଅଗଷ୍ଟ 2008) ଅନୁସାରେ ଏସ୍‌ଡି ପାଞ୍ଚ ପ୍ରତିଶତ ହାରରେ ଏବଂ ଆରଏଫ୍ ଦୁଇ ପ୍ରତିଶତ ହାରରେ ଆଦାୟ କରାଯିବା କଥା ।

ଜାନୁଆରୀ 2019 ରୁ ମାର୍ଚ୍ଚ 2023 ପର୍ଯ୍ୟନ୍ତ କେନ୍ଦୁଝରର ଏବଂ ଯାଜପୁରରେ ଥିବା ଦୁଇଟି ଜିଲ୍ଲା ଉପ-ନିବନ୍ଧକ (ଡିଏସ୍ଆର୍) କାର୍ଯ୍ୟାଳୟରେ ପଞ୍ଜୀକୃତ ଖଣି ଲିଜ୍ ଡଡର ଅଡିଟ୍ ଦ୍ୱାରା ଯାଞ୍ଚ କରାଯାଂଇଥିଲା (ଜୁନ୍-ଜୁଲାଇ 2023 ଏବଂ ନଭେମ୍ବର 2023) ଏବଂ ଇସ୍ପାତ୍ ଏବଂ ଖଣି ବିଭାଗ ଅଧିନରେ କେନ୍ଦୁଝର ଏବଂ ଯାଜପୁରରେ ଥିବା ଖଣି ଉପ-ନିର୍ଦ୍ଦେଶକ (ଡିଡିଏମ୍)ଙ୍କର କାର୍ଯ୍ୟାଳୟରୁ ସମ୍ପୃକ୍ତ ଖଣି ଯୋଜନା ଏବଂ ଉତ୍ପାଦନ ସ୍ତରରେ କ୍ରସ୍ ଯାଞ୍ଚ କରାଯାଇଥିଲା । ଅଡିଟ୍ (ଜୁଲାଇ-ନଭେମ୍ବର 2023) ରେ କେନ୍ଦୁଝରର ଡିଡିଏମ୍ ଏବଂ ଯାଜପୁର ଡିଡିଏମ୍‌ଙ୍କର କାର୍ଯ୍ୟାଳୟର ରେକର୍ଡରୁ ଲକ୍ଷ୍ୟ କରାଯାଇଥିଲା ଯେ ଖଣି ଯୋଜନାରେ ପରିବର୍ତ୍ତନ କରିବା ପରେ ତିନୋଟି ଖଣିର ପ୍ରମୁଖ ଖଣିଜ ପଦାର୍ଥର ବାର୍ଷିକ ଉତ୍ପାଦନ ସ୍ତର ବୃଦ୍ଧି ପାଇଛି । ତଥାପି, ବର୍ଦ୍ଧିତ ଉତ୍ପାଦନ ପରିମାଣ ଉପରେ ଏସ୍‌ଡି ଏବଂ ଆରଏଫ୍‌ର, 148.28 କୋଟି ଟଙ୍କା ଆଦାୟ କରାଯାଇ ନାହିଁ, ଯେପରି **ସାରଣୀ 3.11.1** ଏବଂ ***ପରିଶିଷ୍ଟ 3.11.1*** ରେ ଦର୍ଶାଯାଇଛି ।

***ସାରଣୀ 3.11.1: ବର୍ଦ୍ଧିତ ଉତ୍ପାଦନ ସ୍ତରରେ ଅଣ-ଆଦାୟ ଷ୍ଟାମ୍ପ ଶୁଳ୍କ ଏବଂ ପଞ୍ଜୀକରଣ ଶୁଳ୍କ***

| କ୍ର.ସଂ. | ଖଣି ବ୍ଲକ ନାମ | ଡିଏସଆର୍ | ବାର୍ଷିକ ଉତ୍ପାଦନ ପରିମାଣ (ଏମ୍‌ଟି) | | ବର୍ଦ୍ଧିତ ପରିମାଣ | ଅଣ-ଆଦାୟ ଏସ୍‌ଡି ଓ ଆରଏଫ୍ (ଟଙ୍କା କୋଟିରେ) |
|---|---|---|---|---|---|---|
| | | | ମୂଳ | ବର୍ଦ୍ଧିତ | | |
| 1 | ନୂଆଗାଁ ଲୁହାପଥର ବ୍ଲକ ଯାହା 776.969 ହେକ୍ଟର କ୍ଷେତ୍ରଫଳ ଉପରେ | ଡିଏସଆର୍ କେନ୍ଦୁଝର | 75,90,258 | 2,00,00,000 | 1,24,09,742 | 147.76 |
| 2 | ଗନ୍ଧମାଦ୍ଦର୍ନ ଲୁହାପଥର ବ୍ଲକ-ବି ଯାହା 1590.8673 ହେକ୍ଟର କ୍ଷେତ୍ରଫଳ ଉପରେ | | 91,15,680 | 91,20,000 | 4,320 | 0.05 |
| 3 | କାଳିଆପାଣି କ୍ରୋମାଇଟ୍ ଖଣି89.00 ହେକ୍ଟର କ୍ଷେତ୍ରଫଳ ଉପରେ | ଡିଏସଆର୍ ଯାଜପୁର | 2,03,860 | 2,15,000 | 11,140 | 0.65 |
| | ମୋଟ | | | | **1,24,25,202** | **148.46** |

***(ଉତ୍ସ: ଡିଡିଏମ୍, କେନ୍ଦୁଝର ଏବଂ ଯାଜପୁର କାର୍ଯ୍ୟାଳୟର ରେକର୍ଡ)***

ଅଡିଟ୍ ଲକ୍ଷ୍ୟ କରିଛି ଯେ:

- ନୂଆଗାଁ ଲୁହାପଥର ବ୍ଲକ କ୍ଷେତ୍ରରେ, ଇସ୍ପାତ ଏବଂ ଖଣି ବିଭାଗ ଏବଂ ମେସର୍ସ ଜେ.ଏସ୍.ଡବ୍ଲ୍ୟୁ ଷ୍ଟିଲ୍ ଲିମିଟେଡ୍ ମଧ୍ୟରେ ହୋଇଥିବା (ଜୁନ୍ 2020) ଲିଜ୍ ଡିଡ୍ ଅନୁସାରେ ସର୍ବାଧିକ ବାର୍ଷିକ ଉତ୍ପାଦନ 75,9.258 ମେଟ୍ରିକ ଟନ୍ ସ୍ଥିର କରାଯାଇଥିଲା । ଲିଜ୍‌ର ସର୍ତ୍ତାବଳୀରେ ଅନ୍ୟାନ୍ୟ ବିଷୟ ସହିତ ଏହି ସର୍ତ୍ତ ଥିଲା ଯେ ବାର୍ଷିକ ଉତ୍ପାଦନ ସୀମା ବୃଦ୍ଧି ହେଲେ ଲିଜ୍‌ଧାରୀ ଏକ ସଂଶୋଧିତ ଲିଜ୍ ଦଲିଲ୍

କାର୍ଯ୍ୟକାରୀ କରିବେ । ଭାରତୀୟ ଖଣି ବ୍ୟୁରୋ ଦ୍ୱାରା ଅନୁମୋଦିତ (ଅକ୍ଟୋବର 2020) 2020-21 ରୁ 2024-25 ଅବଧି ପାଇଁ ସଂଶୋଧିତ ଖଣି ଯୋଜନା ଅନୁସାରେ, ବାର୍ଷିକ ଉତ୍ପାଦନର ସର୍ବୋଚ୍ଚ ସ୍ତର 2,0.00,000 ମେଟ୍ରିକ୍ ଟନ୍ ଥିଲା । ତେଣୁ, 124,09.742 ମେଟ୍ରିକ୍ ଟନ୍‌ର ବର୍ଦ୍ଧିତ ଉତ୍ପାଦନ ପରିମାଣ ଉପରେ ଏସ୍‌ଡି ଏବଂ ଆରଏଫ୍‌ର ମେସର୍ସ ଜେଏସ୍‌ଡବ୍ଲୁ ରୁ ଆଦାୟ କରାଯିବାର ଥିଲା । ସେହି ଅନୁସାରେ, ଡିଡିଏମ୍, କେନ୍ଦୁଝର (ନଭେମ୍ବର 2020) ଡିଏସ୍‌ଆର୍, କେନ୍ଦୁଝରଙ୍କୁ 124,09.742 ମେଟ୍ରିକ ଟନର ବର୍ଦ୍ଧିତ ଉତ୍ପାଦନ ପରିମାଣ ଉପରେ ଏସ୍‌ଡିଏବଂ ଆରଏଫ୍‌ର ପୁନଃ ମୂଲ୍ୟାୟନ କରିବାକୁ ଅନୁରୋଧ କରିଥିଲେ । ଯଦିଓ ଡିଏସ୍‌ଆର୍, କେନ୍ଦୁଝର ଏସ୍‌ଡି ଏବଂ ଆରଏଫ୍‌କୁ 294.53.150 କୋଟିର ପୁନଃ ମୂଲ୍ୟାୟନ କରିଥିଲା,ତଥାପି ଅଡିଟରେ[150] ଏହା ତ୍ରୁଟିପୂର୍ଣ୍ଣ ବୋଲି ଜଣାପଡ଼ିଥିଲା ଏବଂ 228.87 କୋଟି ଟଙ୍କା ବୋଲି ଆକଳନ କରାଯାଇଥିଲା । ଏହିପରି ଭାବରେ 147.76 କୋଟି ଟଙ୍କାର ଏସ୍‌ଡି ଏବଂ ଆର୍‌ଏଫ୍‌ର ପରିମାଣରେ କମ୍ ଆଦାୟ ହୋଇଥିଲା ।

- ଅନ୍ୟ ଦୁଇଟି ଖଣି ଯଥା; ଗନ୍ଧମାର୍ଦ୍ଦନ ଲୁହା ଖଣି ଏବଂ କାଳିଆପାଣି କ୍ରୋମାଇଟ୍ ଖଣି କ୍ଷେତ୍ରରେ, ସମ୍ପୃକ୍ତ ଡିଡିଏମ୍‌ମାନେ ବାର୍ଷିକ ଉତ୍ପାଦନ ପରିମାଣ ବୃଦ୍ଧି ବିଷୟକୁ ଏସ୍‌ଡି ଏବଂ ଆରଏଫ୍‌ର ପୁନଃ ମୂଲ୍ୟାୟନ ପାଇଁ ସମ୍ପୃକ୍ତ ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କର ନିକଟକୁ ପଠାଇବାକୁ ଚେଷ୍ଟା କରିନଥିଲେ,ଯାହା ଦ୍ୱାରା ଲିଜ୍‌ଧାରୀଙ୍କର ଠାରୁ ପାର୍ଥକ୍ୟ ପରିମାଣ ଆଦାୟ କରାଯାଇପାରିବ । ଗୋଟିଏ କ୍ଷେତ୍ରରେ ବାର୍ଷିକ ଉତ୍ପାଦନ ପରିମାଣ 91,15,680 ମେଟ୍ରିକ୍ ଟନରୁ 91,20,000 ମେଟ୍ରିକ୍ ଟନ୍ ଅର୍ଥାତ୍ 4,320 ମେଟ୍ରିକ୍ ଟନ୍ ବୃଦ୍ଧି ପାଇଥିଲା, ଯାହାଫଳରେ 0.72 କୋଟି ହାରାହାରି ବାର୍ଷିକ ଭଡ଼ା (ଏଏଆର୍) ହୋଇଥିଲା । ଅନ୍ୟ ଏକ କ୍ଷେତ୍ରରେ, ଏହା 11,140 ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଥିଲା, ଯାହାଫଳରେ ହାରାହାରି ବାର୍ଷିକ ଭଡ଼ା (ଏଏଆର୍) 9.33 କୋଟି ଟଙ୍କା ହୋଇଥିଲା । ଅଡିଟରେ ଗନ୍ଧମାର୍ଦ୍ଦନ ଲୁହା ଖଣିରୁ 0.05 କୋଟି ଟଙ୍କା ଏବଂ କାଳିଆପଣି କ୍ରୋମାଇଟ୍ ଖଣିରୁ 0.65 କୋଟି ଟଙ୍କା ଭାବରେ ଏସ୍‌ଡି ଓ ଆର୍‌ଏଫ୍ ଅସୁଲ/ ଆଦାୟ ହୋଇଥିବା ପରିମାଣ ଆକଳନ କରାଯାଇଥିଲା ।

ତେଣୁ, କେନ୍ଦୁଝର ଏବଂ ଯାଜପୁରର ତିନୋଟି ଖଣି ଉତ୍ପାଦନରେ ପରିମାଣ ବୃଦ୍ଧି ସତ୍ତ୍ୱେ ପାର୍ଥକ୍ୟ ଏସ୍‌ଡି ଏବଂ ଆରଏଫ୍ ଲାଗୁ କରାଯାଇନଥିଲା ଏବଂ ଆଦାୟ କରାଯାଇନଥିଲା, ଯାହାଫଳରେ 148.46 କୋଟି ଟଙ୍କା ସରକାରୀ ରାଜସ୍ୱ ଅସୁଲ ହୋଇପାରିନଥିଲା ।

ଏହି ବିଷୟରେ ସରକାରଙ୍କୁ ଅବଗତ କରାଯାଇଛି (ଡିସେମ୍ବର 2024) ଏବଂ ଉତ୍ତରକୁ ଅପେକ୍ଷା କରାଯାଇଛି (ଅକ୍ଟୋବର 2025) ।

## 3.12 ଷ୍ଟାମ୍ପ ଶୁଳ୍କ ଏବଂ ପଞ୍ଜୀକରଣ ଶୁଳ୍କ ଆଦାୟ ପାଇଁ କୋଠାବାଡ଼ିଗୁଡିକର ଅନୁପଯୁକ୍ତ ମୂଲ୍ୟାଙ୍କନ

**ଷ୍ଟାମ୍ପ ଶୁଳ୍କ ଏବଂ ପଞ୍ଜୀକରଣ ଶୁଳ୍କ ନିର୍ଦ୍ଧାରଣ ଉଦ୍ଦେଶ୍ୟରେ କୋଠାବାଡ଼ିଗୁଡିକର ମୂଲ୍ୟାଙ୍କନ ପାଇଁ କୋଠାବାଡ଼ି ମୂଲ୍ୟାଙ୍କନ ନିର୍ଦ୍ଦେଶାବଳୀ ପାଳନ କରିବାରେ ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କର ଅବହେଳା କାରଣରୁ, 27.42 ଲକ୍ଷ ଟଙ୍କାର ସରକାରୀ ରାଜସ୍ୱ କ୍ଷତି ହୋଇଥିଲା ।**

ଭାରତୀୟ ଷ୍ଟାମ୍ପ (ଆଇଏସ୍) ଅଧିନିୟମ, 1899 (ଓଡିଶା ସଂଶୋଧନ, 1987)ର ଧାରା 27 ସହିତ ଅଧିନିୟମର ଧାରା 3 ଅନୁସାରେ, ସେହି ସ୍ଥାନରେ ବିବେଚନା ଯଦି ଥାଏ, ସମ୍ପତ୍ତିର ବଜାର ମୂଲ୍ୟ ଏବଂ ଶୁଳ୍କ ସହିତ କୌଣସି ଉପକରଣର ଦେୟ ଯୋଗ୍ୟତାକୁ ପ୍ରଭାବିତ କରୁଥିବା ସମସ୍ତ ତଥ୍ୟ ଏବଂ ପରିସ୍ଥିତି କିମ୍ବା ଏହା ଦେୟ ଯୋଗ୍ୟ ଶୁଳ୍କର ପରିମାଣ, ଦସ୍ତାବିଜର ସଂପୂର୍ଣ୍ଣ ଏବଂ ସତ୍ୟ ଭାବରେ ଉଲ୍ଲେଖ କରାଯିବ । ଓଡିଶା

[150] ଡିଏସ୍‌ଆର୍, କେନ୍ଦୁଝର କେବଳ ବର୍ଦ୍ଧିତ ପରିମାଣ ଉପରେ ରୟାଲ୍ଟି ବିଚାର କରିବା ପରିବର୍ତ୍ତେ, ଭୂପୃଷ୍ଠ ଭଡ଼ା ଏବଂ ଏସ୍‌ଡି ପାଇଁ ଜମା ହୋଇଥିବା ପରିମାଣକୁ ଭୁଲ୍ ଭାବରେ ବିଚାର କରି ଏସ୍‌ଡି ଏବଂ ଆର୍‌ଏଫ୍‌ର ପରିମାଣରେ କମ୍ ଆଦାୟ ହୋଇଥିଲା । ଉତ୍ପାଦନ ସ୍ତର ବୃଦ୍ଧି ପାଇଛି 75,90,258 ରୁ 2,00,00,000 ମେଟ୍ରିକ୍ ଟନ୍; ତେଣୁ, ପାର୍ଥକ୍ୟ ଉତ୍ପାଦନ ସ୍ତର = 1,24,09,742 ମେଟ୍ରିକ୍ ଟନ୍ । ଏଥିରେ ଡିଏସ୍‌ଆର୍, କେନ୍ଦୁଝର ଦ୍ୱାରା ଏସ୍‌ଡି ଏବଂ ଆର୍‌ଏଫ୍‌କୁ ଭୁଲ୍ ଭାବରେ ମୂଲ୍ୟାଙ୍କନ କରାଯାଇଥିଲା ଯେପରି 2,94,53,44,617 ଟଙ୍କା (ରୟାଲ୍ଟି ବଦଳରେ ସର୍ଫେସ୍ ଭଡ଼ା + ଏସ୍‌ଡି ବିଚାର କରାଯାଉଛି) ।

ସରକାରଙ୍କର ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ (ଆର୍‌ଡିଏମ୍) (ମଇ 2019) ରେ ସଂଶୋଧିତ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି, ଯାହା ଅନୁସାରେ ଷ୍ଟାମ୍ପ ଶୁଳ୍କ (ଏସ୍‌ଡି) ଏବଂ ପଞ୍ଜୀକରଣ ଶୁଳ୍କ (ଆରଏଫ୍)ର ଆଦାୟ ପାଇଁ କୋଠାଗୁଡିକର ମୂଲ୍ୟାଙ୍କନ ପାଇଁ ପ୍ରତି ବର୍ଗଫୁଟ୍ ମହଲା, କ୍ଷେତ୍ରଫଳ, ଟାଇଲସ୍/ସୀମାକାନ୍ଥ, ବୈଦ୍ୟୁତିକ ସ୍ଥାପନ ଓ ସାନିଟାରୀ ସ୍ଥାପନ ପାଇଁ ମୂଲ୍ୟ ନିଆଯିବ । ନିର୍ଦ୍ଦେଶାବଳୀରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ କୋଠାର ବର୍ଗ (ପ୍ରକାର ଭେଦ) ଅନୁସାରେ ଏବଂ ନିର୍ମାଣ ବର୍ଷ ଉପରେ ଆଧାର କରି ନିର୍ବାହକଙ୍କର ଦ୍ୱାରା କୋଠା ମୂଲ୍ୟର ଅବମୂଲ୍ୟାୟନ ବାର୍ଷିକ 1.5 ରୁ 10 ହାରରେ ଦାବି କରାଯାଇପାରିବ । ନିବନ୍ଧନ କର୍ତ୍ତୃପକ୍ଷ (ଆର୍‌ଏ)ଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ (ଅକ୍ଟୋବର 2017) ସେମାନେ ଉପକରଣର ପଞ୍ଜୀକରଣ ପୂର୍ବରୁ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା କୋଠ/ସୁପର ଷ୍ଟ୍ରକଚର୍ ଅନୁମୋଦିତ ଯୋଜନା ପ୍ରସ୍ତୁତ କରିବାକୁ ଜୋର୍ ଦିଅନ୍ତୁ । ବିକ୍ରୟ ଦଲିଲ୍ ପାଇଁ ପ୍ରଯୁଜ୍ୟ ଏସ୍‌ଡି ଏବଂ ଆରଏଫ୍ ପାଇଁ ହାର ଯଥାକ୍ରମେ ପାଞ୍ଚ ଓ ଦୁଇ ପ୍ରତିଶତ ସ୍ଥିର କରାଯାଇଥିଲା । ମହିଳା କ୍ରେତାଙ୍କ କ୍ଷେତ୍ରରେ, ଏସ୍‌ଡି ଓ ଆର୍‌ଏଫ୍‌ର ହାର ଯଥାକ୍ରମେ ଚାରି ପ୍ରତିଶତ ଏବଂ ଦୁଇ ପ୍ରତିଶତ ଥିଲା, ଯାହା 29 ନଭେମ୍ବର 2016 ଠାରୁ କାର୍ଯ୍ୟକାରୀ ହୋଇଥିଲା ।

ଅଡିଟ୍ ଚାରୋଟି ନିବନ୍ଧକ କାର୍ଯ୍ୟାଳୟରେ, ଯଥାକ୍ରମେ ଜିଲ୍ଲା ଉପ-ନିବନ୍ଧକ (ଡିଏସ୍‌ଆର୍) କେନ୍ଦୁଝର, ଡିଏସ୍‌ଆର ବାଲେଶ୍ୱର, ଡିଏସ୍‌ଆର ସମ୍ବଲପୁର ଏବଂ ଉପ-ନିବନ୍ଧକ (ଏସଆର୍) ନନ୍ଦପୁର ଭଳି କାର୍ଯ୍ୟାଳୟଗୁଡିକର ବିକ୍ରୟ କବଲାପତ୍ରଗୁଡ଼ିକ ନମୁନା ଯାଞ୍ଚ କରିଥିଲା (ଅକ୍ଟୋବର 2019 ରୁ ମାର୍ଚ୍ଚ 2023) । ଏହା ଲକ୍ଷ୍ୟ କରାଯାଇଥିଲା ଯେ ବିକ୍ରୟ କବଲାପତ୍ରଗୁଡ଼ିକରେ କୋଠାଗୁଡିକର ମୂଲ୍ୟ 3.46 କୋଟି[151] ଟଙ୍କା ହ୍ରାସ କରାଯାଇଥିଲା । ଯାହା ଫଳରେ 27.42 ଲକ୍ଷ ଟଙ୍କାର ଷ୍ଟାମ୍ପ ଶୁଳ୍କ ଏବଂ ପଞ୍ଜୀକରଣ ଶୁଳ୍କ କ୍ଷତି ହୋଇଥିଲା, ଯାହାର ବିସ୍ତୃତ ବିବରଣୀ (***ପରିଶିଷ୍ଟ 3.12.1***)ରେ ଦିଆଯାଇଛି ।

- ସାତଟି ମାମଲାରେ (***ପରିଶିଷ୍ଟ 3.12.1*** ରେ କ୍ରମ ସଂଖ୍ୟା 1,2,4,5,6,7,8) ରେ କୋଠାର ମୂଲ୍ୟ ନିର୍ଣ୍ଣୟ ପାଇଁ ବିଚାର କରାଯାଇଥିବା ନିର୍ମାଣ ଖର୍ଚ୍ଚର ହାର ଅଧିସୂଚିତ ହାର ଅପେକ୍ଷା 84 ଟଙ୍କାରୁ 1,589 ଟଙ୍କା ପ୍ରତି ବର୍ଗଫୁଟ୍ କମ୍ ଥିଲା । ଯାହାର ଫଳସ୍ୱରୂପ କୋଠାର ମୂଲ୍ୟାୟନ କମ୍ ହୋଇଥିଲା ।
- ଗୋଟିଏ ମାମଲାରେ (***ପରିଶିଷ୍ଟ 3.12.1*** ର କ୍ରମିକ ସଂଖ୍ୟା 5), ବାଲେଶ୍ୱରର ଡିଏସ୍‌ଆରଙ୍କର ଅନୁରୋଧରେ ବାଲେଶ୍ୱର (ରାସ୍ତା ଏବଂ କୋଠାବାଡ଼ି) ଡିଭିଜନ-1, (ପୂର୍ତ୍ତ ବିଭାଗ ଅଧୀନରେ) ଦ୍ୱାରା କରାଯାଇଥିବା ମୂଲ୍ୟାଙ୍କନ ଆଧାରରେ କୋଠାର ମୂଲ୍ୟ ନିର୍ଣ୍ଣୟ କରାଯାଇଥିଲା । ତଥାପି ଡିଭିଜନ ଦ୍ୱାରା ଗ୍ରହଣ କରାଯାଇଥିବା ନିର୍ମାଣ ଖର୍ଚ୍ଚର ହାର ଅଧିସୂଚିତ ହାର ଠାରୁ କମ୍ ବୋଲି ଜଣାପଡିଥିଲା । ଯେହେତୁ କୋଠାଗୁଡିକର ମୂଲ୍ୟାଙ୍କନ ଆରଡିଏମ୍ ବିଭାଗ ଦ୍ୱାରା ଜାରି କରାଯାଇଥିବା ଆଧାରସୂଚିତ ହାରରେ ଆଧାରରେ କରାଯିବାର ଥିଲା, ତେଣୁ ଡିଏସ୍‌ଆରଙ୍କୁ ରାସ୍ତା ଏବଂ କୋଠାବାଡ଼ି ଡିଭିଜନ ମାଧ୍ୟମରେ କୋଠାର ମୂଲ୍ୟ ନିର୍ଣ୍ଣୟ କରିବା ଉଚିତ ନଥିଲା । ତେଣୁ କୋଠାଗୁଡିକର ମୂଲ୍ୟାଙ୍କନରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ଏବଂ ସମାନତା ବଜାୟ ରଖିବା ପାଇଁ ଆରଡିଏମ୍ ବିଭାଗ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଡିଏସଆର୍‌ଙ୍କ ଦ୍ୱାରା ଉଲ୍ଲଂଘନ କରାଯାଇଥିଲା ।
- ଆରଡିଏମ୍ ନିର୍ଦ୍ଦେଶାବଳୀ (ମଇ 2019)ରେ ଉଲ୍ଲେଖ କରାଯାଇଥିଲା ଯେ ଆବାସିକ କୋଠା ପାଇଁ, ଆଭ୍ୟନ୍ତରୀଣ ବୈଦ୍ୟୁତିକ ସଂସ୍ଥାପନ ପାଇଁ ପ୍ଲିନ୍ଥ ଏରିଆ ହାରରେ 10 ପ୍ରତିଶତ ଏବଂ ଆଭ୍ୟନ୍ତରୀଣ ସାନିଟାରୀ ଫିଟିଙ୍ଗସ୍ ପାଇଁ 15 ପ୍ରତିଶତ ଯୋଡା ଯିବାକୁ ପଡିବ । ତଥାପି ଦୁଇଟି କ୍ଷେତ୍ରରେ (***ପରିଶିଷ୍ଟ 3.12.1*** ର କ୍ରମ ସଂଖ୍ୟା 3 ଏବଂ 5) ସାନିଟାରୀ ଫିଟିଙ୍ଗସ୍ ଏବଂ ବୈଦ୍ୟୁତିକ ସଂସ୍ଥାପନ କୋଠାର ମୂଲ୍ୟରେ ଯୋଡା ଯାଇନଥିଲା । ସେହିପରି ଅନ୍ୟ ଏକ ଉଦାହରଣରେ (କ୍ରମ ସଂଖ୍ୟା 9) ବୋଲି ବୈଦ୍ୟୁତିକ ସଂସ୍ଥାପନ ଏବଂ ସାନିଟାରୀ ଫିଟିଙ୍ଗସ୍‌ର ମୂଲ୍ୟ କୋଠାର ମୂଲ୍ୟର 20 ପ୍ରତିଶତ ହାରରେ ନିଆଯାଇଥିଲା, ଯାହା 25 ପ୍ରତିଶତ (10+15)ର ନିର୍ଦ୍ଧାରିତ ହାର ବିରୁଦ୍ଧରେ ଥିଲା ।

[151] 1,462.96 ଲକ୍ଷ ଟଙ୍କା – 1,117.31 ଲକ୍ଷ ଟଙ୍କା = 345.65 ଲକ୍ଷ ଟଙ୍କା (3.46 କୋଟି ଟଙ୍କା)

- ଯେହେତୁ ନିର୍ଦ୍ଦେଶାବଳୀ କୋଠାର ବର୍ଗୀକରଣ ଏବଂ ନିର୍ମାଣ ବର୍ଷ ଉପରେ ନିର୍ଭର କରି ବାର୍ଷିକ 15 ରୁ 10 ପ୍ରତିଶତ ହାରରେ ମୂଲ୍ୟ ହ୍ରାସକୁ ଅନୁମତି ଦେଇଥିଲା, ଦସ୍ତାବିଜଗୁଡିକ ନିର୍ମାଣ ବର୍ଷ ପ୍ରକାଶ କରିବା ଉଚିତ୍ । ତଥାପି ଛଅଟି କ୍ଷେତ୍ରରେ (କ୍ରମ ସଂଖ୍ୟା 1, 3, 6, 7, 8 ଓ 9) ଏପରି କୌଣସି ପ୍ରକଟୀକରଣ କରାଯାଇନଥିଲା । ଦୁଇଟି କ୍ଷେତ୍ରରେ (କ୍ରମିକ ସଂଖ୍ୟା 4 ଓ 5), ବାଲେଶ୍ୱର ଆର୍‌ଆଣ୍ଡବି ଡିବିଜନ-1 ଦ୍ୱାରା ଦାଖଲ କରାଯାଇଥିବା ମୂଲ୍ୟାଙ୍କନ ରିପୋର୍ଟ ଆଧାରରେ ନିର୍ଦ୍ଦିଷ୍ଟ ଶ୍ରେଣୀର କୋଠା ପାଇଁ ପ୍ରଯୁଜ୍ୟ ହାର ଅପେକ୍ଷା ଅଧିକ ହାରରେ ମୂଲ୍ୟ ହ୍ରାସକୁ ଅନୁମତି ଦିଆଯାଇଥିଲା । ***ପରିଶିଷ୍ଟ 3.2.1*** ରେ ତାଲିକାଭୁକ୍ତ ଉପକରଣ ବ୍ୟତୀତ,ଅନ୍ୟ ଦୁଇଟି କ୍ଷେତ୍ରରେ[152] ଅଡିଟ୍ ଲକ୍ଷ୍ୟ କରିଛି ଯେ କୋଠା ନିର୍ମାଣର ବର୍ଷ ପ୍ରକାଶ କରିବା ସତ୍ତ୍ୱେ, କୋଠାର ମୂଲ୍ୟାଙ୍କନର ମୂଲ୍ୟ ହ୍ରାସକୁ କାରକ କରାଯାଇନାହିଁ । ଏହା ସୂଚାଇ ଦେଇଛି ଯେ ପଞ୍ଜୀକରଣ କର୍ତ୍ତୃପକ୍ଷ ବିଧିକ ପଠନର ନିର୍ଦ୍ଦେଶାବଳୀ ପାଳନକୁ ସୁନିଶ୍ଚିତ କରୁନାହାଁନ୍ତି ।

ଉପରୋକ୍ତ ଉଦାହରଣଗୁଡିକରୁ ଅଡିଟ୍ ଲକ୍ଷ୍ୟ କରିଛି ଯେ ପଞ୍ଜୀକରଣ କର୍ତ୍ତୃପକ୍ଷମାନେ ସରକାରୀ ରାଜସ୍ୱର ଚୋରି ରୋକିବା ପାଇଁ ମଇ 2019 ରେ ଆର୍‌ଡିଏମ୍ ବିଭାଗ ଦ୍ୱାରା ଜାରି କରାଯାଇଥିବା କୋଠା ମୂଲ୍ୟାଙ୍କନ ନିର୍ଦ୍ଦେଶାବଳୀ ପାଳନ କରିବାରେ ଯଥାସମ୍ଭବ ଯତ୍ନବାନ ହୋଇନଥିଲେ । ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କର ଏପରି ଅବହେଳା ଯୋଗୁଁ ସରକାରଙ୍କୁ 27.42 ଲକ୍ଷ ଟଙ୍କାର ରାଜସ୍ୱ କ୍ଷତି ହୋଇଛି ।

ଏହି ମାମଲାଟିକୁ ପଞ୍ଜୀକରଣ ମହାନିରୀକ୍ଷକଙ୍କୁ ରିପୋର୍ଟ କରାଯାଇଛି (ଡିସେମ୍ବର 2024) ଏବଂ ଉତ୍ତରକୁ ଅପେକ୍ଷା କରାଯାଇଛି (ଅକ୍ଟୋବର 2025) ।

ପ୍ରଚଳିତ ନିର୍ଦ୍ଦେଶାବଳୀ ଆଧାରରେ କୋଠାଗୁଡିକର ମୂଲ୍ୟାଙ୍କନ ସଂପର୍କରେ ଆରଡିଏମ୍ ବିଭାଗ ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କର କାର୍ଯ୍ୟ ଉପରେ ପର୍ଯ୍ୟାପ୍ତ ତଦାରଖ କରିବା ଉଚିତ ବୋଲି ସୁପାରିଶ କରାଯାଇଛି ।

## ଅବକାରୀ ବିଭାଗ

### 3.13 ଅତିରିକ୍ତ କାର୍ଯ୍ୟ ସମୟ ପାଇଁ 1.02 କୋଟି ଟଙ୍କାର ଶୁଳ୍କ ଆଦାୟ ନକରିବା

**ଓଡ଼ିଶା ଅବକାରୀ ନିୟମରେ ବ୍ୟବସ୍ଥା ଥିବା ସତ୍ତ୍ୱେ , ଗଞ୍ଜାମ ଜିଲ୍ଲା ଅବକାରି ଅଧିକାରୀ ମେସର୍ସ ଆସ୍କା କୋ-ଅପରେଟିଭ୍ ଚିନି ଶିଳ୍ପ ଲିମିଟେଡ୍ (ଏଏସ୍‌ସିଆଇଏଲ୍) ଠାରୁ ଅତିରିକ୍ତ ଘଣ୍ଟା କାର୍ଯ୍ୟ ଶୁଳ୍କ ପାଇଁ 1.02 କୋଟି ଦାବି କରିନଥିଲେ, ଯିଏ 3,404 ଅତିରିକ୍ତ ଘଣ୍ଟା ପାଇଁ ଡିଷ୍ଟିଲେରୀ ପରିଚାଳନା କରିଥିଲେ ।**

ଓଡ଼ିଶା ଅବକାରୀ (ଓଇଆର୍) ନିୟମ, 2017 ର ନିୟମ 79 ଏକ ମଦ ଭାଟି (ଡିଷ୍ଟିଲେରୀ) କିମ୍ବା ଅନ୍ୟ କୌଣସି ଉତ୍ପାଦନ ୟୁନିଟ୍‌ର କାର୍ଯ୍ୟ ଅବଧି ଭାବରେ ପ୍ରତିଦିନ ଆଠ ଘଣ୍ଟା ନିର୍ଦ୍ଦିଷ୍ଟ କରେ । ତଥାପି, ଲାଇସେନ୍ସଧାରୀ ଆବକାରୀ କମିଶନରଙ୍କ ପୂର୍ବ ଅନୁମୋଦନ କ୍ରମେ ପ୍ରତିଦିନ ଆଠ ଘଣ୍ଟାରୁ ଅଧିକ ସମୟ କାର୍ଯ୍ୟ ଜାରି ରଖିପାରିବେ । ଆଠ ଘଣ୍ଟାରୁ ଅଧିକ କାର୍ଯ୍ୟ ହେଲେ, ସେଠାରେ ଅତିରିକ୍ତ ଅବକାରୀ କର୍ମଚାରୀ ନିଯୁକ୍ତ କରାଯିବା ଆବଶ୍ୟକ ଏବଂ ଲାଇସେନ୍ସଧାରୀଙ୍କୁ ପ୍ରତ୍ୟେକ ଅତିରିକ୍ତ ଘଣ୍ଟା କାର୍ଯ୍ୟ ପାଇଁ 3,000 ଟଙ୍କା ଦେବାକୁ ପଡ଼ିବ ।

ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, ଗଞ୍ଜାମର ଅଡିଟ୍ ସମୟରେ (ଡିସେମ୍ବର 2023) ଦେଖାଯାଇଥିଲା ଯେ ଦେଶୀ ସୁରା ନିର୍ମାତା, ମେସର୍ସ ଆସ୍କା କୋ-ଅପରେଟିଭ୍ ଚିନି ଶିଳ୍ପ ଲିମିଟେଡ୍ (ଏଏସ୍‌ସିଆଇଏଲ୍), 2021-22 ରୁ 2022-23 ଅବଧି ମଧ୍ୟରେ 476 ଦିନ ମଧ୍ୟରେ 3,404 ଅତିରିକ୍ତ ଘଣ୍ଟା ପାଇଁ ଏହାର ୟୁନିଟ୍ ପରିଚାଳନା କରିଥିଲେ, ଯାହା ପାଇଁ ଅବକାରୀ କମିଶନରଙ୍କ ଠାରୁ କୌଣସି ଅନୁମତି ନିଆଯାଇନଥିଲା । ଅଡିଟ୍ ଏହା ମଧ୍ୟ ଲକ୍ଷ୍ୟ କରିଛି ଯେ ଯଦିଓ ମେସର୍ସ ଏଏସ୍‌ସିଆଇଏଲ୍ ଅନୁମତି ମାଗି ନଥିଲେ, ଅବକାରୀ କର୍ତ୍ତୃପକ୍ଷ ଏହି ଅତିରିକ୍ତ ଘଣ୍ଟା ମଧ୍ୟରେ

152 (କ) ଏସ୍‌ଆର୍, ବାମନଘାଟି, ଦଲିଲ୍ ଆଇଡି ସଂଖ୍ୟା 1272000391, ତାରିଖ: 11 ଡ଼ିସେମ୍ବର 2020, ନିର୍ମାଣ ବର୍ଷ: 1958; (ଖ) ଡିଏସ୍‌ଆର୍, ଯାଜପୁର, ଦଲିଲ ଆଇଡି ସଂଖ୍ୟା 781901696, ତାରିଖ: 23 ଅକ୍ଟୋବର 2019, ନିର୍ମାଣ ବର୍ଷ: 2003 ଏବଂ 2015

କାର୍ଯ୍ୟ ତଦାରଖ କରିବା ପାଇଁ ସେଠାରେ ଅତିରିକ୍ତ ଅବକାରୀ କର୍ମଚାରୀଙ୍କୁ ନିଯୁକ୍ତ କରିଥିଲେ । ତଥାପି, ଏହା ଉଲ୍ଲେଖ କରାଯାଇଛି ଯେ ମେସର୍ସ ଏଏସ୍‌ସିଆଇଏଲ୍ ବିରୁଦ୍ଧରେ ଅତିରିକ୍ତ ଘଣ୍ଟା କାର୍ଯ୍ୟ ଶୁଳ୍କ ପାଇଁ କୌଣସି ଦାବି ଉଠାଯାଇ ନଥିଲା, ଯାହା 1.02 କୋଟି ଟଙ୍କା ବୋଲି ହିସାବରୁ ଜଣାପଡ଼ିଛି ।

ଏହିପରି, ଅବକାରୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହା ଏକ ପ୍ରଶାସନିକ ତ୍ରୁଟି ଥିଲା କାରଣ ସେମାନେ ଆବଶ୍ୟକ ପୂର୍ବ ଅନୁମୋଦନ ନପାଇ ଏଏସ୍‌ସିଆଇଏଲକୁ ନିର୍ଦ୍ଧାରିତ ଘଣ୍ଟା ବ୍ୟତୀତ ଅଧିକ ସମୟ କାର୍ଯ୍ୟ କରିବାକୁ ଅନୁମତି ଦେଇଥିଲେ । ଏହା ବ୍ୟତୀତ, ସେମାନେ ଏହି ବର୍ଦ୍ଧିତ କାର୍ଯ୍ୟ ଘଣ୍ଟା ମଧ୍ୟରେ ଅତିରିକ୍ତ କର୍ମଚାରୀ ନିୟୋଜନ ପାଇଁ ଏଏସ୍‌ସିଆଇଏଲ୍ ବିରୁଦ୍ଧରେ ଆବଶ୍ୟକ ଦାବି ଉଠାଇବାରେ ମଧ୍ୟ ବିଫଳ ହୋଇଥିଲେ ।

ଅବକାରୀ ଅଧୀକ୍ଷକ, ଗଞ୍ଜାମ କହିଥିଲେ (ଡିସେମ୍ବର 2023) ଯେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଅଡିଟର ପର୍ଯ୍ୟବେକ୍ଷଣକୁ ଯାଞ୍ଚ କରାଯିବ ।

ଏହି ମାମଲାଟି ଅବକାରୀ କମିଶନରଙ୍କୁ ରିପୋର୍ଟ କରାଯାଇଛି (ମଇ 2024), ସେମାନଙ୍କ ଉତ୍ତରକୁ ଅପେକ୍ଷା କରାଯାଇଛି (ଅକ୍ଟୋବର 2025) ।

## 3.14 ଲାଇସେନ୍ସ ଫି ଆଦାୟରେ ଜିଲ୍ଲା ଅବକାରୀ ଅଧିକାରୀଙ୍କ ନିଷ୍କ୍ରିୟତା

**ଖୁଚୁରା ଦୋକାନ ଲାଇସେନ୍ସଧାରୀଙ୍କ ଠାରୁ ଲାଇସେନ୍ସ ଫି ଟଙ୍କା ଆଦାୟ ପାଇଁ ସମୟୋଚିତ ପଦକ୍ଷେପ ନେବାରେ ଜିଲ୍ଲା ଅବକାରୀ ଅଧିକାରୀଙ୍କ ବିଫଳତା ଯୋଗୁଁ 53.27 ଲକ୍ଷ ଟଙ୍କାର ସରକାରୀ ରାଜସ୍ୱ ଆଦାୟ ହୋଇପାରିଲା ନାହିଁ ।**

ଓଡ଼ିଶା ଅବକାରୀ ନିୟମ, 2017 ର ନିୟମ 34 (1) ଅନୁଯାୟୀ, ଦେଶୀ ମଦ କିମ୍ବା ଭାରତରେ ନିର୍ମିତ ବିଦେଶୀ ମଦ (ଆଇଏମ୍‌ଏଫ୍‌ଏଲ୍) କିମ୍ବା ବିୟର କିମ୍ବା ଯେକୌଣସି ନିଶା ଔଷଧର ଖୁଚୁରା ବିକ୍ରୟ ପାଇଁ ଲାଇସେନ୍ସଧାରୀଙ୍କୁ ଲାଇସେନ୍ସ ଫି ଟଙ୍କା[153] ଦେବାକୁ ପଡ଼ିବ । ନିୟମ 34(2) ଅନୁଯାୟୀ ଲାଇସେନ୍ସଧାରୀ (କ) ଦୁଇ ମାସ ପାଇଁ କିମ୍ବା ଜିଲ୍ଲାପାଳଙ୍କ ଦ୍ୱାରା ପ୍ରତ୍ୟେକ କ୍ଷେତ୍ରରେ ନିର୍ଦ୍ଦିଷ୍ଟ କରାଯାଇଥିବା ଅଧିକ ସମୟ ପାଇଁ, କିନ୍ତୁ ଛଅ ମାସରୁ ଅଧିକ ସମୟ ପାଇଁ ନୁହେଁ, ଏହି ଲାଇସେନ୍ସ ଫି ଜମା କରିବେ ଏବଂ (ଖ) ଅଗ୍ରିମ ସହିତ ପ୍ରତ୍ୟେକ ମାସର ପ୍ରଥମ ଦିନରେ ଏକ ମାସର ଲାଇସେନ୍ସ ଫି ମଧ୍ୟ ଜମା କରିବାକୁ ପଡ଼ିବ । ଲାଇସେନ୍ସ ଫି ଅର୍ଥ ଆଦାୟର ଏହି ପ୍ରକ୍ରିୟା ନିଶ୍ଚିତ କରେ ଯେ ଲାଇସେନ୍ସର ବୈଧତା ଥିବା ସମୟରେ ସମ୍ପୂର୍ଣ୍ଣ ପରିମାଣ ଆଦାୟ କରାଯିବ ଯାହା ଦ୍ୱାରା କୌଣସି ପରିମାଣ ବାକି ରହିବ ନାହିଁ । ନିୟମ 52 (1) (ୟୁ) ଅନୁଯାୟୀ ଲାଇସେନ୍ସ ପ୍ରଦାନ କରିବାକୁ ସକ୍ଷମ କର୍ତ୍ତୃପକ୍ଷ, ଫି ପ୍ରଦାନ ନକରିବା କ୍ଷେତ୍ରରେ, ଏହାକୁ ପ୍ରତ୍ୟାହାର/ ସ୍ଥଗିତ କରିପାରିବେ ।

ଓଡ଼ିଶା ଅବକାରୀ ଆଇନ୍, 2008 ର ଧାରା 31 ପରିକଳ୍ପନା କରେ ଯେ ଅବକାରୀ ଆଇନ୍ ଅଧିନରେ ଥିବା ସରକାରୀ ଦେୟ ଏପରି ଭାବରେ ଆଦାୟ କରାଯିବ ଯେପରି ସେଗୁଡ଼ିକ ଭୂ-ରାଜସ୍ୱ ଅଟେ । ଭୂ-ରାଜସ୍ୱ ଆଦାୟ ପ୍ରସଙ୍ଗରେ ଓଡ଼ିଶା ସରକାରଙ୍କ ସମ୍ପୃକ୍ତ ପ୍ରଶାସନିକ ବିଭାଗ, ଅର୍ଥାତ୍, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ସୂଚିତ (ନଭେମ୍ବର 2010) କରିଥିଲା ଯେ ବାର୍ଷିକ 12 ପ୍ରତିଶତ ହାରରେ ଦଣ୍ଡନୀୟ ସୁଧ ସହିତ ବକେୟା ଭୂ-ରାଜସ୍ୱ ଆଦାୟ କରାଯିବ ।

ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, ଅନୁଗୁଳ (ସେପ୍ଟେମ୍ବର 2023) ଏବଂ ଯାଜପୁର (ଜାନୁଆରୀ 2024) ର ରେକର୍ଡ ଯାଞ୍ଚ ସମୟରେ ଅଡିଟ୍ ଦେଖିଲା ଯେ ମାର୍ଚ୍ଚ 2020 ଏବଂ ମାର୍ଚ୍ଚ 2022 ମଧ୍ୟରେ ବିଭିନ୍ନ ତାରିଖରେ ଲାଇସେନ୍ସର ଅବଧି ଶେଷ ହୋଇଥିବା ଛଅଟି ଦେଶୀ ମଦ/ ଓଏସ୍ ଖୁଚୁରା ଦୋକାନ 42.96 ଲକ୍ଷ ଟଙ୍କାର ଲାଇସେନ୍ସ ଫି ପ୍ରଦାନ କରିବାରେ ଖିଲାପ କରିଛନ୍ତି ***(ପରିଶିଷ୍ଟ 3.14.1)*** । ତେଣୁ, ମାର୍ଚ୍ଚ 2024 ସୁଦ୍ଧା, ଛଅ ଜଣ ଖିଲାପୀ ଲାଇସେନ୍ସଧାରୀଙ୍କୁ 12 ପ୍ରତିଶତ ହାରରେ ଦଣ୍ଡନୀୟ ସୁଧ ଦେବାକୁ ପଡ଼ିବ, ଯାହାର ପରିମାଣ ଲାଇସେନ୍ସ ଫିର କ୍ଷତି ପରିମାଣ ଉପରେ 10.31 ଲକ୍ଷ ଟଙ୍କା ହେବ ।

[153] ଆଇଏମ୍‌ଏଫ୍‌ଏଲ୍ / ବିୟର/ ଦେଶୀ ମଦ ଏବଂ ଅନ୍ୟ କୌଣସି ନିଶା ଖୁଚୁରା ବ୍ୟବସାୟୀଙ୍କର ଲାଇସେନ୍ସଧାରୀଙ୍କୁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରିବା ପାଇଁ ଫିସ୍

ଅଡିଟ୍ ଦେଖିଲା ଯେ ନିୟମ 52 (1)(ୟୁ) ଅନୁଯାୟୀ ସେମାନଙ୍କୁ ଦିଆଯାଇଥିବା କ୍ଷମତା ବ୍ୟବହାର କରି ସମ୍ପୃକ୍ତ ଜିଲ୍ଲା ଅବକାରୀ ଅଧିକାରୀ (ଡିଇଓ) ସରକାରୀ ଦେୟ ଆଦାୟ ପାଇଁ ଖିଲାପୀ ଲାଇସେନ୍ସଧାରୀଙ୍କ ବିରୁଦ୍ଧରେ କୌଣସି ପଦକ୍ଷେପ ନେଇନାହାଁନ୍ତି । କେବଳ ଅନୁଗୁଳର ଡିଇଓ ଦୁଇଟି ଖୁଚୁରା ଦୋକାନକୁ ଟଙ୍କା କମ୍ ଜମା କରିବା ପାଇଁ ନୋଟିସ୍ ଜାରି (ଅଗଷ୍ଟ 2022) କରିଥିଲେ । ଅଡ଼ିଟ୍‌ରେ ଦର୍ଶାଯିବା ପରେ, ଡିଇଓ, ଯାଜପୁର ଚାରି ଜଣ ଖିଲାପୀ ଲାଇସେନ୍ସଧାରୀଙ୍କୁ ଲାଇସେନ୍ସ ଫି କମ୍ ଦବାର କାରଣ ଦର୍ଶାଅ ନୋଟିସ୍ ଜାରି (ଫେବୃଆରୀ 2024) କରିଥିଲେ ।

ଅଡିଟରେ ଏହା ମଧ୍ୟ ଦେଖାଯାଇଛି ଯେ ନଭେମ୍ବର 2020 ରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଭାଗ ଦ୍ୱାରା ଜାରି କରାଯାଇଥିବା ବିଜ୍ଞପ୍ତିର ବ୍ୟବସ୍ଥା ଅନୁଯାୟୀ ବକେୟା ରାଶିର ଅସୁଲି ପାଇଁ ସମ୍ପୃକ୍ତ ଡିଇଓମାନଙ୍କ ଦ୍ୱାରା କୌଣସି ପଦକ୍ଷେପ ନିଆଯାଇ ନାହିଁ । ତେଣୁ, ଲାଇସେନ୍ସ ଫି ଅର୍ଥ ଜମା କରିବା ପାଇଁ ଲାଇସେନ୍ସଧାରୀଙ୍କ ବିରୁଦ୍ଧରେ ଡିଇଓ ମାନଙ୍କ ଦ୍ୱାରା ସମୟୋଚିତ କାର୍ଯ୍ୟାନୁଷ୍ଠାନର ଅଭାବ, 53.27 ଲକ୍ଷ ଟଙ୍କାର ସରକାରୀ ରାଜସ୍ୱ ଆଦାୟ କରିପାରି ନାହିଁ ।

ବିଭାଗ ଜଣାଇଥିଲେ (ଫେବୃଆରୀ 2025) ଯେ ବକେୟା ରାଜସ୍ୱ ଆଦାୟ ପାଇଁ ସାର୍ଟିଫିକେଟ୍ କେସ୍ ରୁଜୁ କରାଯାଇଛି ।



ଭୁବନେଶ୍ୱର
ତାରିଖ 29 JUNE 2026

**(ସୁବୁ ଆର୍.)**
**ପ୍ରଧାନ ମହାଲେଖାକାର (ଅଡିଟ୍-I)**
**ଓଡ଼ିଶା**

ପ୍ରତିସାକ୍ଷରିତ



ନୂଆ ଦିଲ୍ଲୀ
ତାରିଖ 06 JULY 2026

**(କେ.ସଞ୍ଜୟ ମୂର୍ତ୍ତି)**
**ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ**

# ପରିଶିଷ୍ଟ

## ପରିଶିଷ୍ଟ 1.1

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 1.3)*

**2023-24 ଅବଧିରେ ପ୍ରଧାନ ମହାଲେଖାକାର (ଅଡିଟ୍-I), ଓଡ଼ିଶାଙ୍କ ଅଡିଟ୍ ଅଧିକାର କ୍ଷେତ୍ରର ବିବରଣ**

| କ୍ରମିକ ସଂଖ୍ୟା | ବିଭାଗର ନାମ | କ୍ରମିକ ସଂଖ୍ୟା | ସରକାରୀ କ୍ଷେତ୍ର ଅଧିନସ୍ଥ[1] (ପିଏସ୍ୟୁ) 19(1) ଧାରା ଅଧିନସ୍ଥ |
|---|---|---|---|
| 1. | ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି | 1. | ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ |
| 2. | ଅବକାରୀ | 2. | ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ |
| 3. | ଅର୍ଥ | 3. | ଓଡ଼ିଶା ରାଜ୍ୟ ଔଷଧ ବିତରଣ ନିଗମ ଲିମିଟେଡ୍ |
| 4. | ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ | 4. | ଓଡ଼ିଶାର ଜଳ ନିଗମ |
| 5. | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | 5. | ଓଡ଼ିଶା ଗ୍ରାମୀଣ ଗୃହ ନିର୍ମାଣ ଓ ଉନ୍ନୟନ ନିଗମ |
| 6. | ଉଚ୍ଚ ଶିକ୍ଷା | 6. | ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ଲିମିଟେଡ୍ |
| 7. | ଗୃହ ଓ ନଗର ଉନ୍ନୟନ | 7. | ଓଡ଼ିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍ |
| 8. | ସୂଚନା ଓ ଲୋକ ସମ୍ପର୍କ | 8. | ବିଶ୍ୱ ଦକ୍ଷତା କେନ୍ଦ୍ର, ଓଡ଼ିଶା |
| 9. | ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା | 9. | ଓଡ଼ିଶା କ୍ରୀଡ଼ା ବିକାଶ ପ୍ରୋତ୍ସାହନ କମ୍ପାନୀ |
| 10. | ମିଶନ ଶକ୍ତି | 10. | ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ |
| 11. | ପଞ୍ଚାୟତିରାଜ ଓ ପାନୀୟ ଜଳ | | **19 (2) ଅଧିନସ୍ଥ ସ୍ୱୟଂଶାସିତ ସଂସ୍ଥା** |
| 12. | ସଂସଦୀୟ ବ୍ୟାପାର | 1. | ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ |
| 13. | ଯୋଜନା ଓ ସଂଯୋଜନ | | **19 (3) ଅଧିନସ୍ଥ ସ୍ୱୟଂଶାସିତ ସଂସ୍ଥା** |
| 14. | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | 1. | ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ |
| 15. | ଗ୍ରାମ୍ୟ ଉନ୍ନୟନ | 2. | ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ |
| 16. | ବିଦ୍ୟାଳୟ ଓ ଗଣଶିକ୍ଷା | 3. | କଟକ ଉନ୍ନୟନ କର୍ତ୍ତୃପକ୍ଷ |
| 17. | ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା | 4. | କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ |
| 18. | ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ | 5. | ପାରାଦୀପ ନଗର ଉନ୍ନୟନ କର୍ତ୍ତୃପକ୍ଷ |
| 19. | କ୍ରୀଡ଼ା ଓ ଯୁବ ସେବା | 6. | ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ |
| 20. | ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଏବଂ ପଛୁଆ ବର୍ଗ କଲ୍ୟାଣ | 7. | ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ |
| 21. | ମହିଳା ଓ ଶିଶୁ ବିକାଶ | 8. | ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ |
| | | 9. | ତାଳଚେର ଅନୁଗୁଳ ଉନ୍ନୟନ କର୍ତ୍ତୃପକ୍ଷ |

[1] ରାଜ୍ୟ ସରକାରଙ୍କଠାରୁ ଯଥେଷ୍ଟ ଆର୍ଥିକ ସହାୟତା ପ୍ରାପ୍ତ 98 ଟି ସଂସ୍ଥା/ କର୍ତ୍ତୃପକ୍ଷଙ୍କୁ ଏବଂ ଧାରା 14 ଅଧିନରେ କରାଯାଉଥିବା ଅଡ଼ିଟ୍ ବ୍ୟତୀତ

## ପରିଶିଷ୍ଟ 1.2

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 1.4.2)*

### ଜୁନ୍ 2024 ସୁଦ୍ଧା ଅମୀମାଂସିତ ନିରୀକ୍ଷଣ ରିପୋର୍ଟ (ଆଇଆର) ଏବଂ ଅନୁଚ୍ଛେଦଗୁଡ଼ିକର ବିଭାଗ ଅନୁଯାୟୀ ଏବଂ ବର୍ଷ ଅନୁଯାୟୀ ସ୍ଥିତି

| କ୍ରମିକ ସଂଖ୍ୟା | ବିଭାଗ | 2020-21 ପର୍ଯ୍ୟନ୍ତ | | 2021-22 | | 2022-23 | | 2023-24 | | ମୋଟ | |
|---|---|---|---|---|---|---|---|---|---|---|---|
| | | ଆଇଆର ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା | ଆଇଆର ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା | ଆଇଆର ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା | ଆଇଆର ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା | ଆଇଆର ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା |
| 1. | ବୈଦ୍ୟୁତିକ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା | 12 | 100 | 02 | 10 | 0 | 0 | 0 | 0 | 14 | 110 |
| 2. | ଅବକାରୀ | 0 | 0 | 6 | 30 | 34 | 183 | 8 | 39 | 48 | 252 |
| 3. | ଅର୍ଥ | 553 | 953 | 2 | 18 | 61 | 305 | 1 | 2 | 617 | 1,278 |
| 4. | ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ | 25 | 110 | 1 | 7 | 3 | 30 | 5 | 33 | 34 | 180 |
| 5. | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | 390 | 1,203 | 0 | 0 | 0 | 0 | 1 | 09 | 391 | 1,212 |
| 6. | ଉଚ୍ଚ ଶିକ୍ଷା | 352 | 1,596 | 9 | 91 | 6 | 63 | 12 | 135 | 379 | 1,885 |
| 7. | ସୂଚନା ଓ ଲୋକ ସମ୍ପର୍କ | 54 | 132 | 0 | 0 | 13 | 81 | 4 | 23 | 71 | 236 |
| 8. | ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା | 54 | 237 | 0 | 0 | 1 | 19 | 1 | 10 | 56 | 266 |
| 9. | ପଞ୍ଚାୟତିରାଜ ଓ ପାନୀୟ ଜଳ | 3,110 | 11,229 | 10 | 62 | 42 | 514 | 157 | 1,433 | 3,319 | 13,238 |
| 10. | ଗୃହ ନିର୍ମାଣ ଓ ନଗର ଉନ୍ନୟନ | 545 | 5,867 | 31 | 381 | 48 | 737 | 38 | 548 | 662 | 7,533 |
| 11. | ଯୋଜନା ଓ ସଂଯୋଜନ | 23 | 86 | 7 | 45 | 1 | 6 | 1 | 13 | 32 | 150 |
| 12. | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | 2,150 | 6,596 | 31 | 355 | 15 | 213 | 36 | 362 | 2232 | 7526 |
| 13. | ଗ୍ରାମ୍ୟ ଉନ୍ନୟନ | 207 | 535 | 9 | 103 | 15 | 170 | 4 | 71 | 235 | 879 |
| 14. | ସଂସଦୀୟ ବ୍ୟାପାର | 17 | 39 | 1 | 1 | 3 | 22 | 0 | 0 | 21 | 62 |
| 15. | ବିଦ୍ୟାଳୟ ଓ ଗଣଶିକ୍ଷା | 731 | 2,879 | 8 | 46 | 13 | 192 | 2 | 32 | 754 | 3,149 |
| 16. | ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ | 39 | 223 | 6 | 49 | 3 | 28 | 8 | 20 | 56 | 320 |
| 17. | ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା | 129 | 361 | 2 | 11 | 7 | 48 | 7 | 88 | 145 | 508 |

| କ୍ରମିକ ସଂଖ୍ୟା | ବିଭାଗ | 2020-21 ପର୍ଯ୍ୟନ୍ତ | | 2021-22 | | 2022-23 | | 2023-24 | | ମୋଟ | |
|---|---|---|---|---|---|---|---|---|---|---|---|
| | | ଆଇଆର ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା | ଆଇଆର ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା | ଆଇଆର ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା | ଆଇଆର ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା | ଆଇଆର ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା |
| 18. | ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଏବଂ ପଛୁଆ ବର୍ଗ କଲ୍ୟାଣ | 255 | 1,113 | 18 | 176 | 9 | 141 | 2 | 29 | 284 | 1,459 |
| 19. | କ୍ରୀଡ଼ା ଓ ଯୁବ ସେବା | 16 | 47 | 1 | 15 | 0 | 0 | 1 | 48 | 18 | 110 |
| 20. 21. | ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି | 695 | 3,438 | 6 | 56 | 7 | 92 | 9 | 74 | 717 | 3,660 |
| ମୋଟ | | **9,357** | **36,744** | **150** | **1,456** | **281** | **2,844** | **298** | **2,984** | **10,085** | **44,013** |

## ପରିଶିଷ୍ଟ 1.3

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 1.4.2)*

## ଜୁନ୍ 2024 ସୁଦ୍ଧା ଗୁରୁତର ବର୍ଗର ଅମୀମାଂସିତ ଅନୁଚ୍ଛେଦଗୁଡ଼ିକର ବିଶ୍ଳେଷଣ

*(ଟଙ୍କା ଲକ୍ଷରେ)*

| କ୍ରମିକ ସଂଖ୍ୟା | ବିଭାଗର ନାମ | ଚୋରୀ ମାମଲା/ଆତ୍ମସାତ୍/ ତୋଷରପାତ | | ରାଜସ୍ୱ କ୍ଷତି | | କମ୍ତି/ କ୍ଷତି ଭରଣା ନହେବା ନାଁ ଲେଖାହୋଇଥିଲା | | ମୋଟ | |
|---|---|---|---|---|---|---|---|---|---|
| | | ଅନୁଚ୍ଛେଦ ସଂଖ୍ୟା | ପରିମାଣ | ଅନୁଚ୍ଛେଦ ସଂଖ୍ୟା | ପରିମାଣ | ଅନୁଚ୍ଛେଦ ସଂଖ୍ୟା | ପରିମାଣ | ଅନୁଚ୍ଛେଦ ସଂଖ୍ୟା | ପରିମାଣ |
| 1 | ପଞ୍ଚାୟତିରାଜ ଓ ପାନୀୟ ଜଳ | 28 | 110.46 | 0 | 0 | 0 | 0 | 28 | 110.46 |
| 2 | ଗୃହ ନିର୍ମାଣ ଓ ନଗର ଉନ୍ନୟନ | 02 | 0.36 | 81 | 3314.1 | 37 | 2018.81 | 120 | 5333.33 |
| 3 | ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି | 6 | 728.63 | 7 | 4.71 | 5 | 32.9 | 18 | 766.24 |
| 4 | ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଏବଂ ପଛୁଆ ବର୍ଗ କଲ୍ୟାଣ | 4 | 3.26 | 4 | 25.05 | 13 | 519.87 | 21 | 548.18 |
| 5 | ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ | 5 | 2.43 | 8 | 7.83 | 0 | 0 | 11 | 10.26 |
| 6 | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | 12 | 112.01 | 1 | 29.18 | 3 | 15.39 | 16 | 156.58 |
| 7 | ଅବକାରୀ | 0 | 0 | 521 | 94665.00 | 28 | 114.00 | 549 | 94779.00 |
| 8 | ଅର୍ଥ | 0 | 0 | 0 | 0 | 1 | 7836.15 | 1 | 7836.15 |
| 9 | ବୈଦ୍ୟୁତିକ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା | 0 | 0 | 1 | 835.00 | 4 | 1704.27 | 5 | 2539.27 |
| 10 | ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ | 1 | 3.55 | 10 | 9851.15 | 18 | 1873.39 | 29 | 11728.09 |
| 11 | ସୂଚନା ଓ ଲୋକ ସମ୍ପର୍କ | 2 | 5.78 | 10 | 796.96 | 1 | 6.45 | 13 | 809.19 |
| 12 | ଯୋଜନା ଓ ସଂଯୋଜନା | 0 | 0 | 1 | 138 | 0 | 0 | 1 | 138 |
| 13 | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | 23 | 674.82 | 246 | 68551.91 | 128 | 25427.69 | 397 | 94654.42 |
| 14 | ସଂସଦୀୟ ବ୍ୟାପାର | 0 | 0 | 0 | 0 | 1 | 0.60 | 1 | 0.60 |
| | ମୋଟ | **83** | **1,641.3** | **890** | **1,78,218.89** | **239** | **39,549.52** | **1,210** | **2,19,409.77** |

## ପରିଶିଷ୍ଟ 1.4

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 1.4.4)*

### ସେପ୍ଟେମ୍ବର 2024 ସୁଦ୍ଧା ସ୍ୱତଃପ୍ରବୃତ୍ତ ଭାବରେ, ଅନୁଚ୍ଛେଦ/ସମ୍ପାଦନ ସମୀକ୍ଷା (ପିଏ) ର ଉତ୍ତର ଦାଖଲ କରିନଥିବା ବିଭାଗଗୁଡ଼ିକ

| କ୍ରମିକ ସଂଖ୍ୟା | ବିଭାଗର ନାମ | ଆର୍ଥିକ ବର୍ଷ ପାଇଁ ପ୍ରତିବେଦନରେ ସାମିଲ୍ ଅନୁଚ୍ଛେଦ/ସମ୍ପାଦନ ସମୀକ୍ଷା (ପିଏ) | | | | | |
|---|---|---|---|---|---|---|---|
| | | **2017-18** | **2018-19** | **2019-20** | **2020-21** | **2021-22** | ମୋଟ |
| 1. | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | 0 | 0 | 1 | 0 | 0 | 1 |
| 2. | ପଞ୍ଚାୟତିରାଜ ଓ ପାନୀୟ ଜଳ | 2 | 0 | 0 | 2 | 0 | 4 |
| 3. | ଗୃହ ନିର୍ମାଣ ଓ ନଗର ଉନ୍ନୟନ | 0 | 0 | 0 | 7 (2 ପିଏ- ଏକାକୀ) | 0 | 7 (2 ପିଏ- ଏକାକୀ) |
| 4. | ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଏବଂ ପଛୁଆ ବର୍ଗ କଲ୍ୟାଣ | 0 | 0 | 0 | (1 ପିଏ- ଏକାକୀ ) | 0 | (1 ପିଏ- ଏକାକୀ) |
| | ମୋଟ | **2** | **0** | **1** | **9 (3 ପିଏ)** | **0** | **12** ଅନୁଚ୍ଛେଦ ଏବଂ **3** ପିଏ) |

## ପରିଶିଷ୍ଟ 1.5

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 1.4.4)*

**ସେପ୍ଟେମ୍ବର 2024 ସୁଦ୍ଧା, ସରକାରୀ ହିସାବ କମିଟି (ପିଏସି)ର ଗୁରୁତ୍ୱପୂର୍ଣ୍ଣ ସୁପାରିଶଗୁଡ଼ିକ ଉପରେ ବିଭାଗଗୁଡ଼ିକ ପାଖରେ ପଡ଼ିରହିଥିବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଟିପ୍ପଣୀ (ଏଟି ଏନ୍) ଗୁଡ଼ିକର ବିବରଣୀ**

| ଅନୁଚ୍ଛେଦ ସଂଖ୍ୟା ସହିତ ଅଡିଟ୍ ରିପୋର୍ଟର ବର୍ଷ | ପିଏସି ରିପୋର୍ଟ ସଂଖ୍ୟା/ ସୁପାରିଶ ସଂଖ୍ୟା | ବିଭାଗର ନାମ | ଅଡିଟ୍ ଅନୁଚ୍ଛେଦର ଜିଆଇଏସ୍ଟି | ପିଏସିର ସୁପାରିଶ |
|---|---|---|---|---|
| 7.11 of 1993-94 | 17 ତମ ରିପୋର୍ଟ (15ତମ ବିଧାନସଭା)/304 | ପଞ୍ଚାୟତିରାଜ ଓ ପାନୀୟ ଜଳ | ଜଳ ଅମଳ ଭିତ୍ତି ଅସମ୍ପୂର୍ଣ୍ଣ ଯୋଗୁଁ ନିଷ୍ଫଳ ବ୍ୟୟ | ବିଭାଗ ଅଡ଼ିଟ୍ ଆପତ୍ତି ସମ୍ପର୍କରେ ସୂଚନା ସଂଗ୍ରହ କରି କମିଟି ନିକଟରେ ଦାଖଲ କରିବା ଉଚିତ୍ । |
| 4.14 of 1983-84 | 17 ତମ ରିପୋର୍ଟ (15ତମ ବିଧାନସଭା)/310 | ଗ୍ରାମ୍ୟ ଉନ୍ନୟନ | ଅସୁବିଧା ଗ୍ରାମଗୁଡ଼ିକୁ ପାନୀୟ ଜଳ ଯୋଗାଣ | ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ବିବରଣୀ ପ୍ରଦାନ ନ କରିବା ପାଇଁ ବିଭାଗ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ଉଚିତ୍ । |
| 5.4 of 1985-86 | 17ତମ ରିପୋର୍ଟ (15ତମ ବିଧାନସଭା)/311 | | ରେଳ ୱାଗନଗୁଡ଼ିକ ନ ଆସିବା/ ନିଖୋଜ ହେବା ଯୋଗୁଁ ବିଭାଗୀୟ ସାମଗ୍ରୀ ନ ମିଳିବା | କମିଟିର ପର୍ଯ୍ୟବେକ୍ଷଣ ଉପରେ କାର୍ଯ୍ୟାନୁଷ୍ଠାନ ବିବରଣୀ ଦାଖଲ କରିବାରେ ବିଫଳ ହେବା ଯୋଗୁଁ ବିଭାଗ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ଉଚିତ୍ ଏବଂ ଦୃଷ୍ଟାନ୍ତମୂଳକ ଦଣ୍ଡ ପ୍ରଦାନ କରିବା ଉଚିତ୍ । |
| 4.30 of 1990-91 | 17 ତମ ରିପୋର୍ଟ (15ତମ ବିଧାନସଭା)/362 | | ସନ୍ଦେହଜନକ କାର୍ଯ୍ୟନିର୍ବାହ | ଉଚ୍ଚସ୍ତରୀୟ ତଦନ୍ତ କିମ୍ବା ରାଜ୍ୟ ଭିଜିଲାନ୍ସ ରିପୋର୍ଟ ପ୍ରଦାନ ନ କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରିବା ଉଚିତ୍ । |
| 4.20 of 1991-92 | 17 ତମ ରିପୋର୍ଟ (15ତମ ବିଧାନସଭା)/372 | | ଡିଜାଇନଗୁଡ଼ିକର ସମ୍ପୂର୍ଣ୍ଣର ବିଳମ୍ବ ହେତୁ ଅତିରିକ୍ତ ଖର୍ଚ୍ଚ | ସମ୍ପୃକ୍ତ ଅବସର ପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ ଏବଂ କର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ବିରୋଧରେ ସେମାନଙ୍କର କର୍ତ୍ତବ୍ୟ ପାଳନ କରିବାରେ ବିଫଳତା, ଅତିରିକ୍ତ ଖର୍ଚ୍ଚ ପାଇଁ ଫୌଜଦାରୀ ମାମଲା ଆରମ୍ଭ କରାଯିବା ଉଚିତ୍ । |
| 4.10.08 (b) of 1995-96 | 17 ତମ ରିପୋର୍ଟ (15ତମ ବିଧାନସଭା)/417 | | ଅନ୍ୟାନ୍ୟ ପଏଣ୍ଟଗୁଡ଼ିକର ଆଗ୍ରହ- ଚୋରୀ କିମ୍ବା ଦ୍ରବ୍ୟର କ୍ଷତି | ଉ ତ୍ରୁଟିକରିଥିବା ଅଧିକାରୀମାନଙ୍କୁ ଦଣ୍ଡ ଦେବା ଏବଂ ସେମାନଙ୍କ ଠାରୁ – ଲକ୍ଷ ସରକାରୀ ଟଙ୍କା ଆଦାୟ କରିବା ପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍ । |

*(ଉତ୍ସ: ପବ୍ଲିକ୍ ଆକାଉଣ୍ଟ କମିଟିର ରିପୋର୍ଟ)*

# ପରିଶିଷ୍ଟ 2.1

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 2.1.6)*

## ଜଳ ଜୀବନ ମିଶନ ଅଧିନରେ ନମୁନା ଯାଞ୍ଚ କରାଯାଇଥିବା ଅଡ଼ିଟ୍ ୟୁନିଟ୍‌ର ବିବରଣ

| କ୍ରମିକ ସଂଖ୍ୟା | ଜିଲ୍ଲାର ନାମ | ବ୍ଲକର ନାମ | ଗ୍ରାମର ନାମ |
|---|---|---|---|
| 1 | ବାଲେଶ୍ୱର | ବସ୍ତା | କୁସୁଡ଼ା |
| | | | ପଞ୍ଚୁରୁଖି |
| | | | ବାହାଦଲପୁର |
| | | | ଭାଗିରଥିପୁର |
| | | ଖରିଆ | ପାଣିଶିଉଳି |
| | | | ମହାତିପୁର |
| | | | ହନୁମନ୍ତପୁର |
| | | | ମୁଳାପଡ଼ା (ସାହାପୁର) |
| 2 | କନ୍ଧମାଳ | ଫିରିଙ୍ଗିଆ | ସାଇଟିଙ୍ଗିଆ |
| | | | ନେଦିପଦର |
| | | | ଲଦାରୀ |
| | | | କ୍ରାନ୍ଦିବାଲି |
| | | ତୁମୁଡିବନ୍ଧ | କିଆଳଗୁଡ଼ା |
| | | | ପାଗେରିପଦି |
| | | | ତରଲାଙ୍ଗି |
| | | | କୁର୍ତ୍ତମଗଡ଼ |
| 3 | ପୁରୀ | ଡେଲାଙ୍ଗ | ମାଛପଡ଼ା |
| | | | ଶ୍ରୀପତିପୁର |
| | | | ଇାଉଲି |
| | | | ଶ୍ରୀ ପୁରୁଷୋତ୍ତମପୁର |
| | | ପିପିଲି | ହାସନପୁର |
| | | | ସରାଗାଇଲୋ |
| | | | ସାନଗାଁ |
| | | | ଥନାଥନ |
| 4 | ବରଗଡ | ପଦ୍ମପୁର | ଇାରିକେଲ |
| | | | ବାଞ୍ଜପାଲି |
| | | | ଝଙ୍କରପାଲି |
| | | | କେନ୍ଦୁଭଟ୍ଟ |
| | | ସୋହେଲା | ଡାଙ୍ଗରକେରମେଲି |
| | | | ଝରାଇ |
| | | | କାଶୀପଲୀ |
| | | | କେଲେଣ୍ଡା |
| 5 | ମାଲକାନାଗିରି | କୋରୁକୋଣ୍ଡା | ସୁରୀପଡା |
| | | | ଗଙ୍ଗପଡା |
| | | | ଟିକରପଡା |
| | | | ନୂଆଗାମ୍ |
| | | ମାଥିଲି | କାରପାଲୀ |
| | | | ତୁଳସୀ |
| | | | ପୁଲ୍‌ପାଲ୍‌ୀ |
| | | | ଜାମୁଗୁଡା |

## ପରିଶିଷ୍ଟ 2.2

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 2.1.12.8)*

### ରାଜ୍ୟରେ ଅସଫଳ ଜଳ ଉତ୍ସର ବିବରଣୀ

| କ୍ରମିକ ସଂଖ୍ୟା | ଜିଲ୍ଲା | ଡିଭିଜନ | ମଞ୍ଜୁର ହୋଇଥିବା ପ୍ରକଳ୍ପ ସଂଖ୍ୟା | ଜଳ ଉତ୍ସ ବିଫଳ ହୋଇଥିବା ପ୍ରକଳ୍ପ ସଂଖ୍ୟା | ଜଳ ଉତ୍ସ ବିଫଳତାର କାରଣ | ବିଫଳ ହୋଇଥିବା ଜଳ ଉତ୍ସ ମଧ୍ୟରୁ ଉନ୍ନତିକରଣ କରାଯାଇଥିବା ଉତ୍ସ ସଂଖ୍ୟା | ଜଳ ଉତ୍ସ ବିଫଳ ହୋଇଥିବା ଯୋଗୁଁ କାର୍ଯ୍ୟକ୍ଷମ ନ ଥିବା ପ୍ରକଳ୍ପ ସଂଖ୍ୟା |
|---|---|---|---|---|---|---|---|
| 1 | କେଉଁଝର | ଆନନ୍ଦପୁର | 3 | 3 | 1. ଉତ୍ସରୁ କମ୍ ଜଳ ବାହାରିବା<br>2. ଅଚଳ ଇନ୍‌ଟେକ୍ ୱେଲ୍<br>3. ବିଦ୍ୟମାନ ବୋର୍‌ୱେଲ୍ ରୁ ପର୍ଯ୍ୟାପ୍ତ ଜଳ ଉପଲବ୍ଧ ନହେବା | 0 | 3 |
| 2 | ଅନୁଗୁଳ | ଅନୁଗୁଳ | 80 | 13 | କମ୍ ଅମଳର ଉତ୍ସ | 0 | 0 |
| 3 | ବାଲେଶ୍ୱର | ବାଲେଶ୍ୱର | 1,162 | 1 | ଶୁଷ୍କ ଉତ୍ସ | 0 | 1 |
| 4 | ବରଗଡ | ବରଗଡ | 309 | 10 | କମ୍ ଅମଳ / ଉତ୍ସ ନଷ୍ଟ ହୋଇଯିବା | 0 | 6 |
| 5 | ମୟୁରଭଞ୍ଜ | ବାରିପଦା | 133 | 45 | କମ୍ ଅମଳ /ନଷ୍ଟ / ଶୁଖିଯିବା | 0 | 3 |
| 6 | ଗଞ୍ଜାମ | ଭଞ୍ଜନଗର | 944 | 4 | କମ୍ ଅମଳ | 0 | 0 |
| 7 | ଖୋର୍ଦ୍ଧା | ଭୁବନେଶ୍ୱର | 267 | 13 | ଉତ୍ସ ନଷ୍ଟ ହୋଇଯିବା -4 ଟି<br>କମ୍ ଅମଳ -8 ଟି<br>ଖରା ଦିନରେ ଉତ୍ସ ଶୁଖିଯିବା-1 ଟି | 2 | 0 |
| 8 | ବୌଦ୍ଧ | ବୌଦ୍ଧ | 7 | 1 | କମ୍ ଅମଳ | 0 | 0 |
| 9 | ଢେଙ୍କାନାଳ | ଢେଙ୍କାନାଳ | 129 | 1 | କମ୍ ଅମଳ | 0 | 1 |
| 10 | ଗଜପତି | ଗଜପତି | 140 | 7 | ପଥର ସ୍ତରର ଉପସ୍ଥିତି ଯୋଗୁଁ | 0 | 3 |
| 11 | ଯାଜପୁର | ଯାଜପୁର | 100 | 8 | କମ୍ ଅମଳ /ନଷ୍ଟ / ଶୁଖିଯିବା/ ଜଳରେ ଲୌହର ମାତ୍ରା ଅଧିକ | 0 | 3 |
| 12 | କଳାହାଣ୍ଡି | କଳାହାଣ୍ଡି | 1,472 | 221 | ବୋରୱେଲ୍ ଭାଙ୍ଗିଯିବା ଯୋଗୁଁ | 48 | 173 |
| 13 | ନବରଙ୍ଗପୁର | ନବରଙ୍ଗପୁର | 1,053 | 112 | କମ୍ ଅମଳ /ନଷ୍ଟ / ଶୁଖିଯିବା | 46 | 0 |
| 14 | ନୟାଗଡ | ନୟାଗଡ | 19 | 3 | ଅଚଳ ଇନ୍‌ଟେକ୍ ୱେଲ୍/ ବୋରୱେଲ୍ ଭାଙ୍ଗିଯିବା | 3 | 3 |
| 15 | ନୂଆପଡା | ନୂଆପଡା | 177 | 44 | ଖରାଦିନେ ପାଣି ସ୍ତର ନିମ୍ନକୁ ଖସିଯାଏ | 12 | 32 |
| 16 | ପୁରୀ | ପୁରୀ | 208 | 22 | କମ୍ ଅମଳ /ନଷ୍ଟ / ଶୁଖିଯିବା/ ମାତ୍ରାଧିକ କ୍ଲୋରାଇଡ୍ ଓ ଲୌହ କଣିକା | 8 | 1 |
| 17 | ମୟୁରଭଞ୍ଜ | ରାଇରଙ୍ଗପୁର | 103 | 4 | କମ୍ ଅମଳ /ନଷ୍ଟ / ଶୁଖିଯିବା | 0 | 0 |
| 18 | ରାୟଗଡା | ରାୟଗଡା | 108 | 13 | କମ୍ ଅମଳ | 6 | 0 |
| | ମୋଟ | | **6,414** | **525** | | **125** | **229** |

*(ଉତ୍ସ: ସମ୍ପୃକ୍ତ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଡିଭିଜନ ଦ୍ୱାରା ପ୍ରଦାନ ସୂଚନା)*

**ପରିଶିଷ୍ଟ 3.1.1**

*(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.1.2.7)*

**ବିଭିନ୍ନ ଘରୋଇ କମ୍ପାନୀ ଦ୍ୱାରା ଅନଧିକୃତ ଭାବରେ ଦଖଲ କରାଯାଇଥିବା ଜମିର ବିବରଣୀ**

| ତହସିଲର ନାମ | ଗ୍ରାମର ନାମ | ଖାତା ସଂଖ୍ୟା | ପ୍ଲଟ୍ ନମ୍ବର | ଅଧିକୃତ କ୍ଷେତ୍ରଫଳ ଏକରରେ | ଦଖଲକାରୀଙ୍କ ନାମ |
|---|---|---|---|---|---|
| ଝାରସୁଗୁଡା | ହିରିମା | 252 | 1801/4309 | 20.950 | ଏନ୍ଏଲ୍ସି ଇଣ୍ଡିଆ ଲିମିଟେଡ୍ |
| ଝାରସୁଗୁଡା | ମରକୁଟ | 282 | 139 | 2.080 | ମେସର୍ସ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ |
| ଝାରସୁଗୁଡା | ମରକୁଟ | 282 | 122 | 2.910 | |
| ଝାରସୁଗୁଡା | ମରକୁଟ | 282 | 124 | 0.010 | |
| ଝାରସୁଗୁଡା | ମରକୁଟ | 282 | 127 | 4.420 | |
| ଝାରସୁଗୁଡା | ମରକୁଟ | 282 | 128 | 0.120 | |
| ଝାରସୁଗୁଡା | ମରକୁଟ | 282 | 129 | 0.270 | |
| ଝାରସୁଗୁଡା | ମରକୁଟ | 282 | 132 | 0.230 | |
| ଝାରସୁଗୁଡା | ମରକୁଟ | 282 | 133 | 0.870 | |
| ଝାରସୁଗୁଡା | ମରକୁଟ | 282 | 134 | 0.120 | |
| ଝାରସୁଗୁଡା | ମରକୁଟ | 282 | 136 | 0.170 | |
| ଝାରସୁଗୁଡା | ମରକୁଟ | 282 | 138 | 0.100 | |
| ଝାରସୁଗୁଡା | ମରକୁଟ | 282 | 199 | 0.300 | |
| ଝାରସୁଗୁଡା | ମରକୁଟ | 282 | 202 | 0.600 | |
| ଝାରସୁଗୁଡା | ମରକୁଟ | 282 | 204 | 1.700 | |
| ଝାରସୁଗୁଡା | ମରକୁଟ | 282 | 205 | 0.310 | |
| ଝାରସୁଗୁଡା | ମରକୁଟ | 282 | 206 | 3.280 | |
| ଝାରସୁଗୁଡା | ମରକୁଟ | 282 | 470 | 0.700 | |
| ଝାରସୁଗୁଡା | ମରକୁଟ | 282 | 472 | 0.120 | |
| ଝାରସୁଗୁଡା | ମରକୁଟ | 282 | 381 | 2.160 | |
| ଝାରସୁଗୁଡା | ମରକୁଟ | 282 | 466 | 0.250 | |
| ଝାରସୁଗୁଡା | ମରକୁଟ | 282 | 464 | 1.000 | |
| ଝାରସୁଗୁଡା | ମରକୁଟ | 282 | 318 | 2.970 | |
| ଝାରସୁଗୁଡା | ମରକୁଟ | 282 | 300 | 4.600 | |
| ଝାରସୁଗୁଡା | ମରକୁଟ | 282 | 302 | 0.220 | |
| ଝାରସୁଗୁଡା | ମରକୁଟ | 282 | 438 | 0.290 | |
| ଝାରସୁଗୁଡା | ମରକୁଟ | 282 | 356 | 0.730 | |
| ଝାରସୁଗୁଡା | ମରକୁଟ | 282 | 350 | 0.110 | |
| ଝାରସୁଗୁଡା | ମରକୁଟ | 282 | 352 | 0.140 | |
| କୋଲାବିରା | ରଘୁନାଥପଲ୍ଲୀ | 271 | 1419 | 12.270 | ଜୟ ହନୁମାନ ଉଦ୍ୟୋଗ ଲିମିଟେଡ୍ |
| କୋଲାବିରା | ରଘୁନାଥପଲ୍ଲୀ | 271 | 1389 | 0.220 | ଆପାର ଇଣ୍ଡଷ୍ଟ୍ରିଜ୍ |
| କୋଲାବିରା | ରଘୁନାଥପଲ୍ଲୀ | 270 | 1431(p) | 0.271 | |
| କୋଲାବିରା | ରଘୁନାଥପଲ୍ଲୀ | 271 | 1359(p) | 7.413 | ଫୋର୍ଟିସ୍ କେମିକାଲ୍ସ ପ୍ରାଇଭେଟ୍ ଲିମିଟେଡ୍ |
| କୋଲାବିରା | ରଘୁନାଥପଲ୍ଲୀ | 270 | 1432 | 2.742 | |
| ଓଡ଼ପଡ଼ା | କୁରୁଣ୍ଟି | 572 | 3155 | 0.850 | ବିଆର୍ଜି ଲୁହା ଏବଂ ଷ୍ଟିଲ୍ ଲିମିଟେଡ୍ |
| ଓଡ଼ପଡ଼ା | କୁରୁଣ୍ଟି | 573 | 3157/4056 | 0.120 | |
| ଓଡ଼ପଡ଼ା | କୁରୁଣ୍ଟି | 546/643 | 3158/4681 | 0.180 | |

| ତହସିଲର ନାମ | ଗ୍ରାମର ନାମ | ଖାତା ସଂଖ୍ୟା | ପ୍ଲଟ୍ ନମ୍ବର | ଅଧିକୃତ କ୍ଷେତ୍ରଫଳ ଏକରରେ | ଦଖଲକାରୀଙ୍କ ନାମ |
|---|---|---|---|---|---|
| ଓଡ଼ପଡ଼ା | କୁରୁଣ୍ଟି | 571/1 | 3175/6769 | 0.030 | |
| ଓଡ଼ପଡ଼ା | କୁରୁଣ୍ଟି | 573 | 3179 | 0.870 | |
| ଓଡ଼ପଡ଼ା | କୁରୁଣ୍ଟି | 573 | 3183 | 1.040 | |
| ଓଡ଼ପଡ଼ା | କୁରୁଣ୍ଟି | 573 | 3190 | 0.100 | |
| ଓଡ଼ପଡ଼ା | କୁରୁଣ୍ଟି | 572 | 3193/4058 | 0.150 | |
| ଓଡ଼ପଡ଼ା | କୁରୁଣ୍ଟି | 573 | 3467 | 0.210 | |
| ଓଡ଼ପଡ଼ା | କୁରୁଣ୍ଟି | 573 | 3494 | 0.610 | |
| ଓଡ଼ପଡ଼ା | କୁରୁଣ୍ଟି | 573 | 3499 | 0.990 | |
| ଓଡ଼ପଡ଼ା | କୁରୁଣ୍ଟି | 573 | 3516/4374 | 0.100 | |
| ଓଡ଼ପଡ଼ା | କୁରୁଣ୍ଟି | 573 | 3633 | 0.260 | |
| ଓଡ଼ପଡ଼ା | କୁରୁଣ୍ଟି | 573 | 3643 | 0.230 | |
| ଓଡ଼ପଡ଼ା | କୁରୁଣ୍ଟି | 573 | 3750 | 2.050 | |
| ଓଡ଼ପଡ଼ା | କୁରୁଣ୍ଟି | 573 | 3754 | 0.440 | |
| ଓଡ଼ପଡ଼ା | କୁରୁଣ୍ଟି | 573 | 3157 | 0.780 | |
| ଓଡ଼ପଡ଼ା | କମଲାଙ୍ଗ | 776 | 3257 | 2.930 | ଜିଏମ୍ଆର୍ ଏନର୍ଜି ଲିମିଟେଡ୍ |
| ଓଡ଼ପଡ଼ା | କମଲାଙ୍ଗ | 776 | 3304 | 2.320 | |
| ଓଡ଼ପଡ଼ା | କମଲାଙ୍ଗ | 776 | 4244/1039 9 | 17.620 | |
| ଓଡ଼ପଡ଼ା | କମଲାଙ୍ଗ | 776 | 4430 | 0.630 | |
| ଓଡ଼ପଡ଼ା | କମଲାଙ୍ଗ | 776 | 4431 | 0.480 | |
